

ଉତ୍କଳ ପ୍ରସଙ୍ଗ

Vol. XLII No. 9 UTKAL PRASANGA Regd. No. O-05 86
Licence No. C. R. N. P. 5—Licensed to post without Pre-Payment





କଟକ ମ୍ୟୁନିସିପାଲିଟି କର୍ମଚାରୀ ସଂଘର ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ ..



# ଉତ୍କଳ ପ୍ରସଙ୍ଗ

ବୈଶାଖ ୧୯୦୭ ଶକାବ୍ଦ        ୪୨ ଭାଗ ୧୦ମ ସଂଖ୍ୟା        ମେ ୧୯୮୬

● ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ଗୋଲକ ଚନ୍ଦ୍ର ମହାପାତ୍ର

ସମ୍ପାଦକ .. ଶ୍ରୀ ବ୍ରଜମୋହନ ପଟ୍ଟନାୟକ

ସହଯୋଗୀ ସମ୍ପାଦକ .. ଶ୍ରୀ ଉପେନ୍ଦ୍ର ପ୍ରସାଦ ଦାସ

ସହସମ୍ପାଦକ .. ପ୍ରହରାଜ ସତ୍ୟନାରାୟଣ ନନ୍ଦ

●

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

● **ପ୍ରଚ୍ଛଦପଟ**

ଶ୍ରୀ ପ୍ରଦ୍ୟୁମ୍ନ କୁମାର ଦାଶ

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ୧୦.୦୦

**ମୁଦ୍ରଣ :**
ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

ପ୍ରତି ଖଣ୍ଡ : ୧.୦୦

**ଓଡ଼ିଶା ସରକାରଙ୍କ** ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

# ସୂଚୀପତ୍ର


| | | |
|---|---|---|
| ସପ୍ତମ ଯୋଜନାର ଅଭିମୁଖ୍ୟ .. | ଶ୍ରୀ ରାଜୀବ ଗାନ୍ଧୀ | .. ୧ |
| ଓଡ଼ିଶାର ଦିବ୍ୟ ସନ୍ତ-ଶ୍ରୀ ଜଗନ୍ନାଥ ଦାସ .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | .. ୪ |
| କେନ୍ଦ୍ର ବଜେଟ .. | ଶ୍ରୀ ବିଶ୍ୱନାଥ ପ୍ରତାପ ସିଂ | .. ୭ |
| ଆମ ବଜେଟ .. | ଶ୍ରୀ ଗଙ୍ଗାଧର ମହାପାତ୍ର | .. ୧୧ |
| ଓଡ଼ିଶାରେ ବନ୍ୟପ୍ରାଣୀ ସଂରକ୍ଷଣ .. | ଶ୍ରୀ ଦୁଃଖୀଶ୍ୟାମ ମହାପାତ୍ର | .. ୨୩ |
| ଓଡ଼ିଶା ପ୍ରଦେଶର ସୀମା ସଂଶୋଧନ .. | ଡକ୍ଟର ସତ୍ୟନାରାୟଣ ରାଜଗୁରୁ | .. ୨୬ |
| ସବୁ ପିଲାଙ୍କୁ ସବୁ ଘରେ ଶିକ୍ଷା .. | ପଦ୍ମଶ୍ରୀ ବିନୋଦ କାନୁନ୍‌ଗୋ | .. ୩୧ |
| ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଆମେ .. | ଡକ୍ଟର ଦେବକାନ୍ତ ମିଶ୍ର | .. ୩୫ |
| ଓଡ଼ିଶାରେ ରେଳପଥର ବିକାଶ .. | ଶ୍ରୀ ସାତକଡ଼ି ହୋତା | .. ୩୯ |
| ଶାନ୍ତିର ସାହାନାଇ ବାଜିଉଠୁ .. | ଶ୍ରୀ ରାଇ ମୋହନ ଦାସ | .. ୪୨ |
| ସଫଳ କାହାଣୀ .. | .. | .. ୪୫ |
| ପ୍ରଗତି ପ୍ରସଙ୍ଗ .. | .. | .. ୫୦ |
| ଶ୍ରମ ଓ କଲ୍ୟାଣ .. | ଶ୍ରୀ ମୁରାରି ଜେନା | .. ୫୬ |
| ଶ୍ରୀକ୍ଷେତ୍ରେ ଚନ୍ଦନ ଯାତ୍ରା .. | ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର | .. ୫୯ |
| ଶ୍ରମିକ ସଂଗଠନ ଓ ରାଜନୀତି .. | ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ଦାଶ | .. ୬୨ |
| ବୁଦ୍ଧଂ ଶରଣଂ ଗଚ୍ଛାମି .. | ଶ୍ରୀ ଗଣେଶ ପ୍ରସାଦ ପରିଜା | .. ୬୫ |
| କ୍ଷେତ ମୂଲିଆଙ୍କ ମୂଲ ମଜୁରୀ .. | ଜେନାମଣି ଲକ୍ଷ୍ମୀକାନ୍ତ | .. ୬୯ |
| ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣ .. | ଶ୍ରୀମତୀ କାନନବାଳା ମିଶ୍ର | .. ୭୨ |
| ଫୁଲ ନ ଫୁଟୁଣୁ .. | ଶ୍ରୀ ନୃସିଂହ ପ୍ରସାଦ ଦେବ | .. ୭୫ |
| ମଇ ଦିବସରେ .. | .. | .. ୭୮ |
| ଓଡ଼ିଶାର ଏକ ଗୌରବମୟ ସ୍ମୃତିର ମୂକ ସାକ୍ଷୀ ଦେବୀଗଡ଼ ଦୁର୍ଗ । .. | ସ୍ୱର୍ଗତ ଅଶ୍ୱିନୀ କୁମାର ପୂଜାରୀ | .. ୮୨ |
| ସ୍ୱାସ୍ଥ୍ୟ ପାଇଁ ସହଜ ଚିକିତ୍ସା ହୋମିଓ ପାଥି .. | ଡଃ ଉପେନ୍ଦ୍ର ପ୍ରସାଦ ନାୟକ | .. ୮୪ |

# ସମ୍ପାଦକୀୟ

୧୮୯୧ ମସିହାଠାରୁ ମଇ ପହିଲକୁ ସାରା ବିଶ୍ୱରେ ଶ୍ରମିକ ଦିବସ ରୂପେ ପାଳନ କରାଯାଉ ଆସୁଛି । ପୃଥିବୀର ଶ୍ରମଜୀବୀ ଜନଗଣଙ୍କ ପାଇଁ ମଇ ପହିଲ ଏକ ମହନୀୟ ଦିବସ । ଶ୍ରମିକମାନଙ୍କର ନ୍ୟାଯ୍ୟ ଅଧିକାର ହାସଲ କରିବା କ୍ଷେତ୍ରରେ ଏହି ଦିବସ, ସଂଗ୍ରାମର ଏକ ଉଜ୍ଜ୍ୱଳ ସ୍ମାରକୀ । ଏଇ ଶୁଭ ଅବସରରେ ଉତ୍କଳ ପ୍ରସଙ୍ଗ ତା'ର ଅଗଣିତ ଶ୍ରମିକ ଭାଇ-ଭଉଣୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ସହିତ ଶ୍ରମ ବିଶେଷାଙ୍କ ରୂପେ ଆତ୍ମପ୍ରକାଶ କରୁଛି ।

ଏ ସଂଖ୍ୟାରେ ସନ୍ନିବେଶିତ ଅନେକଗୁଡ଼ିଏ ଲେଖା ଶ୍ରମିକମାନଙ୍କର ବିଭିନ୍ନ ଦିଗ ଉପରେ ପର୍ଯ୍ୟବସିତ । ଶ୍ରମ ଉପରେ ଶାନ୍ତିର ସାହାନାଇ ବାଜିଉଠୁ, ଶ୍ରମ ଏବଂ କଲ୍ୟାଣ, ଶ୍ରମିକ ସଂଗଠନ ଓ ରାଜନୀତି, ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣ, କ୍ଷେତ ମୂଲିଆଙ୍କ ନିମ୍ନମଜୁରୀ, ଫୁଲ ନ ଫୁଟୁଣୁ ଲେଖାଗୁଡ଼ିକ ପାଠକବର୍ଗଙ୍କ ସୁଖପାଠ୍ୟ ହେବ ବୋଲି ଆମେ ଆଶା କରୁଛୁ । ଏହା ବ୍ୟତୀତ ଏଇ ଗ୍ରୀଷ୍ମ କାଳରେ ଆମ ସାମାଜିକ ତଥା ସାଂସ୍କୃତିକ ଜୀବନରେ ସରସତା ଆଣିଦେବ ଶ୍ରୀକ୍ଷେତ୍ରେ ଚନ୍ଦନ ଯାତ ଓ 'ବୁଦ୍ଧଂ ଶରଣଂ ଗଚ୍ଛାମି' ପ୍ରବନ୍ଧ ଦୁଇଟି ।

ଭାରତବର୍ଷ ଦେବଭୂମି । ଏଠାରେ ଯେତେବେଳେ ସଙ୍କଟ ଆସିଛି, ସ୍ୱୟଂ ଭଗବାନ ବିଭିନ୍ନ ରୂପରେ ଧରାବକ୍ଷରେ ଅବତରଣ କରିଛନ୍ତି । ବହୁ ସ୍ଥାନରେ ସେ ମହାନ୍ ସନ୍ଥ ଆକାରରେ ମଧ୍ୟ ଅବତରଣ କରି ଜାତିକୁ, ଭାଷାକୁ ଓ ଦେଶକୁ ଅନୁପ୍ରାଣିତ କରିଛନ୍ତି । ଅତିବଡ଼ି ଜଗନ୍ନାଥ ଦାସ ଏମିତି ଏକ ସମୟରେ ଓଡ଼ିଶା ଭାଗ୍ୟାକାଶରେ ଉଦୟ ହୋଇଥିଲେ, ଯେଉଁ ସମୟଟି ଓଡ଼ିଆ ଜାତି ପକ୍ଷରେ ଥିଲା ସନ୍ଧିକ୍ଷଣ । ସେଇ ଯୁଗମାନବ ଓଡ଼ିଆ ଭାଗବତ ରଚନା କରି ଓଡ଼ିଆ ଜାତିର ଆତ୍ମା, ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଞ୍ଚାଇ ରଖି ପାରିଥିଲେ । ଏହି ପୁଣ୍ୟ ପୁରୁଷଙ୍କ ଜୀବନୀ ଉପରେ ଆଧାରିତ 'ଓଡ଼ିଶାର ଦିବ୍ୟ ସନ୍ଥ–ଜଗନ୍ନାଥ ଦାସ' ନିବନ୍ଧରେ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ବିଭିନ୍ନ ଐତିହାସିକ ତଥ୍ୟର ଅବତାରଣା କରିଛନ୍ତି ।

ଦେଶର ପ୍ରିୟ ପ୍ରଧାନ ମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ସୂକ୍ଷ୍ମ ଚିନ୍ତା ନିସୃତ 'ସପ୍ତମ ଯୋଜନାର ଆଭିମୁଖ୍ୟ' ଲେଖାଟି ପାଠକମାନଙ୍କ ମଧ୍ୟରେ ବିଶେଷ ଆଲୋଡ଼ନ ସୃଷ୍ଟି କରିବ । ଏହା ବ୍ୟତୀତ 'କେନ୍ଦ୍ର ବଜେଟ୍', 'ଆମ ବଜେଟ୍', ଓଡ଼ିଶାର ଅର୍ଥନୈତିକ ସ୍ଥିତି ଓ 'ଓଡ଼ିଶାରେ ରେଳପଥର ବିକାଶ' ଲେଖାଗୁଡ଼ିକ ଉପାଦେୟ ଓ ସାରଗର୍ଭକ ।

ଶ୍ରମହିଁ କର୍ମ । ସାରା ସୃଷ୍ଟି'ଟ କର୍ମ କରୁଛି । ତେଣୁ ପ୍ରତ୍ୟେକ ବ୍ୟକ୍ତି କର୍ମ କରିବା ଉଚିତ । ପ୍ରତ୍ୟେକ ମଣିଷର ହୃଦୟ ଆଉ ବୁଦ୍ଧି ଅଛି । ଶରୀରକୁ କର୍ମ କରିବାକୁ ହେବ । ଶରୀର କର୍ମରେ ହୃଦୟର ପ୍ରେମକୁ ସଞ୍ଚାରିତ କରିବାକୁ ହେବ । କର୍ମର ମାଧ୍ୟମରେ ବୁଦ୍ଧିକୁ କାମରେ ଲଗାଇବାକୁ ହେବ । ଏହି ପ୍ରକାରେ ପ୍ରତ୍ୟେକ ବ୍ୟକ୍ତିର ଶରୀର, ହୃଦୟ ଓ ବୁଦ୍ଧି– ଏଇ ତିନୋଟିଯାକର ସଂଯୋଗରେ ସାମାଜିକ କର୍ମସବୁ ସଂପନ୍ନ ହେବା ଉଚିତ୍ ।

ବଗିଚାରେ ଫୁଟୁଥିବା ନାନାରଙ୍ଗ ଓ ବାସର ଫୁଲକୁ ଈଶ୍ୱର ଯେତେ ଭଲ ନ ପାଆନ୍ତି, ତା'ଠାରୁ ଅଧିକା ପସନ୍ଦ କରନ୍ତି ସ୍ୱକର୍ମ ସୁମନକୁ । "ସ୍ୱକର୍ମ ସୁମନ୍ ସେ, ପୂଜୋ ପ୍ରଭୁକୋ ତଭି ମିଲେଗୀ ମୁକ୍ତି ୟହାଁ ।" ଏହି କର୍ମରୂପୀ ଫୁଲ ରସମୟ, ଗନ୍ଧମୟ କି ନୁହେଁ ଏହାକୁ ବିବେକ ବୁଦ୍ଧିରେ ପରୀକ୍ଷା କରିବା ହେଉଛି ପ୍ରତ୍ୟେକଙ୍କର ଧର୍ମ ।



# ସପ୍ତମ ଯୋଜନାର ଆଭିମୁଖ୍ୟ

ଶ୍ରୀ ରାଜୀବ ଗାନ୍ଧୀ

ଯୋଜନାବଦ୍ଧ ଅର୍ଥନୀତିରେ ଜାତୀୟ ପରିଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଉନ୍ନୟନର ଗତିକୁ ତ୍ୱରାନ୍ୱିତ କରାଇବା ଦିଗରେ ଯୋଜନା ଏକ ଦୀର୍ଘ କାଳୀନ ଉପାଦାନ ଯୋଗାଏ । ଏହା ସାମାଜିକ ତଥା ଅର୍ଥନୈତିକ ଆଭିମୁଖ୍ୟ ସମେତ ଅଗ୍ରାଧିକାର ପରିସରଭୁକ୍ତ କ୍ଷେତ୍ରର ସଂଖ୍ୟା ନିରୂପଣ କରିଥାଏ । ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଆଭିମୁଖ୍ୟଗୁଡ଼ିକ ଏଥିରେ ପୁଙ୍ଖାନୁପୁଙ୍ଖ ଆଲୋଚିତ ହୋଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଦେଶରୁ ଦାରିଦ୍ର୍ୟ ଦୂର କରି ଏକ ବଳିଷ୍ଠ ତଥା ଆତ୍ମନିର୍ଭରଶୀଳ ସମାଜ ପ୍ରତିଷ୍ଠା ଦିଗରେ ଜାତୀୟ କାର୍ଯ୍ୟକ୍ରମ ପ୍ରସ୍ତୁତି ଏହାର ଲକ୍ଷ୍ୟ ଅଟେ । ପ୍ରତ୍ୟେକ ଯୋଜନା ଆମକୁ ବହୁ ଆକାଂକ୍ଷିତ ସମାଜବାଦର ଲକ୍ଷ୍ୟ ହାସଲ ଦିଗକୁ ନିକଟରୁ ନିକଟତର କରାଇଛି ।

ଷଷ୍ଠ ଯୋଜନାର ସଫଳତା ଆମକୁ ସପ୍ତମ ଯୋଜନା ନିମନ୍ତେ ଖୁବ୍ ଅନୁକୂଳ ପରିସ୍ଥିତିରେ ପହଞ୍ଚାଇ ପାରିଛି । ଷଷ୍ଠ ଯୋଜନାରେ ଶତକଡ଼ା ୫ ହାରରେ ବିକାଶର ଲକ୍ଷ୍ୟ ଆମେ ହାସଲ କରିଛୁ । ବିଶେଷ କରି ଖାଦ୍ୟ ଶସ୍ୟ ଉତ୍ପାଦନ ଭିତ୍ତିକ କୃଷି କ୍ଷେତ୍ରରେ ସଫଳତା ଖୁବ୍ ଗୁରୁତ୍ୱପୂର୍ଣ୍ଣ । କୋଇଲା, ତୈଳ, ଶକ୍ତି, ସିମେଣ୍ଟ, ରାସାୟନିକ ସାର ସମେତ ପ୍ରଧାନ ପ୍ରଧାନ ଶିଳ୍ପ ପ୍ରକଳ୍ପରେ ଅଭୂତପୂର୍ବ ସଫଳତା ହାସଲ କରାଯାଇ ପାରିଛି । ଦାରିଦ୍ର୍ୟ ହ୍ରାସ ଦିଗରେ ଯୋଜନାରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇ ପାରିଛି । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ବ୍ୟକ୍ତିଙ୍କ ଶତକଡ଼ା ହାର ଅନେକ କମିଯାଇଛି । ତଥାପି ଆମକୁ ବହୁତ ଆଗକୁ ଆଗେଇ ଯିବାକୁ ହେବ । ଆମର ସମସ୍ତ ଶକ୍ତି ଖଟାଇ ସଂକଳ୍ପବଦ୍ଧ ଭାବେ ଆମକୁ ଦାରିଦ୍ର୍ୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ହେବ । ମୁଦ୍ରାସ୍ଫୀତି ଅବସ୍ଥା ନିୟନ୍ତ୍ରଣକୁ ଅଣାଯାଇଛି ଓ ବଜାର ଉଠାଣି ଓ ସମତା ରକ୍ଷା କରାଯାଇ ଏ ସମସ୍ତ ଲକ୍ଷ୍ୟ ହାସଲ କରାଯାଇଛି ।

ଯେ କୌଣସି ପରିସ୍ଥିତିରେ ହେଉନା କାହିଁକି ଏହି ସାଫଲ୍ୟ ନିମନ୍ତେ ଆମେ ଗୌରବାନ୍ୱିତ । ବିଦେଶର ବୈଦେଶିକ ପରିସ୍ଥିତି ଦୃଷ୍ଟିରୁ ବିଶେଷ କରି ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଚଳିତ ବର୍ଷଗୁଡ଼ିକରେ ଅନେକ ବିକାଶମୁଖୀ ଓ ଉନ୍ନତ ଦେଶମାନେ ଘୋର ଅର୍ଥନୈତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି । ମାତ୍ର ଭାରତୀୟ ଅର୍ଥନୀତି ଶକ୍ତିଶାଳୀ ହୋଇ ବର୍ଦ୍ଧିତ ବୃଦ୍ଧି ହାର ସହିତ ମୁଣ୍ଡ ଟେକି ପାରିଛି ।

ସଂପ୍ରତି ଆମେ ନିଶ୍ଚୟ ସେହି ମୂଳଦୁଆ ଉପରେହିଁ ଛିଡ଼ା ହେବୁ । ଅଭିବୃଦ୍ଧିର ହାରକୁ ଆମେ ବଜାୟ ରଖିବୁ । ଆମେ ଆଧୁନିକୀକରଣର ପ୍ରଣାଳୀକୁ ଅଗ୍ରସର କରାଇବୁ । ସମାନ୍ତରାଳ ଭିତ୍ତିରେ ଆମେ ବିଶ୍ୱ ସହିତ ପାଦ ମିଳାଇ ଆଗେଇବାକୁ ସମର୍ଥ ହେବୁ । ସାମାଜିକତା ଦୃଷ୍ଟିକୋଣରୁ, ଦାରିଦ୍ର୍ୟର ବୋଝ ଲଘବ ନହେଲେ କୌଣସି ଉନ୍ନୟନ ପଦ୍ଧତି ମୂଲ୍ୟବାନ ନୁହେଁ । ଆମେ ନିଶ୍ଚୟ ଦାରିଦ୍ର୍ୟ ସମସ୍ୟା ଉପରେହିଁ ପ୍ରତ୍ୟକ୍ଷଭାବେ ଆଲୋକପାତ କରିବୁ । ଆମକୁ ନିଶ୍ଚିତଭାବେ ଆମର ଜନସାଧାରଣଙ୍କୁ ଉତ୍ପାଦନକ୍ଷମ କର୍ମ ସଂସ୍ଥାନ ଯୋଗାଇ ଦେବାକୁ ହେବ । ଦୁର୍ବଳ ଶ୍ରେଣୀକୁ ଉତ୍ପାଦନ ଦେଉଥିବା ସାମାଜିକ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାକୁ ହେବ ଓ ଉନ୍ନୟନର ଦିଗ ସାମାଜିକ ନ୍ୟାୟ ଓ ସମାନତା ଧର୍ମୀ ହେବ । ଆମ ସମାଜବାଦ ଭାବଧାରାର ଏହାହିଁ ସାର ମର୍ମ ।

## ବ୍ୟାପକ କାର୍ଯ୍ୟନୀତି

ଏସବୁ ଆଭିମୁଖ୍ୟଗୁଡ଼ିକ ହାସଲ କରିବା ନିମନ୍ତେ ସପ୍ତମ ଯୋଜନାରେ ବ୍ୟାପକ ବ୍ୟବସ୍ଥା କରାଯାଇଛି । ସରକାରୀ ପ୍ରକଳ୍ପ ନିମନ୍ତେ ୧୮୦,୦୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ଷଷ୍ଠ ଯୋଜନାର ବ୍ୟୟ ବରାଦ ୯୭,୫୦୦ କୋଟି ଟଙ୍କାର ପରିମାଣକୁ ବିଚାରକୁ ନେଲେ ଆପଣ [illegible]

ସରକାରୀ ଉଦ୍ୟୋଗର ବ୍ୟୟ ବରାଦର ବ୍ୟାପକତା ବିଷୟ ସମ୍ପର୍କରେ ହୃଦୟଙ୍ଗମ କରିପାରିବେ ।

ପୁଞ୍ଜି ଗଠନ କ୍ଷେତ୍ରରେ ସପ୍ତମ ଯୋଜନାରେ ବ୍ୟାପକ ବ୍ୟବସ୍ଥା ହୋଇ ପାରିଛି । ଅଭିବୃଦ୍ଧି, ସଞ୍ଚୟ ଓ ପୁଞ୍ଜି ଗଠନ ଅଧିକ ତ୍ୱରାନ୍ୱିତ କରାଇବା ତଥା ସର୍ବୋପରି ସାମାଜିକ ଓ ଅର୍ଥନୈତିକ ଅସାମଞ୍ଜସ୍ୟ ହ୍ରାସ ନିମନ୍ତେ ଆମର ଅର୍ଥନୈତିକ ନୀତି ଉଦ୍ଦିଷ୍ଟ । ସମସ୍ତ ଆଶଙ୍କା ଓ ଭୟ ଦୂର କରି ଆମର ନୂତନ ପଦକ୍ଷେପ ଅଭୂତପୂର୍ବ ସାଫଲ୍ୟ ହାସଲ କରିବାରେ ସମର୍ଥ ହୋଇପାରିଛି । ଟିକସର ସମନ୍ୱୟ ଓ ତାର ଉପ-ଯୁକ୍ତ ପ୍ରୟୋଗ ଫଳରେ ଆମର ବଜେଟ୍ ବ୍ୟବସ୍ଥା ସଫଳକାମ ହୋଇଛି । ରାଜସ୍ୱ କର ବୃଦ୍ଧି ପାଇଛି । ଦ୍ରୁତ ଶିଳ୍ପାୟନ ବାତାବରଣ ଅନୁକୂଳ ହୋଇଛି । ପ୍ରତ୍ୟେକ ପ୍ରକଳ୍ପରେ ଉତ୍ପାଦନ ହାର ତଥା ଲାଭ ସମ୍ଭବ ହୋଇଛି ।

ଆମର ମୌଳିକ ଶିଳ୍ପଗତ, ଅର୍ଥନୈତିକ, କୃଷି, ବିଜ୍ଞାନ ଓ ବୈଷୟିକ ନୀତିସମୂହ ଆମକୁ ସୁଫଳ ଦେଇ ପାରିଛନ୍ତି । ସେମାନେ ଆମକୁ ଅସୀମ ଶକ୍ତି ଯୋଗାଉଛନ୍ତି । ଆମେ ସେହି ସୁଫଳଗୁଡ଼ିକୁ ଆଗେଇ ନେବୁ । ଆମେ କଦାପି ଭୁଲିଯିବା ଉଚିତ୍ ନୁହେଁ ଯେ, ଆମ ପରିସ୍ଥିତିର ମୌଳିକ ଆଧାର ହେଉଛି ପରିବର୍ତ୍ତନ । ଆମର ଯୋଜନା ପରିବର୍ତ୍ତନ ସାପେକ୍ଷ ଓ ଭବିଷ୍ୟତ ନିର୍ମିତ ଉଦ୍ଦିଷ୍ଟ । ମେ ୨୩ ୧୯୫୬ ମସିହାରେ ଲୋକସଭାରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ଚିଠା ଉପସ୍ଥାପନ କରି ଜବାହରଲାଲ ନେହେରୁ କହିଥିଲେ–"ମୋ ଜୀବନ କାଳ ମଧ୍ୟରେ ବିଶ୍ୱର ଏପରି ପରିବର୍ତ୍ତନ ମୁଁ ଦେଖିଛି ଯେ, ମୁଁ ନିଜକୁ କୌଣସି ଅମା ଅନ୍ଧକାର ମଧ୍ୟରେ ଆଉ ରଖିବାକୁ ଅନିଚ୍ଛୁକ" ।

ପରିବର୍ତ୍ତିତ ପରିସ୍ଥିତିର ଅନୁରୂପ କାର୍ଯ୍ୟ ଆମକୁ କରିବାକୁ ହେବ । ବିଗତ ତିନୋଟି ଦଶନ୍ଧି ମଧ୍ୟରେ ଭାରତର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ଘଟିଛି । ନୂତନ ସମସ୍ୟା ଓ ଆହ୍ୱାନମାନ ଆସି ପହଞ୍ଚିଛି । ଆମର ମୌଳିକ, ସାମାଜିକ ଓ ଅର୍ଥନୈତିକ ଆଭିମୁଖ୍ୟଗୁଡ଼ିକୁ ଆଖି ଆଗରେ ରଖି ଆମକୁ ସେଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିବ । ଏହି ଯୋଜନାରେ କଣ ହେବାକୁ ଯାଉଛି, କେତେକ ମୁଖ୍ୟ ବିଷୟରେ ହିଁ ମୁଁ ଅବତାରଣା କରିବି ।

## ବ୍ୟାପକ ସବୁଜ ବିପ୍ଳବର ଅଧିକ ଆବଶ୍ୟକତା

କୃଷି ହେଉଛି ଆମ ଅର୍ଥନୀତିର ମେରୁଦଣ୍ଡ ସ୍ୱରୂପ । ଏ କ୍ଷେତ୍ରରେ ଅଭିବୃଦ୍ଧି ହିଁ ସବୁଠାରୁ ଅଧିକ ଭାଗ ବ୍ୟକ୍ତିଙ୍କୁ ଉତ୍ପାଦନ ଭିତ୍ତିକ କର୍ମ ସଂସ୍ଥାନ ଯୋଗାଇ ପାରିବ । ଶିଳ୍ପ ଅଭିବୃଦ୍ଧି ଓ ଅର୍ଥନୀତିର ଅନ୍ୟାନ୍ୟ କ୍ଷେତ୍ରରେ ଅଗ୍ରଗତି ନିମନ୍ତେ କୃଷିଭିତ୍ତିକ ଉତ୍ପାଦନର ସଂପ୍ରସାରଣ ହେବା ବାଞ୍ଛନୀୟ ।

ବିଗତ ଦଶନ୍ଧିଗୁଡ଼ିକ ତୁଳନାରେ ଅଧିକ ଆଧୁନିକ ପଦ୍ଧତି ଅବଲମ୍ବନ ଯୋଗୁଁ ଭାରତୀୟ କୃଷି ଆଜି ବିଶ୍ୱରେ ସାଫଲ୍ୟ ମଣ୍ଡିତ ହୋଇ ପାରିଛି । ପ୍ରକୃତ ସତ୍ୟହିଁ ସବୁଠାରୁ ଏଥିନିମନ୍ତେ ଅଧିକ ପ୍ରମାଣ ଦେଇ ପାରିବ । ଖାଦ୍ୟଶସ୍ୟର ଉତ୍ପାଦନ (୧୯୫୦ ରୁ ୧୯୬୦ ମସିହା ମଧ୍ୟରେ) ୫୦ ନିୟୁତ ଟନରୁ ବଢ଼ି ଷଷ୍ଠ ଯୋଜନା କାଳରେ ୧୫୦ ନିୟୁତ ଟନ୍‌ରେ ପହଞ୍ଚିଛି । ମାତ୍ର ୧୫ ବର୍ଷ ମଧ୍ୟରେ ଆମେ ଆମଦାନୀ ନିର୍ଭରଶୀଳତାରୁ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛୁ । ଆମର ବଳକା ଖାଦ୍ୟକୁ ନେଇ ଆମେ ଆମ ଜନସାଧାରଣଙ୍କ ଖାଦ୍ୟମାନର ବୃଦ୍ଧି କରାଇ ପାରିବୁ ।

ଦ୍ରୁତ ତଥା ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରିବା ହେଉ ଆମର ପ୍ରଧାନ କାର୍ଯ୍ୟ । ସବୁଜ ବିପ୍ଳବ କାର୍ଯ୍ୟକ୍ରମକୁ ଆମକୁ ପୂର୍ବାଞ୍ଚଳ ଓ ଶୁଷ୍କଭୂମି ଅଞ୍ଚଳଗୁଡ଼ିକରେ ପହଞ୍ଚାଇବାକୁ ହେବ । ଏଠାରେ ଆମ ଜନସଂଖ୍ୟାର ଅଧିକ ଭାଗ ବାସ କରନ୍ତି ଓ ଏଠାରେହିଁ ଆମ ଖାଦ୍ୟ ସମସ୍ୟା ତୀବ୍ର ଉତ୍କଟ ଅଟେ । ଏହା ଆମକୁ ଆଞ୍ଚଳିକ ଅସାମଞ୍ଜସ୍ୟ ଦୂର କରିବାରେ ସାହାଯ୍ୟ କରିବ ଓ ଏହାହିଁ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଆମର ଉତ୍ତମ ପନ୍ଥା ହେବ ।

## କଣ କରିବାକୁ ହେବ ?

ଜଳ ସଂପଦର ଉନ୍ନୟନ, ଗବେଷଣା ଓ ଉନ୍ନୟନ, ଯୋଗାଯୋଗ ଓ ବଜାର ସୁବିଧା ଇତ୍ୟାଦି ନିମନ୍ତେ ସର୍ବସାଧାରଣ ଉଦ୍ୟୋଗ ବୃଦ୍ଧି ପାଇବା ଦରକାର ।

କୃଷି ସମ୍ବନ୍ଧୀୟ ମୌଳିକ ଆନୁଷ୍ଠାନିକ ପରିବର୍ତ୍ତନକୁ ଏଥି-ନିମନ୍ତେ କେବେ ବାଦ୍ ଦିଆଯାଇ ନ ପାରେ । ସାମାଜିକ ନ୍ୟାୟ ଦୃଷ୍ଟିରୁ ଭୂ-ସଂସ୍କାର ଓ ଚକବନ୍ଦୀ କାର୍ଯ୍ୟକାରୀ ହେବା ଅତ୍ୟାବଶ୍ୟକ । କୃଷିର ଅଭିବୃଦ୍ଧି ନିମନ୍ତେ ସେଗୁଡ଼ିକ ସମାନ-ଭାବେ ଗୁରୁତ୍ୱପୂର୍ଣ୍ଣ । ଆମକୁ ଘାତ ପ୍ରତିଘାତ ଅତିକ୍ରମ କରିବାକୁ ହେବ । ଏକ ଦେଶ ହିସାବରେ ଗଣତାନ୍ତ୍ରିକ ଓ ଶାନ୍ତିପୂର୍ଣ୍ଣ ଉପାୟରେ ବୈପ୍ଳବିକ ପରିବର୍ତ୍ତନ କ୍ଷମତା ଆମର ଅଛି, ଆମେ ତାହା ପ୍ରମାଣ କରିଛୁ । ସଂକଳ୍ପବଦ୍ଧତା ଓ ଦୃଢ଼ତାର ସହ ଏ ଲକ୍ଷ୍ୟ ହାସଲ ନିମନ୍ତେ ଆମକୁ ଅଗ୍ରସର ହେବାକୁ ପଡ଼ିବ ।

କେନ୍ଦ୍ରୀୟ ମନ୍ତ୍ରୀ ପରିଷଦଠାରୁ ଆରମ୍ଭ କରି ନିପଟ ଗାଁ ଗଣ୍ଡା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ପରିକଳ୍ପନା ଗତ ବ୍ୟବସ୍ଥାକୁ ଆନ୍ଦୋଳିତ କରାଯିବ ।

କୃଷି ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟ ନିମନ୍ତେ ଏଗୁଡ଼ିକ ଖୁବ୍ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ । ଏହି ଲକ୍ଷଗୁଡ଼ିକ ନିମନ୍ତେ ହିଁ ଯୋଜନା ଉଦ୍ଦିଷ୍ଟ । ଆମକୁ ଯେ କୌଣସିମତେ ଏଗୁଡ଼ିକ ହାସଲ କରିବାକୁ ପଡ଼ିବ ।

ଧନ ସଂପତ୍ତି ରହିତ ପ୍ରତ୍ୟେକଟି ପରିବାରରେ ଉତ୍ପାଦନ ଭିତ୍ତିକ ଯୋଜନାର ଆଭିମୁଖ୍ୟଗୁଡ଼ିକୁ ପହଞ୍ଚାଇବାକୁ ହେବ ।

ଆମର ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକ ବିଂଶସୂତ୍ରୀ କାର୍ଯ୍ୟକ୍ରମର ଅଂଗ ଅଟେ । ଦାରିଦ୍ର୍ୟ ସୀମାରେଖା ତଳେ କାଳାତିପାତ କରୁଥିବା ପରିବାରଗୁଡ଼ିକୁ ସର୍ବାଧିକ ସହଯୋଗ ଦେବା ନିମନ୍ତେ ଏଗୁଡ଼ିକୁ ସଂପ୍ରସାରିତ ହେବା ଦରକାର ।

ଏତାଦୃଶ କାର୍ଯ୍ୟକ୍ରମମାନ ତ୍ୱରାନ୍ୱିତ କରାଇବା ଦିଗରେ ଆମେ ଖୁବ୍ ମୂଲ୍ୟବାନ୍ ଅଭିଜ୍ଞତା ଅର୍ଜନ କରିଛୁ । ସେଗୁଡ଼ିକର ଉନ୍ନତି ପାଇଁ ନିଶ୍ଚୟ ଏହି ଅଭିଜ୍ଞତାଗୁଡ଼ିକ ଆମର ସହାୟକ ହେବ । ସେ କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରାଇବା ପାଇଁ ଆମର ଜନସାଧାରଣଙ୍କ ସାହାଯ୍ୟ ସହଯୋଗ ଆବଶ୍ୟକ । ବିକେନ୍ଦ୍ରିତ ଅନୁଷ୍ଠାନଗୁଡ଼ିକ ନୂତନ ଜୀବନ ଲାଭ କରିବା ଉଚିତ୍ ।

ସାମାଜିକ ନ୍ୟାୟ ସହିତ ଆମର ଅଭିବୃଦ୍ଧି ବ୍ୟବସ୍ଥା ନିମନ୍ତେ ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥା ହେଉଛି ପ୍ରଧାନ ଉପାଦାନ । ଅର୍ଥନୈତିକ ସ୍ଥିରତା ସହ, ଉଭୟ ଗ୍ରାମାଂଚଳ ଓ ସହରାଂଚଳର ସର୍ବସାଧାରଣ ନିତ୍ୟବ୍ୟବହାର୍ଯ୍ୟ ଜିନିଷପତ୍ର ସୁଲଭ ଦରରେ ପାଇ ପାରିବେ । ବିଶେଷକରି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକ ତ୍ୱରାନ୍ୱିତ ହେଉଥିବା ଗ୍ରାମାଂଚଳରେ ଏହି ପ୍ରଣାଳୀର ସଂପ୍ରସାରଣ ହେବ ।

## ସରକାରୀ ପ୍ରକଳ୍ପଗୁଡ଼ିକ ମୁଖ୍ୟ ସ୍ଥାନ ଗ୍ରହଣ କରିବ

ବୃତ୍ତାନ୍ତ ବିଶ୍ଳେଷଣରେ, ଏତିକି କୁହାଯାଇପାରେ ଯେ, ଜବାହରଲାଲ ନେହେରୁଙ୍କ ମତ ଅନୁଯାୟୀ ଦାରିଦ୍ର୍ୟ ତଥା ଅନୁନ୍ନତ ବିରୁଦ୍ଧରେ ଯୁଦ୍ଧ କେବଳ ବହୁଳ ଶିଳ୍ପାୟନ ଦ୍ୱାରାହିଁ ଜୟ କରିହେବ । ଏକ ଆଧୁନିକ, ଆତ୍ମନିର୍ଭରଶୀଳ ଶିଳ୍ପ ଭିତ୍ତିକ ଅର୍ଥନୀତି ନିମନ୍ତେ ଯୋଜନା ଏକ ଶକ୍ତ ମୂଳଦୁଆ ପକାଇବାରେ ସକ୍ଷମ ହୋଇଛି । ଉଚ୍ଚସ୍ତରୀୟ ବୈଷୟିକ କୌଶଳ ସଂବଳିତ ଆମର ଏକ ଶକ୍ତିଶାଳୀ ଉତ୍ପାଦନଭିତ୍ତିକ ପରିପାଟୀ ରହିଛି ।

ଆମେ ଏକ ବ୍ୟାପକ ପୁଂଜିନିବେଶ ପରିବେଶ ସୃଷ୍ଟି କରି ପାରିଛୁ । ସରକାରୀ ପ୍ରକଳ୍ପ ଏକ ଉଲ୍ଲେଖଯୋଗ୍ୟ ସ୍ଥାନ ହାସଲ କରିଛି । ଅନୁନ୍ନତ ଅଂଚଳରେ ଉନ୍ନୟନ ତଥା ଆଧୁନିକ ବୈଷୟିକ କୌଶଳର ପ୍ରବର୍ତ୍ତନ ଦିଗରେ ଏହା ପଥପ୍ରଦର୍ଶକ ରୂପେ କାର୍ଯ୍ୟ କରିଛି । ଅର୍ଥନୈତିକ କ୍ଷମତାର ବିକେନ୍ଦ୍ରୀକରଣ କରି ଏହା ବ୍ୟାପକ ଶିଳ୍ପଗତ ତଥା ବୈଷୟିକ କୌଶଳର ଉଦ୍‌ଯୋଗ କରିଛି । ଭାରତୀୟ ବିଜ୍ଞାନ ଓ କାରିଗରୀ କୌଶଳର ବ୍ୟାପକ ବିକାଶ ଏ ଭୂମିକା ନିଭାଇବାରେ ସହାୟକ ହୋଇ ପାରିଛି ।

ଶିଳ୍ପ ବିପ୍ଳବର ଅନ୍ୟତମ ପର୍ଯ୍ୟାୟ ଭାରତରେ ସରକାରୀ ଉଦ୍ୟୋଗଗୁଡ଼ିକ ନିମନ୍ତେ ଅଭିନବ ଲକ୍ଷ୍ୟ ହାସଲର ଡ଼ାକରା ଦେଉଛି । ଚାହିଦା ମୁତାବକ ନୂତନ କାରିଗରୀ କୌଶଳର ବିକାଶ ଦିଗରେ ଏହା କାର୍ଯ୍ୟ କରିବ । ଆଧୁନିକୀକରଣର ଆବଶ୍ୟକତାଗୁଡ଼ିକର ଏହା ନିର୍ଣ୍ଣାୟକ ହେବ । ଉତ୍ପାଦନ କ୍ଷମତା, କାର୍ଯ୍ୟକ୍ଷମତା ଓ ଗୁଣାତ୍ମକ ପଦ୍ଧତି ଉପରେ ପର୍ଯ୍ୟବେସିତ କାର୍ଯ୍ୟକ୍ରମଗୁଡ଼ିକ ଏହା ପ୍ରତିଷ୍ଠିତ କରାଇବ । ପୁଂଜି ଉଦ୍‌ଯୋଗ ନିମନ୍ତେ ଏହା ଅଧିକ ବଳକା ଅର୍ଥର ଯୋଗାଡ଼ କରିବ । ବୈଷୟିକ ଜ୍ଞାନ ଭିତ୍ତିକ ଆମର ଆଧୁନିକ ଅର୍ଥନୀତି ଏବଂ ଶିଳ୍ପ ନିମନ୍ତେ ସରକାରୀ ପ୍ରକଳ୍ପ ଅତୀତ ଭଳି ଭବିଷ୍ୟତରେ ମଧ୍ୟ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ ।

## ଅଧିକ ବ୍ୟୟ—ଏକ ଦୁର୍ବଳତା

ଆମ ସାମର୍ଥ୍ୟର ପରାକାଷ୍ଠା ଦେଖାଇବାକୁ ଯାଇ ଆମେ ଆମର ଦୁର୍ବଳତାଗୁଡ଼ିକୁ ମଧ୍ୟ ଅବହେଳା ବା ଅବଜ୍ଞା କରିବା ଅନୁଚିତ୍ । ଆମର ଶିଳ୍ପ ଅଭିବୃଦ୍ଧି ହାର କମ୍ । ଖର୍ଚ୍ଚ ବହୁଳତା ଦୃଷ୍ଟିରୁ ଆମର ଅଧିକାଂଶ ଶିଳ୍ପ ପ୍ରତିଯୋଗୀ ଭିତ୍ତିକ ନୁହଁନ୍ତି । ଆମେ ବସ୍ତୁର ଗୁଣାତ୍ମକ ପଦ୍ଧତି ଉପରେ ଉପଯୁକ୍ତ ଧ୍ୟାନ ଦେଉନା । ଅନେକ କ୍ଷେତ୍ରରେ ଆମେ ପୁରୁଣା ଓ ଯୁଗ ଅନୁପଯୋଗୀ ଯନ୍ତ୍ରପାତିରେ କାମ ଚଳାଉଛୁ ।

ସପ୍ତମ ଯୋଜନାରେ ଆମେ କାର୍ଯ୍ୟକ୍ଷମତା ବଢ଼ାଇବା ନିମନ୍ତେ ନୂତନ ବ୍ୟବସ୍ଥା ଗ୍ରହଣ କରିବୁ । ଗ୍ରାହ୍ୟ-ଶିଳ୍ପ ଅଭାବ-ଗୁଡ଼ିକୁ ଦୂର କରାଯିବ । ଶକ୍ତି, ପରିବହନ ଏବଂ ଆବଶ୍ୟକୀୟ ବସ୍ତୁଗୁଡ଼ିକ ପାଇଁ ଉପଯୁକ୍ତ ପୁଂଜି ବିନିଯୋଗ କରାହେବ । ଶିଳ୍ପ ବିକାଶ କ୍ଷେତ୍ରରେ ଆମେ ଖୁବ୍ ପଛୁଆ ଅଛୁ । ଆମେ ବର୍ତ୍ତମାନ ନିଶ୍ଚୟ ନୂତନ ପଥରେ ଅଗ୍ରସର ହେବୁ ଏବଂ କାର୍ଯ୍ୟ କ୍ଷମତାର ବୃଦ୍ଧି, ଖର୍ଚ୍ଚ ହ୍ରାସ ଓ ଗୁଣାତ୍ମକ ବସ୍ତୁର ଉନ୍ନତି ନିମନ୍ତେ ବିଶେଷ ପ୍ରୟାସ ହେବ । ଯୁଗ ଅନୁପଯୋଗୀ କାରିଗରୀ ଜ୍ଞାନ କୌଶଳ ନେଇ ଆତ୍ମନିର୍ଭରଶୀଳ ହେବା କଷ୍ଟକର ବ୍ୟାପାର । ନୂତନ ବୈଷୟିକ ଜ୍ଞାନର ଆହରଣ, ଆଧୁନୀକିକରଣ, ଖର୍ଚ୍ଚ କାଟ ଓ ଅଧିକ ପ୍ରତିଯୋଗୀତା ମୂଳକ କରାଇବା ନୂତନ-ନୀତିର ଲକ୍ଷ୍ୟହେବ । କମ୍ ବ୍ୟୟ ସାପେକ୍ଷ ଶିଳ୍ପଜାତ ପଦାର୍ଥ ଜନସାଧାରଣ ସହଜରେ କିଣି ନିଜର ଚଳିବାର ମାନବୃଦ୍ଧି କରାଇ ପାରିବେ । ଏହା ଶିଳ୍ପ ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ ।

ଶିଳ୍ପ ଅଭିବୃଦ୍ଧି ଓ କର୍ମସଂସ୍ଥାନର ସଂପ୍ରସାରଣ କ୍ଷେତ୍ରରେ କ୍ଷୁଦ୍ର ଉଦ୍ୟୋଗ ଓ ଗ୍ରାମାଂଚଳ ଶିଳ୍ପଗୁଡ଼ିକର ଯଥେଷ୍ଟ ଅବଦାନ ରହିଛି । ଆମର ଏହି ନୀତି ଫଳରେ ଉପରୋକ୍ତ ଶିଳ୍ପ ସମୂହ ନୂତନ କାରିଗରୀ କୌଶଳ ବଳରେ ଅଧିକ ଉନ୍ନତ ହୋଇ ଅଧିକ ଉତ୍ପାଦନ ଓ କାର୍ଯ୍ୟକ୍ଷମ ହୋଇପାରିବେ ।

## ମାନବ ସଂପଦର ବିକାଶ

କର୍ମ ସଂସ୍ଥାନର ସଂପ୍ରସାରଣ ନିମନ୍ତେ ଆମକୁ ଅଗ୍ରାଧିକାର ଦେବାକୁ ହେବ । ସପ୍ତମ ଯୋଜନାର ସମସ୍ତ ବ୍ୟବସ୍ଥା ନୀତି ଓ କାର୍ଯ୍ୟକ୍ରମ ସେହି ଆଭିମୁଖ୍ୟ ହାସଲ ଦିଗରେହିଁ ତ୍ୱରାନ୍ୱିତ କରାହେବ । ଶ୍ରମଶକ୍ତିର ବଢ଼ିବାଠାରୁ ଆହୁରି ଦ୍ରୁତ ବେଗରେ କର୍ମ ସଂସ୍ଥାନର ସଂପ୍ରସାରଣ ନିମନ୍ତେ ଆମେ ପ୍ରସ୍ତାବ ଦେଇଛୁ । ଯୋଜନା ଇତିହାସରେ ପ୍ରଥମଥର ନିମନ୍ତେ ବର୍ତ୍ତମାନ ପାଇଁ ଯେ କର୍ମ ସଂସ୍ଥାନର ଅଭାବ ଦୂରୀକରଣ ହେବ ତାହାନୁହେଁ, ଭବିଷ୍ୟତରେ ମଧ୍ୟ ତାର ଯେପରି ପୁନରାବୃତ୍ତି ନହୁଏ, ସେଥିପ୍ରତି ମଧ୍ୟ ଧ୍ୟାନ ଦିଆହେବ । ଏହା ଏକ ଗୁଣାତ୍ମକ ପରିବର୍ତ୍ତନ । ଆମର କାର୍ଯ୍ୟ ବ୍ୟବସ୍ଥା ଦେଶର କୋଟି କୋଟି ଜନସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ । ବର୍ଷକ ପୂର୍ବରୁ (ଏନ୍.ଡ଼ି. ସି.) ଜାତୀୟ ଉନ୍ନୟନ ପରିଷଦ କାର୍ଯ୍ୟ, ଖାଦ୍ୟ ଓ ଉତ୍ପାଦନକ୍ଷମତା ସପ୍ତମ ଯୋଜନା ନିମନ୍ତେ ମୌଳିକ ଆବଶ୍ୟକତା ବୋଲି ପରାମର୍ଶ ଦେଇଥିଲେ ।

ଉନ୍ନୟନର ଅର୍ଥ କଳକାରଖାନା, ପୋଲ ବା ରାସ୍ତା ଘାଟର ଉନ୍ନୟନ ନୁହେଁ । ଉନ୍ନୟନ ଅର୍ଥ ଜନସାଧାରଣଙ୍କ ଉନ୍ନତି ସର୍ବସାଧାରଣଙ୍କ ସାଂସ୍କୃତିକ ତଥା କାୟିକ ଆବଶ୍ୟକତାର ଉନ୍ନତି ହେବା ଦରକାର ।

## ମାନବ ସଂପଦ ଉନ୍ନୟନର ସବୁଠାରୁ ବଡ଼ ଦଗ

ଏହି ଦୃଷ୍ଟିରୁ ଆମେ ମାନବ ସଂପଦର ଉନ୍ନୟନ ନିମନ୍ତେ ଆନୁପାତିକ ଦୃଷ୍ଟିରୁ ଅଧିକ ଅର୍ଥର ବ୍ୟବସ୍ଥା କରିଛୁ । ଶିକ୍ଷା, ସଂସ୍କୃତି, ସ୍ୱାସ୍ଥ୍ୟ, ମହିଳା ଓ ଯୁବ କଲ୍ୟାଣ, ତଫସିଲଭୁକ୍ତ ଜାତି ଓ ଉପଜାତି ଓ ସର୍ବୋପରି ଦୁର୍ବଳ ଶ୍ରେଣୀ ବ୍ୟକ୍ତିମାନଙ୍କର ନିମନ୍ତେ ପ୍ରଣୀତ ନୀତି ଓ କାର୍ଯ୍ୟକ୍ରମ ମାଧ୍ୟମରେ ହିଁ ଏକ ଶକ୍ତିଶାଳୀ

ଜାତୀୟ ସମାଜ ମୁଣ୍ଡଟେକି ଠିଆହୋଇ ପାରିବ । ଆଧୁନିକ ଜ୍ଞାନ ଆହରଣ ନିମନ୍ତେ ସମସ୍ତେ ସୁଯୋଗ ପାଇବା ଉଚିତ୍ । ଏହା ସହିତ ଆମକୁ ଆମର ଐତିହ୍ୟ ଓ ଅନ୍ତଃର୍ନିହିତ ମୂଲ୍ୟବୋଧକୁ ମଧ୍ୟ ବଜାୟ ରଖିବାକୁ ହେବ । ବିଜ୍ଞାନ ଓ ଆଧ୍ୟାତ୍ମିକତାର ସମନ୍ୱୟରେ ଏକ ଅଖଣ୍ଡ ବ୍ୟକ୍ତିତ୍ୱ ପ୍ରତିଷ୍ଠା କରାଇବାଲାଗି ଆମେ ନିଶ୍ଚୟ ଚେଷ୍ଟିତ ହେବା ।

ଏତାଦୃଶ, ମଧୁମୟ ସମାଜ ସଂପଦ ଓ ଜନସଂଖ୍ୟା, ବସ୍ତୁବାଦୀ ଓ ଗୌର୍ଣ୍ଣିକତା, ନୈତିକ ଓ ମାନସିକ ଉନ୍ନତିର ସମତା ଫଳରେ ସମ୍ଭବ ହୋଇପାରିବ ।

ଆମର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ହେତୁ ଅଭିବୃଦ୍ଧିର ସୁଫଳ ଜନସାଧାରଣଙ୍କ ନିକଟରେ ସଂପୂର୍ଣ୍ଣରୂପେ ପହଂଚି ପାରିବନାହିଁ । ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମକୁ ଅଧିକ ସଫଳତାର ସହ ରୂପାୟନ କରିବାକୁ ହେବ । ସାମାଜିକ ପ୍ରତିବଂଧକଗୁଡ଼ିକ ରୋକିବା ଦିଗରେ ସ୍ୱତଃପ୍ରବୃତ୍ତ ପ୍ରୟାସ ହେବା ମଧ୍ୟ ଆବଶ୍ୟକ । ଶିକ୍ଷା, ସ୍ୱାସ୍ଥ୍ୟରକ୍ଷା, ମହିଳା ଓ ବାଳ କଲ୍ୟାଣ ଓ ଗଣ ଯୋଗାଯୋଗ ବ୍ୟବସ୍ଥା ମଧ୍ୟ କ୍ଷୁଦ୍ର ଓ ସୁଖମୟ ପରିବାର ସୃଷ୍ଟି କରିବାରେ ସହାୟକ ହେବ ।

## ପରିବେଶର ସୁରକ୍ଷା

ଆମ ପ୍ରାକୃତିକ ପରିବେଶର ଅବସ୍ଥା ଖୁବ୍ ଶୋଚନୀୟ ହୋଇ ପଡ଼ିଛି । ଆମର ବନ୍ୟ ସଂପଦ ନଷ୍ଟ ହେବାରେ ଲାଗିଛି । ମଣିଷ ଓ ଶିଳ୍ପ ବର୍ଜ୍ଜିତ ବସ୍ତୁ ଦ୍ୱାରା ଆମର ନଦୀ ଓ ହ୍ରଦ ସମୂହ ଦୂଷିତ ହେବାରେ ଲାଗିଛନ୍ତି । ଏହାର ପରିବର୍ତ୍ତନ ନିତାନ୍ତ ଜରୁରୀ । ଆମର ପରିବେଶର ସୁରକ୍ଷା ଲାଗି ଗଂଗା ପରିଯୋଜନା ଏକ ଉଦାହରଣ । ଭାରତର ଉନ୍ନତିର ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ମହାପ୍ରତିମ ଇନ୍ଦିରାଜୀ ପରିବେଶ ସୁରକ୍ଷା ପ୍ରତି ଅଧିକ ଗୁରୁତ୍ୱ ଆରୋପ କରିଥିଲେ । ତାଙ୍କ ଦ୍ୱାରା ପ୍ରଦର୍ଶିତ ପଥକୁ ଆମକୁ ଉତ୍ସର୍ଗୀକୃତ ଭାବେ ଅନୁସରଣ କରିବାକୁ ହେବ ।

ମୂଳତଃ କହିବାକୁ ଗଲେ ଉନ୍ନୟନ ବା ପ୍ରଗତିର ଲକ୍ଷ୍ୟ ହେଉଛି ନିଜ ମଧ୍ୟରେ ସାଧାରଣ ଜ୍ଞାନ ଓ ସ୍ୱଭାବକୁ ଉଜ୍ଜୀବିତ କରାଇବା । ବିଜ୍ଞାନ ଓ ବୈଷୟିକ ଜ୍ଞାନର ଧାରୁଆ ହୋଇ ଆମେ କେବେ ବିକାଶ ଲାଭ କରି ପାରିବୁ ନାହିଁ । ଇନ୍ଦିରା ଗାନ୍ଧି ଓ ଜବାହରଲାଲ ନେହେରୁଙ୍କ ଦୂରଦୃଷ୍ଟି ହେତୁ ଭାରତରେ ସ୍ୱଦେଶୀୟ ବିଜ୍ଞାନ ଓ ବୈଷୟିକ ଜ୍ଞାନର ଉନ୍ନତି ହୋଇଛି । ଆଗାମୀ ବର୍ଷଗୁଡ଼ିକରେ ଏସବୁର ଉପଯୁକ୍ତ ବିନିଯୋଗ କରି ଆମେ ଆମର ଉତ୍ପାଦନ ବଢ଼ାଇବା ସଙ୍ଗେ ସଙ୍ଗେ ଆନ୍ତର୍ଜାତୀୟ କ୍ଷେତ୍ରରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିବୁ । ବିଶେଷ କ୍ଷେତ୍ରରେ ଏଥିନିମନ୍ତେ ଆମେ କାରିଗରୀ ମିଶନମାନ ପ୍ରତିଷ୍ଠା କରିବୁ । ସୀମାନ୍ତ ଅଂଚଳରେ ବିଜ୍ଞାନ ତଥା ବୈଷୟିକ ଜ୍ଞାନର ଉପଯୋଗ ଉପରେ ଜୋର ଦେବାଲାଗି ଆମେ ଧ୍ୟାନଦେବୁ । ମୁଁ ଦୃଢ଼ପ୍ରତିଜ୍ଞ ଯେ, ଆମର ବୈଜ୍ଞାନିକଗଣ ଏହି ଲକ୍ଷ୍ୟ ହାସଲ କରିପାରିବେ ।

ସ୍ୱାଧୀନଚେତା ବିକାଶ ଖୁବ୍ କଷ୍ଟସାଧ୍ୟ । କଠିନ ଅଧ୍ୟବସାୟ ଫଳରେ ଆମେ ଏତାଦୃଶ ବାଧାବିଘ୍ନମାନ ଅତିକ୍ରମ କରିପାରିବୁ । ଏ ଯୋଜନାକୁ ତ୍ୱରାନ୍ୱିତ କରାଇବା ଲାଗି ଆସନ୍ତୁ, ଆମେ ସଂକଳ୍ପବଦ୍ଧ ହେବା । ଯୋଜନା ପଦ୍ଧତି ଉପରେ ଭାରତବାସୀଙ୍କର ଅଗାଧ ବିଶ୍ୱାସ ରହିଛି । ସେମାନଙ୍କ ଜୀବନ୍ତ ଏକତ୍ରିତ ଅଭିଳାଷର ଅଭିବ୍ୟକ୍ତ ହେଉଛି ଏ ଯୋଜନା । ସେମାନଙ୍କ ଯତ୍ନ ଉପରେ ଆସନ୍ତୁ, ଆମେ ଏହାକୁ ଛାଡ଼ିଦେବା ।

[ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଜାତୀୟ ଉନ୍ନୟନ ପରିଷଦ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନୀ ଉଦ୍‌ବୋଧନ ।]




ରାଷ୍ଟ୍ରମନ୍ତ୍ରୀ ଶ୍ରୀରାଉତଙ୍କ ନୂତନ ଖବରକାଗଜ 'ଆଜିକାଲି' ଉଦ୍‌ଘାଟନ

# ଓଡ଼ିଶାର ଉତ୍ସମ୍ଭ
# ଜଗନ୍ନାଥ ଦାସ



ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ପ୍ରତ୍ୟେକ ଜାତିର ଜଣେ ଜଣେ ଦିବ୍ୟ ଗୁଣ ସ୍ୱରୂପ କବି ଅଛନ୍ତି। ଇଂରେଜୀ ଭାଷାରେ ସେକ୍ସପିୟର, ଫରାସୀ ଭାଷାରେ ଭଲ୍ଟେୟାର, ଜର୍ମାନ ଭାଷାରେ ଗେଟେ ଓ ଋଷ ଭାଷାରେ ଟଲଷ୍ଟୋୟଙ୍କ ପରି ଓଡ଼ିଆ ଭାଷାରେ ଦୁଇ ଜଣ ମହାନ କବି– ସାରଳା ଦାସ ଓ ଜଗନ୍ନାଥ ଦାସ । ଭର୍ତ୍ତୃହରିଙ୍କ ମତରେ କବି ବା ସାହିତ୍ୟିକ ଦେଶ, ଦିଗ ଓ କାଳର ଉର୍ଦ୍ଧ୍ୱରେ ସେମାନଙ୍କ ଯଶ ବିସ୍ତାର କରିଥାନ୍ତି । ସେଥିପାଇଁ ସେମାନେ ଅଟନ୍ତି ଚିରସ୍ମରଣୀୟ । ଜଗନ୍ନାଥ ଦାସ ଆଜି ଉତ୍କଳ ଜାତିର ଗୌରବ । ଓଡ଼ିଆ ଭାଷାଭାଷୀ ଜାତି ଭାବରେ ଆମେ ଆଜି ଯେଉଁ ଗର୍ବ ଅନୁଭବ କରୁଛୁ, ସେ ଗର୍ବ ସମ୍ଭବ ହୋଇଛି ତାଙ୍କରି ପାଇଁ ।

ପ୍ରତ୍ୟେକ ଜାତିର ଭାଗ୍ୟରେ ଉତ୍‌ଥାନ ପତନ ଅଛି । ଉତ୍‌ଥାନ ସମୟରେ ସବୁ ଠିକ୍ ଚାଲିଥାଏ । କିନ୍ତୁ ଯେତେବେଳେ ସଂକଟ ବା ସନ୍ଧିକ୍ଷଣ ଆସେ, ସେତେବେଳେ ଜାତିକୁ ନେତୃତ୍ୱ ଦେବା ଓ ତାକୁ ଠିକ୍ ବାଟରେ ଚଳେଇ ନେବା ପାଇଁ ଯେଉଁମାନେ କାର୍ଯ୍ୟ କରନ୍ତି, ସେମାନେ ହେଉଛନ୍ତି 'ମୁକ୍ତିଦାତା' । ଜାତି ପାଇଁ ସେମାନଙ୍କ ଦାନ ଅବିସ୍ମରଣୀୟ ।

ଜଗନ୍ନାଥ ଦାସ ଏପରି ଏକ ସନ୍ଧିକ୍ଷଣରେ ଓଡ଼ିଶା ଆକାଶରେ ଉଦୟ ହୋଇଥିଲେ । ସେତେବେଳେ ସମଗ୍ର ଭାରତ ବର୍ଷରେ ଦିପ୍ତିମାନ ସୂର୍ଯ୍ୟଭଳି କିରଣ ଓ ଯଶୋରାଶି ବିସ୍ତାର କରୁଥିବା ଏ ବିଶାଳ ସାମ୍ରାଜ୍ୟ ଅସ୍ତପ୍ରାୟ ମନେ ହେଉଥିଲା । ପ୍ରତାପରୁଦ୍ର ସେ ସାମ୍ରାଜ୍ୟର ଶେଷ ସୂର୍ଯ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ସେତେବେଳେ ଓଡ଼ିଆ ସେନା ବାରମ୍ବାର ପରାଜୟର ସ୍ୱୀକାର କରୁଥାନ୍ତି । କପିଳେନ୍ଦ୍ରଦେବଙ୍କ ସମୟରେ ଯେଉଁ ଓଡ଼ିଆ ସୈନ୍ୟମାନେ କାବେରୀ ନଦୀ ପର୍ଯ୍ୟନ୍ତ ଅଗ୍ରସର ହୋଇ ବିଜୟଶ୍ରୀ ମଣ୍ଡିତ ହୋଇଥିଲେ ସେମାନେ ପରବର୍ତ୍ତୀ କାଳରେ ପରାଜୟର ସମ୍ମୁଖୀନ ହେଲେ । ବିଜୟ ନଗରର ରାଜା କୃଷ୍ଣଦେବ ରାୟ ବହୁ ସଂଗ୍ରାମରେ ପରାଜିତ କରି ଓଡ଼ିଶାର ଦକ୍ଷିଣାଞ୍ଚଳକୁ ଅଧିକାର କରିନେଇଥିଲେ । ଅନ୍ୟଦିଗରୁ ବଙ୍ଗଳାର ମୁସଲମାନ ସେନାବାହିନୀ ଉତ୍ତର ଅଞ୍ଚଳ ଅଧିକାର କରିବା ପାଇଁ ପ୍ରବଳ ବେଗରେ ମାଡ଼ି ଆସୁଥିଲେ । ନିଜକୁ ରକ୍ଷା କରିବା ପାଇଁ ଓଡ଼ିଆ ସେନା ସେତେବେଳେ ଖୁବ୍ ଦୁର୍ବଳ ।

ଏହା ପରେ ପରେ ଓଡ଼ିଆ ଜାତିର ବିଜୟ ସୂର୍ଯ୍ୟ ଅସ୍ତ ହୋଇ ଯାଇଛି । ଘୋର ଅନ୍ଧକାରମୟ ରାତ୍ରି ମାଡ଼ି ଆସିଛି । ଏ ଅନ୍ଧକାର ଦିନକର ନୁହେଁ, ବର୍ଷକର ନୁହେଁ, ଶହ ଶହ ବର୍ଷର । ମୋଗଲମାନେ ଆସିଛନ୍ତି । ମରହଟ୍ଟାମାନେ ଆସିଛନ୍ତି । ଇଂରେଜମାନେ ମଧ୍ୟ ଆସିଛନ୍ତି । ୧୫୬୮ରୁ ୧୯୪୬ ମସିହା ପର୍ଯ୍ୟନ୍ତ ପ୍ରାୟ ଚାରିଶହ ବର୍ଷର ପରାଧୀନତା । ଏହାଦି କ୍ରମେ ଏତେ ବର୍ଷର ପରାଧୀନତା ଭାରତବର୍ଷର ଅନ୍ୟ କୌଣସି ଜାତି ପକ୍ଷରେ ଘଟି ନାହିଁ ।

ଏହି ଅନ୍ଧକାରମୟ ସମୟ ଭିତରେ ଓଡ଼ିଆ ଜାତିର ଆତ୍ମା, ଓଡ଼ିଆ ଭାଷା ଓ ସଂସ୍କୃତି ଯେ ବଞ୍ଚି ରହି ପାରିଥିଲା, ତାହା କେବଳ ଓଡ଼ିଆ ଭାଗବତକାର ଜଗନ୍ନାଥ ଦାସଙ୍କ ପାଇଁ । ଜଗନ୍ନାଥ ଦାସଙ୍କ ଭାଗବତକୁ, ବୈଶ୍ୟ ଭାଗବତ ବା ଶୁଦ୍ର ଭାଗବତ ବୋଲି କୁହା ଯାଉଥିଲା । ନିଜ ମା'ଙ୍କ ନିକଟରେ ପ୍ରତିଶ୍ରୁତିବଦ୍ଧ ହୋଇ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ଭାଗବତ ରଚନା କରିଥିଲେ । ଏହା ଏକ କିମ୍ବଦନ୍ତୀ । କିନ୍ତୁ ପ୍ରକୃତରେ ଏ ଭାଗବତ ସମଗ୍ର ଓଡ଼ିଆ ଜାତି ପାଇଁ ଲେଖାଯାଇଥିଲା ।

ଜଗନ୍ନାଥ ଦାସ ନିଜେ ସନ୍ଥ ଥିଲେ । ଜଗନ୍ନାଥଙ୍କ ଭକ୍ତ ଥିଲେ । କେହି କେହି ତାଙ୍କୁ ଅବତାର ପୁରୁଷ ଭାବରେ ଗ୍ରହଣ କରୁଥିଲେ । ତାଙ୍କର ଅନ୍ତରାତ୍ମାର ଅନୁଭୂତିକୁ ସେ ସରଳ ସାବଲୀଳ ଭାଷାରେ ଲେଖି ଯାଇଥିଲେ । ତେଣୁ ତାଙ୍କର ଭାଗବତ ଅଶେଷ ପ୍ରାଣବନ୍ତ ହୋଇ ଉଠିଲା । ପୁରପଲ୍ଲୀରେ ଘରେ ଘରେ ସେ ଭାଗବତ ପାଠ କରାଗଲା । ଓଡ଼ିଶାର ଚାରିଆଡ଼େ ଯେତେବେଳେ ଘୋର ଅନ୍ଧକାରମୟ, ସେତେବେଳେ ଗାଁ ଗହଳର ଭାଗବତ ଟୁଙ୍ଗିରେ ମିଞ୍ଜି ମିଞ୍ଜି ହୋଇ ଜଳୁଥିବା କ୍ଷୀଣ ଦୀପ ଆଲୁଅରେ ଭାଗବତ ପଢ଼ା ହେଉଥିଲା । ସେହି ଭାଗବତ ଜରିଆରେ ହିଁ ଓଡ଼ିଆ ଜାତିର ଭାଷା ତଥା ପ୍ରାଣ ବଞ୍ଚିଗଲା ।

ଗଜପତି କପିଳେନ୍ଦ୍ର ଦେବଙ୍କ ବିପୁଳ ବିଜୟକୁ ସାରଳା ଦାସ ତାଙ୍କର ମହାଭାରତରେ ରୂପାୟିତ କରି ଯାଇଛନ୍ତି । ଯେପରି କପିଳେନ୍ଦ୍ରଦେବଙ୍କ ସୈନ୍ୟମାନେ ବାଡ଼ବନ୍ଧ ଡିଙ୍ଗି

ନ ମାନି କାବେରୀ ନଦୀ ପର୍ଯ୍ୟନ୍ତ ଆଗେଇ ଯାଇଥିଲେ, ସେହିପରି ପ୍ରବଳ ବନ୍ୟାପ୍ରସ୍ତ ଏକ ସ୍ରୋତସ୍ୱିନୀ ପରି ସାରଳାଦାସଙ୍କ ଭାବଧାରା କିଛି ଛନ୍ଦ ବନ୍ଧ ନମାନି ପ୍ରବାହିତ ହୋଇଥିଲା । ଗଙ୍ଗବଂଶ ରାଜତ୍ୱ ସମୟରେ ଓଡ଼ିଆ ସୈନ୍ୟମାନେ ଗଙ୍ଗାକୂଳ ପର୍ଯ୍ୟନ୍ତ ବିଜୟ କରିଥିଲେ ଏବଂ ତାଙ୍କର ଘୋଟକମାନେ ଗଙ୍ଗା ଜଳରେ ସେମାନଙ୍କର ତୃଷ୍ଣା ମେଣ୍ଟାଇଥିଲେ । ସେତେବେଳର ବଧବା ଶତ୍ରୁ ଲଳନାମାନଙ୍କର ଆଖିର କଜ୍ଜ୍ୱଳ ଧୋଇ ହୋଇ ଗଙ୍ଗା ଜଳକୁ କଳା କରି ପକାଇଥିଲା । ଗଙ୍ଗବଂଶାନୁଚରିତମ୍‌ରେ ଲେଖାଅଛି–

ରାଢ଼ା ବରେନ୍ଦ୍ର ଯବନୀ ନୟନାନ୍ତନାଶ୍ରୁ-
ପୂରେଣ ଦୂର ବିନିବେଶିତ କାଳିମଶ୍ରୀଃ ।
ତଦ୍ ବିପ୍ରଲମ୍ଭକରୁଣାଧୃତ ନିସ୍ତରଙ୍ଗା
ଗଙ୍ଗାପିନୂନମମୁନା ଯମୁନାଧୁନାଭୂତ୍ ॥

ଏଥିଯୋଗୁଁ ଓଡ଼ିଆ ଜାତିର ଅଭିଯାନର ମୁହୂର୍ତ୍ତ, ଓଡ଼ିଶାର ଗୌରବର ଦିନ । କିନ୍ତୁ ପ୍ରତାପରୁଦ୍ରଙ୍କ ସମୟରେ ସଙ୍କଟ ଆରମ୍ଭ ହେଲା ଓ ପରାଜୟର ପର୍ବ ଆରମ୍ଭ ହୋଇଗଲା । ସେ ସଙ୍କଟର ଆହ୍ୱାନ ବା ଚ୍ୟାଲେଞ୍ଜକୁ ଜଗନ୍ନାଥ ଦାସ ଗ୍ରହଣ କଲେ । ସେତେବେଳେ ତିନିଜଣ ବିଶିଷ୍ଟ ସନ୍ଥ କବି ଭାରତବର୍ଷର ଆକାଶକୁ ଚିରଦିନ ପାଇଁ ପ୍ରଜ୍ୱଳିତ କରି ଯାଇଥିଲେ । ସେ ସମସ୍ତେ ପ୍ରାୟ ସମସାମୟିକ । ସେମାନେ ହେଉଛନ୍ତି ସନ୍ଥ ତୁଳସୀ ଦାସ, ଜଗନ୍ନାଥ ଦାସ ଓ ଆସାମର ଶଙ୍କର ଦେବ । ସନ୍ଥ ତୁଳସୀ ଦାସ କେବେଠାରୁ ଦେହତ୍ୟାଗ କଲେଣି କିନ୍ତୁ ରାମ ଚରିତ ମାନସ ଯେତେ ଦିନ ପର୍ଯ୍ୟନ୍ତ ରହିଥିବ, ତୁଳସୀ ଦାସ ସେତେଦିନ ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିଥିବେ । 'କୃଷ୍ଣଗାଥା' ଯେତେଦିନ ପର୍ଯ୍ୟନ୍ତ ଥିବ, ସେତେଦିନ ଯାଏ ଶଙ୍କର ଦେବ ରହିଥିବେ । ସେହିପରି ଭାଗବତ ଯେତେଦିନ ଯାଏ ଥିବ, ସେତେଦିନ ଯାଏଁ ଜଗନ୍ନାଥ ଦାସ ରହିଥିବେ ।

ମୋଗଲ ସାମ୍ରାଜ୍ୟର ଅଭ୍ୟୁଦୟ ସମୟରେ ହିନ୍ଦୁଜାତି ଘୋର ସଙ୍କଟର ସମ୍ମୁଖୀନ ହେଲା । ଅଭ୍ୟୁଦୟର ପରିଣାମ ସ୍ୱରୂପ ଉତ୍ତର ଭାରତରେ ହିନ୍ଦୁ ମନ୍ଦିରସବୁ ଧ୍ୱଂସ କରି ଦିଆଗଲା । ସେତେବେଳେ ତୁଳସୀ ଦାସଙ୍କ ରାମାୟଣ, "ରାମ ଚରିତ ମାନସ" ହିନ୍ଦୁମାନଙ୍କର ଏକମାତ୍ର ଆଶ୍ରୟ ହୋଇଥିଲା । ଅନେକେ ଶଙ୍କର ଦେବଙ୍କୁ ଜାଣି ନ ଥିବେ, ସେ ଦୁଇଥର ପୁରୀ ଆସିଥିଲେ ଓ ପୁରୀରେ ଅବସ୍ଥାନ କରିଥିଲେ । ସେ ଜଗନ୍ନାଥଙ୍କୁ ନିଜର ଆରାଧ୍ୟ ଦେବତା ରୂପେ ଗ୍ରହଣ କରି ତାଙ୍କର କୀର୍ତ୍ତନ କରୁଥିଲେ ଏବଂ ସେ ଜଗନ୍ନାଥଙ୍କୁ ବୈଷ୍ଣବ ଧର୍ମର ସର୍ବଶ୍ରେଷ୍ଠ ଦେବତା ବୋଲି ଭାବୁଥିଲେ । ଶଙ୍କର ପନ୍ଥୀ ଭକ୍ତମାନେ ସମସ୍ତେ ଜଗନ୍ନାଥଙ୍କୁ ତାଙ୍କର ଅଧିଷ୍ଠିତ ଦେବତା ବୋଲି ଗ୍ରହଣ କରିଥିଲେ । ଆସାମୀୟା ଭାଷା ଆଜି କେବଳ ଶଙ୍କର ଦେବଙ୍କ ଯୋଗୁଁ ଏ ପର୍ଯ୍ୟନ୍ତ ବଞ୍ଚି ରହିଛି ।

ଭାରତବର୍ଷ ଦେବ ଭୂମି । ଏଠାରେ ଯେତେବେଳେ ସଙ୍କଟ ଆସିଛି, ସେତେବେଳେ ସ୍ୱୟଂ ଭଗବାନ ବିଭିନ୍ନ ରୂପରେ ଅବତରଣ କରିଛନ୍ତି । ବହୁ ସ୍ଥାନରେ ସେ ମହାନ୍ ସନ୍ଥ ଭାବରେ ଅବତଣ କରି ଜାତିକୁ, ଭାଷାକୁ ଓ ଦେଶକୁ ଅନୁପ୍ରାଣିତ କରିଛନ୍ତି । ଏଇ ଦୃଷ୍ଟିକୋଣ ନେଇ ଜଗନ୍ନାଥ ଦାସଙ୍କୁ ବୁଝିବା ଉଚିତ । ଇଂରେଜୀ ଭାଷାରେ ଦଖଲ ଆଣିବାକୁ ହେଲେ କେବଳ ନୂଆ କରି ନପଢ଼ି ଯେପରି ବାଇବେଲ୍ ଓ ସେକ୍ସପିୟରଙ୍କ ରଚନାବଳୀକୁ ପଢ଼ିବା ଦରକାର, ସେହିପରି ଓଡ଼ିଆ ଭାଗବତ ନ ପଢ଼ିଲେ ଓଡ଼ିଆ ଭାଷାରେ କେହି ପୂର୍ଣ୍ଣ ଦକ୍ଷତା ... କରି ପାରିବେ ନାହିଁ ।

ଭାଗବତର ଭାଷା ଅତି ସରଳ ଓ ସାବଲୀଳ । ... ବିନ୍ୟାସ ଚମତ୍କାର । ପ୍ରତ୍ୟେକ ଓଡ଼ିଆ ନିଜର ଭାଷାରେ ... ବିଦ୍‌ବତା ବା ଦଖଲ ଆଣିବାକୁ ଇଚ୍ଛା କଲେ ତାର ଭାଗବତ ପଢ଼ିବା ଏକାନ୍ତ ଆବଶ୍ୟକ । ଅନ୍ତରର ଆହ୍ୱାନକୁ ଗ୍ରହଣ କରି ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ଭାଗବତ ରଚନା କରି ଗଲେ । ... ଗାଁ ଗାଁ ରେ, ଟୁଙ୍ଗି ଟୁଙ୍ଗି ରେ ଯାହାଙ୍କର ଭାଗବତ ପଢ଼ାପାଠ ... ଆଜି ତାହା ହେଉନାହିଁ । ଭାଗବତ ଟୁଙ୍ଗିରେ ତାଲା ... ଗଲଣି, ଟୁଙ୍ଗି ର ଛପର ଉଡ଼ିଗଲଣି । ଯେଉଁ ଭାଗବତ ... ଓ ଭାଗବତ ପଠନ ଯୋଗୁଁ ଏକ ଦୁର୍ଦ୍ଦିନ ସମୟରେ ଓଡ଼ିଆ ... ଓ ଓଡ଼ିଆ ଜାତି ତିଷ୍ଠି ରହି ପାରିଥିଲା, ଗାଁ ଗହଳରୁ ସେ ... ଏବେ ଲୁପ୍ତ ଗଲଣି । କେବଳ ଜଗନ୍ନାଥଙ୍କ ପୀଠକୁ ଆସି ... ପାଦତଳେ ମୁଣ୍ଡିଆ ମାରି ଫୁଲମାଳ ଚଢ଼ାଇ ଦେଲେ ... ଜାତି ବଞ୍ଚି ପାରିବ ନାହିଁ, ଭାଗବତ ଟୁଙ୍ଗିର ପୁନରୁଦ୍ଧାର ... ଭାଗବତ ପଠନକୁ ଜନପ୍ରିୟ କରା ନ ଗଲେ ଓଡ଼ିଆ ଜାତି ବଞ୍ଚି ... ପାରିବ ନାହିଁ । ଏହି କାର୍ଯ୍ୟକ୍ରମ ପ୍ରାଚୀନତାର ଉପାସନା ... ନୁହେଁ । ଯେଉଁ ଦେଶ ବା ଜାତି କୃଷି, ଶିଳ୍ପ, ପର୍ଯ୍ୟଟନ ... ନାନାବିଧି କ୍ଷେତ୍ରରେ ଜାଗରଣର ସ୍ୱପ୍ନ ଦେଖୁଥାଏ, ... ଦେଶ ବା ଜାତି ପକ୍ଷରେ ଧାର୍ମିକ, ସାଂସ୍କୃତିକ ତଥା ଆଧ୍ୟାତ୍ମିକ ... ଶୂନ୍ୟତା ଗ୍ରହଣୀୟ ନୁହେଁ । ପୃଥିବୀର ବହୁ ବିତ୍ତ ଓ ବିଭବଶାଳୀ ... ରାଷ୍ଟ୍ର ଆଧ୍ୟାତ୍ମିକ, ସାଂସ୍କୃତିକ ବିକାଶ ହୀନତା ଯୋଗୁଁ ଅଳ୍ପ ... କାଳ ମଧ୍ୟରେ ପତନର ସମ୍ମୁଖୀନ ହୋଇଛନ୍ତି । ଆମେ ... ରାଜ୍ୟରେ ତାହାର ପୁନରାବୃତ୍ତି କରାଇ ଦେବା ନାହିଁ ।

ଆମର ପୂର୍ବପୁରୁଷଙ୍କର ଶ୍ରାଦ୍ଧ ତର୍ପଣାଦି କରି ଆମେ ... ଆମ ପୂର୍ବପୁରୁଷଙ୍କର ସ୍ମୃତି ତର୍ପଣ କରୁଥାଉଁ । ସେହିପରି ... ଆମ ଜାତିର ଏହି ଶ୍ରେଷ୍ଠ ପୁରୁଷଙ୍କର ତର୍ପଣ କରିବାକୁ ଆମେ ... ଗାଁ ଗହଳରେ ପୁଣି ଥରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ... କରିବାକୁ ହେବ ।

ଜଗନ୍ନାଥ ଦାସ ଜଣେ ବିଦ୍ୱାନ ସଂସ୍କୃତ ପଣ୍ଡିତ ଥିଲେ ... ତାଙ୍କର ସବୁ ସଂସ୍କୃତ ଲେଖା ଏ ପର୍ଯ୍ୟନ୍ତ ପ୍ରକାଶ ହୋଇନାହିଁ ... ସେ ସବୁ ଲେଖା ପାଠକଲେ ଆମକୁ ବିସ୍ମିତ ହେବାକୁ ପଡ଼େ ... ସଂସ୍କୃତ ଭାଷାରେ ତାଙ୍କର କି ଅସାଧାରଣ ପାଣ୍ଡିତ୍ୟ ଥିଲା ... ସଂସ୍କୃତ ଭାଷାରେ ନ ଲେଖି ଜାହିଁକି ସେ ଓଡ଼ିଆ ଭାଷାରେ ... ଲେଖିଥିଲେ, ସେଥିପାଇଁ ତାଙ୍କର ଭାଗବତକୁ ତେଲି ଭାଗବତ ... ବୋଲି କୁହାଗଲା । ଗୋଡ଼ାନୀ ପଣ୍ଡିତମାନେ ତାଙ୍କୁ ପଣ୍ଡିତ ... ବସାଇଲେ ନାହିଁ । ଗାଁ ରେ ତାଙ୍କୁ ଏକଘରକିଆ କରାଗଲା ... ତେଣୁ ଜୀବନର ଅବଶିଷ୍ଟ ସମୟ ସେ ପୁରୀରେ ଆସି କଟାଇଥିଲେ ...

ଆଜି ପ୍ରତିପଲ୍ଲୀର ପ୍ରତି ଭାଗବତ ଟୁଙ୍ଗି ରେ ଭାଗବତ ପାଠ ... କରାଯିବା ଉଚିତ । ବିଶେଷ ଆଶା ଓ ଆଶ୍ୱସ୍ତିର କଥା ... ସେ ଏପରି ଏକ ମହତ୍ କର୍ମ ପାଇଁ ଓଡ଼ିଶାର ପ୍ରତ୍ୟେକ ... ଏବେ ସୁଦ୍ଧା ଭାଦ୍ରବ ପୂର୍ଣ୍ଣମୀ "ଭାଗବତ ଜନ୍ମ ଦିବସ" ରୂପେ ... ପାଳିତ ହୋଇ ଆସୁଛି । ଏହା ଏକ ଜାତୀୟ ସାଂସ୍କୃତିକ ଦିବସ ... ରୂପେ ପାଳିତ ହେବା ଉଚିତ । ଏହା ଫଳରେ ଜଗନ୍ନାଥ ... ଦାସଙ୍କର ପ୍ରକୃତ ସ୍ମୃତି ତର୍ପଣ ହେବା ସଙ୍ଗେ ସଙ୍ଗେ ଆମ ... ଆମ ଭାଷା ତଥା ସାହିତ୍ୟ ଓ ସଂସ୍କୃତିର ବିକାଶ ହୋଇ ପାରିବ ... ଭାଗବତର ପ୍ରଚାର, ପ୍ରସାର ଓ ଗବେଷଣା ଆମର ... କର୍ତ୍ତବ୍ୟ ।

(ପୁରୀଠାରେ ପ୍ରଦତ୍ତ ଏକ ଭାଷଣରୁ ଗୃହୀତ)



# କେନ୍ଦ୍ର ବଜେଟ୍

ଶ୍ରୀ ବିଶ୍ୱନାଥ ପ୍ରତାପ ସିଂ

ରାଷ୍ଟ୍ରାୟତ୍ତ ସଂସ୍ଥାଗୁଡ଼ିକର ଦୃଢ଼ୀକରଣ, ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକୁ ଅଧିକ ସକ୍ରିୟ କରିବା ସଙ୍ଗେ ସଙ୍ଗେ ଆତ୍ମନିର୍ଭରଶୀଳତା ବୃଦ୍ଧି ଏବଂ ସାଧାରଣ ଲୋକଙ୍କୁ ଅଧିକ ସୁବିଧା ଦେବା ପାଇଁ କେନ୍ଦ୍ର ବଜେଟରେ ଗୁରୁତ୍ୱ ଆରୋପ କରାଯାଇଛି ।

ଦାରିଦ୍ର୍ୟ ଦୂରୀକରଣ, କୃଷି ଏବଂ ତତ୍‌ସଂଲଗ୍ନ କ୍ଷେତ୍ରରେ ଉନ୍ନତି, ମାନବିକ ଶକ୍ତିର ବିକାଶ ସଙ୍ଗେ ସଙ୍ଗେ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ବିଭାଗ ଯଥା କୋଇଲା, ଶକ୍ତି, ରେଳବାଇ, ପେଟ୍ରୋଲିୟମ୍ ଏବଂ ପରିବହନ ଉପରେ ଏହି ବଜେଟରେ ଅଗ୍ରାଧିକାର ଦିଆଯାଇଛି ।

ଆଭ୍ୟନ୍ତରୀଣ କ୍ଷେତ୍ରରେ ମୂଳଧନୀ ସାମଗ୍ରୀ ଉତ୍ପାଦନ କରୁଥିବା ଶିଳ୍ପ ପ୍ରସାର ପାଇଁ ସରକାର ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବେ । କ୍ଷୁଦ୍ର ଶିଳ୍ପର ବିକାଶ ପାଇଁ ଆପେକ୍ସ ସ୍ତରରେ ସମନ୍ୱିତ ଆର୍ଥିକ ସାହାଯ୍ୟ ଦେବା ନିମନ୍ତେ ଭାରତୀୟ ଶିଳ୍ପ ଉନ୍ନୟନ ପାଣ୍ଠି ଗଠନ କରାଯିବ । ୨୦ ଦଫା କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ କରିବା ପାଇଁ କେନ୍ଦ୍ରୀୟ ଯୋଜନାରେ ବ୍ୟୟ ଅଟକଳ ୫୯୮ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ଚଳିତ ଆର୍ଥିକ ବର୍ଷର ବ୍ୟୟ ବରାଦ ଅପେକ୍ଷା ୧,୦୦୦ କୋଟି ଟଙ୍କା ଅଧିକ ।

ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରାୟତ୍ତ କ୍ଷେତ୍ର ଏବଂ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ୧୯୮୬-୮୭ ଆର୍ଥିକ

ବର୍ଷ ବଜେଟରେ କେନ୍ଦ୍ରୀୟ ଯୋଜନାରେ ୨୨,୩୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଉଛି । ଏହା ୧୯୮୫-୮୬ ମସିହାର ବ୍ୟୟ ବରାଦ ଅପେକ୍ଷା ଶତକଡ଼ା ୨୦.୫ ଭାଗ ଅଧିକ ।

ରାଜ୍ୟଗୁଡ଼ିକର ମୋଟ ଯୋଜନା ଅଟକଳ ୧୫,୮୮୦ କୋଟି ଟଙ୍କା ସ୍ଥିର କରାଯାଉଛି, ଯାହାକି ଚଳିତ ଆର୍ଥିକ ବର୍ଷର ଅଟକଳ ଅପେକ୍ଷା ଶତକଡ଼ା ୨୧ ଭାଗ ଅଧିକ । ୧୯୮୬-୮୭ ବଜେଟ ଅଟକଳ ଅନୁଯାୟୀ ବିଭିନ୍ନ ବ୍ୟୟ ବାବଦରେ ରାଜ୍ୟମାନଙ୍କୁ ୨୦,୬୦୮ କୋଟି ଟଙ୍କା ଦିଆଯିବ ଏବଂ ଏହା ୧୯୮୫-୮୬ ବଜେଟ ହିସାବ ତୁଳନାରେ ଶତକଡ଼ା ୧୫.୪ ଭାଗ ଅଧିକ । ପ୍ରଚଳିତ ଟିକସ ହାରରେ ଆଗାମୀ ଆର୍ଥିକ ବର୍ଷରେ ମୋଟ ୪୮,୭୬୭ କୋଟି ଟଙ୍କା ଆୟ ଓ ୫୨,୮୬୨ କୋଟି ଟଙ୍କା ବ୍ୟୟ ହୋଇ ୪,୦୯୫ କୋଟି ଟଙ୍କା ନିଅଣ ହେବ ବୋଲି ବଜେଟରେ ଅଟକଳ କରାଯାଉଛି । କିନ୍ତୁ ନୂଆ ଟିକସ ଦ୍ୱାରା ୪୪୫ କୋଟି ଟଙ୍କାର ଅତିରିକ୍ତ ସମ୍ବଳ ସଂଗୃହୀତ ହେବା ପରେ ମୋଟାମୋଟି ନିଅଣ ପରିମାଣ ୩,୬୫୦ କୋଟି ଟଙ୍କାକୁ କମି ଆସିବ । ବଜେଟରେ ଖାଦ୍ୟ ବାବଦର ସବ୍‌ସିଡ଼ି ପାଇଁ ୧,୭୫୦ କୋଟି ଟଙ୍କା, ସାର ସବ୍‌ସିଡ଼ି ପାଇଁ ୧,୯୫୦ କୋଟି ଟଙ୍କା ଓ ସୁଧ ପରିଶୋଧ ପାଇଁ ୮,୭୫୦ କୋଟି ଟଙ୍କା ବରାଦ କରାଯାଉଛି । ମାତ୍ର ଅଣ-ଯୋଜନା ଖର୍ଚ୍ଚକୁ ଯଥାସମ୍ଭବ କମାଇ ଦିଆଯାଉଛି । ଟିକସ ଆକାରରେ ଚଳିତ ଆର୍ଥିକ ବର୍ଷରେ ଯେତେ ରାଜସ୍ୱ ମିଳିଥିଲା ଆଗାମୀ ବର୍ଷରେ ତାହାଠାରୁ ଶତକଡ଼ା ୧୭ ଭାଗ ଅଧିକ ଟିକସ ରାଜସ୍ୱ ମିଳିବ ବୋଲି ହିସାବ କରାଯାଉଛି । ସେହିଭଳି ଖୋଲାବଜାରରୁ ଋଣ ସଂଗ୍ରହ ବ୍ୟବସ୍ଥାରେ ଚଳିତ ବର୍ଷ ତୁଳନାରେ ଆଗାମୀ ବର୍ଷ ଶତକଡ଼ା ୪ ଭାଗ ଅଧିକ ମୂଳଧନୀ ଆୟ ହେବ ଏବଂ ସ୍ୱଳ୍ପ ସଞ୍ଚୟ ଯୋଜନାରେ ଚଳିତ ବର୍ଷର ବଜେଟ ହିସାବଠାରୁ ଆଗାମୀ ବର୍ଷ ଅଧିକ ଶତକଡ଼ା ୩୬ ଭାଗ ଅର୍ଥ ମିଳିବ ବୋଲି ଆଶା କରାଯାଉଛି ।

## ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ଲାଗି ବାସଗୃହ ଯୋଜନା

ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନା, ଜାତୀୟ ଗ୍ରାମ ନିଯୁକ୍ତି କାର୍ଯ୍ୟକ୍ରମ ଓ ଗ୍ରାମ୍ୟ ଭୂମିହୀନ ନିଯୁକ୍ତି ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଭଳି ବଡ ଧରଣର ଦାରିଦ୍ର୍ୟଲୋପ କାର୍ଯ୍ୟକ୍ରମ ପାଇଁ ଅର୍ଥବରାଦ ଶତକଡ଼ା ୬୫ ଭାଗ ବୃଦ୍ଧି କରାଯାଉଛି । ଏଣିକି ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ଲାଗି ଉଦ୍ଦିଷ୍ଟ ବାସଗୃହ ଯୋଗାଣ ଯୋଜନାକୁ "ଇନ୍ଦିରା ଆବାସ ଯୋଜନା" ନାମରେ ନାମିତ କରାଯିବ । ଗତବର୍ଷଠାରୁ କାର୍ଯ୍ୟକାରୀ ହେଉଥିବା ଏହି ଯୋଜନା ଅଧିକ ବ୍ୟାପକ ହେବ ।

## କ୍ଷୁଦ୍ର ଶିଳ୍ପ ଯୋଜନା ଲାଗି ଆର୍ଥିକ ସାହାଯ୍ୟ

କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକ ଲାଗି ଉଦ୍ଦିଷ୍ଟ ଆର୍ଥିକ ସାହାଯ୍ୟ ମଧ୍ୟରେ ଆପେକ୍ସସ୍ତରରେ ସମନ୍ୱୟ ରକ୍ଷା କରି ଆଇ.ଡି.ବି.ଆଇ. ଅଧୀନରେ "କ୍ଷୁଦ୍ର ଶିଳ୍ପ ଉନ୍ନୟନ ପାଣ୍ଠି" ନାମରେ ଏକ ସ୍ୱତନ୍ତ୍ର ପାଣ୍ଠି ସୃଷ୍ଟି କରାଯାଉଛି । ଏହାଛଡ଼ା କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକୁ ଅବଧାରୀ ଟିକସରୁ ମୁକ୍ତି ଦେବା ଲାଗି ଏକ ନୂଆ ଯୋଜନା କରାଯାଇଛି ଏବଂ ଏହାଫଳରେ ସେଗୁଡ଼ିକର ଅଭିବୃଦ୍ଧି ଲାଗି ଯଥେଷ୍ଟ ସୁଯୋଗ ମିଳିପାରିବ ।

## ସହରାଞ୍ଚଳ ଦରିଦ୍ର ଲୋକଙ୍କ ପାଇଁ ସାମାଜିକ ନିରାପତ୍ତା ଯୋଜନା

ସହରାଞ୍ଚଳ ଦାରିଦ୍ର୍ୟ-ସମସ୍ୟାର ମୁକାବିଲା ... ସାମାଜିକ ବ୍ୟାଙ୍କ ବ୍ୟବସ୍ଥା ଓ ବୀମା ଭିତ୍ତିର ପଦପ୍ରସ୍ତ ... କରିବାକୁ ସ୍ଥିର ହୋଇଛି । ଏ ଦୃଷ୍ଟିରୁ ସବ୍‌ସିଡ଼ି ସହ ... ହାରରେ ଋଣ ଯୋଗାଇ ଦେବାକୁ ଏକ ଯୋଜନା କରାଯିବ ... ତା' ହେଲେ ଏ ଯୋଜନା ଦ୍ୱାରା ଉପକୃତ ହେଉଥିବା ଲୋକ... ମାନଙ୍କର ପରିଶୋଧ ଭାର ଲଘବ ହୋଇପାରିବ । ... ଯୋଜନାରେ ଉପକରଣ କିଣିବା ଲାଗି ଅର୍ଥ ଯୋଗାଇ ଦିଆଯିବ ଏବଂ ରିକ୍ସାବାଲା, ମୋଟି, ଧୋବା, ବାରିକ, ହକର ... ଶଗଡ଼ିଆଙ୍କ ଭଳି ଆତ୍ମନିଯୁକ୍ତ ଶ୍ରେଣୀର ଲୋକଙ୍କୁ ସେମାନଙ୍କର କାର୍ଯ୍ୟକାରୀ ମୂଳଧନ ଲାଗି ଋଣ ଦିଆଯିବ ।

## କଲ୍ୟାଣକର ବୀମା

ମ୍ୟୁନିସିପାଲିଟି ଝାଡୁଦାର, ରେଳବାଇ କୁଲିଙ୍କ ଭଳି ... ଲାଗି ନୂଆକରି ଏକ ଦୁର୍ଘଟଣା ବୀମା ଯୋଜନା ପ୍ରବର୍ତ୍ତନ କରାଯିବ ଏବଂ ଏ ଯୋଜନା ଅନୁଯାୟୀ ଶ୍ରମିକ ଇଉନିୟନ ମାଧ୍ୟମରେ ସେମାନେ ଗୋଷ୍ଠୀ-ବୀମାର ସୁଯୋଗ ପାଇବେ । କୌଣସି ଇଉନିୟନର ଶତକଡ଼ା ୭୫ ଭାଗ ସଭ୍ୟ ଏ ଯୋଜନାରେ ଯୋଗ ଦେଲେ ପ୍ରତ୍ୟେକ ସଭ୍ୟ ୫ ହଜାର ଟଙ୍କାଯାଏ ଜୀବନ ବୀମା କରିପାରିବେ ଏବଂ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହେଲେ ଦୁଇଗୁଣ ଆର୍ଥିକ ସୁବିଧା ପାଇବେ । ବର୍ତ୍ତମାନ ୧୦୦ଟି ଜିଲ୍ଲାରେ ଗରିବ ଲୋକଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବ୍ୟକ୍ତିଗତ ଦୁର୍ଘଟଣା ବୀମା ସାମାଜିକ ନିରାପତ୍ତା ଯୋଜନା ୧୯୮୬-୮୭ରେ ୨୦୦ ଜିଲ୍ଲାରେ କାର୍ଯ୍ୟକାରୀ କରାଯିବ । ଏ ବାବଦରେ ସମସ୍ତ ବ୍ୟୟ କେନ୍ଦ୍ର ସରକାର ବହନ କରିବେ ।

## ଭବିଷ୍ୟନିଧି ପାଣ୍ଠିର ସୁଧହାର ବୃଦ୍ଧି

ଶ୍ରମିକ ଓ କର୍ମଚାରୀମାନଙ୍କର ସଂଚୟ ବୃଦ୍ଧି ପ୍ରତି ଲକ୍ଷ୍ୟ ରଖି ସାଧାରଣ ଭବିଷ୍ୟନିଧି ପାଣ୍ଠିରେ ସରକାରୀ କର୍ମଚାରୀଙ୍କ ଜମା ଉପରେ ସୁଧହାର ଶତକଡ଼ା ୧୦.୫ ଭାଗରୁ ୧୨ ଭାଗକୁ ବୃଦ୍ଧି କରାଯାଉଛି ।

## ଭବିଷ୍ୟନିଧି ସୁଧ ବୃଦ୍ଧି

ସଂଚୟ ପ୍ରତି ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଭବିଷ୍ୟନିଧିର ସୁଧହାର ଶତକଡ଼ା ସାଢେ ଦଶଭାଗରୁ ୧୨ ଭାଗକୁ ବୃଦ୍ଧି କରାଯାଉଛି । ଅନ୍ୟାନ୍ୟ କର୍ମଚାରୀ ଭବିଷ୍ୟନିଧି ଯୋଜନା ପରିସରଭୁକ୍ତ ... କର୍ମଚାରୀମାନେ ଯେଉଁଭଳି ଏହାଦ୍ୱାରା ଉପକୃତ ହୁଅନ୍ତି, ସେହିପରି କୋଇଲା ଖଣି ଭବିଷ୍ୟନିଧି ଆଇନ ଭଳି କେତେକ ଆଇନ ଏବଂ ସରକାରଙ୍କଠାରେ ରହୁଥିବା ସତନ୍ତ୍ର ଗଚ୍ଛିତ ଅର୍ଥ ଉପରେ ସୁଧ ହାର ମଧ୍ୟ ଶତକଡ଼ା ୧୧ ଭାଗରୁ ୧୨ ଭାଗକୁ ବୃଦ୍ଧି କରାଯାଉଛି । ସରକାରଙ୍କଠାରେ ଏଭଳି ଗଚ୍ଛିତ ପରିମାଣ ପାଇଁ ଶତକଡ଼ା ୩୦ ଭାଗର ଯେଉଁ ସୀମା ଥିଲା ତାହା ଶତକଡ଼ା ୮୫ ଭାଗକୁ ବୃଦ୍ଧି କରାଯାଉଛି । ସର୍ବସାଧାରଣ ଭବିଷ୍ୟନିଧି ସୁଧ ହାର ମଧ୍ୟ ଶତକଡ଼ା ୧୦ ଭାଗରୁ ଶତକଡ଼ା ୧୨ ଭାଗକୁ ବଢାଇ ଦିଆଯାଉଛି ।

## କ୍ଷୁଦ୍ର ବିନିଯୋଗକାରୀଙ୍କ ପାଇଁ ସୁଯୋଗ

ଶେୟର ଏକ୍ସଚେଞ୍ଜରେ ଅଂଶ କିଣିବା ପାଇଁ କ୍ଷୁଦ୍ର ବିନିଯୋଗକାରୀମାନେ ଆଗ୍ରହ ପ୍ରକାଶ କରୁଥିବା ଦୃଷ୍ଟିରୁ ଭାରତୀୟ ୟୁନିଟ୍ ଟ୍ରଷ୍ଟର ସହାୟକ ସଂସ୍ଥା ଭାବରେ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଏକ ନୂଆ ପାରସ୍ପରିକ ପାଣ୍ଠି ପ୍ରତିଷ୍ଠାର ପ୍ରସ୍ତାବ ରହିଛି । ଏହି ପାରସ୍ପରିକ ପାଣ୍ଠିରେ ବିନିଯୋଗ କଲେ ଆୟକର ଆଇନର ୫୪-ଇ ଧାରା ଅଧୀନରେ ମୂଳଧନୀ ଲାଭ ଉପରେ ରିହାତି ମିଳିବ । ଏହା ୟୁନିଟ ଟ୍ରଷ୍ଟରୁ ମିଳୁଥିବା ରିହାତି ଉପରେ ଅଧିକା ଛାଡ । ଏହି ଯୋଜନା ଦ୍ୱାରା କ୍ଷୁଦ୍ର ବିନିଯୋଗକାରୀମାନେ ଦଲାଲମାନଙ୍କ ହାତରୁ ରକ୍ଷା ପାଇ ବିଶେଷ ଉପକୃତ ହୋଇପାରିବେ ।

ସରକାରଙ୍କ ପକ୍ଷରୁ ରାଷ୍ଟ୍ରାୟତ୍ତ କ୍ଷେତ୍ର ବଣ୍ଡ୍‌ର ଏକ ନୂଆ ସିରିଜ୍ ପ୍ରଚଳନ କରାଯିବ । ଏଥିରେ ଟିକସ ଛାଡ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ସମେତ ସଂପତ୍ତି ଟିକସ ଉପରୁ ମଧ୍ୟ ରିହାତି ମିଳିବ । ଏହାଦ୍ୱାରା ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ପ୍ରକଳ୍ପ ପାଇଁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନେ ମଧ୍ୟ ସେମାନଙ୍କ ଅର୍ଥ ବିନିଯୋଗ କରିପାରିବେ ।

## ଶ୍ରମିକମାନଙ୍କ ପାଇଁ ବାସଗୃହ

ଶ୍ରମିକମାନଙ୍କ ପାଇଁ ଗୃହନିର୍ମାଣ ଯୋଜନାକୁ ପ୍ରୋତ୍ସାହିତ କରାଯିବ । ଏଥିପାଇଁ ସରକାରଙ୍କ ପକ୍ଷରୁ ଶ୍ରମିକମାନଙ୍କୁ ଦିଆଯାଉଥିବା ସହାୟତାର ସଂପ୍ରସାରଣ କରାଯିବା ସଙ୍ଗେ ସଙ୍ଗେ ଶିଳ୍ପ ସଂସ୍ଥାଗୁଡ଼ିକ ଯେଉଁକି ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବେ ସେଥି ନିମନ୍ତେ ପ୍ରୋତ୍ସାହିତ କରାଯିବ । ନିର୍ମାଣ କାର୍ଯ୍ୟରେ ଦେଖାଦେଉଥିବା ଆର୍ଥିକ ତଥା ଅନ୍ୟାନ୍ୟ ବାଧାବିଘ୍ନ ଦୂର କରିବା ପାଇଁ ପଦକ୍ଷେପ ନିଆଯିବ । ଏଥିପାଇଁ ସରକାରଙ୍କ [illegible] ପରାମର୍ଶ ଆହ୍ୱାନ କରାଯାଇଛି ।

## ଚକ୍ରବର୍ତ୍ତୀ କମିଟି ସୁପାରିଶ

ସରକାରଙ୍କୁ ଦିଆଯାଉଥିବା ସମୁଦାୟ ରିଜର୍ଭ ବ୍ୟାଙ୍କ ଋଣରେ ଘଟୁଥିବା ପରିବର୍ତ୍ତନ ଯେଉଁକି ବଜେଟ ନିଅଣ୍ଟରେ ଅନ୍ତର୍ଭୁକ୍ତ ହୁଏ ସେ ସଂକ୍ରାନ୍ତରେ ଗଠିତ କମିଟିର ସୁପାରିଶ ସରକାରଙ୍କ ଦ୍ୱାରା ନୀତିଗତଭାବରେ ଗୃହୀତ ହୋଇଛି । ଏହି କମିଟି ଅର୍ଥ ବ୍ୟବସ୍ଥାର ସମୀକ୍ଷା କରି ସୁପାରିଶ କରିଛନ୍ତି ଯେ, ବଜେଟ ପ୍ରସ୍ତାବରେ ସୂଚିତ ହୋଇ ଆସୁଥିବା ବଜେଟ ନିଅଣ୍ଟ ସରକାରଙ୍କ ଆର୍ଥିକ ପରିଚାଳନା ଉପରେ କେତେ ପରିମାଣର ମୁଦ୍ରା ସଂକ୍ରାନ୍ତ ପ୍ରଭାବ ପକାଉଛି ସେ ସଂପର୍କରେ ମୂଲ୍ୟାୟନ କରାଯାଇନାହିଁ । ଆର୍ଥିକ ଓ ମୁଦ୍ରାନୀତି ସଂକ୍ରାନ୍ତ ନୀତିରେ ସାମଞ୍ଜସ୍ୟ ରକ୍ଷା ପୂର୍ବକ ମୁଦ୍ରା ସଂକ୍ରାନ୍ତ ସାମୂହିକ ଲକ୍ଷ୍ୟ ଧାର୍ଯ୍ୟ କରି ତା'ର ବୈଜ୍ଞାନିକ ପରିଚାଳନା ସଂପର୍କରେ କମିଟି ପକ୍ଷରୁ ଯେଉଁ ସୁପାରିଶ କରାଯାଇଛି ତାହା ମଧ୍ୟ ସରକାରଙ୍କ ଦ୍ୱାରା ଗୃହୀତ ହୋଇଛି । ୧୯୮୬-୮୭ ରେ ପରୀକ୍ଷାମୂଳକ ଭାବରେ ଏ ଦିଗରେ ସରକାର ଏକ କାର୍ଯ୍ୟକ୍ରମ ହାତକୁ ନେବେ ।

## [illegible]

ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ ପାଇଁ ୩୧୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

## କୃଷି

କୃଷି ଓ ଆନୁସଙ୍ଗିକ କ୍ଷେତ୍ର ପାଇଁ କେନ୍ଦ୍ରୀୟ ଅଟକଳ ୨,୮୩୮ କୋଟି ଟଙ୍କା ରଖାଯାଇଛି । ଏହା ଶତକଡ଼ା ୨୯ ଭାଗ ଅଧିକ । [illegible] ଶସ୍ୟ ଯୋଜନାର ଅନ୍ତର୍ଭୁକ୍ତ ହେବ । ପ୍ରଧାନ ପ୍ରଧାନ ଶସ୍ୟ ପାଇଁ ଦୀର୍ଘ ମିଆଦୀ ଦର ନୀତି ଖୁବ୍ ଶୀଘ୍ର ଘୋଷିତ ହେବ; ଫସଲ ବୀମା ଢାଞ୍ଚାରେ ସାମଞ୍ଜସ୍ୟ ସଂଶୋଧନ କରିବା ପାଇଁ ପଦକ୍ଷେପ ନିଆଯାଉଛି ।

## ଗ୍ୟାସ୍‌ଭିତ୍ତିକ ସାର ପ୍ରକଳ୍ପ

ଅଁଳା ଓ ବିଜାପୁରସ୍ଥିତ ଗ୍ୟାସ୍‌ଭିତ୍ତିକ ସାର କାରଖାନା ପାଇଁ ଯଥାକ୍ରମେ ୨୦୫ ଓ ୧୮୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହା ଫଳରେ ଯବକ୍ଷାରଜାନ ଜାତୀୟ ସାର ଉତ୍ପାଦନ ପରିମାଣ ପୂର୍ବାପେକ୍ଷା ଶତକଡ଼ା ୨୧ ଭାଗ ବୃଦ୍ଧି ପାଇ ୬.୯ ନିୟୁତ ଟନ୍ ହେବ ।

## ମାନବିକ ସମ୍ବଳ ବିକାଶ

ମାନବିକ ସମ୍ବଳ ବିକାଶ ପାଇଁ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ମୋଟ ୧,୭୩୩ କୋଟି ଟଙ୍କା ଅଟକଳ ସ୍ଥିର ହୋଇଛି । ଚଳିତ ଆର୍ଥିକ ବର୍ଷ ଅଟକଳଠାରୁ ଏହା ଶତକଡ଼ା ୪୦ ଭାଗ ଅଧିକ । ଶିକ୍ଷା ବାବଦରେ ଆସନ୍ତା ବର୍ଷ ମୋଟ ୩୫୨ କୋଟି ଖର୍ଚ୍ଚ ହେବ । ଏହା ଚଳିତ ବର୍ଷ ଯୋଜନା ଅଟକଳଠାରୁ ଶତକଡ଼ା ୫୯ ଭାଗ ଅଧିକ । ଦେଶର ପ୍ରତି ଜିଲ୍ଲାରେ ଗୋଟିଏ ଲେଖାଏଁ ମଡେଲ ସ୍କୁଲ ପ୍ରତିଷ୍ଠା କରାଯିବ । ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶର ଦୁର୍ଗମ ଓ ଅନୁନ୍ନତ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ସମାନ ଶିକ୍ଷା ସୁବିଧା ଯୋଗାଇ ଦେବା ପାଇଁ ଗୋଟିଏ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଖୋଲାଯିବ । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପାଇଁ ଆସନ୍ତା ବର୍ଷ ବ୍ୟୟ ଅଟକଳକୁ ଶତକଡ଼ା ୧୨୦ ଭାଗ ବୃଦ୍ଧି କରାଯାଇ ୨୪୨ କୋଟି ଟଙ୍କା ରଖାଯାଇଛି । ସ୍ୱାସ୍ଥ୍ୟ ବିଭାଗ ପାଇଁ ଅଟକଳ ୨୦୦ କୋଟି ଟଙ୍କା ସ୍ଥିର କରାଯାଇଥିବା ବେଳେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ବାବଦରେ ମୋଟ ୫୩୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।

## କଳା ଓ ସଂସ୍କୃତି ବିଭାଗ

ଉକ୍ତ ବିଭାଗ ପାଇଁ ଆସନ୍ତା ବର୍ଷ ଯୋଜନା ବ୍ୟୟ ବରାଦ ଚଳିତ ବର୍ଷ ତୁଳନାରେ ଶତକଡ଼ା ୨୦୦ ଭାଗ ବୃଦ୍ଧି କରାଯାଇ ୫୯ କୋଟି ଟଙ୍କା ଧାର୍ଯ୍ୟ ହୋଇଛି । ମହାନ ଭାରତୀୟ ସଂସ୍କୃତିର ଅଙ୍ଗ ରୂପେ ବିଭିନ୍ନ ରାଜ୍ୟ ଓ ଏହାର ଅଧିବାସୀଙ୍କ ମଧ୍ୟରେ ବିଦ୍ୟମାନ ସାଂସ୍କୃତିକ ଐକ୍ୟ ଓ ସୌହାର୍ଦ୍ଦ୍ୟତାର ଯଥାର୍ଥ ବିକାଶ ପାଇଁ ଦେଶର ପ୍ରତି ଅଞ୍ଚଳରେ ଗୋଟିଏ ଲେଖାଏଁ ଆଞ୍ଚଳିକ ସଂସ୍କୃତି କେନ୍ଦ୍ର ପ୍ରତିଷ୍ଠା କରାଯିବ ।

## କେନ୍ଦ୍ରୀୟ ଟଙ୍କା କର୍ତ୍ତୃପକ୍ଷ

ଚଳିତ ବର୍ଷ ଏ ବାବଦରେ ମାତ୍ର ୧୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ୧୯୮୬-୮୭ ବର୍ଷ ପାଇଁ ଅଟକଳ ୫୨ କୋଟି ଟଙ୍କା ରଖାଯାଇଛି । ଆସନ୍ତା ବର୍ଷ

ଗଙ୍ଗା ଆକ୍ସନ୍ ପ୍ଲାନ ଅଧୀନରେ ସ୍ୱିଓ୍ୱେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମମାନ ପରିଚାଳନା କରିବା ନିମନ୍ତେ ଏହି ଅଧିକ ଅର୍ଥ ଖର୍ଚ୍ଚ ହେବ ।

ଜାତୀୟ ପତିତ ଜମି ବିକାଶ ବୋର୍ଡ ପାଇଁ ୧୫ କୋଟି ଟଙ୍କା ଅଟକଳ ସ୍ଥିର ହୋଇଛି । ଜାଳେଣୀ କାଠ ଏବଂ ଗୋଖାଦ୍ୟ ସୃଷ୍ଟି କରିବା ନିମନ୍ତେ ଅଧିକନ୍ତୁ ଅଧିକ ପତିତ ଜମି ଉପଯୋଗ କରିବା ଉଦ୍ଦେଶ୍ୟରେ ଏହି ଅର୍ଥ ବ୍ୟୟ କରାଯିବ ।

ସରକାରୀ ଉଦ୍ୟୋଗ ଅଧୀନସ୍ଥ ମୁଖ୍ୟ କ୍ଷେତ୍ରଗୁଡ଼ିକରେ ଭିତ୍ତିଭୂମି ସୁବିଧାମାନ ସୃଷ୍ଟି କରିବା ପାଇଁ ବଜେଟରେ ମୋଟ ୧୦,୮୦୫ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ଯୋଜନା ବରାଦଠାରୁ ଏହା ଶତକଡ଼ା ୨୩ ଭାଗ ଅଧିକ । ଉଲ୍ଲେଖଯୋଗ୍ୟ ବିଷୟ ହେଲା ୧୯୮୬-୮୭ ବର୍ଷ ମୋଟ କେନ୍ଦ୍ର ଅଧୀନସ୍ଥ କ୍ଷେତ୍ରୀୟ ଯୋଜନା ଅଟକଳ ପରିମାଣର ଏହା ଶତକଡ଼ା ୪୮ ଭାଗ ।

## କେନ୍ଦ୍ର ଶକ୍ତି ବିଭାଗ

ଆସନ୍ତା ବର୍ଷରେ ଶକ୍ତି ବିଭାଗ ପାଇଁ ମୋଟ ଅଟକଳ ୨,୫୭୫ କୋଟି ଟଙ୍କା ସ୍ଥିର କରାଯାଇଛି । ଏହି ସମୟ ମଧ୍ୟରେ ମୋଟ ଶକ୍ତି ଉପଯୋଗ କ୍ଷମତା ପ୍ରାୟ ୪,୦୦୦ ମେଗାଓ୍ୱାଟ ବୃଦ୍ଧି ପାଇବା ଆଶା କରାଯାଏ । ମେଜିଆ ତାପଜ ଶକ୍ତି କେନ୍ଦ୍ର ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଏହି କେନ୍ଦ୍ର ନିର୍ମାଣରେ ପ୍ରାୟ ୫୬୬ କୋଟି ଟଙ୍କା ବ୍ୟୟ ହେବ । ଗୁଜୁରାଟ, ରାଜସ୍ଥାନ ଏବଂ ଉତ୍ତରପ୍ରଦେଶ ତିନୋଟି ପ୍ରାକୃତିକ ଗ୍ୟାସଭିତ୍ତିକ ଶକ୍ତି କେନ୍ଦ୍ର ପ୍ରତିଷ୍ଠା କରି ଅଧିକ ୬୩୦ ମେଗାଓ୍ୱାଟ ଶକ୍ତି ଉତ୍ପନ୍ନ କରାଯିବା ଲକ୍ଷ୍ୟ ରହିଛି । ଏହି ବାବଦରେ ବଜେଟରେ ୧୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହା ବ୍ୟତୀତ ଅତିରିକ୍ତ ୧,୫୦୦ ମେଗାଓ୍ୱାଟ ଶକ୍ତି ଉପଯୋଗ କ୍ଷମତା ସୃଷ୍ଟି କରାଯିବ । ଶକ୍ତି ପ୍ରକଳ୍ପମାନ ପ୍ରତିଷ୍ଠା ଓ ଆଧୁନିକୀକରଣ କ୍ଷେତ୍ରରେ ଆବଶ୍ୟକ ବିପୁଳ ପୁଞ୍ଜି ସଂଗ୍ରହ କରିବା ପାଇଁ ଦେଶରେ ଗୋଟିଏ ଶକ୍ତି ଅର୍ଥ ବିନିଯୋଗ ନିଗମ ପ୍ରତିଷ୍ଠା କରାଯିବ । ଶକ୍ତି ପ୍ରକଳ୍ପ ଗୁଡ଼ିକର ପୁନର୍ବିନ୍ୟାସ ତଥା ଆଧୁନିକୀକରଣ କ୍ଷେତ୍ରରେ ମୋଟ ୧୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ତନ୍ମଧ୍ୟରୁ ୭୦ କୋଟି ଟଙ୍କା କେବଳ ଶକ୍ତି ଅର୍ଥ ବିନିଯୋଗ ନିଗମ ଯୋଗାଇ ଦେବ ।

## ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟ

ଏହି ମନ୍ତ୍ରଣାଳୟ ପାଇଁ ୧୯୮୬-୮୭ ବର୍ଷ ମୋଟ ୩,୩୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଆସନ୍ତା ବର୍ଷ ଅଶୋଧିତ ତୈଳ ଉତ୍ପାଦନ ପରିମାଣ ୩୦.୨୧ ନିୟୁତ ଟନ୍ ହେବ । ସେହିପରି ପ୍ରାକୃତିକ ଗ୍ୟାସ ଉତ୍ତୋଳନ ପରିମାଣ ଚଳିତ ବର୍ଷ ଅପେକ୍ଷା ଶତକଡ଼ା ୨୮ ଭାଗ ବୃଦ୍ଧି ପାଇ ୪,୬୭୭ ନିୟୁତ ଘନ ଟନରେ ପହଞ୍ଚିବା ଆଶା କରାଯାଉଛି ।

## କେନ୍ଦ୍ର କୋଇଲା ବିଭାଗ

ଉକ୍ତ ବିଭାଗ ପାଇଁ ମୋଟ ବ୍ୟୟ ଅଟକଳ ୧,୩୫୦ କୋଟି ଟଙ୍କା ସ୍ଥିର ହୋଇଛି । ଚଳିତ ବର୍ଷ ଯୋଜନା ଅଟକଳଠାରୁ ଏହା ଶତକଡ଼ା ୨୨.୫ ଭାଗ ଅଧିକ । ଆସନ୍ତା ... ମୋଟ ୧୬୬୮୦ ନିୟୁତ ଟନ କୋଇଲା ଉତ୍ପାଦନ କରିବା ... ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## ପରିବହନ

ପରିବହନ କ୍ଷେତ୍ରରେ ଆସନ୍ତା ବର୍ଷ ୩,୮୭୫ କୋ... ଟଙ୍କା ବ୍ୟୟ ହେବ । ଏହା ମଧ୍ୟରେ ରେଳବାଇ ପା... ଉଦ୍ଦିଷ୍ଟ ୨,୬୫୦ କୋଟି ଟଙ୍କା ଅନ୍ତର୍ଭୁକ୍ତ ।

## ଇସ୍ପାତ

ଇସ୍ପାତ ବିଭାଗ ପାଇଁ ୧,୩୫୦ କୋଟି ଟଙ୍କାର ଅଟ... ରଖାଯାଇଛି ।

## ଆଣବିକ ଶକ୍ତି ଓ ମହାକାଶ

ଆଣବିକ ଶକ୍ତି ବିଭାଗ ପାଇଁ ୫୫୦ କୋଟି ଟଙ୍କା ଏ... ମହାକାଶ ବିଭାଗ ପାଇଁ ୨୧୭ କୋଟି ଟଙ୍କାର ବ୍ୟୟ ବରା... ଧାର୍ଯ୍ୟ କରାଯାଇଛି ।

ଟେଲିଯୋଗାଯୋଗ ବିଭାଗର ଅଟକଳ ହେଲା ... କୋଟି ଟଙ୍କା । ବମ୍ବେ ଓ ଦିଲ୍ଲୀର ଟେଲିଫୋନ ସେ... ପରିଚାଳନା ପାଇଁ ରାଷ୍ଟ୍ରାୟତ୍ତ କ୍ଷେତ୍ରରେ ଏକ ନିଗମ ପ୍ରତି... କରାଯିବ । ଏହାଦ୍ୱାରା ଦୁଇଟି ମହାନଗରୀରେ ଟେଲିଫୋ... ସେବାରେ ଉନ୍ନତି ଘଟିବ ଏବଂ ଏହି ନିଗମ ବଣ୍ଡ ଦ୍ୱାରା ... ପାଣ୍ଠି ସଂଗ୍ରହ କରିବ ।

## ଆତ୍ମନିଯୁକ୍ତି ଯୋଜନା

୧୯୮୩ ମସିହାରେ ସ୍ୱର୍ଗୀୟା ପ୍ରଧାନମନ୍ତ୍ରୀ ଇନ୍ଦିରା ଗା... ଘୋଷଣା କରିଥିବା ଶିକ୍ଷିତ ବେକାର ଯୁବକଙ୍କ ଆତ୍ମନିଯୁ... ଯୋଜନା ପାଇଁ ବଜେଟରେ ୧୦୩ କୋଟି ଟଙ୍କା ବରା... କରାଯାଇଛି । ୧୯୮୫-୮୬ ବର୍ଷର ବରାଦଠାରୁ ଏହା ଶତକଡ଼ା ୫୮ ଭାଗ ଅଧିକ ।

## ଖଦୀ ଓ ଗ୍ରାମୋଦ୍ୟୋଗ କମିଶନ

ଖଦୀ ଓ ଗ୍ରାମୋଦ୍ୟୋଗ କମିଶନ ପାଇଁ ବଜେଟରେ ୧୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ସପ୍ତମ ଯୋଜନା କାଳରେ ଏ କ୍ଷେତ୍ରରେ ନିଯୁକ୍ତି ସଂଖ୍ୟା ୩୭ ଲକ୍ଷରୁ ୫୦ ଲକ୍ଷକୁ ବଢ଼ି ପାଇପାରିବ ବୋଲି ଆଶା କରାଯାଉଛି ।

## ପର୍ଯ୍ୟଟନ

ପର୍ଯ୍ୟଟନର ବିକାଶ ଲାଗି ବଜେଟରେ ୨୬ କୋଟି ଟଙ୍କା ବ୍ୟୟ ହେବ ବୋଲି ଅଟକଳ କରାଯାଇଛି ।

## ପ୍ରତିରକ୍ଷା

ବଜେଟରେ ପ୍ରତିରକ୍ଷା ବାବଦରେ ବ୍ୟୟ ଅଟକଳ ... ପରିମାଣ ୮,୭୨୫ କୋଟି ଟଙ୍କା । ୧୯୮୫-୮୬ ବର୍ଷ ... ଏଥିପାଇଁ ୭,୮୬୨ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିଲା ।

ଗୁରୁତ୍ୱପୂର୍ଣ୍ଣ ଦ୍ରବ୍ୟଗୁଡ଼ିକର ଦରଦାମ ସ୍ଥିର ରଖିବା ଲାଗି ସରକାର ଧାର୍ଯ୍ୟ ମୂଲ୍ୟ ସଂପର୍କରେ ଏକ ନୀତିପତ୍ର ପ୍ର... ପାର୍ଲିଆମେଣ୍ଟରେ ଉପସ୍ଥାପନ କରିବେ ।



# ଆତ୍ମ ବିଚାର

ଶ୍ରୀ ଗଙ୍ଗାଧର ମହାପାତ୍ର

ଗତ ଜୁନ ମାସରେ ଚଳିତ ବର୍ଷର ବଜେଟ ବକ୍ତବ୍ୟରେ ସୂଚନା ଦିଆଯାଇଥିଲା ଯେ, ରାଜ୍ୟ ଯୋଜନାର ଆକାର ...୨ କୋଟି ୭୩ ଲକ୍ଷ ଟଙ୍କା କରାଯାଇଅଛି, ଯଦିଓ ଯୋଜନା କମିଶନ ଏହିସବୁକାଳେ ୪୫୦ କୋଟି ଟଙ୍କା ଅନୁମୋଦନ କରିଥିଲେ । ...ବର୍ଷର ଯୋଜନା ବ୍ୟୟ ବରାଦ ଟଙ୍କା ୩୬ କୋଟି ୭୩ ଲକ୍ଷ ଅଧିକ ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ମୋଟାମୋଟି ... ପରିମାଣକୁ ଯୋଜନା କମିଶନଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମା ମଧ୍ୟରେ ସୀମିତ ରଖାଯିବ । ଏତଦ୍‌ବ୍ୟତୀତ ବର୍ଷ-... ପୁନଃଯୋଜନା ଓ ଯୋଜନାର ଚାହିଦା ଦୃଷ୍ଟିରୁ ଅଧିକ ... ଆବଶ୍ୟକତା ବିଷୟରେ ବିଚାର କରାଯାଇଥିଲା ଏବଂ ...୬ ଫେବୃଆରୀ ମାସରେ ଅତିରିକ୍ତ ବ୍ୟୟ ଅଟକଳ କରିଥାଏ ... ବ୍ୟୟ ମଞ୍ଜୁରୀ କରାଯାଇଥିଲା । ସାଧନୋପାୟ ... ନିରନ୍ତର ନିୟନ୍ତ୍ରଣ ଏବଂ ... ଭାବରେ ଆର୍ଥିକ ... ରଖାଯାଇଥିବା ଯୋଗୁଁ ... ରିଜର୍ଭ ବ୍ୟାଙ୍କ୍‌ରେ ... ସହିତ ଅର୍ଥ ପରିମାଣ ବେଶ୍ ସନ୍ତୋଷଜନକ । ... ଥିବା ଓଭରଡ୍ରାଫ୍ଟ ... ଉଠଣା କରା-ଯାଇ ପାରିଛି ଏବଂ ଏପରିକି ୧୯୮୫ ସେପ୍ଟେମ୍ବର ୧୦ ତାରିଖଠାରୁ ସାଧନୋପାୟ (Ways and Means) ଅଗ୍ରିମ ବାବଦରେ କୌଣସି ଅର୍ଥ ଉଠାଣ ହୋଇନାହିଁ ।

ଯୋଜନା କମିଶନ ମୁଖ୍ୟମନ୍ତ୍ରୀଙ୍କ ସହିତ ୧୯୮୬-୮୭ ମସିହାର ବାର୍ଷିକ ଯୋଜନା ଚୂଡ଼ାନ୍ତ କରିବା ସଂକ୍ରାନ୍ତୀୟ ଆଲୋଚନା କରିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଉନ୍ନୟନ କାର୍ଯ୍ୟକ୍ରମଗୁଡ଼ିକର ପ୍ରଶଂସା କରିଛନ୍ତି । ବଜେଟ ପ୍ରସ୍ତୁତି କରିବା ସମୟରେ ଏକ ସମତୁଳ ବଜେଟ କରିବା ଦିଗରେ ଆମର ପ୍ରଚେଷ୍ଟା ଏବଂ ସମ୍ବଳ ସଂଗ୍ରହ ଦିଗରେ ଆମର ଉଦ୍ୟମ ଯୋଗୁଁ ୧୯୮୬-୮୭ର ଯୋଜନାବ୍ୟୟ ବାବଦରେ ଆମେ ୬୦୦ କୋଟି ଟଙ୍କା ରଖିବାକୁ ସମର୍ଥ ହୋଇ ପାରିଛୁ ଏବଂ ଏହା ଚଳିତବର୍ଷ ପାଇଁ ଧାର୍ଯ୍ୟ ହୋଇଥିବା ଯୋଜନା ପରିମାଣଠାରୁ ଶତକଡ଼ା ୩୩ ଭାଗ ଅଧିକ ।

ଷଷ୍ଠ ଯୋଜନା କାଳରେ ଆମର ସାଫଲ୍ୟ ଉଚ୍ଚକୋଟିର ବୋଲି ନିଃସନ୍ଦେହରେ ସମସ୍ତେ ଏକମତ ହେବେ ।

ସର୍ବଭାରତୀୟ ସ୍ତରରେ ହାରାହାରି ଅଭିବୃଦ୍ଧିର ହାର ଶତକଡ଼ା ୫·୩ ଭାଗ ହୋଇଥିବା ସ୍ଥଳେ ଆମେ ଶତକଡ଼ା ୬·୧ ଭାଗ ଅଭିବୃଦ୍ଧି ହାସଲ କରିପାରିଛୁ । ସପ୍ତମ ଯୋଜନାକାଳ ମଧ୍ୟରେ ସର୍ବଭାରତୀୟ ବାର୍ଷିକ ଅଭିବୃଦ୍ଧିର ହାର, ଶତକଡ଼ା ୫ ଭାଗ ହେବ ବୋଲି ଅଟକଳ କରାଯାଇଥିବା ସ୍ଥଳେ ଆମର ପୂର୍ବରୁ ହାସଲ ହୋଇଥିବା ଶତକଡ଼ା ୬·୧ ଭାଗ ଅଭିବୃଦ୍ଧିର ହାର ଯେପରି ଅବ୍ୟାହତ ରହେ ସେଥିପ୍ରତି ଆମେ ଲକ୍ଷ୍ୟ ରଖିଛୁ । କ୍ରମାଗତଭାବେ ଅଧିକ ଅଭିବୃଦ୍ଧିର ହାର ହାସଲ କରିବାକୁ ହେଲେ ମୁଖ୍ୟତଃ ରାଜ୍ୟ ଯୋଜନା ସମ୍ବଳ, କେନ୍ଦ୍ରୀୟ ଯୋଜନା ଏବଂ ଆନୁଷ୍ଠାନିକ ଅର୍ଥ ଲଗାଣ ସଂସ୍ଥା ସହାୟତା ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଉନ୍ନତ ରାଜ୍ୟଗୁଡ଼ିକ ଅଧିକ ଉତ୍ପାଦନକ୍ଷମ ସମ୍ବଳ ଯୋଗୁ ବଳକା ସୃଷ୍ଟି କରିବାକୁ ସକ୍ଷମ ହୋଇ, ଯୋଜନା କ୍ଷେତ୍ରରେ ଅଧିକ ସମ୍ବଳ ବିନିଯୋଗ କରିବାକୁ ସମର୍ଥ ହୋଇ ପାରୁଛନ୍ତି । ଅଷ୍ଟମ ଅର୍ଥ କମିଶନଙ୍କ ସୁପାରିଶ କ୍ରମେ ଆର୍ଥିକ ସହାୟତା ମିଳିବା ସତ୍ତ୍ୱେ, ପର୍ଯ୍ୟାପ୍ତ ସମ୍ବଳ ଅଭାବରୁ ଆମେ ଯୋଜନା ବାବଦରେ ଅଧିକ ବିନିଯୋଗ କରିବା ପାଇଁ ସମର୍ଥ ହୋଇ ପାରୁନାହୁଁ । ମୁଣ୍ଡପିଛା ବିନିଯୋଗ (Per Capita Investment) କୁ ପ୍ରଭୂତ ପରିମାଣରେ ବୃଦ୍ଧି କରିବାକୁ ହେଲେ କେନ୍ଦ୍ରୀୟ ସହାୟତା ପର୍ଯ୍ୟାପ୍ତ ହେବା ସଙ୍ଗେ ସଙ୍ଗେ ରାଜ୍ୟ ଯୋଜନା ବ୍ୟୟ ବରାଦକୁ ମଧ୍ୟ ବୃଦ୍ଧି କରିବାକୁ ହେବ । ସପ୍ତମ ଯୋଜନା କାଳ ମଧ୍ୟରେ ରାଜ୍ୟ ଯୋଜନା, ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେବାକୁ ଥିବା କେନ୍ଦ୍ରୀୟ ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା, ନାଲ୍‌କୋ. ରେଳବାଇ ବିଭାଗ, ସୁପର ଥର୍ମାଲ, ବଲାଙ୍ଗିରଠାରେ ଗଢି ଉଠୁଥିବା ସାମରିକ ପ୍ରକଳ୍ପ ଏବଂ ପାରାଦ୍ୱୀପ ଫସ୍‌ଫେଟ ପରି କେନ୍ଦ୍ରୀୟ ପ୍ରକଳ୍ପ ବେସରକାରୀ ଉଦ୍ୟୋଗ ଏବଂ ଅର୍ଥ ଲଗାଣକାରୀ ସଂସ୍ଥା ଜରିଆରେ ସପ୍ତମ ଯୋଜନା କାଳରେ ପ୍ରଭୂତ ପରିମାଣର ପୁଞ୍ଜି ବିନିଯୋଗ ହେବାର ଆଶା କରାଯାଏ । ଏହି ପୁଞ୍ଜି ବିନିଯୋଗ ଦ୍ୱାରା ସପ୍ତମ ଯୋଜନା ନିମିତ୍ତ ପ୍ରସ୍ତାବିତ ଶତକଡା ୬·୧ ଭାଗ ଅଭିବୃଦ୍ଧିର ହାର ହାସଲ ହୋଇ ପାରିବ ବୋଲି ଆଶା କରାଯାଉଛି ।

ସର୍ବ ଭାରତୀୟ ମୁଣ୍ଡ ପିଛା ଆୟ ସ୍ତରରେ ପହଞ୍ଚିବା ପାଇଁ ଆମର ଐକାନ୍ତିକ ଉଦ୍ୟମ ଚାଲୁ ରହିଛି । ବର୍ଷାଦିକ୍ରମେ ଲାଗି ରହିଥିବା ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟର ଆୟ ବୃଦ୍ଧି ଦିଗରେ ମୁଖ୍ୟ ପ୍ରତିବନ୍ଧକ ଅଟେ । ଏହା ସତ୍ତ୍ୱେ ଷଷ୍ଠ ଯୋଜନା କାଳ ମଧ୍ୟରେ ଆମର କ୍ରମାଗତ ଉଦ୍ୟମ ଫଳରେ ଜାତୀୟ ସ୍ତରରେ ଓ ରାଜ୍ୟ ସ୍ତରରେ ଥିବା ମୁଣ୍ଡ ପିଛା ଆୟର ତାରତମ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି । ସପ୍ତମ ଯୋଜନା କାଳ ମଧ୍ୟରେ ସର୍ବ ଭାରତୀୟ ହାରାହାରି ଅଭିବୃଦ୍ଧିର ହାର ଶତକଡ଼ା ୫ ଭାଗ ରଖାଯାଇଥିବା ସ୍ଥଳେ ରାଜ୍ୟର ଆର୍ଥିକ ଅଭିବୃଦ୍ଧିର ହାର ଶତକଡ଼ା ୬·୧ ଭାଗ ଲକ୍ଷ୍ୟ ରଖା ଯାଇଥିବାରୁ ମୁଣ୍ଡପିଛା ଆୟ ହାରରେ ଥିବା ତାରତମ୍ୟ ସପ୍ତମ ଯୋଜନା ଶେଷ ସୁଦ୍ଧା ବିଶେଷ ଭାବେ ହ୍ରାସ ପାଇଯିବ ବୋଲି ଆଶା କରାଯାଏ ।

୧୯୮୦-୮୧ ରେ ଆମ ରାଜ୍ୟରେ ପ୍ରାୟ ୩୩ ଲକ୍ଷ ୬ ହଜାର ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ଥି... ୧୯୭୭-୭୮ ରେ ସର୍ବ ଭାରତୀୟ ସ୍ତରରେ ଦାରିଦ୍ର୍ୟର ... ଶତକଡ଼ା ୪୮·୧୩ ଥିବା ବେଳେ ଆମ ରାଜ୍ୟରେ ଏହା ଶତକ... ୬୬·୪ ଥିଲା । ଯୋଜନା କମିଶନଙ୍କ ସମୀକ୍ଷା ଅନୁ... ଷଷ୍ଠ ଯୋଜନା ଶେଷ ସୁଦ୍ଧା ସର୍ବ ଭାରତୀୟ ସ୍ତରରେ ଏହା ... ଶତକଡା ୩୬·୯ କୁ ହ୍ରାସ ପାଇଥିବା ବେଳେ ସମସ୍ତ ଯୋ... ଶେଷ ସୁଦ୍ଧା ଏହା ଶତକଡ଼ା ୨୫·୮କୁ ହ୍ରାସ ପାଇବ । ଷଷ୍ଠ ଯୋ... କାଳରେ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ମାଧ୍ୟମରେ ... ୧୪ ଲକ୍ଷ ୩୦ ହଜାର ପରିବାରଙ୍କୁ ସାହାଯ୍ୟ କରାଯାଇଛି... ୧୯୮୪ ମସିହାରେ କେତେକ ପ୍ରତିଷ୍ଠିତ ପରାମର୍ଶଦାତା ସଂ... (Eminent Consultancy Organisation) ଦ୍ୱାରା ମୂଲ୍ୟା... ୟନ କରାଯିବା ସମୟରେ ଦେଖାଗଲା ଯେ ଦାରିଦ୍ର୍ୟର ସୀ... ନିର୍ଣ୍ଣୟ ପାଇଁ ଧାର୍ଯ୍ୟ କରାଯାଇଥିବା ବାର୍ଷିକ ଆୟ ସ୍ତରକୁ ଶତକ... ୨୫ ରୁ ୪୦ ଭାଗ ଉପକୃତ ପରିବାର ଅତିକ୍ରମ କରିଥିଲେ ... ରାଜ୍ୟର ସାହାଯ୍ୟପ୍ରାପ୍ତ ପରିବାରଙ୍କ ମଧ୍ୟରୁ ହାରା... ଶତକଡା ୩୨ ଭାଗ ପରିବାର ଏହି ରେଖାକୁ ଅତିକ୍ରମ କରିଥି... ରାଜ୍ୟ ଯୋଜନା ସଂସ୍ଥାର ଅନୁଶୀଳନ ଅନୁଯାୟୀ ଦାରିଦ୍ର୍ୟ... ହାର ଶତକଡା ୬୬.୪ ଭାଗରୁ ଶତକଡା ୫୨ ଭାଗକୁ ହ୍ର... ପାଇଅଛି । ଯୋଜନା କମିଶନ ସଦସ୍ୟ ଡଃ ହନୁମନ୍ତ ରା... ସମଗ୍ର ଦେଶ ଓ ରାଜ୍ୟଗୁଡ଼ିକର ଗ୍ରାମାଞ୍ଚଳ ଦାରିଦ୍ର୍ୟର ... କଳନା ନିମିତ୍ତ ୧୯୮୩-୮୪ର ଜାତୀୟ ନମୁନା ପରିମା... ୩୮ତମ ଖାଉଟି ସୂଚୀ ଅନୁଯାୟୀ ସମୀକ୍ଷା କରି ଓଡ଼ି... ଗ୍ରାମାଞ୍ଚଳର ଶତକଡା ପ୍ରାୟ ୪୫ ଭାଗ ଲୋକ ଦାରିଦ୍ର୍ୟ ସୀ... ରେଖା ତଳେ ଥିବାର ସିଦ୍ଧାନ୍ତରେ ଉପନୀତ ହୋଇଥିଲେ... ଦାରିଦ୍ର୍ୟର ଉତ୍କଟତା ହ୍ରାସ ଯେ କିପରି ଏକ ଗମ୍ଭୀର ସମ... ତାହା ମାନ୍ୟବର ସଦସ୍ୟମାନେ ଉପଲବ୍ଧି କରୁଥିବେ... ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳରେ ଦାରିଦ୍ର୍ୟ ଦୂରୀକ... ଯୋଜନାଗୁଡ଼ିକ ଲାଗି ଅଧିକ ବିନିଯୋଗ ଓ ଏହାର ପରିସ... ସଂପ୍ରସାରିତ କରିବା ଦିଗରେ ଆମର ଉଦ୍ୟମ ଅବ୍ୟାହତ ରହି... ସୌଭାଗ୍ୟବଶତଃ ଆମ ରାଜ୍ୟ ଦାରିଦ୍ର୍ୟ ଦୂରୀକରଣ ଦିଗ... ଆମର ଉଦ୍ୟମ ଯୋଗୁଁ ସଫଳତା ଆଡକୁ ଗତି କରୁଛି ।

ସପ୍ତମ ପଞ୍ଚବାର୍ଷିକ ଯୋଜନାରେ ଆମ ରାଜ୍ୟର ... ଯୋଜନା ବାବଦରେ ୨,୭୦୦ କୋଟି ଟଙ୍କା ବରାଦ କରାଯାଇ... ଏତଦ୍‌ଭିନ୍ନ ରାଜ୍ୟ ସରକାରଙ୍କ ଜରିଆରେ କେନ୍ଦ୍ରୀୟ ଯୋ... କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା, ଆଦିବାସୀ ଉନ୍ନୟନ ଓ ତଫସି... ଜାତିଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ବାବଦରେ ମିଳୁଥିବା ... ସହାୟତାର ବିନିଯୋଗ ହେବ । ମୁଁ ପର୍ବରୁ ସୂଚନା ଦେ... ଯେ ୧୯୮୬-୮୭ ବର୍ଷର ବାର୍ଷିକ ରାଜ୍ୟ ଯୋଜନା ଆ... ୭୦୦ କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଅଛି । ଏଥି ମ... ରାଜ୍ୟ ବଜେଟ୍‌ରେ ୫୧୫ କୋଟି ୮୮ ଲକ୍ଷ ଟଙ୍କାର ... ବରାଦ କରାଯାଇଅଛି ଓ ଅବଶିଷ୍ଟ ଅର୍ଥ ଓଡ଼ିଶା ରାଜ୍ୟ ବି... ବୋର୍ଡ (୭୩ କୋଟି ୮୬ ଲକ୍ଷ), ଓଡ଼ିଶା ରାଜ୍ୟ ... ପରିବହନ ନିଗମ (୮ କୋଟି ୩୩ ଲକ୍ଷ) ଏବଂ ପୌର ... ସଂସ୍ଥା (୧ କୋଟି ୯୩ ଲକ୍ଷ) ମାନଙ୍କ ଯୋଜନା ବ୍ୟୟ ବା... ରଖା ଯାଇଅଛି । ଯୋଜନା ବ୍ୟୟ ବରାଦ ନିମ୍ନ ପ୍ର... କରାଯିବାର ପ୍ରସ୍ତାବ ଦିଆଯାଉଅଛି ।



•••ଲଳିତ ଗିରି ବୌଦ୍ଧ ମହାବିହାର ସାମ୍ପୁଟିକା
ସହିତ ପାଷାଣରୁ ବୁଦ୍ଧ ଜୟନ୍ତୀ ପାଳନ
ଉତ୍ସବରେ ଖାଦ୍ୟମନ୍ତ୍ରୀ ଶ୍ରୀ ହରିହର•••




ଶ୍ରୀରାମ ଠାକୁରଙ୍କର ଜୟନ୍ତୀ
ଉତ୍ସବରେ ଶିକ୍ଷାମନ୍ତ୍ରୀ
ଶ୍ରୀଯୁକ୍ତ ଯଦୁନାଥ ଦାସମହାପାତ୍ର-
ଙ୍କ ପୁଷ୍ପମାଲ୍ୟ ଅର୍ପଣ।





••ଓଡ଼ିଶା କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ ସଂଘଙ୍କର ଏକ
ଆଲୋଚନା ଚକ୍ରରେ ଅର୍ଥ ଓ ଆବକାରୀ ମନ୍ତ୍ରୀ
ଶ୍ରୀ ଗଙ୍ଗାଧର ମହାପାତ୍ର••



ମଣ୍ଡିନ୍ତୁ କୋଇଲି ଅଞ୍ଚଳରେ ଆଇ:ଆର୍:ଡି:ପି: ଋଣ ବଣ୍ଟନ ••





କୋଣାର୍କ ଟିଭିର ବିବିଧ ପ୍ରସ୍ତୁତି ଶାଳଶା
ପୁଟିଂ ପରିଦର୍ଶନ ...

...
ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାରେ
ଭାରତସ୍ଥିତ ଆମେରିକାର ରାଷ୍ଟ୍ରଦୂତ
ଜନ୍ ଡିନ୍ ...







..
ଜଗନ୍ନାଥ ପାଣି ଗ୍ରନ୍ଥାବଳୀ
ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉନ୍ମୋଚିତ ..

...ର ରାଷ୍ଟ୍ରଦୂତ ବର୍ଣ୍ଣାର୍ଡ୍
...ର ମାନ, ମୁଖ୍ୟମନ୍ତ୍ରୀ
ସହିତ ଆଲୋଚନାରତ.





ସହପଡାଙ୍କ ମଧ୍ୟମ ଜଳସେଚନ ପ୍ରକଳ୍ପ ଉଦ୍‌ଘାଟନ •• ମୁଖ୍ୟମନ୍ତ୍ରୀ •






• କେନ୍ଦ୍ରୀୟ ଜଳସେ… ଯୋଜନାରେ … ଗୋଷ୍ଠୀ ଅଧିବେଶ… ମୁଖ୍ୟମନ୍ତ୍ରୀଙ୍କ ଭାଷ… •



ସୁବର୍ଣ୍ଣପୁରଠାରେ ଉଠା ଜଳସେଚନ ପ୍ର… ଉଦ୍‌ଘାଟନ •• • ମୁଖ୍ୟମନ୍ତ୍ରୀ

| ସେକ୍ଟର | | ୧୯୮୬-୮୭ ମସିହାର ଯୋଜନାର ଆକାର (କୋଟି ଟଙ୍କାରେ) | ମୋଟର ଶତକଡ଼ା ହାର | ୧୯୮୫-୮୬ ମସିହାର ଯୋଜନା ଆକାର ୪୮୬ କୋଟି ୨୩ ଲକ୍ଷ ଉପରେ ଶତକଡ଼ା ବୃଦ୍ଧି |
|---|---|---|---|---|
| (୧) | | (୨) | (୩) | (୪) |
| ସମବାୟ ସମେତ କୃଷି ଓ ଆନୁଷଙ୍ଗିକ ସେବା | | ୫୭·୧୨ | ୯·୫୨ | ୩୪·୭୩ |
| ଗ୍ରାମ୍ୟ ଉନ୍ନୟନ | .. | ୪୫·୪୨ | ୭·୫୭ | ୨୧·୧୬ |
| ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ | .. | ୧୪୫·୫୦ | ୨୪·୨୫ | ୨୪·୧୫ |
| ଶକ୍ତି— | | | | |
| ରାଜ୍ୟ ସରକାର ୭୦·୯୭ | — .. | | | |
| ଓଡ଼ିଶା ରାଜ୍ୟ | — .. | ୧୪୪·୮୩ | ୨୪·୧୪ | ୨୫·୭୮ |
| ବିଦ୍ୟୁତ୍ ବୋର୍ଡ ୭୩·୮୬ | — .. | .. | | |
| ଶିଳ୍ପ ଓ ଖଣିଜ ଦ୍ରବ୍ୟ | .. | ୪୨·୧୫ | ୭·୦୨ | ୧୨·୨୫ |
| ପରିବହନ — | .. | .. | .. | .. |
| ରାଜ୍ୟ ସରକାର ୩୧·୬୨ | .. | .. | .. | .. |
| ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ୮·୩୩. | | ୩୯·୯୫ | ୬·୬୬ | ୦·୪୮ |
| ବିଜ୍ଞାନ, ବୈଷୟିକ ଓ ପରିବେଶ | .. | ୧·୦୦ | ୦·୧୭ | ୪·୧୬ |
| ଅନ୍ୟାନ୍ୟ ଆର୍ଥିକ ସେବା | .. | ୭·୭୨ | ୧·୨୯ | ୫୫·୩୨ |
| ସାମାଜିକ ସେବା | .. | | | .. |
| ରାଜ୍ୟ ସରକାର ୯୩·୦୮ | .. | | | |
| | .. | ୯୫·୦୧ | ୧୫·୮୩ | ୧୨·୧୭ |
| ପୌର ସ୍ୱାୟତ୍ତ ସଂସ୍ଥା ୧·୯୩ | .. | | | |
| ସାଧାରଣ ସେବା | .. | ୨୧·୩୦ | ୩·୫୫ | ୬୫·୮୨ |
| ମୋଟ | .. | ୬,୦୦·୦୦ | ୧୦୦% | .. |

ବର୍ତ୍ତମାନ କେତେକ ମୁଖ୍ୟ ସେକ୍ଟରଗୁଡ଼ିକର କାର୍ଯ୍ୟକ୍ରମ ସମ୍ପର୍କରେ ଏଠାରେ ଆଲୋକପାତ କରୁଛି ।

କୃଷି କ୍ଷେତ୍ରରେ ବିଶେଷକରି ବର୍ଷା ଜଳ ଉପରେ ନିର୍ଭର-ଶୀଳ ଓ ମରୁଡ଼ି ପ୍ରବଣ ଅଞ୍ଚଳରେ କୃଷି ଉତ୍ପାଦନ ବୃଦ୍ଧି କରିବା ସପ୍ତମ ଯୋଜନାର ଆଭିମୁଖ୍ୟ ଅଟେ । ଉନ୍ନତ ଶୁଷ୍କାଞ୍ଚଳ କୃଷି ପଦ୍ଧତି ଅବଲମ୍ବନ, ଜମିର ସର୍ବାଧିକ ବ୍ୟବହାର ଉଦ୍ଦେଶ୍ୟରେ ବିବିଧ ଫସଲ ଖସଡ଼ା ପ୍ରବର୍ତ୍ତନ, ଅଧିକ ଅମଳକ୍ଷମ ଫସଲ ଅଧୀନ କ୍ଷେତ୍ର ସମ୍ପ୍ରସାରଣ ଏବଂ ଉତ୍ପାଦିତ ସାମଗ୍ରୀର ସମୟୋଚିତ ଯୋଗାଣ ପାଇଁ ଭିତ୍ତିଭୂମି ସୁଦୃଢ଼ କରିବା ପ୍ରଭୃତି ପଦକ୍ଷେପମାନ ଆମର ପ୍ରଧାନ ଆଭିମୁଖ୍ୟ ହେବ । ଦେଶର ପୂର୍ବାଞ୍ଚଳରେ ଧାନ ଉତ୍ପାଦନ ହ୍ରାସ ପାଉଥିବାରୁ ଦେଶର ଅର୍ଥନୀତିର ବିକାଶ ଏବଂ ଦାରିଦ୍ର୍ୟ ଦୂରୀକରଣ ଦିଗରେ ଏହା ପ୍ରତିବନ୍ଧକ ସୃଷ୍ଟି କରୁଛି । ଏପରି ଏକ ଜଟିଳ ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ଆମ ରାଜ୍ୟର ୬୩ଟି ବ୍ଲକକୁ ଚିହ୍ନଟ କରାଯାଇ ସେଠାରେ ସ୍ୱତନ୍ତ୍ର ସଘନ ଧାନ ଉତପାଦନ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରାଯାଉଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ପ୍ରତ୍ୟେକ ବ୍ଲକକୁ ରିହାତି ଦରରେ ଉନ୍ନତ ଧରଣର ସାର ଓ ବିହନ ଇତ୍ୟାଦି ଯୋଗାଇବା ସଙ୍ଗେ ସଙ୍ଗେ ୧୦,୦୦୦ ବିହନ ପ୍ୟାକେଟ ( Minikits ) ବଣ୍ଟନ କରାଯିବ । ଧାନ ଫସଲ ପାଇଁ ୧୯୮୫-୮୬ ମସିହାରେ ପ୍ରବର୍ତ୍ତିତ ହୋଇଥିବା ଶସ୍ୟ ବୀମା ଯୋଜନା ଅବ୍ୟାହତ ରହିବ । ଅଧିକ ପରିମାଣର ଖାଇବା ତେଲ ଆମଦାନୀ କରିବା ଯୋଗୁ ଉପୁଜୁଥିବା ଟ୍ରେଡ୍ ଗ୍ୟାପକୁ ହ୍ରାସ କରିବା ପାଇଁ ଚାଷୀଙ୍କୁ କେତେକ ପ୍ରୋତ୍ସାହନ ବ୍ୟବସ୍ଥା ଦର ସହାୟତା (Support Price) ଦିଆଯାଇ ଗତ କେତେବର୍ଷ ଧରି ତୈଳବୀଜ ଉତ୍ପାଦନ ବୃଦ୍ଧି କରିବା ଦିଗରେ ଗୁରୁତ୍ୱ ଦିଆଯାଉଅଛି । ଏହି

କ୍ଷେତ୍ରରେ ଓଡ଼ିଶାର ବିଶେଷ ସାଫଲ୍ୟ ଉଲ୍ଲେଖଯୋଗ୍ୟ । ଆମ ରାଜ୍ୟରେ ଚିନାବାଦାମ ଉତ୍ପାଦନ ସମଗ୍ର ଦେଶରେ ସର୍ବାଧିକ ଏବଂ ନଈକୂଳିଆ ଅଞ୍ଚଳରେ ଜମିର ଆଦ୍ରତାର ସୁବିଧା ନେଇ ଏହି ଚାଷର ପ୍ରସାର ଦିଗରେ ଆମର ପ୍ରଚେଷ୍ଟା ବିଶେଷ ଫଳପ୍ରଦ ହୋଇଅଛି । ୧୯୮୬-୮୭ ବର୍ଷରେ ଖାଦ୍ୟଶସ୍ୟ ଓ ତୈଳବୀଜ ଉତ୍ପାଦନ ଯଥାକ୍ରମେ ୭୬ ଲକ୍ଷ ୩୨ ହଜାର ଟନ ଏବଂ ୯ ଲକ୍ଷ ୧୦ ହଜାର ଟନ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି । ସମୁଦାୟ ୩୬ ଲକ୍ଷ ୭୨ ହଜାର କୃଷକ ପରିବାରଙ୍କ ମଧ୍ୟରୁ ୨୮ ଲକ୍ଷ ୭୬ ହଜାର ପରିବାରଙ୍କୁ ୧୯୮୫ ମସିହା ଜୁନମାସ ସୁଦ୍ଧା ସମବାୟ ପରିସରଭୁକ୍ତ କରାଯାଇଛି । ସମବାୟ ପରିସରଭୁକ୍ତ ଏହି ପରିବାରଙ୍କ ମଧ୍ୟରୁ ଶତକଡ଼ା ପ୍ରାୟ ୭୦ ଭାଗ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ । ୧୯୮୬-୮୭ ମସିହାରେ ଆଦିବାସୀ ଓ ହରିଜନ ପରିବାରଙ୍କ ମଧ୍ୟରୁ ୨୫ ହଜାର ଲେଖାଏଁ ପରିବାରଙ୍କୁ ସମବାୟ ପରିସରଭୁକ୍ତ କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଫଳ ଓ ପନିପରିବା ଚାଷର ଉନ୍ନୟନ ପ୍ରତି ଯଥେଷ୍ଟ ଦୃଷ୍ଟି ଦିଆଯିବ ।

ରାଜ୍ୟର ଶତକଡ଼ା ପ୍ରାୟ ୪୭ ଭାଗ ଜମିରେ ମୃତ୍ତିକା କ୍ଷୟ ହେଉଛି । ଏହି ବିପର୍ଯ୍ୟୟକୁ ପ୍ରତିରୋଧ କରିବା ଲାଗି କେତେକ ଫଳପ୍ରଦ ବ୍ୟବସ୍ଥା ବିଶେଷ ଜରୁରୀ । ୧୯୮୬-୮୭ ମସିହାରେ ୬,୦୧୪ ହେକ୍ଟର ଜମିରେ ବୃକ୍ଷରୋପଣ ୭,୭୩୪ ହେକ୍ଟର ଜମିର ଉନ୍ନୟନ, ୪୪୭ଟି ମୃତ୍ତିକା ସଂରକ୍ଷଣ ଓ ଜଳମଣ୍ଡ ନିର୍ମାଣ ଏବଂ ୧୬୮ କିଲୋମିଟର ପରିମିତ ନଦୀକୂଳ କ୍ଷୟ ପ୍ରତିରୋଧ ବ୍ୟବସ୍ଥା କରାଯିବ ।

ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ଗୋ-ଉନ୍ନୟନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଉଛି । ଏଥିପାଇଁ ହିମିକୃତ ଶୁକ୍ର ପ୍ରୟୋଗର ବୈଷୟିକ କୌଶଳ ଅନୁଯାୟୀ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା, ଉନ୍ନତ ଗୋ-ଖାଦ୍ୟ ଓ ଚିକିତ୍ସାର ବ୍ୟବସ୍ଥା କରିବା ଏବଂ ଦୁଗ୍ଧ ବନ୍ୟାର ୨ୟ ପର୍ଯ୍ୟାୟକୁ ଅଧିକ ତ୍ୱରାନ୍ୱିତ କରିବାକୁ ପଡିବ ଏବଂ ଗୋ ପାଳନପରି ଏକ ଲାଭଜନକ ଧନ୍ଦା ମାଧ୍ୟମରେ ଆର୍ଥିକ ଅବସ୍ଥାର ଉନ୍ନତି ପାଇଁ ଗ୍ରାମାଞ୍ଚଳର ଦରିଦ୍ର ଲୋକଙ୍କୁ ସହାୟତା ଦିଆଯିବ । ହିମିକୃତ ଶୁକ୍ର ପ୍ରୟୋଗରେ ବର୍ତ୍ତମାନ ୭୦୦ଟି କେନ୍ଦ୍ରରେ କୃତ୍ରିମ ପ୍ରଜନନ କାର୍ଯ୍ୟ କରାଯାଉଥିବା ସ୍ଥଳେ ଆସନ୍ତା ବର୍ଷ ଆଉ ଅଧିକ ୧୦୦ଟି କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଖୋଲା କରାଯିବ । ନିଜ ଜମିରେ ଗୋ-ଖାଦ୍ୟ ଉତ୍ପାଦନ କରିବା ନିମିତ୍ତ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି ଏବଂ ଏଥିପାଇଁ 'ମିନିକିଟ' ଆକାରରେ ବିହନ ଏବଂ ସାର ଯୋଗାଇ ଦିଆଯାଉଛି । ଦ୍ୱିତୀୟ ପର୍ଯ୍ୟାୟ ଦୁଗ୍ଧ ବନ୍ୟା କାର୍ଯ୍ୟକ୍ରମ ରହୁଥିବା ଜିଲ୍ଲାମାନଙ୍କରେ ସମନ୍ୱିତ ଗୋ ଉନ୍ନୟନ କାର୍ଯ୍ୟପାଇଁ ଭିତ୍ତିଭୂମି ସୃଷ୍ଟି କରିବା ଲାଗି ଓମଫେଡ଼କୁ ସାହାଯ୍ୟ ଦେବାର ପ୍ରସ୍ତାବ ରହିଛି । କଳାହାଣ୍ଡି, ବଲାଙ୍ଗୀର, ବାଲେଶ୍ୱର ଏବଂ ସମ୍ବଲପୁର ଜିଲ୍ଲାରେ ଥିବା ଦୁଗ୍ଧ ଉତ୍ପାଦନ ସଂଘ ଅଧୀନରେ ଦୁଗ୍ଧ ଶୀତଳୀକରଣ କାରଖାନା ସ୍ଥାପନ କରାଯିବ ।

ମତ୍ସ୍ୟଚାଷ କାର୍ଯ୍ୟକ୍ରମର ପ୍ରସାରପାଇଁ ଅଭ୍ୟନ୍ତରୀଣ, ସାମୁଦ୍ରିକ ଓ ଖାରିଜଳ ମତ୍ସ୍ୟଚାଷ କାର୍ଯ୍ୟକ୍ରମ ସମ୍ପ୍ରସାରଣ କରାଯିବ । ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥାର ଅର୍ଥ ସହାୟତାରେ ୧୧ଟି ମତ୍ସ୍ୟ ଉନ୍ନୟନ ସଂସ୍ଥା ଜରିଆରେ କାର୍ଯ୍ୟକାରୀ ହେଉଥିବା ମତ୍ସ୍ୟଚାଷ ଯୋଜନା ଦ୍ୱାରା ୧୨,୩୨୩ ହେକ୍ଟର ପରିମିତ ଜଳାଶୟର ଉନ୍ନତି କରାଯାଇଛି । ଏହା ଫଳରେ ୨୯,୧୯୫ ଜଣ ଦରିଦ୍ର ଲୋକ ଉପକୃତ ହୋଇଛନ୍ତି । ଖାରିଜଳରେ ମାଛଚାଷର ବିକାଶ ପାଇଁ ୪ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ୨ଟି ଖାରିଜଳ ମତ୍ସ୍ୟ ଉନ୍ନୟନ ସଂସ୍ଥା ଗଠନ କରାଯାଇଥିଲା । ମତ୍ସ୍ୟ ସମବାୟ ସମିତିଗୁଡ଼ିକ ଜରିଆରେ ରାଜ୍ୟର ବୃହତ, ମଧ୍ୟମ ଓ କ୍ଷୁଦ୍ର ଜଳଭଣ୍ଡାରଗୁଡ଼ିକରେ ମତ୍ସ୍ୟଚାଷ ପାଇଁ ପ୍ରାରମ୍ଭିକ ପଦକ୍ଷେପ ନିଆଯାଇଛି । ଏହି କାର୍ଯ୍ୟକ୍ରମକୁ ଅଧିକ ସମ୍ପ୍ରସାରଣ କରାଯିବ । ୧୯୮୬-୮୭ ମସିହାରେ ୫୪,୦୦୦ ଟନ ମଧୁର ମାଛ ଓ ୫୫,୦୦୦ ଟନ ଲୁଣିମାଛ ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଦେଶୀ ଡଙ୍ଗା, ଜାଲ ଓ ଶକ୍ତିଚାଳିତ ଡଙ୍ଗା କିଣିବା ପାଇଁ ତଫସିଲଭୁକ୍ତ ଜାତିର ଲୋକମାନଙ୍କୁ ଅର୍ଥ ସହାୟତା ଦିଆଯିବ । ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ଅଧିକ ସୁଦୃଢ଼ କରିବା ମତ୍ସ୍ୟ ଚାଷୀମାନଙ୍କୁ ଜୀବନ ବୀମାର ଅନ୍ତର୍ଭୁକ୍ତ କରିବା ମତ୍ସ୍ୟଜୀବୀ ଗ୍ରାମଗୁଡ଼ିକରେ ପାନୀୟ ଜଳ ଯୋଗାଇ ଦେବା ଏବଂ ମତ୍ସ୍ୟଚାଷୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଦେବା ଇତ୍ୟାଦି ମତ୍ସ୍ୟଜୀବୀ ଉନ୍ନୟନ କାର୍ଯ୍ୟକ୍ରମମାନ କ୍ରମାଗତଭାବେ କାର୍ଯ୍ୟକାରୀ ହେବ । ବ୍ରିଟିଶ ସହାୟତାରେ ଅସ୍ତରଙ୍ଗଠାରେ ମାଛଧରା ବନ୍ଦର ନିର୍ମାଣ ଓ ଭିତ୍ତିଭୂମି ଉନ୍ନତି ଏବଂ ନରୱେ ସରକାରଙ୍କ ସାହାଯ୍ୟରେ କଣ୍ଡାପଡ଼ାଠାରେ ପାରମ୍ପରିକ ମତ୍ସ୍ୟଚାଷର ଉନ୍ନୟନ, ମତ୍ସ୍ୟଜୀବୀଙ୍କ ଗ୍ରାମକୁ ରାସ୍ତା ନିର୍ମାଣ ଓ ମାଛ ଛୁଆଁ ଉତ୍ପାଦନ ଉପରେ ଅଗ୍ରାଧିକାର ଦେବା ଏହି ପ୍ରକଳ୍ପର ଲକ୍ଷ୍ୟ ।

ଜଙ୍ଗଲର ସଂରକ୍ଷଣ ଏବଂ ଜଙ୍ଗଲ ସମ୍ପଦର ସମ୍ପ୍ରସାରଣ କରି ସେଗୁଡ଼ିକର ଉପଯୁକ୍ତ ବିନିଯୋଗ କରିବା ହେଉଛି ଜଙ୍ଗଲ ଉନ୍ନୟନ କ୍ଷେତ୍ରରେ ଆମର ପ୍ରଧାନ ଆଭିମୁଖ୍ୟ । ଏହାଦ୍ୱାରା ରାଜ୍ୟର ରାଜସ୍ୱ ସମ୍ବଳ ବୃଦ୍ଧି ପାଇବ । ଅଧିକ ଅଞ୍ଚଳରେ ଜଙ୍ଗଲ ସୃଷ୍ଟି କରିବା ଏବଂ ଜଙ୍ଗଲ ଲୋପ ହୋଇ ଆସୁଥିବା ଅଞ୍ଚଳରେ ବ୍ୟାପକ ବନୀକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଯୋଜନା ହାତକୁ ନିଆଯିବ । ଗୁରୁତ୍ୱପୂର୍ଣ୍ଣ ଜଙ୍ଗଲମାନଙ୍କରୁ ବେଆଇନ ଭାବରେ ଗଛ କାଟିବା ଏବଂ କାଠର ଚୋରା କାରବାରକୁ ରୋକିବା ପାଇଁ ଏକ ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ ବାହିନୀ ଗଠନ କରାଯାଇଅଛି । ଏହି ବାହିନୀର କାର୍ଯ୍ୟଦକ୍ଷତା ବୃଦ୍ଧି ନିମିତ୍ତ ଏହି ବାହିନୀକୁ ଦ୍ରୁତଗାମୀ ଯାନ, ଅସ୍ତ୍ରଶସ୍ତ୍ର ଏବଂ ଆଧୁନିକ ଧରଣର ବାର୍ତ୍ତା ବିନିମୟ ଯନ୍ତ୍ର ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଅଛି । ବନ ନିଗମ, ସମବାୟ ସଂସ୍ଥା ଏବଂ ସରକାରୀ ବିଭାଗ ମାଧ୍ୟମରେ କାଠ, କେନ୍ଦୁପତ୍ର ଏବଂ କ୍ଷୁଦ୍ର ବନଜାତ ପଦାର୍ଥ ସଂଗ୍ରହ କରାଯାଉଛି । ରାଜ୍ୟରେ ପତିତ ଜମି ଉନ୍ନୟନ ବୋର୍ଡ ଗଠିତ ହେଲାପରେ ଜନସାଧାରଣଙ୍କ ସହାୟତାରେ କିପରି ଅଧିକ ଜମିରେ ବୃକ୍ଷରୋପଣ ଓ ବନୀକରଣ ହୋଇ ପାରିବ ସେଥିପାଇଁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଉପରୋକ୍ତ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ କରିବା ପାଇଁ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଉଛି । ସ୍ୱିଡେନ ଆନ୍ତର୍ଜାତିକ ଉନ୍ନୟନ ସଂସ୍ଥାର ସହାୟତାରେ କାର୍ଯ୍ୟକାରୀ ହେଉଥିବା ସାମାଜିକ ବନୀକରଣ କାର୍ଯ୍ୟକ୍ରମ ଅନୁସାରେ

... ଜମିରେ ବୃକ୍ଷରୋପଣ କରିବା ସଙ୍ଗେ ୬,୫୬୦ ହେକ୍ଟର ଜଙ୍ଗଲ ହ୍ରାସ ପାଉଥିବା ୩,୭୩୨ ହେକ୍ଟର ଜମିରେ ପୁନରାୟ ବୃକ୍ଷରୋପଣ କରାଯାଉଅଛି ଏବଂ ନିଜ ଜମିରେ ବୃକ୍ଷରୋପଣ କରିବା ପାଇଁ ୧୯୮୫-୮୬ ମସିହାରେ ପ୍ରାୟ ୬୦ ଲକ୍ଷ ଚାରା ବିନା ମୂଲ୍ୟରେ ଜନସାଧାରଣଙ୍କ ମଧ୍ୟରେ ବିତରଣ କରାଯାଉଛି । ୧୯୮୬-୮୭ ମସିହାରେ ୧୪,୮୦୦ ହେକ୍ଟର ଜମିରେ ବୃକ୍ଷରୋପଣ କରିବା ଏବଂ ବିନା ମୂଲ୍ୟରେ ୧୦କୋଟି ଚାରାଗଛ ବଣ୍ଟନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ।

କେନ୍ଦୁପତ୍ର କାରବାର ସଂପୂର୍ଣ୍ଣ ଶ୍ରମନିର୍ଭରଶୀଳ । ଏହି ପରିକଳ୍ପନା ଦ୍ୱାରା କେବଳ ଯେ, ଗ୍ରାମାଞ୍ଚଳର ଲୋକେ ସୁଲଭ ମଜୁରୀ ଓ କାମଧନ୍ଦାର ସୁବିଧା ସୁଯୋଗ ପାଆନ୍ତି ତାହା ନୁହେଁ, ଏଥିରୁ ବର୍ଷକୁ ବର୍ଷ ଅଧିକ ରାଜସ୍ୱ ମିଳିଥାଏ ।

ଗ୍ରାମାଞ୍ଚଳ, ଅର୍ଦ୍ଧ ସହରାଞ୍ଚଳ ଓ ଦ୍ରୁତ ବିକାଶଶୀଳ ଅଞ୍ଚଳରେ ବାସ କରୁଥିବା ଘରଡିହହୀନ ପ୍ରତ୍ୟେକ ପରିବାରକୁ ଡିହା ଜମିରେ ଚାରି ଡେସିମିଲ ଲେଖାଏଁ ସରକାରୀ ଜମି ଘରଡିହ ଆକାରରେ ଯୋଗାଇ ଦିଆଯାଉଅଛି । ବାର୍ଷିକ ୩୦,୦୦୦ ପରିବାରଙ୍କୁ ଘରଡିହ ଯୋଗାଇ ଦେବାଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସ୍ଥଳେ ୧୯୮୬ ମସିହା ଜାନୁୟାରୀ ଶେଷ ସୁଦ୍ଧା ୯,୧୪୧ ଆଦିବାସୀ, ୭,୨୯୦ ହରିଜନ ସମେତ ମୋଟ ୩୦,୯୫୫ ପରିବାରଙ୍କୁ ଘରଡିହ ଯୋଗାଇ ଦିଆଯାଇଛି । ଆଗାମୀବର୍ଷ ପାଇଁ ୨୦,୦୦୦ ପରିବାରଙ୍କୁ ଘରଡିହ ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଅଦ୍ୟାବଧି ୯ ଲକ୍ଷ ୬୦ ହଜାର ହେକ୍ଟର ଜମିକୁ ଚକବନ୍ଦୀ ପରିସରଭୁକ୍ତ କରାଯାଇ ସାରିଲଣି । ପଞ୍ଚମ ଯୋଜନା ପୂର୍ବରୁ ୪୬,୦୦୦ ହେକ୍ଟର ଜମିକୁ ଚକବନ୍ଦୀ କରାଯାଇଥିଲା ଓ ଷଷ୍ଠ ଯୋଜନାରେ ୩ ଲକ୍ଷ ୪୮ ହଜାର ହେକ୍ଟର ଜମିକୁ ଚକବନ୍ଦୀ କରାଯାଇଛି । ୧୯୮୫-୮୬ ମସିହାରେ ୧ ଲକ୍ଷ ୩୧ ହଜାର ହେକ୍ଟର ଜମିରେ ଚକବନ୍ଦୀ କାର୍ଯ୍ୟ ଶେଷ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

ତଫସିଲଭୁକ୍ତ ଜାତି ଓ ଉପଜାତି ସଂପ୍ରଦାୟର ସାମାଜିକ ଓ ଅର୍ଥନୈତିକ ଅବସ୍ଥାର ଉନ୍ନତିବିଧାନ କରାଯିବା ସଙ୍ଗେ ସଙ୍ଗେ ସେମାନଙ୍କୁ ସବୁ ପ୍ରକାରର ଶୋଷଣରୁ ରକ୍ଷାକରିବା ପାଇଁ ସ୍ୱତନ୍ତ୍ର ଉଦ୍ୟମ କରାଯାଉଛି । ସେମାନଙ୍କର ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି । ଆଦିବାସୀ ଉପଯୋଜନା, ତଫସିଲଭୁକ୍ତ ଜାତିଙ୍କ ନିମିତ୍ତ ସ୍ୱତନ୍ତ୍ର କେନ୍ଦ୍ରୀୟ ଯୋଜନା, ମାଇକ୍ରୋ ପ୍ରୋଜେକ୍ଟ, ସଂଶୋଧିତ ଅଞ୍ଚଳ ଉନ୍ନୟନ ଉଦ୍ୟୋଗ ଓ ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମରେ ପର୍ଯ୍ୟାପ୍ତ ପରିମାଣରେ ଅର୍ଥ ବିନିଯୋଗ କରାଯାଉଛି । ୮୫ଟି ଗ୍ରାମରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ ଓ ଶିକ୍ଷା ପ୍ରଭୃତି କ୍ଷେତ୍ରରେ ପ୍ରଶାସନିକ ମାନଦଣ୍ଡ ପରିକଳ୍ପନା ଏବଂ ମୌଳିକ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଗ୍ରାମପିଛା ଲକ୍ଷ ଟଙ୍କା ହିସାବରେ ଅତିରିକ୍ତ ପୁଞ୍ଜି ନଗାଣ କରିବାର ବ୍ୟବସ୍ଥା କରାଯାଉଛି ।

ଜଳ ସଂପଦର ବିକାଶ ପାଇଁ ଅଧିକ ଅର୍ଥ ବିନିଯୋଗ କରିବା ଉପରେ ଆମେ ସର୍ବଦା ଅଧିକ ଗୁରୁତ୍ୱ ଦେଇ ଆସିଛୁ । ଷଷ୍ଠ ଯୋଜନା ଶେଷ ସୁଦ୍ଧା ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା ମାଧ୍ୟମରେ ଖରିଫ୍ ଚାଷପାଇଁ ୮,୪୯,୨୮୦ ହେକ୍ଟର ଜମି ଓ ରବିଚାଷ ପାଇଁ ୩,୮୯,୨୯୦ ହେକ୍ଟର ଜମିରେ ଜଳସେଚନର ସୁବିଧା ସୃଷ୍ଟି କରାଯାଇ ପାରିଛି । ଚଳିତ ବର୍ଷ ଖରିଫ୍ ଚାଷ ପାଇଁ ୨୧,୧୪୦ ହେକ୍ଟର ଓ ରବି ଚାଷ ପାଇଁ ୧୦,୯୬୦ ହେକ୍ଟରରୁ ଅଧିକ ଜମିକୁ ଅତିରିକ୍ତ ଜଳସେଚନ ସୁବିଧା ଯୋଗାଇ ଦେବାଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ୧୯୮୬-୮୭ ରାଜ୍ୟ ଯୋଜନା ଅଟକଳରେ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା ବାବଦରେ ୧୧୪ କୋଟି ଟଙ୍କାର ବ୍ୟୟ ଅଟକଳ ନିର୍ଦ୍ଧାରିତ ହୋଇଛି । ଏହି ଅର୍ଥ ବିନିଯୋଗ ଦ୍ୱାରା ଅତିରିକ୍ତ ୨୬,୩୧୦ ହେକ୍ଟର ଖରିଫ୍ ଓ ୪,୫୯୦ ହେକ୍ଟର ରବିଚାଷ ଜମିକୁ ଜଳସେଚିତ କରାଯିବାର କାର୍ଯ୍ୟକ୍ରମ ରଖାଯାଇଅଛି ।

ଚଳିତବର୍ଷ କ୍ଷୁଦ୍ର ଜଳସେଚନ ଯୋଜନା ମାଧ୍ୟମରେ ଖରିଫ୍‌ରେ ୨,୭୬୧ ହେକ୍ଟର ଓ ରବିରେ ୧,୨୫୨ ହେକ୍ଟର ଏପରି ମୋଟ ୪,୦୧୩ ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ସୁବିଧା ସୃଷ୍ଟି କରିବା ଲାଗି କାର୍ଯ୍ୟକ୍ରମ ରହିଛି । ୧୯୮୬-୮୭ ଆର୍ଥିକ ବର୍ଷ ପାଇଁ କ୍ଷୁଦ୍ର ଜଳସେଚନ (ପ୍ରବାହ) ପାଇଁ ୧୩ କୋଟି ଟଙ୍କାର ବ୍ୟୟ ଅଟକଳ ନିର୍ଦ୍ଧାରିତ ହୋଇଛି । ଏହା ବିନିଯୋଗ କରାଯିବା ପରେ ଆଉ ଅଧିକା ୩,୦୦୪ ହେକ୍ଟର ଜମିରେ ଖରିଫ୍ ଓ ୬୬୦ ହେକ୍ଟର ଜମିରେ ରବିଚାଷ ପାଇଁ ଜଳସେଚନର ସମ୍ଭାବନା ସୃଷ୍ଟି କରାଯାଇ ପାରିବ ।

ଉଠା ଜଳସେଚନ ଜରିଆରେ ରାଜ୍ୟର ଭୂତଳ ଜଳସଂପଦକୁ ୯ଲକ୍ଷ ହେକ୍ଟର ଜମି ପାଇଁ ଉପଯୋଗ କରାଯାଇ ପାରିବବୋଲି ଅଟକଳ କରାଯାଉଛି । ଷଷ୍ଠ ଯୋଜନା ଶେଷ ସୁଦ୍ଧା ୮,୨୪୩ ଉଠା ଜଳସେଚନ ପଏଣ୍ଟ କରାଯାଇ ୧,୮୭,୪୮୦ ହେକ୍ଟର ଜମି ପାଇଁ ଜଳସେଚନର ସୁଯୋଗ ସୃଷ୍ଟି କରାଯାଇଥିଲା । ୧୯୮୫-୮୬ ଆର୍ଥିକ ବର୍ଷ ସକାଶେ ଏ କ୍ଷେତ୍ରରେ ୧୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ୧୯୮୬-୮୭ ବର୍ଷରେ ୧,୦୦୦ଟି ନୂତନ ଉଠା ଜଳସେଚନ କେନ୍ଦ୍ର ପ୍ରତିଷ୍ଠା କରି ଆଉ ୨୪,୦୦୦ ହେକ୍ଟର ଜମିକୁ ଜଳସେଚନର ସୁବିଧା ଦେବାଲାଗି ୧୨ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

ଓଡ଼ିଶା ଭାରତର ଏକ ନୈୟମିତ ବନ୍ୟା ପ୍ରପୀଡ଼ିତ ରାଜ୍ୟ । ରାଜ୍ୟର ମୋଟ ୪୧,୦୦୦ ବର୍ଗ କିଲୋମିଟର ବନ୍ୟା ବିପନ୍ନ ଓ ଜଳ ଜମିରହୁଥିବା ଅଞ୍ଚଳ ମଧ୍ୟରୁ ଷଷ୍ଠ ଯୋଜନା ଶେଷସୁଦ୍ଧା ୨୭,୫୦୦ ବର୍ଗ କିଲୋମିଟର ପରିମିତ ଅଞ୍ଚଳକୁ ବିଭିନ୍ନ ଉପାୟରେ ସୁରକ୍ଷା କରାଯାଇ ପାରିଛି । ଏଥି ନିମନ୍ତେ ଚାଲୁ ହୋଇଥିବା ଯୋଜନାଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଶେଷ କରିବା ପାଇଁ ୧୯୮୫-୮୬ ଓ ୧୯୮୬-୮୭ ବର୍ଷପାଇଁ ଯଥାକ୍ରମେ ୩କୋଟି ଓ ୩ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ସାଂପ୍ରତିକ ବିଦ୍ୟୁତ୍ ସମସ୍ୟାର ମୁକାବିଲା କରିବା ଓ କ୍ରମବର୍ଦ୍ଧିଷ୍ଣୁ ବିଦ୍ୟୁତ୍ ଚାହିଦା ମେଣ୍ଟାଇବା ସକାଶେ ଆରମ୍ଭ କରାଯାଇଥିବା ରେଙ୍ଗାଲି, ହୀରାକୁଦରେ ସପ୍ତମ ୟୁନିଟ୍, ଅପର କୋଲାବ ଓ ଅପର ଇନ୍ଦ୍ରାବତୀ ଯୋଜନାର ପ୍ରଥମ ୟୁନିଟ୍ ଯୋଜନାଗୁଡ଼ିକୁ—ସପ୍ତମ ଯୋଜନା କାଳରେ ଶେଷ କରିବା ପାଇଁ ସରକାର ଅଗ୍ରାଧିକାର ଦେଉଛନ୍ତି । ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପ ପ୍ରଥମ ୟୁନିଟର କାର୍ଯ୍ୟ ୧୯୮୫ ଅଗଷ୍ଟ ୨୭ ତାରିଖରେ ଶେଷ ହୋଇଥିଲା । ଏହାର ୫୦ ମେଗାୱାଟ୍ ବିଦ୍ୟୁତ-

ଶକ୍ତି ଉତ୍ପାଦନକ୍ଷମ ଦ୍ୱିତୀୟ ୟୁନିଟ୍‌ର କାର୍ଯ୍ୟ ୧୯୮୬ ମାର୍ଚ୍ଚ ଶେଷସୁଦ୍ଧା ସଂପୂର୍ଣ୍ଣ ହେବ । ଅପର କୋଲାବ ଜଳବିଦ୍ୟୁତ୍ ପ୍ରକଳ୍ପର ୮୦ ମେଗାୱାଟ ଉତ୍ପାଦନକ୍ଷମ ପ୍ରଥମ ୟୁନିଟର ନିର୍ମାଣ କାର୍ଯ୍ୟ ୧୯୮୭ ମାର୍ଚ୍ଚ ମାସରେ ଶେଷ ହେବ ଓ ଅନ୍ୟ ଦୁଇ ୟୁନିଟ୍‌ର ନିର୍ମାଣ କାର୍ଯ୍ୟ ଛଅମାସ ବ୍ୟବଧାନରେ ଶେଷହେବ । ଅପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପର ପ୍ରଥମ ୟୁନିଟ୍‌ର ନିର୍ମାଣକାର୍ଯ୍ୟ ୧୯୯୦ରେ ଓ ହୀରାକୁଦର ସପ୍ତମ ୟୁନିଟ୍ କାର୍ଯ୍ୟ ୧୯୮୭ ସେପ୍‌ଟେମ୍ବରରେ ଶେଷ ହେବ ବୋଲି କାର୍ଯ୍ୟକ୍ରମ ରହିଛି । ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ଉତ୍ପାଦନ ଶକ୍ତି ଓ ସାମର୍ଥ୍ୟ ବଢ଼ାଇବା ଉଦ୍ଦେଶ୍ୟରେ ଏହାର ପୁନର୍ବିନ୍ୟାସ ତଥା ଆଧୁନିକୀକରଣ କାର୍ଯ୍ୟକ୍ରମ ପାଇଁ ୨୩ କୋଟି ୪୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ରାଜ୍ୟ ସରକାର ଇବ୍ ଉପତ୍ୟକାରେ ୪×୨୧୦ ମେଗାୱାଟ୍ ପ୍ରତିଷ୍ଠିତ ସାମର୍ଥ୍ୟ ବିଶିଷ୍ଟ ଗୋଟିଏ ତାପଜ ବିଦ୍ୟୁତ୍ କେନ୍ଦ୍ର ୯୩୯ କୋଟି ୫ ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠା କରିବା ପାଇଁ ସ୍ଥିର କରିଛନ୍ତି । ଯୋଜନା କମିଶନ ନୀତିଗତ ଭାବେ ଏହି ପ୍ରକଳ୍ପ ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏଥିପାଇଁ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ପ୍ରତିଷ୍ଠା କରାଯାଇଛି ।

ଷଷ୍ଠ ଯୋଜନା ଶେଷସୁଦ୍ଧା ରାଜ୍ୟର ମୋଟ୍ ୪୬,୯୯୨ଟି ଗ୍ରାମ ମଧ୍ୟରୁ ୨୩,୭୬୨ଟି ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇଥିଲା । ଏହା ମୋଟ୍ ଗ୍ରାମର ଶତକଡ଼ା ୫୦.୫୬ ଭାଗ । ଏହାଦ୍ୱାରା ଗ୍ରାମାଂଚଳର ଶତକଡ଼ା ୭୨ଭାଗରୁ ଅଧିକ ଲୋକ ଉପକୃତ ହୋଇଛନ୍ତି । ୧୯୮୬-୮୭ରେ ୧୮ କୋଟି ୧୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧,୩୮୬ଟି ଗ୍ରାମକୁ ବିଦ୍ୟୁତ୍‌କରଣ କରିବାପାଇଁ କାର୍ଯ୍ୟକ୍ରମ ରହିଛି । ସେହିପରି ୧୯୮୬-୮୭ରେ ୭,୬୩୦ଟି ପମ୍ପସେଟ୍‌କୁ ବିଦ୍ୟୁତ୍ ସଂଯୋଗ କରିବାଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଷଷ୍ଠଯୋଜନା କାଳରେ ରାଜ୍ୟରେ ପ୍ରବର୍ତ୍ତନ କରାଯାଇଥିବା କୋହଳ ଶିଳ୍ପ ନୀତି ଓ ତହିଁରେ ଥିବା ବହୁ ପ୍ରୋତ୍ସାହନ ମୂଳକ ବ୍ୟବସ୍ଥା ଫଳରେ ଶିଳ୍ପାୟନ କ୍ଷେତ୍ରରେ ଉଲ୍ଲେଖ ଯୋଗ୍ୟ ଅଗ୍ରଗତି ଘଟିଛି । ସପ୍ତମ ଯୋଜନା କାଳରେ ଏ କ୍ଷେତ୍ରରେ ସାଧିତ ହୋଇଥିବା କାର୍ଯ୍ୟଗୁଡ଼ିକୁ ସଂଗଠିତ କରାଯିବ ଓ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ହାରକୁ ତ୍ୱରାନ୍ୱିତ କରାଯିବ । ସରକାରୀ ଓ ମିଳିତ ଉଦ୍ୟୋଗରେ କାର୍ଯ୍ୟକାରୀ ହେଉଥିବା ବୃହତ୍ ଓ ମଧ୍ୟମ ଶିଳ୍ପାନୁଷ୍ଠାନ ପାଇଁ ଯଥେଷ୍ଟ ଅର୍ଥ ବ୍ୟବସ୍ଥା କରାଯାଉଥିବା ବେଳେ କ୍ଷୁଦ୍ରଶିଳ୍ପର ବିକାଶ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଆରୋପ କରାଯାଇଛି ଏବଂ ପାରମ୍ପରିକ ଶିଳ୍ପ ତଥା କାରିଗରୀ ଭିତ୍ତିକ ଶିଳ୍ପାନୁଷ୍ଠାନଗୁଡ଼ିକର ସଂପ୍ରସାରଣ, ଆଧୁନିକୀକରଣ ତଥା ବିକାଶ ପ୍ରତି ଧ୍ୟାନ ଦିଆଯାଉଛି । ମିଳିତ ଉଦ୍ୟୋଗରେ ଇଲେକ୍‌ଟ୍ରୋନିକ୍ ଶିଳ୍ପାନୁଷ୍ଠାନର ବିକାଶ ସାଧନ ନିମନ୍ତେ ରାଜ୍ୟ ଇଲେକ୍‌ଟ୍ରୋନିକ୍ ଉନ୍ନୟନ ନିଗମକୁ ଅଂଶ ମୂଳଧନ ସହାୟତା ଆକାରରେ ୧ କୋଟି ୭୫ ଲକ୍ଷ ଟଙ୍କା ଦିଆଯିବ ।

ଷଷ୍ଠ ଯୋଜନା କାଳରେ ନିରବଚ୍ଛିନ୍ନ ଉଦ୍ୟମ ଯୋଗୁ ହସ୍ତତନ୍ତ କ୍ଷେତ୍ରରେ ଉତ୍ପାଦନ ୭୪୦ ଲକ୍ଷ ମିଟରକୁ ବୃଦ୍ଧି ପାଇଛି, ଯାହାର ମୂଲ୍ୟ ୪୬ କୋଟି ଟଙ୍କା ଅଟେ । ସପ୍ତମ ଯୋଜନା କାଳରେ ତନ୍ତ ସଂଖ୍ୟା ୧ ଲକ୍ଷ ୫ ହଜାରରୁ ୧ ଲକ୍ଷ ୨୫ ହଜାରକୁ ବୃଦ୍ଧି ପାଇବ ଏବଂ ଏହା ଫଳରେ ୨ ଲକ୍ଷ ୫୦ ହଜାର ଲୋକ ପ୍ରତ୍ୟକ୍ଷ ଭାବରେ କାମଧନ୍ଦା ପାଇପାରିବେ । ୧୯୮୬-୮୭ରେ ଆଉ ୪,୪୪୩ଟି ତନ୍ତ ପ୍ରତିଷ୍ଠା କରାଯିବ ଓ ୪,୦୦୦ ତନ୍ତକୁ ଆଧୁନିକୀକରଣ କରାଯିବ ।

କ୍ଷୁଦ୍ର ଶିଳ୍ପାନୁଷ୍ଠାନରୁ ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟା କ୍ଷେତ୍ରରେ ସାହାଯ୍ୟ କରିବା ଓ ସେସବୁ ଦ୍ରବ୍ୟର ଗୁଣାତ୍ମକ ନିୟନ୍ତ୍ରଣ ସକାଶେ ରପ୍ତାନୀ ଉନ୍ନୟନ ଓ ବାଣିଜ୍ୟ ନିର୍ଦ୍ଦେଶାଳୟ ତତ୍ତ୍ୱାବଧାନରେ ଅନୁଗୁଳଠାରେ ଗୋଟିଏ ପରୀକ୍ଷାଗାର ପ୍ରତିଷ୍ଠା କରିବା ନିମିତ୍ତ ପ୍ରସ୍ତାବ ରହିଛି । ଏହାଛଡ଼ା କ୍ଷୁଦ୍ରଶିଳ୍ପ ଅନୁଷ୍ଠାନମାନଙ୍କର ଉତ୍ପାଦନ ସାମଗ୍ରୀର ରପ୍ତାନୀ ଜନିତ ସୁବିଧା ନିମନ୍ତେ ଗୋଟିଏ ରପ୍ତାନୀ ଉନ୍ନୟନ ନିଗମ ସ୍ଥାପନ କରିବା ପ୍ରସ୍ତାବ ରହିଛି ।

ରାଜ୍ୟରେ ଶିଳ୍ପାୟନର ତ୍ୱରାନ୍ୱିତ ବେଗର ସୁବିଧା ଯୋଗାଇବା ପାଇଁ କୁଶଳୀ ତଥା ତାଲିମ ପ୍ରାପ୍ତ ଲୋକଶକ୍ତି ସୃଷ୍ଟି କରିବାକୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ଏହାଛଡ଼ା ଇଲେକ୍‌ଟ୍ରୋନିକ୍ସ, ବୟନଶିଳ୍ପ ଓ ଅନୁରୂପ ଧନ୍ଦାରେ ମହିଳାମାନଙ୍କୁ ତାଲିମ ଦେବା ଉପରେ ଗୁରୁତ୍ୱ ଦିଆଯାଉଅଛି ଏବଂ ଏସବୁ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି । ଏଥି ନିମନ୍ତେ ୧୯୮୬-୮୭ ମସିହାରେ ଢେଙ୍କାନାଳଠାରେ ମହିଳାମାନଙ୍କ ନିମନ୍ତେ ଗୋଟିଏ ନୂତନ ପଲିଟେକ୍‌ନିକ୍ ପ୍ରତିଷ୍ଠା କରାଯିବ । ଆଗାମୀ ବର୍ଷଠାରୁ ରାଉରକେଲା ଆଞ୍ଚଳିକ ଇଂଜିନିୟରିଂ କଲେଜରେ କମ୍ପ୍ୟୁଟର ବିଜ୍ଞାନ ଓ ପ୍ରୟୋଗାତ୍ମକ ଇଲେକ୍‌ଟ୍ରୋନିକ୍ସରେ ସ୍ନାତକ ପାଠ୍ୟକ୍ରମ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ସ୍ଥାପତ୍ୟ ଇଂଜିନିୟରିଂ ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯିବ । ଭୁବନେଶ୍ୱରସ୍ଥିତ ଇଂଜିନିୟରିଂ କଲେଜରେ ଏ ସଂପର୍କୀୟ ଦୃଶ୍ୟ କଂପ୍ଲେକ୍‌ସ (Complex) ପାଇଁ ୧୦୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏତଦ୍‌ବ୍ୟତୀତ ଭୁବନେଶ୍ୱରରେ ଗୋଟିଏ ପରିଯୋଜନା ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ଲାଗି ୧ କୋଟି ୫୦ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଷଷ୍ଠ ଯୋଜନା କାଳରେ ରାଜ୍ୟରେ ଖଣିଜ ଦ୍ରବ୍ୟର ଉତ୍ତୋଳନ ତଥା ସମୁପଯୋଜନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି । ରାଜ୍ୟର ମୋଟ ବର୍ଣ୍ଣିତ ୩୯,୦୦୦ ବର୍ଗ କିଲୋମିଟର ଖଣିଜ ସଂପଦଭରା ଅଞ୍ଚଳ ମଧ୍ୟରୁ ଷଷ୍ଠ ଯୋଜନାକାଳ ଶେଷସୁଦ୍ଧା ୨୪,୦୦୦ ବର୍ଗ କିଲୋମିଟର ଅଞ୍ଚଳକୁ ଅନୁସନ୍ଧାନ କରାଯାଇ ତହିଁରୁ କୋଇଲା, ଚୂନପଥର, ଟିଣପିଣ୍ଡ, ଅଗ୍ନି ନିରୋଧକ ମାଟି, ଗ୍ରାଫାଇଟ୍ ଓ ଖଣିଜ ବାଲୁକା ଭଳି ଖଣିଜ ପଦାର୍ଥମାନର ସନ୍ଧାନ ବିଭିନ୍ନ ଅଞ୍ଚଳରୁ ମିଳିଛି । ଖଣିଜ ସଂପଦ ସଂପର୍କରେ ବ୍ୟାପକ ଅନୁସନ୍ଧାନ ଓ ସମୀକ୍ଷା କାର୍ଯ୍ୟ ଭାରତ ସରକାରଙ୍କର ବିଭିନ୍ନ ସଂସ୍ଥା ଯଥା ଭାରତୀୟ ଭୂତାତ୍ତ୍ୱିକ୍ ସର୍ବେକ୍ଷଣ, ଆଣବିକ ଶକ୍ତି ବିଭାଗ, କୋଲ ଇଣ୍ଡିଆ ଲିମିଟେଡ୍, ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଏବଂ ଆଞ୍ଚଳିକ ଗବେଷଣାଗାର ସହାୟତାରେ କରାଯିବ । କୋଇଲା ଭଣ୍ଡାର, ସ୍ୱଳ୍ପ ଲୌହପିଣ୍ଡ, ଚୂନପଥର, ଗ୍ରାଫାଇଟ୍, ଗ୍ରାଫାଇଟ, ଟିଣ ଓ ସଂଶ୍ଳିଷ୍ଟ ଧାତୁ, ବେଳାଭୂମି ବାଲୁକା ରାଶିରେ ଥିବା ଭାରୀ ଖଣିଜଦ୍ରବ୍ୟ ଏବଂ କ୍ଷୁଦ୍ର କ୍ଷୁଦ୍ର ଖଣିଜ ପଦାର୍ଥର ପୁଂଖାନୁପୁଂଖ ସମୁପଯୋଜନ ଉପରେ ଗୁରୁତ୍ୱ ଦିଆଯିବ । ଭୂ-ତାତ୍ତ୍ୱିକ ପାରାମିଟର ନିର୍ଦ୍ଧାରଣ ତଥିବ୍ୟତୀତ ଜଳସେଚନ ପ୍ରକଳ୍ପ ଓ ଭୂତଳ ଜଳ ସଂପଦ ଅନୁସନ୍ଧାନ କାର୍ଯ୍ୟ ହାତକୁ ନିଆଯିବ । ୧୯୮୬-୮୭ରେ ରାଜ୍ୟର କେତେକ ଅଞ୍ଚଳରେ ବିମାନଯୋଗେ ଏ ସଂକ୍ରାନ୍ତ ସର୍ବେ କାର୍ଯ୍ୟ ଆରମ୍ଭ କରିବା ଲାଗି ଭାରତ ସରକାର ରାଜି ହୋଇଛନ୍ତି । ଖଣିରେ କାର୍ଯ୍ୟ ସମ୍ପାଦନ ସଂକ୍ରାନ୍ତ ପ୍ରତିକୂଳ ପରିବେଶକୁ ପ୍ରତିହତ କରିବା

ଏବଂ ଏ ସମ୍ବନ୍ଧରେ ଅନୁସନ୍ଧାନ କରିବାଲାଗି ଗୋଟିଏ ଯୋଜନା ହାତକୁ ନିଆଯାଇଛି । ଓଡ଼ିଶା ଖଣି ନିଗମ ଲିମିଟେଡ଼ର ସହାୟକ ସଂସ୍ଥା, ଓଡ଼ିଶା ଖଣି ନିଗମ ଆଲଏଜ(O.M.C.Alloys) ଲିମିଟେଡ୍ ଦ୍ୱାରା ପ୍ରତିଷ୍ଠିତ ଫେରୋକ୍ରୋମ ପ୍ରକଳ୍ପ ସଂପ୍ରତି ବ୍ୟବସାୟିକ ଉତ୍ପାଦନ ପାଇଁ ସମର୍ଥ ହୋଇପାରିଛି ।

୨୦୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ସମସ୍ତଙ୍କ ପାଇଁ 'ସ୍ୱାସ୍ଥ୍ୟ (Health for All by 2,000 A.D.) ଜାତୀୟ ସ୍ୱାସ୍ଥ୍ୟ ନୀତିକୁ ଦୃଷ୍ଟିରେ ରଖି ଷଷ୍ଠ ଯୋଜନା ମଧ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମିକୁ ସଂପ୍ରସାରଣ କରାଯାଇଛି । ଷଷ୍ଠ ଯୋଜନା କାଳରେ ୧୪,୪୨୧ ଜଣ ସ୍ୱାସ୍ଥ୍ୟ କର୍ମୀ (Health guide)ଙ୍କୁ ତାଲିମ ଦିଆଯାଇଛି ଓ ଏହା ଫଳରେ ରାଜ୍ୟରେ ହେଲଥ ଗାଇଡ୍ ସଂଖ୍ୟା ୨୩,୨୯୭କୁ ବୃଦ୍ଧି ପାଇଛି । ଏହାଛଡ଼ା ଷଷ୍ଠ ଯୋଜନା କାଳରେ ୨,୦୮୯ ଗୋଟି ଉପକେନ୍ଦ୍ର ଏବଂ ଅଧିକା ୨୦ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଏସବୁ ବ୍ୟତୀତ ରାଜ୍ୟରେ ଥିବା ହସ୍ପିଟାଲଗୁଡ଼ିକରେ ଅଧିକା ୧,୦୯୬ଟି ଶଯ୍ୟା ମଧ୍ୟ ଯୋଗାଇ ଦିଆଯାଇଥିଲା । ୧୯୮୬-୮୭ ମସିହା ଯୋଜନା ଅଟକଳରେ ବରାଦ ହୋଇଥିବା ୧,୨୯୮ ଲକ୍ଷ ଟଙ୍କାର ଅର୍ଥ ମଧ୍ୟରୁ ଅଷ୍ଟମ ଅର୍ଥ କମିଶନଙ୍କ ଦ୍ୱାରା ପ୍ରଦତ୍ତ ୩୮ ଲକ୍ଷ ଟଙ୍କା ଏବଂ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ବାବଦ ୧୦ ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ । ଆଗାମୀ ଆର୍ଥିକ ବର୍ଷରେ ଦୁଇଗୋଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ୭ ଗୋଟି ସବ୍‌ଡିଭିଜନାଲ୍ ହସ୍ପିଟାଲକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବା, ୧୦ ଗୋଟି ଡାକ୍ତରୀ ସଂସ୍ଥାକୁ ଅତିରିକ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଣତ କରିବା ଏବଂ ଯେଉଁ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ନିମନ୍ତେ କୌଣସି ଅନୁଷ୍ଠାନ ନାହିଁ, ସେଠାରେ ୧୦ ଗୋଟି ଅତିରିକ୍ତ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରିବା ଲାଗି ପ୍ରସ୍ତାବ ରହିଛି । ଅଧିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ତିନିଗୋଟି intensive coronary care units ଓ ଦୁଇଗୋଟି ଦୁର୍ଘଟଣା ସେବା କେନ୍ଦ୍ର (Accident units) ଖୋଲିବା ପାଇଁ ପ୍ରସ୍ତାବ ରଖାଯାଇଛି । ଏହାଛଡ଼ା ଭୁବନେଶ୍ୱରସ୍ଥିତ ଜାତୀୟ ଶିଶୁ ପ୍ରତିଷ୍ଠାନକୁ ସରକାର ହାତକୁ ନେବା ଲାଗି ମଧ୍ୟ ପ୍ରସ୍ତାବ ରହିଛି । ୭ ଗୋଟି ଜିଲା ଥଇଥାନ କେନ୍ଦ୍ର (District Rehabilitation Centre) ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ରହିଛି ଏବଂ ବିଭିନ୍ନ ହସ୍ପିଟାଲ୍ ଓ ଚିକିତ୍ସାଳୟରେ ୩୦୦ ଗୋଟି ଅଧିକ ଶଯ୍ୟା ଯୋଗାଇ ଦେବା ଲାଗି ବ୍ୟୟ ବରାଦ କରାଯାଇଛି ।

କଟକ ଓ ପୁରୀ ଜିଲା ଏବଂ ବ୍ରହ୍ମପୁର ତଥା କଟକ ମେଡ଼ିକାଲ କଲେଜର ଆଖପାଖ ଅଞ୍ଚଳରେ ପ୍ରସୂତି ଓ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ସାର୍ବଜନୀନ ଟୀକାଦାନ ସକାଶେ ଏକ ସ୍ୱତନ୍ତ୍ର ଯୋଜନା ୧୯୮୫ ମସିହା ନଭେମ୍ବର ୧୧ ତାରିଖ ଠାରୁ ଆରମ୍ଭ କରାଯାଇଛି । ୧୯୮୬-୮୭ ମସିହାରେ ଏହି ଯୋଜନାକୁ ଅନ୍ୟାନ୍ୟ ସାତିଗୋଟି ଜିଲା ଓ ବୁର୍ଲା ମେଡ଼ିକାଲ କଲେଜ ପରିସର ଅଞ୍ଚଳକୁ ସଂପ୍ରସାରିତ କରିବା ପାଇଁ ପ୍ରସ୍ତାବ ରଖାଯାଇଛି । ୧୯୮୬-୮୭ ବାର୍ଷିକ ଯୋଜନାରେ ରାଜ୍ୟରେ ୨୫ ଗୋଟି ଆୟୁର୍ବେଦ ଓ ୨୫ ଗୋଟି ହୋମିଓପ୍ୟାଥି ଚିକିତ୍ସାଳୟ ଖୋଲିବା ପାଇଁ ମଧ୍ୟ କାର୍ଯ୍ୟକ୍ରମ ରହିଛି । ହସ୍ପିଟାଲ୍ ସେବା କ୍ଷେତ୍ରରେ ଗୋଟିଏ ଆୟୁର୍ବେଦ, ଗୋଟିଏ ହୋମିଓ-ପ୍ୟାଥି ଏବଂ ଗୋଟିଏ ପ୍ରାକୃତିକ ଚିକିତ୍ସା ହସ୍ପିଟାଲ ପ୍ରତିଷ୍ଠା କରାଯିବ । ଉପରୋକ୍ତ କାର୍ଯ୍ୟକ୍ରମ ମଧ୍ୟରୁ ରାଜ୍ୟର ଆଦିବାସୀ ଉପଯୋଜନା ଅଞ୍ଚଳରେ ୧୦ଗୋଟି ନୂଆ ଆୟୁର୍ବେଦ ଓ ୧୦ ଗୋଟି ନୂଆ ହୋମିଓପାଥି ଚିକିତ୍ସାଳୟ ପ୍ରତିଷ୍ଠା କରିବା ନିମନ୍ତେ ନିର୍ଦ୍ଧାରଣ କରାଯାଇଛି ।

ଷଷ୍ଠ ଯୋଜନା କାଳରେ ୮,୮୧,୨୦୦ଟି ବନ୍ଧ୍ୟାକରଣ, ୨,୪୧,୨୦୦ଟି ଲୁପ ଗ୍ରହଣ ଓ ୫,୪୫,୦୦୦ଟି ଅନ୍ୟାନ୍ୟ ଜନ୍ମ ନିରୋଧ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ସେଥିମଧ୍ୟରୁ ୬,୬୪,୪୩୧ଟି ବନ୍ଧ୍ୟାକରଣ, ୧,୮୨,୫୭୦ଟି ଲୁପ୍ ଗ୍ରହଣ ଏବଂ ୪,୨୧,୮୭୫ଟି ଅନ୍ୟାନ୍ୟ ଜନ୍ମନିରୋଧକରଣ ଲକ୍ଷ୍ୟ ହାସଲ ହୋଇପାରିଛି । ୧୯୮୫-୮୬ ବର୍ଷରେ (ଜାନୁଆରୀ ମାସ ଶେଷ ସୁଦ୍ଧା) ୧,୩୦,୦୦୦ଟି ବନ୍ଧ୍ୟାକରଣ, ୬୮,୦୦୦ଟି ଲୁପ୍ ଗ୍ରହଣ ଓ ଏକ ଲକ୍ଷ ଅନ୍ୟାନ୍ୟ ଉପକରଣ ବ୍ୟବହାର ଲକ୍ଷ୍ୟ ହାସଲ କରାଯାଇ ପାରିଛି । ୧୯୮୬-୮୭ରେ ୨,୧୦,୦୦୦ ଗୋଟି ବନ୍ଧ୍ୟାକରଣ, ୧,୦୦,୦୦୦ ଲୁପ୍ ଗ୍ରହଣ ଏବଂ ୧,୫୭,୦୦୦ ଅନ୍ୟାନ୍ୟ ଉପକରଣ ବ୍ୟବହାର ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଛୋଟ ପରିବାର ପରିକଳ୍ପନାକୁ ( Small Family Norms ) ଗ୍ରହଣ କରିବା ଲାଗି କେତେଗୁଡ଼ିଏ ବ୍ୟକ୍ତି ବିଶେଷ ଓ ଆନୁଷ୍ଠାନିକ ପ୍ରୋତ୍ସାହନ ପରିକଳ୍ପନା କାର୍ଯ୍ୟକାରୀ କରାଯାଉଛି । ପୁରୁଷ ତଥା ମହିଳାମାନଙ୍କ ଅସ୍ତ୍ରୋପଚାର ନିମନ୍ତେ ସେମାନଙ୍କୁ ଯଥାକ୍ରମେ ୩୦ ଟଙ୍କା ଓ ୨୦ ଟଙ୍କା ଅଧିକ ପ୍ରୋତ୍ସାହନ ସାହାଯ୍ୟ ସରକାର ଦେଉଛନ୍ତି ।

ଷଷ୍ଠ ଯୋଜନା କାଳରେ ଶିକ୍ଷା ବ୍ୟବସ୍ଥାର ସୁବିଧା ସୁଯୋଗ ଆଶାଜନକଭାବେ ବୃଦ୍ଧି ପାଇଥିଲା । ୬ରୁ ୧୧ ବର୍ଷ ଏବଂ ୧୧ ବର୍ଷରୁ ୧୪ ବର୍ଷର ପିଲାମାନଙ୍କ ନାମଲେଖା ଧାର୍ଯ୍ୟସୀମାକୁ ଟପି ଯାଇଥିଲା । ବଳିତ ବର୍ଷ ୭୪୭ଟି ନୂତନ ପ୍ରାଥମିକ ବିଦ୍ୟାଳୟ ଖୋଲାଯିବା ସଙ୍ଗେ ସଙ୍ଗେ ୧,୫୪୭ ଜଣ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କ ସମେତ ୮୦୦ ଜଣ ଅତିରିକ୍ତ ଶିକ୍ଷକଙ୍କୁ ଗୋଟିଏ ଶିକ୍ଷକ ଥିବା ସ୍କୁଲରେ ନିଯୁକ୍ତି ଦେବାଲାଗି ସରକାର ମଞ୍ଜୁର କରିଛନ୍ତି । ଯେଉଁ ସବୁ ଖ୍ରୀଷ୍ଟିଆନ୍ ମିସ୍‌ନାରୀ ସଂସ୍ଥା ଓ ମଦ୍ରାସା, ସରକାରଙ୍କଠାରୁ ଯଥାକ୍ରମେ ଦରମାର ଦୁଇ ତୃତୀୟାଂଶ ଓ ୮୦ ଭାଗ ମହଙ୍ଗାଭତ୍ତା ଓ ଦରମାର ଶତକଡ଼ା ୮୫ ଭାଗ ଓ ୧୦୦ ଭାଗ ମହଙ୍ଗାଭତ୍ତା ପାଉଥିଲେ ସେ ସବୁ ୧-୧-୧୯୮୫ ତାରିଖ ଠାରୁ ସଂପୂର୍ଣ୍ଣ ସରକାରୀ ସାହାଯ୍ୟ ପାଉଛନ୍ତି । ଏତଦବ୍ୟତୀତ ଛାତ୍ରମାନଙ୍କ ଲାଗି ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଓ ଛାତ୍ରୀମାନଙ୍କ ଲାଗି ସ୍ନାତକୋତ୍ତର ଶ୍ରେଣୀ ପର୍ଯ୍ୟନ୍ତ ଦରମା ଛାଡ ବ୍ୟବସ୍ଥା ସରକାର ୧-୮-୧୯୮୫ ତାରିଖ ଠାରୁ କାର୍ଯ୍ୟକାରୀ କରିଛନ୍ତି । ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଏବଂ ଏହି ଉଦ୍ୟମକୁ କ୍ଷିପ୍ରତର କରିବା ଲାଗି ସରକାର ରାଜ୍ୟ ଯୋଜନା ମାଧ୍ୟମରେ ୨,୩୦୦ ଜଣ ପ୍ରାଥମିକ ଶିକ୍ଷକ ନିଯୁକ୍ତି ସମେତ ଜଣିକିଆ ଶିକ୍ଷକ ପରିଚାଳିତ ବିଦ୍ୟାଳୟମାନଙ୍କରେ ୮୦୦ ପ୍ରାଥମିକ ଶିକ୍ଷକ ପଦବୀ ସୃଷ୍ଟି କରିବା ଲାଗି ପ୍ରସ୍ତାବ କରିଛନ୍ତି । ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କର ଅନୁପସ୍ଥିତ ଓ ପାଠପଢ଼ାରୁ ସବୁଦିନ ପାଇଁ ବଞ୍ଚିତ ହୋଇଯାଉଥିବା ପିଲାମାନଙ୍କର ତତ୍ତ୍ୱାବଧାନ ନେବାଲାଗି

ସରକାର ୧୦୦୦ ଶିକ୍ଷୟିତ୍ରୀ ନିଯୁକ୍ତି କରିବା ନିମିତ୍ତ ପ୍ରସ୍ତାବ କରିଛନ୍ତି । ଏହି ସଙ୍ଗେ ସଙ୍ଗେ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ମାଧ୍ୟମରେ ୪୦୦୦ଟି ଅଣଆନୁଷ୍ଠାନିକ କେନ୍ଦ୍ର ଖୋଲିବାର ପ୍ରସ୍ତାବ ଅଛି । ଏ ପର୍ଯ୍ୟନ୍ତ ରାଜ୍ୟ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ୧୦୦୦ଟି ପ୍ରୌଢ଼ ଶିକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି ଓ ୧୯୮୬-୮୭ ମସିହାରେ ୮୦୦ଟି ନୂତନ ପ୍ରୌଢ଼ ଶିକ୍ଷା କେନ୍ଦ୍ର ଖୋଲା ଯିବାର ପ୍ରସ୍ତାବ କରାଯାଇଅଛି ।

ଷଷ୍ଠ ଯୋଜନା ଶେଷ ସୁଦ୍ଧା ୨୨ଟି ସହରାଞ୍ଚଳ ମଧ୍ୟରୁ ୭୯ଟି ସହରାଞ୍ଚଳରେ ସୁରକ୍ଷିତ ବିଶୁଦ୍ଧ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ଯୋଜନାନୁଯାୟୀ ୧୨ଟି ଜଳ ଯୋଗାଣ ଯୋଜନାକୁ ସଂପୂର୍ଣ୍ଣ କରିବା ଲାଗି ବନ୍ଦୋବସ୍ତ କରାଯାଉଛି । ଏତଦ୍‌ବ୍ୟତୀତ ଆଉ ୧୫ଟି ଜଳ ଯୋଗାଣ କାର୍ଯ୍ୟକ୍ରମ ଆଗେଇ ଚାଲିଛି । ୧୯୮୬-୮୭ ମସିହାରେ ଏହିଭଳି ଚାଲୁ ରହିଥିବା ୫ଟି ପରିକଳ୍ପନା ସମେତ ଆଉ ଏକ ପୁନଃ ନିର୍ମାଣ ପରିକଳ୍ପନା ଓ ୧୧ଟି ବର୍ଦ୍ଧିତ ପରିଯୋଜନା କାର୍ଯ୍ୟ ଚାଲୁ ରହିବ ।

ଷଷ୍ଠ ଯୋଜନା କାଳରେ ଗ୍ରାମାଞ୍ଚଳମାନଙ୍କୁ ଜଳଯୋଗାଣ ଦିଗରେ ସରକାର ଏକ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛନ୍ତି । ୨୭,୦୭୭ଟି ଚିହ୍ନିତ ଜଳାଭାବ ଗ୍ରାମମାନଙ୍କ ମଧ୍ୟରୁ ୩,୪୬୧ଟି ଗ୍ରାମରେ ୧୧,୮୪୬ଟି ନଳକୂପ ପଞ୍ଚମ ଯୋଜନା ଶେଷ ସୁଦ୍ଧା ବସାଯାଇଛି । ଷଷ୍ଠ ଯୋଜନା କାଳରେ ୨୨,୩୫୭ଟି ଚିହ୍ନିତ ଗ୍ରାମରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇ ଷଷ୍ଠ ଯୋଜନା ଶେଷକୁ କେବଳ ୧,୨୫୯ଟି ଜଳାଭାବ ଗ୍ରାମରେ ଜଳଯୋଗାଣର ବ୍ୟବସ୍ଥା କରିବାକୁ ବାକିଥିଲା । ଏତଦ୍‌ବ୍ୟତୀତ ମରୁଡ଼ି, ବନ୍ୟା ଓ ବାତ୍ୟା ଇତ୍ୟାଦି ସଙ୍କଟ ସମୟରେ ଚିହ୍ନିତ ହୋଇ ନ ଥିବା ଜଳାଭାବ ଗାଁ ଗହଳିଗୁଡ଼ିକରେ ୧୩,୪୮୮ଟି ନଳ କୂପ ବସା ଯାଇଅଛି । ଚିହ୍ନଟ ହୋଇ ନ ଥିବା ଜଳାଭାବ ଗ୍ରାମାଞ୍ଚଳଗୁଡ଼ିକୁ ଚିହ୍ନଟ କରିବା ଲାଗି ସରକାରଙ୍କର ନୂତନ ସର୍ଭେ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ଏବଂ ଉକ୍ତ ସର୍ଭେରୁ ଜଣାପଡ଼େ ଯେ ଆଉ ୧୫,୧୪୪ଟି ଗ୍ରାମ ପାନୀୟ ଜଳାଭାବର ସମ୍ମୁଖୀନ ହେଉଛନ୍ତି । ଏହିସବୁ ଜଳାଭାବ ଗ୍ରାମମାନଙ୍କରେ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ସପ୍ତମ ଯୋଜନା ଶେଷ ସୁଦ୍ଧା ସଂପୂର୍ଣ୍ଣ କରାଯିବ । ସମୁଦ୍ର ଉପକୂଳବର୍ତ୍ତୀ ୨୦ଟି ବ୍ଲକର ଲୁଣି ଅଞ୍ଚଳରେ ପାନୀୟ ଜଳର ସୁବ୍ୟବସ୍ଥା କରିବା ଲାଗି ଡେନମାର୍କ ସରକାରଙ୍କ ସହାୟତାରେ ଏକ ଦ୍ରୁତ ଯୋଜନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହାଦ୍ୱାରା ପ୍ରଥମ ପର୍ଯ୍ୟାୟରେ ଗୁନ୍ଦବାଲି, ରାଜକନିକା ଓ ଡେରାବିଶ ବ୍ଲକ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ୧୭ଟି ବ୍ଲକରେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ହୋଇ ପାରିବ ।

ପୁରୀ ସହରର ଡ୍ରେନ୍ ପରିକଳ୍ପନା କାର୍ଯ୍ୟକାରୀ କରିବା-ଲାଗି ସରକାର ଚଳିତବର୍ଷ ୩୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି ଏବଂ ଏ ଦିଗରେ ଆସନ୍ତା ବର୍ଷ ଆଉ ୩୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଅଛି । କଟକ ସହରରେ ଜଳ ନିଷ୍କାସନ ଲାଗି ଡ୍ରେନ୍ ବ୍ୟବସ୍ଥା କାର୍ଯ୍ୟକ୍ରମ ଅବ୍ୟାହତ ରହିବ । ୟୁନିସେଫ୍ ( UNICEF ) ସହାୟତାରେ ବସ୍ତି ସଫାଇ କାର୍ଯ୍ୟକ୍ରମକୁ ସଂପ୍ରସାରିତ କରାଯାଇଅଛି ।

ନ୍ୟୁନତମ ଆବଶ୍ୟକତା କାର୍ଯ୍ୟକ୍ରମ ଜରିଆରେ ଭୂମିହୀନ ଶ୍ରମିକମାନଙ୍କ ଲାଗି ଗୃହ ନିର୍ମାଣ ପରିକଳ୍ପନା ... ଅବ୍ୟାହତ ରଖାଯିବ । ଷଷ୍ଠ ଯୋଜନା କାଳରେ ... ପରିକଳ୍ପନା ମାଧ୍ୟମରେ ମୋଟ ୧୬,୩୯୬ଟି ଗୃହ ନିର୍ମାଣ କରାଯାଇଥିଲା । ଚଳିତ ବର୍ଷ ୬,୬୬୭ଟି ବାସଗୃହ ନିର୍ମାଣ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ଓ ଆସନ୍ତାବର୍ଷ ଏହି ବାସଗୃହ ନିର୍ମାଣ ବ୍ୟବସ୍ଥା ଚଳିତ ବର୍ଷ ସହ ସମାନ ରହିବ ବୋଲି ସ୍ଥିରୀକୃତ ହୋଇଛି । ନିମ୍ନ ଆୟକାରୀ ସରକାରୀ କର୍ମଚାରୀ ଲାଗି ବାସଗୃହର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ହୁଡ୍‌କୋଙ୍କଠାରୁ ଋଣ ଓ ସରକାରଙ୍କଠାରୁ margin money ସହାୟତା ନେଇ ୧,୦୦୨ଟି ବାସଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି । ଏହି ବ୍ୟବସ୍ଥାରେ ଚାଲିଥିବା ନିର୍ମାଣ କାର୍ଯ୍ୟକ୍ରମକୁ ୧୯୮୬-୮୭ରେ ଅବ୍ୟାହତ ରଖାଯିବ । ନିମ୍ନ ଆୟକାରୀ, ମଧ୍ୟମ ଆୟକାରୀ ଓ ଗ୍ରାମ୍ୟ ଗୃହ ନିର୍ମାଣ ପରିକଳ୍ପନା ଋଣରେ ସାମାଜିକ ଗୃହ ନିର୍ମାଣ ପରିକଳ୍ପନା କାର୍ଯ୍ୟକ୍ରମ ଅବ୍ୟାହତ ରହିବ । ରାଜ୍ୟର ... ସହରରେ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା କ୍ଷୁଦ୍ର ଓ ମଧ୍ୟମ ଧରଣର ସମନ୍ୱିତ ସହର ଉନ୍ନୟନ ପରିକଳ୍ପନାକୁ ଚଳିତ ବର୍ଷ ବାରିପଦା, କେନ୍ଦୁଝର, ବଲାଙ୍ଗିର ଏବଂ ୧୯୮୬-୮୭ରେ ଭବାନୀପାଟଣା, ରାୟଗଡ଼ା ଓ ଆଠଗଡ଼ ଆଦି ସହରରେ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିର କରାଯାଇଅଛି । ବସ୍ତି ଅଞ୍ଚଳ ମାନଙ୍କରେ ପରିବେଶ ଉନ୍ନୟନ କାର୍ଯ୍ୟକ୍ରମକୁ ଅଧିକ ଗୁରୁତ୍ୱ ଦିଆଯିବ ।

ଶିଳ୍ପ ସଂପର୍କ ଓ ତାହାର କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ସକ୍ରିୟ କରାଯାଇଛି । ଶିଳ୍ପ କ୍ଷେତ୍ରରେ ଶାନ୍ତି ଓ ସହାବସ୍ଥାନ ରକ୍ଷା କରିବା ନିମନ୍ତେ ଓ ଶ୍ରମିକମାନଙ୍କୁ ବିଶେଷ କରି କ୍ଷୁଦ୍ର ଉଦ୍ୟୋଗ କୃଷି ଶ୍ରମିକମାନଙ୍କୁ ପ୍ରଚଳିତ ସର୍ବନିମ୍ନ ହାରରେ ମଜୁରୀ ଦେବାର ସୁବନ୍ଦୋବସ୍ତ କରିବା ଦିଗରେ ଏହି କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ ଉଚିତ ପଦକ୍ଷେପ ନେବେ । ପ୍ରତି ଜିଲ୍ଲାରେ ଜନଶକ୍ତି ଯୋଜନା (Man Power Planning) ଓ କର୍ମ ସଂସ୍ଥାନ ସୃଷ୍ଟି କରିବା ଦିଗରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସବ୍-କମିଟି ଗଠନ କରାଯାଇଛି । ଏହି ସବ୍-କମିଟି ଜାତୀୟ ଓ ରାଜ୍ୟ ଯୋଜନାନୁସାରେ କିଭଳି ଅଧିକ କର୍ମ ସଂସ୍ଥାନ ସୃଷ୍ଟି କରାଯିବ ସେଥିଲାଗି ନୂତନ କାର୍ଯ୍ୟକ୍ରମର ସୂଚନା ଦେବେ ଏବଂ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଜରିଆରେ କେତେ ଲୋକଙ୍କ ପାଇଁ କର୍ମ ସଂସ୍ଥାନ କରାଯିବ ଓ କି ପ୍ରକାରର କର୍ମ ସଂସ୍ଥାନ ସୃଷ୍ଟି କରାଯିବ, ଏଥିଲାଗି କର୍ମାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ସମୀକ୍ଷା କରିବେ ।

ରାଜ୍ୟରେ କ୍ରୀଡ଼ା ଓ କସରତ ଶିକ୍ଷାଣ ଲାଗି ଏକ ଶୃଙ୍ଖଳିତ ତଥା ନିରବଚ୍ଛିନ୍ନ ଉଦ୍ୟମକୁ ଅବ୍ୟାହତ ରଖିବା ଲାଗି ରାଜ୍ୟର ପ୍ରଚଳିତ କ୍ରୀଡ଼ା ନୀତିର ସଫଳ ରୂପାୟନ କରାଯିବ । ଏହି ନୀତି ଅନୁଯାୟୀ ଖେଳପଡ଼ିଆ, ଷ୍ଟାଡିୟମ, ଇନ୍‌ଡୋର ହଲ୍, ସନ୍ତରଣ ପୁଷ୍କରିଣୀ ଏବଂ କ୍ରୀଡ଼ା ଛାତ୍ରାବାସ, ଗ୍ରାମ୍ୟ କ୍ରୀଡ଼ା କେନ୍ଦ୍ରରେ ଶିକ୍ଷାଦାନ ବ୍ୟବସ୍ଥା ପ୍ରବର୍ତ୍ତନ କରାଯିବ । ଅତ୍ୟାବଶ୍ୟକ କ୍ରୀଡ଼ା ... ନିର୍ମାଣ କରିବା ସଙ୍ଗେ ସଙ୍ଗେ କଟକ ଓ ଭୁବନେଶ୍ୱରରେ ... ବହୁବିଧ କ୍ରୀଡ଼ା ପ୍ରତିଷ୍ଠାନଗୁଡ଼ିକୁ ନିର୍ମାଣ କରାଯିବା ...

ପଦକ୍ଷେପ ଗ୍ରହଣ କରାଯାଉଅଛି ।

ଷଷ୍ଠ ପଞ୍ଚବାର୍ଷିକ ଯୋଜନା କାଳରେ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକମାନଙ୍କ ସଂଖ୍ୟା ପ୍ରାୟ ଶତକଡ଼ା ୩୭ ଭାଗରୁ ବୃଦ୍ଧି ପାଇଛି । ହୋଟେଲ ପ୍ରକଳ୍ପକୁ ଏକ ଶିଳ୍ପ ରୂପେ ଘୋଷଣା କରାଯାଇଛି ଏବଂ ରହିବା ବ୍ୟବସ୍ଥାର ସୁବିଧା ଉଦ୍ଦେଶ୍ୟରେ ସମସ୍ତ ହୋଟେଲ ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ଶେଷ କରାଯାଉଛି । ରାଜ୍ୟର ପର୍ଯ୍ୟଟନ ଭାବମୂର୍ତ୍ତୀର ପରିପ୍ରକାଶ ନିମିତ୍ତ ପର୍ଯ୍ୟଟକମାନଙ୍କର ରହଣି, ଯାତାୟତ ଓ ଅବସର ବିନୋଦନ ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ସୃଷ୍ଟି କରିବା ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମଗୁଡ଼ିକ ପୂର୍ବଭଳି ଅବ୍ୟାହତ ରହିବ ।

ଆମର ନିର୍ଦ୍ଧାରିତ ନୀତି ହେଲା ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ତଥା ସଗଂଠିତ କରିବା ଏବଂ ଅଧିକ ସଂଖ୍ୟକ ସମବାୟ ଭଣ୍ଡାର ଜରିଆରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଠିକ୍ ସମୟରେ ଯୋଗାଇ ଦେବାର ବ୍ୟବସ୍ଥା କରିବା । କଳ କାରଖାନା ଏବଂ ପ୍ରକଳ୍ପ ଅଞ୍ଚଳରେ ବାହାରୁ ଆସିଥିବା ଶ୍ରମିକମାନଙ୍କର ଆବଶ୍ୟକତା ପୂରଣ ନିମନ୍ତେ ଶସ୍ତା ଦୋକାନମାନ ଖୋଲିବା ସଂକ୍ରାନ୍ତରେ ବିଚାର ଆଲୋଚନା କରାଯାଉଛି । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ, ରାଜ୍ୟର ୧୦ଟି ଜିଲ୍ଲାରେ ଥିବା ସମନ୍ବିତ ଆଦିବାସୀ ଉନ୍ନୟନ ପରିକଳ୍ପନା ଅନ୍ତର୍ଗତ ୧୧୮ଟି ବ୍ଲକରେ ରିହାତି ମୂଲ୍ୟରେ ଖାଦ୍ୟଶସ୍ୟ ବିକ୍ରୟ ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଅଛି । ସେହିଭଳି ଜାତୀୟ ଗ୍ରାମାଞ୍ଚଳ କର୍ମନିଯୋଗ କାର୍ଯ୍ୟକ୍ରମ ଓ ଗ୍ରାମାଞ୍ଚଳ ଭୂମିହୀନଙ୍କୁ କର୍ମନିଯୋଗ ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ପରିସରଭୁକ୍ତ ଶ୍ରମିକମାନଙ୍କୁ ମଧ୍ୟ ରିହାତି ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉଛି । ସାଧାରଣ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ economic issue Price ଠାରୁ ସରକାରୀ ନିର୍ଦ୍ଧାରିତ କମ୍ ମୂଲ୍ୟରେ ବିକ୍ରୟ କରାଯାଉଥିବା ଚାଉଳ, ଗହମ ଓ ଚିନିର ମୂଲ୍ୟ ବାବଦ କ୍ଷତିକୁ ଭରଣା କରିବା ପାଇଁ ରାଜ୍ୟ ଖାଦ୍ୟ ଓ ଯୋଗାଣ ନିଗମକୁ ଆବଶ୍ୟକୀୟ ରିହାତି ମଞ୍ଜୁର କରାଯାଉଛି ।

ଆମେ ସଡ଼କ ଉନ୍ନୟନ କ୍ଷେତ୍ରରେ ଅସଂପୂର୍ଣ୍ଣ ରାସ୍ତା ଓ ପୋଲଗୁଡ଼ିକର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ବ୍ଲକ୍ ଓ ସବ୍‌ଡ଼ିଭିଜନ ସଦର ମହକୁମା ସହ ପଞ୍ଚାୟତ ସଦର ମହକୁମା ଏବଂ ଜିଲ୍ଲା ସଦର ମହକୁମା ସହ ବ୍ଲକ୍ ଓ ସବ୍‌ଡିଭିଜନ ସଦର ମହକୁମାକୁ ସବୁଦିନିଆ ରାସ୍ତାରେ ସଂଯୋଗ କରିବା ପାଇଁ ଅଗ୍ରାଧିକାର ଦେଉଛୁ । ଷଷ୍ଠ ଯୋଜନା କାଳ ମଧ୍ୟରେ ୧,୫୦୦ରୁ ଊର୍ଦ୍ଧ୍ୱ ଲୋକସଂଖ୍ୟା ଥିବା ୧,୮୫ଟି ଗ୍ରାମକୁ, ୧,୦୦୦ରୁ ୧,୫୦୦ ଲୋକସଂଖ୍ୟା ଥିବା ୧,୮୭ଟି ଗ୍ରାମକୁ ଏବଂ ୧,୦୦୦ କିମ୍ବା ତାଠାରୁ କମ୍ ଲୋକ ସଂଖ୍ୟା ଥିବା ୪,୬୧୬ଟି ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ କରାଯାଇଛି । ୧୯୮୫-୮୬ ଓ ୧୯୮୬-୮୭ ଆର୍ଥିକ ବର୍ଷରେ ୧,୫୦୦ ଓ ତଦୂର୍ଦ୍ଧ୍ୱ ଲୋକସଂଖ୍ୟା ଥିବା ୭୫ଟି ଗ୍ରାମକୁ, ୧,୦୦୦ରୁ ୧,୫୦୦ ଲୋକସଂଖ୍ୟା ଥିବା ୭୪ଟି ଗ୍ରାମକୁ ଏବଂ ୧,୦୦୦ରୁ କମ୍ ଲୋକସଂଖ୍ୟା ଥିବା ୩୨୦ ଗ୍ରାମକୁ ସବୁଦିନିଆ ରାସ୍ତାରେ ସଂଯୋଗ କରିବା ପାଇଁ ଧାର୍ଯ୍ୟ କରାଯାଇଛି ।

୫୬ କୋଟି ଟଙ୍କା ବ୍ୟୟରେ ତାଳଚେର-ସମ୍ବଲପୁର ରେଳଲାଇନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଜମି ଦଖଲ କାର୍ଯ୍ୟ ଆଗେଇ ଚାଲିଛି । ଏହି ରେଳ ଲାଇନ୍ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ନିମିତ୍ତ ଅଧିକ ଅର୍ଥ ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହିତ ବାରମ୍ବାର ଆଲୋଚନା ଅବ୍ୟାହତ ରଖିଛନ୍ତି । କୋରାପୁଟରୁ ମଛକୁଣ୍ଡ଼ା ପର୍ଯ୍ୟନ୍ତ କୋରାପୁଟ-ରାୟଗଡ଼ା ରେଳପଥ ନିର୍ମାଣର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ପ୍ରାୟ ଶେଷ ହୋଇ ଆସିଲାଣି । ଯଖପୁରା-ବାଂଶପାଣି ରେଳପଥର ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ ଯୋଜନା କମିଶନଙ୍କ ଅନୁମୋଦନ ଲାଭ କରିଛି ଏବଂ ଏଥିପାଇଁ ଜମି ଦଖଲ କାର୍ଯ୍ୟ ଶେଷ ହୋଇ ଆସିଲାଣି । ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ସର୍ଭେ କାର୍ଯ୍ୟ ଆଗେଇ ଚାଲିଛି । ପୁରୀ, କଟକ, ବାଲେଶ୍ୱର, ମୟୂରଭଞ୍ଜ, ଗଞ୍ଜାମ ଓ ଫୁଲବାଣୀ ଜିଲ୍ଲାରେ ପରିବର୍ଦ୍ଧିତ ବ୍ୟାନର ପରିକଳ୍ପନା କାର୍ଯ୍ୟକାରୀ ହେଉଛି । ରାଜ୍ୟର ଛାତ୍ର ଛାତ୍ରୀ ଓ ସ୍ୱୀକୃତି ପ୍ରାପ୍ତ ସାମ୍ବାଦିକମାନଙ୍କୁ ସାଧାରଣ ଗସ୍ତ ଉପରେ ଶତକଡ଼ା ୫୦ ଭାଗ ରିହାତି ଦିଆଯାଉଛି ।

ଗ୍ରାମ୍ୟ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ସମନ୍ବିତ ଗ୍ରାମ ଉନ୍ନୟନ କାର୍ଯ୍ୟକ୍ରମ (I.R.D.P.) ଓ ଗ୍ରାମାଞ୍ଚଳ ପରିବାରମାନଙ୍କ ପାଇଁ ଅର୍ଥନୈତିକ କାର୍ଯ୍ୟକ୍ରମ (E.R.R.P.) ଜରିଆରେ ଉପକୃତ ପରିବାରଗୁଡ଼ିକୁ ଋଣ ଓ ରିହାତି ଆକାରରେ ଆୟକାରୀ ସମ୍ବଳ ଯୋଗାଇବା ଦିଗରେ ଆମର ଉଦ୍ୟମ ଅଧିକ ବ୍ୟାପକ ହେବ । ଏଠାରେ ଆର୍ଥିକ ସହାୟତା କାର୍ଯ୍ୟକ୍ରମର ଗୁଣାତ୍ମକ ପରିବର୍ତ୍ତନ କରାଯାଉଥିବା ବିଷୟରେ ସୂଚନା ଦିଆଯାଉଛି । ପ୍ରତ୍ୟେକ ପରିବାର ପାଇଁ ମୋଟ ଆର୍ଥିକ ସହାୟତାର ପରିମାଣ ବୃଦ୍ଧି କରିବା ସକାଶେ ପ୍ରସ୍ତାବ ରହିଛି । ଏହା ଫଳରେ ଯଥେଷ୍ଟ ସଂଖ୍ୟକ ହରିଜନ ଓ ଆଦିବାସୀ ପରିବାରଗୁଡ଼ିକୁ ଦାରିଦ୍ର୍ୟର ସୀମା ଅତିକ୍ରମ ଦିଗରେ ଅଧିକ ଆର୍ଥିକ ସାହାଯ୍ୟ ଦିଆଯାଇ ପାରିବ । ଅତୀତରେ ଯେଉଁ ପରିବାରଗୁଡ଼ିକ ପ୍ରଭୂତ ଆର୍ଥିକ ସହାୟତା ଅଭାବରୁ ଦାରିଦ୍ର୍ୟ ସୀମାରେଖା ଅତିକ୍ରମ କରି ପାରି ନ ଥିଲେ, ସେହିଭଳି ପରିବାରଗୁଡ଼ିକର ସର୍ଭେ କରାଯାଉଛି ଏବଂ ଯୋଗ୍ୟ ବିବେଚିତ ପରିବାରଗୁଡ଼ିକୁ ପୁନର୍ବାର ଆର୍ଥିକ ସାହାଯ୍ୟ ଯୋଗାଇ ଦିଆଯିବ ।

ଗ୍ରାମାଞ୍ଚଳରେ କର୍ମନିଯୋଗ ବୃଦ୍ଧି ଘଟାଇବା ହେଉଛି ଦାରିଦ୍ର୍ୟ ଦୂରୀକରଣର ଅନ୍ୟ ଏକ ଆଭିମୁଖ୍ୟ । ଏହାକୁ ଜାତୀୟ ଗ୍ରାମାଞ୍ଚଳ କର୍ମ ନିଯୋଗ କାର୍ଯ୍ୟକ୍ରମ ଓ ଗ୍ରାମାଞ୍ଚଳ ଭୂମିହୀନ କର୍ମ ନିଯୋଗ ଗ୍ୟାରେଣ୍ଟି କାର୍ଯ୍ୟକ୍ରମ ଜରିଆରେ କାର୍ଯ୍ୟକାରୀ କରାଯାଉଛି । କର୍ମନିଯୋଗ ସୁବିଧା ସୁଯୋଗ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିଲେହେଁ ଏହା କାର୍ଯ୍ୟକାରୀ ହେବା ଦ୍ୱାରା ସାମାଜିକ ବନୀକରଣ, କ୍ଷୟପ୍ରାପ୍ତ ଜଙ୍ଗଲଗୁଡ଼ିକର ସୁରକ୍ଷା, ପରିତ୍ୟକ୍ତ କ୍ଷୁଦ୍ର ଜଳସେଚନ ପରିକଳ୍ପନାଗୁଡ଼ିକର ପୁନରୁଦ୍ଧାର, ନଦୀ ଓ କେନାଲ ବନ୍ଧ ସମେତ ରାସ୍ତାଘାଟଗୁଡ଼ିକର ଉନ୍ନତି ତଥା ସ୍କୁଲ ଗୃହ ନିର୍ମାଣ ଭଳି ଦୀର୍ଘସ୍ଥାୟୀ ଗୋଷ୍ଠୀ ସଂପଦ ସୃଷ୍ଟି ହୋଇପାରିବ । ଏହା ବ୍ୟତୀତ, ସପ୍ତମ ଯୋଜନା କାଳରେ ପ୍ରଧାନମନ୍ତ୍ରୀଙ୍କ ବ୍ୟାପକ କର୍ମନିଯୋଗ କାର୍ଯ୍ୟକ୍ରମ ଓ ଶିକ୍ଷିତ ବେକାରମାନଙ୍କର ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମ ଜରିଆରେ ବେକାରୀ ଦୂରୀକରଣ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି ଘଟିବ ।

ଦାରିଦ୍ର୍ୟ ବିମୋଚନ କାର୍ଯ୍ୟକ୍ରମଗୁଡ଼ିକ କାର୍ଯ୍ୟକାରୀ କରିବା ପାଇଁ ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମରେ ଅଧିକ ଗୁରୁତ୍ୱ ଦିଆଯାଇଛି । ଡାଲି ଜାତୀୟ ଶସ୍ୟ ଓ ତୈଳବୀଜ ଉତ୍ପାଦନ, ହରିଜନ ପରିବାରଙ୍କୁ ସାହାଯ୍ୟ, ଜଳାଭାବ ଗ୍ରାମଗୁଡ଼ିକରେ ପାନୀୟ ଜଳ ବ୍ୟବସ୍ଥା, ଘରଡ଼ିହ ଯୋଗାଣ ତଥା ଗୃହ ନିର୍ମାଣ ପାଇଁ ସାହାଯ୍ୟ, ସମାଜରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ବାସଗୃହ ନିର୍ମାଣ, ଗ୍ରାମ୍ୟ ବିଦ୍ୟୁତ୍‌କରଣ, ବୃକ୍ଷରୋପଣ, ଶିକ୍ଷା ତଥା ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଆମର କାର୍ଯ୍ୟ ସଂପୂର୍ଣ୍ଣ ସନ୍ତୋଷଜନକ ବୋଲି ବିବେଚିତ ହୋଇଛି ।

ନିରାଶ୍ରୟ ତଥା ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ସହାୟତା ପ୍ରଦାନ ସଂପର୍କରେ ସରକାର ସଚେତନ ଅଛନ୍ତି । ୫୦ ବର୍ଷ ବୟସ୍କା ତଥା ତଦୂର୍ଦ୍ଧ୍ୱ ବୟସର ନିରାଶ୍ରୟ ବିଧବାମାନଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରିବାଲାଗି ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ପରିକଳ୍ପନାର ପରିସରକୁ ବୃଦ୍ଧି କରାଯାଇଛି । ଉକ୍ତ ପରିକଳ୍ପନା ଅନୁଯାୟୀ ଷଷ୍ଠ ଯୋଜନାର ପ୍ରଥମ ବର୍ଷରେ ଉପକୃତ ହୋଇ ଥିବା ମହିଳାଙ୍କ ସଂଖ୍ୟା ୬୨,୦୦୦ରୁ ୧ଲକ୍ଷ ୩ହଜାରକୁ ବୃଦ୍ଧି ପାଇଛି । ଏତଦ୍‌-ବ୍ୟତୀତ ୮, ୦୫୧ ଜଣ ସଂପୂର୍ଣ୍ଣ ଦୃଷ୍ଟିହୀନ ଓ ଶାରୀରିକ ଅସାମର୍ଥ୍ୟ ବ୍ୟକ୍ତିଙ୍କୁ ୧୯୮୫ ମସିହା ଡିସେମ୍ବର ମାସ ଶେଷ ସୁଦ୍ଧା ଭତ୍ତା ମଞ୍ଜୁର କରାଯାଇଅଛି । ଶ୍ରବଣ ସହାୟକ ଯନ୍ତ୍ର, ଚକଥିବା ଚୌକି ଯୋଗାଇବା ଭଳି ସ୍ୱତନ୍ତ୍ର ସାହାଯ୍ୟ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଦୃଷ୍ଟିହୀନ ଓ ମୂକବଧିର ପିଲାଙ୍କ ନିମନ୍ତେ ଅଧିକ ବିଦ୍ୟାଳୟ ପ୍ରତିଷ୍ଠା କରିବାଲାଗି ଉଦ୍ୟମ ଅବ୍ୟାହତ ରହିଛି । ଉକ୍ତ ଅନୁଷ୍ଠାନ ଓ ଅନାଥାଶ୍ରମଗୁଡ଼ିକ ଲାଗି ସାହାଯ୍ୟ ପରିମାଣ ବିଶେଷ ଭାବେ ବୃଦ୍ଧି କରାଯାଇଛି ।

ମହିଳା ଓ ଶିଶୁମାନଙ୍କ ଲାଗି କାର୍ଯ୍ୟକ୍ରମଗୁଡ଼ିକ ପ୍ରତି ପୂର୍ବଭଳି ଗୁରୁତ୍ୱ ଦିଆଯିବ । ବିଭିନ୍ନ ଜିଲ୍ଲାରେ ୬୦ଟି ସମନ୍ୱିତ ଶିଶୁ ବିକାଶ ପରିକଳ୍ପନା କାର୍ଯ୍ୟକାରୀ କରାଗଲଣି ଓ ଚଳିତ ବର୍ଷ ମଧ୍ୟରେ ଆଉ କେତେକ ପରିକଳ୍ପନା କାର୍ଯ୍ୟକାରୀ କରାଯିବ । ଉକ୍ତ ପ୍ରକଳ୍ପରେ କାର୍ଯ୍ୟରତ କର୍ମଚାରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ତାଲିମ କାର୍ଯ୍ୟକ୍ରମକୁ ବ୍ୟାପକତର କରାଯାଉଛି ।

ଅତିରିକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମକୁ ବ୍ୟାପକତର କରାଯାଉଛି । ୧୯୮୫ ମସିହା ଡିସେମ୍ବର ମାସ ୩୧ ତାରିଖ ସୁଦ୍ଧା ଉକ୍ତ କାର୍ଯ୍ୟକ୍ରମ ମଧ୍ୟରେ ପ୍ରାୟ ୧୪ ଲକ୍ଷ ୫୬ ହଜାର ବ୍ୟକ୍ତି ଉପକୃତ ହୋଇପାରିଛନ୍ତି ଓ ତନ୍ମଧ୍ୟରୁ ୧୦ଲକ୍ଷ ୬୧ ହଜାର ଉପକୃତ ବ୍ୟକ୍ତି ଆନ୍ତର୍ଜାତିକ ଦାତବ୍ୟ ସଂସ୍ଥା ଦ୍ୱାରା ଆୟୋଜିତ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ଅନୁଯାୟୀ ଉପକୃତ ହୋଇ ପାରିଛନ୍ତି । ୧୯୮୬ ମସିହା ଜାନୁଆରୀ ୧ ତାରିଖଠାରୁ ଭାରତ ସରକାର ୨ଲକ୍ଷ ୪୧ହଜାର ବ୍ୟକ୍ତି ଉପକୃତ ହୋଇ ପାରିବା ଭଳି ଏକ ସ୍ୱତନ୍ତ୍ର ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ମଞ୍ଜୁର କରିଛନ୍ତି । ଉକ୍ତ ପରିକଳ୍ପନା ମାଧ୍ୟମରେ ଆଉ ଅଧିକା ୯୪ ହଜାର ବ୍ୟକ୍ତି ଶୀଘ୍ର ଉପକୃତ ହୋଇପାରିବେ । ଚଳିତ ବର୍ଷ ଶେଷ ଆଡ଼କୁ ପ୍ରାୟ ୧୭ଲକ୍ଷ ୯୧ ହଜାର ବ୍ୟକ୍ତି ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ପରିସରଭୁକ୍ତ ହୋଇ ପାରିବେ ।

ସ୍ୱାଧୀନତା ସଂଗ୍ରାମୀମାନଙ୍କର ମାସିକ ଭତ୍ତା ୧-୪-୧୯୮୧ ତାରିଖଠାରୁ ମାସିକ ୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ଯେଉଁ ସ୍ୱାଧୀନତା ସଂଗ୍ରାମୀମାନେ କେନ୍ଦ୍ର ସରକାରଙ୍କଠାରୁ ଭତ୍ତା ପାଉଥିଲେ ସେମାନେ ୧-୧-୧୯୮୪ ଠାରୁ ରାଜ୍ୟ ସରକାରଙ୍କ ଠାରୁ ଭତ୍ତା ସ୍ୱରୂପ ୪୦ ଟଙ୍କା ପାଉଥିଲେ । ଉକ୍ତ ଭତ୍ତାକୁ ସେହି ବର୍ଷ ଗାନ୍ଧୀ ଜୟନ୍ତୀ ଦିବସଠାରୁ ୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ରାଜ୍ୟ ସରକାର ଉଭୟ କ୍ଷେତ୍ରରେ ୧୯୮୬ ମସିହା ଜାନୁଆରୀ ପହିଲା ତାରିଖଠାରୁ ଉକ୍ତ ଭତ୍ତାକୁ ମାସିକ ୨୦୦ ଟଙ୍କାକୁ ବୃଦ୍ଧି କରିବା ଲାଗି ସ୍ଥିର କରିଛନ୍ତି ।

୧-୧-୧୯୮୫ ତାରିଖଠାରୁ ଚାକିରିରୁ ଅବସର ନେଉଥିବା ସରକାରୀ କର୍ମଚାରୀମାନଙ୍କର ମୃତ୍ୟୁ ତଥା ଅବସର ପ୍ରାପ୍ତି ଗ୍ରାଚ୍ୟୁଇଟି, ପାରିବାରିକ ପେନ୍‌ସନର ସର୍ବନିମ୍ନ ଓ ସର୍ବୋଚ୍ଚ ଧାର୍ଯ୍ୟ ସୀମାକୁ ବଢ଼ାଇ ଦିଆଯାଇଛି । ପେନ୍‌ସନର ସର୍ବୋଚ୍ଚ ସୀମାକୁ ହଟାଇ ଦିଆଯାଇଛି ଓ ପେନ୍‌ସନ ନିର୍ଦ୍ଧାରଣ ଲାଗି ଶେଷ ମାସର ପ୍ରାପ୍ୟ ବେତନକୁ ( Last pay drawn ) ଉପଲବ୍ଧି (emoluments) ଭାବରେ ଗ୍ରହଣ କରାଯାଉଛି । ସଂଶୋଧିତ ପେନ୍‌ସନ ନିୟମ ଅନୁଯାୟୀ ସଂରାଶିକରଣ (commutation) ଜନିତ ହ୍ରାସ ପାଇଥିବା ପେନ୍‌ସନ ପରିମାଣ ୧୨ ବର୍ଷ ପରେ ପ୍ରତ୍ୟର୍ପିତ ହେବ । ଚାକିରୀରେ ଥାଇ ଅକାଳ ମୃତ୍ୟୁବରଣ କରିଥିବା ସରକାରୀ କର୍ମଚାରୀମାନଙ୍କ ପରିବାରକୁ ଉଚ୍ଚତର ବୀମା ପରିସରଭୁକ୍ତ ( higher insurance cover ) କରିବା ଲାଗି ସଂଶୋଧିତ ସମୂହ ବୀମା ପରିକଳ୍ପନା (Revised Group Insurance Scheme) ପ୍ରବର୍ତ୍ତନ କରାଯାଉଛି ।

ଚଳିତ ଆର୍ଥିକ ବର୍ଷର ସଂଶୋଧିତ ଅନୁମାନ ଓ ୧୯୮୬-୮୭ ମସିହା ବଜେଟ ଅନୁମାନର କେତେକେ ମୁଖ୍ୟ କାର୍ଯ୍ୟକ୍ରମ ସଂପର୍କରେ ଏଠାରେ ସୂଚନା ଦିଆଗଲା ।

ଚଳିତ ବର୍ଷର ବଜେଟ ଅଟକଳ ଅନୁଯାୟୀ ବର୍ଷ ଶେଷରେ ଜମା ପାଣ୍ଠିରେ ୬୮ କୋଟି ୭ ଲକ୍ଷ ଟଙ୍କା ନିଅଣ୍ଟ ହେବାର ଅନୁମାନ କରାଯାଇଥିଲା । ଏହି ନିଅଣ୍ଟିଆ ପରିମାଣକୁ ୩୪ କୋଟି ୩୮ ଲକ୍ଷ ଟଙ୍କାର ସାଧନୋପାୟ ଅଗ୍ରୀମ (ways and means advance) ଓ ଅବଶିଷ୍ଟକୁ ଓଭରଡ୍ରାଫ୍‌ଟ ଦ୍ୱାରା ଭରଣା କରାଯିବାର ଅନୁମାନ କରାଯାଇଥିଲା । ୧୯୮୬-୮୭ର ବାର୍ଷିକ ଯୋଜନା ଉପରେ ଆଲୋଚନା ବେଳେ ସ୍ଥିର କରାଗଲା ଯେ ଚଳିତ ଆର୍ଥିକ ବର୍ଷ ଶେଷକୁ କୌଣସି ନିଅଣ୍ଟ ରହିବ ନାହିଁ । ଏହା ସହିତ ବିଧାନ ସଭାରେ ପୂର୍ବରୁ ଉପସ୍ଥାପିତ ହୋଇଥିବା ଅତିରିକ୍ତ ବ୍ୟୟ ବ୍ୟବସ୍ଥା ନିୟମିତ ୩୫ କୋଟି ୬୭ଲକ୍ଷ ଟଙ୍କାର ନିଟ୍ ସମ୍ବଳ ଆବଶ୍ୟକ । ଓଭରଡ୍ରାଫ୍‌ଟ ଭରଣା କରିବା ଲାଗି ଭାରତ ସରକାର ଦେଉଥିବା ମଧ୍ୟବର୍ତ୍ତୀ କାଳୀନ ସ୍ୱଳ୍ପ ସଞ୍ଚୟ ଯୋଜନା ଓ ନିଟ୍ ସୁଧ ଭାର ବାବଦ ଆଶା କରାଯାଉଥିବା ଅତିରିକ୍ତ ସାହାଯ୍ୟ ଓ ଚଳିତ ବଜେଟରେ ଅଣଯୋଜନା ବାବଦ ସଞ୍ଚୟ ଯୋଗୁ ଚଳିତ ବର୍ଷ ଶେଷକୁ କୌଣସି ନିଅଣ୍ଟ ରହିବ ନାହିଁ ବୋଲି ଅନୁମାନ କରାଯାଇଅଛି ।

୧୯୮୬-୮୭ ମସିହାର ଅଣଯୋଜନା ରାଜସ୍ୱ ହିସାବରେ ୮୪୧ କୋଟି ୩୬ଲକ୍ଷ ଟଙ୍କାର ମୋଟ ବ୍ୟୟ ଅଟକଳ କରାଯାଇଛି । ସେଥିମଧ୍ୟରେ ରାଜ୍ୟ ସରକାରଙ୍କର ଋଣ ସେବା ବାବଦ ସୁଧ ଦେୟ (Debt Service Obligation) ୧୬୧ କୋଟି ୫୦ ଲକ୍ଷ ଟଙ୍କା, ଯୋଜନା ଅନୁରକ୍ଷଣ ବାବଦ ୪୭ କୋଟି ୨୪ ଲକ୍ଷ ଟଙ୍କା ସମେତ ପ୍ରଶାସନିକ ଦୁର୍ବାନୁବୃତ୍ତି, ସାମାଜିକ ଓ ସାଧାରଣ ସେବା ବବଦରେ ୬୫୨ କୋଟି ୭୪ ଲକ୍ଷ ଟଙ୍କା,

ଆରକ୍ଷୀ, ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ, ନୂତନ ସବ୍‌ଟ୍ରେଜରୀ ସ୍ଥାପନା ଯୋଜନାରେ ପ୍ରଶାସନିକ ମାନବୃଦ୍ଧି ଓ ପ୍ରୋତ୍ସାହନ ଭତ୍ତା ବାବଦ ୨ କୋଟି ୯୯ ଲକ୍ଷ ଟଙ୍କା, ପ୍ରାକୃତିକ ବିପର୍ଯ୍ୟୟ ଜନିତ ସାହାଯ୍ୟ ବାବଦରୁ ୧୩ କୋଟି ୧୩ ଲକ୍ଷ ଟଙ୍କା ଏବଂ ହସ୍ତତନ୍ତ ଓ ଶସ୍ତାଲୁଗା ବିକ୍ରି ଉପରେ ରିହାତି ବାବଦ ୧୧ କୋଟି ଟଙ୍କା ଅନ୍ତର୍ଭୁକ୍ତ । ଏଥିମଧ୍ୟରୁ କେବଳ ଶିକ୍ଷା ପାଇଁ ୧୯୬ କୋଟି ୭୭ ଲକ୍ଷ, ଆରକ୍ଷୀ ପାଇଁ ୫୨ କୋଟି ୪୦ ଲକ୍ଷ ଏବଂ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ପାଇଁ ୩୮ କୋଟି ୩୩ ଲକ୍ଷ ଟଙ୍କା ବ୍ୟୟର ଅନୁମାନ କରାଯାଇଅଛି । ରାଜ୍ୟର ଟିକସ ଓ ଅଣଟିକସ ବାବଦ ରାଜସ୍ୱ ଆୟ ୪୦୦ କୋଟି ୯୧ ଲକ୍ଷ ଟଙ୍କା ଏବଂ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ୩୪୨ କୋଟି ୯୩ ଲକ୍ଷ ଟଙ୍କା ହେବବୋଲି ଅଟକଳ କରାଯାଇଛି । ଅଷ୍ଟମ ଅର୍ଥ କମିଶନଙ୍କ ସୁପାରିଶ୍ ମୁତାବକ ଅନୁଦାନ, ପ୍ରଶାସନିକ ମାନବୃଦ୍ଧି, ହସ୍ତତନ୍ତ ଓ ଶସ୍ତାଲୁଗା ବିକ୍ରୀ ଉପରେ ରିହାତି ବାବଦ ମିଳିବାକୁ ଥିବା ଅନୁଦାନ ସମେତ ମୋଟ ସହାୟକ ଅନୁଦାନ (Grant-in-aid) ୧୧୨ କୋଟି ୧ ଲକ୍ଷ ଟଙ୍କା ହେବ । ମୋଟ ଅଣଯୋଜନା ଆୟ ୮୫୫ କୋଟି ୮୫ ଲକ୍ଷ ଟଙ୍କା ଅଟକଳ କରାଯାଇଥିବା ବେଳେ ଅଣଯୋଜନା କ୍ଷେତ୍ରରେ ରାଜସ୍ୱ ବ୍ୟୟ ୮୪୧ କୋଟି ୩୬ ଲକ୍ଷ ଟଙ୍କା ହେବ । ତେଣୁ ଅଣଯୋଜନା ରାଜସ୍ୱ କ୍ଷେତ୍ରରେ ୧୪ କୋଟି ୪୯ ଲକ୍ଷ ଟଙ୍କାର ନିଟ୍ ବଳକା ହେବ ।

ଭାରତ ସରକାର, ଜାତୀୟ ସମବାୟ ଉନ୍ନୟନ ନିଗମ (N.C.D.C.) ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (NABARD) ସାଧାରଣ ବୀମା ନିଗମ (G.I.C.) ଜୀବନ ବୀମା ନିଗମ ପ୍ରଭୃତିଙ୍କୁ ଋଣ ପରିଶୋଧ, କୃଷି ଉପକରଣ ଲଗି ସ୍ୱଳ୍ପ ମିଆଦି ଋଣ, [illegible] ବ୍ୟବସାୟରେ ପୁଞ୍ଜି ଲଗାଣ ଓ ଅନ୍ୟାନ୍ୟ ପୁଞ୍ଜି ବିନିଯୋଗ ଅଣଯୋଜନା ପୁଞ୍ଜି ହିସାବ ବ୍ୟୟ ଅନ୍ତର୍ଭୁକ୍ତ ଅଟେ । ଋଣ ଓ ଅଗ୍ରୀମ ଅସୁଲ ସହିତ ଅଣଯୋଜନା କ୍ଷେତ୍ରରେ ଋଣ ଏବଂ ସରକାରୀ ହିସାବ (Public Account)ରେ ନିଟ୍ ଜମା ହିସାବକୁ ନେଇ ମୋଟରେ ଅଣଯୋଜନା ପୁଞ୍ଜି ହିସାବରେ ୭୦ କୋଟି ୭୬ ଲକ୍ଷ ଟଙ୍କା ନିଅଣ୍ଟ ପଡ଼ିବ ।

ପୂର୍ବରୁ ସୂଚନା ଦିଆଯାଇଅଛି ଯେ, ରାଜ୍ୟ ବଜେଟ୍‌ରେ ରାଜ୍ୟ ଯୋଜନା ବାବଦରେ ମୋଟ ୫୧୫ କୋଟି ୮୮ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଅଛି । ଏତଦ୍‌ବ୍ୟତୀତ ଆଦିବାସୀ ଉନ୍ନୟନ ବାବଦରେ ୧୯ କୋଟି ଟଙ୍କା ଏବଂ କର୍ମଚାରୀ ବୀମା ଯୋଜନା (E.S.I.) ଓ ଅନ୍ୟାନ୍ୟ ପରିକଳ୍ପନା ବାବଦରେ ୧ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଅଛି । ଯାହାପାଇଁ ସମ ପରିମାଣ ଅର୍ଥ ମିଳିବ । ଏ ସବୁକୁ ହିସାବକୁ ନେଲେ ରାଜ୍ୟ ଯୋଜନାର ମୋଟ ବ୍ୟୟ ୫୩୬ କୋଟି ୧୬ ଲକ୍ଷ ଟଙ୍କା ହେବ । ରାଜ୍ୟ ଯୋଜନାର ମୋଟ ୫୩୬ କୋଟି ୧୬ ଲକ୍ଷ ଟଙ୍କା ନିମ୍ନଲିଖିତ ସୂତ୍ରରୁ ମିଳିବାର ଅନୁମାନ କରାଯାଇଛି ।

| | (କୋଟି ଟଙ୍କା ହିସାବରେ) |
|---|---|
| ଅଣଯୋଜନା ରାଜସ୍ୱ ହିସାବରେ ବଳକା | ୧୪.୪୯ |
| ବିବିଧ ପୁଞ୍ଜି ଆୟ (ନିଟ୍) | (–) ୭୦.୭୬ |
| ଖୋଲା ବଜାରରୁ ଋଣ (ନିଟ୍) | ୬୯.୬୧ |
| ସ୍ୱଳ୍ପ ସଞ୍ଚୟ | ୪୦.୦୦ |
| ଭବିଷ୍ୟନିଧି ପାଣ୍ଠି | ୩୩.୦୦ |
| ଚୁକ୍ତିବଦ୍ଧ ଋଣ (Negotiated Borrowings) | ୮.୩୯ |
| ରାଜ୍ୟ ଯୋଜନା ନିମିତ୍ତ କେନ୍ଦ୍ରୀୟ ସହାୟତା | ୨୫୩.୭୪ |
| ଆଦିବାସୀ ଉନ୍ନୟନ ନିମିତ୍ତ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା | ୧୯.୦୦ |
| କର୍ମଚାରୀ ରାଜ୍ୟ ବୀମାଠାରୁ ଓ ଅନ୍ୟାନ୍ୟ ସୂତ୍ରରୁ ଅନୁଦାନ | ୧.୨୮ |
| ୧୯୮୫-୮୬ ମସିହା ବଜେଟରୁ ସ୍ୱଳ୍ପ ସଞ୍ଚୟ ଯୋଜନା ବାବଦ ବଳକା ଋଣ ଆଦାୟ | ୬.୦୦ |
| ଅତିରିକ୍ତ ସମ୍ବଳ ସଂଗ୍ରହ | ୧୫୧.୪୧ |
| ମୋଟ | ୫୩୬.୧୬ |

ଯଦିଓ ରାଜ୍ୟ ଯୋଜନା କାର୍ଯ୍ୟକାରୀ କରିବା ନିମିତ୍ତ ୧୫୧ କୋଟି ୪୧ ଲକ୍ଷ ଟଙ୍କାର ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ଅଟକଳ କରାଯାଇଛି ତଥାପି ନିକଟରେ କରିବାକୁ ଥିବା ଖଣି ଶୁଳ୍କ ଲେଭି ସଂଶୋଧନ ବ୍ୟତୀତ ଅନ୍ୟ କୌଣସି ନୂତନ କର ବସାଯିବାର ପ୍ରସ୍ତାବ ନାହିଁ । ବକେୟା ମହଙ୍ଗା ଭତ୍ତା ଓ ସୁଧରୁ ଭବିଷ୍ୟନିଧି ପାଣ୍ଠିରେ ଗଚ୍ଛିତ ଏବଂ ସଂଶୋଧିତ ସମୂହ ବୀମା ଯୋଜନା ( Revised Group Insurance Scheme ) ବାବଦ ଆଦାୟ ସୂତ୍ରରୁ ୩୩ କୋଟି ଟଙ୍କା ମିଳିବ । ରେଙ୍ଗାଲି ବିଦ୍ୟୁତ୍ ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ୍ ଶକ୍ତି ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡକୁ ବିକ୍ରୟ କରଯାଇ ୧୫ କୋଟି ଟଙ୍କା ମିଳିବ । ମୁଦ୍ରାଙ୍କ ଓ ନିବନ୍ଧନ ଦେୟର ହାର ସଂଶୋଧନ ଅବକାରୀ, ନିର୍ମାଣ କାର୍ଯ୍ୟ ଠିକା ଉପରେ ବିକ୍ରି ଟିକସ, ଅତିରିକ୍ତ ଯାନ ବାହାନ କର, ବିଦ୍ୟୁତ୍ ଶୁଳ୍କ ଓ ପ୍ରମୋଦ କର ବାବଦରେ ପୂର୍ବରୁ ପ୍ରବର୍ତ୍ତିତ ସଂଶୋଧିତ କର ଧାର୍ଯ୍ୟ ପ୍ରକାରେ ମୋଟ ୭୦ କୋଟି ୪୧ ଲକ୍ଷ ଟଙ୍କା ମିଳିବାର ଆଶା କରାଯାଏ ଏବଂ ଏହି କ୍ଷେତ୍ରରେ ଏବେ କୌଣସି ନୂତନ କର ଧାର୍ଯ୍ୟର ପ୍ରସ୍ତାବ ନାହିଁ । ରାଜ୍ୟରେ ଉତ୍ପାଦିତ ହେଉଥିବା ମାଲ ରାଜ୍ୟ ବାହାରକୁ ଶାଖା ମାଧ୍ୟମରେ ସ୍ଥଳାନ୍ତର ( Branch transfer ) ଉପରେ କନସାଇନ୍‌ମେଣ୍ଟ ଟିକସ ଧାର୍ଯ୍ୟକରି ୨୦ କୋଟି ଟଙ୍କା ପାଇବାର ଲକ୍ଷ୍ୟ ଅଛି କିନ୍ତୁ ଏହା ଭାରତ ସରକାରଙ୍କ ଆଇନ ପ୍ରଣୟନ ଉପରେ ନିର୍ଭର କରେ । ପଡ଼ୋଶୀ ରାଜ୍ୟମାନଙ୍କରେ ବିଭିନ୍ନ ଜିନିଷ ଉପରେ ବିକ୍ରି ଟିକସ ହାରକୁ ଦୃଷ୍ଟିରେ ରଖି ଆମେ ଆମର ସର୍ବୋଚ୍ଚ ବିକ୍ରି ଟିକସ ହାରକୁ ଶତକଡ଼ା ୧୬ରୁ ୧୩ ଭାଗକୁ କମାଇ ଦେବା ବିକ୍ରିକର ହାର ଶତକଡ଼ା ୧୬ରୁ ୧୩ ଭାଗକୁ କମାଇ ଦେବା ଓ ଟିକସ ହାରରେ କେତେକ ପରିବର୍ତ୍ତନ କରିବାର ପ୍ରସ୍ତାବ ରଖିଛୁ । ଏହାଦ୍ୱାରା ବାହାର ରାଜ୍ୟ ପରିବର୍ତ୍ତେ ରାଜ୍ୟ ଭିତରେ ଖରିଦ କରିବା ଲାଭଜନକ ହେବ ଏବଂ ରାଜ୍ୟ ବାହାରୁ ଖରିଦ କରିବା ରୋକାଯାଇପାରିବ ।

ଆମେ ନିମ୍ନଲିଖିତ ଦ୍ରବ୍ୟଗୁଡ଼ିକ ଉପରୁ ବିକ୍ରିକରକୁ ସଂପୂର୍ଣ୍ଣଭାବେ ଛାଡ଼ କରିଦେବା ପାଇଁ ପ୍ରସ୍ତାବ କରିଛୁ :—

କୀଟନାଶକ ଔଷଧ
ନାଇଲନ ତିଆରି ମାଛଧରା ଜାଲ

କୁକୁଡ଼ା ଖାଦ୍ୟ ପ୍ରସ୍ତୁତ କରିବାରେ ବ୍ୟବହୃତ ହେଉଥିବା ଫିସମିଲ ଓ ମିଟମିଲ ।

ଓଡ଼ିଶାରେ ପ୍ରସ୍ତୁତ କରାଯାଉଥିବା ବିଶୁଦ୍ଧ ରେଶମ ବସ୍ତ୍ର ଓ ହସ୍ତତନ୍ତ ତିଆରି ବିଶୁଦ୍ଧ ରେଶମ ବସ୍ତ୍ର ।

ନିମ୍ନଲିଖିତ କେତେକ ଦ୍ରବ୍ୟ ଉପରେ ଥିବା ପ୍ରଚଳିତ ବିକ୍ରିକର ହାର କମାଇ ଦେବା ପାଇଁ ମଧ୍ୟ ଆମର ପ୍ରସ୍ତାବ ଅଛି ।

| ଦ୍ରବ୍ୟର ନାମ | ପ୍ରଚଳିତ ବିକ୍ରୀକର ହାର ପରସେଣ୍ଟ | ପ୍ରସ୍ତାବିତ ବିକ୍ରୀକର ହାର ପରସେଣ୍ଟ |
|---|---|---|
| ସାଇକେଲ ଓ ସାଇକେଲ ରିକ୍ସା | ୮ | ୬ |
| ଡିଜେଲଚାଳିତ ପମ୍ପ ସେଟ .. | ୧୦ | ୮ |
| ବିଦ୍ୟୁତ ଚାଳିତ ପମ୍ପସେଟ .. | ୧୨ | ୮ |
| ହୋସିଆରୀ ଦ୍ରବ୍ୟ, କପା ନିର୍ମିତ ହୋସିଆରୀ ଦ୍ରବ୍ୟ ବ୍ୟତିରେକେ । | ୮ | ୪ |
| ରନ୍ଧନ ଗ୍ୟାସ .. | ୮ | ୬ |
| ନିର୍ମଳକାରକ ଦ୍ରବ୍ୟ (Detergents) | ୮ | ୬ |

ନିମ୍ନଲିଖିତ ଦ୍ରବ୍ୟମାନଙ୍କ ଉପରେ ପ୍ରଚଳିତ ବିକ୍ରୀକର ହାର ବଢ଼ାଇ ଦିଆଯିବାର ପ୍ରସ୍ତାବ ଅଛି ।

| | | |
|---|---|---|
| ଖଣିଜ ଦ୍ରବ୍ୟ . | ୧୨ ପରସେଣ୍ଟ | ୧୩ ପରସେଣ୍ଟ |
| ବୋତଲ କିମ୍ବା ସିଲ କରା ଟିଣରେ ବିକ୍ରୀ କରାଯାଉଥିବା ଏରିଏଟେଡ୍ କିମ୍ବା ମିନେରାଲ ଜଳ । | ୮ ପରସେଣ୍ଟ | ୧୦ ପରସେଣ୍ଟ |

ଭାରତରେ ତିଆରି ବିଦେଶୀ ମଦ ସମେତ ସମସ୍ତ ପ୍ରକାର ବିଦେଶୀ ମଦର ବିକ୍ରୀ ଉପରେ ଶତକଡ଼ା ୧୦ ଭାଗ ବିକ୍ରୀକର ଲାଗୁ କରାଯିବ । ଓଡ଼ିଶାରେ ତିଆରି କରାଯାଉଥିବା ବିଅର ବିକ୍ରୀ ଉପରେ ବିକ୍ରୀକର ଛାଡ଼ ରହିବ । ଆର୍ଥିକ ସମ୍ବଳ ଅଭାବ ସତ୍ତ୍ୱେ ଗୃହିଣୀ, ସମାଜରେ ଆର୍ଥିକ ଦୁର୍ବଳ ଶ୍ରେଣୀ ଏବଂ ସାଧାରଣ ଖାଉଟିମାନଙ୍କୁ କର ଭାରରୁ କିଞ୍ଚିତ ଉପଶମ ଦେବା ପାଇଁ ଆମେ ପ୍ରସ୍ତାବ ରଖିଛୁ । ଯେଉଁ ଦ୍ରବ୍ୟମାନଙ୍କ ଉପରେ ବିକ୍ରୀକର ହାର ବୃଦ୍ଧି କରାଯାଉଛି, ତାହାର ପ୍ରଭାବ ସାଧାରଣ ଖାଉଟୀମାନଙ୍କ ଉପରେ ଆଦୌ ପଡ଼ିବ ନାହିଁ ।

ତଫସିଲଭୁକ୍ତ ଜାତିଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ବାବଦ ୭ କୋଟି ଟଙ୍କା ସମେତ କେନ୍ଦ୍ରୀୟ ଯୋଜନା ଏବଂ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ମୋଟ ୧୮୨ କୋଟି ୮୧ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଅଛି । ଏଥି ନିମିତ୍ତ ଭାରତ ସରକାରଙ୍କ ଓ ଜାତୀୟ ସମବାୟ ଉନ୍ନୟନ ନିଗମ ପ୍ରଭୃତିଙ୍କଠାରୁ ୧୯ କୋଟି ୫୬ ଲକ୍ଷ ଟଙ୍କା ମିଳିବ । ଏ ବାବଦରେ ନିର୍ଦ୍ଧାରିତ ହେଉଥିବା ୪ କୋଟି ୨୫ ଲକ୍ଷ ଟଙ୍କା, ୧୯୮୫-୮୬ ମସିହାରେ ଭାରତ ସରକାରଙ୍କଠାରୁ ଅଗ୍ରିମ ଆକାରରେ ମିଳିସାରିଛି ।

ଯେଉଁ କାର୍ଯ୍ୟକ୍ରମ ଓ ବ୍ୟୟବରାଦ ସଂପର୍କରେ ସୂଚନା ଦିଆଗଲା ତଦ୍ଦ୍ୱାରା ରାଜ୍ୟର ସଙ୍ଗଠିତ ପାଣ୍ଠିରୁ ୧୯୧୨ କୋଟି ୯୪ ଲକ୍ଷ ଟଙ୍କା ବ୍ୟୟ କରାଯିବ । ରାଜସ୍ୱ ହିସାବରେ ରାଜ୍ୟର କର ଓ ଅଣକର ରାଜସ୍ୱ ସମେତ ଅଣ ଯୋଜନା ଆୟ, କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ, ସହାୟକ ଅନୁଦାନ, ରାଜ୍ୟ ଯୋଜନା ନିମିତ୍ତ କେନ୍ଦ୍ରୀୟ ସହାୟତା, କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ବାବଦରେ ଅନୁଦାନ ମୋଟ ୧୨୪୬ କୋଟି ୯୯ ଲକ୍ଷ ଟଙ୍କା ହେବାର ଅନୁମାନ କରାଯାଇ ଅଛି । ଖୋଲା ବଜାରରୁ ଋଣ ଉଠାଣ, ଭାରତ ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ, ଜାତୀୟ ସମବାୟ ଉନ୍ନୟନ ନିଗମ, ଜୀବନ ବୀମା ନିଗମଠାରୁ ଋଣ ଓ ଅଗ୍ରିମ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଋଣ ଓ ଅଗ୍ରିମର ଆଦାୟ ବାବଦରେ ମୋଟ ୫୮୧ କୋଟି ୩୨ ଲକ୍ଷ ଟଙ୍କା ମିଳିବାର ଆଶା କରାଯାଏ । ଏହା ଫଳରେ ରାଜ୍ୟ ସଙ୍ଗଠିତ ପାଣ୍ଠିରେ ସମୁଦାୟ ଆୟ ୧୮୨୭ କୋଟି ୫୧ ଲକ୍ଷ ଟଙ୍କା ହେବ । ବର୍ଷ ଆରମ୍ଭର ବଳକା ୨୯ କୋଟି ୪୮ ଲକ୍ଷ ଟଙ୍କା ଏବଂ ସରକାରୀ ହିସାବ (Public Account) ରେ ନିଟ ବଳକା ୬୯ କୋଟି ୭ ଲକ୍ଷ ଟଙ୍କା ହିସାବରେ ନେଲେ ବର୍ଷ ଶେଷରେ ଭାରତ ସରକାରଙ୍କଠାରୁ ଚଳିତ ବର୍ଷ ପ୍ରଶାସନିକ ମାନବୃଦ୍ଧି ନିମିତ୍ତ ମିଳିଥିବା ଅଗ୍ରିମ ୧୨ କୋଟି ୮୬ ଲକ୍ଷ ଟଙ୍କା ସମେତ ୧୩ କୋଟି ୧୨ ଲକ୍ଷ ଟଙ୍କା ଜମା ପାଣ୍ଠିରେ ବଳକା ହେବ ।

(ଓଡ଼ିଶା ବିଧାନ ସଭାରେ ରାଜ୍ୟ ଅର୍ଥମନ୍ତ୍ରୀଙ୍କ ୧୯୮୬-୮୭ ମସିହା ବଜେଟ ଅଭିଭାଷଣରୁ ସଂଗୃହୀତ—ମୁ: ସଂ: )



ଜନସ୍ୱାସ୍ଥ୍ୟ ବିଷୟରେ ପଦସ୍ଥ ମନ୍ତ୍ରୀମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଆଲୋଚନା

# ଓଡ଼ିଶାରେ ବନ୍ୟପ୍ରାଣୀ ସଂରକ୍ଷଣ



ଶ୍ରୀ ଦୁଃଖୀଶ୍ୟାମ ମହାପାତ୍ର

ଆମ ଅତୀତ ସଭ୍ୟତାର ପୃଷ୍ଠା ଉନ୍ମୋଚନ କଲେ ଦେଖାଯାଏ ଯେ ତାହା ଆଶ୍ରମ ସଭ୍ୟତା ଉପରେ ପ୍ରତିଷ୍ଠିତ ଥିଲା । ଆମର ଅରଣ୍ୟାରଣ୍ୟ, ନୈମିଷାରଣ୍ୟ, ଏକାମ୍ରକାନନ, ଦଣ୍ଡକାରଣ୍ୟ ପ୍ରତ୍ୟେକ ଜୀବଜନ୍ତୁଙ୍କୁ ଦେଇଥିଲା ଆଶ୍ରୟ ଏବଂ ସେମାନଙ୍କର ଆଗ୍ରହ ବ୍ୟବହାର ଓ ସେମାନେ ବସବାସ କରୁଥିବା ପରିବେଶର ପ୍ରଭାବରେ ହିଁ ସତ୍ୟ ଅହିଂସାର ଦର୍ଶନ ଜନ୍ମ ନେଇଥିଲା ଅଗଣିତ ମୁନୀ ଋଷିଙ୍କର ପ୍ରାଣରେ । ତାର ଫଳ ସ୍ୱରୂପ ଆମର ସାହିତ୍ୟ, ସଂସ୍କୃତ, ଧର୍ମ, ପୁରାଣ, ଦର୍ଶନ ପ୍ରତ୍ୟେକଟିରେ ସତ୍ୟ, ଅହିଂସା ଫୁଟି ଉଠିଛି । ଆଜି ଆମର ମନ୍ଦିର ,ମସ୍‌ଜିଦ୍ ଓ ଗୀର୍ଜା ପ୍ରାଙ୍ଗଣରେ ଅସଂଖ୍ୟ ଜୀବଜନ୍ତୁମାନଙ୍କର ଚିତ୍ର ଶିଳ୍ପୀର ନିହାଣ ମୁନରେ ଜୀବନ୍ତ ହୋଇ ଉଠିଛି । ଖାଲି ସେତିକି ନୁହେଁ, ଆମର ଦର୍ଶନ ପୁରାଣ ପ୍ରତିଟି ପୃଷ୍ଠାରେ ଏହି ଜୀବଜନ୍ତୁମାନଙ୍କର ଆଦର୍ଶ ପ୍ରତିଫଳିତ ।

ଦିନଥିଲା ଆମ ଦେଶ ବଣ ଅରଣ୍ୟରେ ପରିପୂର୍ଣ୍ଣ ଥିଲା ଓ ସେଥିରେ ବାସ କରୁଥିଲେ ଅଗଣିତ ପଶୁ ପକ୍ଷୀ । ଆମ ଦେଶରେ ଆଜି ପ୍ରାୟ ଦୁଇ ହଜାର ଜୀବଜନ୍ତୁ ଓ ପାଞ୍ଚଶହ ପ୍ରକାରର ପକ୍ଷୀ ଦେଖିବାକୁ ମିଳନ୍ତି । ଅବିଚାରିତ ଭାବରେ ଅରଣ୍ୟ ଧ୍ୱଂସ କରାଗଲା ଓ ଅସଂଖ୍ୟ ଜୀବଜନ୍ତୁଙ୍କୁ କରାଗଲା ହତ୍ୟା । ଆଜି ଅନେକ ପଶୁପକ୍ଷୀ ଲୁପ୍ତ ହୋଇ ଯାଇଛନ୍ତି ଓ ବହୁ ଲୋପ ପାଇବା ଉପରେ । ବେଳହୁଁ ସେଗୁଡ଼ିକର ଯଥାବିଧି ସୁରକ୍ଷା କରାନଗଲେ ହୁଏତ ଆମ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ତାହା ସ୍ୱପ୍ନରେ ପରିଣତ ହୋଇ ଯାଇପାରେ ।

୧୮୦୪ ମସିହାରେ ବିଦେଶରୁ ଜଗନ୍ନାଥ ଦର୍ଶନ ଲାଗି ଜଳଯାତ୍ରାରେ ଆସୁଥିବା ଯାତ୍ରୀମାନେ ବାଲେଶ୍ୱର ଉପକଣ୍ଠରେ ହିଂସ୍ର ଜନ୍ତୁମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ଥିବାର ଜଣାଯାଏ । ଆଜି ସେଠାରେ ଦିଗନ୍ତପ୍ରସାରୀ ଶସ୍ୟକ୍ଷେତ୍ର ବିରାଜମାନ । ସେହିପରି ଭୁବନେଶ୍ୱର ନିକଟରେ ଅବସ୍ଥିତ ଏକାମ୍ରକାନନ ଦିନେ ଘଞ୍ଚ ଅରଣ୍ୟ ଥିଲା ଏବଂ ବ୍ୟାଘ୍ର, ସିଂହ ଆଦି ସେଠାରେ ବସବାସ କରୁଥିଲେ । ଆଜି କିନ୍ତୁ ତାହା ଧୂସର ମରୁ-ମୃତ୍ତିକାରେ ରୂପାନ୍ତରିତ ହୋଇଛି । ବହୁ ସ୍ଥାନ ତୃଣ ହୀନ ।

ମୋଗଲ ଶାସନ କାଳରେ ଦେଶର ପ୍ରତ୍ୟେକ ସ୍ଥାନରେ ବ୍ୟାଘ୍ର, ସିଂହ, ଗଣ୍ଡାର ଇତ୍ୟାଦି ସ୍ୱେଚ୍ଛାରେ ବିଚରଣ କରୁଥିବାର ପ୍ରମାଣ ମିଳେ । ଜଣେ ଜଣେ ସମ୍ରାଟ ଗୋଟିଏ ଦିନରେ ପ୍ରାୟ ତିନିଶହ ସିଂହ ଶିକାର କରିଥିବାର ପ୍ରମାଣ ମିଳେ । ତାପରେ ଆରମ୍ଭ ହୁଏ ବ୍ରିଟିଶ ଶାସନ । ବିଶ୍ୱଯୁଦ୍ଧ ସମୟରେ ଆବିଷ୍କୃତ ହେଲା ଗୋଳାବାରୁଦ ଓ କ୍ଷୀପ୍ର ଗତିରେ ଯାତାୟତ ପାଇଁ ବିଭିନ୍ନ ପ୍ରକାରର ଯାନବାହନ । ସ୍ପୋର୍ଟସ୍ ପାଇଁ ଶିକାର କରାଗଲା ନିରୀହ ଜୀବଜନ୍ତୁ ସେମାନଙ୍କର ଅଲକ୍ଷ୍ୟରେ । ସେମାନଙ୍କର ରକ୍ତରେ ବନଭୂମି ହେଲା ରକ୍ତରଞ୍ଜିତ । ଅକ୍ଷମଣୀୟ ସେ ଅପରାଧ । କଳଙ୍କିତ ସେ ଇତିହାସ ଅଧ୍ୟାୟ ।

ଯେଉଁ ଦେଶର ଶିକ୍ଷା, ସଂସ୍କୃତି, ସାହିତ୍ୟ, କୃଷି ସବୁ କିଛି ଏହି ବଣ ଅରଣ୍ୟ ଓ ତହିଁରେ ବସବାସ କରୁଥିବା ସୁନ୍ଦର ନିରୀହ ଜୀବଜୀବନଙ୍କୁ ନେଇ ବିକଶିତ ହୋଇ ଉଠିଥିଲା, ଏଭଳି ମର୍ମାନ୍ତିକ ବେଦନା ବହୁଳ ଘଟଣାବଳୀରେ ତାର ପ୍ରଗତି ବ୍ୟାହତ ହୋଇ ଉଠିଲା । ଯେଉଁ ଦେଶର ମୁନି ଋଷିଗଣଙ୍କର ଓଁକାର ନାଦ, ସତ୍ୟ ଅହିଂସା ଆଦର୍ଶ ବିଶ୍ୱକୁ ଶିକ୍ଷା ଦେଇ ଆସିଥିଲା, ହିଂସାର ତାଣ୍ଡବଲୀଳାରେ ତାହା ହେଲା ହେୟ ଓ ଘୃଣ୍ୟ । ଏହା ହେଲା ଆମର ଅତୀତ କାହାଣୀ ।

ଯୁଗର ପ୍ରଗତି ପଥରେ ବୁଦ୍ଧ, ମହାବୀରଙ୍କର ସତ୍ୟ ଓ ଅହିଂସା ବାଣୀ ଦେଶବାସୀଙ୍କୁ କରିଥିଲା ସତ୍ୟ ଧର୍ମରେ ଦୀକ୍ଷିତ । ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ ।

ଖଣ୍ଡଗିରି, ଉଦୟଗିରି, ଧଉଳିଗିରି, ଲଳିତଗିରି, ରତ୍ନଗିରିର ପ୍ରତିଟି ପ୍ରସ୍ତର ଦେହରେ ସତ୍ୟ ଅହିଂସାର ସ୍ମାରକୀ ବୌଦ୍ଧତ୍ୱର ମହନୀୟତା ଏବେ ମଧ୍ୟ ପ୍ରସ୍ଫୁଟିତ । ଆମର ଧର୍ମ ପୁରାଣକୁ ବିଶ୍ଳେଷଣ କରାଯାଉ । ଶିବଙ୍କ ସହିତ ସର୍ପ, ଦୁର୍ଗାଙ୍କ ସହିତ ସିଂହ, କାର୍ତ୍ତିକେୟଙ୍କ ସହ ମୟୂର, ଗଣେଶଙ୍କ ସହ ମୂଷିକ, ଇନ୍ଦ୍ରଙ୍କ ସହ ହସ୍ତୀ, ରାମଚନ୍ଦ୍ରଙ୍କ ହନୁମାନ, ବିଷ୍ଣୁଙ୍କ ସହିତ ଗରୁଡ଼ ପକ୍ଷୀକୁ ସଂଶ୍ଳିଷ୍ଟ କରି ଅପୂର୍ବ ସମନ୍ୱୟ ଅଣାଯାଇଛି । ଏହି ଧର୍ମଧ୍ୱଜାତଳେ ଆଶ୍ରିତ ବହୁ ପଶୁପକ୍ଷୀ ଆଜି ଗଣହତ୍ୟାରୁ ରକ୍ଷିତ ହୋଇ ପାରିଛନ୍ତି । ଜୀବଜଗତରେ ବହୁ ପଶୁ ଶୌର୍ଯ୍ୟ ଓ ସାହସର ପ୍ରତୀକ ହୋଇଥିବାରୁ ଲୋକେ ନିଜ ନାମ ସହିତ ବାଘ, ସିଂହ ଇତ୍ୟାଦି ବଂଶାନୁଗତିକ ଉପାଧିକୁ ସଂଯୁକ୍ତ କରି ଆସୁଛନ୍ତି ।

ବନ୍ୟ ଜୀବଜନ୍ତୁମାନଙ୍କ ଜୀବନରେ ଅହିଂସା, ଦୟା, କ୍ଷମା, ସହନଶୀଳତା, , ନିଷ୍ଠାପରତା, ସମୟାନୁବର୍ତ୍ତିତା ଇତ୍ୟାଦି ବହୁ ଦୈବୀଗୁଣ ଦେଖିବାକୁ ମିଳେ । ସେମାନଙ୍କର ସୌନ୍ଦର୍ଯ୍ୟ ଦୈବୀଗୁଣ ଓ ନିରୀହ ନିରାଭିମାନୀ ଆଗ୍ରହ ବ୍ୟବହାରରେ ମୁଗ୍ଧ ହୋଇ ଆବାଳ ବୃଦ୍ଧବନିତା ସେମାନଙ୍କ ଆଡ଼କୁ ଆକୃଷ୍ଟ ହୋଇ ଯାଆନ୍ତି । ତେଣୁ ସର୍କସ, ଚିଡ଼ିଆଖାନା, ଅଭୟାରଣ୍ୟ-ଗୁଡ଼ିକରେ ଅସମ୍ଭବ ଧରଣର ଭିଡ଼ ଜମେ । ଯାତ୍ରା ବା ମେଳାରେ ଜୀବଜନ୍ତୁମାନଙ୍କର ଖେଳଣା ବହୁ ପରିମାଣରେ ଶିଶୁମାନଙ୍କୁ ଆକୃଷ୍ଟ କରିଥାଏ । କାଷ୍ଠ, ମୃଣ୍ମୟ ଓ ପ୍ରସ୍ତର ନିର୍ମିତ ଏହି ମୂର୍ତ୍ତିଗୁଡ଼ିକ ଲାଗି ବିଦେଶରେ ମଧ୍ୟ ଗ୍ରାହିକା କମ୍ ନୁହେଁ । ପଶୁ ପକ୍ଷୀର ଗଢ଼ଣ, ଚଳନ, ଦର୍ଶନ, ମିଳନ ପ୍ରତ୍ୟେକଟିରେ ଯେଉଁ ଅଲୌକିକତା ପରିଦୃଷ୍ଟ ହୁଏ ତାହା କବି ମଣିଷ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ବହୁ ଉପମାନ ରୂପେ ବ୍ୟବହାର କରି ସୁନ୍ଦର ସରସ ସାହିତ୍ୟ ସୃଷ୍ଟି କରି ଆସିଛି । ଗଜଗମନ-ଏଣୀନୟନ, ହଂସଧ୍ୱନି, କେକାସ୍ୱନ, ସିଂହକଟି, ମୀନ ନୟନ, କପୋତ ବିଳାପ, ଡାହୁକ ସ୍ୱନ, ଚକ୍ରବାକ ବିରହ, ମରାଳ ଆଚରଣ, ବାଜ ପକ୍ଷୀର ବଳ ଇତ୍ୟାଦି ବହୁ ଉଦାହରଣ ଆମ ସାହିତ୍ୟକୁ ଅଳଙ୍କାର ବିମଣ୍ଡିତ କରିଛି । ସୁତରାଂ ପଶୁପକ୍ଷୀ ଓ ମଣିଷର ସଂପର୍କ କେତେ ନିଗୁଢ଼ ତାହା ସହଜରେ ଅନୁମେୟ ।

ମଣିଷ ସମାଜ ଭଳି ବୃକ୍ଷଲତା ଜୀବଜନ୍ତୁ ଗୋଟିଏ ଗୋଷ୍ଠୀ ଭିତରେ ପ୍ରକୃତିର ଭାରସାମ୍ୟ ରକ୍ଷି ବଞ୍ଚି ରହନ୍ତି । ପରସ୍ପର ମଣିଷର କଲ୍ୟାଣ ଲାଗି ଉଦ୍ୟମ କରନ୍ତି ଓ ଆମ ଜୀବନ ତଦ୍ୱାରା ବିକାଶ ଲାଭ କରେ । ଯେତେବେଳେ ଭାରସାମ୍ୟ ବ୍ୟାହତ ହୁଏ, ତାହା ମଣିଷର ଆତ୍ମ ସତ୍ତାକୁ ବିପନ୍ନ କରେ । ମୂଷା କଳ୍ପନାତୀତ ଭାବରେ ବଂଶ ବିସ୍ତାର କରେ । ଯଦି ମୂଷା ସଂଖ୍ୟା ବୃଦ୍ଧି ପାଇବ ତେବେ ମଣିଷର ଉତ୍ପାଦିତ ଶସ୍ୟ ପରିମାଣ ହ୍ରାସ ପାଇଯିବ । ମୂଷା ଖାଇ ସାପ ବଞ୍ଚେ । ସୁତରାଂ ମୂଷା ବଂଶ ବୃଦ୍ଧିକୁ ସଂଯତ କରି ରଖେ ସାପ । ସେହିପରି ସାପକୁ ସଂଯତ କରେ ବାଜପକ୍ଷୀ । ସେହିପରି ହରିଣ ସଂଖ୍ୟା ଅତିଶୟ ମାତ୍ରାରେ ବୃଦ୍ଧି ପାଇଲେ ଶସ୍ୟକ୍ଷେତ୍ର ନଷ୍ଟ ହୁଏ । ବାଘ, ସିଂହ, ହରିଣ ଶିକାର କରନ୍ତି । ହରିଣ ନଥିଲେ ସେମାନେ ଗୃହପାଳିତ ପଶୁ ଓ ମଣିଷକୁ ଗ୍ରାସ କରିଥାନ୍ତେ । ଅପର ପକ୍ଷରେ ବାଘ, ସିଂହମାନଙ୍କର ବଂଶ ବୃଦ୍ଧିକୁ ବଳିଆ କୁକୁର ସଂଯତ କରି ରଖେ । ଆମ ଶସ୍ୟ କ୍ଷେତ୍ରକୁ ବହୁ ଝିଣ୍ଟିକା ଓ ପଙ୍ଗପାଳ ଆକ୍ରମଣ କରି ପକ୍ଷୀ ନଷ୍ଟ କରି ଥାଆନ୍ତି । ପକ୍ଷୀମାନେ ସେମାନଙ୍କୁ ଖାଇ ଆମର ଶସ୍ୟ କ୍ଷେତ୍ରର ସୁରକ୍ଷା କରନ୍ତି । ଯଦି ପକ୍ଷୀ ସଂଖ୍ୟା ଆଶାତୀତ ଭାବରେ ହ୍ରାସ ପାଇଯାଏ-ଯେଉଁ ପରିସ୍ଥିତିର ଉଦ୍ଭବ ହେବ ତାହା ସହଜରେ ଅନୁମେୟ । ବୃକ୍ଷଲତା ଓ ଜୀବ ଗୋଷ୍ଠୀ ପରସ୍ପର ପରିପୂରକ । ସୃଷ୍ଟି ଭିତରେ ଗୋଟିଏ ଅନ୍ୟଟିର କଲ୍ୟାଣ ଲାଗି କାମ କରେ । ବୃକ୍ଷଲତା ଓ ପ୍ରାଣୀ କୃଷିକୁ ସାହାଯ୍ୟ କରି ଆମର ପ୍ରଭୁତ ଉପକାର କରିଥାଆନ୍ତି । ତେଣୁ ପ୍ରକୃତି ଭିତରେ ଭାରସାମ୍ୟ ଅବିଚ୍ଛେଦ୍ୟ ଭାବରେ ରଖି ପାରିଲେ ମଣିଷ ସମାଜର କଲ୍ୟାଣ ସାଧନ ହୋଇ ପାରିବ । ବୃକ୍ଷଲତାର ପରିପୁଷ୍ଟି ପାଇଁ ବନ୍ୟ ଜନ୍ତୁର ଆବଶ୍ୟକତା ରହିଛି । ପଶୁପକ୍ଷୀଗୁଡ଼ିକ ପରାଗ ସଙ୍ଗମ ଓ ବୀଜ ବିକ୍ଷେପରେ ସକ୍ରୀୟ ଅଂଶ ଗ୍ରହଣ କରି ବୃକ୍ଷଲତାର ବଂଶ ସେହିପରି ସେମାନଙ୍କର ମଳମୂତ୍ର ପତ୍ରି ଏବଂ ପାଦ ଖୁରା ଦ୍ୱାରା ଅରଣ୍ୟ ମୃତ୍ତିକାର ବିସ୍ତାରରେ ସାହାଯ୍ୟ କରନ୍ତି ଗଠଣରେ ପରିବର୍ତ୍ତନ ଆସେ । ସେମାନଙ୍କର ନଖ, ଚମ, ଶିଂଗ, ଦାନ୍ତ ଓ ପର ଏପରିକି ଚର୍ବି ବହୁ ଔଷଧ ରୂପେ କାମ କରେ ଏବଂ ଅନେକ କୁଟୀର ଶିଳ୍ପକୁ ବଞ୍ଚାଇ ରଖେ । ଆଜି ରିସସ୍ ମଂକି ବା ଏକ ଜାତୀୟ ମାଙ୍କଡ଼କୁ ପ୍ରେରଣ କରାଯାଇ ତା ଉପରେ ଗବେଷଣା କରା-ଯାଉଛି । ମଣିଷ ଦେହରେ କୌଣସି ଔଷଧ କିପରି କାମ କରୁଛି, ଉପଯୋଗ କରିବା ପୂର୍ବରୁ ମାଙ୍କଡ଼, ଠେକୁଆ, ମୂଷା ଇତ୍ୟାଦି ଦେହରେ ପ୍ରଥମେ ତାହା ପରୀକ୍ଷା କରାଯାଇ-ଥାଏ । ତେଣୁ ବନ୍ୟ ପ୍ରାଣୀଙ୍କୁ ଆମର ଦ୍ୱିତୀୟ ସଂପଦ ରୂପେ ଅଭିହିତ କରାଯିବାରେ ଯଥାର୍ଥ ରହିଛି । ବନ୍ୟଜନ୍ତୁମାନଙ୍କ ଯୋଗୁଁହି ପ୍ରତିବର୍ଷ ଆମ ଦେଶ ପ୍ରଭୁତ ପରିମାଣରେ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି ।

ମନରେ ସ୍ୱତଃ ଏକ ପ୍ରଶ୍ନ ଜାଗ୍ରତ ହୁଏ । ବନ୍ୟ ଜନ୍ତୁ ସଂରକ୍ଷଣ କରାଯିବ କାହିଁକି ? ଜଣେ ଜୀବନ ରକ୍ଷାକାରୀ, ଭିକ୍ଷାଦାତା ଅଥବା ମମତାମୟୀ ଅପତ୍ୟ ସ୍ନେହରେ ଆର୍ଦ୍ର ହୃଦୟ ଜନନୀକୁ କେହି କେବେ ହତ୍ୟା କରି ପାରେକି ? ଜୀବେଦୟା ଯଦି ଆମର ପରଂପରା ହୁଏ, ଦିବ୍ୟ ଜୀବନ ଯାପନ ହୁଏ ଆମ ଧର୍ମ ଧ୍ୱଜାର ସଙ୍କେତ ଏବଂ ଅହିଂସା ଯୁଗ ଧର୍ମ ମାର୍ଗ ପ୍ରଦର୍ଶକ ବନ ଜୀବନ ଧ୍ୱଂସ କରିବା ଛାଡ଼ି ପକ୍ଷରେ ନିନ୍ଦନୀୟ ନୁହେଁ କି ? ଗଞ୍ଜାମ ଜିଲ୍ଲାର ବାଲିପଦର ଅନାମଧେୟ ଏକ ଗ୍ରାମ । ସେ ଗ୍ରାମବାସୀ ବହୁ ଦିନରୁ କାଳି ହରିଣକୁ ସ୍ନେହ ଶ୍ରଦ୍ଧା ଓ ଆଦର ଦେଖାଇ ଆସିଛନ୍ତି । ସେମାନଙ୍କୁ କେହି ଆକ୍ରମଣ କଲେ ଗ୍ରାମବାସୀ ସମ୍ମିଳିତ ଭାବରେ ତାର ଦୃଢ଼ ପ୍ରତିରୋଧ କରନ୍ତି । ତେଣୁ ବାଲିପଦର ଅଞ୍ଚଳରେ ସ୍ପଷ୍ଟ ଦିବାଲୋକରେ ପଲ ପଲ ଏହି କୃଷ୍ଣସାର ନିର୍ଭୟରେ ବିଚରଣ କରନ୍ତି । ଏପରିକି ଯେ କୌଣସି ସମୟରେ ଧାନ କିଆରୀରେ ଏଗୁଡ଼ିକ ମୁକ୍ତ ଭାବରେ ବିଚରଣ କରୁଥିବାର ଯେ କେହି ଦେଖିପାରିବେ ।

ମୟୂରଭଞ୍ଜ ଜିଲ୍ଲା ମୟୂର ନାମରେ ନାମିତ । ତତ୍କାଳୀନ ମହାରାଜାଙ୍କର ସ୍ନେହ ଓ ଶ୍ରଦ୍ଧାର ପକ୍ଷୀ ମୟୂର । ରାଜପ୍ରାସାଦ ଏବଂ ମହାରାଜାଙ୍କର ସିଂହାସନରେ ତାର ଚିତ୍ରଥିଲା । ମୟୂରଭଞ୍ଜ ଜିଲ୍ଲାରେ ମୟୂର ସଂପୂର୍ଣ୍ଣ ସୁରକ୍ଷିତ

ଏ ପକ୍ଷୀକୁ ସମ୍ମାନ ଦେଖାଇ କେହି ହତ୍ୟାକଲେ ଉପାନ୍ତ ବଣ ଅରଣ୍ୟ ଓ ପଥପ୍ରାନ୍ତରେ ଦଳ ଦଳ ମୟୂର ନୃତ୍ୟ ରତ ହୋଇ ଦେଖାଯିବ । ସେମାନେ ନିର୍ଭୟରେ ରାସ୍ତା ଉପରେ ଚରୁଥିବେ । ଗାଡ଼ି ହର୍ଣ୍ଣ ଦେଲେ ମଧ୍ୟ ସେଗୁଡ଼ିକ ରାସ୍ତା ଛାଡ଼ନ୍ତି ନାହିଁ । ସେହିପରି ସ୍ନେହ ଶ୍ରଦ୍ଧା ପାଇ ଅନେକ ଦେବାଳୟ ପାର୍ଶ୍ୱରେ ପାତି ମାଙ୍କଡ଼ ନିର୍ଭୟ ହୋଇ ବିଚରଣ କରୁଥିବାରେ ଅନେକ ଦେଖିଥିବେ ।

କୋଣାର୍କ ମନ୍ଦିର ସମ୍ବେଦନଶୀଳ ଶିଳ୍ପୀର ନିହାଣ ମୁନରେ ଜୀବନ୍ତ ହୋଇ ଉଠିଛି । ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ କଳାର ନାଟ୍ୟ ମନ୍ଦିର ଦ୍ୱାର ଦେଶରେ ତିନୋଟି ଜୀବନର ପ୍ରସ୍ତରମୂର୍ତ୍ତି ଉଭୟ ପାର୍ଶ୍ୱରେ ଅଳଙ୍କୃତ କରୁଛି ପ୍ରବେଶ ଦ୍ୱାରକୁ । ମୂର୍ତ୍ତିରେ ଅସହାୟ ଓ କରୁଣା ଭାବରେ ନିଷ୍ପେଷିତ ମାନବ ମୂର୍ତ୍ତିକୁ ସୁପି ଧରିଛି ଗଜ ଏବଂ ଗଜକୁ ଶତ ସିଂହର ପରାକ୍ରମରେ ପୋଷଣ କରୁଛି ଏକ ସିଂହର ଉଦାମ ଶରୀର । ଆଧ୍ୟାତ୍ମିକ ପଦାର୍ଥତା, ଯାହା ହେଉନା କାହିଁକି ଏହା ଏକ ସାଙ୍କେତିକ ଚିତ୍ରକଳ୍ପ । ସିଂହ କ୍ଷମତାର ଚିହ୍ନ ଏବଂ ହସ୍ତୀ ଧନର ପ୍ରତୀକ । ଯଦି କୌଣସି ବ୍ୟକ୍ତି ହସ୍ତରେ ଅତିମାତ୍ରାରେ କ୍ଷମତା ଓ ଧନ ସମନ୍ୱିତ ହୁଏ ସେ ଧ୍ୱଂସ ଆଡ଼କୁ ଟାଣି ହୋଇଯାଏ । ଏଥିରୁ ଆମ ପୂର୍ବ ପୁରୁଷ କିଭଳି ନୀତିବାନ୍ ଥିଲେ ସ୍ପଷ୍ଟ ଜଣା ପଡ଼େ ।

ମନେ ପଡ଼େ ସେ ଦିନ ଉଦୟରାଗର ବର୍ଣ୍ଣ ସମ୍ଭାରକୁ ସ୍ୱାଗତ ଜଣାଇ କୂଜନ କରୁଥିବା ବିହଗକୁଳ । କୁମ୍ଭାଟୁଆ ଓ ଟିଆର ତୀବ୍ର ସ୍ୱର । ଦୀର୍ଘ ଓ ଗମ୍ଭୀର । ମୟୂରର କେକାରବ-ମିଆଓଓ....ମିଆଓଓ । । ସୁନ୍ଦର ଚିତ୍ରିତ ନୀଳିମାଭରା ପଂଖା ତୁଲ୍ୟ ପୁଚ୍ଛ । ବିମୁଗ୍ଧ ମୟୂରୀ ଦଳ ମଧ୍ୟରେ ତାନ ବିତାନ ଭରା ନୃତ୍ୟ । ଏ ଦେଶର ମୁନୀ ଆଶ୍ରମର ଅତୁଳ ଚିତ୍ର ।

ପୁଣି ମନେ ପଡ଼େ ସେ ଦିନର କରୁଣ ଦୃଶ୍ୟ । ଅଣ୍ଡା ଉପରେ ମାତୃତ୍ୱ ତୃଷ୍ଣାରେ ବସିଥିବା ମୟୂରୀ । ଦାବାଗ୍ନିର ଲେଲିହାନ ଶିଖାରେ ସ୍ନିଗ୍ଧ ଧୂସର ପୁଚ୍ଛ ଦହନ ଜ୍ୱାଳା କବଳିତ । ଅଥଚ ଅର୍ଦ୍ଧଦଗ୍ଧ ଅଣ୍ଡା କେଉଟି ଛାଡ଼ି ଯାଇ ପାରୁନାହିଁ । ଅରଣ୍ୟ ଶ୍ୱାନ ଦଳ ଦ୍ୱାରା ହରିଣୀ ଆକ୍ରାନ୍ତ ହୋଇଛି । ବାତ୍ସଲ୍ୟ ମମତା ପାଇଁ ନିଜ ଜୀବନ ତିଳ ତିଳ ଦଗ୍ଧ କରି ସନ୍ତାନକୁ ବଞ୍ଚେଇ ପାରିଛି ଅପରିଚିତ ବ୍ୟକ୍ତି ନିକଟରେ ପହଞ୍ଚାଇ ତାହାହିଁ ତାର ଆନନ୍ଦ । ଗୁଳିବିଦ୍ଧ ଗର୍ଭିଣୀ ଶୁକରୀ ଶେଷ ଥର ପାଇଁ ଲେହନ କରିଛି ତାର ସଦ୍ୟଜାତ ଶିଶୁ ଶାବକକୁ । ଏ ଦୃଶ୍ୟ ଯଦି ପ୍ରାଣକେନ୍ଦ୍ରକୁ ସ୍ପର୍ଶ କରିପାରେ, ତେବେ ସେ ଦିନ ଶିକାର କରିବାକୁ ଯାଇଥିବା ଶିକାରୀ କ୍ଷୁଧା ନିବାରଣ ଲାଗି ହରିଣ ଶାବକକୁ ହତ୍ୟା କରୁଥିବା ବ୍ୟାଘ୍ରକୁ ଗୁଳି ଗୃଞ୍ଜନା ନକରି ଉଦାର ହୃଦୟରେ ନୀରବ ଦର୍ଶକ ହୋଇ ଫେରି ଆସିବାରେ ଆଶ୍ଚର୍ଯ୍ୟ କିଛି ନାହିଁ ।

ମନୁଷ୍ୟ ଜୀବନରେ ଯେପରି ସ୍ନେହ, ପ୍ରେମ, ମମତା, ବାତ୍ସଲ୍ୟ ପରିହାସ ଇତ୍ୟାଦିରେ ସମନ୍ୱୟ ଜୀବନକୁ ରସାପ୍ଳୁତ ସୁମଧୁର କରି ତୋଳି ଥାଏ, ପଶୁପକ୍ଷୀ ଜୀବନରେ ଅବିକଳ ତାହାହିଁ ଦେଖିବାକୁ ମିଳେ । ତେବେ ମଣିଷ ଜୀବହତ୍ୟା କରେ କାହିଁକି ? ନିଜର କ୍ଷଣିକ ଉତ୍ତେଜନା ପ୍ରଶମିତ କରିବାରେ ଯେଉଁ ଆନନ୍ଦ ଅଛି ତା ପାଇଁ, ନା ମାଂସ ପାଇଁ ନିଜର ଜିହ୍ୱା ଲାଳସାକୁ ପରିତୃପ୍ତ କରିବା ଆଶାରେ ? ମାତ୍ର ଆମେ ଭୁଲିଯାଉ ଯେ ପ୍ରକୃତରେ ଭାରସାମ୍ୟ ଅବସ୍ଥାରେ କୁଠାରଘାତ କରି ଆମେ ଆମର ସାର୍ବଭୌମତ୍ୱକୁ ଅସ୍ୱୀକାର କରୁଛୁ । ନିଜର କ୍ଷତି ସାଧନ କରୁଛି । ଅରଣ୍ୟ ଫସଲ ଉଜାଡ଼ି ଦେଇ ଭାବୀ ବଂଶଧରମାନଙ୍କର ନ୍ୟାଯ୍ୟ ଦାବୀରୁ ସେମାନଙ୍କୁ ଉଚ୍ଛେଦ କରୁଛୁ । ଯେଉଁ ଦେଶର ଗିରିବନ, ପ୍ରାନ୍ତର, ମନ୍ଦିର ଦେବାଳୟ ଏବଂ ପ୍ରତିଟି ଗିରି ଗୁମ୍ଫାରେ ସ୍ଥାବର ପାଷାଣ ଅହିଂସାର ଯଶଗାନ କରେ, ଯେଉଁ ଦେଶର ପ୍ରତ୍ୟେକ ନାଗରିକ ତାର ଆତିଥ୍ୟ ପରାୟଣତା ଓ ଅଜସ୍ର ଅନୁକମ୍ପା ଲାଗି ବିଶ୍ୱ ଶ୍ରେଷ୍ଠ, ସେ ଦେଶରେ ନିରୀହ ଜୀବ ହତ୍ୟା କେବେ ଗ୍ରହଣୀୟ ନୁହେଁ । ଏ ଜାତିର ପ୍ରାଣରୁ ଏହା ସ୍ୱତଃ ପ୍ରସୂତ ।

ସ୍ୱାଧୀନତା ପରେ ଆମ ଦେଶରେ ପଶୁ ପକ୍ଷୀ ସୁରକ୍ଷା ଲାଗି ଅନେକ ଆଇନ କାନୁନ୍ ପ୍ରଣୟନ କରାଗଲାଣି; ମାତ୍ର ମନୁଷ୍ୟର ବିବେକ ଓ ଗମ୍ଭୀର ଚିନ୍ତା ଠାରୁ ବଳି ସଂଯମ ଶୃଙ୍ଖଳା ଆଉ ଥାଇ ପାରେନା । ପ୍ରତ୍ୟେକ ବ୍ୟକ୍ତି କାୟ ମନୋବାକ୍ୟରେ ବନ୍ୟ ଜୀବ ସଂରକ୍ଷଣ ଦିଗରେ ଯଦି ଚେଷ୍ଟା କରନ୍ତି, ତାହା ଏହି ଜାତି ଲାଗି ହେବ ଶ୍ରେଷ୍ଠ ଅବଦାନ ।

ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ଜୀବନାଦର୍ଶ ସତ୍ୟ ଅହିଂସା ଉପରେ ପରିପୁଷ୍ଟ ହୋଇ ଉଠିଥିଲା ଏବଂ ସେହି ଆଦର୍ଶର ପ୍ଳାବନ ସ୍ରୋତରେ ନିଜକୁ ଝାସ ଦେଇ ଉଠିଥିଲେ ଅନେକ ସତ୍‌କର୍ମୀ । ଆଜି ସତ୍ୟ ଅହିଂସା ଦେଶର ପ୍ରତିଟି ନିକ୍କଣରେ ମନ୍ତ୍ରର ଧ୍ୱନି କୁଣ୍ଡଳି ସୃଷ୍ଟି କରିଛି । ଯେଉଁ ସତ୍ୟ ଅହିଂସାର ପ୍ରଶସ୍ତି ଅନୁରଣିତ ହୋଇ ଉଠିଛି ସାବରମତୀ ଆଶ୍ରମରେ, ଯେଉଁ ସତ୍ୟ ଅହିଂସାର ଅଖଣ୍ଡ ପୁଲକରେ ଦେଶର ଗଗନ ପବନ ମୁଖରିତ ଓ ପ୍ରଶସ୍ତ, ତାଂରି ପ୍ରେରଣାରେ ଜୀବେ-ଦୟା ନୀତି ଅନୁସରଣ କରି ଆମରି କଲ୍ୟାଣ ଲାଗି ବନ୍ୟ ଜନ୍ତୁର ସୁରକ୍ଷା କରିବା ଆମର ଆଜିର ଶପଥ ହେଉ । ତାହାହିଁ ହେବ ଆମ ଜୀବନ ବିକାଶ ଲାଗି ଏକ ନିର୍ଭର ପ୍ରତିଶ୍ରୁତି ।

—



# ଓଡ଼ିଶା ପ୍ରଦେଶର ସୀମା ସଂଶୋଧନ

ଡକ୍ଟର ସତ୍ୟନାରାୟଣ ରାଜଗୁରୁ

ଓଡ଼ିଆ ଜାତି ପକ୍ଷରୁ ସେଥିରେ ପ୍ରତିକ୍ରିୟା ସର୍ବ ପ୍ରଥମେ ବ୍ରହ୍ମପୁରଠାରେ ଉତ୍କଳ-ସମ୍ମିଳିନୀର ସ୍ୱତନ୍ତ୍ର ଅଧିବେଶନରେ ପ୍ରକଟିତ ହେଲା । ଅଗଷ୍ଟ ୧୯୩୨ରେ ବ୍ରହ୍ମପୁର ଟାଉନ୍‌ହଲରେ ବିହାର-ଓଡ଼ିଶା ବିଧାନସଭାର ଡେପୁଟି ପ୍ରେସିଡେଣ୍ଟ ରାୟ ବାହାଦୁର ଲକ୍ଷ୍ମୀଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଲା । ସେହି ସମ୍ମିଳିନୀର ମୁଖ୍ୟ ଆବାହକ ଥିଲେ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ, ଶ୍ରୀ ଶଶି-ଭୂଷଣ ରଥ ପ୍ରମୁଖ ଗଞ୍ଜାମର ବହୁ ବିଶିଷ୍ଟ ନେତୃସ୍ଥାନୀୟ ବ୍ୟକ୍ତି କଟକରୁ ପ୍ରାୟ ୫୦ ଜଣ ଓକିଲ ଶ୍ରୀ ବ୍ରଜସୁନ୍ଦର ଦାସ ଓ ଭିକାରି ଚରଣ ପଟ୍ଟନାୟକଙ୍କ ସଙ୍ଗେ ସଭାରେ ଯୋଗ ଦେଇଥିଲେ ଏବଂ ଖଲ୍ଲିକୋଟର ରାଜା ସାହେବ ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ବିଶିଷ୍ଟ ଅତିଥି ରୂପେ ଆସିଥିଲେ । ସେହି ସଭାରେ ସ୍ଥିର ହେଲାଯେ, ଓଡ଼ିଶାର ସୀମା ସଂପର୍କରେ ଯେଉଁ ଅନ୍ୟାୟ ହୋଇଛି ସେଥିରେ ଆଶୁ ସଂଶୋଧନ ଦାବୀ କରିବା ପାଇଁ ଭାଇସ୍‌ରାୟ ଲର୍ଡ ୱିଲିଂଡନ୍ (Lord Willingdon)ଙ୍କ ଠାକୁ ପାରଳା ମହାରାଜାଙ୍କ ନେତୃତ୍ୱରେ ଏକ ଡେପ୍ୟୁଟେସନ୍ (Deputation) ପଠାଯିବା ସ୍ଥିରହେଲା । ଆଉ ମଧ୍ୟ ସେହି ସଭାରେ ପାରଳାଖେମୁଣ୍ଡି ମହାରାଜାଙ୍କୁ ଏକ ନାଗରିକ ସମ୍ବର୍ଦ୍ଧନା ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ ପାଠ କରିଥିଲେ । ଓଡ଼ିଶା ସୀମା ସଂପର୍କରେ ପ୍ରତିବାଦ କରି ତା ୧୩-୮-୩୨ ରେ କଟକରେ ଏବଂ ସେବର୍ଷ ଖ୍ରୀଷ୍ଟଦିନରେ ଜୟପୁରଠାରେ ମଧ୍ୟ ବିରାଟ ଆକାରରେ ଆଉ ଦୁଇଟି ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା ।

ତା' ୧୬-୯-୧୯୩୨ ଦିନ ପାରଳାଖେମୁଣ୍ଡି ମହାରାଜାଙ୍କ ନେତୃତ୍ୱରେ ଉତ୍କଳ-ସମ୍ମିଳନୀ' ପକ୍ଷରୁ ନିମ୍ନୋକ୍ତ ୧୪ଜଣ ସଭ୍ୟ ସିମଲା ଯାଇ ଭାଇସ୍‌ରାୟ ଲର୍ଡ ୱିଲିଂଡନ୍‌ଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ—(୧) କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେଓ (ଗଞ୍ଜାମ) (୨) ବି. ଦାସ (କଟକ), (୩) ବି. ଏନ୍. ମିଶ୍ର (ପୁରୀ), (୪) ଲିଙ୍ଗରାଜ ପାଣିଗ୍ରାହୀ (ଗଞ୍ଜାମ), (୫) ମଧୁସୂଦନ ପାଣିଗ୍ରାହୀ (ଗଞ୍ଜାମ), (୬) ଶ୍ୟାମସୁନ୍ଦର ଉଦ୍ଗାତା (ଗଞ୍ଜାମ), (୭) ଚୌଧୁରୀ ରାଧାନାଥ ମିଶ୍ର (କଟକ), (୮) ଲକ୍ଷ୍ମୀନାରାୟଣ ସାହୁ (କଟକ), (୯) ଯୋଗେନ୍ଦ୍ର ନାରାୟଣ ଆସ୍ତି (ସିଂହଭୂମି), (୧୦) ଅଚ୍ୟୁତାନନ୍ଦ ପୁରୋହିତ (ସମ୍ବଲପୁର), (୧୧) ଗିରିଜା ଭୂଷଣ ଦତ୍ତ (ଅନୁଗୁଳ), (୧୨) ଗୌରଚନ୍ଦ୍ର ସାମନ୍ତ ରାୟ (ଜୟପୁର), (୧୩) ମଧୁପୁର ରାଜା (କଟକ) ଓ (୧୪) ପାରିକୁଦ ରାଜା (ପୁରୀ) ।

ସେମାନେ ଯେଉଁ ସ୍ମାରକ ପତ୍ରଟି ଭାଇସ୍ରାୟଙ୍କୁ ଦେଇ ଓଡ଼ିଆମାନଙ୍କ ଜାତୀୟତା ଓ ଏକତା ସୁରକ୍ଷା କରିବା ସକାଶେ ଅନୁରୋଧ କରିଥିଲେ, ସେଥିର ଶେଷ ଅଂଶଟି ଏଠାରେ ଉଦ୍ଧାର କଲେ ଯଥେଷ୍ଟ ହେବ ।

"....It would indeed be a great pity if lakhs of Oriyas occupying the areas contiguous to present Orissa should be forced in to an unwilling partnership with the more advanced races and be perpetually exposed to the danger of having their national charecter istics lost, aspirations hampered and language sacrificed.

we appeal to your Excellence to lend a sympathetic hand to raise an ancient race that has been better days and halp her to occupy her rightful place in the federation that is going to be. we pray that your Excellency will take all necessary steps cf the promotion of the future Orissa province alongside of the introduction of the New-Reforms, and make an early announcement in that behalf and thus bring cheer and comfort to millions of His Majesty's loyal subjects, who, scattered as they are in four different provinces, have been persistently expressing their desire for over quarter of a century to be brought together under one separate administration."

ଡେପ୍ୟୁଟେସନ୍‌ର ଅଧ୍ୟକ୍ଷ ଭାବେ ମହାରାଜା ପାରଳା-ଖେମଣ୍ଡି ମୌଖିକରେ ମାନ୍ଦ୍ରାଜ ସରକାର, ତେଲୁଗୁ, ବଙ୍ଗାଳି ତଥା ବିହାରୀମାନଙ୍କ ପକ୍ଷରୁ ଓଡ଼ିଆମାନେ ଅବନତ ହୋଇ ଘୋର ଦୁଃଖରେ ନିର୍ଯ୍ୟାତିତ ହୋଇ ରହିଛନ୍ତି, ପୁଣି ୧୯୦୧ ଠାରୁ ୧୯୩୧ ସାଲର ଜନଗଣନାରେ ଯେପରି ଗଞ୍ଜାମ ଓ ଭିଜାଗା-ପାଟଣାର ଓଡ଼ିଆ ଭାଷୀ ସଂଖ୍ୟା ଖର୍ବ କରାଯାଇ ଓଡ଼େନେଲ୍-କମିଟି ସମ୍ମୁଖରେ ସାବ୍ୟସ୍ତ କରାଇ ଓଡ଼ିଶାର ନ୍ୟାଯ୍ୟ ସୀମା ସଂକୁଚିତ କରାଯାଇଛି, ସେ ସମସ୍ତ ବିଷୟ ଉତ୍ତମ ରୂପେ ଭାଇସ୍‌ରାୟଙ୍କୁ ବୁଝାଇ ଥିଲେ । ଏହା ଫଳରେ ବ୍ରିଟିଶ ସରକାରଙ୍କୁ ଏକ ଅନୁକୂଳ ରିପୋର୍ଟ ଦେଇ ମାନ୍ଦ୍ରାଜର ଓଡ଼ିଆ—ତେଲୁଗୁ ସୀମା ସନ୍ଧି ସମ୍ବନ୍ଧରେ ପୁନର୍ବିଚାର କରିବାକୁ ସୁପାରିଶ କରିଥିଲେ ।

ଏହା ପୂର୍ବରୁ କଟକର କେତେକ ନେତୃସ୍ଥାନୀୟ ବ୍ୟକ୍ତି ଅଙ୍କୋ କରିଥିଲେ ଯେ, ସୀମା ନିର୍ଦ୍ଦେଶ କମିଟି ଯେଉଁ ସୁପାରିଶ କରି ଅଛନ୍ତି, ତାହା ସଂଶୋଧନ କରିବାକୁ ଯଦି ଦାବୀ କରାଯାଏ, ତାହେଲେ ପ୍ରଦେଶ ଗଠନରେ ପୁଣି ବିଳମ୍ବ ସୃଷ୍ଟି ହେବ । ଯୋଧହୁଏ ତାହା ପରିହାର କରିବାକୁ ଯାଇ ବିହାର-ଓଡ଼ିଶା ବିଧାନ ସଭାରେ ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି ତା ୨-୧-୩୨ରେ ନିମ୍ନୋକ୍ତ ପ୍ରସ୍ତାବଟି ଆଗତ କରିଥିଲେ :—

"This council recommends to Government that they be pleased to move the Government of India to constitute immediately at an early date a separate province consisting at least of the areas recommended by the Orissa Boundary Committee"

ସେହି ପ୍ରସ୍ତାବଟି ସମର୍ଥନ କରି ପୁରୀର ସଭ୍ୟ ରାୟ ବାହାଦୁର ଲୋକନାଥ ମିଶ୍ର କହିଲେ ଯେ, ମାନ୍ଦ୍ରାଜ ପ୍ରଦେଶରେ ଯେଉଁ ଓଡ଼ିଆ ଅଞ୍ଚଳଗୁଡ଼ିକ ସୀମା କମିଟି ଛାଡ଼ି ଦେଇଛନ୍ତି, ସେଥିର ସହାନୁଭୂତିମୂଳକ ପୁନର୍ବିଚାର ସରକାର କରିବା ଆବଶ୍ୟକ । ବିହାରର ସୁପ୍ରସିଦ୍ଧ ନେତା ସଚ୍ଚିଦାନନ୍ଦ ସିଂହ ଏହି ପ୍ରସ୍ତାବକୁ ସମର୍ଥନ କରି ପାରଳା ମହାରାଜାଙ୍କ କୃତିତ୍ୱ ସମ୍ବନ୍ଧରେ ନିମ୍ନ ପ୍ରକାରେ କହିଥିଲେ:—

"It is my duty to mention the great work done for the Oriya race by the Raja of Paralakhemundi as a member of the Round Table Conference and the Orissa Boundary Committee. Sir Sultain Ahmad was present at the Round Table Conference and he will support me when I say that the Raja made an accordingly fine speech and it was as a result of his advocacy that the Round Table Conference came to an agreement that the question of Orissa should be considered and gone into. I may also say from my own experience that in Raja did remarkably good work and frought every inch of gronnd for the sepairation of Orissa, and for incorpora-ting the largest Oriya speaikng area possible to the new province"

ତା ୧୭-୩-୧୯୩୩ରେ ବ୍ରିଟିଶ୍ ସରକାରଙ୍କ ପକ୍ଷରୁ 'ଶ୍ୱେତପତ୍ର' (White paper) ପ୍ରକାଶ ହୋଇ ସେଥିରେ ସ୍ୱତନ୍ତ୍ର ଓଡ଼ିଶାରୁ ଜୟପୁର ଓ ପାରଳାଖେମୁଣ୍ଡିକୁ ବାଦ ଦେଇ ଓଡ଼ୋନେଲଙ୍କ ସୁପାରିଶ ଅନୁସାରେ ସୀମା ନିରୂପଣ କରାଯାଇଥିଲା । ଏଥିରେ ଓଡ଼ିଶାର ସୀମା ଆନ୍ଦୋଳନ ଚରମ ସୀମାରେ ପହଞ୍ଚିଲା । ସରକାରଙ୍କ ଦପ୍ତରରୁ ଆନୁଷ୍ଠାନିକଭାବେ ଏହା ପ୍ରକାଶ ହେବା ପୂର୍ବରୁ ତା ୧୨ । ୨ । ୧୯୩୩ ଦିନ ଭୁବନାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ 'ଉତ୍କଳ'-ସମ୍ମିଳନୀ'ର ଏକ ସ୍ୱତନ୍ତ୍ର ଅଧିବେଶନ କଟକରେ ଅନୁଷ୍ଠିତ ହେଲା । ସେଥିରେ ଓଡ଼ିଶାର କୁଳବୃଦ୍ଧ ମିଷ୍ଟର ମଧୁସୂଦନ ଦାସ ତାଙ୍କ ଭାଷଣରେ ଆଶା ପ୍ରକାଶ କରି କହିଥିଲେ ଯେ, "ଆମେମାନେ ଦୀର୍ଘ କାଳ ଧରି ଯାହା କାର୍ଯ୍ୟରେ ପରିଣତ କରି ପାରିନଥିଲୁ ତାହା ପାରଳା ମହାରାଜାଙ୍କ ବ୍ୟକ୍ତିଗତ ଉଦ୍ୟମରେ ଏବଂ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ସାର ସାମୁଏଲ୍ ହୋର (Sir Samual Hoare)ଙ୍କୁ ପ୍ରଭାବିତ କରିବା ଫଳରେ ସମ୍ଭବ ହୋଇ ପାରିଛି । ବର୍ତ୍ତମାନ ଯେଉଁ କେତେକ ବିଚ୍ଛିନ୍ନ ଅଞ୍ଚଳ ଦକ୍ଷିଣ-ଓଡ଼ିଶାରେ ମିଶି ନାହିଁ ତାହା ସେହି ମହାରାଜାଙ୍କ ଉଦ୍ୟମରେ ନିଶ୍ଚୟ ଫଳବତୀ ହେବ ।"

ମିଷ୍ଟର ଦାସଙ୍କଠାରୁ ପ୍ରେରଣା ପାଇ ମହାରାଜା ଦ୍ୱିତୀୟ ଥର ଇଂଲଣ୍ଡ ଯିବାକୁ ସ୍ଥିର କଲେ । ଏଥର ସେ ଦୃଢ଼ ପ୍ରତିଜ୍ଞା କଲେ ଯେ, "ମନ୍ତ୍ରଂ ବା ସାଧୟେତ୍, ଶରୀରଂ ବା ପାତଏତ୍" । କାରଣ ଯଦି ଏତେ ଚେଷ୍ଟା ସତ୍ତ୍ୱେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶରୁ ଜୟପୁର ଓ ପାରଳାଖେମୁଣ୍ଡି ବିଚ୍ଛିନ୍ନ ହୋଇଯାଏ, ତେବେ ସେ ଅପମାନ ତାଙ୍କର ଆଦୌ ସହ୍ୟ ହେବ ନାହିଁ । ଏଣୁ ଦୃଢ଼ ପଣ କରି ବି. ଦାସ, ଲିଙ୍ଗରାଜ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଗନ୍ତାୟତ ପ୍ରମୁଖ ତାଙ୍କର କେତେକ କର୍ମଚାରୀଙ୍କୁ ସଙ୍ଗରେ ନେଇ ୧୯୩୩, ଏପ୍ରିଲ ଶେଷରେ ଇଂଲଣ୍ଡ ଯାତ୍ରା କଲେ । ଏସ୍. ଏସ୍. ମୁଲତାନ୍ ନାମକ ଜାହାଜରୁ ତା ୨ । ୫ । ୩୩ ରେ ମିଷ୍ଟର ମଧୁସୂଦନ ଦାସଙ୍କ ନିକଟକୁ ଦୁଇଟି ପତ୍ର ଲେଖି ଜଣାଇ ଥିଲେ, ତାଙ୍କର ପୁରୁଣା ବନ୍ଧୁ କେତେଜଣ ଯେ କି ପ୍ରଥମ ଗୋଲ୍‌ଟେବୁଲ୍ ବୈଠକରେ ଯୋଗ-ଦେଇଥିଲେ । ସେମାନଙ୍କ ସଙ୍ଗେ କଥା ହେବା ସୁଯୋଗ ମିଳିଛି ।

ଏଠାରେ କହିବା ଆବଶ୍ୟକ ଯେ 'ଶ୍ୱେତପତ୍ର' ପ୍ରକାଶ ହେବା ସଙ୍ଗେ ସଙ୍ଗେ ଦିଲ୍ଲୀଠାରୁ କେନ୍ଦ୍ର ବିଧାନ ସଭା ସଭ୍ୟ ବାବୁ ଭୁବନାନନ୍ଦ ଦାସ ଓଡ଼ିଆଙ୍କ ପକ୍ଷରୁ ଯେଉଁ ପ୍ରତିକ୍ରିୟା ସମ୍ବନ୍ଧରେ ତା ୧୮ । ୩ । ୩୩ରେ ଲେଖିଥିଲେ, ତାହା ମାନ୍ଦ୍ରାଜର 'Hindu' ପତ୍ରିକାର ତା ୨୦ । ୩ । ୩୩ ସଂଖ୍ୟାରେ ପ୍ରକାଶ ପାଇଲା :

"It is a most distressing announcement. The white Papar has given diminutive boundaries for the Orissa province and takes away thirty three percent in area and population more than the O'Donnels findings. It will rouse deep resentment and bitterness in Orissa unless reconciled and rectified by the Joint Parliamentary Committee. Sir Samuel Hoare at the Orissa Dinner felt gratified to have satisfied ten million Oriya people, but he has reduced fhe number to sixty-seven lakhs and has created an Alsace Lorraine in excluding Parlakhemundi. An Alsace Lorraine has also been created in every frontier and Oriyas have been doomed to slavery in the north and south under Bihareas, Bengalees and Telgus. Thjs intolerable situation must be righted, else the condition wouid be unworkable in Orissa".

ଭୁବନାନନ୍ଦ ଦାସ ସାର ସାମୁଏଲ୍ ହୋରଙ୍କଠାକୁ ନିମ୍ନ ପ୍ରକାରେ ଗୋଟିଏ ଟେଲିଗ୍ରାମ୍ ପଠାଇଲେ :—

"Sir Samual Hoare
white hall, foundon"

Orissa Boundaries must disappointing. Apprehend serious disaffection among Oriyas, Madras Government's insistence exclusion Paralakhemundi prevails resulting double injustice of exclusion Joypur Agency forming one third area—Restor Justice.

B. DAS

Assembly Member

ମେଜର ଅଟଲି (Major Attlee)ଙ୍କଠାକୁ ମଧ୍ୟ ସେ ଏହି ମର୍ମରେ ଗୋଟିଏ କେବଲ୍‌ଗ୍ରାମ ପଠାଇ ଥିଲେ ।

ତା୨୨-୩-୧୯୩୩ରେ ତରୁଣରାମ ଫୁକାନ (କେନ୍ଦ୍ର ବିଧାନ ସଭା ସଭ୍ୟ ଓ ଓଡ଼ିଶା ବାଉଣ୍ଡରୀ କମିଟିର ସଭ୍ୟ) ମଧ୍ୟ 'ଶ୍ୱେତ ପତ୍ର'ରେ ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀକୁ ବିଚ୍ଛିନ୍ନ କରି ଓଡ଼ିଶା ପ୍ରଦେଶ ଗଠନରେ ବିସ୍ମୟ ପ୍ରକାଶ କରି ପ୍ରେସ ଇସ୍ତିହାରରେ ଯାହା କହିଥିଲେ ସେଥିର ଓଡ଼ିଆ ତର୍ଜମା ନିମ୍ନରେ ଦିଆଗଲା :—

"ଭାରତ ସରକାରଙ୍କ ଆପାତତଃ ନିଷ୍ପତ୍ତିରେ ମୁଁ ନିରାଶ ହୋଇଛି ଏବଂ ଆଶ୍ଚର୍ଯ୍ୟ ବୋଧ କରୁଛି । ଏବେ ମୁଁ ଆଶା କରୁଛି ଯେ, ଯେଉଁ ଜୟପୁରରେ ଶହକେ ୯୬ଜଣ ଓଡ଼ିଆ ଅଛନ୍ତି ସେହି ଜୟପୁର ଓଡ଼ିଶାରୁ ବାଦ ଦିଆଯିବ ନାହିଁ ।

ପାରଳାଖେମୁଣ୍ଡି ଓଡ଼ିଶାକୁ ଗଲେ ତେଲୁଗୁ ଓ ଓଡ଼ିଆ ଉଭୟ ଜାତିର ଲାଭ ହେବ ଏବଂ ଅକାରଣ ବିଦ୍ୱେଷଭାବ ଉଭୟ ଜାତିଙ୍କ ମଧ୍ୟରୁ ଦୂର ହେବ ବୋଲି ଓଡ଼େନଲ୍ କମିଟିର ଅଧିକ ସଂଖ୍ୟକ ମେମ୍ବର ସୁପାରିଶ କରିଥିଲେ ।

ପାରଳାକୁ ଓଡ଼ିଶାରେ ମିଶାଇବା ପାଇଁ ପାରଳା ରାଜା ସାହେବଙ୍କର ଆନ୍ତରିକ ଇଚ୍ଛା ଅଛି । ନୂତନ ପ୍ରଦେଶ ଗଠନ ପକ୍ଷପାତୀ ଅନ୍ୟ ରାଜାମାନେ ପାରଳା ଓଡ଼ିଶାରେ ମିଶାଇବା ସପକ୍ଷରେ ସମର୍ଥନ ଦେଇଛନ୍ତି । ଏପରିସ୍ଥଳେ ପାରଳାର ଦାବୀ ବିଚାର ଯୋଗ୍ୟ ହୋଇ ନ ଥିବା ପରିତାପର ବିଷୟ । ରାଜାଙ୍କ ସଙ୍ଗେ ଓଡ଼ିଶାରେ ରହିବା ପାଇଁ ପାରଳାର ଅଧିକ ସଂଖ୍ୟକ ତେଲୁଗୁମାନଙ୍କର ମତ ଅଛି । ଏ କଥାର ପ୍ରମାଣ କମିଟି ପାଇଥିଲେ ।

ମୁଁ ଆଶା କରୁଛି, ଜଏଣ୍ଟ ପାର୍ଲିଆମେଣ୍ଟ କମିଟିର ବୈଠକରେ ଓଡ଼ିଆମାନେ ସେମାନଙ୍କର ନିରାଶା ପ୍ରକାଶ କରି ନ୍ୟାୟ ସଙ୍ଗତ ଭାବେ ନିଜର ଦାବୀ ପୂରଣ କରାଇ ନେବାର ସୁବିଧା ପାଇବେ" ।

("ଦୈନିକ ଆଶା" ତା ୨୨-୩-୧୯୩୩ ଦ୍ରଷ୍ଟବ୍ୟ)

ଓଡ଼ିଶା ବାଉଣ୍ଡରି କମିଟିର ଅନ୍ୟ ଜଣେ ସଭ୍ୟ ଓ ଷ୍ଟେଟ୍ କାଉନସିଲ ସଭ୍ୟ ମାନ୍ୟବର ଏଚ୍. ଏମ୍. ମେହେଟ୍ଟା (H. M. Mehta)ମଧ୍ୟ ଶ୍ୱେତ ପତ୍ର ପ୍ରକାଶ ପରେ ବିସ୍ମୟ ପ୍ରକାଶ କରି (Associated Pressକୁ ଯେ ଇସ୍ତାହାର ଦେଇଥିଲେ ତାହା ନିମ୍ନରେ ଉଦ୍ଧୃତ ହେଲ :—

"I was rather astonished at the decision of the Secretary of State in the white paper in which he has excluded Jeypur Agency whish consists of 95% of Oriyas and 4% of other nationality. I am still convinced that Parlaknemundi should have been included in Orissa boundaries though the Telugu population to a certain degree is more in per centage than Oriyas. My reason for this is that Parlakhemundi is really an Oriya country but it being so near the Madras Presidency, naturaly the Telugus have migrated into this territory knowing that the Raja of Parlakhemundi was an impartial administrator and gave equal rights to the Telugus as he gave to Oriyas. I still hold that if Parla-khemundi is excluded, there would be great fraiction between the Oriyas and Telugus which the Government in all reason avoid in these times. I hope that at the joint Parlia-mentary Committee this point will be further considered and a solution be found. "

("ଦୈନିକ-ଆଶା" ତା ତା ୨୬-୩-୧୯୩୩ ଦେଖ)

ଗଞ୍ଜାମର ଏଡ୍‌ଭୋକେଟ ଲିଙ୍ଗରାଜ ପାଣିଗ୍ରାହୀ ମାନ୍ଦ୍ରାଜର 'Hindu' ପତ୍ରିକାରେ ତା୩୦-୩-୧୯୩୩ରେ ଗୋଟିଏ ଦୀର୍ଘ ପତ୍ର ଛପାଇ ଓଡ଼ିଶାର ଦାବି ସପକ୍ଷରେ ଯେଉଁ ବିରୋଧ ଯୁକ୍ତି ତେଲୁଗୁମାନଙ୍କ ପକ୍ଷରୁ ଦିଆଯାଇଥିଲା, ତାହା ଖଣ୍ଡନ କରିଥିଲେ । ନ୍ୟୁଦେଲ୍ଲିରୁ କେନ୍ଦ୍ର ବିଧାନ ଭୁବନାନନ୍ଦ ଦାସ ଓ ବି ଏନ୍. ମିଶ୍ର ପ୍ରମୁଖ ଓଡ଼ିଆ ନେତୃସ୍ଥାନୀୟ ବିଧାନସଭା ସଭ୍ୟ ତା୬-୪-୧୯୩୩ରେ ଗୋଟିଏ ଦୀର୍ଘ ପ୍ରେସ୍ ଇସ୍ତାହାର ଦେଇ ସେଥିରେ ଶେଷରେ କହିଥିଲେ–

" We feel that grave injustice and wrong have been done to the Oriyas. The wrishes of the people, their racial and linguistic affinities, administrative convenience, economic interests, trade and communications, geographi-cal contiquity and history and culture all demand the inclusion of Parlakhemundi in the province of Orissa.',

The elimination of Singbhum and Phuljhar tracts is no less surprising. The question of Midnapore has been lost sight of.

We are sure, however, that the intensity of feeling among the Oriyas should not be ignored and the Joint Parliamentary Commi-ttee will redress the wrong done to the ten million of Oriya people—'A. P.'

(The Madras Weekly Mail, dated 6-4-1933)

ପାରଳାଖେମୁଣ୍ଡିରୁ ସେଠା କଲେଜର ତେଲୁଗୁ ପ୍ରିନ୍‌ସିପାଲ ପି. ଜଗନ୍ନାଥ ସ୍ୱାମୀ ଗୋଟିଏ ଦୀର୍ଘ ପତ୍ର 'Madras Mail' ପତ୍ରିକାର ତା୨୦-୪-୧୯୩୩ ସଂଖ୍ୟାରେ ପ୍ରକାଶ କରି ସ୍ପଷ୍ଟ ଦେଇଥିଲେ ଯେ, ସେଠାର ତେଲୁଗୁମାନେ ଯେପରି ଅଧିକ ସଂଖ୍ୟାରେ ବାଉଣ୍ଡରି କମିଟି ସମ୍ମୁଖରେ ସାକ୍ଷ୍ୟ

ଓଡ଼ିଶାରେ ପାରଳାଖେମୁଣ୍ଡିର ମିଶ୍ରଣ ଦାବୀ କରିଥିଲେ, ତାହା ମହାରାଜାଙ୍କ ପ୍ରେରଣାରୁ ନୁହେଁ ତାହା ସେମାନଙ୍କ ସ୍ୱତଃ ସ୍ଫୂର୍ତ୍ତ ବ୍ୟକ୍ତିଗତ ଇଚ୍ଛା ଓ ମହାରାଜାଙ୍କଠାରେ ବିଶ୍ୱାସର ପ୍ରତୀକ । କମିଟିର ଚେରମ୍ୟାନ୍ ଓଡୋନେଲ୍ ସାହେବ ସେଥିରେ ସମର୍ଥନ କରିଥିବା ତାଙ୍କ ରିପୋର୍ଟରୁ ପ୍ରକଟିତ ହେଉଛି । ଏହା ଅତି ଦୁର୍ଭାଗ୍ୟର ବିଷୟ ।

ମାଡ୍ରାସ ବିଧାନ ସଭାର ଜଣେ ତେଲୁଗୁ ସଦସ୍ୟ ବି. ସୀତାରାମ ରାଜୁଙ୍କ ନେତୃତ୍ୱରେ ବ୍ରହ୍ମପୁରର କେତେକ ତେଲୁଗୁ ନେତା ଗୋଟିଏ ଦୀର୍ଘ ସ୍ମାରକ ପତ୍ର ଲେଖି ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟିକୁ ଦେଇଥିଲେ । ସେଥିରେ ସେମାନେ ଦାବୀ କରିଥିଲେ ଯେ, ବ୍ରହ୍ମପୁର, ଗୋପାଳପୁର ଓ ଇଚ୍ଛାପୁର ସମେତ ଋଷିକୁଲ୍ୟାର ଦକ୍ଷିଣରେ ଥିବା ସମସ୍ତ ଅଞ୍ଚଳରେ ତେଲୁଗୁଭାଷା ଓ ସଂସ୍କୃତିର ପ୍ରାଧାନ୍ୟ ଥିବାରୁ ତାହା ଓଡ଼ିଶାରେ ସାମିଲ କରିବା ଅନ୍ୟାୟ । ଏଥିରେ ଉତ୍ତର ଦେବାକୁ ଯାଇ "The New Orissa" (ବ୍ରହ୍ମପୁରରୁ ପ୍ରକାଶିତ ଦୈନିକ ଖବର କାଗଜର ତା୧୦-୫-୩୩ ସଂଖ୍ୟାରେ ଶ୍ରୀ ବିଶ୍ୱନାଥ ଦାସ "A Reply to Mr. B. Sitarama Raju, M. L. A." ଶିରୋନାମାରେ ଗୋଟିଏ ଦୀର୍ଘ ପ୍ରବନ୍ଧ ପ୍ରକାଶ କରିଥିଲେ । ଇଚ୍ଛାପୁର 'ଓଡ଼ିଆ ସମାଜ'ର ସଂପାଦକ ଜଗନ୍ନାଥ ଚୌଧୁରୀ ମଧ୍ୟ ୨୫-୫-୩୩ରେ 'Madras Mail' ପତ୍ରିକାରେ ଲେଖିଥିଲେ:—

"Why do the Andhras of Parlakhemundi desire to the transfer of Parlakhemundi to Orissa, when no singh Andhra outside Parlakhemundi has ever come out witn such an idea, is not the wish of the Andhras of Parlakhemundi to favour this transfer something not possibly born in their hearts but somerhing forced on them by unreal and unnatural condition consideration ? It is likely that such questions may sometimes rise in the minds of those that have kept themselves open on this problem. As one of the responsible Andhras that favours amalgamation, I shall here try to explain the position ....."

ଏପରି ଏକ ଜଟିଳ ସମସ୍ୟା କାହିଁକି ଉପୁଜିଛି, ସେ ତାହା ସୁନ୍ଦରଭାବେ ଐତିହାସିକ ନିଦର୍ଶନ ଦେଇ ବୁଝାଇଥିଲେ !

'ଶ୍ୱେତପତ୍ର' ପ୍ରକାଶପରେ ମାଡ୍ରାଜର ତେଲୁଗୁମାନେ ଯେପରି ତାଙ୍କର ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନପାଇଁ ଆକୁଳତା ପ୍ରକାଶ କଲେ ସେହିପରି ବଙ୍ଗାଳିମାନେ ମଧ୍ୟ ବଙ୍ଗରେ ପୂର୍ବୋତ୍ତର ଭାଗରେ ଗୋଆଲପାରା ସିଲ୍‌ହଟ୍ ଏବଂ ପଶ୍ଚିମରେ ମାନଭୂମ ଓ ଧଳଭୂମ ମିଶାଇବାକୁ ଆନ୍ଦୋଳନ କରିଥିଲେ । ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଓଡ଼ିଆଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରି ଖଲ୍ଲିକୋଟର ରାଜାସାହେବ ଯେତେବେଳେ ଲଣ୍ଡନର ସାର୍ ସାମୁଏଲ୍ ହୋରଙ୍କୁ ସମ୍ବର୍ଦ୍ଧନା ଦେବାକୁ ଯାଇ ସେଠାର ଏକ ହୋଟେଲରେ ଭୋଜିର ଆୟୋଜନ କରିଥିଲେ, ସେଥିରେ ସାର୍ ସାମୁଏଲ୍ ପ୍ରକାଶ କରିଥିଲେ ଯେ ଓଡ଼ିଶାପ୍ରଦେଶ ଗଠନ କରିବାକୁ ଠିକ୍‌ହେବା ଫଳରେ କୋଟିଏ ଓଡ଼ିଆଙ୍କୁ ଆନନ୍ଦିତ କରିବ । ଏହି କଥାକୁ ଦେଖାଇ ୧୯୩୩ ମସିହା ଜାନୁଆରୀ ୧୭ତାରିଖ ଦିନ କଲିକତାର "Advance" ପତ୍ରିକାର ସଂପାଦକୀୟ ସ୍ତମ୍ଭରେ ଲେଖା ହୋଇଥିଲା:—"At a dinner given in his honour at Claridge's Hotel by the Raja of Khallikota, Sir Samual Hoare referred with great enthusiasm to the separation of Orissa. We Congratulate both the Raja of Paralakhemundi and the Raja of Khallikota on their success in having the Problem of Orissa Settled to their satisfaction. The demand for the aspiration of Orissa was supported by important owning interests in that province and that means a great deal for the province in those time × × +. The recent more, however to bring a part of South West Bengal in to the new Province of Orissa discounts, in our view, the enthusiasm of Sir Samuel Hoare as well as the optimism of the Raja of KhalliKota for, it points to the seeds of future bitterness and ecrimony in Provinces whose claims have been ignored. Bengal has for long been agitating for the Inclusion of Sylhat and goalpaia on the north-eastern frontier and Manbhum and Dalbhum on her west with in her own boundaries. There is Sound ethuological and cultural basis for this agitation, and this applies, mutatis mutandes, to similar claims put forward by many 'other provinces...............".

ସ୍ୱତନ୍ତ୍ର ଆନ୍ଧ୍ରପ୍ରଦେଶ ଗଠନ ସରକାରଙ୍କ ପକ୍ଷରୁ ଏଡ଼ାଇ ଦିଆଯାଇଥିବାରୁ 'Advance' ପତ୍ରିକାର ସଂପାଦକ ଏପରି ବିଷୋଦ୍‌ଗାରଣ କରିଥିବା ଅନୁମିତ ହୁଏ । କିନ୍ତୁ "ଶ୍ୱେତପତ୍ର" ପ୍ରକାଶପରେ ବିହାରର ନିରପେକ୍ଷ ଉଦାରଚେତା ନେତା ସଚ୍ଚିଦାନନ୍ଦ ସିଂହ ଗୋଟିଏ ସ୍ମାରକପତ୍ରରେ ଲେଖିଥିଲେ:—

"As a mover of the resolution in the Imperial Legislative Council in February, 1920, urging the formation of a province of I welcome the announcement in the "White Paper" on the Subject, But, the boundaries of the new province (as indicated in the foot-note at P. 44) have proved highly disappointing to all Oriyas. Though not an oriya myself, I claim familiarity with the subject both as a native of province of Behar and, Orissa, and also as an assessor of the Orissa Boundary Committee of 1931-32. + + + + The attempt to go behind the recommendations, as made in the 'white paper', is bound to be a legitimate cause of dissatissfecation to all Oriyas for whose benefits the new province is to be created. They are not likely to remain statisfied with a truncated province, and the consitution of a Separate Orissa (with the boundaries proposed in the 'White Paper') will be a source of very great dissatisfaction to them. It seems to me, therefore, that the best course is to accept the recommendation of the Orissa Boudary

Comittee, made either unanimously or by a majority".

(Vide 'New Orissa', dated 4-7-1933)

ଲଣ୍ଡନରେ ଭାରତର ଶାସନ ସଂସ୍କାର ପାଇଁ ଯେଉଁ ଜଏଣ୍ଟ ପାର୍ଲିଆମେଣ୍ଟାରି କମିଟି ଗଠିତ ହୋଇଥିଲା' ସେଥିର କେତେକ ବିଷୟ ବିଚାର କରିବାକୁ କେତୋଟି ସବ୍-କମିଟି ଗଢ଼ାଯାଇଥିଲା । ତନ୍ମଧ୍ୟରୁ ଓଡ଼ିଶାର ସୀମା-ସମସ୍ୟା ବିଚାର କରିବାକୁ ଯେଉଁ ସବ୍‌କମିଟି ଗଢ଼ାହେଲା, ସେଥିର ଅଧ୍ୟକ୍ଷ ଥିଲେ ଲର୍ଡ ଲିନ୍‌ଲିଥ୍‌ଗୋ (Lord Linlithge) । ତାଙ୍କ ନିର୍ଦ୍ଦେଶ ଅନୁସାରେ, ୧୯୩୩, ଜୁଲାଇ ମାସର ପ୍ରଥମାର୍ଦ୍ଧର ଗୋଟିଏ ସୋମବାର ଦିନ ଓଡ଼ିଆ-ମାନଙ୍କଠାରୁ ଏବଂ ପରବର୍ତ୍ତୀ ସୋମବାର ଦିନ ତେଲୁଗୁଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରାଯିବା ଠିକ୍ ହୋଇଥିଲା । ପାରଳା ମହାରାଜାଙ୍କ ଅଧ୍ୟକ୍ଷତାରେ ପ୍ରଥମ ସୋମବାର ଦିନ ଯେଉଁ ସ୍ମାରକପତ୍ର ସମେତ ଓଡ଼ିଆଙ୍କ ପକ୍ଷରୁ ଦକ୍ଷିଣ-ଓଡ଼ିଶାର ସୀମା ନିର୍ଣ୍ଣୟ ସଂପର୍କରେ ଯୁକ୍ତି ଦିଆଯାଇଥିଲା, ସେ ସମସ୍ତ ପ୍ରତିପକ୍ଷ ତେଲୁଗୁ-ମାନଙ୍କୁ ଦିଆଗଲା, ଯେହେତୁ ସେମାନେ ସେଥିର ଜବାବ ସପ୍ତାହକ ପରେ ସବ୍‌କମିଟିକୁ ଦେଇପାରିବେ । ଏ ସଂପର୍କରେ 'ମାଡ୍ରାସ ମେଲ୍' (Madrass Mail) ପତ୍ରିକାର ଲଣ୍ଡନ ସମ୍ବାଦଦାତା ଜୁଲାଇ ୮ ତାରିଖରେ ଯେଉଁ ଖବର ପଠାଇଥିଲେ ତାହା ଉକ୍ତ ପତ୍ରିକାର ତା-୧୭-୭-୧୯୩୩ ସଂଖ୍ୟାରେ ନିମ୍ନମତେ ପ୍ରକାଶ ହୋଇଅଛି :—

"The Telugus have been supplied with a Summary of the Oriya evidence, and thus their spokesman will be in a position to reply to the arguments submitted by the Oriyas. But the Oriyas will not be at a disadvantage in this, for they have now been supplied with a Summary of the Telugu-evidence and after the Telugus have been heared, the Oriyas deligation will be given, if disired a second hearing so that they may have an apportunity of supplying to the case of their opponents. But, Strict impartiality will be abser-ved, and this second hearing will be confined only to answers to arguments and no new state-ments will be admitted".


ଆନ୍ଧ୍ରମାନେ ତାଙ୍କ ସ୍ମାରକ ପତ୍ରରେ ବ୍ରହ୍ମପୁର ସମେତ ଋଷିକୁଲ୍ୟା ନଦୀର ସମୁଦାୟ ଦକ୍ଷିଣାଞ୍ଚଳରେ ଆନ୍ଧ୍ର ଦାବୀ ରହିଛି ବୋଲି ଉଲ୍ଲେଖ କରି ବ୍ରହ୍ମପୁରର ତତ୍‌କାଳୀନ ନଗରପାଳିକା ଜନଂ ରାମଲିଙ୍ଗମ୍‌ଙ୍କ ଅଧ୍ୟକ୍ଷତାରେ ଯେଉଁ ଦାବୀ ଉପସ୍ଥାପିତ କରାଯାଇଥିଲା, ସେଥିର ଯୁକ୍ତିଯୁକ୍ତତା ଏତେ ଶିଥିଳ ହୋଇଥିଲାରେ, ସବ୍‌କମିଟି ସଭ୍ୟମାନଙ୍କୁ ସେଥିର ଜବାବ ଦେବାକୁ ଓଡ଼ିଆମାନଙ୍କର ବେଶି ସମୟ ବ୍ୟୟ କରିବାକୁ ପଡ଼ିଲାନାହିଁ । ରାମଲିଙ୍ଗମ୍‌ଙ୍କ ସଙ୍ଗେ ବ୍ରହ୍ମପୁରର ପ୍ରଚୁର ଧନ ଚାନ୍ଦା ଆକାରରେ ସଂଗ୍ରହକରି ଯେଉଁମାନେ ଲଣ୍ଡନ ଯାଇଥିଲେ, ସେମାନେ ୟୁରୋପର କେତେକ ଦର୍ଶନୀୟ ସ୍ଥାନବୁଲି ଭାରତକୁ ଫେରି ଆସିବା ମାତ୍ର ସାର ହେଲା । ତେବେ ସେମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଲର୍ଡ ଲିନ୍‌ଲିଥ୍‌ଗୋ ସବ୍‌କମିଟି ରାୟ ଦେଇଥିଲେ ଯେ, ପାରଳାଖେମୁଣ୍ଡି ତାଲୁକାର ଏକତୃତୀୟାଂଶ, ଯେଉଁଥିରେ ଓଡ଼ିଆଙ୍କ ସଂଖ୍ୟା ଶତକଡ଼ା ୫୦ଭାଗରୁ ଅଧିକ, ସେହି ଅଂଶଟି ମାତ୍ର ଓଡ଼ିଶାରେ ସାମିଲ ହୋଇ ପାରିବ । କିନ୍ତୁ ଏହା ଫଳରେ ବର୍ତ୍ତମାନ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ସୀମାସନ୍ଧି ଅତ୍ୟନ୍ତ ବକ୍ର-ବିକୃତ ଅବସ୍ଥାରେ ପରିଣତ ହୋଇଯାଇଛି । ପ୍ରାଚୀନ କଳିଙ୍ଗର ରାଜଧାନୀ ବଂଶଧାରା ନଦୀ କୂଳରେ ଅବସ୍ଥିତ ମୁଖଲିଙ୍ଗ ଆନ୍ଧ୍ରପ୍ରଦେଶର ଅନ୍ତର୍ଭୁକ୍ତ ହୋଇଗଲା । ପ୍ରାଚୀନ ଓଡ଼ିଶାର ଗଙ୍ଗ-ଗଜପତି ରାଜାମାନଙ୍କର କୀର୍ତ୍ତିକଳାପ ବହନକରି ସେଠାରେ ଯେଉଁ ମନ୍ଦିରଗୁଡ଼ିକ ଅଦ୍ୟାପି **ଅକ୍ଷୁଣ୍ଣ ଅବସ୍ଥାରେ ରହିଛି,** ସେଥିର ଶତ ଶତ ଶିଳାଲେଖରେହିଁ ଓଡ଼ିଶାର ଏକ ସ୍ୱର୍ଣ୍ଣ-ଯୁଗର ଇତିହାସ ଲୁଚିରହିଛି । କଳିଙ୍ଗର ପବିତ୍ର ବଂଶଧାରା ଆଜି ଆନ୍ଧ୍ରପ୍ରଦେଶର ଶିକାକୁଲ୍ମ ଜିଲ୍ଲାକୁ ସୁଜଳା-ସୁଫଳା କରି ପ୍ରବାହିତ ହେଉଛି । କିନ୍ତୁ ଓଡ଼ିଶାର ଗୁଣପୁରର ଉତ୍କୃଷ୍ଟ ଜମିରେ ବନ୍ୟା ସୃଷ୍ଟିକରି ତାହା ଏକ ବାଲୁକାପୂର୍ଣ୍ଣ ମରୁପ୍ରାନ୍ତର କରିବାରେ ଲାଗିଛି ।

ଓଡ଼ିଶାର ସୀମା ବିବାଦର ଏକ ପ୍ରକାର ମୀମାଂସା ହୋଇଗଲା ପରେ ଅକ୍‌ଟୋବର ମାସ ୧୯୩୩ରେ ସାରଜନ୍ ହବାକ୍ (Sir John Habback)ଙ୍କ ନେତୃତ୍ୱରେ Orissa Administration Committee ଗଠିତ ହୋଇଥିଲା ଏବଂ ସେଥିରେ ପାରଳା ମହାରାଜାଙ୍କ ଅନୁପସ୍ଥିତ ହେତୁ ହବାକ୍ ସାହେବ ଦୁଃଖ ପ୍ରକାଶ କରିଥିଲେ । ନୂତନ ପ୍ରଦେଶର ପ୍ରଶାସନିକ ସମସ୍ୟା ଗୁଡ଼ିକର ସିଦ୍ଧାନ୍ତ ଗୃହୀତ ହୋଇ ୧୯୩୬ ଏପ୍ରିଲ୍ ପହିଲଦିନ ଓଡ଼ିଶାର ପ୍ରଥମ ରାଜ୍ୟପାଳ ସାର ଜନ୍ ହବାକ୍ କଟକ ରେଭେନ୍‌ସା କଲେଜ ହଲ୍‌ରେ ଶପଥ ଗ୍ରହଣ କରିଥିଲେ ।

ବିଭାକର ଲେଙ୍କ
ପାରଳା ଖେମୁଣ୍ଡୀ,
ଗଂଜାମ ।

# ସବୁ ଦିନଙ୍କୁ ସବୁ ଦିନର ଶିକ୍ଷା

ଶ୍ରୀ ବିନୋଦ କାନୁନ୍‌ଗୋ



**ମୋ**ର ଆଶଙ୍କା ମୋ କାମ ବିଷୟରେ ଯାହା ସବୁ କୁହାଯାଉଛି ସେଥି ଭିତରେ ଟିକିଏ ଅତିରଞ୍ଜନ ରହିଯାଉଛି । ମୋତେ ଉତ୍ସାହ ଦେବାପାଇଁ ସେଭଳି ସବୁ କହିବାର ଆବଶ୍ୟକତା ଅଛି ବୋଲି ବିଚାରି ଯେଉଁମାନେ ଏଭଳି ସବୁ ମତବ୍ୟକ୍ତ କରୁଛନ୍ତି ସେମାନଙ୍କ ନିକଟରେ ମୁଁ ନିଶ୍ଚୟ କୃତଜ୍ଞ । କିନ୍ତୁ ଗୋଟିଏ କଥା ସମସ୍ତଙ୍କୁ କହିଦେବାଟା ମୋର କର୍ତ୍ତବ୍ୟ ବୋଲି ବିଚାରୁଛି ।

ମାର୍ଚ୍ଚ ୩୧ ତାରିଖ ଦିନ ରାଷ୍ଟ୍ରପତି ଭବନରେ ଯେତେବେଳେ "ସମ୍ମାନ ସମାରୋହ" ବା (Investiture Ceremony) ଅନୁଷ୍ଠିତ ହେଲା, ସେହି ଅବସରରେ ଯେଉଁମାନଙ୍କୁ 'ପଦ୍ମ' ଉପାଧି ଦିଆଗଲା ସେମାନଙ୍କର ସଂକ୍ଷିପ୍ତ ଜୀବନୀ ସମ୍ବଳିତ ଖଣ୍ଡିଏ ପୁସ୍ତକ ଭାରତ ସରକାରଙ୍କ ପକ୍ଷରୁ ପ୍ରକାଶ କରାଯାଇଥିଲା । ମୋ ସମ୍ପର୍କରେ ଲେଖାରେ ଯେଉଁ ଶେଷ ବାକ୍ୟଟି ଥିଲା ତାହାହିଁ ମୋତେ ଟିକିଏ ଚମକାଇ ଦେଲା ଓ ମୁଁ ବୁଝି ପାରିଲି ଏହି ଦେଶର ଲୋକେ ମୋଠାରୁ କଣ ଆଶା କରୁଛନ୍ତି । ସେହି ବାକ୍ୟଟି ହେଲା —

"At 74 Shri Kanungo still works 16 hours a day to fulfil Mahatma Gandhi's desire to do something that would benefit the lowest strata of the people"

ମୋତେ କୁହାଗଲା – ଗାନ୍ଧୀଜୀଙ୍କର ଦୁଇ ତିନୋଟି ଇଚ୍ଛା ଥିଲା । ଦେଶ ବିଦେଶୀଙ୍କ କବଳରୁ ମୁକ୍ତ ହେବ – ସେହି ଇଚ୍ଛା ତାଙ୍କ ଜୀବଦଶାରେ ପୂରଣ ହୋଇଗଲା । ସେ ଗୋଟିଏ ନୂତନ ଅର୍ଥ ବ୍ୟବସ୍ଥା ଉପରେ ପ୍ରତିଷ୍ଠିତ ସମାଜର ସ୍ୱପ୍ନ ଦେଖୁଥିଲେ । ନାନା ଐତିହାସିକ କାରଣରୁ ତାଙ୍କ ସ୍ୱପ୍ନର ଆର୍ଥିକ ବ୍ୟବସ୍ଥାକୁ ଗ୍ରହଣ କରାଯାଇ ପାରିଲା ନାହିଁ । ସେ ଗୋଟାଏ ସମାଜର

କଳ୍ପନା କରୁଥିଲେ, ଯେଉଁଠିରେକି ଜାତି ଭେଦ ରହିବନାହିଁ, ଅସ୍ପୃଶ୍ୟତା ରହିବ ନାହିଁ । ଦେଶରେ ସେ ଦିଗରେ ନିଶ୍ଚୟ କିଛି କରାଯାଇଥିବେ ମଧ୍ୟ ପୂର୍ଣ୍ଣ ସଫଳତା ବହୁ ଦୂରରେ ଯାଇ ରହିବ । ତାଙ୍କର ଗୋଟିଏ କିନ୍ତୁ ଅତି ବଳବତୀ ଇଚ୍ଛାଥିଲା । ତାହା ହେଉଛି, ଦେଶର ପ୍ରତ୍ୟେକ ଲୋକ ପାଖରେ ଶିକ୍ଷାକୁ ନେଇ ପହଞ୍ଚାଇ ଦେଇ ହେବ । କାରଣ ସବୁଠାରୁ ଯିଏ ତଳେ ରହିଛି ଓ ସରକାରଙ୍କ ସତ ଚେଷ୍ଟା ସତ୍ତ୍ୱେ ଶିକ୍ଷା ସ୍ତରରୁ ବଞ୍ଚିତ ହୋଇଛି, ସେ କେମିତି ତା' ଘରେ ରହି ମଧ୍ୟ ଆଜୀବନ ଶିକ୍ଷାର ସୁଯୋଗ ପାଇବ । ଆପଣ (Education for every child in evere home) ବୋଲି ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି ଓ ତାକୁ କି ଭଳି କାର୍ଯ୍ୟରେ ପରିଣତ କରାଯାଇ ପାରେ ତାହାର ପ୍ରାଥମିକ ପ୍ରମାଣ ଦେଇ ସାରିଛନ୍ତି । ସେହି ଯୋଜନାହିଁ କହି ଦେଉଛି ଯେ ତାହାର ଅଧାଅଧି ମଧ୍ୟ ଯଦି କାର୍ଯ୍ୟକାରୀ ହୋଇଯିବ ଶିକ୍ଷା ପୁସ୍ତକର ସ୍ଥାନ କି ଭଳି ରହିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବାପାଇଁ ଦୁଇଟି ସର୍ବ ଭାରତୀୟ ସମ୍ମିଳନୀ ଭାରତ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ କରାଯାଇଥିଲା । ମୋତେ ସେମାନେ ଅନୁଗ୍ରହ କରି ଡାକିଥିଲେ ।

"Towards A National Book Policy' ଆଲୋଚନା ଚକ୍ରରେ ମୁଁ ଯେଉଁ ଯୋଜନା କରିଥିଲି ତାହା ଉପରେ ଯେତିକି ଗୁରୁତ୍ୱ ଆରୋପ କରାଯିବ ବୋଲି ମୁଁ ଅନୁମାନ କରିଥିଲି ବିସ୍ମୟର ସହିତ ଲକ୍ଷ୍ୟ କଲି ଯେ ତାହାଠାରୁ ଅଧିକ ଗୁରୁତ୍ୱ ଆରୋପ କରାଯାଉଛି । ମୁଁ କହିଲି, ଯଦି ମୋଟା ମୋଟା ୫୦୦ଟି ବହି ଛାପି ଦିଆଯିବ ଓ ପ୍ରତି ଗ୍ରାମର ପ୍ରତି ଘରେ ସେହି ବହିଗୁଡ଼ିକ ପହଞ୍ଚିଯିବ, ତେବେ କେବଳ ସାଧାରଣ ଅକ୍ଷର ଚିହ୍ନିଥିବା ଲୋକ ମଧ୍ୟ ପାଞ୍ଚ ସାତ ବର୍ଷ ଭିତରେ ବହୁ କଥା ଜାଣିଯିବ । ସେହି ବହିଗୁଡ଼ିକ ପ୍ରତି

ଜ୍ଞାନପୀଠ ସଂଗ୍ରହାଳୟରେ ଲେଖକ



ପ୍ରତି ଘରକୁ ଆସ୍ତେ ଆସ୍ତେ ବ୍ୟାପିଯିବ ଓ ଲୋକମାନେ ଆଜୀବନ ଶିକ୍ଷାର ସୁଯୋଗ ପାଇବେ । ସେଇଥିପାଇଁ ଗାନ୍ଧୀଙ୍କ ଇଚ୍ଛାର ଉଲ୍ଲେଖ କରାଯାଇଛି ।

ଏହା ପଛରେ ଗୋଟିଏ ଛୋଟ ଇତିହାସ ରହିଛି । ଭାରତ ସରକାରଙ୍କର ଇଚ୍ଛା ଜାତିଟାକୁ ଏକବିଂଶ ଶତାବ୍ଦୀ ଭିତରକୁ ନେଇ ଯିବାକୁ ହେବ । କିନ୍ତୁ ଶିକ୍ଷା ନୀତିରେ ଯଦି ଗୋଟାଏ ବିପ୍ଳବାତ୍ମକ ପରିବର୍ତ୍ତନ କରା ନ ଯିବ ଏକବିଂଶ ଶତାବ୍ଦୀ ଭିତରେ ପୂରି ରହିଥିବା ସମ୍ଭାବନାର ସୁଯୋଗ ନେବାପାଇଁ ଜାତିଟା ଭିତରେ ମାନସିକ ପ୍ରସ୍ତୁତି ସୃଷ୍ଟି କରାଯାଇ ପାରିବନାହିଁ । ସେହି ଶିକ୍ଷା ନୀତିରେ ଭାଷା ଓ ଉପାଦେୟ ସ୍କୁଲର ପିଲାମାନେ ଉପକୃତ ହେବେ ଓ ଯେଉଁ ଲକ୍ଷ ଲକ୍ଷ ପିଲା ଅଳ୍ପ ପଢ଼ି ସ୍କୁଲ ଛାଡ଼ି ଦେଉଛନ୍ତି, ସେମାନେ ଅତି ମାତ୍ରାରେ ଲାଭବାନ ହେବେ । ବିଜ୍ଞାନକୁ ଓଡ଼ିଆ ଭାଷାରେ କି ଭଳି ସରଳ ଭାବରେ ବୁଝେଇ ଦିଆଯାଇ ପାରୁଛି ତାହା ଭାରତର ସବୁ ଅଞ୍ଚଳର ଲୋକେ ଜାଣି ପାରିବେ ବୋଲି ଦୁଇଟି ବହିର ହିନ୍ଦୀ ସଂସ୍କରଣ ସେମାନଙ୍କ ଭିତରେ ବାଣ୍ଟି ଦିଆଯାଇଥିଲା । ସେମାନେ ପଢ଼ିଲେ । ସେମାନଙ୍କ ଅବଗତ ନିମନ୍ତେ ଜଣାଇଲି: ୫୦୦ ଭିତରୁ ଯେଉଁ ୧୫୦ଟି ବହି ଲେଖା ସରିଲାଣି ଓ ସେଥି ଭିତରୁ ୪୦ଟି ଓଡ଼ିଆ ଭାଷାରେ ଛପା ସରିଲାଣି ଓ ପ୍ରତ୍ୟେକଟିର ହିନ୍ଦୀ ଅନୁବାଦ ହୋଇ ସାରିଲାଣି ।

କାନ୍ତି ଚୌଧୁରୀ କମିଟିର ଯେଉଁ ସଭ୍ୟମାନେ ସ୍ଥାନମଣ୍ଡଳ ଗଲାମସିହା ୧୯୮୫ ମସିହା ଡିସେମ୍ବର ମାସରେ ଆସିଥିଲେ ସେମାନେ କହିଲେ, ଆମେ ଦେଖି ଆସିଲୁ ହିନ୍ଦୀ ଅନୁବାଦ ଓ ୫୦୦ ଯାକ ବହି ଲେଖିବା ପାଇଁ ସମସ୍ତ ସମ୍ପାଦକୀୟ ଉପାଦାନ ସଂଗ୍ରହ କରାଯାଇ ବିଜ୍ଞାନ ସମ୍ମତ ପ୍ରଣାଳୀରେ ସଜାଇ ରଖା ଯାଇଛି। ତାହା ମଧ୍ୟ ଦେଖି ଆସିଲୁ। ' କାନୁନ୍‌ଗୋ କହୁଛନ୍ତି ୧୯୮୮ ମସିହା ଡିସେମ୍ବର ଶେଷ ସୁଦ୍ଧା ୫୦୦ ଯାକ ବହି ଲେଖା ସରିବ ସେ ବିଷୟରେ ଆମର ଦୃଢବୋଧ ହୋଇଛି।

ତେଣିକି ସ୍ୱତଃ ପ୍ରଶ୍ନ ଉଠିଲା ଏହି ସବୁଯାକ ବହି ଭାରତର ଅନ୍ୟ ଭାଷାରେ ଅନୁବାଦିତ ହୋଇ ଯିବା ଉଚିତ ଓ ଶୀଘ୍ର ଏହାକୁ ଶେଷ କରିବାକୁ ହେଲେ କେତେ କୋଟି ଟଙ୍କାର ଆବଶ୍ୟକତା ରହିଛି। ଏଇଟି ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଜଟିଳ ପ୍ରଶ୍ନ। କେନ୍ଦ୍ର ଶିକ୍ଷା ବିଭାଗର ସବୁ ବଡ଼ ବଡ଼ ଅଫିସର ଉପସ୍ଥିତ ଥିଲେ। ଏ ବିଷୟରେ ମୁଁ ନୀରବ ରହୁଛି ବୋଲି ଦେଖି ଯେତେବେଳେ ମୋ ମତ ପଚରାଗଲା, ସେତେବେଳେ ଅତି ସଂକ୍ଷେପରେ ଅଥଚ ଦୃଢ଼ତାର ସହିତ ମୋ ମତ ପେଶକଲି। ତାହା ଉପରେ ଦୀର୍ଘ ସମୟ ଧରି ଆଲୋଚନା ହେଲା। ଆପଣମାନଙ୍କ ଅବଗତି ନିମନ୍ତେ କହୁଛି, ସେତେବେଳେ ସମ୍ମିଳନୀରେ ଗୃହୀତ ସିଦ୍ଧାନ୍ତ ସରକାରଙ୍କ ପାଖକୁ ପଠାଗଲା, ସେଥିରେ ଉଲ୍ଲେଖ କରାଗଲା —

"Shri Binod Kanungo explained about the Childrens Encyclopaedia and the mechanism of Childrens Book Production without Govt. subsidy"; ସମସ୍ତଙ୍କୁ ବୁଝାଇବାକୁ ଚେଷ୍ଟା କଲି—ସରକାରଙ୍କ ପାଖରେ ସମ୍ବଳ ନାହିଁ, ଏଭଳି ଗୋଟିଏ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ। ଆମ ଓଡ଼ିଶାରେ ଅଛି ପ୍ରାୟ ୪୮'୦୦୦ ଗ୍ରାମ। ଏହି ବହି ଗୁଡ଼ିକର ଦାମ ଟ ୨.୫୦ ପଇସା ରଖା ଯାଇଛି। ଯଦି ପ୍ରତ୍ୟେକ ଗ୍ରାମକୁ ମାତ୍ର ଗୋଟିଏ ଲେଖାଏଁ ବହି ସରକାର ଯୋଗାଇ ଦେବେ ଆସନ୍ତା ତିନିବର୍ଷ ଭିତରେ ସାଢ଼େ ଛଅ କୋଟି ଟଙ୍କା ଖର୍ଚ୍ଚ ହୋଇଯିବ। ଏହା ସମ୍ଭବ ନୁହେଁ। ଦ୍ୱିତୀୟରେ ସରକାରୀ କଳର ସାମର୍ଥ୍ୟ ନାହିଁ, ପ୍ରତି ଗାଁରେ ବହିଟିକୁ ପହଞ୍ଚାଇ ପ୍ରତ୍ୟେକ ପରିବାର ଯେମିତି ତାକୁ ଦେଖିବେ ବା ପଢ଼ିବେ ତାହାର ବ୍ୟବସ୍ଥା କରିବା ପାଇଁ। ତେଣୁ ମୁଁ ଠିକ୍ କରିଛି, ପ୍ରତି ପରିବାର ଠାରୁ ମାତ୍ର ଦଶ ପଇସା ଲେଖାଁଏ ସଂଗ୍ରହ କରାଯିବ। ଗୋଟିଏ ଗାଁରେ ଟ ୨.୫୦ ପଇସା ସଂଗ୍ରହ କରିଦେଲେ ଗୋଟିଏ ବହି ଦେଇ ହେବ। ସେହି ବହିର ମାଲିକ ହେବ ସେହି ଗାଁ। ପ୍ରତି ପରିବାରରେ ବହିଟି ଦୁଇ ତିନି ଦିନ ପାଇଁ ରହିବ। ସମସ୍ତେ ଅନୁଭବ କରିବେ ଯେ ବହିଟି ସେମାନଙ୍କର। ସେମାନେ ନିଜକୁ ଶିକ୍ଷିତ କରୁଛନ୍ତି ନିଜ ଉଦ୍ୟମରେ। ଯେଉଁ ଦଶ ପଇସିଟି ଆଜି କିଛି କିଣି ପାରୁ ନାହିଁ ସେହି ଦଶ ପଇସିଟି ଶିକ୍ଷା ପ୍ରସାର କ୍ଷେତ୍ରରେ କିମିଆ ବା ମେଜିକ ଦେଖାଇବ। ଲୋକଙ୍କର ସହଯୋଗ ହେଲା ବଡ଼ କଥା। ସରକାରଙ୍କ ଠାରୁ ଗୋଟିଏ ଟଙ୍କା ନ ନେଇ ଆମେ ଏହି ଯୋଜନାକୁ ସଫଳ କରି ଦେଇ ପାରିବା। ଏ କଥା ଶୁଣିବା ପରେ ବହୁ ଗୁଣୀ ଲୋକେ ମୋ ବିଷୟରେ ଯାହା କହିଲେ ତାହାର ପରୋକ୍ଷ ଉଲ୍ଲେଖ ମଧ୍ୟ ଏଠାରେ କରୁ ନାହିଁ। ଯୋଜନାଟି ବିଷୟରେ ଯେଉଁସବୁ ମତ ପ୍ରକାଶ କଲେ ତାହାରି ସୂଚନା ଦେଉଛି—

୧। ବହିଗୁଡ଼ିକର ବିଷୟ ବସ୍ତୁ ଏଭଳି ଯେ ଲୋକେ ପଢ଼ିଲେ ନିଶ୍ଚୟ ଉପକୃତ ହେବେ। ସ୍ୱାସ୍ଥ୍ୟ, କୃଷି ଉପରେ ଲିଖିତ ପୁସ୍ତକଗୁଡ଼ିକ ପ୍ରତ୍ୟେକ ଲୋକର ଉପକାର କରିବ।

୨। ପିଲାମାନେ ବିଦ୍ୟାଳୟରେ ଯେତେ ସବୁ ବିଷୟ ବସ୍ତୁ ପଢ଼ୁଛନ୍ତି ସେଗୁଡ଼ିକୁ ଆହୁରି ଭଲ ଭାବରେ ବୁଝିବାପାଇଁ ସୁଯୋଗ ପାଇବେ।

୩। ବିଷୟଟି ଜାଣି ଯିବାକୁ ଯେଉଁ ଛାତ୍ର, ଅଣ ଛାତ୍ର ମାନେ ଇଂରାଜି ବହି ପଢ଼ିବେ ସେମାନେ ମଧ୍ୟ ସହଜରେ ବୁଝିବା ପାଇଁ ସମର୍ଥ ହେବେ।

୪। ଭାରତୀୟ ଭାଷା ମାଧ୍ୟମରେ ସେ ସବୁ ଶିକ୍ଷା ହାସଲ କରି ହେବ। ସବୁବେଳେ ପ୍ରକାଶ କରି ହେବ। ବିଜ୍ଞାନର ଅତି ଜଟିଳ ତତ୍ତ୍ୱ ବିଷୟରେ ମଧ୍ୟ ଧାରଣା କରି ହେବ। ଏହା ପ୍ରମାଣିତ ହୋଇଯିବ। ଇଂରାଜୀ ଭଲ ଭାବରେ ନ ପଢ଼ିଲେ ବିଜ୍ଞାନ ଠାରୁ ଆମେ ବରାବର ଦୂରେଇ ରହିଯିବା, ଏଭଳି ଆଶଙ୍କା ଆଉ ରହିବ ନାହିଁ।

୫। ବ୍ୟାପକଭାବରେ ଶିକ୍ଷାର ପ୍ରସାର ହେଲେ ଲୋକେ ନୂତନ ଭାବରେ ଚିନ୍ତା କରିବାର ସୁଯୋଗ ପାଇବେ ଓ ସେହି ଚିନ୍ତା ଭାବନା ଗୋଟାଏ ନୂତନ ସମାଜ ଗଠନ ପାଇଁ ପଥ ପରିଷ୍କାର କରି କରି ଚାଲିବ।

୬। ଲୋକଙ୍କ ଭିତରେ ଗୋଟାଏ ଆତ୍ମ ସମ୍ମାନର ଭାବ ଜାଗ୍ରତ ହେବ। କାହାରି ଉପରେ ନିର୍ଭର ନ କରି ଗୋଟାଏ ଜାତି ନିଜକୁ ଶିକ୍ଷିତ କରିବାର ବାଟ ପାଇଯିବ।

ସେହି ଆଲୋଚନା ବୈଠକରେ ପୁଣି କହିଲି—ବହିଗୁଡ଼ିକର ହିନ୍ଦୀ ସଂସ୍କରଣ ବାହାରି ପଡ଼ିଲେ ଓଡ଼ିଶାର ଲୋକେ ଓଡ଼ିଆ ଓ ହିନ୍ଦୀ ବହିକୁ ପାଖକୁ ପାଖ ରଖି ହିନ୍ଦୀ ଶିଖିଯିବେ। ତାକୁ ହିଁ ଆମେ 'ହିନ୍ଦୀ ସ୍ୱୟଂ ଶିକ୍ଷଣ' ଯୋଜନା ବୋଲି ନାମ ଦେଇଛୁଁ। ହିନ୍ଦୀ ଓ ଓଡ଼ିଆ ଭାଷା ଭିତରେ କେତେ ମେଳ ଅଛି ତାହାର ନମୁନା ଛପାଇ ବାଣ୍ଟି ଦିଆ ଯାଇଥିଲା। କେତେ ଜଣ ଦୃଢ଼ ମତ ପ୍ରକାଶ କଲେ ଯେ ଏହିସବୁ ବହିକୁ କୋଡ଼ିଏ ପଚିଶ ଖଣ୍ଡକୁ ଯଦି ଦେବନାଗରୀ ଲିପିରେ (ଓଡ଼ିଆ ଭାଷା) ଛାପି ଦିଆଯାଏ, ହିନ୍ଦୀ ବହି ସାହାଯ୍ୟରେ ଜଣେ ଅଣ ଓଡ଼ିଆ ମଧ୍ୟ ସହଜରେ ଓଡ଼ିଆ ଶିଖି ଯିବ। ଓଡ଼ିଆ ଭାଷା କେଡ଼େ ସୁନ୍ଦର ଓ ସମର୍ଥ ତାହାର ପ୍ରମାଣ ଭାରତର ଅନ୍ୟ ଅଞ୍ଚଳର ଲୋକେ ପାଇଯିବେ। ଦିନ ଆସିବ ଓଡ଼ିଆର କେତେକ ଉପାଦେୟ ପୁସ୍ତକର (Translation) ନ ହୋଇ କେବଳ (Transliteration) ହୋଇଗଲେ ମଧ୍ୟ ଅଣ ଓଡ଼ିଆ ଶିକ୍ଷିତ ମହଲ ଓଡ଼ିଆ ବହି ପଢ଼ିବା ପାଇଁ ଆଗ୍ରହୀ ହେବ।

ଆଲୋଚନାବେଳେ ବରାବର ଜୋର ଦିଆଯାଉଥାଏ ଯେ ପ୍ରତ୍ୟେକ ଭାରତୀୟ ଭାଷାରେ ଗୋଟିଏ ଲେଖାଏଁ ସେଟ୍ Chilren's Encyclohoedia ପ୍ରକାଶିତ ହେବା ନିତାନ୍ତ ଜରୁରୀ। ଓଡ଼ିଆରେ ଆମେ ଯେଉଁ ୫୦୦ ଖଣ୍ଡ ବହି ଲେଖିବୁ ସେଗୁଡ଼ିକକୁ ଦଶଖଣ୍ଡ ଲେଖାଁ ବନ୍ଧାଇ ଦେଲେ କିଭଳି ପଚାଶ Volume ଗୋଟିଏ ବିରାଟ Children's Encyclohoedia set ହୋଇଯିବ ତାହାର ନମୁନା ଦେଖାଇଥିଲୁ ଗୋଟିଏ ବନ୍ଧା ବହି ସାହାଯ୍ୟରେ। ସେମାନେ କହିଲେ ଦିନେ ସମସ୍ତ

ଓଡ଼ିଆଭାଷା ନିକଟରେ କୃତଜ୍ଞ ହେବେ ଗୋଟିଏ ଲେଖାଁ ସେଟ୍ ଏହି ଭାଷାର ବହି ପାଇପାରିବା ଯୋଗୁଁ-ଅନୁବାଦ ମାଧ୍ୟମରେ।

ଆପଣମାନଙ୍କର ବେଶି ସମୟ ନେବି ନାହିଁ । ଟିକିଏ କହି ଦିଏ ଯେ ୫୬ ବର୍ଷ ପୂର୍ବେ ମୁଁ ମୁକ୍ତି ଆନ୍ଦୋଳନରେ ଝାସ ଦେଇ ଜେଲ ବରଣ କରିଥିଲି । ଜେଲଥିଲା, ମୋର ପ୍ରଥମ, ପ୍ରକୃତ ଅର୍ଥରେ ଶିକ୍ଷାଲାଭ କ୍ଷେତ୍ର । ପାଟନା Camp Jail ଆମେ ସେଠି ୪୫୦୦ ବନ୍ଦୀ ଥିଲୁଁ ସେମାନଙ୍କ ଭିତରେ ମୋ ବୟସର ଅର୍ଥାତ୍ ଷୋହଳ ସତର ବର୍ଷର ପ୍ରାୟ ହଜାରେ ପିଲା ଥିଲୁ । ପାଠ ପଢି ଆସିଥିଲୁ । ସେମାନଙ୍କ ଶିକ୍ଷା ପାଇଁ ଜେଲ ଭିତରେ କିଭଳି ଉଦ୍ୟମ ହୋଇଥିଲା ତାହାର ସାକ୍ଷ୍ୟ ଦେବେ ଡକ୍ଟର ମହତାବ । ସତାଇଶ ଅଠାଇଶ ବର୍ଷର ଜଣେ ଯୁବକ ମହତାବ୍ର ଯେତେବେଳେ ସେହି ଜେଲରେ ପହଞ୍ଚିଲେ ଓ ବିନୋଦାନନ୍ଦ ଝା ରାମକୃଷ୍ଣ, ଗୋକୁଳାନନ୍ଦ ମହାନ୍ତି, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ସହିତ ପରାମର୍ଶ କରି Massive Adult Education ଯୋଜନା କଲେ । ସେହି କାହାଣୀ ଶୁଣିଲେ ଆପଣମାନେ ଯେତିକି ବିସ୍ମିତ ହେବେ ତାହାଠାରୁ ଅଧିକ ଆନନ୍ଦିତ ହେବେ । ପାଞ୍ଚ ଛ ଶହ ଯୁବକ ଏକାଠି ବସି ଦିନ ଦିନ ଧରି Matim Gorkeyଙ୍କ 'Mother' ଠାରୁ ଆରମ୍ଭ କରି Abbot's Napoleonଙ୍କ ଜୀବନୀ ପଢି କେମିତି ଇଂରାଜୀ ଭାଷା ଶିକ୍ଷା କରିବା ସଙ୍ଗେ ସଙ୍ଗେ ଜାତୀୟତା ଭାବରେ ଉଦ୍‌ବୁଦ୍ଧ ହେଉଥିଲୁ ତାହାର ବର୍ଣ୍ଣନା ମୁଁ କରି ସାରିଲିଣି । ଓଡ଼ିଶା ସ୍ୱାଧୀନତା ସଂଗ୍ରାମର ଇତିହାସ 'ମୁଠାଏ ଲୁଣ ଗୋଟାଏ ସାମ୍ରାଜ୍ୟ' ଓ 'ଋଣ ପରିଶୋଧ' ବହିରେ । ସେହି ସବୁ ଜେଲରେ ଆମ ଜ୍ଞାନ ବା ପାଠର ମୂଳଦୁଆ ଶୋଧା ହୋଇଥିଲା । ସର୍ବଭାରତୀୟ କ୍ଷେତ୍ରରେ ଯଦି କୁହାଯାଉଛି ଯେ ଜଣେ Dropout ମଧ୍ୟ ଇଚ୍ଛା ଓ ଉଦ୍ୟମ କଲେ କିଛି ଜ୍ଞାନର ଅଧିକାରୀ ହୋଇପାରିବ, ତାହା ପଛରେ ଏହି ଇତିହାସ ରହିଛି ।

ଆଜି 'ନନ୍ଦିଘୋଷ' ଅନୁଷ୍ଠାନ ମୋତେ ସତେ ଯେପରି କି କହୁଛି-ତୁମକୁ ଆଉ ତେଇଶ ଦିନ ପରେ ୭୫ ବର୍ଷ ପୂରିବ । ତୁମ ସାଙ୍ଗମାନେ ଏ ସଂସାରରୁ ଶୀଘ୍ର ବିଦାୟ ନେଇ ଯାଉଛନ୍ତି । ତେଣୁ ଦୀର୍ଘ ଦିନର ଯୋଜନା କଥା ନକହି ତୁରନ୍ତ ଅର୍ଥାତ୍ ଆଉ ହଜାରେ ଦିନରେ କ'ଣ କରି ପାରିବ କୁହ–ଏହି ପବିତ୍ର ମଞ୍ଚରୁ କହୁଛି ଆସନ୍ତା ହଜାରେ ଦିନ ଭିତରେ–

୧. ଜ୍ଞାନମଣ୍ଡଳର ୭୫ ଖଣ୍ଡଯାକ ପ୍ରକାଶିତ ହୋଇଯିବ । ୬୦ ଖଣ୍ଡ ଲେଖା ସରିଲଣି ।

୨ ପ୍ରତିବର୍ଷ ଯେଉଁଭଳି ଦୁଇଖଣ୍ଡ ଲେଖାଏଁ ପୁସ୍ତକ ପ୍ରକାଶିତ ହେଉଥିବ ସେଥିପାଇଁ ଯେଉଁ ଗୋଟିଏ ରେଜିଷ୍ଟ୍ରାର୍ଡ ସଂସ୍ଥା ଜ୍ଞାନମଣ୍ଡଳ ଫାଉଣ୍ଡେସନ୍ ହୋଇଛି ସେଥି ସହିତ ଓଡ଼ିଶାର ପଚିଶ ଜଣ ବିଶିଷ୍ଟ ଲୋକଙ୍କୁ ସଂପୃକ୍ତ କରି ଦିଆଯିବ ।

୩. ୫୦୦ ଖଣ୍ଡ ବହି ପିଲାଙ୍କ ପାଇଁ ପ୍ରକାଶିତ ହୋଇଯିବ ।

୪. ସେହିଗୁଡ଼ିକ ହିନ୍ଦୀ ଏବଂ ଉର୍ଦ୍ଦୁରେ ଅନୁବାଦିତ ହୋଇଯିବ ଓ ଭାରତର ଭିନ୍ନ ଭିନ୍ନ ଭାଷାରେ ପ୍ରକାଶ କରିବା ପାଇଁ ସବୁମତେ ଉଦ୍ୟମ କରାଯିବ । ପଥ ପରିଷ୍କାର ହୋଇ ଆସୁଛି । ପଞ୍ଜାବ ସରକାର ପଞ୍ଜାବୀ ଭାଷାରେ ଏହିସବୁ ବହି ପ୍ରକାଶ କରିବେ ବୋଲି ସୂଚନା ଦେଇ ସାରିଲେଣି ।


୫. ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଇତିହାସ ପ୍ରକାଶ ପାଇଯିବ ଓ ତାହାର ହିନ୍ଦୀ ଅନୁବାଦ ମଧ୍ୟ ପ୍ରକାଶିତ ହୋଇଯିବ ।

୬. ଜ୍ଞାନମଣ୍ଡଳ ବାଦେ କେତୋଟି ସେଟ୍ Subject Encyclopeadia ପ୍ରକାଶ ପାଇଁ ପୂର୍ଣ୍ଣ ବ୍ୟବସ୍ଥା କରି ଦିଆଯିବ ।

ଯାହାସବୁ ଉଲ୍ଲେଖ କଲି ତାହା ଆଉ ସ୍ୱପ୍ନ ଅବସ୍ଥାରେ ନାହିଁ । ବାସ୍ତବତାର ଗଣ୍ଡି ଭିତରକୁ ଗଳି ଆସିଲାଣି । ଏହିସବୁ କାମ ପାଇଁ ସମସ୍ତ "ସମ୍ବଳ" ସଂଗୃହୀତ ହୋଇ ଗଲାଣି । ସମ୍ବଳ ଶବ୍ଦଟିକୁ ଗୋଟିଏ ସଂପୂର୍ଣ୍ଣ ନୂଆ ଅର୍ଥରେ ବ୍ୟବହାର କରୁଛି । ସବୁ ଶ୍ରେଣୀର ଲୋକଙ୍କଠାରୁ ମୋ ପ୍ରତି ଆଜି ହଠାତ୍ ଯେଉଁ ସ୍ନେହ ଶ୍ରଦ୍ଧା ଆଦର ସମର୍ଥନ ଅଜାଡ଼ି ହୋଇ ଆସୁଛି ତାହାଠାରୁ ବଳି ଅଧିକ ମୂଲ୍ୟବାନ୍ ସମ୍ବଳ ଆଉ କଅଣ ଥାଇପାରେ ? ଟିକିଏ ସୁଦ୍ଧା ଅତି ରଞ୍ଜନ ନକରି କହୁଛି ମୋର ଏହି ବୟସରେ, ମନର ଏହି ଅବସ୍ଥାରେ କାହାରି ପ୍ରତି ହେଲେ ଅଶ୍ରଦ୍ଧା ନାହିଁ–ସମସ୍ତଙ୍କ ପ୍ରତି ମୁଁ ସମାନ ଭାବରେ କୃତଜ୍ଞ । ସମସ୍ତେ ବିଶ୍ୱାସ କରନ୍ତୁ ମୋର କାହାରି ବିରୁଦ୍ଧରେ କିଛି ହେଲେ ଅଭିଯୋଗ ନାହିଁ । 'ସବୁ ପିଲାଙ୍କୁ ସବୁ ଘରେ ଶିକ୍ଷା ଦେବାର ଯୋଜନାକୁ ମଞ୍ଚିରେ ମଞ୍ଚିରେ ମାତ୍ର ଦଶ ପଇସା ଲେଖାଏଁ ସଂଗ୍ରହ କରି ନିଶ୍ଚିତ ସଫଳ କରି ଦିଆଯିବ । ଆଜି ତଗିରୁନ୍ଦ ହାଇସ୍କୁଲର ୮୦୦ ପିଲା ଓ ଲକ୍ଷ୍ମୀସାଗର ହାଇସ୍କୁଲର ୧୨୦୦ ପିଲା ଏଠାକୁ ଆସି କହିଲେଣି ଆମେ ମଞ୍ଚିରେ ମଞ୍ଚିରେ ଦଶ ପଇସା ଲେଖାଏଁ ନିଶ୍ଚୟ ଦେବୁ ଓ ୫୦୦ ଯାକ ବହି ପଢିବୁ । ଏହାଠାରୁ ବଳି ମୂଲ୍ୟବାନ୍ ସମ୍ବଳ ଆଉ କଅଣ ବା ଅଛି ।

ଶେଷରେ ଶ୍ରଦ୍ଧେୟ ଡ଼କ୍ଟର ବୈଦ୍ୟନାଥ ମିଶ୍ରଙ୍କୁ ଓ ତାଙ୍କ ମାଧ୍ୟମରେ 'ନନ୍ଦିଘୋଷ' ଅନୁଷ୍ଠାନକୁ ଅଶେଷ କୃତଜ୍ଞତା ଜଣାଉଛି । ଡକ୍ଟର ମହତାବ ଓ ଶ୍ରଦ୍ଧେୟ ଜାନକୀବଲ୍ଲଭଙ୍କୁ କୃତଜ୍ଞତା କାହିଁକି ବା ଜଣାଇବି ? ସେମାନେ ମୋର ଅତି ନିକଟରେ-ସେମାନେ ଖରାପ ଭାବିବେ ।

ଆପଣମାନଙ୍କୁ ସମସ୍ତଙ୍କୁ କୃତଜ୍ଞତା ଭରା ପ୍ରଣାମ ଜଣାଉଛି ।



# ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଆମ ରାଜ୍ୟ

ଡକ୍ଟର ଦେବକାନ୍ତ ମିଶ୍ର

(୧)

ବର୍ତ୍ତମାନ ପୃଥିବୀର ବିଭିନ୍ନ ଦେଶର ବହୁ ପ୍ରବୀଣ ବୁଦ୍ଧିଜୀବୀ ମତ ବ୍ୟକ୍ତ କରୁଅଛନ୍ତି ଯେ, ଏକବିଂଶ ଶତାବ୍ଦୀରେ ମନୁଷ୍ୟ ଏକ ତଥ୍ୟାଶ୍ରୟୀ ସଭ୍ୟତାର ଅଭ୍ୟୁତ୍‌ଥାନ ଘଟାଇବ । ତଥ୍ୟ ହିଁ ହେବ ସୁଖ ସମୃଦ୍ଧିର ନିୟନ୍ତକ । ତଥ୍ୟ ସଂଗ୍ରହ ଓ ତଥ୍ୟଗୁଡ଼ିକର ଜନକଲ୍ୟାଣକାମୀ ଉପଯୋଗ ଦିଗରେ ସର୍ବୋଚ୍ଚ ଅଗ୍ରାଧିକାର ଆରୋପିତ ହେବ । ମାଇକ୍ରୋଇଲେକ୍‌ଟ୍ରୋନିକ୍ସ୍ ଓ ଜୈବ-ପ୍ରଯୁକ୍ତି ବିଦ୍ୟାର ସମୃଦ୍ଧିସାଧନ ଓ କ୍ରମବର୍ଦ୍ଧମାନ ଉପଯୋଗ ବଳରେ ସଭ୍ୟତା ଓ ସଂସ୍କୃତିର ଢାଞ୍ଚା ବଦଳିଯିବ । ମନୁଷ୍ୟ ଏକ ପୂର୍ଣ୍ଣତାଭିମୁଖୀ (holistic ) ଜୀବନାଦର୍ଶର ଅନୁଗାମୀ ହେବା ଫଳରେ ନିଜ ସୁଖ ଶାନ୍ତିମୟ ଜୀବନ ଯାପନ ପାଇଁ ବହୁବିଧ ବିଜ୍ଞାନାଶ୍ରୟୀ କର୍ମପନ୍ଥାକୁ ଆଦରି ନେବା ଅବସରରେ ବାହ୍ୟ ପରିବେଶ ଓ ମୂଲ୍ୟବାନ୍ ପରିସଂସ୍ଥାଗୁଡ଼ିକୁ ଦୂଷିତ ବା ବିକୃତ କରିଦେବାର ଅବକାଶ ରହିବ ନାହିଁ ।

ମନୁଷ୍ୟର ଭବିଷ୍ୟତ ସଂପର୍କରେ ଏପରି ଆଶାବାଦୀ ମନୋଭାବ ପୋଷଣ କରୁଥିବା ପଣ୍ଡିତମାନେ ଦୃଢ଼ ଭାବରେ ଘୋଷଣା କରୁଛନ୍ତି ଯେ, ପୃଥିବୀ ବକ୍ଷରେ ଶିଳ୍ପ ବିପ୍ଳବ ସମାହିତ ହେବା ପରଠାରୁ ଧନୀ ଓ ଦରିଦ୍ର୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଯେଉଁ କ୍ରମବର୍ଦ୍ଧମାନ ତାରତମ୍ୟ ପ୍ରତିଷ୍ଠିତ ହୋଇଛି, ଉଲ୍ଲିଖିତ ଅଭିନବ ଟେକ୍‌ନୋଲଜିଗୁଡ଼ିକର ସାର୍ଥକ ବିନିଯୋଗ ଫଳରେ ସେହି ତାରତମ୍ୟରେ କ୍ରମସଂକୋଚନ ଘଟି ପାରିବ । ଦୃଢ଼ ରାଜନୈତିକ ମନୋବଳ ସହକାରେ ଉପଯୁକ୍ତ ଜନ ସମ୍ବଳର ଯଥାର୍ଥ ବିନିଯୋଗ ଘଟାଇବା ସମ୍ଭବ ହୋଇ ପାରିଲେ ବିକାଶଶୀଳ ତଥା ଦରିଦ୍ର ରାଷ୍ଟ୍ରଗୁଡ଼ିକ ଅପେକ୍ଷାକୃତ ସ୍ୱଳ୍ପକାଳ ମଧ୍ୟରେ ଦାରିଦ୍ର୍ୟର ଅପସାରଣ ଘଟାଇବା ସଙ୍ଗେ ସଙ୍ଗେ ଅର୍ଥନୈତିକ ପ୍ରଗତିର ହାରକୁ ତ୍ୱରାନ୍ୱିତ କରାଇ ପାରିବେ ।

ମାନବ ଜାତିର ଏହି ମହାମନା ଶୁଭ ଚିନ୍ତକମାନଙ୍କ ମତାନୁଯାୟୀ ମନୁଷ୍ୟ ଏକବିଂଶ ଶତାବ୍ଦୀରେ ମାନବୀୟ ସଭ୍ୟତାର ଏ ଯେଉଁ ଅଭିନବ ପର୍ଯ୍ୟାୟର (A new Paradigm ଶୁଭାରମ୍ଭ ଘଟାବାର ଶୁଭ ସୂଚନା ପ୍ରତିଭାତ ହେଲଣି, ତାହାର ବାସ୍ତବ ରୂପାୟନ କେବଳ ମନୁଷ୍ୟର ନିଜସ୍ୱ ତଥା ଅନ୍ୟୂନ ମାନବିକତାବୋଧ ଉପରେ ନିର୍ଭର କରୁଛି । ଯଦି ପ୍ରାଚ୍ୟ ଦର୍ଶନ ଓ ପାଶ୍ଚାତ୍ୟ ବିଜ୍ଞାନର ସୁସମନ୍ୱିତ ପ୍ରଭାବ ବଳରେ ମନୁଷ୍ୟ ନୈତିକ ତଥା ସାମାଜିକ ମୂଲ୍ୟବୋଧ ସଂପର୍କରେ ସଚେତନ ହୋଇପାରେ, ତାହାହେଲେ ପୃଥିବୀର ବାସିନ୍ଦାମାନେ ନିଜ ବୁଦ୍ଧି ବଳରେ ବେଶ୍ ଆରାମଦାୟକ ଜୀବନ ଯାପନ କରି ପାରିବେ । ମନୁଷ୍ୟର ଭବିଷ୍ୟତ ଉଜ୍ଜ୍ୱଳମୟ ହେବ । ତଥ୍ୟାଶ୍ରୟୀ ସମାଜରେ ତାହାର ଅଧିକାଂଶ ପାରିବାରିକ ଓ ବୃତ୍ତିଗତ ବ୍ୟାପାର କମ୍ପ୍ୟୁଟର ଓ ରୋବଟ୍ ଜରିଆରେ ସମାହିତ ହେଉଥିବାରୁ ସେ ମସ୍ତିଷ୍କ-ରୂପୀ ଅନନ୍ୟ ଅଙ୍ଗଟିକୁ ଅଯଥା ଭାରାକ୍ରାନ୍ତ କରିବାର ଅବକାଶ ରହିବ ନାହିଁ । ସେ ପ୍ରଚୁର ବିଶ୍ରାମ ପାଇ ପାରିବ ଏବଂ ଏହି ଅବସରରେ ମାନବ ଜାତିର ଓ ସମଗ୍ର ଜୀବଜଗତର କଲ୍ୟାଣସାଧନ ପାଇଁ ମୌଳିକ ଚିନ୍ତା କରିପାରିବ । ସମାଜ, ବିଜ୍ଞାନ, ବିଜ୍ଞାନାଶ୍ରୟୀ ପ୍ରଯୁକ୍ତିବିଦ୍ୟା, କଳା ଓ ଧର୍ମ ପ୍ରଭୃତି ସ୍ୱୀୟ ସୃଷ୍ଟିଶୀଳ ପ୍ରତିଭାସମ୍ଭୂତ ବିଭାଗଗୁଡ଼ିକର ସଂହତିତ ପ୍ରଭାବ ବଳରେ ମନୁଷ୍ୟ ପୃଥିବୀ ବକ୍ଷରେ ଗ୍ରାହିକ ମାନବିକତାର ପ୍ରତିଷ୍ଠା ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ । ଏହାହିଁ ଶୁଭଙ୍କର ସାଂସ୍କୃତିକ ବିବର୍ତ୍ତନର ଧାରା ।

ଏକବିଂଶ ଶତାବ୍ଦୀର ମଧ୍ୟ ଭାଗ ବେଳକୁ ପୃଥିବୀର ଜନସଂଖ୍ୟା ପ୍ରାୟତଃ ସ୍ଥିର ଅବସ୍ଥାରେ ଉପନୀତ ହେବ । ଅର୍ଥାତ୍, ଜନ୍ମହାର ଓ ମୃତ୍ୟୁ ହାର ପ୍ରାୟତଃ ପରସ୍ପର ସହିତ

ସମାଜ ହେବ । ପୃଥିବୀ ରୂପୀ ବ୍ୟୋମଯୋତର ସୀମିତ ଯାତ୍ରୀମାନଙ୍କ ସୁଖ ଶାନ୍ତିମୟ ଜୀବନ ଯାତ୍ରା ପାଇଁ କଲ୍ୟାଣମୟୀ ସମାଜର ସେବାକାରୀ ସଙ୍ଗଠନଗୁଡ଼ିକ ଜରିଆରେ ବହୁବିଧ ଜନ କଲ୍ୟାଣକାମୀ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଇବା ଦିଗରେ ବିଜ୍ଞାନ ଓ ଟେକ୍‌ନୋଲଜି ହିଁ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ଯେଉଁ ଦେଶ ବା ଯେଉଁ ରାଜ୍ୟ ଏପରି ସମାଜ ସହିତ ଖାପ ଖୁଆଇ ନିଜକୁ ଚଳାଇ ନେବା ପାଇଁ ଆଜହୁଁ ପ୍ରସ୍ତୁତ ନ ହେବ, ସେହି ଦେଶ ବା ସେହି ରାଜ୍ୟ ନିଶ୍ଚିତ ଭାବରେ ଏକବିଂଶ ଶତାବ୍ଦୀରେ ଏକ ଅନଗ୍ରସର ରାଜ୍ୟରେ ପରିଣତ ହେବ । ଅନ୍ୟ ଦେଶଗୁଡ଼ିକ ତଥ୍ୟରାଜିର ଆଦାନ ପ୍ରଦାନ ବଳରେ ନିଜ ଦେଶର ପ୍ରଗତିସାଧନ ଜନ୍ମେ ପ୍ରାକ୍ ସ୍ଥାପନା ପର୍ଯ୍ୟବସିତ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ବେଳେ ଏହି ଅନଗ୍ରସର ରାଜ୍ୟଗୁଡ଼ିକ ଅନିର୍ବାର୍ଯ୍ୟ ଭାବରେ ସେମାନଙ୍କ କୃପାଭିକ୍ଷୁ ହେବେ । ଇତିହାସର ଏହି କ୍ରାନ୍ତିକ ପର୍ଯ୍ୟାୟରେ ଆମେ ଏ ପ୍ରକାର ଯେଉଁ ବିରାଟ ଆହ୍ୱାନର ସମ୍ମୁଖୀନ ହୋଇଛୁ, ତାହାର ମୁକାବିଲା କରିବା ପାଇଁ ଆଜହୁଁ ଜନସମ୍ବଳ ତଥା ଅବସ୍ଥାପନା ସୃଷ୍ଟି ଦିଗରେ ଗୁରୁତ୍ୱ ଆରୋପ କରିବା ହିଁ ବିଜ୍ଞତାର ପରିଚାୟକ ରୂପେ ଉପଲବ୍ଧ ହେଉଛି । ଆମର ଯୁବ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ଏହି ସମସ୍ତ ବ୍ୟାପରଗୁଡ଼ିକୁ ବିଚାରକୁ ନେଇ ସାରା ଦେଶରେ ଯଥାଶୀଘ୍ର ଏକ 'ବୈଜ୍ଞାନିକ ମିଜାଜ୍'ର ପ୍ରତିଷ୍ଠା ପାଇଁ ଅଗ୍ରାଧିକାର ଆରୋପ କରିଛନ୍ତି । ମାଇକ୍ରୋଇଲେକ୍‌ଟ୍ରୋନିକ୍‌ସ୍ ଓ ଜୈବ ପ୍ରଯୁକ୍ତି ବିଦ୍ୟାର ( BiotechnologY ) ସମୃଦ୍ଧିସାଧନ ଓ ଜନକଲ୍ୟାଣକାମୀ ଉପଯୋଗ ଦିଗରେ ବିହିତ ପଦକ୍ଷେପଗୁଡ଼ିକୁ ଜରୁରୀକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରାଇବା ପାଇଁ ସେ ସମୟୋଚିତ ପରାମର୍ଶ ଦେଇଛନ୍ତି । ସମକାଳୀନ ଭାବରେ ସେ ଆମ ଦେଶର ପରିବେଶର ସୁରକ୍ଷା, ମୂଲ୍ୟବାନ୍ ପରିସଂସ୍ଥାଗୁଡ଼ିକର ରକ୍ଷଣାବେକ୍ଷଣ ଓ ଜିନ୍ ଭଣ୍ଡାରର ( Gene Pool ) ହେପାଜତ ଦିଗରେ ମଧ୍ୟ ଗୁରୁତ୍ୱ ଆରୋପ କରିଛନ୍ତି ।

(୨)

ଏହି ଦୃଷ୍ଟିକୋଣରୁ ବିଚାର କରିବା ଦ୍ୱାରା ଜଣାପଡ଼ୁଛି ଯେ, ସ୍ୱାଧୀନତା ପ୍ରାପ୍ତି ପରଠାରୁ ଆମ ରାଜ୍ୟର ଅଗ୍ରଗତି ବେଶ ସନ୍ତୋଷପ୍ରଦ ହୋଇଛି । ବିଜ୍ଞାନ ଶିକ୍ଷା, ବୈଜ୍ଞାନିକ ଗବେଷଣା, ବୈଷୟିକ ଶିକ୍ଷା, ଗବେଷଣା ଓ ପ୍ରଗତି ( R. & D. ) ପ୍ରଭୃତି ବ୍ୟାପରଗୁଡ଼ିକର କାର୍ଯ୍ୟକାରିତା ପାଇଁ ଆମ ରାଜ୍ୟରେ ସ୍ୱାଧୀନତା ପ୍ରାପ୍ତି ପରଠାରୁ ବହୁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠିତ ହୋଇଛି । ଇତ୍ୟବସରରେ ଚାରିଟି ବିଶ୍ୱବିଦ୍ୟାଳୟ, ଗୋଟିଏ ଆଞ୍ଚଳିକ ଗବେଷଣାଗାର, ପଦାର୍ଥ ବିଜ୍ଞାନ ସମ୍ବନ୍ଧୀୟ ମୌଳିକ ଗବେଷଣା ଚଳାଇବା ପାଇଁ ଉଦ୍ଦିଷ୍ଟ 'ଫିଜିକ୍‌ସ ଇନ୍‌ଷ୍ଟିଚ୍ୟୁଟ୍' ଓ ଅନେକ ପଲିଟେକ୍‌ନିକ୍ କେନ୍ଦ୍ର ପ୍ରଭୃତି ପ୍ରତିଷ୍ଠିତ ହୋଇଛି । ମୌଳିକ ବିଜ୍ଞାନ, କୃଷି, ଚିକିତ୍ସା ବିଜ୍ଞାନ ଓ ବିଭିନ୍ନ ପ୍ରକାରର ପ୍ରଯୁକ୍ତି ବିଦ୍ୟା ଆଧାରିତ ଗବେଷଣା ଚଳାଇବା ପାଇଁ ଅନେକ ଶିକ୍ଷାନୁଷ୍ଠାନରେ ସୁବିଧା ସୃଷ୍ଟି କରାଯାଇଛି । ମୌଳିକ ବିଜ୍ଞାନ, ବୈଷୟିକ ବିଦ୍ୟା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏମ୍ : ଫିଲ୍:, ପି: ଏଚ୍: ଡି: ଓ ଡି: ଏସ୍‌ସି: ଡିଗ୍ରୀ ପାଇବା ପାଇଁ ଅଧ୍ୟୟନ ଓ ଗବେଷଣା ଚଳାଇବା ଉଦ୍ଦେଶ୍ୟରେ ବିଶ୍ୱବିଦ୍ୟାଳୟମାନଙ୍କରେ କେତେକ ମହାବିଦ୍ୟାଳୟରେ ତଥା ଗବେଷଣାତ୍ମକ ଅନୁଷ୍ଠାନମାନଙ୍କରେ ଉପଯୁକ୍ତ ଅବସ୍ଥାପନା ସୃଷ୍ଟି କରାଯାଇଛି । ଗାଁଗହଳରେ ମଧ୍ୟ ସ୍ନାତକ ସ୍ତରୀୟ ବିଜ୍ଞାନ ଶିକ୍ଷା ପ୍ରଦାନକାରୀ ମହାବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀ ସଂଖ୍ୟା ବଢ଼ି ଚାଲିଛି । ସୀମିତ ପୁଞ୍ଜି ବଳରେ ସଂଖ୍ୟାତ୍ମକ ବୃଦ୍ଧି ଏବଂ ଶିକ୍ଷା ଓ ଗବେଷଣାର ଗୁଣାତ୍ମକ ମାନ ମଧ୍ୟରେ ଅର୍ଥସୂଚକ ସମନ୍ୱୟ ପ୍ରତିଷ୍ଠା ସଂଭବ ହେଉ ନ ଥିଲେ ମଧ୍ୟ ଜନ ସମ୍ବଳ ସୃଷ୍ଟି ବ୍ୟାପରକୁ ଅବ୍ୟାହତ ରଖାଯାଇଛି ।

ବିଜ୍ଞାନ ଶିକ୍ଷାକୁ ଛାତ୍ରଛାତ୍ରୀମାନଙ୍କ ବୋଧଗମ୍ୟ ତଥା ଚିତ୍ତାକର୍ଷକ କରାଇବା ପାଇଁ ସରଳ ଅଭିକ୍ରିୟା ଅବଲମ୍ବନରେ ବିଜ୍ଞାନର ମହତ୍ୱ ପ୍ରତିପାଦନ ପାଇଁ, ବିଜ୍ଞାନ ଶିକ୍ଷା ମାଧ୍ୟମରେ କୋମଳମତି ଛାତ୍ରଛାତ୍ରୀମାନଙ୍କ ମାନସପଟରେ ପରିବେଶୀୟ ସଚେତନାର ଜାଗରଣ ଘଟାଇବା ପାଇଁ, ବିଜ୍ଞାନର ବ୍ୟାବହାରିକ ଉପଯୋଗ ଓ ପାରିପାର୍ଶ୍ୱିକ ସମାଜର ଆର୍ଥିକ ପ୍ରଗତି ମଧ୍ୟରେ ଫଳପ୍ରଦ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ବହୁବିଧ ଉପାୟ ଅବଲମ୍ବନ କରାଯାଉଛି । SCERT ଆନୁକୂଲ୍ୟରେ ଏ ଦିଗରେ ଅଭିନବ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି । ବିନା ଖର୍ଚ୍ଚରେ ସରଳ ଅଭିକ୍ରିୟାଗୁଡ଼ିକୁ ସଂପାଦନ କରିବାର ପଦ୍ଧତି, ବିଭିନ୍ନ ଅଞ୍ଚଳର ପିଲମାନଙ୍କ ମନଲାଖି ପାଠ୍ୟ ପୁସ୍ତକ ପ୍ରଣୟନ, ଜିଲ୍ଲାସ୍ତରୀୟ ତଥା ରାଜ୍ୟସ୍ତରୀୟ ବିଜ୍ଞାନ ମେଳାର ଆୟୋଜନ, ରାଜ୍ୟସ୍ତରୀୟ ସେମିନାର, ପ୍ରଭୃତି ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଫଳରେ ବିଜ୍ଞାନ ଶିକ୍ଷାର ମାନ କ୍ରମୋନ୍ନତ ହେଉଛି । NCERT ସହ ଯୋଗସୂତ୍ର ରକ୍ଷା କରି ତଥା ଆମ ରାଜ୍ୟର ବିଶେଷ ପରିସ୍ଥିତିକୁ ବିଚାରକୁ ନେଇ SCERT କର୍ତ୍ତୃପକ୍ଷ ବିଜ୍ଞାନ ଶିକ୍ଷାକୁ ଫଳପ୍ରଦ କରାଇବା ପାଇଁ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ଉଭୟ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ଗ୍ରହଣ କରିବା ଅବସରରେ ଛାତ୍ରଛାତ୍ରୀମାନେ ଯେପରି ସ୍ୱତଃସ୍ଫୁର୍ତ୍ତ ଭାବରେ ନିଜ ନିଜ ସୃଷ୍ଟିଶୀଳ ପ୍ରତିଭାର ଉପଯୋଗ କରିବାକୁ ଉତ୍ସୁକ ହେବେ ଏବଂ ଇନୋଭେସନ୍ ପ୍ରବଣତା ବଳରେ ଛୋଟ ଛୋଟ ସମସ୍ୟାଗୁଡ଼ିକୁ ସମାଧାନ କରିପାରିବେ, ସେଥିପାଇଁ ପାଠ୍ୟକ୍ରମ ଓ ଶିକ୍ଷାଦାନ ପଦ୍ଧତିରେ ଅଭିଜ୍ଞତା ପର୍ଯ୍ୟବସିତ ପରିବର୍ତ୍ତନଗୁଡ଼ିକୁ ସୁସଙ୍ଗତ ମାର୍ଗରେ କାର୍ଯ୍ୟକାରୀ କରାଯାଉଛି । ଜାତୀୟ ପାଠ୍ୟକ୍ରମକୁ ବିଚାରକୁ ନେଇ ତଥା ଜାତୀୟ ମାଧ୍ୟମିକ ଶିକ୍ଷାର ମାନ ସହିତ ସାମଞ୍ଜସ୍ୟ ରକ୍ଷା କରି ଆମ ରାଜ୍ୟର ମାଧ୍ୟମିକ ବିଜ୍ଞାନ ଶିକ୍ଷାକୁ ପ୍ରାଣବନ୍ତ କରାଇବା ଉଦ୍ଦେଶ୍ୟରେ ସେକେଣ୍ଡାରୀ ବୋର୍ଡ଼ କର୍ତ୍ତୃପକ୍ଷ ବିଶେଷ କର୍ମତତ୍ପର ହୋଇଛନ୍ତି । ନୂଆ ପାଠ୍ୟ ପୁସ୍ତକ ପ୍ରଣୟନ, ନୂଆ ପ୍ରକାରର ପ୍ରଶ୍ନପତ୍ର ପ୍ରସ୍ତୁତି, ମୂଲ୍ୟାୟନ ପଦ୍ଧତିରେ ପରିବର୍ତ୍ତନ, ଶିକ୍ଷକମାନଙ୍କୁ ନିୟମିତ ତାଲିମ୍ ପ୍ରଭୃତି କାର୍ଯ୍ୟକ୍ରମଗୁଡ଼ିକୁ ଗୁରୁତ୍ୱର ସହ ବିଚାର କରାଯାଉଛି ଓ ଯଥା ସମ୍ଭବ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଯାଉଛି ।

ସାରା ଦେଶରେ ଧନ୍ଦାମୂଳକ ଶିକ୍ଷା ପ୍ରବର୍ତ୍ତନ ପାଇଁ ବ୍ୟାପକ ଉଦ୍ୟମ ଚାଲିଥିବାବେଳେ ଆମ ରାଜ୍ୟ ଜାତୀୟ

ସହିତ ସାମିଲ ହୋଇଛି । ୧୦+୨+୩ ଶିକ୍ଷା ମହାସ୍ରୋତ ସହିତ ସାମିଲ ହୋଇ କାର୍ଯ୍ୟକାରୀ ହୋଇ ଥିବାରୁ ପଦ୍ଧତି ଅବଶ୍ୟ ନୂଆ ହୋଇ କାର୍ଯ୍ୟକାରୀ ହୋଇ ଥିବାରୁ ଧନ୍ଦାମୂଳକ ଶିକ୍ଷା ବିଶେଷ ଫଳପ୍ରଦ ହୋଇନାହିଁ ; ମାତ୍ର ଆମ ରାଜ୍ୟରେ ଧନ୍ଦାମୂଳକ ଶିକ୍ଷାକୁ ଫଳପ୍ରସୂ କରାଇବା ପାଇଁ ରାଜ୍ୟ ସରକାର ବିଶେଷ କର୍ମତତ୍ପର ହୋଇଛନ୍ତି । ଆଶା କରାଯାଉଛି ଯେ, ନୂଆ ଶିକ୍ଷା ନୀତି ଘୋଷିତ ହେବା ପରେ ଏ ଦିଗଟି ପ୍ରତି ବିଶେଷ ଧ୍ୟାନ ଦିଆଯିବ । ଡିଗ୍ରୀ ସ୍ତରୀୟ (+୩) ଶିକ୍ଷା ସ୍ତରରେ ବିଜ୍ଞାନର ଛାତ୍ରଛାତ୍ରୀମାନଙ୍କୁ 'ମୌଳିକ ପାଠ୍ୟକ୍ରମ' ( Foundation Course ) ଓ 'ପ୍ରୟୋଗାତ୍ମକ ପାଠ୍ୟକ୍ରମ' ( Ancillary Course ) ଜରିଆରେ ସାହିତ୍ୟ, ଜାତୀୟ ସଂସ୍କୃତି, ଇତିହାସ ଓ ବୈଷୟିକ ବିଦ୍ୟା ସଂପର୍କରେ ବାଧ୍ୟତାମୂଳକ ଭାବରେ ଶିକ୍ଷା ଦେବା ପାଇଁ ପ୍ରାରମ୍ଭିକ ଉଦ୍ୟମ କରାଯାଇଛି । ଆଶା କରାଯାଉଛି ଯେ, ବିଭିନ୍ନ ବିଷୟର 'ସମ୍ମାନ' ( Honours )ର ଛାତ୍ରଛାତ୍ରୀ ଭାବରେ ବିଶେଷଜ୍ଞ ସୁଲଭ ଜ୍ଞାନ ଅର୍ଜନ କରିବା ସଙ୍ଗେ ସଙ୍ଗେ ଏତଦ୍ଵାରା ସେମାନଙ୍କ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ଵର ପ୍ରତିଷ୍ଠା ପାଇଁ ପଥ ସୁଗମ ହୋଇଯିବ ।

ସ୍ନାତକୋତ୍ତର ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ବର୍ଷକୁ ବର୍ଷ ନୂଆ ନୂଆ ବିଷୟଗୁଡ଼ିକ ସମ୍ବନ୍ଧରେ ଶିକ୍ଷା ଦିଆଯାଉଛି । ପୁଣି, ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କେତେକ ସ୍ନାତକୋତ୍ତର ସ୍ତରୀୟ ଶିକ୍ଷାଦାନୀ ମହାବିଦ୍ୟାଳୟମାନଙ୍କରେ ବିଜ୍ଞାନର ବିଭିନ୍ନ ବିଷୟରେ ଏମ୍. ଫିଲ୍. ସ୍ତରୀୟ ଶିକ୍ଷା ଦେବାର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ଉଦାହରଣ ସ୍ୱରୂପ, ରେଭେନ୍ସା ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ, ରସାୟନ ଶାସ୍ତ୍ର, ଉଦ୍‌ଭିଦ ବିଜ୍ଞାନ ଓ ଗଣିତରେ ଏମ୍: ଫିଲ୍: ସ୍ତରୀୟ ଶିକ୍ଷା ଦିଆଯାଉଛି । ସ୍ୱାଧୀନତା ପ୍ରାପ୍ତି ବେଳକୁ ବୈଜ୍ଞାନିକ ଗବେଷଣା ପାଇଁ ପ୍ରାୟତଃ କୌଣସି ସୁବିଧା ନ ଥିବା ସ୍ଥଳେ ଅଦ୍ୟାବଧି ବିଶ୍ୱବିଦ୍ୟାଳୟମାନଙ୍କରେ, କେତେକ ମହାବିଦ୍ୟାଳୟରେ, ଇଞ୍ଜିନିୟରିଙ୍ଗ୍ ଓ ମେଡ଼ିକାଲ କଲେଜମାନଙ୍କରେ ପ୍ରତି ବର୍ଷ ଅନେକ ଗବେଷକ ଗବେଷଣା ଚଳାଇବାର ସୁବିଧା ଉପଭୋଗ କରୁଛନ୍ତି । ଭୁବନେଶ୍ୱରରେ ପ୍ରତିଷ୍ଠିତ ଫିଜିକ୍ସ ଇନ୍‌ଷ୍ଟିଚ୍ୟୁଟରେ ପଦାର୍ଥ ବିଜ୍ଞାନର ଛାତ୍ରଛାତ୍ରୀମାନେ ଉଚ୍ଚ କୋଟୀର ଗବେଷଣା ଚଳାଇବାର ସୁବିଧା ଉପଭୋଗ କରୁଛନ୍ତି ।

ଏହା ଅବଶ୍ୟ ସତ୍ୟ ଯେ ବିଜ୍ଞାନ ଶିକ୍ଷା ଓ ଗବେଷଣାଗାରମାନଙ୍କୁ ଆଶାନୁରୂପ ମାର୍ଗରେ ସମୁନ୍ନତ କରାଇବା ପାଇଁ ପୁଞ୍ଜିର ଉତ୍କଟ ଅଭାବ ଅନୁଭୂତ ହେଉଛି । ମାତ୍ର ଜନକଲ୍ୟାଣ ପ୍ରଭୃତି ପ୍ରତି ବର୍ତ୍ତମାନ ଜାତୀୟ ସ୍ତରରେ ଯେପରି ପ୍ରାଧାନ୍ୟ ଆରୋପିତ ହେଉଛି, ଆମେ ଆଶା କରିବା ଯେ, ଆଗାମୀ ସମୟରେ ମୋଟ ଜାତୀୟ ଆୟର ଶତକଡ଼ା ଦୁଇଭାଗ ଏ ଦିଗରେ ନିୟୋଜିତ ହେବ । ବର୍ତ୍ତମାନ ଏହାର ପରିମାଣ ମୋଟ ଜାତୀୟ ଆୟର ମାତ୍ର ଶତକଡ଼ା ୨ଭାଗ ମଧ୍ୟରେ ସୀମିତ ରହିଛି ।

(୩)

ସୁଖର କଥା ଯେ ସ୍ୱର୍ଗୀୟା ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କେନ୍ଦ୍ରରେ ବିଜ୍ଞାନ ଓ ଟେକ୍‌ନୋଲଜି ମନ୍ତ୍ରାଳୟ ପ୍ରତିଷ୍ଠା କରିବା ପରଠାରୁ ଆମ ରାଜ୍ୟରେ ମଧ୍ୟ ଏ ଦିଗରେ ସମୟୋପଯୋଗୀ ପଦକ୍ଷେପ ଗୃହୀତ ହୋଇଛି । ଜାତୀୟ ଜନକଲ୍ୟାଣକାମୀ କାର୍ଯ୍ୟକ୍ରମଗୁଡ଼ିକ ସହିତ ସଂଗତି ରକ୍ଷା କରି ଆମ ରାଜ୍ୟରେ ବିଜ୍ଞାନ ଓ ଟେକ୍‌ନୋଲଜିଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରାଇବା ପାଇଁ ଆମର ବିଜ୍ଞାନପ୍ରେମୀ ମୁଖ୍ୟ ମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହି ବିଭାଗଟିକୁ ନିଜ ଅଧୀନରେ ରଖିଛନ୍ତି । ସ୍ୱଳ୍ପ କାଳ ମଧ୍ୟରେ ଏହି ବିଭାଗ ଆନୁକୂଲ୍ୟରେ ପ୍ରଶଂସନୀୟ ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରାଗଲଣି । ବିକେନ୍ଦ୍ରୀକରଣକ୍ଷମ ଶକ୍ତି ଉତ୍ସଗୁଡ଼ିକର ବ୍ୟାବହାରିକ ଉପଯୋଗ ଦିଗରେ ଏହି ମନ୍ତ୍ରଣାଳୟ ସକ୍ରିୟ ଭୂମିକା ଗ୍ରହଣ କରିଛି । ଜୈବ ବସ୍ତୁ ( Biomass ) ଓ ସୌର ଶକ୍ତିର ଜନ କଲ୍ୟାଣକାମୀ ବହୁବିଧ ଉପଯୋଗ, ଜଙ୍ଗଲୀକରଣ ସୃଷ୍ଟି, ପାରିପାର୍ଶ୍ୱିକ ପରିବେଶର ସୁରକ୍ଷା ପ୍ରଭୃତି କାର୍ଯ୍ୟକ୍ରମଗୁଡ଼ିକୁ ଗାଁଗହଳରେ କାର୍ଯ୍ୟକାରୀ କରାଯିବା ଫଳରେ ଜନସାଧାରଣ ବିଜ୍ଞାନ ଓ ଟେକ୍‌ନୋଲଜିର ମହତ୍ତ୍ୱ ହୃଦୟଙ୍ଗମ କରୁଛନ୍ତି । ଆମ ରାଜ୍ୟରେ ଏକ 'ବୈଜ୍ଞାନିକ ମିଜାଜ୍' ର ( Scientific temper ) ପ୍ରତିଷ୍ଠା ପାଇଁ ଏହି ମନ୍ତ୍ରାଳୟର ଭୂମିକା ବିଶେଷ ମହତ୍ତ୍ୱପୂର୍ଣ୍ଣ ହୋଇଛି ।

ରାଜ୍ୟ ସରକାର ମାଇକ୍ରୋଇଲେକ୍‌ଟ୍ରୋନିକ୍ ଟେକ୍‌ନୋଲଜିଗୁଡ଼ିକର ସମୁନ୍ନତିସାଧନ ଦିଗରେ ବିଶେଷ ଯତ୍ନବାନ ହୋଇଛନ୍ତି । ବିଭିନ୍ନ ଉତ୍ପାଦନ ପ୍ରକ୍ରିୟାଗୁଡ଼ିକୁ ସୁନିୟନ୍ତ୍ରିତ ମାର୍ଗରେ ପରିଚାଳନା କରିବା ପାଇଁ, ବିଭିନ୍ନ ପ୍ରକାର ହିସାବ ଓ ପରିଚାଳନାଗତ ବ୍ୟାପାରଗୁଡ଼ିକୁ ନିର୍ଭୁଲ ମାର୍ଗରେ ପରିଚାଳନା କରିବା ପାଇଁ, ଯୋଗାଯୋଗ ଓ ପରିବହନ କ୍ଷେତ୍ରର ସମୁନ୍ନତିସାଧନ ପାଇଁ ମାଇକ୍ରୋଇଲେକ୍‌ଟ୍ରୋନିକ୍ ଟେକ୍‌ନୋଲଜିଗୁଡ଼ିକର ପ୍ରୟୋଗକୁ ଉତ୍ସାହିତ କରାଯାଉଛି । ପ୍ରାୟ ଏକ ଦଶନ୍ଧି ପୂର୍ବରୁ କେବଳ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗରେ ଗୋଟିଏ ଭଲ କମ୍ପ୍ୟୁଟର ପ୍ରତିଷ୍ଠା କରାଯାଇଥିଲା । ବର୍ତ୍ତମାନ ବହୁ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନମାନଙ୍କରେ ସରକାରୀ ପ୍ରୋତ୍ସାହନ ବଳରେ ଛୋଟ ବଡ଼ କମ୍ପ୍ୟୁଟରଗୁଡ଼ିକୁ ବ୍ୟବହାର କରାଯାଉଛି । ମାଇକ୍ରୋଇଲେକ୍‌ଟ୍ରୋନିକ୍ ତଥା ଅତ୍ୟାଧୁନିକ ମାଇକ୍ରୋଇଲେକ୍‌ଟ୍ରୋନିକ୍ ଟେକ୍‌ନୋଲଜିଗୁଡ଼ିକର କ୍ରମ ବର୍ଦ୍ଧମାନ ଉପଯୋଗ ଅବଶ୍ୟମ୍ଭାବୀ ହୋଇଥିବାରୁ ଏହାକୁ ଧନ୍ଦାମୂଳକ ଶିକ୍ଷା ଭାବରେ '+୨' ସ୍ତରରେ ଓ ପ୍ରୟୋଗାତ୍ମକ ଶିକ୍ଷା ଭାବରେ '+୩' ସ୍ତରରେ କାର୍ଯ୍ୟକାରୀ କରାଗଲଣି । ପ୍ରୋଗ୍ରାମିଙ୍ଗ୍ ସମ୍ବନ୍ଧୀୟ ତାଲିମ୍ ଦେବା ଉଦ୍ଦେଶ୍ୟରେ ('ସଫ୍‌ଟ ଓ୍ୱେୟାର' ପ୍ରଣୟନ ସମ୍ବନ୍ଧୀୟ ତାଲିମ୍) କେତେକ ମହାବିଦ୍ୟାଳୟକୁ ଇତ୍ୟବସରରେ ବେଶ୍ ଶକ୍ତିଶାଳୀ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି । ସାରା ରାଜ୍ୟର ବିଭିନ୍ନ ସହରମାନଙ୍କରେ ପ୍ରୋଗ୍ରାମିଙ୍ଗ୍ ସମ୍ବନ୍ଧୀୟ ତାଲିମ ଦେବାପାଇଁ ବହୁ ଅନୁଷ୍ଠାନ ଗଢ଼ି ଉଠିଛି । ଭୁବନେଶ୍ୱରକୁ ଏକ କମ୍ପ୍ୟୁଟର ନଗରୀରେ ପରିଣତ କରାଯିବାର ଉଦ୍ୟମ ଅବ୍ୟାହତ ରହିଛି ।


ଜାତୀୟ ସ୍ତରରେ ମାଇକ୍ରୋଇଲେକ୍‌ଟ୍ରୋନିକ୍ସ ଓ ବାୟୋଟେକ୍‌ନୋଲଜିର ସମୃଦ୍ଧିସାଧନ ପାଇଁ ଯେଉଁ କର୍ପୋରେସନ ଓ ବୋର୍ଡଗୁଡ଼ିକୁ ଗଠନ କରାଯାଇଛି ତତ୍‌ସହିତ ନିବିଡ଼ ଯୋଗସୂତ୍ର ପ୍ରତିଷ୍ଠା କରିବା ଦ୍ୱାରା ତଥା ଆମ

ରାଜ୍ୟରେ ଏଥିପାଇଁ ଉପଯୁକ୍ତ ଅବସ୍ଥାପନା ଓ ଜନ ସମର୍ଥନ ପ୍ରତିଷ୍ଠା ଦିଗରେ ନିଷ୍ଠାପର ଉଦ୍ୟମ ଚଳାଇବା ଦ୍ୱାରା ଅଚିରେ ଆମ ରାଜ୍ୟ ଏଦିଗରେ ବିଶେଷ ପାରଙ୍ଗମତା ପ୍ରଦର୍ଶନ କରିପାରିବ ।

(୪)

କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବିଜ୍ଞାନ, ଟେକ୍ନୋଲଜି ଓ ପରିବେଶ ସଂପର୍କୀୟ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଅଗ୍ରାଧିକାର ଆରୋପ କରୁଥିବା ବେଳେ ଆମ ରାଜ୍ୟର ପ୍ରତିଭାବାନ୍ ବୈଜ୍ଞାନିକ, ଚିକିତ୍ସା ବିଜ୍ଞାନବିତ୍, କୃଷି ବିଶେଷଜ୍ଞ ଓ ପ୍ରଯୁକ୍ତିବିଦ୍ୟା ବିଶେଷଜ୍ଞମାନେ ଯଦି ସ୍ୱଦେଶ ପ୍ରେମ, ସାମାଜିକ ସଚେତନା ଓ କର୍ମନିଷ୍ଠା ବଳରେ ରାଜ୍ୟ ସ୍ତରୀୟ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ନେତୃସ୍ଥାନୀୟ ଭୂମିକାରେ ଅବତୀର୍ଣ୍ଣ ହୋଇପାରନ୍ତି, ତାହାହେଲେ ବିପୁଳ ପ୍ରାକୃତିକ ସଂପଦଭରା ରତ୍ନଗର୍ଭା ଓଡ଼ିଶାର ଦ୍ୱାରାନ୍ୱିତ ପ୍ରଗତି ସାଧନ ପଥରେ କୌଣସି ଅନ୍ତରାୟ ରହିବ ନାହିଁ । ଏକବିଂଶ ଶତାବ୍ଦୀର ଆହ୍ୱାନକୁ ମୁକାବିଲା କରିବା ଦିଗରେ ଆମେ ଆମ ଦେଶର ଅନ୍ୟାନ୍ୟ ପ୍ରଗତିଶୀଳ ରାଜ୍ୟଗୁଡ଼ିକ ସହିତ ସମତାଳରେ ଆଗେଇ ଯିବା ।

ଭାଇସ୍-ପ୍ରିନ୍ସିପାଲ,
ରେଭେନ୍ସା କଲେଜ, କଟକ



# ଓଡ଼ିଶାରେ ରେଳପଥର ବିକାଶ

ଶ୍ରୀ ସାତକଡ଼ି ହୋତା

ଇଂରେଜ ରାଜତ୍ୱକାଳରେ ଓଡିଶାରେ ପ୍ରଥମ ରେଳପଥ ନିର୍ମାଣ କରାଯାଇଥିଲା । ତାହା ୧୮୮୦ ରୁ ୧୮୯୦ ମସିହାର କଥା । ଏହି ସମୟ ମଧ୍ୟରେ ଓଡ଼ିଶାର ପଶ୍ଚିମ ଓ ପୂର୍ବାଞ୍ଚଳରେ ରେଳପଥ ନିର୍ମିତ ହୋଇଥିଲା । ବମ୍ବେରୁ ଥାନା ପର୍ଯ୍ୟନ୍ତ ରେଳପଥ ନିର୍ମିତ ହୋଇଥିଲା, ୧୮୫୧ ମସିହାରେ ଏବଂ ତାର ତିରିଶ ବର୍ଷ ପରେ ରାୟପୁର-ଝାରସୁଗୁଡା ଅଞ୍ଚଳ ରେଳପଥ ଦ୍ୱାରା ସଂଯୁକ୍ତ ହୋଇ ସେଇ ରେଳପଥ ୧୮୯୦ ସୁଦ୍ଧା ହାବଡା ପର୍ଯ୍ୟନ୍ତ ସଂପ୍ରସାରିତ ହୋଇଥିଲା । ପୂର୍ବ ଉପକୂଳରେ ସେହିପରି ୧୮୯୧ ରୁ ୧୮୯୩ ବେଳକୁ ରେଳପଥ ପଡ଼ି ସାରିଥିଲା । ପଶ୍ଚିମ ଓ ପୂର୍ବ ଉପକୂଳରେ ରେଳପଥ ନିର୍ମିତ ହେବା ଦ୍ୱାରା ଓଡ଼ିଶା ଦେଇ ହାବଡା ଠାରୁ ବମ୍ବେ ଏବଂ ହାବଡା ଠାରୁ ମାଦ୍ରାଜ ସହିତ ସଂଯୋଗ ସ୍ଥାପିତ ହେବା ଦ୍ୱାରା ସେତେବେଳର ତିନୋଟି ପ୍ରେସିଡେନ୍ସି ଯଥା ବେଙ୍ଗଲ, ମାଦ୍ରାଜ ଓ ବମ୍ବେ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ସମ୍ଭବ ଓ ସ୍ୱଚ୍ଛନ୍ଦ ହେଲା । ବ୍ରିଟିଶ ରାଜତ୍ୱ କାଳରେ ଭାରତୀୟ ପ୍ରଶାସନିକ ଓ ଦେଶରକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ଥିଲା ଏହି ରେଳପଥ ନିର୍ମାଣ କରିବାର ପ୍ରଧାନ ଉଦ୍ଦେଶ୍ୟ । ଅବଶ୍ୟ ନଅଙ୍କ ଦୁର୍ଭିକ୍ଷ ପରେ ଓଡ଼ିଶାର ଅର୍ଥନୈତିକ ମେରୁଦଣ୍ଡ ଯେପରି ଭାଙ୍ଗିଗଲା ଏବଂ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନେ ଯେପରି କ୍ଷତିଗ୍ରସ୍ତ ହେଲେ ତାହାର ପ୍ରତିକାର କରିବା ସକାଶେ ମଧ୍ୟ ଏହି ରେଳପଥ ନିର୍ମାଣ ହାତକୁ ନିଆ ଯାଇଥିବାର କୁହାଯାଏ । କିନ୍ତୁ ସେହି ଐତିହାସିକ କାରଣ ଯାହା ହେଉନା କାହିଁକି ବ୍ରିଟିଶ ସରକାର ନିଜର ସ୍ୱାର୍ଥ ଦୃଷ୍ଟିରୁ ପ୍ରଶାସନିକ ଓ ରାଜ୍ୟରକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଯେ ଯୋଗାଯୋଗ ବ୍ୟବସ୍ଥା ସ୍ଥାପନ କରିଥିଲେ, ସେଥିରେ ସନ୍ଦେହ ନାହିଁ । ସେତେବେଳକୁ ବ୍ରିଟିଶ ରାଜତ୍ୱ ବିରୁଦ୍ଧରେ ବିପ୍ଳବର ପଦଧ୍ୱନି ଶୁଣାଯାଇ ସାରିଥାଏ ଏବଂ ସିପାହୀ ବିଦ୍ରୋହ ପରେ ବିପ୍ଳବ ଦମନ କରିବା ସକାଶେ ସହଜ ଓ ସୁଗମ ଯୋଗାଯୋଗ ବ୍ୟବସ୍ଥାର ଗୁରୁତ୍ୱ ଇଂରେଜ ସରକାର ଯେ ଅନୁଭବ କରିଥିବେ ଏହା ମଧ୍ୟ ନିସନ୍ଦେହ । ଯାହାହେଉ କଲିକତା ସହିତ ମାଦ୍ରାଜ ଏବଂ କଲିକତା ସହିତ ବମ୍ବେ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା କରିବା ସକାଶେ ନିଷ୍ପତ୍ତି ହେବାରୁ ଅଗତ୍ୟା 'ଓଡ଼ିଶା ମଧ୍ୟଦେଇ ରେଳପଥ ପଡ଼ିବାର ବାଟ ସୁଗମ ହୋଇଥିଲା ।

ଏହାପରେ 'ଖୋର୍ଦ୍ଧାରୁ ପୁରୀ ରେଳପଥ ନିର୍ମିତ ହେଲା ଏବଂ ତାହା ପରେ ବିଜୟନଗରମ୍ ଠାରୁ ରାୟପୁର ପର୍ଯ୍ୟନ୍ତ ରେଳ ପଥ ପଡ଼ିଲା । ଇସ୍ପାତ୍ କାରଖାନା ସହିତ ରେଳପଥର ନିବିଡ଼ ସଂଯୋଗ ଥିବାରୁ ପରେ ଟାଟାନଗର ଓ ବାଦାମ ପାହାଡ଼ ମଧ୍ୟରେ, ରାଜଖରସୁଆଁ ଓ ବଡ଼ବିଲ ମଧ୍ୟରେ ଏବଂ ବନ୍ଧମୁଣ୍ଡା ଏବଂ ବରସୁଆ ମଧ୍ୟରେ ଓ ରାଉରକେଲା-ବିରମିତ୍ରପୁର ମଧ୍ୟରେ ରେଳପଥ ସ୍ଥାପିତ ହେଲା । ସ୍ୱାଧୀନତା ପରେ ପ୍ରଚୁର ପରିମାଣରେ ଲୁହାପଥର, ମାଙ୍ଗାନିଜ ଓ ଅନ୍ୟାନ୍ୟ ଖଣିଜ ଦ୍ରବ୍ୟ ବିଦେଶକୁ ରପ୍ତାନୀ କରିବା ଆବଶ୍ୟକ ହେବାରୁ ଏବଂ ରାଉରକେଲା, ଦୁର୍ଗାପୁର ଓ ଟାଟାନଗର ଇସ୍ପାତ କାରଖାନାକୁ ଲୁହାପଥର, ଚୂନପଥର, ମାଙ୍ଗାନିଜ ଓ ଅନ୍ୟାନ୍ୟ ଉପକରଣ ପରିବହନ କରିବା ସକାଶେ ଏବଂ ସେଥି ସହିତ ପଶ୍ଚିମ ଓ ପୂର୍ବାଞ୍ଚଳରେ ଗଢ଼ି ଉଠିଥିବା ଶିଳ୍ପସଂସ୍ଥାମାନଙ୍କୁ ସହଜରେ କଞ୍ଚାମାଲ ଯୋଗାଇ ଦେବା ଓ ଉତ୍ପାଦିତ ସାମଗ୍ରୀର ପରିବହନ ବ୍ୟବସ୍ଥାକୁ ସୁଗମ କରିବା ନିମନ୍ତେ ଝାରସୁଗୁଡା-ସମ୍ବଲପୁର-ଟିଟିଲାଗଡ଼ ଏବଂ ଓ୍ୱାଲଟିଅର-କୋରାପୁଟ- ଜୟପୁର, କଟକ-ପାରାଦୀପ, ଯଖପୁରା-ଦଇତାରୀ ରେଳପଥ ନିର୍ମାଣ କରାଗଲା । ବର୍ତ୍ତମାନ ଦେଶର ୬୦ ହଜାର କିଲୋମିଟର ରେଳପଥ ମଧ୍ୟରୁ ଓଡିଶାରେ ପ୍ରାୟ ଦୁଇହଜାର କିଲୋମିଟର ରେଳପଥ ରହିଛି । ଏହା ଓଡ଼ିଶାର ଆୟତନ ଏବଂ ଲୋକସଂଖ୍ୟା ତୁଳନାରେ ଯଥେଷ୍ଟ ହେଉ ନଥିବାରୁ ଏବଂ ଓଡ଼ିଶାର ଅର୍ଥନୈତିକ ଓ ସାମାଜିକ ପ୍ରଗତିରେ ଅନ୍ତରାୟ ହେଉଥିବାରୁ ଓଡ଼ିଶାରେ ରେଳପଥର ବିକାଶ ଓ ସଂପ୍ରସାରଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ଗତ ପାଞ୍ଚବର୍ଷରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରାଯାଉଛି ।

ବ୍ରିଟିଶ ରାଜତ୍ୱ କାଳରେ ଓଡ଼ିଶାରେ ପ୍ରାୟ ୧୩୦୦ ଶହ କିଲୋମିଟର ରେଳପଥ ନିର୍ମାଣ କରାଯାଇଥିଲା ଏବଂ ସ୍ୱାଧୀନ ପରେ ୧୯୮୯ ମସିହା ସୁଦ୍ଧା ଆଉ ୬୦୦ କିଲୋମିଟର ରେଳପଥ ନିର୍ମାଣ କରାଗଲା । କିନ୍ତୁ ତଥାପି ଯୋଗାଯୋଗ ବ୍ୟବସ୍ଥାର ଆବଶ୍ୟକତାକୁ ଚାହିଁ ନିଅଣ୍ଟ ହେଉଥିବାରୁ ଏହି ପାଞ୍ଚବର୍ଷ ମଧ୍ୟରେ ଓଡ଼ିଶାରେ ନିମ୍ନୋକ୍ତ ତିନୋଟି ନୂତନ ରେଳପଥ ନିର୍ମାଣ କରିବା ସକାଶେ ନିଷ୍ପତ୍ତି ନିଆଯାଇଛି :-

(କ) ଯଖପୁରା-ବାଂଶପାଣି ୧୬୯ କିଲୋମିଟର

(ଖ) ତାଳଚେର-ସମ୍ବଲପୁର ୧୬୨ କିଲୋମିଟର

(ଗ) କୋରାପୁଟ-ରାୟଗଡ଼ା ୧୬୫ କିଲୋମିଟର

ଯଖପୁରା-ବାଂଶପାଣି ରେଳପଥର ସର୍ଭେ ରିପୋର୍ଟରୁ

ଜଣାପଡ଼ିଛି ଯେ ଏହି ରେଳପଥ କଟକ ଓ କେନ୍ଦୁଝର ଜିଲ୍ଲାର ପ୍ରାକୃତିକ ସଂପଦ ପରିପୂର୍ଣ୍ଣ ଅଞ୍ଚଳ ମଧ୍ୟଦେଇ ଯିବ ଏବଂ ଏହାଦ୍ୱାରା ଲୁହାପଥର, କ୍ରୋମାଇଟ୍, ମାଙ୍ଗାନିଜ, ଜଙ୍ଗଲଜାତ ଦ୍ରବ୍ୟ ଓ ଉତ୍ପାଦିତ ସାମଗ୍ରୀ ସହଜରେ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ଯାଇ ପାରିବ । ବର୍ତ୍ତମାନ ପାରାଦୀପ ବନ୍ଦର ଏହାର ପଶ୍ଚାତ୍ ଭୂମି ସହିତ ସଂଯୁକ୍ତ ନ ଥିବାରୁ ବଡ଼ବିଲ, ବାଂଶପାଣି, ଯୋଡ଼ା ଖଣି ଅଞ୍ଚଳରୁ ଉତ୍ତୋଳନ କରାଯାଉଥିବା ଲୁହାପଥର ପାରାଦୀପ ବନ୍ଦର ବାଟ ଦେଇ ବିଦେଶକୁ ରପ୍ତାନୀ କରିବା ସକାଶେ ରାଜଖରସୁଆଁ, ଟାଟାନଗର ଓ ଖଡ଼ଗପୁର ବାଟଦେଇ ପରିବହନ କରିବା ଫଳରେ ଅତ୍ୟଧିକ ଦୂରତ୍ୱ ଯୋଗୁଁ ପରିବହନ ଖର୍ଚ୍ଚ ଅତ୍ୟଧିକ ବୃଦ୍ଧି ପାଉଛି । ଏମ୍. ଏମ. ଟି. ସି. ର ହିସାବ ଅନୁସାରେ ବର୍ଷକୁ ଏହି ଅଞ୍ଚଳରୁ ପ୍ରାୟ ୨ ନିୟୁତ ଟନ୍ ଲୁହାପଥର ବିଦେଶକୁ ରପ୍ତାନୀ ହେବା କଥା ଏବଂ ପ୍ରତି ଟନ୍ ପିଛା ପ୍ରାୟ ଅଧିକ ଶାଠିଏ ଟଙ୍କା ପରିବହନ ଖର୍ଚ୍ଚ ପଡୁଥିବାରୁ ଏହି ରେଳପଥର ନିର୍ମାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରଥମ ପର୍ଯ୍ୟାୟରେ ଯଖପୁରାଠାରୁ ଦଇତାରୀ ପର୍ଯ୍ୟନ୍ତ ୩୩ କିଲୋମିଟର ରେଳପଥ ନିର୍ମାଣ କରାଯାଇ ସାରିଛି ଏବଂ ଦୈତାରୀ ଖଣି ଅଞ୍ଚଳରୁ କ୍ରୋମାଇଟ୍ ଓ ଲୁହାପଥର ପାରାଦୀପ ବନ୍ଦରକୁ ରେଳ ଯୋଗେ ପଠାଯାଉଛି । ଏହି ରେଳପଥର ଆନୁମାନିକ ବ୍ୟୟ ଶହେ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବାର ଅଟକଳ ହୋଇଛି ଏବଂ ଏହାର ନିର୍ମାଣ ସଂପୂର୍ଣ୍ଣ ହେଲେ ଏହି ଅଞ୍ଚଳରେ ଖାଲି ଶିଳ୍ପ ବିକାଶ ଦ୍ରୁତ ହେବ ନାହିଁ, ପାରଦୀପ ବନ୍ଦର ପଶ୍ଚାଦ୍-ଭୂମି ଦ୍ୱାରା ସଂଯୁକ୍ତ ହୋଇ ପାରିବ ଏବଂ ପରିବହନ ଖର୍ଚ୍ଚ ହ୍ରାସ ପାଇବ । ଏଥି ସହିତ ଖଣିଜଭିତ୍ତିକ ଶିଳ୍ପ ଗଢିଉଠିବାର ସମ୍ଭାବନା ମଧ୍ୟ ଉଜ୍ଜ୍ୱଳ ହେବ ଏବଂ ସିଧାସଳଖ ରେଳପଥ ସ୍ଥାପିତ ହେବା ଦ୍ୱାରା ଦୂରତ୍ୱ ୩୩୦ କିଲୋମିଟର ହ୍ରାସ ପାଇବ ।

ତାଳଚେର–ସମ୍ବଲପୁର ରେଳପଥ ଓଡ଼ିଶାର ପଶ୍ଚିମାଞ୍ଚଳ ସହିତ ପୂର୍ବ ଉପକୂଳ ଅଞ୍ଚଳସହିତ ସଂଯୋଗ ସ୍ଥାପନ କରି ଲୋକ-ମାନଙ୍କ ମଧ୍ୟରେ ଭାବାତ୍ମକ ଐକ୍ୟ ପ୍ରତିଷ୍ଠା କରିବାରେ ସହାୟକ ହେବ । ଏହି ରେଳପଥ ନିର୍ମାଣ ହେଲେ ବର୍ତ୍ତମାନ ସମ୍ବଲପୁରଠାରୁ ରେଳପଥରେ ଭୁବନେଶ୍ୱର ପର୍ଯ୍ୟନ୍ତ ଦୂରତ୍ୱ ୪୫୦ କିଲୋମିଟର ହ୍ରାସ ପାଇବ ଏବଂ ଯାତ୍ରୀ ଓ ମାଲ ପରିବହନ ଅଧିକ ସୁଗମ ଓ ସଫଳ ହେବ । ଏହି ରେଳପଥ ତାଳଚେର କୋଇଲା ଖଣିର ବିକାଶ ଏବଂ ବାହାରକୁ କୋଇଲା ପଠାଇବାରେ ସହାୟକ ହେବା ବ୍ୟତୀତ ନାଲକୋ ପକ୍ଷରେ ଶୁଭଦାୟକ ହେବ କାରଣ ତାଳଚେର ଓ ଦାମନଯୋଡ଼ି ମଧ୍ୟରେ ବିଜୟନଗର ଓ କଟକ ଦେଇ ରେଳପଥରେ ଆସିବାର ଦୂରତ୍ୱ ପ୍ରାୟ ୧୨୫ କିଲୋମିଟର ହ୍ରାସ ପାଇବ । ଏହା ଛଡ଼ା ପାରାଦୀପ ସହିତ ରାଉରକେଲା, ରାୟପୁର ଓ ଭିଲାଇ ଶିଳ୍ପାଞ୍ଚଳ ସଂଯୁକ୍ତ ହୋଇ ପାରିବ ଏବଂ ପାରାଦୀପ ବନ୍ଦରର ପଶ୍ଚାତ୍ ଭୂମି ସଂପ୍ରସାରିତ ହେବ । ଓଡ଼ିଶାର ଅର୍ଥନୈତିକ ବିକାଶରେ ଏହି ରେଳପଥର ଅବଦାନ ଅନସ୍ୱୀକାର୍ଯ୍ୟ । ଏଥିରେ ପ୍ରାୟ ଶହେ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ଏହି ରେଳପଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଗଲାଣି ।

କୋରାପୁଟ–ରାୟଗଡ଼ା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରେଳପଥ । ଏହାର ଦୈର୍ଘ୍ୟ ୧୬୫ କିଲୋମିଟର ଏବଂ ଏହାର ଆନୁମାନିକ ଖର୍ଚ୍ଚ ୨୫୦ କୋଟି ଟଙ୍କା । ଏହି ରେଳପଥର ନିର୍ମାଣକାର୍ଯ୍ୟ ମଧ୍ୟ ଦ୍ରୁତବେଗେ ହେଉ ହାତକୁ ନିଆଯାଇଛି । ଏହି ରେଳପଥ କୋରାପୁଟ ଓ ଓଡ଼ିଶାର ଶିଳ୍ପ ବିକାଶରେ ସହାୟକ ହେବ ଏବଂ ଅବିକଶିତ ମାଳ ଅଞ୍ଚଳର ଦ୍ରୁତ ଅର୍ଥନୈତିକ ପରିବର୍ତ୍ତନରେ ସହାୟକ ହେବ । ନାଲକୋ ଓ ଭାଇଜାଗ ଇସ୍ପାତ କାରଖାନା ଏହି ରେଳପଥ ଦ୍ୱାରା ଉପକୃତ ହେବେ ଏବଂ କଞ୍ଚାମାଲ ଓ ଅନ୍ୟାନ୍ୟ ଶିଳ୍ପଜାତ ସାମଗ୍ରୀ ଓ ଜଙ୍ଗଲଜାତ ସାମଗ୍ରୀ ଏହି ରେଳପଥରେ ସୁବିଧାରେ ପରିବହନ କରାଯାଇ ପାରିବ । ବିଶେଷକରି ଏହି ରେଳପଥ ଉପରେ ଭାଇଜାଗ ଇସ୍ପାତ କାରଖାନା ପାଇଁ ଆବଶ୍ୟକ ସମସ୍ତ ଲୁହାପଥର ସହଜରେ ପରିବହନ କରାଯାଇ ପାରିବ ।

ଉପରୋକ୍ତ ତିନୋଟି ରେଳପଥର ନିର୍ମାଣ କାର୍ଯ୍ୟ ଆସନ୍ତା ପାଞ୍ଚବର୍ଷ ମଧ୍ୟରେ ପୂର୍ଣ୍ଣ ହେବାର ସମ୍ଭାବନା । ରେଳପଥ ନିର୍ମାଣ ବ୍ୟୟବହୁଳ ଓ ସମୟସାପେକ୍ଷ କିନ୍ତୁ ରେଳପଥର ଉପକାରିତା ଦୃଷ୍ଟିରୁ ଏବଂ ବହୁଳ ପରିମାଣରେ ମାଲପରିବହନ କ୍ଷମତା ଏହାର ଥିବାରୁ ଦେଶର ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ରେଳପଥର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତି କିଲୋମିଟର ରେଳପଥ ନିର୍ମାଣ ପାଇଁ ପ୍ରାୟ ପଚାଶ ଲକ୍ଷ ଟଙ୍କା ଆବଶ୍ୟକ ହୁଏ, ଯଦି ପାହାଡ଼ିଆ ଜମି ରେ ଏହା କରାଯାଏ ତାହେଲେ ଖର୍ଚ୍ଚ କିଲୋମିଟର ପିଛା ସତୁରୀ ଲକ୍ଷରୁ ଏକକୋଟି ମଧ୍ୟରେ ହୁଏ । ଏପରି ବ୍ୟୟବହୁଳ ହେଲେ ସୁଦ୍ଧା ରେଳପଥର ଉପକାରିତା ଓ ଉପଯୋଗିତା ଦୃଷ୍ଟିରୁ ଜାତୀୟ ସମୃଦ୍ଧିରେ ସହାୟକ ହୁଏ ବୋଲି ରେଳପଥର ବିକାଶ ପାଇଁ ପ୍ରତି ବର୍ଷ ପ୍ରଚୁର ଅର୍ଥ ବିନିଯୋଗ କରାଯାଉଛି । ଏହି ତିନୋଟି ରେଳପଥର ନିର୍ମାଣ କାର୍ଯ୍ୟ ସମାପ୍ତ ହେଲେ ଓଡ଼ିଶାରେ ଆହୁରି ୫୨୫ କିଲୋ-ମିଟର ଅଧିକ ରେଳପଥ ନିର୍ମିତ ହୋଇଯିବ ଏବଂ ସ୍ୱାଧୀନତା ଠାରୁ ୧୯୬୯ ମସିହା ପର୍ଯ୍ୟନ୍ତ ୬୦୦ କିଲୋମିଟର ନୂତନ ରେଳପଥ ତିଆରି ହୋଇଥିବା ସ୍ଥଳେ ଆହୁରି ୫୨୫ କିଲୋମିଟର ରେଳପଥ ଏ ମଧ୍ୟରେ ନିର୍ମାଣ କରାଯିବା ନିଶ୍ଚୟ ଏକ ଆଶାତୀତ ସଫଳତା ଆଣିଦେବ ।

କେବଳ ରେଳପଥର ବିସ୍ତାରଦ୍ୱାରା ଅର୍ଥନୈତିକ ବିକାଶ ଓ ଶିଳ୍ପୀକରଣ ସହଜ ହୁଏନାହିଁ । ତାହା ସାମାଜିକ ପ୍ରଚଳନ ବୃଦ୍ଧିକରେ । କୃଷି ଓ ବାଣିଜ୍ୟ ବିକାଶର ସହାୟକ ହୁଏ । ଦେଶର ସାମୁହିକ ବିକାଶ, ପ୍ରଶାସନିକ ବ୍ୟବସ୍ଥା ଏବଂ ଦେଶର ସଂହତି ରକ୍ଷା ମଧ୍ୟ ଏହାଦ୍ୱାରା ସହଜ ହୁଏ । ଦେଶର ପ୍ରଗତି ସହିତ ଚଳାଚଳ ବ୍ୟବସ୍ଥାର ଉନ୍ନତି ମଧ୍ୟ ଆବଶ୍ୟକ । ଚଳାଚଳ ବ୍ୟବସ୍ଥାର ସୁପରିଚାଳନା, ଦକ୍ଷତା ଏବଂ ନିରାପତ୍ତା ସର୍ବାଦୌ ଆବଶ୍ୟକ ।

ରେଳପଥର ବିକାଶ .ସହିତ ରେଳ ପରିବହନ କ୍ଷମତା ବୃଦ୍ଧି ପାଇଥାଏ । ତେଣୁ ଯାନ୍ତ୍ରିକ ଉପକରଣ, ମାଲ ଓ ଯାତ୍ରୀ ପରିବହନ ପାଇଁ ଥିବା ଇଞ୍ଜିନ, ଡବା ପ୍ରଭୃତି ଧାରଣ, ରେଳପଥ ଏବଂ ତତ୍‌ସହିତ ସଂପୃକ୍ତ ଯନ୍ତ୍ରପାତିର ରକ୍ଷଣା-ବେକ୍ଷଣ ଯେପରି ଆବଶ୍ୟକ, ବାଣିଜ୍ୟର ପ୍ରସାର ସହିତ ପ୍ରଶାସନିକ ଆବଶ୍ୟକତା ଓ ଜନ ସଂପର୍କ ରକ୍ଷା କରିବାର ଉପଯୋଗିତା ମଧ୍ୟ ବୃଦ୍ଧିପାଏ । ଏଥିପାଇଁ ମଞ୍ଚେଶ୍ୱର-ଠାରେ ତିରିଶକୋଟି ଟଙ୍କା ବ୍ୟୟରେ ଗୋଟିଏ ଯାତ୍ରୀବାହୀ ଡବା ମରାମତି କାରଖାନା ନିର୍ମାଣ କରାଯାଉଛି । ପାଞ୍ଚକୋଟି ଟଙ୍କା ବ୍ୟୟରେ ବନ୍ଧମୁଣ୍ଡାଠାରେ ଗୋଟିଏ ଡିଜେଲ ଇଞ୍ଜିନ ସେଡ୍ ନିର୍ମିତ ହୋଇଛି । ପ୍ରଶାସନିକ ସୁବିଧା ନିମନ୍ତେ ସମ୍ବଲପୁରଠାରେ ଗୋଟିଏ ନୂତନ ରେଳବାଇ

ହିଭିଜନ ପ୍ରତିଷ୍ଠା କରିବା ପାଇଁ ଅନୁମୋଦନ ମିଳିଛି ଏବଂ ଏହାର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇ ଗଲଣି ଭୁବନେଶ୍ୱରଠାରେ ରେଲବାଇ ସର୍ଭିସ କମିଶନ ସ୍ଥାପିତ ହୋଇଛି । ଏହାଛଡ଼ା ରେଲ ଓ ରାସ୍ତା ଉପରେ ଚଳାଚଳ ଅବ୍ୟାହତ ରଖିବା ପାଇଁ କଟକ ଓ ବାଲେଶ୍ୱରଠାରେ ଓଭରବ୍ରିଜ ନିର୍ମାଣ କରାଯାଇଛି ଏବଂ ଆଉ କେତୋଟି ସ୍ଥାନରେ ଏହା ନିର୍ମାଣ କରିବା ପାଇଁ ପ୍ରସ୍ତାବ ରହିଛି । ଷ୍ଟେସନଗୁଡ଼ିକର ଉନ୍ନତି ନୂତନ ଯାତ୍ରୀବାହୀ ଗାଡ଼ିର ପ୍ରଚଳନ ଓ ନୂତନ ସୁଖ ସୁବିଧା ବ୍ୟବସ୍ଥା କରାଯାଇଛି । ଏଥି ମଧ୍ୟରୁ ଦିଲ୍ଲୀ ଓ ପୁରୀ ମଧ୍ୟରେ ନୀଳାଚଳ ଏକ୍ସପ୍ରେସ, ତାଳଚେର ଓ ଭୁବନେଶ୍ୱର ମଧ୍ୟରେ ଓ ଭଦ୍ରକ ଏବଂ ଖଡ଼ଗପୁର ମଧ୍ୟରେ ଦ୍ରୁତଗାମୀ ପାସେଞ୍ଜର ଗାଡ଼ି ପ୍ରଚଳନ କରାଯାଇଛି ।


ଓଡ଼ିଶାର ଆବଶ୍ୟକତା ଓ ଅଗ୍ରଗତିକୁ ଆଖି ଆଗରେ ରଖି ରେଳପଥର ଓ ରେଲ ପରିବହନ ବ୍ୟବସ୍ଥାର ଉନ୍ନତି ଓ ବିକାଶ ସାଧନ କରାଯାଉଛି । ଯେତେଗୁଡ଼ିଏ ରେଲବାଇ ପ୍ରକଳ୍ପ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି ସେଗୁଡ଼ିକରେ ଅନ୍ୟୁନ ପାଞ୍ଚଶହ କୋଟି ଟଙ୍କା ବ୍ୟୟ କରାଯିବ । ଏହା ଓଡ଼ିଶା ପକ୍ଷରେ ଆଶା ଓ ଆଶ୍ୱାସନାର ବିଷୟ ।

ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ହେବାର ପଚାଶବର୍ଷ ଏପ୍ରିଲ ପହିଲାରେ ପୂର୍ଣ୍ଣ ହୋଇଛି ଏବଂ ସେଥିପାଇଁ ସର୍ବତ୍ର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଛି । ପଚାଶବର୍ଷ ମଧ୍ୟରେ ଓଡ଼ିଶାରେ ଶିକ୍ଷା, ସ୍ୱାସ୍ଥ୍ୟ, ସମାଜ କଲ୍ୟାଣ, ଶିଳ୍ପ, ପରିବହନ, ପର୍ଯ୍ୟଟନ, ସଂସ୍କୃତି ଓ ବିଜ୍ଞାନର କେଉଁଣ ଉନ୍ନତି ସାଧିତ ହୋଇଛି ତାହା ଓଡ଼ିଶାର ମାନଚିତ୍ର ଏବଂ ଅର୍ଥନୈତିକ ଓ ସାମାଜିକ ବିକାଶକୁ ଦେଖିଲେ ସହଜରେ ଜଣାପଡ଼େ । ପଚାଶବର୍ଷ ପୂର୍ବେ ଗୋଟିଏହେଲେ ଶିଳ୍ପ ନ ଥିବା ଓଡ଼ିଶାରେ ଆଜି ଶିଳ୍ପ ବିସ୍ତାର ଅଦ୍ଭୁତ ଭାବରେ ବଢ଼ି ଚାଲିଛି ଏବଂ ଶିଳ୍ପ ବିକାଶ ସହିତ ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ଉନ୍ନତି ସର୍ବତ୍ର ପରିଲକ୍ଷିତ ହେଉଛି । ସଡ଼କ ପରିବହନର ପ୍ରସାର ଏବଂ ପାରାଦୀପ ବନ୍ଦରର ନିର୍ମାଣ ଯୋଗୁଁ ପରିବହନ ବ୍ୟବସ୍ଥା ସୁଦୃଢ଼ ହୋଇଛି ।

୧, ଗଡ଼୍ ଫ୍ରେ ମ୍ୟାନସନ,
୧୧, ଗାର୍ଡେନରିଚ ରୋଡ଼, କଲିକତା–୪୩



ନବନିର୍ମିତ ପବ୍ଲିକ୍ ସର୍ଭିସ୍ କମିଶନର କାର୍ଯ୍ୟାଳୟ



# ଶାନ୍ତିର ସାହାନାଇ ବାଜିଉଠୁ

ଶ୍ରୀ ରାଇଚମୋହନ ଦାସ

ଶିଳ୍ପ କ୍ଷେତ୍ରରେ ଶାନ୍ତି ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଏକ ସୁସ୍ଥ ଓ ଶୃଂଖଳିତ ସମାଜ ଗଢି ତୋଳିବାରେ ଉଭୟ ଶ୍ରମିକ ଓ ମାଲିକର ସଦିଚ୍ଛା, ସହଯୋଗ, ସହାବସ୍ଥାନ ଓ ସୌହାର୍ଦ୍ଦ୍ୟ ବିଶେଷ ଭାବେ କାମନା କରିଥାଏ । ଏଣୁ ଶିଳ୍ପାନୁଷ୍ଠାନମାନଙ୍କରେ ଶାନ୍ତି ପ୍ରତିଷ୍ଠା ଦିଗରେ ରାଜ୍ୟ ଏବଂ କେନ୍ଦ୍ର ସ୍ତରରେ ଗଢ଼ା ହୋଇଥିବା ତ୍ରିପକ୍ଷୀୟ ସଂସ୍ଥାଗୁଡ଼ିକ ଏ ଦିଗରେ ଗୋଟିଏ ଗୋଟିଏ ଦୃଢ଼ ପଦକ୍ଷେପ ।

ସାଧାରଣତଃ ଶ୍ରମିକମାନେ ସେମାନଙ୍କର ଅସନ୍ତୋଷର ଆଶୁ ପ୍ରକାଶ 'ରୂପେ ଶିଳ୍ପାନୁଷ୍ଠାନ ବିରୁଦ୍ଧରେ ନିମ୍ନଲିଖିତ ଧରଣର ପ୍ରତିବାଦମାନ କରିଥାଆନ୍ତି । ସେଗୁଡ଼ିକ ହେଲ – (୧) ଧର୍ମଘଟ, (୨) ସତ୍ୟାଗ୍ରହ, (୩) ଅନଶନ, (୪) ବନ୍ଦ ହରତାଳ, (୫) ବିକ୍ଷୋଭ, (୬) ସମବେତଭାବେ ଅପେକ୍ଷା କରିବା, ସମବେତ ସାମୟିକ ଛୁଟି ନେବା, (୭) ଘେରାଉ ।

ସହଜ ଭାଷାରେ ଦାବୀଗୁଡ଼ିକକୁ ତୁରନ୍ତ କାର୍ଯ୍ୟକାରୀ କରିବା ବା ଅସୁବିଧାଗୁଡ଼ିକ ପୂରଣ କରିବା ଉଦ୍ଦେଶ୍ୟରେ ମାଲିକଙ୍କୁ ତାଙ୍କ କର୍ମଚାରୀମାନଙ୍କ ଅବରୋଧକୁ ଘେରାଉ କୁହାଯାଇଥାଏ । ଏଇ ଘେରାଉର ଉପାୟମାନ ହେଲ– କାରଖାନା ବା ବ୍ୟବସାୟ ପ୍ରତିଷ୍ଠାନମାନ ଅବରୋଧ କରି ତା' ମଧ୍ୟରେ ମାଲିକଙ୍କୁ ଘେରି ରହିବା । ପୁଣି ବହୁ ସଂଖ୍ୟାରେ ଶ୍ରମିକମାନେ ଏକତ୍ରିତ ହୋଇ କିମ୍ବା ଶୋଇ ରହି ମାଲିକଙ୍କୁ ବାହାରକୁ ଯିବାର ସମସ୍ତ ବାଟ ବନ୍ଦ କରିଦେବା । ଏଣୁ ମାଲିକ ଓ ମାଲିକଙ୍କ ଦ୍ୱାରା ନିଯୁକ୍ତ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ସାଧାରଣତଃ କାମ କରିବାରେ ବା ବାହାରକୁ ଯିବାରେ ବାଧା ଦେବା ଓ ଘରେ ବସି ମାଲିକଙ୍କୁ ସେମାନଙ୍କ ସର୍ତ୍ତରେ ରାଜି କରାଇ ନିଜର ଦାବୀ ହାସଲ କରିବା ହିଁ ଶ୍ରମିକମାନଙ୍କ ପକ୍ଷରେ ଗୁରୁତର ବିଶୃଂଖଳାଜନିତ କାର୍ଯ୍ୟକଳାପ । ଏହା ନିଃସନ୍ଦେହ ଯେ, ମାଲିକ କାମ କରିବା ପାଇଁ ଶ୍ରମିକମାନଙ୍କୁ କାରଖାନା ଭିତରକୁ ଯିବା ପାଇଁ ଅନୁମତି ଦିଅନ୍ତି । ଏହା ମଧ୍ୟ ସ୍ୱାଭାବିକ ଯେ କାରଖାନାର କାର୍ଯ୍ୟ ସମୟ ସରିଗଲା ପରେ ଶ୍ରମିକମାନେ ତୁରନ୍ତ କାର୍ଯ୍ୟସ୍ଥଳୀ ଛାଡ଼ିବା ଆଶା କରାଯାଏ ଏବଂ ମାଲିକଙ୍କ ବିନାନୁମତିରେ କାର୍ଯ୍ୟସ୍ଥଳରେ ରହିବାର ତାହାର କୌଣସି ଦ... ନାହିଁ । ତେଣୁ [illegible] ସମୟରେ କାର୍ଯ୍ୟସ୍ଥଳୀ ଛାଡି ଅନ୍ୟାନ୍ୟ ସହକର୍ମୀମାନଙ୍କ ସହିତ ଯଦି ସଂଘବଦ୍ଧ ଭାବରେ ଶ୍ରମିକମାନେ କାମ ବନ୍ଦ କରି ଦିଅନ୍ତି, ତାହାହେଲେ ତାହାକୁ ଧର୍ମଘଟ ବୋଲି ବୁଝିବାକୁ ହୋଇଥାଏ ।

ନିର୍ଦ୍ଧାରିତ କାର୍ଯ୍ୟ ସମୟ ପରେ ଶ୍ରମିକମାନେ ଯଦି କାରଖାନାରେ ରହି ସାଧାରଣ ପରିଶ୍ରମିକ ବା କୌଣସି ଉଚ୍ଚପଦସ୍ଥ କର୍ମଚାରୀଙ୍କୁ ଶାନ୍ତି ପୂର୍ଣ୍ଣ ଉପାୟରେ ଘେରି [illegible] ସେମାନଙ୍କର ସର୍ତ୍ତଗୁଡ଼ିକୁ ମାନିନେବା ପାଇଁ ବାଧ୍ୟ କରନ୍ତି, ତେବେ ଏହା ଶ୍ରମିକମାନଙ୍କ ପକ୍ଷରେ ଗୁରୁତର ବିଶୃଂଖଳା ବୋଲି ବୁଝିବାକୁ ହେବ । ସେମାନଙ୍କର ଏହି ଘେରାଉ ଶାରୀରିକ ବାଧ୍ୟ ବାଧ୍ୟକତାର ଏକ ପନ୍ଥା ହୋଇଥିବାରୁ ଏହାକୁ ଯେ କୌଣସି ଉପାୟରେ ହତୋତ୍ସାହ କରିବା ଉଚିତ; ଯେ ହେତୁ ଏହି ଉପାୟରେ ଶ୍ରମିକ ସଂସ୍ଥାଗୁଡ଼ିକ ଶିଳ୍ପାନୁଷ୍ଠାନର ନୈତିକତା ଓ ଶୃଂଖଳାର ଅଧଃପତନ ଆଣିଥାଆନ୍ତି ଏବଂ ଏଥିଯୋଗୁ ହିଁ ଉତ୍ପାଦନ ବିଶେଷ ବାଧା ପ୍ରାପ୍ତ ହୁଏ ।

ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ଆମ ଦେଶର ଶ୍ରମ ଆନ୍ଦୋଳନର ଜନ୍ମଦାତା ଶ୍ରୀ ଭି. ଭି. ଗିରିଙ୍କ ମତରେ ଶ୍ରମିକମାନଙ୍କର ଏହି ପେଶାଗତ ପନ୍ଥା ନିଃସନ୍ଦେହରେ ଶିଳ୍ପଶାନ୍ତିର ମୁକାବିଲା କରୁଛି ଏବଂ ବହିଷ୍କୃତ ଶ୍ରମ ଆନ୍ଦୋଳନର ଏହା ଏକ ପ୍ରଧାନ ଶତ୍ରୁ ।

ପ୍ରକୃତରେ ବର୍ତ୍ତମାନ ରାଜ୍ୟରେ ଶ୍ରମିକ ସଂଘ ଭିତରେ ଦିନକୁ ଦିନ ଅଧିକ ସଂଖ୍ୟାରେ ଉପୁଜୁଥିବା ଦଳଗତ ବିବାଦ ଶ୍ରମିକମାନଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ବିଶେଷଭାବେ ସାହାଯ୍ୟ କରୁଛି ଏବଂ ସର୍ବୋପରି ଶ୍ରମିକ ସଂସ୍ଥାର କର୍ମକର୍ତ୍ତାମାନଙ୍କ ମଧ୍ୟରେ କ୍ଷମତା କନ୍ଦଳ ଯୋଗୁଁ ଶ୍ରମିକମାନଙ୍କର ନ୍ୟାଯ୍ୟପୂର୍ଣ୍ଣ ଦାବୀଗୁଡ଼ିକ ପୂରଣ ପାଇଁ ଠିକ୍ ସମୟରେ ବଷ୍ଟର ସୋପାର ପାରୁନାହିଁ ।

ବିରୁଦ୍ଧରେ ଉଚିତ କର୍ମପନ୍ଥା ସ୍ଥିର କରି ପାରୁ ନାହାନ୍ତି । ଭାରତରେ ବିଭିନ୍ନ ଶିଳ୍ପାନୁଷ୍ଠାନରେ ଥିବା ଶ୍ରମିକ ଶିକ୍ଷା ପ୍ରତିଷ୍ଠାନ କେନ୍ଦ୍ର ନିଃସନ୍ଦେହରେ ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ କିନ୍ତୁ ବହୁ କ୍ଷେତ୍ରରେ ଦେଖାଯାଏ ଯେ ଶିଳ୍ପାନୁଷ୍ଠାନର କର୍ମକର୍ତ୍ତାମାନେ ଏ ଉଦ୍ୟମ ସହିତ ସହଯୋଗ କରିବାରେ ଘୃଣା ପ୍ରକାଶ କରି ଥାଆନ୍ତି ଏବଂ ଏପରି କି କେତେକ କ୍ଷେତ୍ରରେ ସେମାନଙ୍କର ଶ୍ରମିକମାନଙ୍କୁ ମଧ୍ୟ ଏଭଳି ଶିକ୍ଷା ପ୍ରତିଷ୍ଠାନ କେନ୍ଦ୍ରକୁ ପଠାଇ ନ ଥାଆନ୍ତି ।

ସଂକ୍ଷେପରେ କହିଲେ ଠିକଣା ଭାବରେ ଯୌଥଚୁକ୍ତି, ଉତ୍ତମ ଶ୍ରମିକ ସଂସ୍ଥା ପରିଚାଳନା ସଂପର୍କରେ ତାଲିମ୍ ଇତ୍ୟାଦିର ଅଭାବ ଶିଳ୍ପ ଅଶାନ୍ତିର ମୂଳ କାରଣ । ତେଣୁ ଶିଳ୍ପ ଅଶାନ୍ତିର ନିରାକରଣ ଦିଗରେ ଗୋଟିଏ ସୁସ୍ଥ ଓ ସୁନ୍ଦର ସମାଧାନ ଆଣି-

ରାଜପଥର ମରାମତି



ବର୍ତ୍ତମାନ ଶ୍ରମିକ ସଂଘକୁ ସ୍ୱୀକୃତି ଦେବା ନ ଦେବା ବ୍ୟାପାରରେ କେତେଗୁଡ଼ିଏ ବିବାଦ ମଧ୍ୟ ଅହରହ ଲାଗି ରହିଛି । ଶ୍ରମିକ ପ୍ରତିନିଧିତ୍ୱ, କାର୍ଯ୍ୟ ନିର୍ବାହିକା କମିଟି ଗଠନ, ନିଷ୍ପତ୍ତି ନିର୍ଣ୍ଣୟ ପାଇଁ ବିବାଦଗୁଡ଼ିକର ଉପସ୍ଥାପନା, ମାଲିକ ଦ୍ୱାରା ଶ୍ରମିକ ସଂସ୍ଥାର କାର୍ଯ୍ୟକଳାପ ପ୍ରତି ଆକ୍ରୋଶ ମନୋଭାବ ପ୍ରଭୃତି ଶ୍ରମିକ ମାଲିକ ମଧ୍ୟରେ ସଂଘର୍ଷର ପ୍ରଧାନ କାରଣ ହୋଇଛି ।

ଅଧିକନ୍ତୁ ଶ୍ରମିକମାନେ ଉତ୍ତମ ଭାବେ ଶିକ୍ଷିତ ନୁହଁନ୍ତି ଏବଂ ଯଦ୍ଦ୍ୱାରା ସେମାନେ ସେମାନଙ୍କର ଦାୟିତ୍ୱ ସୁଗଭୀରରୂପେ ହୃଦୟଙ୍ଗମ କରି ପାରୁ ନାହାନ୍ତି କି ଆକ୍ରୋଶମୂଳକ ସମସ୍ୟା

ବାକୁ ହେଲେ ନିମ୍ନଲିଖିତ ପ୍ରସ୍ତାବଗୁଡ଼ିକ ଉତ୍ସାହର ସହ କାର୍ଯ୍ୟକାରୀ କରିବା ଏକାନ୍ତ ବାଂଛନୀୟ:—

(୧) ଶିଳ୍ପାନୁଷ୍ଠାନରୁ ସଂଖ୍ୟାନ୍ୟୁନ ଶ୍ରମିକ ସଂସ୍ଥାକୁ ବାଦ ଦିଆଯିବ ଏବଂ ଶିଳ୍ପାନୁଷ୍ଠାନରେ ଶିଳ୍ପ ଶୃଙ୍ଖଳା ବିଧାନକୁ ଆଇନାନୁଯାୟୀ ସ୍ୱୀକୃତି ପ୍ରଦାନ ;

(୨) ଶ୍ରମିକ ଶିକ୍ଷା ଯୋଜନା ଏବଂ ଶିଳ୍ପାନୁଷ୍ଠାନରେ ପରିଚାଳନା ବିଷୟରେ କର୍ମଚାରୀମାନଙ୍କୁ ତାଲିମ ଦେବା ଦିଗରେ ମାଲିକମାନଙ୍କୁ ବିଶେଷ ସହଯୋଗ କରିବାକୁ ତ୍ରିପକ୍ଷ ସମ୍ମିଳନୀରେ ଚେଷ୍ଟା କରାଯିବା ଏକାନ୍ତ ବିଧେୟ ;

(୩) ଯୁଗ୍ମ ପରାମର୍ଶ ଦାତା ସଂସ୍ଥା ଠକଣା ଭାବରେ ପରିଚାଳନା କରାଯିବା ଉଚିତ୍ ;

(୪) କାମ ଅନୁସାରେ ମଜୁରୀର ସମତା ଆଣିବାକୁ ପ୍ରତ୍ୟେକ କାରଖାନାରେ କାର୍ଯ୍ୟ ନିୟନ୍ତ୍ରଣ ଯୋଜନା ପ୍ରଚଳନ କରାଯିବା ଉଚିତ, ଯାହାଫଳରେ କି ଶ୍ରମିକମାନଙ୍କର ଅର୍ଥନୈତିକ ବୈଷମ୍ୟରେ ସନ୍ତୋଷ ଅଣାଯାଇ ପାରିବ ।

ଏଠାରେ ପୁନଶ୍ଚ କୁହାଯାଇ ପାରେ ଯେ ଆଜିର ଶିଳ୍ପ ସଂପର୍କ ଓ ଶିଳ୍ପରେ ଶାନ୍ତି ପ୍ରତିଷ୍ଠା ଦେଶରେ ଏକ ଜରୁରୀ ସମସ୍ୟା ରୂପେ ଦେଖା ଦେଇଛି । ତେଣୁ ଆଜିର ସମାଜ ସ୍ଥିରେ ଶିଳ୍ପ ଓ ଶ୍ରମ ଏପରିଭାବେ ପରସ୍ପର ପ୍ରତି ବ୍ୟବହାର କରିବେ, ଯାହାଫଳରେ କି ଉଭୟ ଗୋଷ୍ଠୀ ପ୍ରତି କୌଣସି ବାଧା ବିଘ୍ନ ପହଞ୍ଚିବ ନାହିଁ । ଏଭ ଶିଳ୍ପ ଶାନ୍ତି ଏକ ଜାତୀୟ ସମସ୍ୟା ହୋଇଥିବାରୁ ଏଇ ସମସ୍ୟା ପଛରେ ଦେଶ ଓ ଜାତିର ମଧ୍ୟ ଗୁରୁ କର୍ତ୍ତବ୍ୟ ଓ ଦାୟିତ୍ୱ ରହିଛି ।

ଊନବିଂଶ ଶତାବ୍ଦୀର ଚିନ୍ତାଶୀଳ ବ୍ୟକ୍ତିମାନେ ଗୋଟିଏ ମତ ପ୍ରଚାର କରିଥିଲେ ଯେ ମାଲିକ ହିଁ ହେଉଛି ଶିଳ୍ପାନୁଷ୍ଠାନର କେନ୍ଦ୍ରୀକ ବସ୍ତୁ ବା ମାଣିଖୁଣ୍ଟି । ଏଣୁ ଏ ପ୍ରକାର ଭାବଧାରା ଯେତିକି ଯେତିକି ପ୍ରସର ହେଲା, ଶିଳ୍ପାନୁଷ୍ଠାନରେ ସେତିକି ସେତିକି ବିଷମ ପରିସ୍ଥିତି ଉପୁଜିଲା । ସମସ୍ତ ଉତ୍ପାଦନର ଉପକରଣଗୁଡ଼ିକରେ ମାଲିକ ଯେ କେବଳ ତତ୍ତ୍ୱାବଧାରକ ବା ଅଧିକାରୀ ଓ ଶ୍ରମିକମାନଙ୍କର ସେଥିରେ ଯେ କିଛି ଅବଦାନ ନାହିଁ ବା ସେମାନେ କେବଳ ଠିକା ଶ୍ରମିକ ବା ମଜୁରୀ ଶ୍ରମିକ, ଏହା କର୍ତ୍ତୃପକ୍ଷମାନେ ଗ୍ରହଣ କରାଯାଇ ନ ପାରେ ଯେହେତୁ ଶ୍ରମିକମାନେ ହିଁ ଶିଳ୍ପ ଉତ୍ପାଦନ କ୍ଷେତ୍ରର ଏକ ଅବିଚ୍ଛେଦ୍ୟ ଅଙ୍ଗ ।

ସୁତରାଂ କହିବାକୁ ଗଲେ ଊନବିଂଶ ଶତାବ୍ଦୀରେ ଚିନ୍ତାଧାରାକୁ ପୁରାପୁରି ପାଶୋରି ଶ୍ରମିକ ସମାଜକୁ ଆଜିର ଚିନ୍ତାଧାରାରେ ବିଚାର କରି ମାନବିକ ଦୃଷ୍ଟିକୋଣରୁ ଶିଳ୍ପ କ୍ଷେତ୍ରରେ ସେମାନଙ୍କର ଅଧିକାରକୁ ସାବ୍ୟସ୍ତ କରାଯାଇ ପାରିଲେ, ଉତ୍ପାଦନ ବୃଦ୍ଧିରେ ଆଶାଜନକ ସାଫଲ୍ୟ ଯେ ମିଳି ପାରିବ ଓ ଶିଳ୍ପାନୁଷ୍ଠାନରେ ଶାନ୍ତି ବିରାଜିବ, ଏହା ନିଃସନ୍ଦେହ । ଉତ୍କଳ ଗୌରବ ମଧୁସୂଦନ ଦାସ ସେ ଦିନ ଲୁହଗାଧୁଆ ହୋଇ ଯାହା କହିଥିଲେ, ତାହା ହିଁ ବାରମ୍ବାର ସ୍ମରଣରେ ଆସୁଛି । ତାହା ହେଲା-


"ଜାତି ନନ୍ଦୀଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥୀ କଲେ,
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ?"

ଶିଳ୍ପାନୁଷ୍ଠାନର ନନ୍ଦୀଘୋଷକୁ ଆଗକୁ ଆଗକୁ ଚଳାଇବାକୁ ହେଲେ ସ୍ୱାର୍ଥକୁ ସାରଥୀ କରା ନ ଯାଉ—ଦ୍ରୁତଗାମୀ ଶାନ୍ତିକାମୀ କେତୁରର ଘୋଡ଼ା ମୁହଁରେ ଆଜି ଦାନାର ତୋବଡ଼ା ବନ୍ଧା ନ ହେଉ । ପଦେ ପଦେ ଆଜି ଶାନ୍ତିର ସାହାନାଇ ବାଜିଉଠୁ । ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍ ।

ଶ୍ରମ ସଂସ୍ଥାପକ
ଓଡ଼ିଶା, ଭୁବନେଶ୍ୱର ।



ଉତ୍କଳ ଦିବସ ସୁବର୍ଣ୍ଣଜୟନ୍ତୀ ଅବସରରେ ବାଲେଶ୍ୱର ନୃତ୍ୟସଙ୍ଗୀତ କଳାମନ୍ଦିର ଛାତ୍ରୀଙ୍କ ଉତ୍କଳ ବନ୍ଦନା



# ସଫଳ କାହାଣୀ

## ଗୋମା ବିନ୍ଧାଣୀଙ୍କ ସାଇକେଲ ଦୋକାନ

ଶ୍ରୀ ନାରାୟଣ ଦାଶ

ଶ୍ରୀ ଗୋମା ବିନ୍ଧାଣୀ ଟିରଙ୍ଗ ପଞ୍ଚାୟତ ସମିତି ଅନ୍ତର୍ଗତ ପଡ଼ା ଗ୍ରାମରେ ବାସ କରନ୍ତି । ତାଙ୍କ ପିତାଙ୍କର ନାମ ଶ୍ରୀ ଭେଡ଼ ବିନ୍ଧାଣୀ । ତାଙ୍କ ପରିବାର ସଭ୍ୟ ସଂଖ୍ୟା ୪ ଜଣ । ଚାଷ ଜମି ମାତ୍ର ୦.୫୦ ଡ଼େସିମିଲ । ଚାଷ ଜମିରେ ସେ ତାର ପରିବାରକୁ ଭରଣପୋଷଣ କରିପାରେ ନାହିଁ । ତେଣୁ ସେ ସବୁଦିନ ସାଉପଡ଼ିଆଙ୍କ ଘରେ ମଜୁରୀ ଲାଗି ତାର ସଂସାର ଚଳାଏ । ନିଜ ପିଲାମାନଙ୍କୁ ଶିକ୍ଷା ଦେବାତ ଦୂର କଥା, ଦୈନନ୍ଦିନ ବ୍ୟବହାର୍ଯ୍ୟ ଜିନିଷ ତଥା ପୋଷାକ ପରିଛଦ, ମୁଣ୍ଡରେ ଟିକେ ତେଲ ଓ ଅସୁସ୍ଥ ଅବସ୍ଥାରେ ଔଷଧ ଯୋଗାଇବା ପାଇଁ ତାଙ୍କ ପାଖରେ ସମ୍ବଳ ନାହିଁ । ଗ୍ରାମାଞ୍ଚଳରେ ରହୁଥିବା ଏହି ଶ୍ରେଣୀର ଲୋକମାନଙ୍କର ଆର୍ଥିକ ଅବସ୍ଥାର ପରିବର୍ତ୍ତନ ଆଣିବା ପାଇଁ ଓଡ଼ିଶାର ଲୋକପ୍ରିୟ ସରକାର ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ସମନ୍ୱିତ ଗ୍ରାମାଞ୍ଚଳ ବିକାଶ ଯୋଜନା (I. R. D. P.) ଜରିଆରେ କିଛି ଅର୍ଥ ଋଣ ଆକାରରେ ମଞ୍ଜୁର କରିବା ପାଇଁ ଟିରଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବିନ୍ଧାଣୀଙ୍କୁ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇଁ ପଠାଇ ଥିଲେ । ତାଙ୍କ ଗ୍ରାମରେ ସାଇକେଲ ମରାମତି ଦୋକାନ କରିବା ପାଇଁ ସରକାର ଶ୍ରୀ ଗୋମା ବିନ୍ଧାଣୀଙ୍କୁ ଟ୧୩୦୦.୦୦ଙ୍କା ଋଣ ମଞ୍ଜୁର କଲେ । ୧୯୮୩ ମାର୍ଚ୍ଚ ୧୩ ତାରିଖ ଦିନ ନୂଆଁଗାଁ ବ୍ୟାଙ୍କ ଅଫ୍ ଇଣ୍ଡିଆ ଜରିଆରେ ସଂପୃକ୍ତ ବ୍ୟକ୍ତିଙ୍କୁ ଅର୍ଥ ପ୍ରଦାନ କରାଗଲା । ଏ ଋଣ ମଧ୍ୟରୁ ସରକାର ତାଙ୍କୁ [illegible] ଟଙ୍କା ଛାଡ଼ କରିଦେଲେ । ଅର୍ଥାତ୍ ଋଣ ଗ୍ରହୀତାଙ୍କୁ ମାତ୍ର ୮୬୭ ଟଙ୍କା ପରିଶୋଧ କରିବାକୁ ପଡ଼ିଲା । ସରକାରଙ୍କ ଠାରୁ ଏହି ଋଣ ପାଇ ଶ୍ରୀ ଗୋମା ବିନ୍ଧାଣୀ ନିଜ ଗ୍ରାମରେ ସୁନ୍ଦର ସାଇକେଲ ମରାମତି ଦୋକାନ କରିଛନ୍ତି । ଆଖ ପାଖ ଅଞ୍ଚଳରେ ସାଇକେଲ ଦୋକାନ ନଥିବା ଦୃଷ୍ଟିରୁ ଦୋକାନଟି ଖୁବ୍ ସୁନ୍ଦର ଭାବରେ ଚାଲିଛି । ଆନ୍ତରିକତା-ସହ ଟଙ୍କା ଗୁଡ଼ିକର ବିନିଯୋଗ ଓ ଦୃଢ଼ ମନୋବୃତ୍ତି ଥିବା ଯୋଗୁଁ ଶ୍ରୀ ବିନ୍ଧାଣୀ ୧୦।୧୧ ମାସ ମଧ୍ୟରେ ସମସ୍ତ ଋଣ ପରିଶୋଧ କରି ପାରିଛନ୍ତି । ଏବଂ ନିଜ ଅବସ୍ଥାର ମଧ୍ୟ ପରିବର୍ତ୍ତନ କରିପାରିଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, କଳାହାଣ୍ଡି

## ଦୁଃଖର ଦିନ ଲିଭି ଲିଭି ଯାଉଛି.....

ଶ୍ରୀ ଆକୁଳଚରଣ ପ୍ରଧାନ

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ୍‌ରେ ଭଗାମୁଣ୍ଡା ଗ୍ରାମ ଅବସ୍ଥିତ । ବିନୋଦ କୁମାର ସାହୁ ଏହି ଗାଁର ଜଣେ ଗରିବ ଆଦିବାସୀ । ପିତା ଭଗବାନ ସାହୁଙ୍କ ସହିତ ପରିବାରର ଛୋଟ ବଡ଼ ମିଶି ୫ ଜଣ । ବଡ଼ ଦୁଃଖ କଷ୍ଟେ ଦିନ କାଟନ୍ତି । ମୂଲ ଲାଗି ନିଜର ଗୁଜୁରାଣ ମେଣ୍ଟାନ୍ତି । ସବୁ ଦୁଃଖ ଓ କଷ୍ଟକୁ ମନରେ ମାରି ସେ ଭବିଷ୍ୟତର ସ୍ୱପ୍ନ ଦେଖନ୍ତି । ଦିନେ ଗ୍ରାମର ୧୦ ଜଣ ଦରିଦ୍ରତମ ପରିବାରଙ୍କ ମଧ୍ୟରେ ତାଙ୍କ ନାମ ବଛାଗଲା । ୧୯୮୩-୮୪ ବର୍ଷରେ ପଣ୍ଡାପଡ଼ାଠାରେ ଥିବା ବୈତରଣୀ ଗ୍ରାମ୍ୟ ବ୍ୟାଙ୍କରୁ ତାଙ୍କୁ ୧୫୦୦ ଟଙ୍କା ଋଣ ଦେବାର ବ୍ୟବସ୍ଥା ବି. ଡି. ଓ. ଙ୍କ ଜରିଆରେ କରାଗଲା । ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଥଇଥାନ କାର୍ଯ୍ୟକ୍ରମ ଅନୁଯାୟୀ ଋଣର ବ୍ୟବସ୍ଥା କରାଯାଇ ତହିଁରୁ ୧୧୨୫ ଟଙ୍କା ଛାଡ଼ କରାଗଲା । ତାଙ୍କର

ସାଇକେଲ ମରାମତି କରିବା ନିମନ୍ତେ ଖଣ୍ଡିଏ ଦୋକାନ ଖୋଲିବା ସକାଶେ ପ୍ରବଳ ଆଗ୍ରହ ଥାଏ । ଏଣୁ ଟଙ୍କା ପାଇବା ମାତ୍ରେ ନୂତନ ଯନ୍ତ୍ରପାତି କିଣି ସେ ଭଲକରି ଗୋଟିଏ ସାଇକେଲ ଦୋକାନ ଖୋଲିଲେ । ସାଇକେଲ ମରାମତି ଅଳ୍ପ ପଇସାରେ ଖୁବ୍ ଭଲରେ କରୁଥିବାରୁ ତାଙ୍କ ନିକଟରେ ବହୁତ ସାଇକେଲ ପହଞ୍ଚେ । ସାଇକେଲ ମରାମତ କରୁଥିବା ସମୟରେ କୌଣସି ମଟର ସାଇକେଲ ପହଞ୍ଚି ଗଲେ ସେ ମରାମତି କରିବାକୁ ଚେଷ୍ଟା କରନ୍ତି ଏବଂ ତାଙ୍କର ଉତ୍ସାହ ବଢ଼େ ମଟର ସାଇକେଲ ମରାମତି କରି ଶିଖି ଅଧିକ ଜ୍ଞାନ ଅର୍ଜନ କରିବା ନିମିତ୍ତ । ସେ ଖୁବ୍ ଉତ୍ସାହ ସହିତ ସମସ୍ତ ମରାମତି କାମ କରି ଚାଲନ୍ତି । ଦିନକୁ ହାରାହାରି ତାଙ୍କର ଟ୨୦( ଲାଭ ହୁଏ ଏବଂ ସେହି ଟଙ୍କାକୁ ସଂଚୟ କରି ସବୁତକ ଋଣ ପରିଶୋଧ କରି ସାରିଛନ୍ତି । ବର୍ତ୍ତମାନ ତାଙ୍କ ଦୋକାନରେ ଦରମାଦେଇ ଜଣେ ପିଲା ରଖିଲେଣି । ସେ ତାଙ୍କୁ ମରାମତି କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି । ଏହି ଦୋକାନଟିକୁ ବଢ଼ାଇବା ନିମିତ୍ତ ସେ ପୁଣି ଟ୨,୫୦୦ ବ୍ୟାଙ୍କରୁ ସିଧାସଳଖ ଋଣ ଆଣିଛନ୍ତି । ତାଙ୍କ କର୍ତ୍ତବ୍ୟରେ ସେ ସର୍ବଦା ତତ୍ପର । ବହୁତ ଉଚ୍ଚ ଆଶା ନେଇ ସେ ତାଙ୍କ ଭବିଷ୍ୟତକୁ ଅପେକ୍ଷା କରିଛନ୍ତି । ଦୁଃଖର ଦିନଗୁଡ଼ିକ ଅତୀତରେ ଲିଭି ଲିଭି ଯାଉଛି ।

ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଫିସର, କେନ୍ଦୁଝର

---

## ସାହସିକତାର ପ୍ରତୀକ - କରୁଣାକର

### ଶ୍ରୀ କିଶୋର ଚନ୍ଦ୍ର ନାୟକ

ସମ୍ବଲପୁର ଜିଲ୍ଲାର ପଦ୍ମପୁର ସବ୍‌ଡିଭିଜନ ସଦର ମହକୁମା-ଠାରୁ ପ୍ରାୟ ୧୧ କିଲୋମିଟର ଦୂରବର୍ତ୍ତୀ ଏକ ଅଖ୍ୟାତ ପଲ୍ଲୀଗ୍ରାମ ବରିହାପାଲି । ସେହି ଗ୍ରାମରେ ଶ୍ରୀ କରୁଣାକର ପ୍ରଧାନଙ୍କ ଜନ୍ମ । କରୁଣାକର ଚାରି ଭାଇ ଭଉଣୀଙ୍କ ମଧ୍ୟରେ ତୃତୀୟ ଓ ପିତାମାତାଙ୍କ ଏକମାତ୍ର ପୁତ୍ର । ବାପା ମହେନ୍ଦ୍ର ପ୍ରଧାନଙ୍କ ଭୂସଂପତ୍ତି ମାତ୍ର ଏକ ଏକର । ପରିବାର ପୋଷଣ ପାଇଁ ମୂଲ ଲାଗିବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ଦୁଃଖ କଷ୍ଟରେ ଚଳି ପୁଅକୁ ପାଠ ପଢ଼ାଇ ମଣିଷ କରିବା ସ୍ୱପ୍ନ ତାଙ୍କର ରହିଥିଲା । କରୁଣାକର ବର୍ତ୍ତମାନ ନିଜ ଗ୍ରାମର ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ର ।

ଦଶବର୍ଷ ବୟସ ଏହି ବାଳକ କରୁଣାକର ନିଜର ସାହସିକ କାର୍ଯ୍ୟଯୋଗୁଁ ଭାରତୀୟ ଶିଶୁ କଲ୍ୟାଣ ପରିଷଦ ପକ୍ଷରୁ ୧୯୮୪ରେ ଜାତୀୟ ସାହସିକତା ପୁରସ୍କାରପ୍ରାପ୍ତ ପନ୍ଦର ଜଣ ବାଳକ ବାଳିକାଙ୍କ ମଧ୍ୟରେ ରହି ନିଜର ଗ୍ରାମ ଓ ବିଦ୍ୟାଳୟକୁ ଜାତୀୟ ସ୍ତରରେ ପରିଚିତ କରାଇବା ସଙ୍ଗେ ସଙ୍ଗେ ଜିଲ୍ଲା ତଥା ରାଜ୍ୟର ଗୌରବ ବୃଦ୍ଧି କରି ପାରିଛନ୍ତି । ୧୯୮୫ ଜାନୁଆରୀ ୨୪ ତାରିଖ ଦିନ ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଉତ୍ସବରେ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବଗାନ୍ଧୀ ଶ୍ରୀମାନ କରୁଣାକର ପ୍ରଧାନଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ପୁରସ୍କାର ସ୍ୱରୂପ ତାଙ୍କୁ ଏକ ରୌପ୍ୟ ପଦକ, ଟ୫୦୫୦୦ର ଗିଫ୍ଟ ଚେକ୍, ଏକ ଷ୍ଟିଲ୍ ସେଟ୍, ଥର୍ମୋଫ୍ଲାସ୍କ, କେକ୍ ପ୍ୟାକେଟ୍, ଖେଳନା, କଲମ ଓ ୨ ଖଣ୍ଡ ପୁସ୍ତକ ମିଳିଛି । ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ରାଜୀବଗାନ୍ଧୀ ନିଜ ତରଫରୁ ତାଙ୍କୁ ନେହେରୁଙ୍କ କାହାଣୀ ଉପରେ ଆଧାରିତ ଚାରିଖଣ୍ଡ ପୁସ୍ତକ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି । ଦିଲ୍ଲୀର ଲାୟନସ୍ କ୍ଲବ୍ ତରଫରୁ ପ୍ରତ୍ୟେକ ପୁରସ୍କୃତ ବାଳକ ବାଳିକାଙ୍କୁ ଗୋଟିଏ ଲେଖାଏଁ ଘଣ୍ଟା ପ୍ରଦତ୍ତ ହୋଇଛି । ଦିଲ୍ଲୀର ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତି ବିଶେଷଙ୍କ ତରଫରୁ ପୁରସ୍କୃତ ବାଳକ ବାଳିକାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି ।

ଶ୍ରୀମାନ କରୁଣାକର ନିଜ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଚୂଡ଼ାମଣି ସାହୁଙ୍କ ସହିତ ତା: ୧୫-୧-୧୯୮୫ ଦିନ ନିଜ ଗ୍ରାମରୁ ବାହାରି ତା ୧୭-୧-୮୫ ଦିନ ଦିଲ୍ଲୀରେ ପହଞ୍ଚିଲେ । ତା ୧୭-୧-୮୫ ରୁ ତା ୨୭-୧-୮୫ ପର୍ଯ୍ୟନ୍ତ ଦିଲ୍ଲୀ ରହଣି ମଧ୍ୟରେ ସେ ରାଷ୍ଟ୍ରପତି, ଦିଲ୍ଲୀର ଉପ-ରାଜ୍ୟପାଳ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିଗଣଙ୍କ ସହ ସାକ୍ଷାତ କରିବାର ସୁଯୋଗ ପାଇଥିଲେ । ସେମାନଙ୍କ ଗହଣରେ ଫଟୋ ଉତ୍ତୋଳନ ମଧ୍ୟ କରିଛନ୍ତି । ଦିଲ୍ଲୀର ଲାଲକିଲ୍ଲା, କୁତବ୍ ମୀନାର, ଆପୁଘର, ଚିଡ଼ିଆଖାନା, ତିନିମୂର୍ତ୍ତି ଭବନ, କଣ୍ଢେଇ ଯାଦୁଘର, ତାରାମଣ୍ଡଳ ଇତ୍ୟାଦି ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲି ଦେଖିଥିଲେ । ତା ୨୪-୧-୮୫ ରେ ପ୍ରଧାନମନ୍ତ୍ରୀଙ୍କ ଠାରୁ ପୁରସ୍କାର ଗ୍ରହଣ ଓ ତା ୨୬-୧-୮୫ ରେ ଗଣରାଜ୍ୟ ଦିବସ ପରେଡ୍‌ରେ ଅଂଶ ଗ୍ରହଣ କରିଥିଲେ । ତା ୨୮-୧-୮୫ ଦିନ ଓଡ଼ିଶା ପାଇଁ ଏକ ଗୌରବର ସ୍ୱାକ୍ଷର ବହନ କରି ଓଡ଼ିଶା ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲେ । ତା ୩୦-୧-୮୫ ଦିନ ନିଜ ଗ୍ରାମ ବରିହାପାଲିରେ ପହଞ୍ଚିବା ମାତ୍ରେ ନିଜ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଗ୍ରାମର ଆବାଳ ବୃଦ୍ଧବନିତା ଆନନ୍ଦୋଲ୍ଲାସରେ କରୁଣାକରଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା ଗୁଣଗ୍ରାହୀ ବ୍ୟକ୍ତି ବିଶେଷଙ୍କ ଠାରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

ଯେଉଁ ସାହସିକ କାର୍ଯ୍ୟ ଯୋଗୁଁ ୧୦ ବର୍ଷ ବୟସ ବାଳକ ଶ୍ରୀମାନ କରୁଣାକର ଆଜି ଜାତୀୟ ସାହସିକ ପୁରସ୍କାର ଲାଭ କରିବାର ଗୌରବରେ ଭୂଷିତ, ତାହା ହେଲା ନିଜ ବୟସର ଏକ ବାଳକର ଜୀବନରକ୍ଷା । ୧୯୮୪ ଅଗଷ୍ଟ ମାସ ୧୦ ତାରିଖର ଘଟଣା । ସକାଳ ପ୍ରାୟ ୯ଟା ସମୟରେ ନିଜ ଗ୍ରାମ ନିକଟସ୍ଥ 'ମହୀମୁଣ୍ଡା' ପୋଖରୀରେ ସେ, ହିମାଂଶୁ ପ୍ରଧାନ, ମନମୋହନ ଦଣ୍ଡସେନା, ଗଣେଶ୍ୱର ଭୋଇ, ଗରିବ ପ୍ରଧାନ, ସତ୍ୟବାନ ପ୍ରଧାନ ପ୍ରମୁଖ ଆଠଦଶଜଣ ବାଳକ ଗାଧୋଇବାକୁ ଯାଇଥିଲେ । ପୋଖରୀରେ ପ୍ରାୟ ୮ ଫୁଟ ଗଭୀରର ପାଣି ମଝିରେ ଅନେକ କଇଁଫୁଲ ଫୁଟିଛି । ଫୁଲର ଆକର୍ଷଣରେ ସତ୍ୟବାନ, ନୀଳମଣି, ହିମାଂଶୁ ଓ ଗଣେଶ୍ୱର ପୋଖରୀ ମଝିକୁ ଯାଇ କଇଁଫୁଲ ତୋଳିଲେ । ସେମାନଙ୍କ ମଧ୍ୟରୁ ସତ୍ୟବାନ କଇଁନାଡ଼ରେ ଛନ୍ଦିହୋଇ ବାହାରି ପାରିଲା ନାହିଁ । ବୁଡ଼ିଯିବାକୁ ବସିଲା । ଅନ୍ୟମାନେ ପଦାକୁ ଚାଲିଆସି ସତ୍ୟବାନ ବୁଡ଼ିଯାଉଛି ବୋଲି ଡାକ ଛାଡ଼ିଲେ । କରୁଣାକର ଏହା ଶୁଣି ସଙ୍ଗେ ସଙ୍ଗେ ସତ୍ୟବାନ ନିକଟକୁ ପହଁରିଯାଇ ନିଜର ଉପସ୍ଥିତ ବୁଦ୍ଧି ଖଟାଇ ତାକୁ ମୁଣ୍ଡରେ ଠେଲି ଠେଲି କୂଳକୁ ଆଣିଥିଲା । ଫଳରେ ସତ୍ୟବାନର ଅମୂଲ୍ୟ ଜୀବନ ରକ୍ଷା ହୋଇ ପାରିଥିଲା ।

ପ୍ରତ୍ୟେକ ସେହିଦିନ ଗ୍ରାମ, ବିଦ୍ୟାଳୟ ତଥା ଆଖପାଖ ଅଞ୍ଚଳରେ ଚର୍ଚ୍ଚାର ବିଷୟ ଥିଲା । ବରିହାପାଲି ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏ ଘଟଣା ବିଭାଗୀୟ ସୁପାରିଶ ସହିତ ରାଜ୍ୟ ଶିଶୁକଲ୍ୟାଣ ପରିଷଦର ଦୃଷ୍ଟି ଆକର୍ଷଣ କରାଇଥିଲେ । ଶେଷରେ ଜାତୀୟ ଶିଶୁକଲ୍ୟାଣ ପରିଷଦ ପକ୍ଷରୁ ଯେଉଁଦିନ ସାହସିକତା ପୁରସ୍କାର ପାଇଁ ଯୋଗ୍ୟ ବାଳକ ବାଳିକାଙ୍କ ନାମ ଘୋଷଣା କରାଗଲା, ସେଦିନ ଏହି ଅଞ୍ଚଳରେ ଏକ ଅପୂର୍ବ ଆନନ୍ଦର ଢେଉ ଖେଳି ଯାଇଥିଲା । ନିଜ ଜୀବନକୁ ବିପନ୍ନ କରି ଅନ୍ୟର ଜୀବନ ରକ୍ଷା କରିଥିବାରୁ ଜାତୀୟ ଶିଶୁକଲ୍ୟାଣ ପରିଷଦ ଶ୍ରୀମାନ କରୁଣାକର ପ୍ରଧାନଙ୍କୁ ସାହସିକତା ପାଇଁ ପୁରସ୍କାର ପ୍ରଦାନ କରିଛନ୍ତି; ଏହାଠାରୁ ବଳି ଗୌରବର କଥା କ'ଣ ହୋଇପାରେ ?

ଉପବିଭାଗୀୟ ସୂଚନା ଓ
ଲୋକସଂପର୍କ ଅଧିକାରୀ, ପଦ୍ମପୁର

---

## ଗୌରସେଠୀଙ୍କର ଭାଗ୍ୟ

### ଶ୍ରୀ ଦୁର୍ଗା ପ୍ରସାଦ ମିଶ୍ର

ଦିଗପହଣ୍ଡି ବ୍ଲକ୍‌ର ସିଦ୍ଧେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଗୋପାଳପୁର ଗାଁର ଗୌର ସେଠୀ ଜଣେ ଦରିଦ୍ର ଭୂମିହୀନ ତଫସିଲଭୁକ୍ତ ଜାତିର ଲୋକ । ଘରେ ୬ ପ୍ରାଣୀ ସ୍ୱାମୀ-ନିଜେ, ସ୍ତ୍ରୀ, ୩ଟି ପୁଅ ଓ ଗୋଟିଏ ଝିଅ । ଘର ଘରେ ମୂଲ ଲଗି ଏମାନଙ୍କୁ ଦୁଇଓଳି ପେଟପୁରା ଖୁଆଇବା ଯେ କେତେ କଷ୍ଟଦାୟକ, ତାହା ଗୌର ସେଠୀ ଭଲ ଭାବରେ ଜାଣିଥିଲେ । ଦିନ ସାରା ପରଘରେ ହାଡ଼ଭଙ୍ଗା ଖଟଣି ପରେ ସେ ମାତ୍ର ଦଶଟି ଟଙ୍କା ମଜୁରୀ ପାଉଥିଲେ । ଘରଡିହ ଛଡ଼ା ତାଙ୍କର ଭୂସଂପତ୍ତି ବି ଆଉ କିଛି ନଥିଲା । ସେହି ଘରଡିହର ଗୋଟିଏ ପଟେ ୮ ହାତ ଲମ୍ବ ଓ ୪ ହାତ ଓସାରର ଗୁଜଛପର ଘରଟିରେ ସେଇ ୬ ପ୍ରାଣୀ କୁଟୁମ୍ବ ଯେନତେନ ପ୍ରକାରେଣ ଚଳିଯାନ୍ତି ।

ଏହି ସମୟରେ ଗୌର ସେଠୀ ଜାଣିବାକୁ ପାଇଲେ ଯେ ଆଇ : ଆର: ଆର: ପି : ଯୋଜନାରେ ମଇଁଷି ପାଳିବା ପାଇଁ ଋଣ ଓ ରିହାତିରେ ଟଙ୍କା ମିଳୁଛି । ସେ ପଶୁ ଚିକିତ୍ସକଙ୍କ ଜରିଆରେ ଦରଖାସ୍ତଟିଏ ଦେଲେ । ଦରଖାସ୍ତ ମଞ୍ଜୁରୀ ପାଇଲା । ଶ୍ରୀ ସେଠୀ ଦିଗପହଣ୍ଡିରେ ଥିବା ବାଳାଜୀ ବ୍ୟାଙ୍କରୁ ଋଣ ନେଇ ୨୯୫୦ ଟଙ୍କାରେ ମୁରା ମାଈ ମଇଁଷିଟିଏ କିଣିଲେ । ସେତେବେଳେ ତା ସଙ୍ଗେ ଗୋଟିଏ ଅଣ୍ଡିରା ବାଛୁରୀଟିଏ ଥିଲା ଓ ଦିନକୁ ଏହି ମଇଁଷିଟି ୮ ଲିଟର ଲେଖାଏଁ କ୍ଷୀର ଦେଉଥିଲା । ଏହାଛଡ଼ା ଖୁଆଇ ପାଇଁ ୩୦୦ ଟଙ୍କା ଓ ଦାନା ପାଇଁ ୨୦୦ ଟଙ୍କା ମଧ୍ୟ ତାଙ୍କୁ ମିଳିଥିଲା । ଆଉ ୫୫୯ ଟଙ୍କା ମଧ୍ୟ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ମିଳିଥିଲା । ଏପରି ଭାବରେ ମୋଟ୍ ୪ ହଜାର ଟଙ୍କା ଋଣ ମଧ୍ୟରୁ ୩ ହଜାର ଟଙ୍କା ସେ ଛାଡ଼ ପାଇଲେ । ମଇଁଷିଟିଏ ୮ ମାସ କ୍ଷୀର ଦେଲା । ୧୦ ମାସ ଅତିବାହିତ ହେବା ପରେ ୧୯୮୪ ମସିହା ଅଗଷ୍ଟ ମାସରେ ପୁଣି ଗୋଟିଏ ଅଣ୍ଡିରା ବାଛୁରୀକୁ ଜନ୍ମ ଦେଇ ଦିନକୁ ପୁଣି ୮ ଲିଟର ଲେଖାଏଁ- କ୍ଷୀର ଦେଲା । ଏଥିରୁ ସେ ଓଳିକର କ୍ଷୀର ସିଦ୍ଧେଶ୍ୱର ଗାଁର ବେପାରୀଙ୍କୁ ବିକୁଛନ୍ତି । ଖାଣ୍ଟି କ୍ଷୀର ଲିଟର ଟ ୪.୫୦ରେ ବେପାରୀ ନେଉଛନ୍ତି । କାରଣ ଏଠାରୁ ଦୁଗ୍ଧ ସମବାୟ ସମିତିରେ କ୍ଷୀର ବିକିବାକୁ କୌଣସି ସୁବିଧା ନାହିଁ । ଏହା ମଧ୍ୟରେ ଶ୍ରୀ ସେଠୀ ଗୋଟିଏ ଅଣ୍ଡିରା ବାଛୁରୀକୁ ୧୨୦୦ ଟଙ୍କାରେ ବିକିଛନ୍ତି ଓ ରିହାତି ପରେ ଏକହଜାର ଟଙ୍କା ଋଣ ଓ ସୁଧ ପରିଶୋଧ କରିଛନ୍ତି ।

ବର୍ତ୍ତମାନ ଶ୍ରୀ ଗୌର ସେଠୀଙ୍କ ବଡ଼ ପୁଅଟି ଦିଗପହଣ୍ଡି କଲେଜର +୨ ବିଜ୍ଞାନ ଶ୍ରେଣୀର ପ୍ରଥମ ବାର୍ଷିକ ଛାତ୍ର ଏବଂ ୨ୟ ଓ ୩ୟ ପୁଅ ଦୁଇଜଣ ବାସୁଦେବପୁର ମାଇନର ସ୍କୁଲରେ ୭ମ ଶ୍ରେଣୀରେ ପଢୁଛନ୍ତି । ଶ୍ରୀ ସେଠୀ ପିଲାମାନଙ୍କୁ ଗୋଟିଏ ଓଳିର କ୍ଷୀର ପିଇବାକୁ ଦେଉଛନ୍ତି । ପ୍ରତିବର୍ଷ ମଇଁଷି ଘିଅ ବିକି ସେ ପ୍ରାୟ ୫୦୦ ଟଙ୍କା ଓ ଖତ ବିକି ପ୍ରାୟ ୧୫୦ ଟଙ୍କା ପାଉଛନ୍ତି । ବର୍ଷକର ଜାଳେଣି ମଧ୍ୟ ତାଙ୍କୁ ମିଳୁଛି । ଏହାଛଡ଼ା ଏହି ବିକ୍ରୀ ଲବ୍ଧ ଟଙ୍କାରୁ ପିଲାଙ୍କର କଲେଜ ଓ ସ୍କୁଲ ଦରମା, ପୋଷାକ ଓ ବହିପତ୍ର କିଣାଯାଉଛି ।

ଶ୍ରୀ ସେଠୀ କହନ୍ତି ଯେ ଅଳ୍ପଦିନେ ଭିତରେ ତାଙ୍କୁ ଦ୍ୱିତୀୟ ମଇଁଷିଟି ଦିଆଯିବାର ପ୍ରସ୍ତାବ ଅଛି । ଏଇ ମଇଁଷିଟି ମିଳିଗଲେ ସେ ଅଧିକ ସୁଖ ସୁବିଧାରେ ଚଳି ପାରିବେ ।

ସୂଚନା ଅଧିକାରୀ, ରାଜ୍ୟ ସଚ୍ଚିବାଳୟ,
ଭୁବନେଶ୍ୱର

## ଲକ୍ଷ୍ମଣ ମନର ଆଶା

### ଶ୍ରୀ କିଶୋର ଚନ୍ଦ୍ର ବେହେରା

ଆଦିବାସୀ ଅଧ୍ୟୁଷିତ ଫୁଲବାଣୀ ଜିଲ୍ଲାସ୍ଥ କାନ୍ଧମାଳ ବ୍ଲକ୍‌ର ସନ୍ଧାପଲ୍ଲୀ ଗାଁ । ସେହି ଗାଁର ଲକ୍ଷ୍ମଣ ଭୋଇ । ଭାଏ ସବୁ ନିତିଦିନିଆ ସୂର୍ଯ୍ୟକୁ ସେ ଆକାଶରେ ଦେଖେ । ଭାଏ କଣ ସୂର୍ଯ୍ୟ ଆଲୁଅରେ କିନ୍ତୁ ତା'ର ଦାରିଦ୍ର୍ୟ ? ଭାଏ କଣ ସୂର୍ଯ୍ୟ ଆଲୁଅରେ ପୁଣି ଜଳିପୋଡ଼ି ଭସ୍ମୀଭୂତ ହେବନି ? ଏଇ ଆଲୁଅରେ ପୁଣି ସବୁଜିମା ହସୁଛି । ତେବେ ତା ଜୀବନକୁ କଣ ହାଁ ଲୁତାଶ ଛିଡ଼ିବନି ? ସୌଭାଗ୍ୟର' ଦିନ ତା ଜୀବନରେ ଆସିବନି ? ହୁତାଶ ଛିଡ଼ିବନି ? ସୌଭାଗ୍ୟର' ଦିନ ତା ଜୀବନରେ ଆସିବନି ? ବଞ୍ଚିବା ପାଇଁ ଲକ୍ଷ୍ମଣ ମନରେ ଇମିତି ଅନେକ ଭାବନା । ବଞ୍ଚିବା ପାଇଁ ଅନେକ ଅନୁଚିନ୍ତା ।

ଆଜି ସାମ୍ନାରେ ଦେଖୁଛି ମଣିଷଗୁଡ଼ାକ ଏତେ ଚଞ୍ଚଳ ବଦଳି ଗଲେଣି । ହୃଦୟରେ ଆନ ପାଇଁ ଟିକିଏ ଦରଦ ନାଇଁ । ଗରିବ ଗୁହରା-ପୁଣି ବଞ୍ଚିବେ କିମିତି ? ନିଜ ଦେହ ଖଣ୍ଡିକ ଉପରେ ପୂର୍ଣ୍ଣ ଭରସା ରଖି ଆଗେଇବାକୁ ଚେଷ୍ଟା କଲା ଲକ୍ଷ୍ମଣ ଭୋଇ । ସବୁ ଯୋଜନାର ମୂଳ କେନ୍ଦ୍ର ହେଲା ବ୍ଲକ୍ ଅଫିସ । କାହାଠୁ -କଣ ଶୁଣି ସିଧା ଧାଇଁଲା ବ୍ଲକ ଆଡ଼େ । ସେ ଠିକ୍ କଲା ପୋଖରୀ ପଟା ଆଣି ,ମାଛଚାଷ କରିବ । ଗ୍ରାମପଞ୍ଚାୟତ ପୋଖରୀଟ

୧୦ ବର୍ଷିଆ ପଟ୍ଟାରେ ସରକାର ତରଫରୁ ମିଳୁଛି । ଦରିଦ୍ରତମ ଲୋକମାନଙ୍କର ଆର୍ଥିକ ଅଭ୍ୟୁତ୍ଥାନ ପାଇଁ ଏହା ଏକ ସୁଯୋଗ ।

ତାଙ୍କୁ ଅଧଏକର ପୋଖରୀ ପଟ୍ଟା ମିଳିଲା । ୧୯୮୩ ସେପ୍ଟେମ୍ବର ୩ ତାରିଖରେ ତହିଁରେ ଏକହଜାର ଜାଇଁଳ ଛଡ଼ା ଗଲା । ପ୍ରଥମ ବର୍ଷ ସାର, ମାଛ ପାଇଁ ଖାଦ୍ୟ ଓ ସାମଗ୍ରୀ ବାବଦକୁ ତାଙ୍କୁ ମିଳିଲା ୭୨୯.୩୬ ଟଙ୍କା । ମତ୍ସ୍ୟ ସଂପ୍ରସାରଣ ଅଧିକାରୀ ଓ ମତ୍ସ୍ୟ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଆଧୁନିକ ମିଶ୍ରିତ ପ୍ରଣାଳୀରେ ମାଛଚାଷ ମାତ୍ର କେଇମାସ ମେହେନତ୍ ଫଳରେ ମାଛ ଉତ୍ପାଦନ କରି ଲକ୍ଷ୍ମଣ ଭୋଇ ପାଇଲେ ୧୩୦୦ ଟଙ୍କା । ପୋଖରୀ ହୁଡ଼ା ପନିପରିବା ବିକ୍ରିରୁ ମଧ୍ୟ ତାଙ୍କୁ ମିଳିଲା ୧୭୬ ଟଙ୍କା । ସାମାନ୍ୟ ପରିଶ୍ରମରେ ହାତକୁ ଆସିଲା ଦେଢ଼ହଜାର ଟଙ୍କା । ଗୋଟାଏ ଟଙ୍କା ପାଇଁ ଯିଏ ଦିନେ ବହୁତ ବିକଳ ହେଉଥିଲା, ସିଏ ଆଜି ନିଜର ମେହେନତ୍ ଫଳରେ ହାତରେ ପାଇଲା ଏତେ ଟଙ୍କା । ମାଛଚାଷ ତା ମନରେ ବଞ୍ଚିବା ପାଇଁ ଆଶା ସଞ୍ଚାର କରି ଆଗକୁ ପାଦ ବଢ଼େଇବାର ଉପାୟ ବତେଇ ଦେଲା ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଫୁଲବାଣୀ

## ଯୋଜନାକୁ ଉଜ୍ଜ୍ୱଳ ଆନନ୍ଦ

**ଶ୍ରୀ ନାରାୟଣ ଦାଶ**

କଳାହାଣ୍ଡି ଜିଲ୍ଲା କେଶିଙ୍ଗା ପଞ୍ଚାୟତ ସମିତିର ବୋରିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଲପଡ଼ା ହେଉଛି ୫୨ ଗୋଟି ପରିବାରବିଶିଷ୍ଟ ଗୋଟିଏ ଆଦିବାସୀବହୁଳ ଛୋଟିଆ ଗାଁ । ଏହି ଗ୍ରାମର ଶ୍ରୀ ରାଜମନ ହରିଜନ ଜଣେ ନିତାନ୍ତ ଗରିବ ଲୋକ । ତାଙ୍କର ମାତ୍ର ୫୦ ଡେସିମିଲ ଜମି । ଏଥିରେ ପାଞ୍ଚପ୍ରାଣୀ ପୋଷିବା ତାଙ୍କ ପକ୍ଷେ ସମ୍ଭବପର ହେଉ ନାହିଁ । ଫଳରେ ଦିନ ମଜୁରିଆ ହିସାବରେ ସେ ଜୀବିକା ନିର୍ବାହ କରୁଥିଲେ । ଦାରିଦ୍ର୍ୟର କଷାଘାତରୁ ପରିତ୍ରାଣ ଥିଲା ତାଙ୍କର ଏକ ମାତ୍ର ସ୍ୱପ୍ନ । ସେହି ସ୍ୱପ୍ନ ଆଜି ସାର୍ଥକ ହୋଇଛି । ସରକାରଙ୍କ ନୂତନ ବିଂଶ ସୂତ୍ରୀ କାର୍ଯ୍ୟକ୍ରମରେ ରାଜମୋହନ ହରିଜନ ଉକେଇ ସେବା ସମବାୟ ସମିତିରୁ ୧୯୮୨-୮୩ ଆର୍ଥିକ ବର୍ଷରେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା ଆନୁକୂଲ୍ୟରେ ଗୋଟିଏ ପୋଢ଼ହଳ ଟ୨,୦୦୦ ଙ୍କା ମୂଲ୍ୟରେ ପାଇଥିଲେ । ଅନୁଦାନ ବାବଦକୁ ମୋଟ ଟ୬୬୬.୬୬ ପଇସା ପାଇଛନ୍ତି । ଋଣ ପ୍ରଦାନ ହେବା ଯୋଗୁଁ ପୋଢ଼ହଳ ବିକ୍ରୟ କରି ଦୁଇଗୋଟି ଦୁହାଁଳିଆ ମଇଁଷି ମୋଟ ଟ୨.୦୦୦ଙ୍କାରେ କ୍ରୟ କରିଛନ୍ତି । ଦୈନିକ ଆଠଲିଟର କ୍ଷୀର ବିକ୍ରୟ କରି ମାସକ ଟ୭୨୦ ଙ୍କା ଆୟକରୁଛନ୍ତି ଓ ବାର୍ଷିକ ଟ୮,୬୪୦ଙ୍କା ପାଉଛନ୍ତି । ଲବ୍ଧ ଆୟରୁ ଟ୧,୦୦୦ ଙ୍କାରେ ଏକଗୋଟି ଜର୍ସିଗାଇ କ୍ରୟ କରିଛନ୍ତି । ନିଜଭାଇର ବିଭାଘର ବାବଦରେ ଟ୪,୦୦୦ ଙ୍କା ଖର୍ଚ୍ଚ କରିଛନ୍ତି । ଋଣ ଟ୨୦୦ ଙ୍କା ପରିଶୋଧ କରିପାରିଛନ୍ତି ଓ ସୁଧ ସମେତ ଘରର ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇବାରେ ସକ୍ଷମ ହୋଇ ପାରିଛନ୍ତି । ରାଜମୋହନଙ୍କ କହିବା ଅନୁସାରେ ସେ ବର୍ତ୍ତମାନ ପରିବାର ସହିତ ଖୁବ୍ ଭଲରେ ଚଳୁଛନ୍ତି । ବର୍ତ୍ତମାନ ତାଙ୍କ ନିକଟରେ ୨ ଗୋଟି ମଇଁଷି ଓ ଗୋଟିଏ ଜର୍ସିଗାଇ ରହିଛି ।

ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଫିସର, କଳାହାଣ୍ଡି,




# ସତ୍ୟାନନ୍ଦଙ୍କ ଦୋକାନ

**ଶ୍ରୀ ହରମୋହନ ଜେନା**

ବଲାଙ୍ଗୀର ଜିଲ୍ଲା, ପାଟଣାଗଡ଼ ବ୍ଲକର ଗଡ଼ଗଡ଼ାହର ଗ୍ରାମରେ ଶ୍ରୀ ସତ୍ୟାନନ୍ଦ ମେହେରଙ୍କ ଜନ୍ମ । ଖଟିଖିଆ ଗରିବ ମଜୁରିଆ ଭାବରେ ସେ ପରିଚିତ । ବୟସ ପାଖାପାଖି ତିରିଶ । ସରକାରଙ୍କ ପରିବାର କଲ୍ୟାଣ ଯୋଜନା ଅନୁସାରେ ସେ ତାର ପରିବାରକୁ ତିନିଜଣରେ ସୀମିତ କରି ପାରିଛି । ସେ ଭାବିଲା ତା'ର ଜୀବନଟା କଣ ଏହି ପରି ଦୁଃଖ କଷ୍ଟରେ ସରିଯିବ ? ନାଁ, ତା' ଜୀବନରେ ପରିବର୍ତ୍ତନ ଘଟିଲା ସରକାରଙ୍କ ଇ : ଆର : ଆର : ପି : ଯୋଜନାରେ । ବି. ଡି. ଓ. ତାଙ୍କ ନାମ ସୁପାରିଶ କଲେ । ତେଣୁ ସେ ବଲାଙ୍ଗୀର ଆଞ୍ଚଳିକ ବ୍ୟାଙ୍କ, ପାଟଣାଗଡ଼ ଶାଖାରୁ ତା ୨୫-୧୦-୮୪ରେ ଟ ୨୮୭୦।—ଋଣ ପାଇଲା । ସେ ଟଙ୍କାକୁ ନେଇ ତା' ଗ୍ରାମରେ ଗୋଟିଏ ତେଜରାତି ଦୋକାନ କଲା । ଉଚିତ ଦରରେ ଖାଣ୍ଟି ଜିନିଷ ଦେବାରୁ ତା ଦୋକାନରେ ଭିଡ଼ ଜମିଲା । ଆସ୍ତେ ଆସ୍ତେ ତା'ର ଦୋକାନ ବଢ଼ିଲା । ସେ ସରକାରଙ୍କ ଠାରୁ ଋଣରୁ ୧୧୫୨ ଟଙ୍କା ଛାଡ଼ ପାଇଲା । ମାସକୁ ୩୦ ଟଙ୍କା କରି ଆନନ୍ଦରେ ସେ ୨୪୦ଟଙ୍କା ଶୁଝି ସାରିଲଣି । ଅବଶିଷ୍ଟ ଟଙ୍କା ଶୁଝି ସାରିଲା ପରେ ସେ ପୁଣି ବେଶି ଟଙ୍କା ଋଣ ଉଠାଇ ଗୋଟିଏ ବଡ଼ ଦୋକାନ କରିବ ବୋଲି ଆଶା ରଖିଛି । ଆଗରୁ ତା'ର ମାସିକ ୭୦୦ ଟଙ୍କା ଆୟ ହେଉଥିଲା, କିନ୍ତୁ ତା'ର ବୁଦ୍ଧି ବଳରେ ସରକାରଙ୍କ ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିଥିବାରୁ ବର୍ତ୍ତମାନ ତାର ମାସିକ ଆୟ ଟ ୫୦୦ରୁ ଅଧିକ ହୋଇ ପାରିଛି । ସେ ମଧ୍ୟ ଭବିଷ୍ୟତ ପାଇଁ ସରକାରଙ୍କର ସ୍ୱଳ୍ପ ସଞ୍ଚୟ କାର୍ଯ୍ୟକ୍ରମ ଅନୁଯାୟୀ ନିକଟସ୍ଥ ଡାକ ଘରେ କିଛି ଟଙ୍କା ସଞ୍ଚୟ କରି ପାରିଛି । ଭଗବାନ ସବୁଦିନ ପାଇଁ କାହାକୁ ଗରିବ କରି ରଖି ନ ଥାନ୍ତି । କିଛି ଦିନ ଦୁଃଖରେ ଗଲେ କିଛି ଦିନ ନିଶ୍ଚୟ ସୁଖରେ ଯିବ । ସେଥିପାଇଁ ଦରକାର ପରିଶ୍ରମ, ବୁଦ୍ଧି ଓ ସରକାରଙ୍କ ଯୋଜନାକୁ ଉଚିତ ଦିଗରେ କାର୍ଯ୍ୟକାରୀ କରିବା ମନୋଭାବ ।

ଅନୁବିଭାଗୀୟ ସୂଚନା ଓ ଲୋକ ସଂପର୍କ ଅଧିକାରୀ
ପାଟଣାଗଡ଼, ବଲାଙ୍ଗୀର ।



ନିର୍ମାଣାଧୀନ ମହାନଦୀ - ବିରୂପା ବ୍ୟାରେଜ୍





## ଆମ୍ବେଦକର ଜୟନ୍ତୀ କମିଟିଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ଗତ ଅପ୍ରେଲ ୧୩ ତାରିଖରେ ରାଜ୍ୟ ସୂଚନାଭବନଠାରେ ଆମ୍ବେଦକର ଜୟନ୍ତୀ ଉପଲକ୍ଷେ ଆୟୋଜିତ ରାଜ୍ୟର କଲେଜ-ସ୍ତରୀୟ ଛାତ୍ରଛାତ୍ରୀମାନଙ୍କର ବକ୍ତୃତା ପ୍ରତିଯୋଗିତାରେ ଭୁବନେଶ୍ୱର ରମାଦେବୀ ମହିଳା କଲେଜର ତୃତୀୟ ବାର୍ଷିକ (କଳା) ଛାତ୍ରୀ କୁମାରୀ ପୁଷ୍ପିତା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଲାଭକରିବାର ଗୌରବ ଅର୍ଜନ କରିଛନ୍ତି । ତା୧୪-୪-୮୬ ରିଖ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଉପଲକ୍ଷେ ରାଜ୍ୟ ସୂଚନା ଭବନଠାରେ ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ ଉକ୍ତ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ ।

ଏହିପୂର୍ବରୁ କୁମାରୀ ପୁଷ୍ପିତା ମିଶ୍ର ଉତ୍କଳ ପ୍ରଦେଶ ଗଠନର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ମଧ୍ୟ ପ୍ରଥମସ୍ଥାନ ଅଧିକାର କରିଥିଲେ ।

କୁମାରୀ ମିଶ୍ର ରାଜ୍ୟସରକାରଙ୍କର ପରିସଂଖ୍ୟାନ ଓ ଅର୍ଥନୀତି ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡକ୍ଟର ଗୋପାଳକୃଷ୍ଣ ମିଶ୍ରଙ୍କର କନ୍ୟା ଅଟନ୍ତି ।

## ବେଗାର ଶ୍ରମିକଙ୍କ ଥଇଥାନ

ଗତ ଫେବୃଆରୀ ଶେଷ ସୁଦ୍ଧା ରାଜ୍ୟରେ ମୋଟ୍ ୨୯,୧୦୬ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ଚଳିତ ଆର୍ଥିକ ବର୍ଷର ଫେବୃଆରୀ ଶେଷ ସୁଦ୍ଧା ଥଇଥାନ ହୋଇଥିବା ୪,୨୩୪ ଜଣ ଗୋତି ଶ୍ରମିକ ଅନ୍ତର୍ଭୁକ୍ତ । ଏ ପର୍ଯ୍ୟନ୍ତ ଥଇଥାନ କରାଯାଇଥିବା ଗୋତି ଶ୍ରମିକ ମଧ୍ୟରେ ୮,୬୯୯ ଜଣ ତଫସିଲଭୁକ୍ତ ଜାତି ଓ ୯,୭୦୮ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ଏ ବାବଦରେ ମୋଟ୍ ୯ କୋଟି ୧୭ ଲକ୍ଷ ୩୬ ହଜାର ଟଙ୍କା ବିନିଯୋଗ କରାଯାଇଛି ।

ରାଜ୍ୟରେ ଏପର୍ଯ୍ୟନ୍ତ ୪୩,୪୨୯ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ୪୨, ୧୮୩ ଜଣଙ୍କୁ ମୁକ୍ତ କରାଯାଇଛି । ମୁକ୍ତ କରାଯାଇଥିବା ଗୋତି ଶ୍ରମିକଙ୍କ ମଧ୍ୟରେ ୧୧,୮୪୬ ଜଣ ତଫସିଲଭୁକ୍ତ ଜାତି ଓ ୧୫,୫୦୦ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

## କଳାହାଣ୍ଡି ଜିଲ୍ଲାରେ ବେଗାର ଶ୍ରମିକ ଥଇଥାନ

ଗତ ଫେବୃଆରୀ ଶେଷ ସୁଦ୍ଧା କଳାହାଣ୍ଡି ଜିଲ୍ଲାରେ ୨,୧୦୯ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୫୨୯ ଜଣ ତଫସିଲଭୁକ୍ତ ଜାତି ଓ ୮୮୫ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ଏ ବାବଦରେ ମୋଟ୍ ୫୫ ଲକ୍ଷ ୨୧ ହଜାର ଟଙ୍କା ବିନିଯୋଗ କରାଯାଇଛି ।

ଚଳିତ ଆର୍ଥିକ ବର୍ଷର ଫେବୃଆରୀ ଶେଷ ସୁଦ୍ଧା ଜିଲ୍ଲାରେ ୧୦୫ ଜଣ ତଫସିଲଭୁକ୍ତ ଜାତି ଓ ୨୪୭ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ ୪୨୧ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ଏ ବାବଦରେ ମୋଟ୍ ୧୭ ଲକ୍ଷ ୩୬ ହଜାର ଟଙ୍କା ବିନିଯୋଗ କରାଯାଇଛି ।

ଯୋଜନା ଆରମ୍ଭରୁ ଫେବୃଆରୀ ଶେଷ ସୁଦ୍ଧା ଜିଲ୍ଲାରେ ୨,୭୫୨ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ସମସ୍ତ

ଖୋଚି ମୁକ୍ତ କରାଯାଇଛି । ସେମାନଙ୍କ ମଧ୍ୟରେ ୬୭୫ ଜଣ ତଫସିଲଭୁକ୍ତ ଜାତି ଓ ୧୧୪୮ ଜଣ ତଫସିଲ୍‌ଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

---

## ଅବକାରୀ ରାଜସ୍ୱ ଆଦାୟ ଅଭିବୃଦ୍ଧି

ରାଜ୍ୟ ଯୋଜନା ପାଇଁ ସମ୍ବଳ ସଂଗ୍ରହ ନିମନ୍ତେ ଅବକାରୀ ରାଜସ୍ୱ ଆଦାୟ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି । ୧୯୮୦-୮୧ ରୁ ଆରମ୍ଭ କରି ଚଳିତ ଆର୍ଥିକ ବର୍ଷର ଡିସେମ୍ବର ମାସ ଶେଷ ସୁଦ୍ଧା ଏ ବାବଦରେ ମୋଟ ୮୩ କୋଟି ୭୨ ଲକ୍ଷ ଟଙ୍କା ସଂଗୃହୀତ ହୋଇପାରିଛି । ତନ୍ମଧ୍ୟରେ ୧୯୮୦-୮୧ ରେ ୯ କୋଟି ୧୮ ଲକ୍ଷ ଟଙ୍କା ୧୯୮୧-୮୨ ରେ ୧୧ କୋଟି ୨ ଲକ୍ଷ ଟଙ୍କା, ୧୯୮୨-୮୩ ରେ ୧୩ କୋଟି ୭ ଲକ୍ଷ ଟଙ୍କା, ୧୯୮୩-୮୪ ରେ ୧୫ କୋଟି ୪୫ ଲକ୍ଷ ଟଙ୍କା, ୧୯୮୪-୮୫ ରେ ୧୮ କୋଟି ୨୮ ଲକ୍ଷ ଟଙ୍କା ଏବଂ ୧୯୮୫-୮୬ ରେ (ଡିସେମ୍ବର ସୁଦ୍ଧା) ୧୬କୋଟି୨୧ଲକ୍ଷ ଟଙ୍କା ଅନ୍ତର୍ଭୁକ୍ତ ।

---

## ଅନ୍ତଃରାଜ୍ୟ ଉନ୍ନତି ପାଇଁ କେନ୍ଦ୍ରୀୟ ସାହାଯ୍ୟ

ଅର୍ଥନୈତିକ ବିକାଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ୩ ଟି ଆନ୍ତଃରାଜ୍ୟ ରାସ୍ତାର ଉନ୍ନତି କରିବା ଲାଗି କେନ୍ଦ୍ର ସରକାରଙ୍କ ଜାହାଜ ଚଳାଚଳ ଓ ପରିବହନ ମନ୍ତ୍ରଣାଳୟ ୧ କୋଟି ୩୦ ଲକ୍ଷ ଟଙ୍କା ଯୋଗାଇ ଦେଇଛନ୍ତି । ଉନ୍ନତି କରାଯାଇଥିବା ଗୋଟିଏ ରାସ୍ତା ଓ ନିର୍ମାଣାଧୀନ ଥିବା ଦୁଇଟି ସେତୁ ହେଲା :—ବାଲେଶ୍ୱର—ଚନ୍ଦ୍ରେଶ୍ୱର ଓ: ଟି: ରୋଡ୍, ଗୁଣୁପୁର ନିକଟସ୍ଥ ବଂଶଧାରା ସେତୁ ଏବଂ ଢେଙ୍କାନାଳ—କାମାକ୍ଷାନଗର ରାସ୍ତାରେ ବ୍ରାହ୍ମଣୀ ସେତୁ । ଏଗୁଡ଼ିକର ଉନ୍ନତି ଓ ନର୍ମାଣ ବାବଦରେ ସମୁଦାୟ ଅର୍ଥ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀମାନଙ୍କୁ ଯୋଗାଇ ଦିଆଯାଇଛି । ଏହି ଅର୍ଥ ମଧ୍ୟରୁ ଓ:ଟି: ରୋଡ୍‌ର ଉନ୍ନୟନ ବାବଦରେ ୨୦ ଲକ୍ଷ ଟଙ୍କା, ବଂଶଧାରା ସେତୁ ପାଇଁ ୩୫ ଲକ୍ଷ ଟଙ୍କା ଏବଂ ବ୍ରାହ୍ମଣୀ ସେତୁ ପାଇଁ ୭୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ଏହି ୩ ଟି ପ୍ରକଳ୍ପର ନିର୍ମାଣ ବାବଦରେ ସମୁଦାୟ ୫୧ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ କରାଯାଇଥିଲା ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଓ:ଟି: ରୋଡର ଉନ୍ନତି ପାଇଁ ୨ କୋଟି ୩୧ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା । ସେହିପରି ବଂଶଧାରା ଓ ବ୍ରାହ୍ମଣୀ ସେତୁ ଦୁଇଟି ପାଇଁ ଯଥାକ୍ରମେ ୨ କୋଟି ୧୬ ଲକ୍ଷ ୬୪ ହଜାର ଟଙ୍କା ଏବଂ ୭ କୋଟି ୫୬ ଲକ୍ଷ ୧୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା ।

---

## ସପ୍ତମ ଯୋଜନାରେ ତଫସିଲଭୁକ୍ତ ଜାତଙ୍କ ପାଇଁ କାର୍ଯ୍ୟକ୍ରମ

ତଫସିଲ୍‌ଭୁକ୍ତ ଜାତିର ଲୋକମାନେ ବାସ କରୁଥିବା ବସ୍ତି ଅଞ୍ଚଳରେ ପାନୀୟ ଜଳ ଯୋଗାଣ, ସଂଯୋଜକ ରାସ୍ତା ନିର୍ମାଣ ଏବଂ ବସ୍ତିରେ ଆଲୋକ ବ୍ୟବସ୍ଥା ଆଦି ଆବଶ୍ୟକ ସୁବିଧାମାନ ଯୋଗାଇ ଦେବା ସକାଶେ ଧ୍ୟାନ ଦିଆଯାଇଛି । ଏସବୁର କାର୍ଯ୍ୟ ନିମନ୍ତେ ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳରେ ପାନୀୟ ଜଳ ଯୋଗାଣ ସକାଶେ. ୫୨୨୦ ଟି ନଳକୂପ ସ୍ଥାପନ, ଗ୍ରାମ୍ୟ ବିଦ୍ୟୁତ୍‌କରଣ କାର୍ଯ୍ୟକ୍ରମରେ ୩୦୦ ଟି ତଫସିଲ୍‌ଭୁକ୍ତ ଜାତି ଗ୍ରାମକୁ ବିଦ୍ୟୁତକରଣ, ବସ୍ତି ରାସ୍ତା ଆଲୋକ ବ୍ୟବସ୍ଥାରେ ୩ ହଜାରଟି ବତୀ ବ୍ୟବସ୍ଥା, ତଫସିଲ୍‌ଭୁକ୍ତ ଜାତିର୧୨ ହଜାର ପରିବାରଙ୍କ ଗୃହ ପାଇଁ ବିଦ୍ୟୁତ୍ ବ୍ୟବସ୍ଥା, ୮୭୦୪ ଟି ଖୋଲା ପାଇଖାନାକୁ ସେପ୍‌ଟିକ୍ ପାଇଖାନାରେ ପରିଣତ ଏବଂ ସହରଗୁଡ଼ିକରେ ବାସ କରୁଥିବା ୭୨ ହଜାର ପରିବାରଙ୍କ ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ କରାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

---

## ପଶୁ ଡାକ୍ତର ଖାନାରେ ଚିକିତ୍ସା ବ୍ୟବସ୍ଥା

ପଶୁ ଚିକିତ୍ସା ଓ ରୋଗ ନିରାକରଣ ସୁବିଧା ଯୋଗାଇ ଦେବା ନିମନ୍ତେ ରାଜ୍ୟ ପଶୁ ପାଳନ ବିଭାଗ ତରଫରୁ ବର୍ତ୍ତମାନ ସୁଦ୍ଧା ୫୧୪ଟି ପଶୁ ଚିକିତ୍ସାଳୟ ଓ ଡାକ୍ତରଖାନା ଏବଂ ୨,୮୧୬ଟି ପଶୁ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏତଦ୍‌ବ୍ୟତୀତ ରୋଗ ନିରୂପଣ ସକାଶେ ରାଜ୍ୟରେ ୩ଟି ଅନୁସନ୍ଧାନ ପରୀକ୍ଷାଗାର ଓ ୨ଟି ଗବେଷଣାଗାର ପ୍ରତିଷ୍ଠା କରାଯାଇଛି । ଚଳିତ ବର୍ଷ ପ୍ରାୟ ୭୦ ଲକ୍ଷ ପଶୁଙ୍କୁ ଚିକିତ୍ସା ଓ ୨୪ ଲକ୍ଷ ୧୪ ହଜାର ପଶୁଙ୍କୁ ରୋଗ ନିରୋଧକ ଟିକା ଯୋଗାଇ ଦିଆଯିବା ସଙ୍ଗେ ସଙ୍ଗେ ୧୧ ଲକ୍ଷ ୧୪ ହଜାର ଧରାଣ ମଧ୍ୟ କରାଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଫାଟୁଆ ରୋଗ ନିରାକରଣ ଯୋଜନାରେ ଏହି ସମୟ ମଧ୍ୟରେ ୩୪ ହଜାର ଗୋରୁଗାଈଙ୍କୁ ଏହି ଟିକା ଦିଆଯାଇଛି ।

---

## ପବନଚାଳିତ କଳ

ଚଳିତ ଆର୍ଥିକ ବର୍ଷ ଫେବୃଆରୀ ଶେଷ ସୁଦ୍ଧା ପାଣି ଉଠାଇବା ପାଇଁ ରାଜ୍ୟରେ ୫୦ ଟି ପବନଚାଳିତ କଳ ବସା-ଯାଇଛି । ବିଦ୍ୟୁତ୍ ଉତ୍ପାଦନ ପାଇଁ ଗୋପାଳପୁର ଓ କୋଣାର୍କ-ଠାରେ ଗୋଟିଏ ଲେଖାଏଁ ପବନଚାଳିତ କଳ ବସାଯାଇଛି । ପୁରୀଠାରେ ୫୦ କିଲୋଓ୍ୱାଟ୍ ବିଜୁଳିଶକ୍ତି ଉତ୍ପାଦନକ୍ଷମ ଏକ ପବନଚାଳିତ କଳ ବସାଇବା କାର୍ଯ୍ୟ ଆଗେଇ ଚାଲିଛି । କେନ୍ଦ୍ର ସରକାର ଏଥିପାଇଁ ୭୫ ଲକ୍ଷ ଟଙ୍କା ଅନୁଦାନ ଦେବେ । ଏହା ସଫଳ ଭାବେ କାର୍ଯ୍ୟ କଲେ ଏପରି ଆଉ ୨ ଟି କଳ ବସାଇବା କାର୍ଯ୍ୟକ୍ରମ ହାତକୁ ନିଆଯିବ ।

---

## ଗଞ୍ଜାମ ଜିଲ୍ଲାରେ ଗୋତି ଶ୍ରମିକ ଥଇଥାନ

ଗତ ଫେବୃଆରୀ ଶେଷ ସୁଦ୍ଧା ଗଞ୍ଜାମ ଜିଲ୍ଲାରେ ୧,୦୫୫ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୩୩୦ ଜଣ ତଫସିଲଭୁକ୍ତ ଜାତି, ୧୩୨ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ଏ ବାବଦରେ ମୋଟ୍ ୩୫ ଲକ୍ଷ ୫୨ ହଜାର ଟଙ୍କା ବିନିଯୋଗ କରାଯାଇଛି ।

ଚଳିତ ଆର୍ଥିକ ବର୍ଷର ଫେବୃଆରୀ ଶେଷ ସୁଦ୍ଧା ଜିଲ୍ଲାରେ ୫୮ ଜଣ ତଫସିଲଭୁକ୍ତ ଜାତି ଓ ୨୯ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ମୋଟ୍ ୧୯୫ ଜଣ ଗୋତି ଶ୍ରମିକଙ୍କୁ ଥଇଥାନ କରାଯାଇଛି । ଏ ବାବଦରେ ମୋଟ୍ ୧୧ ଲକ୍ଷ ୪୫ ହଜାର ଟଙ୍କା ବିନିଯୋଗ କରାଯାଇଛି ।

ଯୋଜନା ଆରମ୍ଭରୁ ଜିଲ୍ଲାରେ ୧,୮୦୮ ଜଣ ଗୋତି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ୧,୭୭୧ ଜଣଙ୍କୁ ମୁକ୍ତ କରାଯାଇଛି । ସେମାନଙ୍କ ମଧ୍ୟରେ ୫୭୧ ଜଣ ତଫସିଲଭୁକ୍ତ ଜାତି ଓ ୨୬୬ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

---

## କଳାକାରଙ୍କୁ ଭତ୍ତା

ରାଜ୍ୟ ସରକାର ୧୯୮୧-୮୨ ଠାରୁ ଏ ପର୍ଯ୍ୟନ୍ତ ମୋଟ୍ ୩୨୨ ଜଣ ଦୁଃସ୍ଥ କଳାକାରଙ୍କୁ ଭତ୍ତା ପ୍ରଦାନ କରିଛନ୍ତି । ଏହି ଯୋଜନା ଦ୍ୱାରା କବି, ଲେଖକ, ସଲର, ମ୍ୟୁଜିସିଆନ୍ ପ୍ରଭୃତି ଦୁଃସ୍ଥ କଳାକାରମାନଙ୍କୁ ମାସିକ ୨୦୦ ଟଙ୍କା ହାରରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏପରି କଳାକାରମାନଙ୍କୁ ଭତ୍ତା ଦେବା ସକାଶେ ୧୯୮୬-୮୭ ବର୍ଷରେ ୯ ଲକ୍ଷ ଟଙ୍କା ବଜେଟ୍ ଅଟକଳ କରାଯାଇଛି । ଆଗମୀ ଆର୍ଥିକ ବର୍ଷରେ ଆଉ ଅଧିକ ୫୦ ଜଣ କଳାକାରଙ୍କୁ ଭତ୍ତା ଦେବା ନିମନ୍ତେ ସରକାର ନିଷ୍ପତ୍ତି କରିଛନ୍ତି ।

---

## କର୍ମଜୀବୀ ମହିଳା ହଷ୍ଟେଲ

ବ୍ରହ୍ମପୁର ଓ ସମ୍ବଲପୁରଠାରେ ଦୁଇଟି କର୍ମଜୀବୀ ମହିଳା ହଷ୍ଟେଲ ନିର୍ମାଣ ଲାଗି କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ଏହି ଦୁଇଟି ହଷ୍ଟେଲ ନିର୍ମାଣ ପାଇଁ ମୋଟ୍ ୨୫ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ସେଥିମଧ୍ୟରୁ ବ୍ରହ୍ମପୁର ହଷ୍ଟେଲ ପାଇଁ ୧୩ ଲକ୍ଷ ଟଙ୍କା ଏବଂ ସମ୍ବଲପୁର ହଷ୍ଟେଲ ପାଇଁ ୧୨ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହେବ । ମୋଟ୍ ଖର୍ଚ୍ଚର ଶତକଡା ୭୫ ଭାଗ କେନ୍ଦ୍ର ସରକାର ବହନ କରିବେ । ବାକୀ ଖର୍ଚ୍ଚର ଅଧିକାଂଶ ଭାଗ ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ ବିଭାଗ ବହନ କରିବେ । ପ୍ରତ୍ୟେକ ହଷ୍ଟେଲରେ ୫୦ ଜଣ ଲେଖାଏଁ କର୍ମଜୀବୀ ମହିଳା ରହିପାରିବେ ।

କର୍ମଜୀବୀ ମହିଳାଙ୍କର ରହିବାରେ ଅସୁବିଧା ହେଉଥିବା ଦୃଷ୍ଟିରୁ ଏପରି ହଷ୍ଟେଲ ନିର୍ମାଣ ଦିଗରେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି ।

## ଓଡ଼ିଶାରେ ଜୈବିକ ଶକ୍ତି କାର୍ଯ୍ୟକ୍ରମ

ଚଳିତ ଆର୍ଥିକ ବର୍ଷର ଫେବୃଆରୀ ଶେଷ ସୁଦ୍ଧା ରାଜ୍ୟ... ୩,୬୨୧ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ତିଆରି କରାଯାଇଛି । ଏହାକୁ ମିଶାଇ ରାଜ୍ୟରେ ଏ ପର୍ଯ୍ୟନ୍ତ ମୋଟ ୮,୬... ପ୍ଲାଣ୍ଟ ସ୍ଥାପିତ ହୋଇଛି । ମାର୍ଚ୍ଚ ମାସ ଶେଷ ସୁଦ୍ଧା ଅ... ୮୭୯ଟି ଗୋବର ଗ୍ୟାସ୍ ପ୍ଲାଣ୍ଟ ତିଆରି ହୋଇଯିବାର ଆ... କରାଯାଉଛି । ବର୍ତ୍ତମାନ ଢେଙ୍କାନାଳର କହ୍ନିଡଇଲା ଗ୍ରାମଠାରେ ଗୋଟିଏ ଗୋଷ୍ଠୀଶ୍ରେଣୀୟ ଗୋବର ଗ୍ୟାସ୍ ପ୍ଲାଣ୍ଟ ସନ୍ତୋଷ... ଜନକ ଭାବେ କାର୍ଯ୍ୟ କରୁଛି । ସଂପ୍ରତି କୋରାପୁଟ ଜିଲ୍ଲାରେ ମଧ୍ୟ ଗୋଟିଏ ଗୋଷ୍ଠୀଶ୍ରେଣୀୟ ଗୋବର ଗ୍ୟାସ୍ ପ୍ଲା... ତିଆରି କାର୍ଯ୍ୟ ସରିଯାଉଛି । ଏଥିରୁ ବିଦ୍ୟୁତ୍‌ଶକ୍ତି ଉତ୍ପାଦନ କରାଯାଇ ୭୦ ଗୋଟି ଆଦିବାସୀ ପରିବାରଙ୍କୁ ବିଦ୍ୟୁ... ଆଲୋକ ଯୋଗାଇ ଦେବାର କାର୍ଯ୍ୟକ୍ରମ ରହିଛି । ଏ... ବ୍ୟତୀତ ନନ୍ଦନ କାନନ, ଢେଙ୍କାନାଳ ଜିଲ୍ଲାର ବାହାଳଦ ଏ... କଟକ ଜିଲ୍ଲାର ଭୋଗରାଠାରେ ଗୋଟିଏ ଲେଖାଏଁ ଅନୁ... ଶ୍ରେଣୀୟ ଗୋବର ଗ୍ୟାସ୍ ପ୍ଲାଣ୍ଟ ତିଆରି ସରିଛି । ପୁରୀଠାରେ ମଣିଷ ମଳରୁ ଉତ୍ପାଦିତ ହେଉଥିବା ଗୋଟିଏ ଜୈବିକ ଗ୍ୟା... ପ୍ଲାଣ୍ଟ ସନ୍ତୋଷଜନକ ଭାବେ କାର୍ଯ୍ୟ କରୁଛି । ହରିଜନ ବସ୍ତି... ୬୧ଟି ପରିବାରଙ୍କୁ ଏହି ପ୍ଲାଣ୍ଟ ରୋଷେଇ ପାଇଁ ଗ୍ୟାସ୍ ଯୋଗା... ଦେଉଛି । ନର୍ଦ୍ଦମାରୁ ଗ୍ୟାସ୍ ଉତ୍ପାଦନ କରିବା ପାଇଁ ଭୁବନେଶ୍ୱରଠାରେ ଗୋଟିଏ ପ୍ଲାଣ୍ଟ ବସାଯିବାର ସ୍ଥା... କାର୍ଯ୍ୟକ୍ରମ ରହିଛି ।

---

## ଆନୁଷ୍ଠାନିକ ଋଣ

ରାଜ୍ୟରେ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଯଥା- କୃଷି ଓ ତତ୍‌ସମ୍ବନ୍ଧୀୟ କାର୍ଯ୍ୟକ୍ରମ, କ୍ଷୁଦ୍ର ଶିଳ୍ପ, କୁଟୀର ଶିଳ୍ପ... ଓ କ୍ଷୁଦ୍ର ବ୍ୟବସାୟ ପ୍ରଭୃତି ପାଇଁ ୧୯୮୫ ମସିହାରେ ୩... କୋଟି ୧୬ ଲକ୍ଷ ଟଙ୍କା ଋଣ ଯୋଗାଇ ଦେବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ତନ୍ମଧ୍ୟରୁ ଗତ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୨୭୧ କୋଟି ୧୩ ଲକ୍ଷ ଟଙ୍କା ଋଣ ଦିଆଯାଇଛି । ଏଥିରେ ଉପକୃତ ହୋଇଥିବା ଲୋକମାନଙ୍କ ସଂଖ୍ୟା ହେଉଛି ୩ଲକ୍ଷ ୨୬ ହଜାର ୯୨୯ । ଯୋଗା... ଦିଆଯାଇଥିବା ମୋଟ ଋଣ ମଧ୍ୟରୁ ଶସ୍ୟଋଣ ବାବଦରେ ୮୨ କୋଟି ୨୦ ଲକ୍ଷ ଟଙ୍କା, ମିଆଦି ଋଣପାଇଁ ୩୧ କୋଟି ... ୩୨ ଲକ୍ଷ ଟଙ୍କା, କୃଷି ସମ୍ବନ୍ଧୀୟ ଋଣ ୧୩ କୋଟି ୮୨ ଲକ୍ଷ ଟଙ୍କା, କ୍ଷୁଦ୍ର ଶିଳ୍ପ ବାବଦରେ ୯୨ କୋଟି ୪୨ ଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ବାବଦରେ ୫୧ କୋଟି ୩୨ ଲକ୍ଷ ଟଙ୍କା ଋଣ ଦିଆଯାଇଛି ।

ପ୍ରକାଶ ଥାଉ କି, ୧୯୮୪ ମସିହାରେ ୪ ଲକ୍ଷ ୬... ହଜାର ୯୫୬ ଜଣ ବ୍ୟକ୍ତିଙ୍କୁ ୩୨୫ କୋଟି ୭୪ ଲକ୍ଷ ଟଙ୍କା ଅଗ୍ରାଧିକାର ଭିତ୍ତିରେ ଆନୁଷ୍ଠାନିକ ଋଣ ଦିଆଯାଇଥିଲା ।

## ଅଧିକ ଜମିରେ ଚକବନ୍ଦୀ କାର୍ଯ୍ୟ

ରାଜ୍ୟରେ ଏପର୍ଯ୍ୟନ୍ତ ସର୍ବମୋଟ ୯ଲକ୍ଷ ୬୬ ହଜାର ହେକ୍ଟର ଜମିକୁ ଚକବନ୍ଦୀ କାର୍ଯ୍ୟକ୍ରମ ପରିସରଭୁକ୍ତ କରାଯାଇଛି । ତନ୍ମଧ୍ୟରୁ ଷଷ୍ଠ ପଞ୍ଚବାର୍ଷିକ ଯୋଜନା ପୂର୍ବରୁ ୪୬ ହଜାର ହେକ୍ଟର ଜମିରେ ଚକବନ୍ଦୀ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିବା ସ୍ଥଳେ ଷଷ୍ଠ ଯୋଜନା କାଳ ମଧ୍ୟରେ ୩ଲକ୍ଷ ୪୮ ହଜାର ହେକ୍ଟର ଜମିରେ ଚକବନ୍ଦୀ କାର୍ଯ୍ୟ ଶେଷ ହୋଇଥିଲା । ୧୯୮୫ ନଭେମ୍ବର ମାସ ସୁଦ୍ଧା ସର୍ବମୋଟ ୪ଲକ୍ଷ ୧୩ ହଜାର ୧୩୧ ହେକ୍ଟର ଜମିରେ ଚକବନ୍ଦୀ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ।

ଏଠାରେ ସ୍ମରଣ କରାଯାଇପାରେ ଯେ ଏହି କାର୍ଯ୍ୟକ୍ରମ କଟକ, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ସମ୍ବଲପୁର, ବଲାଙ୍ଗୀର ଓ ଗଞ୍ଜାମ ଜିଲ୍ଲାରେ ଚାଲୁଛି । ପୂର୍ବରୁ ଏହା ପ୍ରଥମେ ଜଳସେଚିତ ଓ ଅଣ ଜଳସେଚିତ ଅଞ୍ଚଳରେ କରାଯାଇଥିଲା । କିନ୍ତୁ ବର୍ତ୍ତମାନ ଏହା କେବଳ ଜଳସେଚିତ ଅଞ୍ଚଳରେ କରାଯାଉଛି ।

ସପ୍ତମ ଯୋଜନାରେ ପ୍ରାୟ ୬ ଲକ୍ଷ ହେକ୍ଟର ଜମିରେ ଚକବନ୍ଦୀ କାର୍ଯ୍ୟ ସଂପୂର୍ଣ୍ଣ କରିବାପାଇଁ ପ୍ରସ୍ତାବ ରହିଛି ଏବଂ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ଏକଲକ୍ଷ ୩୧ ହଜାର ହେକ୍ଟର ଜମିରେ ଚକବନ୍ଦୀ କାର୍ଯ୍ୟ ସଂପୂର୍ଣ୍ଣ କରାଯିବା ପାଇଁ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

---

## ଶ୍ରମ ଅଭିଯୋଗ ଫଇସଲା

୧୯୮୫ ମସିହାରେ ଶ୍ରମ ସଂକ୍ରାନ୍ତୀୟ ୨,୬୦୭ଟି ବିଭିନ୍ନ ଅଭିଯୋଗ ଫଇସଲା କରାଯାଇଛି । ଫଇସଲା କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ୧,୪୫୩ଟି ମଜୁରୀ ଓ ଭତ୍ତା ସମ୍ବନ୍ଧୀୟ, ୪୨ଟି ବୋନସ୍ ସମ୍ବନ୍ଧୀୟ, ୫୪ଟି ଛୁଟି ଓ କର୍ମ ସମ୍ବନ୍ଧୀୟ, ୩୩୮ଟି ଛଟେଇ ସମ୍ବନ୍ଧୀୟ, ୧୯୦ଟି ବ୍ୟକ୍ତିଗତ ବିଷୟ ସମ୍ବନ୍ଧୀୟ ଏବଂ ୫୩୦ଟି ଅନ୍ୟାନ୍ୟ ବିଷୟରେ ଥିଲା ।

---

## ଜଳମୁଦ ପାଇଖାନା ନିର୍ମାଣ

ବର୍ତ୍ତମାନ ପ୍ରତ୍ୟେକ ସହରାଂଚଳରେ ଶୁଷ୍କ ପାଇଖାନାଗୁଡ଼ିକୁ ଜଳମୁଦ ପାଇଖାନାରେ ପରିବର୍ତ୍ତନ କରିବାପାଇଁ ସରକାର ନୀତିଗତ ଭାବରେ ସ୍ଥିର କରିଛନ୍ତି । ଏହି ଯୋଜନା ପାଇଁ 'ହୁଡ୍‌କୋ' ସଂସ୍ଥା ଖର୍ଚ୍ଚ ଅଟକଳର ଶତକଡ଼ା ୫୦ଭାଗ ଋଣ ଆକାରରେ ଦେବାପାଇଁ ରାଜି ହୋଇଛନ୍ତି । ଅବଶିଷ୍ଟ ଅର୍ଥ ସରକାର, ସଂପୃକ୍ତ ପୌର ପରିଷଦ ଏବଂ ଆବଶ୍ୟକସ୍ଥଳେ ହିତାଧିକାରୀମାନେ ବହନ କରିବେ । ଏ ପର୍ଯ୍ୟନ୍ତ ବାଲେଶ୍ୱର ଓ ପାରଳାଖେମୁଣ୍ଡି ପୌର ପରିଷଦ ଏହି ଋଣପାଇଁ 'ହୁଡ୍‌କୋ'ଙ୍କୁ ଦରଖାସ୍ତ ଦେଇଛନ୍ତି । ଏ ଋଣ ମଂଜୁର ହେଲେ ସରକାର ମଧ୍ୟ ଏହି ପୌର ସଂସ୍ଥା ଦୁଇଟିକୁ ଚଳିତ ଆର୍ଥିକ ବର୍ଷରେ ପାଂଚଲକ୍ଷ ଟଙ୍କା ଅନୁଦାନ ଦେବେବୋଲି ସ୍ଥିର କରିଛନ୍ତି ।

ଏହା ମଧ୍ୟରେ 'ହୁଡ୍‌କୋ'ର ଜଣେ ଅଫିସର ଆସି ୨୫ଟି ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କ ସହିତ ଏ ବିଷୟରେ ବିଶଦ ଭାବରେ ଆଲୋଚନା କରିଥିଲେ । ପୂର୍ବରୁ ୯ଟି ସହରରେ ସର୍ଭେ କରାଯାଇ ସାତଲକ୍ଷ ଟଂକାରେ ୭୦ଟି ପ୍ରଦର୍ଶନଯୋଗ୍ୟ ଜଳମୁଦ ପାଇଖାନା ତିଆରି କରାଯାଇଥିଲା ।

## ପ୍ରୌଢ଼-ଶିକ୍ଷା କେନ୍ଦ୍ର

୧୯୮୬-୮୭ ବର୍ଷରେ ପୌଢ଼ଶିକ୍ଷାର ପ୍ରସାର ନିମନ୍ତେ ଆହୁରି ଅଧିକ ୮୦୦ଟି କେନ୍ଦ୍ର ଖୋଲାଯିବାକୁ ସ୍ଥିର ହୋଇଛି । ବର୍ତ୍ତମାନ ଚାଲୁଥିବା ୧,୦୦୦ଟି କେନ୍ଦ୍ର ସହିତ ଏହି ନୂଆ କେନ୍ଦ୍ରଗୁଡ଼ିକୁ ୬ଟି ପ୍ରକଳ୍ପରେ ପୁନର୍ଗଠନ କରାଯିବାର ପ୍ରସ୍ତାବ କରାଯାଇଛି ।

ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କେନ୍ଦ୍ର ବ୍ୟତୀତ କେନ୍ଦ୍ରୀୟ ସହାୟତାରେ ୧୯ଟି ଗ୍ରାମ୍ୟ ସାକ୍ଷରତା ପ୍ରକଳ୍ପ ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ପ୍ରତ୍ୟେକ ପ୍ରକଳ୍ପ ଅଧୀନରେ ୩୦୦ଟି କେନ୍ଦ୍ର, ଏପରି ମୋଟ୍ ୫,୭୦୦ଟି କେନ୍ଦ୍ର କାର୍ଯ୍ୟ କରୁଛି । ଏହା ବ୍ୟତୀତ କେନ୍ଦ୍ରୀୟ ସହାୟତାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ପୌଢ଼ଶିକ୍ଷା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଛନ୍ତି ।

୧୯୮୪-୮୫ ବର୍ଷରେ ଏହି କାର୍ଯ୍ୟକ୍ରମ ଜରିଆରେ ୨ ଲକ୍ଷ ପ୍ରୌଢ଼ଙ୍କୁ ସାକ୍ଷର କରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ସେହି ସମୟରେ ୨ ଲକ୍ଷ ୩୦ ହଜାର ପ୍ରୌଢ଼ଙ୍କୁ ସାକ୍ଷର କରାଯାଇ ପାରିଛି । ସେହିପରି ୧୯୮୫-୮୬ ବର୍ଷରେ ୨ ଲକ୍ଷ ୨୫ ହଜାର ଲକ୍ଷ୍ୟ ରଖାଯାଇଛି । ଏହି ସମୟ ଶେଷସୁଦ୍ଧା ଲକ୍ଷ୍ୟଠାରୁ ଅଧିକ ସାକ୍ଷର ହୋଇପାରିବେବୋଲି ଜଣାଯାଇଛି ।

---

## ଠିକା ଶ୍ରମିକ ଓ ବୋନସ୍ ଆଇନ

ଠିକା ଶ୍ରମିକ ଅଧିନିୟମ ଅନୁଯାୟୀ ରାଜ୍ୟର ୩୧୯ ଜଣ ମୁଖ୍ୟ ନିଯୁକ୍ତିକାରୀଙ୍କୁ ରେଜିଷ୍ଟ୍ରୀଭୁକ୍ତ କରାଯାଇଛି ଏବଂ ୩,୧୯୮ ଜଣ ଠିକାଦାରଙ୍କୁ ଲାଇସେନ୍ସ ଦିଆଯାଇଛି । ଗତ ଡିସେମ୍ବର ମାସ ଶେଷସୁଦ୍ଧା ନିରୀକ୍ଷକମାନଙ୍କ ଦ୍ୱାରା ୧,୦୫୯ଟି ମାମଲା ନିରୀକ୍ଷଣ କରାଯାଇଥିଲା । ସେଥିମଧ୍ୟରୁ ଆଇନ ଲଂଘନ କରିଥିବା ବ୍ୟକ୍ତି କିମ୍ବା ପ୍ରତିଷ୍ଠାନ ବିରୁଦ୍ଧରେ ୧୦୩ଟି ମକଦ୍ଦମା କରାଯାଇଛି ।

ସେହିପରି ୧୯୮୫ ମସିହାରେ ରାଜ୍ୟର ୧,୮୨୧ଟି ପ୍ରତିଷ୍ଠାନକୁ ୧୯୮୫ ମସିହା ବୋନସ୍ ପ୍ରଦାନ ଅଧିନିୟମରେ ଅନ୍ତର୍ଭୁକ୍ତ କରାଯାଇଛି । କ୍ଷେତ୍ର ଅଧିକାରୀମାନେ ପ୍ରତିବର୍ଷ ୯୨୭ଟି ମାମଲା ନିରୀକ୍ଷଣକରି ବୋନସ୍‌ଦେବା ଖିଲାପକାରୀଙ୍କ ବିରୁଦ୍ଧରେ ୧୨ଟି ମକଦ୍ଦମା ରୁଜୁ କରିଛନ୍ତି ।

## ଆଇ. ଆର୍. ଡ଼ି. ପି. କାର୍ଯ୍ୟକ୍ରମ

କୋରାପୁଟ ଜିଲ୍ଲା ଗ୍ରାମାଂଚଳ ଉନ୍ନୟନ ସଂସ୍ଥା ତରଫରୁ ଦରିଦ୍ର ଲୋକମାନଙ୍କୁ ବିଭିନ୍ନ ଅର୍ଥନୈତିକ ଯୋଜନାରେ ସହାୟତା କରାଯାଉଛି । ଚଳିତ ଆର୍ଥିକ ବର୍ଷରେ ଆଇ. ଆର. ଡ଼ି. ପି. କାର୍ଯ୍ୟକ୍ରମରେ ଗତ ଫେବୃୟାରୀମାସ ଶେଷସୁଦ୍ଧା ୯ ହଜାର ୪୨୭ଜଣ ବ୍ୟକ୍ତିଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଛି । ଏହି ସାହାଯ୍ୟ କୃଷି, କ୍ଷୁଦ୍ର ଜଳସେଚନ, ପଶୁପାଳନ, ମାଛଚାଷ ଓ ଅନ୍ୟାନ୍ୟ ଉତ୍ପାଦନଭିତ୍ତିକ କାର୍ଯ୍ୟକ୍ରମମାନଙ୍କରେ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଉଛି । ଉପକୃତ ବ୍ୟକ୍ତିଙ୍କ ମଧ୍ୟରେ ୧,୮୪୨ଜଣ ହରିଜନ ଓ ୫,୪୯୩ଜଣ ଆଦିବାସୀ ଅନ୍ତର୍ଭୁକ୍ତ ।

---

## ସରକାରୀ ପତିତଜମି ଯୋଗାଣ

ରାଜ୍ୟସରକାର ଭୂମିହୀନ ଲୋକଙ୍କୁ କୃଷି ନିମନ୍ତେ ସରକାରୀ ପତିତଜମି ଯୋଗାଇ ଦେବାପାଇଁ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାଠାରୁ ଅର୍ଥାତ୍ ୧୯୭୪-୭୫ରୁ ଅଦ୍ୟାବଧି ୩ଲକ୍ଷ ୯୦ ହଜାର ୪୧୧ଟି ଭୂମିହୀନ ପରିବାରଙ୍କୁ ୬ଲକ୍ଷ ୪୫ ହଜାର ୧୧୨ ଏକର ଜମି ଚାଷପାଇଁ ଯୋଗାଇ ଦିଆଯାଇଛି । ସେଥିମଧ୍ୟରୁ ୧ ଲକ୍ଷ ୯୦ ହଜାର ୯୬୦ଟି ଆଦିବାସୀ ପରିବାରଙ୍କୁ ୩ଲକ୍ଷ ୪୧ ହଜାର ୦୬୦ ଏକର ଓ ୮୪,୬୫୩ଟି ହରିଜନ ପରିବାରଙ୍କୁ ୧ ଲକ୍ଷ ୫୫ ହଜାର ୬୯୪ ଏକର ଚାଷଜମି ଯୋଗାଇ ଦିଆଯାଇଛି ।

ଚଳିତବର୍ଷ ୨,୫୬୩ଟି ଭୂମିହୀନ ପରିବାରଙ୍କୁ ଏହି କାର୍ଯ୍ୟକ୍ରମରେ ୩,୦୩୧ ଏକର ଚାଷଜମି ବଣ୍ଟନ କରାଯାଇଛି । ତନ୍ମଧ୍ୟରୁ ୮୩୯ଟି ଆଦିବାସୀ ପରିବାରଙ୍କୁ ୮୩୬ ଏକର ଓ ୬୧୯ଟି ହରିଜନ ପରିବାରଙ୍କୁ ୬୪୪ ଏକର ଦିଆଯାଇଛି ।

ଏଠାରେ ଉଲ୍ଲେଖନୀୟ ଯେ, ୧୯୭୪-୭୫ରୁ ରାଜ୍ୟ ସରକାର ଭୂମିହୀନ-ଲୋକଙ୍କୁ କୃଷି ନିମନ୍ତେ ସରକାରୀ ପତିତଜମି ଯୋଗାଇ ଦେଉଛନ୍ତି । ନିୟମାନୁଯାୟୀ ଜଣେ ଏକାନ୍ନବର୍ତ୍ତୀ ଭୂମିହୀନ ଲୋକ, ଯାହାର କି ଭାଗ କିମ୍ବା ରୟତି ଜମିକୁ ମିଶାଇ ଏକଷ୍ଟାଣ୍ଡାର୍ଡ ଏକରରୁ କମ୍ ଜମି ଥିବ ଏବଂ ଚାଷ ବ୍ୟତୀତ ଅନ୍ୟ କୌଣସି ଲାଭଜନକ ଧନ୍ଦା ନଥିବ, ତାହାର ଏକ ଷ୍ଟାଣ୍ଡାର୍ଡ ଏକରରୁ ଯେତିକି କମ୍ ଥିବ, ସେତିକି ଚାଷଜମି ବିନା ସଲାମୀରେ ତାଙ୍କୁ ଯୋଗାଇ ଦିଆଯିବ ।

---

## ବଣ୍ଡା ଆଦିବାସୀଙ୍କ ଶିକ୍ଷା ବ୍ୟବସ୍ଥା

କୋରାପୁଟଜିଲ୍ଲାର ମୁଦୁଲିପଡ଼ାଠାରେ ଥିବା ବଣ୍ଡା ଉନ୍ନୟନ ସଂସ୍ଥା ଅଧୀନରେ ଥିବା ଆଶ୍ରମ ସ୍କୁଲର ଉନ୍ନତି ନିମନ୍ତେ କେନ୍ଦ୍ର ସରକାର ୧୦ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହା ପୂର୍ବରୁ ୭ଟି ଆଦିମ ଆଦିବାସୀ ସ୍କୁଲର ଉନ୍ନତି ପାଇଁ କେନ୍ଦ୍ର ସରକାର ୫୧ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ । ଆଦିମ ଅଧିବାସୀଙ୍କ ଶିକ୍ଷାର ଉନ୍ନତି ପାଇଁ ୮ଟି ଶିକ୍ଷା କମ୍ପ୍ଲେକ୍ସ ନିମନ୍ତେ ମୋଟ ୬୧ ଲକ୍ଷ ଟଙ୍କା ସାହାଯ୍ୟ ମିଳିଛି ।

ଏହି ଯୋଜନାର ଉଦ୍ଦେଶ୍ୟ ହେଲା ଆଦିମ ଆଦିବାସୀ ପିଲାଙ୍କପାଇଁ ୮ଟି ସ୍କୁଲକୁ ଆବାସିକ କରାଯାଇ ପିଲାମାନଙ୍କୁ ସ୍କୁଲରେ ରଖି ଶିକ୍ଷା ଦିଆଯିବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭିଭାବକମାନଙ୍କୁ ବିଭିନ୍ନ ଦଳରେ ସ୍କୁଲକୁ ଅଣାଯାଇ ଶିକ୍ଷା ଦିଆଯିବ । ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଅର୍ଥନୈତିକ ଯୋଜନା ସଂପର୍କରେ ଅଭିଭାବକମାନଙ୍କୁ ଶିକ୍ଷା ଦିଆଯିବ, ଯାହାଦ୍ୱାରା ସେମାନେ ସେସବୁ ବିଷୟରେ ଜାଣିପାରିବେ । ସେମାନଙ୍କୁ ପାରମ୍ପାରିକ ସାମାଜିକ ପର୍ବ ପର୍ବାଣିରେ ଅଯଥା ଖର୍ଚ୍ଚ କରିବା, ମଦ୍ୟପାନରୁ ନିବୃତ୍ତ ହେବା, ପୋଡୁଚାଷ ବନ୍ଦ କରିବାକୁ ପ୍ରବର୍ତ୍ତାଯିବ । ସେମାନଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ଯେଉଁ ସବୁ ଯୋଜନା କରୁଛନ୍ତି, ସେ ସଂପର୍କରେ ସେମାନଙ୍କୁ ଏହି ଶିକ୍ଷା ମାଧ୍ୟମରେ ସଚେତନ କରାଇ ଦିଆଯିବ । ଏହା ଫଳରେ ସେମାନେ ଶୋଷଣରୁ ରକ୍ଷା ପାଇବେ । ଏହାଛଡ଼ା ସେମାନଙ୍କୁ ସାଧାରଣ (ପ୍ରୌଢ଼) ଶିକ୍ଷା ମଧ୍ୟ ଦିଆଯିବ । ଏହା ଫଳରେ ସେମାନେ ସେମାନଙ୍କର ପିଲାମାନଙ୍କୁ ପାଠପଢ଼ାରେ ଉତ୍ସାହ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ପାଠପଢ଼ା ଛାଡ଼ି ଯାଉଥିବା ପିଲାଙ୍କ ସଂଖ୍ୟା ନିଶ୍ଚିତ ଭାବେ କମିଯିବ ।

---

## ଭାରତୀୟ ନୃତତ୍ତ୍ୱ ସର୍ଭେ ସଂସ୍ଥା

ଭାରତୀୟ ନୃତତ୍ତ୍ୱ ସର୍ଭେ ସଂସ୍ଥା ପକ୍ଷରୁ ସମଗ୍ର ଦେଶରେ ଭାରତୀୟ ବିଭିନ୍ନ ସମ୍ପ୍ରଦାୟର ଲୋକଙ୍କ ଉପରେ ସର୍ଭେ କରାଯିବ । ଏହା ଆଦିବାସୀ ଓ ହରିଜନଙ୍କ ସମେତ ସମସ୍ତ ସମ୍ପ୍ରଦାୟ ଉପରେ କରାଯିବ । ଏଥିନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଓଡ଼ିଶାରେ ଏହି ସର୍ଭେକାର୍ଯ୍ୟ କିପରି କରାଯିବ, ସେ ସଂପର୍କରେ ଆଲୋଚନା କରିବା ପାଇଁ କେନ୍ଦ୍ର ନୃତତ୍ତ୍ୱ ସର୍ଭେର ଡ଼ାଇରେକ୍ଟର ଜେନେରାଲ ଡ଼କ୍ଟର କୁମାର ସୁରେଶ ସିଂହ ସଂପ୍ରତି ଓଡ଼ିଶା ପରିଦର୍ଶନରେ ଆସି ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଡ଼କ୍ଟର ସୀତାକାନ୍ତ ମହାପାତ୍ର ଏବଂ ହରିଜନ ଗବେଷଣା ତଥା ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କ ସଙ୍ଗେ ଆଲୋଚନା କରି ଫେରିଯାଇଛନ୍ତି ।

---

## ଗ୍ରାମପଞ୍ଚାୟତଗୁଡ଼ିକୁ ଆର୍ଥିକ ସାହାଯ୍ୟ

ରାଜ୍ୟରେ ଥିବା ମୋଟ ୪,୩୮୮ଟି ଗ୍ରାମପଞ୍ଚାୟତକୁ ବିଭିନ୍ନ କାର୍ଯ୍ୟ ଲାଗି ୧୯୮୫-୮୬ ମସିହା ଆର୍ଥିକ ବର୍ଷରେ କେନ୍ଦ୍ର ୮୫ ଲକ୍ଷ ୩୯ ହଜାର ଟଙ୍କା ଦିଆଯାଇଛି । କେନ୍ଦ୍ରୀ...

[illegible]ରେ ପଞ୍ଚାୟତ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ୬୦ ଲକ୍ଷ [illegible] ହଜାର ଟଙ୍କା, ପାନୀୟ ଜଳ ଯୋଗାଉ ଥିବା କୂଅଗୁଡିକର [illegible]ରକ୍ଷଣାବେକ୍ଷଣ ପାଇଁ ୯ ଲକ୍ଷ ୫୨ ହଜାର ଟଙ୍କା, ପଞ୍ଚାୟତ [illegible] ନିର୍ମାଣ ଲାଗି ୩ ଲକ୍ଷ ୭୫ ହଜାର ଟଙ୍କା, କର୍ମଚାରୀଙ୍କ [illegible]ଜମା ସବ୍‌ସିଡି ବାବଦକୁ ୧୧ ଲକ୍ଷ ୯ ହଜାର ଟଙ୍କା ଓ [illegible]ଜନକ ଯୋଜନାଗୁଡିକ ପାଇଁ ୬୦ ହଜାର ଟଙ୍କା ଅନ୍ତର୍ଭୁକ୍ତ । [illegible]ମାନଙ୍କୁ ମାଛ ଚାଷ ଓ ହାଟଗୁଡିକରେ ସ୍ଥାୟୀ ଘରିଆ ଇତ୍ୟାଦି [illegible]ଜନକ ଯୋଜନାଗୁଡିକ ପାଇଁ ଋଣ ମଧ୍ୟ ଯୋଗାଇ [illegible]ଦିଆଯାଉଥାଏ । ପ୍ରତିବର୍ଷ ଭଳି ଏ ବର୍ଷ ଉଲ୍ଲେଖନୀୟ କାର୍ଯ୍ୟ [illegible]ପାଇଁ ସର୍ବୋତ୍କୃଷ୍ଟ ଗ୍ରାମପଞ୍ଚାୟତକୁ ପୁରସ୍କାର ଦେବାର [illegible]ମାନଙ୍କୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି ।

---

## ଗ୍ରାମଗୁଡ଼ିକ ପାଇଁ ସବୁଦିନିଆ ରାସ୍ତା

ଗତ ଷଷ୍ଠ ଯୋଜନା ଶେଷସୁଦ୍ଧା ପୂର୍ତ୍ତ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ରାସ୍ତା ଉନ୍ନୟନ ଯୋଜନା (ଆର: ଡି: ପି: ) ଓ ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ (ଏମ: ଏନ: ପି:) ଅନୁଯାୟୀ ସମୁଦାୟ ୨୬୨୭ କିଲୋମିଟର ଦୈର୍ଘ୍ୟ ରାସ୍ତାର [illegible] କରାଯାଇଛି । ଫଳରେ ୧୫୦୦ ଓ ତଦୂର୍ଦ୍ଧ୍ୱ ଲୋକ ସଂଖ୍ୟାବିଶିଷ୍ଟ ୧୯୮୫ ଟି ବଡ଼ଗ୍ରାମ, ୧୦୦୦ ରୁ ୧୫୦୦ ପର୍ଯ୍ୟନ୍ତ ଲୋକସଂଖ୍ୟାବିଶିଷ୍ଟ ୧୮୦୨ଟି ଗ୍ରାମ ଏବଂ ୧୦୦୦ ରୁ କମ୍ ଲୋକସଂଖ୍ୟାବିଶିଷ୍ଟ ୪୬୧୬ଟି ଗ୍ରାମ ଏହିପରି ସର୍ବମୋଟ [illegible]ଟି ଗ୍ରାମକୁ ସବୁଦିନିଆ ରାସ୍ତା ଯୋଗାଯୋଗର ସୁବିଧା ଯୋଗାଇ ଦିଆଯାଇଛି । ଏହା ବ୍ୟତୀତ ଆର: ଡି: ପି:ରେ [illegible]ଟି ଏବଂ ଏମ: ଏନ: ପି: ରେ ୪୧ଟି, ଏହିପରି ସମୁଦାୟ [illegible]ଟି ସେତୁର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି । ସେହିପରି ଆର: ଡି: ପି: ଅନୁଯାୟୀ ୩୨ ଟି କଲଭର୍ଟ ଓ ୩ଟି [illegible]ର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ [illegible] କିଲୋମିଟର ରାସ୍ତା ମେଟାଲିଂ କରାଯାଇଛି ଏବଂ [illegible] କିଲୋମିଟର ରାସ୍ତା ପିଚୁ କରାଯାଇଛି । ଏଠାରେ ଉଲ୍ଲେଖନୀୟ ଯେ ସେହି ସମୟ ମଧ୍ୟରେ ସବୁଦିନିଆ ରାସ୍ତା ନିର୍ମାଣ କରି ଭବାନୀପାଟଣା ଜିଲ୍ଲା ସଦର ମହକୁମା ସହିତ [illegible] ସବ୍‌ଡିଭିଜନ ସଦର ମହକୁମାକୁ ଏବଂ ୨ଟି ବ୍ଲକ୍ [illegible] ମହକୁମାକୁ ସଂପୃକ୍ତ ସବ୍‌ଡିଭିଜନ ସଦର ମହକୁମା-ଗୁଡ଼ିକ ସହିତ ସଂଯୋଗ କରାଯାଇ ପାରିଛି ।

ରାଜ୍ୟରେ ରାସ୍ତା ଯୋଗାଯୋଗର ଉନ୍ନତି କରିବା, [illegible] ରାସ୍ତା ଓ ସେତୁ ଇତ୍ୟାଦି ନିର୍ମାଣ କରିବା ବାବଦରେ [illegible] ଯୋଜନାକାଳ ମଧ୍ୟରେ ଉକ୍ତ ୨ଟି କାର୍ଯ୍ୟକ୍ରମ ଅନୁଯାୟୀ ସର୍ବମୋଟ ୬୬ କୋଟି ୯୮ ଲକ୍ଷ ୭୮ ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା ।

---

## ବାସଗୃହ ନିର୍ମାଣ

ରାଜ୍ୟର ଗୃହହୀନ, ଭୂମିହୀନ ଶ୍ରମିକମାନଙ୍କୁ ବାସଗୃହ ଯୋଗାଇଦେବା ଲାଗି କାର୍ଯ୍ୟକାରୀ ହେଉଥିବା ସମନ୍ୱିତ ଗୃହ ନିର୍ମାଣ ଯୋଜନାନୁଯାୟୀ ସପ୍ତମ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ୩୩,୩୩୩ଟି ଗୃହ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏଥିପାଇଁ ପାଞ୍ଚକୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ତଦନୁଯାୟୀ ପ୍ରଥମବର୍ଷ (୧୯୮୫-୮୬)ରେ ଏକକୋଟି ଟଙ୍କା ବ୍ୟୟରେ ୬,୬୬୭ଟି ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ଏବଂ ଫେବୃଆରୀ ମାସ ଶେଷ ସୁଦ୍ଧା ୬,୧୦୯ଟି ଗୃହର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି । ଆସନ୍ତା ଆର୍ଥିକ ବର୍ଷରେ ଏକକୋଟି ଟଙ୍କା ବ୍ୟୟ କରାଯାଇ ଅଧିକ ୬,୬୬୭ଟି ବାସଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଗତ ଷଷ୍ଠ ଯୋଜନା ଶେଷସୁଦ୍ଧା ୩ କୋଟି ୯୨ ଲକ୍ଷ ୯୬ ହଜାର ଟଙ୍କା ବ୍ୟୟ କରାଯାଇ ସମୁଦାୟ ୨୯,୧୩୦ଟି ବାସଗୃହ ନିର୍ମାଣ କରାଯାଇଛି ଏବଂ ଗୃହହୀନ ଶ୍ରମିକମାନଙ୍କୁ ଯୋଗାଇ ଦିଆଯାଇଛି ।

ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଏହି ଯୋଜନା ୧୯୭୪-୭୫ ଠାରୁ ରାଜ୍ୟର ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେଉଛି । ୨୨୧ ବର୍ଗଫୁଟ ମେଢ଼ିଆ ବିଶିଷ୍ଟ ପ୍ରତ୍ୟେକ ଗୃହରେ ବସବାସ ପାଇଁ ଥିବା ସ୍ଥାନର ମୋଟ ଆୟତନ ହେଉଛି ୧୦୪ ବର୍ଗଫୁଟ । ପ୍ରତ୍ୟେକ ଗୃହର ନିର୍ମାଣ ବାବଦରେ ବ୍ୟୟ ଅଟକଳ ହୋଇଥିବା ୨ ହଜାର ଟଙ୍କା ମଧ୍ୟରୁ ସରକାର ସାହାଯ୍ୟ ଦିଅନ୍ତି ୧୫୦୦ ଟଙ୍କା ଏବଂ ସଂପୃକ୍ତ ଉପକୃତ ବ୍ୟକ୍ତିଙ୍କୁ ଶ୍ରମ ଆକାରରେ ୫୦୦ ଟଙ୍କା ଦେବାକୁ ପଡିଥାଏ ।

---

## ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ପାଇଁ ଋଣ

ଗ୍ରାମାଞ୍ଚଳରେ ଅଗ୍ନି ନିରୋଧକ ଛାତ ବାସଗୃହ ନିର୍ମାଣ କରିବାକୁ ୧୯୫୮ ମସିହାଠାରୁ କାର୍ଯ୍ୟକାରୀ ହେଉଥିବା 'ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନା' ଅନୁଯାୟୀ ଗତ ଷଷ୍ଠ ଯୋଜନା ଶେଷସୁଦ୍ଧା ସମୁଦାୟ ୧୦,୨୯୩ଟି ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି । ଏ ବାବଦରେ ସଂପୃକ୍ତ ବ୍ୟକ୍ତି-ମାନଙ୍କୁ ସର୍ବମୋଟ ୫ କୋଟି ୫୩ ଲକ୍ଷ ୧୩ ହଜାର ଟଙ୍କା ଋଣ ଆକାରରେ ସାହାଯ୍ୟ ଦିଆଯାଇଥିଲା ।

ଚଳିତ ଆର୍ଥିକ ବର୍ଷରେ ୨୦୦ଟି ଗୃହ ନିର୍ମାଣ କରିବା ଲାଗି ୧୦ ଲକ୍ଷ ଟଙ୍କା ଋଣ ଯୋଗାଇ ଦିଆଯାଇଛି ଏବଂ ଆସନ୍ତା ଆର୍ଥିକ ବର୍ଷରେ ମଧ୍ୟ ଅଧିକ ୨୦୦ଟି ଗୃହ ନିର୍ମାଣ ଲାଗି ୧୦ ଲକ୍ଷ ଟଙ୍କା ଋଣ ଦେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

ଏହି ଯୋଜନାନୁଯାୟୀ ଉତ୍ସାହୀ ବ୍ୟକ୍ତିଙ୍କୁ ବ୍ଲକ ମାଧ୍ୟମରେ ଗୃହ ନିର୍ମାଣ ପାଇଁ ସର୍ବାଧିକ ୫ ହଜାର ଟଙ୍କା ଋଣ ଯୋଗାଇ ଦିଆଯାଏ ଏବଂ ଶତକଡ଼ା ୯.୭୫ ଭାଗ ସୁଧ ହାରରେ ୨୦ ବର୍ଷରେ ଋଣ ପରିଶୋଧ କରିବାକୁ ପଡିଥାଏ । ପ୍ରତ୍ୟେକ ଗୃହର ଆୟତନ ୨୧୩ ବର୍ଗଫୁଟ ।

## ଆଦିବାସୀ ଉପ-ଯୋଜନାରେ ମାଛଚାଷ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ଆଦିବାସୀ ଉପ-ଯୋଜନା ମାଧ୍ୟମରେ ମାଛଚାଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଚଳିତବର୍ଷ ଏଥିପାଇଁ ୩ ଲକ୍ଷ ୭୫ ହଜାର ଟଙ୍କା ମଞ୍ଜୁର କରାଯାଇ ମାଛଚାଷ ପାଇଁ ୨୫ଟି ନୂତନ ପୋଖରୀ ଖୋଳାଯିବା ସଙ୍ଗେ ସଙ୍ଗେ ୨୦ଟି ପୁରାତନ ପୋଖରୀର ପୁନରୁଦ୍ଧାର କରାଯାଉଛି । ଗତବର୍ଷ ଏହି କାର୍ଯ୍ୟକ୍ରମ ପାଇଁ କେନ୍ଦ୍ର ସରକାର ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ ଏବଂ ଏଥିରେ ୫୦ଟି ନୂତନ ପୋଖରୀ ଖୋଳାଯାଇଥିଲା ଓ ୪୦ଟି ପୁରାତନ ପୋଖରୀର ପୁନରୁଦ୍ଧାର କରାଯାଇଥିଲା । ସେହିବର୍ଷ ୯୦ ଜଣ ଆଦିବାସୀ ଉପଭୋକ୍ତା ଉପକୃତ ହୋଇଥିଲେ ।

---

## ମତ୍ସ୍ୟ ଉତ୍ପାଦନ କ୍ଷେତ୍ରରେ ପଦକ୍ଷେପ

ଓଡ଼ିଶାକୁ ମତ୍ସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ କରିବାକୁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଏଥିନିମନ୍ତେ ବିଭିନ୍ନ ଜିଲ୍ଲାର ମତ୍ସ୍ୟ ଉନ୍ନୟନ ସଂସ୍ଥା ଗଠନ କରାଯିବା ସଙ୍ଗେ ସଙ୍ଗେ ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା, ଗ୍ରାମ୍ୟ ଦରିଦ୍ରତମ ପରିବାରଙ୍କ ଅର୍ଥନୈତିକ ଉତ୍ଥାନ ଯୋଜନା, ଆନ୍ତର୍ଦେଶୀୟ ପାରମ୍ପରିକ ମତ୍ସ୍ୟଜୀବୀ ଓ ମତ୍ସ୍ୟଚାଷୀଙ୍କ ଦ୍ୱାରା ବିଭିନ୍ନ ମତ୍ସ୍ୟଚାଷ ଯୋଜନା ମାଧ୍ୟମରେ କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଉଛି । ଏଥିରେ ବୈଷୟିକ ସହାୟତା ଦିଆଯିବା ସଙ୍ଗେ ସଙ୍ଗେ ଆର୍ଥିକ କ୍ଷେତ୍ରରେ ରିହାତିର ବ୍ୟବସ୍ଥା ମଧ୍ୟ କରାଯାଉଛି । ସେହିପରି ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନକୁ ତ୍ୱରାନ୍ୱିତ କରିବାପାଇଁ ସରକାର ବେସରକାରୀ ଉଦ୍ୟମରେ ଗଭୀର ସମୁଦ୍ରରୁ ମାଛ ଧରିବା ପାଇଁ ବ୍ୟବସ୍ଥା କରିଛନ୍ତି । ସମୁଦ୍ର ତଟ ଅବତରଣ ଉପଯୋଗୀ ନୌକା (ବିଚ୍‌ଲ୍ୟାଣ୍ଡ କ୍ରାଫ୍ଟ) ସାହାଯ୍ୟରେ ପାରଂପରିକ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କ ପାଇଁ ସମୁଦ୍ରରୁ ଅଧିକ ପରିମାଣରେ ମାଛ ଧରିବା ପାଇଁ ପରିକଳ୍ପନା କରାଯାଉଛି । ଏତଦ୍‌ବ୍ୟତୀତ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ଖାରାପାଣି ମତ୍ସ୍ୟଉତ୍ପାଦନର ବିକାଶ ନମନ୍ତେ ବ୍ୟାଙ୍କ ଋଣଯୋଗ୍ୟ ପରିକଳ୍ପନାମାନ ପ୍ରସ୍ତୁତ କରାଯାଇ ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରାଯାଉଛି ।

---

## ଦୁଗ୍ଧ ଉତ୍ପାଦନ ବୃଦ୍ଧି

ସପ୍ତମ ଯୋଜନାରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଏକଲକ୍ଷ ମେଟ୍ରିକ୍ ଟନ୍ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଏଠାରେ ଉଲ୍ଲେଖନୀୟ ଯେ ଷଷ୍ଠ ପଞ୍ଚବାର୍ଷିକ ଯୋଜନାରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇଁ ୧୫ କୋଟି ୪୫ ଲକ୍ଷ ୫୭ ହଜାର ଟଙ୍କା ବ୍ୟୟ କରାଯାଇଛି । ଗୋ-ପ୍ରଜନନ ଫାର୍ମ, କୃତ୍ରିମ ପ୍ରଜନନ ପ୍ରଣାଳୀ ଓ ହିମୀକୃତ ଶୁକ୍ର ଦ୍ୱାରା ସଙ୍କର ଜାତୀୟ ବିଭିନ୍ନ ଦଣ୍ଡ ଉତ୍ପାଦନ କାର୍ଯ୍ୟକ୍ରମରେ ଏହି ଅର୍ଥ ବ୍ୟୟ କରାଯାଇ ୮୪ ହଜାର ମେଟ୍ରିକ୍ ଟନ୍ ଦୁଗ୍ଧ ଉତ୍ପାଦନ କରାଯାଇ ପାରିଛି ।

## ଅଂଶୁପା ହ୍ରଦରେ ମାଛଚାଷ

କଟକ ଜିଲ୍ଲାର ଅଂଶୁପା ହ୍ରଦରେ ମାଛଚାଷ କରିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଗତ ମସିହା ମେ ମାସରେ ଏଥିପାଇଁ ଅଂଶୁପା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ଗଠନ କରାଯାଇଛି । ଏହାର ୧୮୦ ଜଣ ସଭ୍ୟଙ୍କ ମଧ୍ୟରୁ ୬୪ ଜଣ ସଭ୍ୟଙ୍କୁ ବ୍ୟାଙ୍କଋଣ ଯୋଗାଇ ଦିଆଯାଇ ଅଧିକ ମାଛ ଉତ୍ପାଦନ ପାଇଁ ଉତ୍ସାହିତ କରାଯାଉଛି ।

---

## ପ୍ରଥମ ନନ୍ଦିଘୋଷ ପୁରସ୍କାର ପ୍ରଦାନ ଉତ୍ସବ

ଗତ ୧୨-୫-୮୬ ତାରିଖରେ ଭୁବନେଶ୍ୱରସ୍ଥିତ ରେଡକ୍ରସ ମଣ୍ଡପରେ ପବିତ୍ର ଅକ୍ଷୟତୃତୀୟା ଦିନ ସନ୍ଧ୍ୟାରେ ଏକ ସାହିତ୍ୟିକ ଓ ସାଂସ୍କୃତିକ ପରିବେଶ ମଧ୍ୟରେ ଜ୍ଞାନମଣ୍ଡଳ ପ୍ରଣେତା ଗୋ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କୁ ଓଡ଼ିଶାର ଅନ୍ୟତମ ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନନ୍ଦିଘୋଷ ତରଫରୁ ପ୍ରଥମ ନନ୍ଦିଘୋଷ ପୁରସ୍କାର ପ୍ରଦାନ କରାଯାଇଛି ।

ପୁରୀଜିଲ୍ଲା ଦବାଲଗଡ଼ର ଏହି ନନ୍ଦିଘୋଷ ତରଫରୁ ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ରୂପେ ଯୋଗଦେଇ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ କହିଲେ ଓଡ଼ିଶା ତଥା ଓଡ଼ିଆଜାତିର ସର୍ବାଙ୍ଗୀନ ଉନ୍ନତି ଘଟାଇବାକୁ ହେଲେ ଓଡ଼ିଆ ସଂସ୍କୃତିର ବିକାଶ ଘଟାଇବା ପାଇଁ ଯଥୋଚିତ ଉଦ୍ୟମ କରିବାକୁ ହେବ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଏହି ପୁରସ୍କାର ବିଜେତା ଶ୍ରୀ କାନ୍‌ନୋଗୋଙ୍କୁ ଓଡ଼ିଶାର ଜଣେ ବିଶିଷ୍ଟ କୃତି ସନ୍ତାନ ବୋଲି ଅଭିହିତ କରି ସାଧନା ଦ୍ୱାରା କୌଣସି ସମ୍ଭବ ତାହା ଶ୍ରୀ କାନ୍‌ନୋଗୋ ପ୍ରମାଣ କରିଦେଇଛନ୍ତି ବୋଲି ସେ କହିଥିଲେ ।

ଉତ୍ସବରେ ମୁଖ୍ୟ ଅତିଥି ଭାରତର ବରେଣ୍ୟ ଜନନେତା ଡକ୍ଟର ହରେକୃଷ୍ଣ ମହତାବ ପ୍ରଥମ ନନ୍ଦିଘୋଷ ପୁରସ୍କାର ସ୍ୱରୂପ ଏକ ସହସ୍ର ମୁଦ୍ରା, ଏକ ତାମ୍ରଲିପି ଓ ଉପାଧି ପ୍ରଦାନ କରି କହିଲେ ଭାରତରେ ପ୍ରାୟ ସର୍ବତ୍ର ସାଂସ୍କୃତିକ ଦିଗ ପ୍ରତି ଉପେକ୍ଷା କରାଯାଉଥିବା ବେଳେ ନନ୍ଦିଘୋଷର ଏହି ଉଦ୍ୟମ ବାସ୍ତବିକ୍ ପ୍ରଶଂସନୀୟ । ଶ୍ରୀ କାନନୋଗୋଙ୍କ ଜୀବନ ଇତିହାସ ବଡ଼ ବିଚିତ୍ର । ତାଙ୍କଭଳି ଭାଷାବିତ୍‌ଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଅଭିଧାନ ପ୍ରକାଶ ପାଇବା ଉଚିତ ।

ସମ୍ବର୍ଦ୍ଧନାରେ ଉତ୍ତର ଦେଇ ଶ୍ରୀ କାନ୍‌ନୋଗୋ କହିଲେ ଯେ ଦେଶର ପ୍ରତ୍ୟେକ ଲୋକଙ୍କ ପାଖରେ ଶିକ୍ଷାକୁ ପହଞ୍ଚାଇବା ପାଇଁ ମହାତ୍ମା ଗାନ୍ଧୀଙ୍କର ଯେଉଁ ସ୍ୱପ୍ନ ଥିଲା ତାହାକୁ ବାସ୍ତବରେ ରୂପାୟନ କରିବା ଦିଗରେ ସେ ଯତ୍‌କିଞ୍ଚିତ ଯତ୍ନବାନ ହୋଇଛନ୍ତି ।

ନନ୍ଦିଘୋଷର ସଭାପତି ତଥା ରାଜ୍ୟ ଯୋଜନାବୋର୍ଡ ଅଧ୍ୟକ୍ଷ ଡକ୍ଟର ବୈଦ୍ୟନାଥ ମିଶ୍ର ଉତ୍ସବରେ ପୌରୋହିତ୍ୟ କରିଥିଲେ । ପ୍ରାରମ୍ଭିକ ସଙ୍ଗୀତଗାନ ପରେ ବିଧାୟକ ଶ୍ରୀ ଭୂପେନ୍ଦ୍ର କୈଳାସଚନ୍ଦ୍ର ମହାପାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଅନୁଷ୍ଠାନର ସଂପାଦକ ଶ୍ରୀ ହରିବନ୍ଧୁ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ । ପରିଶେଷରେ ଦେ.ନ.ଗଡ଼ ପଞ୍ଚାୟତ ସମିତି ଚେୟାରମ୍ୟାନ ଶ୍ରୀ ଅକ୍ଷୟକୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ

# ଶ୍ରମ ଓ କଲ୍ୟାଣ

— ଶ୍ରୀ ମୁଲର ଜେନା —

ଶ୍ରମ କଲ୍ୟାଣ ଶବ୍ଦର ବିଭିନ୍ନ ଅର୍ଥ ପରିଲକ୍ଷିତ ହୁଏ । ଏହି ଶବ୍ଦଟିର ପ୍ରକୃତ ଅର୍ଥ ପ୍ରତିପାଦନ କରିବା କାଠିକର ପାଠ । ସଂକ୍ଷେପରେ କହିବାକୁ ଗଲେ କୁହାଯିବ ଯେ ଦେଶର ପରିସ୍ଥିତି ଓ ଆବଶ୍ୟକତା ଅନୁଯାୟୀ ଏହି ଶବ୍ଦର ଅର୍ଥ ଭିନ୍ନ ଭିନ୍ନ ଭାବରେ ପ୍ରତିପାଦିତ ହୋଇଥାଏ । ଏହି ଶ୍ରମ କଲ୍ୟାଣ ଶବ୍ଦ ମଧ୍ୟରେ ଶ୍ରମିକ ଜୀବନର ବହୁ ସମସ୍ୟା ଲୁଚି ଛପି ରହିଛି । ବିଭିନ୍ନ ଦେଶରେ ମଧ୍ୟ ଏହି ସମସ୍ୟାଟି ଭିନ୍ନ ଭିନ୍ନ ଭାବରେ ସୃଷ୍ଟ ହୋଇଥାଏ । ଏଣୁ ବିଭିନ୍ନ ଦେଶର ଶ୍ରମ କଲ୍ୟାଣ ସମ୍ବନ୍ଧୀୟ ଧାରଣା କି ପ୍ରକାର, ତାହା ନିମ୍ନରେ ପ୍ରଦତ୍ତ ହେଲା ।

(୧) ଇଂଲଣ୍ଡର ଶ୍ରମିକ କଲ୍ୟାଣ ଇନ୍‌ଷ୍ଟିଚ୍ୟୁଟସ୍ର ପକ୍ଷରୁ ମିସ୍ ଇ.ଡି. କେଲିଙ୍କ ବିଗ୍ରରେ ଶ୍ରମ କଲ୍ୟାଣର ତାତ୍ପର୍ଯ୍ୟ ହେଲା । ଶ୍ରମିକଙ୍କର ବ୍ୟବହାର ଓ କାର୍ଯ୍ୟର ସୁନିୟନ୍ତ୍ରଣ ପାଇଁ କୌଣସି ନିୟମ ପ୍ରଣୟନ କରିବା ।

(୨) ସାର୍ ଏଡ୍‌ୱାର୍ଡ ପ୍ୟାଣ୍ଡନଙ୍କ ମତରେ—"କାରଖାନା ପରିଚାଳନାରେ ଶ୍ରମିକଙ୍କୁ ସୁଖ ଶାନ୍ତି ଓ ସମୃଦ୍ଧି ଦାନର ବିଶେଷ ପ୍ରଚେଷ୍ଟା କରିବା ।

(୩) ଶ୍ରମ ସଂପର୍କିତ ଓ ଏକ ବୁଲେଟିନ୍‌ଙ୍କ ମତରେ—ଶ୍ରମିକଙ୍କ ପାଇଁ ମଜୁରୀବୃଦ୍ଧି, ଆରାମ ଏବଂ ଉନ୍ନତିର ସୁବିଧା ପ୍ରଦାନ ତଥା ବୌଦ୍ଧିକ ଓ ସାମାଜିକ ସ୍ତରର ଉତ୍ତରୋତ୍ତର ଉନ୍ନତି ।

(୪) ବିଶ୍ୱକୋଷଙ୍କ ମତରେ— ସାମାଜିକ ବିଜ୍ଞାନ, ବର୍ତ୍ତମାନର ଔଦ୍ୟୋଗିକ ପ୍ରଥାନୁଯାୟୀ ପ୍ରତ୍ୟେକ ପ୍ରତିଷ୍ଠାନର ମାଲିକମାନେ ନିଜର ଇଚ୍ଛା ଅନୁଯାୟୀ ଉଦ୍ୟମ ଦ୍ୱାରା ନିୟମର ଆବଶ୍ୟକତା ଛଡ଼ା ଶ୍ରମିକଙ୍କର ଅନ୍ୟାନ୍ୟ ସୁବିଧା ପ୍ରତି ଦୃଷ୍ଟି ଦେବା । ତା' ହେଲେ ଶ୍ରମିକଙ୍କର କାର୍ଯ୍ୟକାଳ ଓ ଜୀବନ ଯାତ୍ରାର ଉନ୍ନତି କାର୍ଯ୍ୟର ପରିସ୍ଥିତି ତଥା ଜୀବନ ନିର୍ବାହ ପ୍ରଣାଳୀର ଉତ୍ତରୋତ୍ତର ଉନ୍ନତି ଘଟିଥାଏ ।

(୫) ଇ.ଏସ. ପ୍ରାଉଡଙ୍କ ମତାନୁଯାୟୀ—ମାଲିକମାନଙ୍କ ଦ୍ୱାରା ନିଜ ନିଜ କାରଖାନାରେ ପ୍ରଚଳିତ ଔଦ୍ୟୋଗୀକରଣ ପ୍ରଥା ଏବଂ ନିଯୁକ୍ତି ବ୍ୟବସ୍ଥାର ଉତ୍ତରୋତ୍ତର ଉନ୍ନତି ସାଧନ ଓ ସମ୍ପାଦନ ।

(୬) ଶ୍ରୀ ଏମ୍.ଏମ୍. ଘୋଷଙ୍କ ମତରେ—ଶ୍ରମ କଲ୍ୟାଣ କହିଲେ ବୁଝାଏ ହେଉଛି ଶ୍ରମିକଙ୍କ ସ୍ୱାର୍ଥ ଦୃଷ୍ଟିରୁ ମାଲିକଙ୍କ ଦ୍ୱାରା କରାଯାଇଥିବା ସମସ୍ତ ପ୍ରକାର ପ୍ରୟନ୍ତ ଓ ସର୍ବୋପରି କାରଖାନା ଆଇନ୍‌ରେ କରାଯାଇଥିବା କାମ କରିବାର ନ୍ୟୁନତମ ପରିସ୍ଥିତି ପ୍ରଦାନ ତଥା ଦୁର୍ଘଟଣା, ବୃଦ୍ଧାବସ୍ଥା, ବେକାରୀ ଏବଂ ବେମାର ଅବସ୍ଥା ପାଇଁ ସାମାଜିକ ବ୍ୟବସ୍ଥାର ସୁନିୟନ୍ତ୍ରଣ ।

(୭) ଆନ୍ତର୍ଜାତିକ ଶ୍ରମ ସଂସ୍ଥାର ଏକ ରିପୋର୍ଟ ଅନୁଯାୟୀ କୁହା ଯାଇଛି ଯେ—ଶ୍ରମ କଲ୍ୟାଣ ଦ୍ୱାରା ଏହା ବୁଝା ପଡୁଛି ଯେ ମାଲିକମାନଙ୍କ ଦ୍ୱାରା ଏପରି ସମସ୍ତ କାର୍ଯ୍ୟ କରାଯିବ, ଯାହା ଫଳରେ ଶ୍ରମିକମାନେ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ବାତାବରଣ ମଧ୍ୟ ଦେଇ କାମ କରି ପାରିବେ ଓ ନିଜନିଜର ସ୍ୱାସ୍ଥ୍ୟ ଏବଂ ନୈତିକ ସ୍ତରର ଉନ୍ନତି କରିବାରେ ସକ୍ଷମ ହେବେ ।

(୮) ଶ୍ରୀ ଏଚ୍. ଏସ୍. କିରକାଲେଡ଼ିଙ୍କ ମତରେ—ଶ୍ରମ କଲ୍ୟାଣର ସଂପୂର୍ଣ୍ଣ କ୍ଷେତ୍ର ଏପରି ଯେ ସେଥିରେ ଶ୍ରମିକଙ୍କର ନୈରାଶ୍ୟ ମନୋଭାବ ଦୂର କରାଯିବ । ତାକୁ ତା'ର ବ୍ୟକ୍ତିଗତ ତଥା ପାରିବାରିକ ଚିନ୍ତାରୁ ମୁକ୍ତକରାଯିବ, ତାକୁ ତା'ର ସ୍ୱାଧୀନ ମତାମତ ପ୍ରଦାନ କରିବାର ସ୍ୱାଧୀନତା ଦିଆଯିବ, ତାକୁ ଅନ୍ୟମାନଙ୍କ ତୁଳନାରେ ଆହୁରି ଅଗ୍ରସର ହେବାର ପରିସ୍ଥିତି ସୃଷ୍ଟିକରାଯିବ ଏବଂ ପରିଶେଷରେ ତା'ର ଜୀବନ ସଂପର୍କରେ ବିସ୍ତୃତ ଧାରଣା ଦେବାର ବିଶେଷ ସହାୟତା ପ୍ରଦାନ କରାଯିବ ।

(୯) ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ଶ୍ରମ ଯାଞ୍ଚ ସମିତି ଦ୍ୱାରା ଶ୍ରମ କଲ୍ୟାଣ ସଂପର୍କରେ ନିର୍ଦ୍ଧାରିତ ହୋଇଥିବା କଥାଗୁଡ଼ିକ ହେଲା—ଶ୍ରମ କଲ୍ୟାଣ କାର୍ଯ୍ୟର ପରିସର ମଧ୍ୟରେ ଶ୍ରମିକଙ୍କର ଶାରୀରିକ ବୌଦ୍ଧିକ ଏବଂ ଆର୍ଥିକ ବିକାଶର ପର୍ଯ୍ୟାୟମାନ ଅନ୍ତର୍ଭୁକ୍ତ । ପୁଣି କୁହାଯାଇଛି ଯେ ଆଇନ୍ ଅନୁଯାୟୀ ଏ ସବୁର ବିକାଶ ପାଇଁ ଯାହା ଯାହା ଲିପିବଦ୍ଧ ଅଛି, ତାହାଠାରୁ ଆହୁରି ଅଧିକ ମାଲିକମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବେ ହେବା ଉଚିତ୍ । ଏହାଛଡ଼ା ନିମ୍ନଲିଖିତ ବ୍ୟବସ୍ଥାଗୁଡ଼ିକର ପ୍ରଚଳନ ହେବା ଅତ୍ୟନ୍ତ ବାଞ୍ଛନୀୟ । ଶ୍ରମିକମାନଙ୍କର ନିବାସ ବ୍ୟବସ୍ଥା, ସ୍ୱାସ୍ଥ୍ୟ ପ୍ରଦର୍ଶନ, ସବେତନ ଅବକାଶ, ସମବାୟ ସମିତି, ସାମାଜିକ ବୀମା, ଛାୟୀଗୃହ ଏବଂ ଶିଶୁଗୃହ, ପାରିତୋଷିକ, ପେନ୍‌ସନ, ମାତୃମଙ୍ଗଳ ସୁବିଧା ପ୍ରଭୃତି ବିଷୟଗୁଡ଼ିକ ମାଲିକମାନେ ନିଜେ ଓ ସ୍ୱେଚ୍ଛାକୃତଭାବେ ଏକକଭାବେ କାର୍ଯ୍ୟ କରିବେ କିମ୍ବା କାର୍ଯ୍ୟ ପ୍ରଣାଳୀରେ ସାହାଯ୍ୟ କରିବାପାଇଁ ଶ୍ରମିକଙ୍କର ସହଯୋଗ ଲୋଡ଼ିବେ ।

ଏଣୁ ବିଭିନ୍ନ ଭାବରେ ବିଭିନ୍ନ ମତାମତ ପ୍ରଦାନ କରି ସାରିବା ପରେ ଶ୍ରମ କଲ୍ୟାଣର ଏକ ସୂକ୍ଷ୍ମ ଧାରଣା ଆମେ ଜାଣି ପାରୁ । ତଥାପି ଏ ସଂକ୍ରାନ୍ତରେ ଆହୁରି ମଧ୍ୟ କିଛି କୁହା ଯାଇପାରେ

(କ) ଶ୍ରମ କଲ୍ୟାଣ କଥା କହିଲେ ବୁଝାପଡୁଛି ଯେ ମାଲିକ ତା'ର ଔଦ୍ୟୋଗିକ ଉତ୍ପାଦନ ବଢ଼ାଇବା ସଙ୍ଗେ ସଙ୍ଗେ ବିଦ୍ୟମାନ ଔଦ୍ୟୋଗିକ ବ୍ୟବସ୍ଥାର ଉନ୍ନତି କରିବା ନିମିତ୍ତ ଏହି ଶ୍ରମିକ କଲ୍ୟାଣ ପର୍ଯ୍ୟାୟର ବିଶେଷ ସୁବିଧା କରିବା ଉଚିତ୍ । ଏହି ସୁବିଧାଗୁଡ଼ିକ ପ୍ରଦାନ କରିବା ଫଳରେ ଶ୍ରମିକମାନଙ୍କର କାମ କରିବା ଅବସ୍ଥାର ଓ ରୋଜଗାରର ଯେ ବିଶେଷ ଉନ୍ନତି ହେବ, ଏହା ନିଃସନ୍ଦେହ ।

(ଖ) ଏହି ପ୍ରକାର ଉଲ୍ଲିଖିତ ସୁବିଧାଗୁଡ଼ିକ ଶ୍ରମିକମାନଙ୍କୁ ପ୍ରଦାନ କରିବାର ଉଦ୍ଦେଶ୍ୟ ହେଲା ଯେ ଏହା ଫଳରେ ଶ୍ରମିକମାନଙ୍କର ଶାରୀରିକ ନୈତିକ, ମାନସିକ, ବୌଦ୍ଧିକ, ତଥା ସାମାଜିକ ଜୀବନର ସୁସ୍ଥ ପରଂପରା ବିକଶିତ ଓ ସମୁନ୍ନତ ହୋଇ ଉଠିବ ।

ଏହା ହୋଇ ପାରିଲେ କମାନଙ୍କର ଜୀବନ ସ୍ତର ଉଚ୍ଚ ହେବ ଓ ନିଜର ଅନୁଷ୍ଠାନ ପ୍ରତି ସେମାନଙ୍କର ଦୃଷ୍ଟିକୋଣ ବିସ୍ତୃତ ହୋଇ ଉଠିବ ଏଇ ସୁବିଧାର ପରିସର ମଧ୍ୟରେ ବସବାସ ବ୍ୟବସ୍ଥା, ସାମାଜିକ ଜୀବନବୀମା ଯୋଜନା, ରୋଜଗାରର ଉନ୍ନତି,ପରିସ୍ଥିତି ଓ କାର୍ଯ୍ୟ ସମୟର ଉନ୍ନତି ଇତ୍ୟାଦି ଅନ୍ତର୍ଭୁକ୍ତ ।

(ଗ) ଶ୍ରମ କଲ୍ୟାଣ କାର୍ଯ୍ୟଗୁଡ଼ିକ ଯେ କେବଳ ମାଲିକମାନଙ୍କ ଦ୍ୱାରା ହେବ, ତାହା ନୁହେଁ । କିନ୍ତୁ ରାଷ୍ଟ୍ରୀୟ ଦୃଷ୍ଟି କୋଣରୁ ଏହା ରାଷ୍ଟ୍ର ସରକାର ମଧ୍ୟ ପ୍ରଯତ୍ନ କରିବା ଏକାନ୍ତ ବାଞ୍ଛନୀୟ । କାରଣ ଶ୍ରମିକ କଲ୍ୟାଣରେ ଶିଳ୍ପର ଅଭିବୃଦ୍ଧି ଓ ଉନ୍ନତି ହେଲେ କେବଳ ମାଲିକ ଯେ ଲାଭବାନ ହୁଏ, ତାହା ନୁହେଁ - ବରଂ ସମଗ୍ର ରାଷ୍ଟ୍ର ଏହାଦ୍ୱାରା ଲାଭବାନ ହୋଇଥାଏ । ପୁଣି କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକର ଅଭାବ ଯୋଗୁଁ ଶ୍ରମିକମାନଙ୍କ ମଧ୍ୟରେ କ୍ଷତିକାରୀ ଭାବନାର ଉଦ୍ରେକ ହୋଇ ପାରୁନାହିଁ । ଏହା ଫଳରେ କେବଳ ବେଳ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ହେବାକୁ ଲାଗୁଛି ଓ ଔଦ୍ୟୋଗିକ ଅଶାନ୍ତି ଉପୁଜୁଛି; ଯାହା ଫଳରେ ସମାଜର ବିଶେଷ ହାନି ଘଟୁଛି । ଏଥିପାଇଁ ସରକାର ଶ୍ରମିକ ମାନଙ୍କ ମଙ୍ଗଳ ନିମିତ୍ତ ବିଭିନ୍ନ ଆଇନ ପ୍ରଣୟନର ବ୍ୟବସ୍ଥା କରିଥାଆନ୍ତି, ଯେହେତୁ ଦେଶ ପାଇଁ ଔଦ୍ୟୋଗିକ ନୀତି ନିର୍ଦ୍ଧାରଣ ସକାଶେ ସରକାର ମୁଖ୍ୟତଃ ଦାୟୀ । ସରକାରଙ୍କ ଛଡ଼ା ଏଇ କଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ଶ୍ରମିକ ସଙ୍ଗଠନ ମାଧ୍ୟମରେ କରାଯାଇ ଥାଏ । କୌଣସି ସମାଜସେବୀ ମଧ୍ୟ ନିଜ ଇଚ୍ଛାନୁଯାୟୀ କଲ୍ୟାଣକର କାର୍ଯ୍ୟମାନ ମଧ୍ୟ କରିଥାନ୍ତି ।

ତେଣୁ ଏ ପ୍ରକାର କଲ୍ୟାଣ କାର୍ଯ୍ୟକ୍ରମ ସଂପର୍କରେ କହିବାର ଅଭିପ୍ରାୟ ହେଉଛି ଯେ ଶ୍ରମିକ/ମାଲିକ/ସରକାର ତଥା, ସମାଜ ସେବୀ ସଂସ୍ଥାମାନଙ୍କ ଦ୍ୱାରା ଶ୍ରମିକମାନଙ୍କ ଜୀବନ ସ୍ତରର ଉତ୍ତରୋତ୍ତର ଉନ୍ନତିସାଧନ, ସର୍ବାଙ୍ଗୀନ ବିକାଶ,ତା'ର କାର୍ଯ୍ୟ ଓ କାର୍ଯ୍ୟଭାର ଏବଂ ପରିସ୍ଥିତିର ସମୁନ୍ନତି ପ୍ରକୃତିର ସୁରକ୍ଷା ଓ ସୁବ୍ୟବସ୍ଥା କରିବା ଏକାନ୍ତ ବାଞ୍ଛନୀୟ ।

## ଶ୍ରମ କଲ୍ୟାଣ କାର୍ଯ୍ୟର ଲକ୍ଷ୍ୟ

ଶ୍ରମ କଲ୍ୟାଣ କାର୍ଯ୍ୟର ଲକ୍ଷ୍ୟକୁ ନିମ୍ନୋକ୍ତ ଭାବେ ଆଲୋଚନା କରାଯାଇ ପାରେ ।

୧ । ଏହି କାର୍ଯ୍ୟ ଆଂଶ୍ୟକରୂପେ ମାନବିକ ଅଟେ ଅର୍ଥାତ୍ ଏହି କାର୍ଯ୍ୟର ଉଦ୍ଦେଶ୍ୟ ହେଲା ଯେ ଶ୍ରମିକ... ରହିବା ଓ କାର୍ଯ୍ୟ ପରିସର ମଧ୍ୟରେ ମାନବିକ ଦୃଷ୍ଟିକୋଣ ... କରିବା ଉଚିତ୍ । ଏଇ ଉଦ୍ଦେଶ୍ୟର ବଶବର୍ତ୍ତୀ ହୋଇ ମାଲିକ ତଥା ସରକାରଙ୍କ ଦ୍ୱାରା ଶ୍ରମିକମାନଙ୍କ ନିମିତ୍ତ ... ସୁବିଧା ପ୍ରଦାନ କରାଯିବା ଉଚିତ୍ ଯେଉଁଥିରେ କି ଶ୍ରମିକ ... ସଂପୂର୍ଣ୍ଣ ଓ ସମୃଦ୍ଧ ଜୀବନ ପ୍ରତି ଚେତନଶୀଳ ହୋଇ ପାରିବ ।

୨ । ଏଇ କାର୍ଯ୍ୟ ଆଂଶିକରୂପେ ଆର୍ଥିକ ଅଟେ । କାରଣ ଏହାର ଉଦ୍ଦେଶ୍ୟ ହେଲା ଯେ ଏହା ଦ୍ୱାରା ଶ୍ରମିକ... କାର୍ଯ୍ୟଦକ୍ଷତା ଓ କାର୍ଯ୍ୟକ୍ଷମତା ଗଢ଼ି ଉଠିବ । କାରଣ କାର୍ଯ୍ୟ... କ୍ଷମତା ବୃଦ୍ଧି ହେଲେ ଶ୍ରମିକଠୁ ମିଳୁଥିବା ମଜୁରୀର ବୃଦ୍ଧି ... ଓ ଶ୍ରମିକର ଆୟ ମଧ୍ୟ ବୃଦ୍ଧି ହେବ । ଏହି କଲ୍ୟାଣ କାର୍ଯ୍ୟ... ଉଦ୍ଦେଶ୍ୟ ହେଲା ଯେ ଯେଉଁଠାରେ ଶ୍ରମଶକ୍ତି ମିଳିବା ଦୁର୍ଲ୍ଲଭ... ସେଇଠାରେ ଏଇ ପ୍ରକାର କଲ୍ୟାଣର ଉପଲବ୍ଧତା ବିଶେଷଭାବେ ... ବୃଦ୍ଧି କରିବାକୁ ହେବ । କିମ୍ବା ଯେଉଁଠାରେ ଶ୍ରମଶକ୍ତି ମିଳିବା ଦୁର୍ଲ୍ଲଭ ନୁହେଁ, ସେହିଠାରେ ଏହି ପ୍ରକାର କଲ୍ୟାଣ ବାତାବରଣ... ସୃଷ୍ଟି କରାଗଲେ, ଶ୍ରମିକମାନେ ପୂର୍ଣ୍ଣ ସନ୍ତୋଷ ଲାଭ କରିବେ ... ଏବଂ ସେମାନଙ୍କ ମଧ୍ୟରେ ସଙ୍ଗଠନ ଗଢ଼ି ଉଠିବ ଏବଂ ଶ୍ରମି... ସଂଘର୍ଷ ସୃଷ୍ଟି କରିବାର ଯେଉଁ ଭାବନା, ତାହା ବିକାଶ ଲାଭ କରିବାରେ ବାଧା ଉପୁଜିବ । କାରଣ ଶିଳ୍ପ ସଂଘର୍ଷ ହେତୁ ... ଶ୍ରମିକ ମାଲିକ ତଥା ସମାଜ ସମସ୍ତଙ୍କର ଅନ୍ୟତ୍ର ଆର୍ଥିକ କ୍ଷତି ଘଟିବ । ପୁଣି ଏଇ କଲ୍ୟାଣ କାର୍ଯ୍ୟର ଉଦ୍ଦେଶ୍ୟ ହେଲା ଶ୍ରମିକ... ଜୀବନ ନିର୍ବାହ ବ୍ୟୟକୁ କମ୍ କରିବାକୁ ପଡ଼ିବ ଏବଂ ଶ୍ରମି... ନିଜ ଜୀବନର ଆବଶ୍ୟକୀୟ ବସ୍ତୁ ଛଡ଼ା ଅଧିକ ବ୍ୟୟ କରିବା ପାଇଁ ଯୋଗ୍ୟ ହୋଇ ପାରିବ । ପୁଣି ଏଇ କାର୍ଯ୍ୟର ଉଦ୍ଦେଶ୍ୟ ହେଲା ଯେ, ସ୍ୱାସ୍ଥ୍ୟ ଓ ପରିସ୍ଥିତି ପାଇଁ ଖର୍ଚ୍ଚ ହେଉଥିବା ଅହେତୁକ... ବ୍ୟୟକୁ କମ୍ କରି ତା'ର ଜୀବନର ଆର୍ଥିକ ରୂପକୁ ସମୃଦ୍ଧ କରିବାକୁ ପଡ଼ିବ ।

୩ । ଏଇ କଲ୍ୟାଣ କାର୍ଯ୍ୟର ଆଂଶିକ ଉଦ୍ଦେଶ୍ୟ ହେ... ଯେ ଶ୍ରମିକଙ୍କ ମନରେ ନାଗରିକତାର ବୀଜ ବପନ କରିବା ... ଅନ୍ୟ ଭାଷାରେ କହିବାକୁ ଗଲେ କୁହାଯିବ ଯେ ଶ୍ରମିକ ... କାର୍ଯ୍ୟ ନିଜ ଉଦ୍ୟୋଗ ଏବଂ ନିଜ ସମାଜ ପ୍ରତି ସମାନ ... ଦାୟିତ୍ୱର ଭାବନା ସୃଷ୍ଟି କରିବେ ଏବଂ ଉତ୍ତମ ନାଗରିକ ହେବେ ।

୪ । ଶେଷରେ ଏହି କଲ୍ୟାଣ କାର୍ଯ୍ୟର ଉଦ୍ଦେଶ୍ୟ ସମା... ଅସ୍ଥୀୟ ( Sociological ) କାହିଁକିନା ଏହାଦ୍ୱାରା ଶ୍ରମି... ସଂଗଠନ/ସରକାର ଏବଂ ମାଲିକ ଏଇ ତିନୋଟି ସଂସ୍ଥା ... ସାଥିରେ ମିଶିକରି କାମ କରିବେ । ଏଇ ତିନୋଟି ... ମିଶି ସଫଳତା ସହ କାର୍ଯ୍ୟ କରି ପାରିଲେ, ଏଇ ତିନୋଟି ... ମଧ୍ୟରେ ସାମଞ୍ଜସ୍ୟ ସ୍ଥାପନ ହୋଇ ପାରିବ । ତେଣୁ ... କଲ୍ୟାଣର ପ୍ରକୃତ ଦୃଷ୍ଟିକୋଣ ହେଲା ଯେ ଏଇ ତିନୋଟି ... ପରସ୍ପର ପ୍ରତି ବୁଝାମଣା ସୃଷ୍ଟି କରିବେ ତଥା ପରସ୍ପର ମଧ୍ୟରେ ଦୃଢ଼ ସଂସ୍ଥା ଓ ସମ୍ବନ୍ଧ ସ୍ଥାପନ କରିବେ ।

ଭଗତପୁର, କଟକ-୯

# ଶ୍ରୀକ୍ଷେତ୍ର ଚନ୍ଦନ ଯାତ୍ରା

ଡକ୍ଟର ପୂର୍ଣ୍ଣଚନ୍ଦ୍ର ମିଶ୍ର



ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ବା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅଷ୍ଟମୀ ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥଙ୍କର 'ଚନ୍ଦନ ଯାତ୍ରା' ହୁଏ । ସ୍କନ୍ଦ ପୁରାଣୋକ୍ତ ଉତ୍କଳ ଖଣ୍ଡରେ ଭଗବାନ ନିଜେ କହିଛନ୍ତି:—

"ବୈଶାଖସ୍ୟ ସିତେ ପକ୍ଷେ ତୃତୀୟାଽକ୍ଷୟା ସଂଜ୍ଞିକା ।
ତତ୍ର ମାଂ ଲେପୟେଦ୍ ଗନ୍ଧ ଲେପନୈରତି ଶୋଭନମ୍" ॥


"ବୈଶାଖ ମାସର ଶୁକ୍ଳପକ୍ଷ ଅକ୍ଷୟ ତୃତୀୟା ନାମକ ତିଥିରେ ସୁଗନ୍ଧି ଚନ୍ଦନ ମୋର ଅଙ୍ଗରେ ଲେପନ କରିବ' । ଏହି ଅନୁଲେପନ ଦ୍ରବ୍ୟ ରୂପେ ଚନ୍ଦନର ଶ୍ରେଷ୍ଠତ୍ୱ 'ବିଷ୍ଣୁଧର୍ମୋତ୍ତର ପୁରାଣରେ ପ୍ରତିପାଦନ କରାଯାଇ କୁହାଯାଇଛି 'ଅନୁଲେପନ ଶ୍ରେଷ୍ଠଂ ଚନ୍ଦନଂ ପରିକୀର୍ତ୍ତିତମ୍' । ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହେଉଛି ଏହି ଯାତ୍ରାରେ ସୁଶୀତଳ ଅନୁଲେପନ ଚନ୍ଦନର ପ୍ରାଧାନ୍ୟ ଥିବାରୁ ଏହାକୁ 'ଚନ୍ଦନ ଯାତ୍ରା' କୁହାଯାଏ । ଚନ୍ଦନର ଅନ୍ୟ ଏକ ନାମ 'ଗନ୍ଧ' ହୋଇଥିବାରୁ କେତେକ ଏହାକୁ 'ଗନ୍ଧଲେପନ ଯାତ୍ରା' ମଧ୍ୟ କହନ୍ତି ।

ଏହି ଯାତ୍ରାର କାରଣ ରୂପେ କେତେଗୁଡ଼ିଏ ମତ ପରିଲକ୍ଷିତ ହୁଏ । ସେଥି ମଧ୍ୟରୁ ଗୋଟିଏ ହେଉଛି ଗ୍ରୀଷ୍ମ ଦିନରେ ସୂର୍ଯ୍ୟଙ୍କର ପ୍ରଚଣ୍ଡ ରୌଦ୍ରତାପ ଦ୍ୱାରା ଶରୀର ଉତପ୍ତ ହୁଏ । ଏହି ଉତ୍ତାପକୁ ନିବାରଣ କରିବା ପାଇଁ ଚନ୍ଦନ ଯାତ୍ରାର ସୃଷ୍ଟି । ଆୟୁର୍ବେଦ ଶାସ୍ତ୍ରାନୁଯାୟୀ ଚନ୍ଦନ ଲଗାଇବା ଓ ଖାଇବା ଦ୍ୱାରା ଦେହ ଥଣ୍ଡା ହୁଏ । ଏପରିକି ଏହାଦ୍ୱାରା ବିଷ, କଫ, ତୃଷା, ରକ୍ତପିତ୍ତ ଓ ଜଳାପୋଡ଼ାଦି ମଧ୍ୟ ଦୂରୀଭୂତ ହୁଏ । କିନ୍ତୁ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀରେ ଗ୍ରୀଷ୍ମ ତଥା ସୂର୍ଯ୍ୟତାପର ପ୍ରଖରତା ଦ୍ୱାରା ଶରୀର ମଧ୍ୟରେ ଅନେକ ବର୍ଣ୍ଣକଣା ସୃଷ୍ଟି ହୁଏ, ଯାହା ଫଳରେ ଶରୀର କୃଷ୍ଣବର୍ଣ୍ଣ ଦେଖାଯାଏ । କିନ୍ତୁ ଚନ୍ଦନକୁ ମାତ୍ରାନୁଯାୟୀ ସେବନ କଲେ ତାହା ବର୍ଣ୍ଣକଣା ସୃଷ୍ଟିରେ ଅନ୍ତରାୟ ହୁଏ ।

'ଏକାମ୍ର ପୁରାଣ' ଅନୁଯାୟୀ ଚନ୍ଦନ ଚର୍ଚ୍ଚିତ ଶିବଙ୍କୁ ଏହି ସମୟରେ ଦର୍ଶନ କଲେ ବ୍ରହ୍ମ ହତ୍ୟା ଭଳି ପାତକ ମଧ୍ୟ ଦୂର ହୁଏ । 'ନିର୍ଣ୍ଣୟ ସିନ୍ଧୁ' ଗ୍ରନ୍ଥାନୁଯାୟୀ ପରମ ପବିତ୍ର ଅକ୍ଷୟ ତୃତୀୟା ଦିନ ଗଙ୍ଗା ସ୍ନାନ କଲେ ସର୍ବପାପ ନାଶ ହୁଏ । 'ବ୍ରହ୍ମପୁରାଣ' ଅନୁସାରେ ଶ୍ରୀଜଗନ୍ନାଥଙ୍କୁ ଗନ୍ଧଦ୍ରବ୍ୟ ଦ୍ୱାରା ପୂଜା କଲେ ଜଗତ ଶୀତଳ ହୁଏ । ତେଣୁ ଅକ୍ଷୟ ତୃତୀୟାଠାରୁ ଶ୍ରୀଜଗନ୍ନାଥଙ୍କର ଚନ୍ଦନ ଲାଗି ହୁଏ ଓ ସେ ଜନାର୍ଦ୍ଦନ ଭାବେ ପୂଜିତ ହୁଅନ୍ତି । କେତେକ ଆଲୋଚକଙ୍କ ମତରେ ଉକ୍ତଦିନଠାରୁ ସତ୍ୟ ଯୁଗର ଆରମ୍ଭ ହୋଇଥିଲା ' ଅନ୍ୟ କେତେକଙ୍କ ମତରେ ଭଗୀରଥ ନିଜ ପୂର୍ବ ପୁରୁଷଙ୍କ ଉଦ୍ଧାର ନିମନ୍ତେ ଏହିଦିନ ସ୍ୱର୍ଗରୁ ଗଙ୍ଗାଙ୍କୁ ମର୍ତ୍ତ୍ୟକୁ ଆଣିଥିଲେ । କିନ୍ତୁ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କର ନାବକେଳିର ନିଦର୍ଶନ ରୂପେ ଚନ୍ଦନ ଯାତ୍ରାରେ ମହାପ୍ରଭୁ ନାବରେ କେଳି କରନ୍ତି ବୋଲି କେତେକଙ୍କର ମତ ।

ଚନ୍ଦନ ଯାତ୍ରାର ଆରମ୍ଭ ଦିନ ଅର୍ଥାତ୍ ଅକ୍ଷୟ ତୃତୀୟାଠାରୁ କେତେଗୁଡ଼ିଏ ଶୁଭକର୍ମ ଆରମ୍ଭହୁଏ । ତନ୍ମଧ୍ୟରୁ ଶ୍ରୀଜଗନ୍ନାଥଙ୍କର ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ଉପଲକ୍ଷେ ରଥ ନିର୍ମାଣର ଅନୁକୂଳ ବିଧାନ ଏକ ଶ୍ରେଷ୍ଠ କର୍ମ । କିମ୍ବଦନ୍ତୀ ଅନୁଯାୟୀ ଗୋଲକ ବିହାରୀ ବୈକୁଣ୍ଠନାଥ ବିଷ୍ଣୁ ଏହିଦିନ ଧନଦାତ୍ରୀ ମହାଲକ୍ଷ୍ମୀଙ୍କୁ ଏକ ଅକ୍ଷୟ ପାତ୍ର ପ୍ରଦାନ କରି ନିର୍ଦ୍ଦେଶ ଦେଇଥିଲେ ଯେ ଶ୍ରୀକ୍ଷେତ୍ରରେ କେହି କୌଣସି ଦିନ ଖାଦ୍ୟାଭବରେ ଉପବାସ ରହିପାରିବେ ନାହିଁ । କିନ୍ତୁ ଅନ୍ୟ କେତେକଙ୍କ ମତରେ ସୂର୍ଯ୍ୟଦେବ ଏହି ଦିନ ଦ୍ରୌପଦୀଙ୍କୁ ତାମ୍ର ନିର୍ମିତ ଅକ୍ଷୟ ପାତ୍ର ପ୍ରଦାନ କରିଥିଲେ ଓ ଦ୍ରୌପଦୀ ସେହି ଅକ୍ଷୟ ପାତ୍ରରୁ ସମସ୍ତଙ୍କୁ ଖାଦ୍ୟ ପରିବେଷଣ କରିଥିଲେ । ତେଣୁ ଅକ୍ଷୟତୃତୀୟା ଦିନ ପୁରୀ ଓ ତାର ଆଖପାଖ ବିଭିନ୍ନ ପୁରପଲ୍ଲୀରେ ଅକ୍ଷୟ ଘଟଦାନ ବା ଘଡ଼ି ପଚୁଲି ଆଦିରେ ମୁଢ଼ି, ମୁର୍ଖି, ବିଭିନ୍ନ ପ୍ରକାର ଫଳ, ସୁମିଷ୍ଟ ଦ୍ରବ୍ୟାଦି ରଖାଯାଇ ଛୋଟ ପିଲମାନଙ୍କ ମଧ୍ୟରେ ଆଗ୍ରହର ସହିତ ବଣ୍ଟନ କରାଯାଏ ।

ଶ୍ରୀ ମନ୍ଦିର, ପୁରୀ



କେବଳ ସେତିକି ନୁହେଁ ଅକ୍ଷୟ ତୃତୀୟାଠାରୁ ଆରମ୍ଭ କରାଯାଇ ଦେବସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରଚଣ୍ଡ ରୌଦ୍ରତାପରେ ଶୋଷିତ ତଥା ପିପାସୁ ବ୍ୟକ୍ତିଙ୍କୁ ଶ୍ରୀମହାପ୍ରସାଦ ମିଶ୍ରିତ ଶୀତଳ ଜଳ ବା 'ବୈକୁଣ୍ଠ ତୋରାଣି' ପ୍ରଦାନ କରାଯାଏ ।

ଏପରିକି ଗ୍ରାମାଞ୍ଚଳରେ ଅକ୍ଷୟ ତୃତୀୟା ଦିନ କୃଷକମାନେ ଅକ୍ଷିମୁଠି ଅନୁକୂଳ ଓ ଭୂମି ପୂଜା କରନ୍ତି । ଏହି ଭୂମିପୂଜା ସଂପର୍କରେ ସୂଚନା ଯଜୁର୍ବେଦ (୧୪।୨୧) ରେ ଦେଖିବାକୁ ମିଳେ । ଏଥି ନିମନ୍ତେ ଗୋଟିଏ ନୂଆ ଗୌଣୀରେ ବିହନ ରଖି ତାକୁ ଏକ ନୂଆ ଟୋକେଇରେ ରଖାଯାଏ । ଏହାକୁ ନୂଆ ବସ୍ତ୍ର ଘୋଡ଼ାଇ ଗୃହ ଜମିପାଖକୁ ନିଆଯାଏ । ଗୃହ କର୍ତ୍ତା ଲକ୍ଷ୍ମୀ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପିଠା ଭୋଗ କରାଯାଏ । ଭୋଗ ପରେ ପିଠାକୁ ଐଶାନ୍ୟ କୋଣରେ ପୋତି କହନ୍ତି 'ହେ ଠାକୁରାଣୀ ମୋ ଶସ୍ୟକ୍ଷୟ ନ ହେଉ' ଇତ୍ୟାଦି ।

ଅକ୍ଷୟ ତୃତୀୟାଠାରୁ ଏହିପରି ଅନେକ ଶୁଭକର୍ମ ଅନୁଷ୍ଠିତ ହେଲେ ମଧ୍ୟ ଶ୍ରୀଜଗନ୍ନାଥଙ୍କର ଚନ୍ଦନଯାତ୍ରା ହେଉଛି ମୁଖ୍ୟ ଆକର୍ଷଣୀୟ ଯାତ୍ରା । ଚନ୍ଦନଯାତ୍ରା ନିମନ୍ତେ ଶ୍ରୀମନ୍ଦିରରୁ ସଜ୍ଜିତ ବିମାନରେ ଶ୍ରୀଜଗନ୍ନାଥଙ୍କର ବିଜୟ ପ୍ରତିମା ମଦନ ମୋହନ, ଭୂଦେବୀ ଓ ଶ୍ରୀଦେବୀ, ଗଜଦନ୍ତ ପାଲିକିରେ ବଳଭଦ୍ରଙ୍କ ବିଜୟ ପ୍ରତିମା ରାମକୃଷ୍ଣଙ୍କୁ ନରେନ୍ଦ୍ର ପୁଷ୍କରିଣୀକୁ ନିଆଯାଏ । ଏହି ସମୟରେ ପୁରୀର ବିଭିନ୍ନ ସାହିରୁ ଯମେଶ୍ୱର, କପାଳମୋଚନ, ଲୋକନାଥ, ମାର୍କଣ୍ଡେୟ ଓ ନୀଳକଣ୍ଠ ଆଦି ପଞ୍ଚମହାଦେବ ଚଉଦୋଳରେ ନରେନ୍ଦ୍ର ପୁଷ୍କରିଣୀକୁ ଆସନ୍ତି । ଏହା ପଞ୍ଚମହାଦେବଙ୍କୁ ପଞ୍ଚପାଣ୍ଡବଙ୍କ ନାମାନୁସାରେ ନାମିତ କରାଯାଇଛି । ଠାକୁରମାନଙ୍କ ବିଜେ ସମୟରେ ବଡ଼ଦାଣ୍ଡରେ ସାଧୁସନ୍ଥ, ମହନ୍ତ, ଭକ୍ତ, ବୈଷ୍ଣବ କୀର୍ତ୍ତନ ମଣ୍ଡଳୀ ଆଦିଙ୍କ ପଟୁଆର ମଧ୍ୟରେ ଡାଳ, ହୁଳହୁଳି, ଘଣ୍ଟଘଣ୍ଟା ଧ୍ୱନି, ଝାଞ୍ଜ ଖୋଳ କରତାଳର ନିନାଦ ଅତ୍ୟନ୍ତ ସୁମଧୁର ପରିବେଶ ସୃଷ୍ଟି କରେ ।

ଠାକୁରମାନେ ନରେନ୍ଦ୍ର ପାଖରେ ପହଞ୍ଚିବା ପରେ ତାଙ୍କୁ ସୁସଜ୍ଜିତ ଦୁଇଟି ଚମ୍ପକୁ ବିଜେ କରାଯାଏ । ଏହି ଚମ୍ପା ଦୁଇଟି ମଧ୍ୟରୁ ମଦନମୋହନଙ୍କ ଚମ୍ପରେ ଆଗେ ଦେବ ଦାସୀ

ପୂର୍ବା ହେଉଥିଲା । ସ୍ନପ ଦୁଇର ନରେନ୍ଦ୍ରରେ ଭ୍ରମଣ କରିବା ଦୃଶ୍ୟକୁ ଦେଖି କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ବର୍ଣ୍ଣନା କରିଛନ୍ତି–

"ନରେନ୍ଦ୍ର ତଡ଼ାଗେ କରୀନ୍ଦ୍ର ସୁରେନ୍ଦ୍ର ପରିହରି
ନାବରେ ଭାବରେ ବିଜୟ କରି ସୁଖେ ବିହରି ।
ପଙ୍କେ ରହି ସ୍ୱଙ୍କେ ବରହି ପୁଙ୍କେ ଦ୍ୱିଙ୍କେ ସେବନ୍ତି
ରଣନ୍ ବ୍ୟଞ୍ଜନ ସଜ୍ଜନ କରେ ଧରି ବିଞ୍ଚନ୍ତି ।
ସଂସାର ସାର ଘନସାର ପିଚିକା କେ ମାରଇ
କ୍ଷୀର ନିଧି ଧୀର ଲହରୀ ପରି ଗ୍ଣମର ଶୋହିଂ" ।

ନରେନ୍ଦ୍ରରେ ଭ୍ରମଣ କରି ସାରିବା ପରେ ଠାକୁରଙ୍କୁ ଚନ୍ଦନ ମିଶ୍ରିତ ଜଳରେ ସ୍ନାନ କରାଯାଏ । ଏଥିପାଇଁ ତିନୋଟି ସ୍ଥାନରେ ତିନୋଟି ସ୍ନାନ କୁଣ୍ଡ ନିର୍ମାଣ କରାଯାଇଥାଏ । ଗୋଟିଏ କୁଣ୍ଡରେ ମଦନ ମୋହନଙ୍କ ସଙ୍ଗେ ଲକ୍ଷ୍ମୀ ସରସ୍ୱତୀ, ଅନ୍ୟ ଦୁଇଟି କୁଣ୍ଡରେ ଗୋଟିକରେ ରାମକୃଷ୍ଣ ଓ ଅନ୍ୟଟିରେ ପଞ୍ଚପାଣ୍ଡବ ସ୍ନାନ କରନ୍ତି । ସ୍ନାନ ପରେ ଠାକୁରଙ୍କର ଚନ୍ଦନଲାଗି ଓ ବେଶ ହୁଏ । ତାପରେ ଦୁଧ ମୁଗ, ବିଭିନ୍ନ ଫଳ ଆଦି ଶୀତଳ ଭୋଗ ଓ ମାଣ୍ଡୁଅ ଭୋଗ ମଧ୍ୟ ହୁଏ । ଏଠାରେ ପ୍ରାଚୀନ ସଂଗୀତ ଗାନ ଓ ବେଳେ ବେଳେ ଗୋଟିପୁଅ ନାଚ ମଧ୍ୟ ହୁଏ ।

ଏ ସମସ୍ତ କର୍ମ ପରେ ଠାକୁରଙ୍କୁ ରାତ୍ରଗ୍ଣପ ନିମନ୍ତେ ନିଆଯାଏ । ସ୍ନପପରେ ଠାକୁରମାନଙ୍କୁ ନିଜ ନିଜ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଏ । ମନ୍ଦିରକୁ ଆସିଲେ ଚନ୍ଦନ ଲାଗି ଓ ପଣାଭୋଗ ଆଦି ହୁଏ । ଶେଷରେ ଶ୍ରୀମନ୍ଦିରରେ ବଡ଼ସିଂହାର ବେଶ ଓ ବଡ଼ ସିଂହାର ଧୂପ ଆଦି ସମାପନ ହୁଏ ।

ଏହି ଯାତ୍ରା ଏକୋଇଶ ଦିନ ପର୍ଯ୍ୟନ୍ତ ହେଲେ ମଧ୍ୟ ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀ ବା ନୃସିଂହ ଜନ୍ମଦିନ ଠାକୁରମାନେ ସ୍ନପରେ ଭ୍ରମଣ କରନ୍ତି ନାହିଁ । ଚନ୍ଦନ ଯାତ୍ରାର କୋଡ଼ିଏ ଦିନରେ ଶ୍ରୀକ୍ଷେତ୍ରରେ ଭଉଁରୀ ଉତ୍ସବ ମହା ଜାକଜମକରେ ପାଳିତ ହୁଏ । ତା'ପରଦିନ ହଳଦୀ ପାଣି ହୋଇ ମହାପ୍ରଭୁଙ୍କର 'ବାହାର ଚନ୍ଦନ' ସମାପନ ହୁଏ ।

ଚନ୍ଦନ ଯାତ୍ରା ସମୟଟି ପୁରୀରେ ବେଶ୍ ଉପଭୋଗ୍ୟ ପରିବେଶ ସୃଷ୍ଟି କରେ । ବିଶେଷ କରି ପୁରୀର ଅଧିବାସୀମାନେ ଏହି ସମୟରେ ଜୀବନକୁ ଉପଭୋଗ କରନ୍ତି । ଦାର୍ଶନିକ ଚାର୍ବାକଙ୍କର 'ଋଣଂ କୃତ୍ୱା ଘୃତଂ ପିବେତ୍ ଯାବତ୍ ଜୀବେତ୍ ସୁଖମ୍ ପିବେତ୍' ନୀତି ଭଳି ପୁରୀବାସୀମାନେ କହନ୍ତି 'ମରିଗଲେ ପାଣି ପାତ୍ରିଏ ପାଇବୁ ମଉଜ ପାଇବୁ କାହିଁ ? ବାସ୍ତବିକ୍ ଚନ୍ଦନଯାତ୍ରା ସମୟରେ ଏମାନଙ୍କର ରୀତିନୀତି ଦେଖିଲେ ଏ କଥାଟିର ଯଥାର୍ଥତା ବୁଝିହେବ ।

ପୁରୀର ବିଭିନ୍ନ ଯାଗା ଆଖଡ଼ାର ଲୋକମାନେ ଯାତ୍ରାର ପରିବେଶକୁ ଅତ୍ୟନ୍ତ ରମଣୀୟ କରିବା ସଙ୍ଗେ ସଙ୍ଗେ ନିଜକୁ ଏଥିରେ ନିମଜ୍ଜିତ କରିଥାନ୍ତି । ଚନ୍ଦନ ଯାତ୍ରାର ମହତ ମଜଲିସ୍ ରେ କେବଳ ମାତ୍ର କେଇ ଘଣ୍ଟା ମଧ୍ୟରେ ସହସ୍ରାଧିକ ଟଙ୍କା ବ୍ୟୟ କରନ୍ତି । ଏହି ମଉଜର ସର୍ବଶ୍ରେଷ୍ଠ ଉପାଦାନ ମଧ୍ୟରେ ଭାଙ୍ଗ, ଭୋଜନ, 'ମଲ୍ଲୀଫୁଲ ମାଳ, ପାଟିଲି ଗାମୁଛା ଓ ସଂଗୀତ ଉଲ୍ଲେଖନୀୟ ।

ପ୍ରଥମେ ଯାଗାଘରୁ ବାହାରିବା ସମୟରେ କିଛି ବଟା ସିଦ୍ଧି ପାନ କରି, ସୁନ୍ଦର ଧୋତି ପଞ୍ଜାବୀରେ ସଜେଇ ପୁରୀବାସୀମାନେ ଗୋଟିଏ ଗୋଟିଏ ବିରାଟ ପଟୁଆର କରି ନରେନ୍ଦ୍ରକୁ ଗମନ କରନ୍ତି । କାନ୍ଧରେ ପାଟିଲି ଗାମୁଛା, ବେକରେ ମଲ୍ଲୀଫୁଲ ମାଳ, ଅତରର ଭୁରୁଭୁରୁ ଗନ୍ଧ, ବ୍ୟାଣ୍ଡପାର୍ଟିର ପ୍ରାଚୀନ ଓଡ଼ିଶୀ ସଂଗୀତର ସ୍ୱର, ଆତସବାଜିର ଘନଘନ ଗର୍ଜ୍ଜନ ସାଙ୍ଗକୁ ପୁରୀ ସଂସ୍କୃତିର ନିଦର୍ଶନ ମେଢ଼ନାଚ, ନାଗା, ଗୋଟିପିଲା ନାଚ, ଖଣ୍ଡା ଖେଳ ଆଦି ସହିତ ଆଲୋକିତ ପରିବେଶର ପଟୁଆର ମଧ୍ୟରେ ସମସ୍ତେ ନରେନ୍ଦ୍ର ତଟରେ ପହଞ୍ଚନ୍ତି । ସେଠାରେ ତୈଳ ମର୍ଦ୍ଦନ କର୍ମ ପରେ ମଟର ଟିଉବ୍ ଓ ସୋଲଢିଡ଼ା ଧରି ନରେନ୍ଦ୍ରକୁ ସ୍ନାନ ଉଦ୍ଦେଶ୍ୟରେ ଲମ୍ଫ ପ୍ରଦାନ କରନ୍ତି । ଦଳ ଦଳ ହୋଇ ଟିଉବ୍ ଧରି ନରେନ୍ଦ୍ରରେ ସ୍ନାନ କରିବା ସମୟରେ ପ୍ରାଚୀନ ଓଡ଼ିଶୀ ସଂଗୀତ ଗାନରେ ଗଗନ ପବନ ପ୍ରକମ୍ପିତ କରନ୍ତି । ବିଶେଷ କରି 'କି ଶୋଭା ଗୋ କୁଂଜେ ମଦନ ମୋହନ' ଗୀତଟି ବେଶ ଉପଭୋଗ୍ୟ ହୋଇଥାଏ । ଏହିପରି ଦୀର୍ଘ ସମୟ ସ୍ନାନ କରିବାପରେ କୂଳକୁ ଆସି ନିଜର ବସ୍ତ୍ର ପିନ୍ଧା ଓ ବେଶଭୂଷା କାମ ସମାପନ କରି ପୁନର୍ବାର ପଟୁଆରରେ ଯାଗାକୁ ଆସନ୍ତି ।

ଯାଗାରେ ଘିଅ ଅନ୍ନ, କାନିକା, ଡ଼ାଲି, ବେସର ଆଦି ମହାପ୍ରସାଦ ସାଙ୍ଗକୁ ଖିରା, ରସାବଳୀ ବା ଛେନା ତଳଟାକୁ ଆକଣ୍ଠ ଭୋଜନ କରନ୍ତି । ଭୋଜନ ପରେ କେତେକ ଗୋଟି ପିଲା ନାଚରେ ବିଭୋର ହେବା ବେଳେ କେତେକ ବିଶ୍ରାମ ନେବା ପାଇଁ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତି । ସେତେବେଳକୁ ଭାଙ୍ଗର ପ୍ରଚଣ୍ଡ ନିଶା ସାଙ୍ଗକୁ ଭୂରି ଭୋଜନ ତାଙ୍କୁ ଇନ୍ଦ୍ର ସୁଖ ପ୍ରଦାନ କରୁଥାଏ । ତାଙ୍କର ମନ୍ଦାର ଫୁଲିଆ ଆଖି, ମଣି ବିମାନ ଭଳି ଦୋଳାୟମାନ... ଗ୍ଣଳି ସାଙ୍ଗକୁ କଣ୍ଠରୁ ଝରି ଆସୁଥାଏ ଗୁରୁଗମ୍ଭୀର ନାଦରେ 'ଦେଖ ଗୋ ରାଧା ମାଧେବ ଗ୍ଣଳି, ବେଶ ଉପଭୋଗ୍ୟ । ତା ପରଦିନ ପ୍ରଭାତରୁ ଉଠି ନିଜ ନିଜର ନିତ୍ୟ-କର୍ମ ସାରି ନିଜର ଜୀବିକାର୍ଜ୍ଜନ ପାଇଁ ଗମନ କରନ୍ତି ।

ବାସ୍ତବିକ୍ ଜୀବନ କ'ଣ ଓ ଜୀବନକୁ କିପରି ମଉଜ ମଜଲିସ୍ ମଧ୍ୟରେ ଉପଭୋଗ କରିବାକୁ ହୁଏ, ତାହା ଏହିମାନଙ୍କ ଜୀବନଯାପନ ପ୍ରଣାଳୀରୁ ପ୍ରତିଭାତ ହୁଏ । ଶ୍ରୀଜଗନ୍ନାଥଙ୍କ ସେବା ପୂଜା ଦ୍ୱାରା ସାମାନ୍ୟ କିଛି ଅର୍ଥ ଉପାର୍ଜ୍ଜନ କରି ଜୀବିକା ନିର୍ବାହ କରୁଥିଲେ ମଧ୍ୟ ଏମାନେ ଯେଉଁଭଳି ଆମୋଦ ପ୍ରମୋଦ, ବିଳାସବ୍ୟସନ, ମଉଜ ମଜଲିସ୍ ଓ ଭୋଜି ଭାତରେ ନିଜକୁ ମଜଗୁଲ କରି ପାରନ୍ତି ତାହା ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହେବ । କେବଳ ସେତିକି ନୁହେଁ ଶ୍ରୀକ୍ଷେତ୍ରର ପ୍ରତ୍ୟେକ ଯାନିଯାତ୍ରା ପର୍ବପର୍ବାଣି ଏହି ମାନଙ୍କ ସସ୍ନେହ ସହଯୋଗ, ସଦିଚ୍ଛା ତଥା ଅତିଥି ପରାୟଣତା ସଙ୍ଗେ ଆମୋଦ ପ୍ରମୋଦ ଭଳି ବେଶ୍ ଉପଭୋଗ୍ୟ ହେଉଛି ଓ ବିଶ୍ୱର ଜନମନକୁ ଅପହରଣ କରିପାରୁଛି ।

ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ବ୍ରହ୍ମପୁର–୭୬୦୦୦୭, ଗଞ୍ଜାମ

# ଶ୍ରମିକ ସଂଗଠନ ଓ ରାଜନୀତି

ଡକ୍ଟର ପ୍ରଫୁଲ୍ଲଚନ୍ଦ୍ର ଦାଶ

ମନିଷୀ କାର୍ଲମାର୍କସ ପୃଥିବୀର ସମସ୍ତ ଶ୍ରମିକଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇ ପୁଞ୍ଜିବାଦ ବିରୁଦ୍ଧରେ ସଂଗ୍ରାମ ଗଢ଼ି ତୋଳିବାକୁ ପରାମର୍ଶ ଦେଇଥିଲେ । ତାଙ୍କ ମତରେ ରାଜନୈତିକ ଅସ୍ତ୍ର ଶ୍ରମିକମାନଙ୍କର ପ୍ରଥମ ଏବଂ ଶକ୍ତିଶାଳୀ ଅସ୍ତ୍ର । ତେଣୁ ଶ୍ରମିକ ସଂଗଠନ ଓ ରାଜନୀତି ପରସ୍ପର ଅଙ୍ଗାଙ୍ଗୀଭାବେ ଜଡ଼ିତ । ପୃଥିବୀର ଉନ୍ନତି ଏବଂ ଅନୁନ୍ନତ ରାଷ୍ଟ୍ରମାନଙ୍କରେ ଶ୍ରମିକ ସଂଗଠନମାନଙ୍କ ସହ ରାଜନୈତିକ ଦଳମାନଙ୍କର ସଂପର୍କ ଏହି ଅବସରରେ ଅନୁଧ୍ୟାନ କରିବା ସମୁଚିତ ମନେହୁଏ ।

ବିଲାତ—ବିଲାତ ଏକ ସମୃଦ୍ଧିଶାଳୀ ରାଷ୍ଟ୍ର । ୧୮୬୭ ମସିହାରେ ବିଲାତ ଦେଶର ଶ୍ରମିକମାନେ ଭୋଟ ଦେବା ଅଧିକାର ପାଇବା ପରଠାରୁ ରାଜନୀତିଜ୍ଞମାନେ ତାଙ୍କ ପ୍ରତି ନଜର ଦେଲେ । ୧୮୬୮ ମସିହାରେ ଏହାର ଫଳ ସ୍ୱରୂପ ବ୍ରିଟିଶ ଟ୍ରେଡ଼ ୟୁନିୟନ କଂଗ୍ରେସ ପ୍ରତିଷ୍ଠା ହେଲା । ଏହି ଅନୁଷ୍ଠାନର କାର୍ଯ୍ୟ ପରିସର ପରିବ୍ୟାପ୍ତ ହୋଇ ଶେଷରେ ୧୯୦୮ ମସିହାରେ ବିଲାତରେ ଶ୍ରମିକଦଳ ପ୍ରତିଷ୍ଠା କରାଗଲା । ଶ୍ରମିକ ଦଳ ବିଲାତର ଗଣତନ୍ତ୍ରରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରି ଶ୍ରମିକ-ମାନଙ୍କର ଦାବୀ ସଂସଦରେ ଉପସ୍ଥାପିତ କଲେ । ବିଲାତରେ ଶ୍ରମିକଙ୍କ ଗୌରବର ବର୍ଷ ହେଲା ୧୯୪୫ ମସିହା । ସେହିବର୍ଷ ନିର୍ବାଚନରେ ଶ୍ରମିକ ଦଳ ସଂସଦରେ ସଂଖ୍ୟା ଗରିଷ୍ଠତା ହାସଲ କରି ଶାସନ କ୍ଷମତାକୁ ଆସିଲେ । ତେଣୁ ବିଲାତର ଶ୍ରମିକ-ମାନେ ସକ୍ରିୟ ରାଜନୀତିରେ ଅଛନ୍ତି ଏହା କହିବା ବାହୁଲ୍ୟ ମାତ୍ର ।

ଆମେରିକା—ଆମେରିକା ଶ୍ରମିକ ସଂଗଠନମାନେ ପ୍ରତ୍ୟକ୍ଷ ରାଜନୀତିରେ ଭାଗ ନେବା ନିମନ୍ତେ ତାଙ୍କର କୌଣସି ରାଜନୈତିକ ଦଳନାହିଁ । କିନ୍ତୁ ସେମାନେ ଆମେରିକାର ସଂସଦୀୟ ନିର୍ବାଚନରେ ପ୍ରଭାବଶୀଳ ଗୋଷ୍ଠୀ ରୂପେ ପରିଗଣିତ । ସେମାନେ ବିଭିନ୍ନ ଜାତୀୟ ବିଷୟରେ ବିଭିନ୍ନ ଦଳକୁ ବିଭିନ୍ନ ସମୟରେ ସହଯୋଗ କରିଥାଆନ୍ତି । ଐତିହାସିକ ମଇ ଦିବସ ଆନ୍ଦୋଳନ ଆମେରିକାରୁ ହିଁ ଆରମ୍ଭ ହୋଇଥିଲା ।

ଜର୍ମାନ—ଜର୍ମାନ ଶ୍ରମିକ ସଂଗଠନମାନେ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିବାକୁ ପସନ୍ଦ କରନ୍ତି । ଶ୍ରମିକ ସଂଗଠନମାନଙ୍କ ତରଫରୁ ଜାତୀୟ ସଂସଦ ଏବଂ ରାଜ୍ୟ ସଂସଦ ତଥା ପୌର ପରିଷଦମାନଙ୍କୁ ପ୍ରତିନିଧି ପଠାଯାଏ ।

ଜାପାନ—ଜାପାନ ଏକ ସମୃଦ୍ଧିଶାଳୀ ରାଷ୍ଟ୍ର ହେଲେ ବି ଏହାର ଶ୍ରମିକ ସଂଗଠନମାନେ ସକ୍ରିୟ ରାଜନୀତିରେ ନାହାନ୍ତି । ବିଭିନ୍ନ ସମୟରେ ଶ୍ରମିକ ସଂଗଠନମାନେ ରାଜନୈତିକ ଦଳକୁ ଜାତୀୟ ଏବଂ ଆନ୍ତର୍ଜାତିକ ବିଷୟଗୁଡ଼ିକରେ ନିଜ ନିଜର ସମର୍ଥନ ଏବଂ ବିରୋଧ ଭାବ ପ୍ରକାଶ କରିଥାଆନ୍ତି । ଏହାସତ୍ତ୍ୱେ ବହୁ ଜାପାନୀ ଶ୍ରମିକ ସଂଗଠନ ବିଭିନ୍ନ ରାଜନୈତିକ ଦଳ ସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ହୋଇ ରହିଛନ୍ତି ।

ଅନୁନ୍ନତ ରାଷ୍ଟ୍ରମାନଙ୍କ ମଧ୍ୟରେ ଇଣ୍ଡୋନେସିଆର ଶ୍ରମିକ ସଂଗଠନମାନେ ବିଭିନ୍ନ ରାଜନୈତିକ ଦଳର ଅଙ୍ଗଭାବେ କାର୍ଯ୍ୟ କରିଥାଆନ୍ତି । ଆଫ୍ରିକା ମହାଦେଶର ରାଷ୍ଟ୍ର ଯଥା-ମିଶର, ଘାନା, ଗୁଏନା ତଥା ଆଲଜେରିଆରେ ଶ୍ରମିକ ସଂଗଠନମାନଙ୍କର କିଛି ସ୍ୱାତନ୍ତ୍ର୍ୟ ନାହିଁ । ଏସବୁ ସଂଗଠନ ସରକାରଙ୍କ ବାହୁଛାୟା ତଳେ ହିଁ ବିକଶିତ ହୋଇଥାଆନ୍ତି । ଶ୍ରୀଲଙ୍କାର ଶ୍ରମିକ ସଂଗଠନ ସମୂହ ବିଭିନ୍ନ ରାଜନୈତିକ ଦଳର ଅଙ୍ଗ ଭାବେ କାର୍ଯ୍ୟ କରିଥାଆନ୍ତି ।

ଭାରତ ଏକ ଅନୁନ୍ନତ ରାଷ୍ଟ୍ର ନ ହେଲେ ମଧ୍ୟ ପ୍ରଗତିଶୀଳ ରାଷ୍ଟ୍ରମାନଙ୍କ ତାଲିକାରେ ଅନ୍ତର୍ଭୁକ୍ତ । ଏଠାରେ ଶ୍ରମିକ ସଂଗଠନମାନେ ରାଜନୀତି ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ । ୧୯୦୮ ମସିହାରେ ବାଳଗଙ୍ଗାଧର ତିଳକ ସ୍ୱରାଜ୍ୟ ଆନ୍ଦୋଳନରେ ଭାଗନେଇ କାରାବରଣ କରିବାରୁ ସମଗ୍ର ବମ୍ବେ ସହରର ଶ୍ରମିକ ଏହାର ପ୍ରତିବାଦ ସ୍ୱରୂପ ଧର୍ମଘଟ କରିଥିଲେ । ୧୯୧୮ ମସିହାରେ ବକିଙ୍ଗହାମ କଟନ ମିଲ, ମାଡ୍ରାସରେ ବି: ପି: ଓ୍ୱାଡ଼ିଆ ସର୍ବ ପ୍ରଥମେ ଆଧୁନିକ ଢାଞ୍ଚାରେ ଶ୍ରମିକ ସଂଗଠନ ପ୍ରତିଷ୍ଠା କରିଥିଲେ । ବି: ପି: ଓ୍ୱାଡ଼ିଆ ଜଣେ ପ୍ରତିଷ୍ଠିତ ରାଜନୀତିଜ୍ଞ । ଏହି ଶ୍ରମିକ ସଂଗଠନର କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ ଅଦାଲତରେ ଦୋଷୀ ସାବ୍ୟସ୍ତ କରା ଯାଇଥିଲା । ଶ୍ରମିକ ସଂଗଠନ ଗଠନ କରିବା ଏକ ଅପରାଧ ବୋଲି ସେତେବେଳେ ସମସ୍ତେ ହୃଦୟଙ୍ଗମ କଲେ । ଫଳରେ ଜାତୀୟ କଂଗ୍ରେସର ବହୁ ନେତା ଏହା ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ ଏବଂ ଏପରିକି ବିଲାତ ସଂସଦରେ ଏହି ବିଷୟ ଉତ୍ଥାପନ କରିବା ନିମନ୍ତେ ବ୍ୟବସ୍ଥା କରିଥିଲେ । ଫଳରେ ଭାରତରେ ୧୯୨୬ ମସିହାରେ ଶ୍ରମିକ ସଂଗଠନ ଆଇନ ପ୍ରଣୀତ ହେଲା । ଜାତିର ଜନକ ମହାତ୍ମା ଗାନ୍ଧୀ ଶ୍ରମିକ ସଂଗଠନମାନଙ୍କୁ ରାଜନୀତିଠାରୁ ଦୂରରେ ରହିବାକୁ ପରାମର୍ଶ ଦେଇଥିଲେ ସତ, ମାତ୍ର ସେ ନିଜେ ଅହମଦାବାଦରେ ଲୁଗାକଳ ଶ୍ରମିକମାନଙ୍କର ଶ୍ରମିକ ସଂଗଠନ ପ୍ରତିଷ୍ଠା କରିଥିଲେ ।

ଙ୍କ ବ୍ୟତୀତ ଗୁଲଜାରିଲାଲ ନନ୍ଦା, ସରୋଜିନୀ ନାଇଡୁ, ଚିତ୍ତରଞ୍ଜନ ଦାସ, ଏନ. ଏମ. ଯୋଶୀ, ଭି. ଭି. ଗିରି ପ୍ରଭୃତି ଜାତୀୟ କଂଗ୍ରେସ ନେତା ଏ: ଆଇ: ଟି: ୟୁ: ସି:ର ନେତୃତ୍ୱ ନେଇ ଭାରତରେ ଶ୍ରମିକ ଆନ୍ଦୋଳନର ସୂତ୍ରପାତ କରାଇଥିଲେ । ଭାରତର ସ୍ୱାଧୀନତା ପୂର୍ବରୁ ଏବଂ ପରେ ମଧ୍ୟ ଭାରତର ବିଭିନ୍ନ ରାଜନୈତିକ ଦଳ ଶ୍ରମିକ ସଂଗଠନମାନଙ୍କୁ ପ୍ରତ୍ୟକ୍ଷ ରାଜନୀତିରେ ଜଡ଼ାଇ ରଖିଛନ୍ତି । ଏହି ସବୁରେ ଭାରତର ରାଜନୈତିକ ପରିସ୍ଥିତି, ଶ୍ରମିକ ସଂଗଠନ ଆଇନ ୧୯୨୬ ଏବଂ ମାଲିକମାନଙ୍କର ମନୋବୃତ୍ତି ଅନେକାଂଶରେ ଦାୟୀ ବୋଲି ନିମ୍ନୋକ୍ତ ପର୍ଯ୍ୟାଲୋଚନାରୁ ଜଣାଯିବ ।

ଭାରତୀୟ ଗଣତନ୍ତ୍ରରେ ବହୁ ରାଜନୈତିକ ଦଳ ବିଭିନ୍ନ ସମୟରେ ବିକଶିତ ହେଉଛନ୍ତି ଏବଂ ବଢ଼ୁଅଛନ୍ତି । କେତେକ ପ୍ରତିଷ୍ଠିତ ରାଜନୈତିକ ଦଳ ନିଜର ସ୍ଥିତି ବଜାୟ ରଖିବା ନିମନ୍ତେ ଶ୍ରମିକ ସଂଗଠନମାନଙ୍କୁ ନିଜର ମଞ୍ଚରୂପେ ବ୍ୟବହାର କରୁଛନ୍ତି । ବିଶେଷକରି ସାଧାରଣ ନିର୍ବାଚନରେ ଶ୍ରମିକମାନଙ୍କର ଭୋଟ ବିଶେଷ ଗୁରୁତ୍ୱପୂର୍ଣ୍ଣ ହୋଇ ଥିବାରୁ ଏହି ଭୋଟ ଲାଭ ଆଶାରେ ରାଜନୈତିକ ଦଳମାନେ ଉଦ୍ୟମ କରିବା ସ୍ୱାଭାବିକ । ଏହାକୁ ଆଖି ଆଗରେ ରଖି ଭାରତୀୟ ଜାତୀୟ କଂଗ୍ରେସ ଆଇ: ଏନ: ଟି: ୟୁ: ସି:କୁ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କସବାଦୀ) ସି: ଆଇ: ଟି: ୟୁ: ସି:କୁ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏ: ଆଇ: ଟି: ୟୁ: ସି: କୁ, ଭାରତୀୟ ଜନତା ପାର୍ଟି ବି: ଏମ: ଏସ:କୁ, ଜନତା ତଥା ସୋସାଲିଷ୍ଟ ଦଳ ଏଚ: ଏମ: ଏସ:କୁ, ସୋସିଆଲିଷ୍ଟ ୟୁନିଟି ସେଣ୍ଟର ୟୁ: ଟି: ୟୁ: ସି:କୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ରୂପେ ସୁପ୍ରତିଷ୍ଠିତ କରିଛନ୍ତି । ଭାରତର ବିଭିନ୍ନ ଅଞ୍ଚଳର ଶ୍ରମିକ ସଂଗଠନ ଏହିସବୁ କେନ୍ଦ୍ରୀୟ ଶ୍ରମିକ ସଂଘ ଜରିଆରେ ପରିଚିତ ହେବାକୁ ପସନ୍ଦ କରିଥାନ୍ତି ।

ଶ୍ରମିକ ସଙ୍ଗଠନ ଆଇନ, ୧୯୨୬ ମଧ୍ୟ ଶ୍ରମିକ ସଙ୍ଗଠନ ଗୁଡ଼ିକୁ ରାଜନୀତିରେ ଭାଗ ନେବା ନିମନ୍ତେ ପ୍ରଶସ୍ତ ବ୍ୟବସ୍ଥା ରଖିଛି । ଏହି ଆଇନ ଅନୁସାରେ ଶ୍ରମିକ ସଙ୍ଗଠନମାନଙ୍କ କାର୍ଯ୍ୟକାରୀ ପରିଷଦରେ ଶତକଡ଼ା ୫୦ ଭାଗ ପର୍ଯ୍ୟନ୍ତ ଅଣଶ୍ରମିକ ରହିବା ବ୍ୟବସ୍ଥା ରହିଛି । ଏହାଫଳରେ ରାଜନୈତିକ ନେତାମାନେ ଶ୍ରମିକସଙ୍ଗଠନର ନେତୃତ୍ୱ ନେବା ସୁବିଧାଜନକ ହୋଇଛି । ଏହାବ୍ୟତୀତ ଶ୍ରମିକ ସଙ୍ଗଠନମାନେ ପ୍ରତ୍ୟକ୍ଷ ରାଜନୀତିରେ ଭାଗନେବା ନିମନ୍ତେ ରାଜନୈତିକ ପାଣ୍ଠି ଗଠନ କରିବା ପାଇଁ ଆଇନଗତ ବ୍ୟବସ୍ଥା ରହିଛି । ଓଡ଼ିଶା ଶ୍ରମିକ ସଙ୍ଗଠନ ନିୟମାବଳୀରେ ଆଉ ଏକ ଉଲ୍ଲେଖଯୋଗ୍ୟ ବ୍ୟବସ୍ଥା ରହିଛି । ତଦନୁସାରେ ୨୫୦ରୁ ଅଧିକ ଏବଂ ୭୫୦ରୁ କମ ଥିବା ଶ୍ରମିକ ସଙ୍ଗଠନମାନେ ସେମାନଙ୍କର ବାର୍ଷିକ ବିବରଣୀରେ ସମୀକ୍ଷା ବିବରଣୀ ଦାଖଲ ସମୟରେ ଏହାକୁ ବିଧାନସଭା, ସଂସଦ କିମ୍ବା ପୌରପରିଷଦର ଦୁଇଜଣ ସଦସ୍ୟଙ୍କ ଦ୍ୱାରା ହିସାବ ଯାଞ୍ଚ କରାଯାଇଛି ବୋଲି ସ୍ୱାକ୍ଷର କରିବାକୁ ହେବ । ଏପରି ଏକ ବ୍ୟବସ୍ଥା ଫଳରେ ଏହି ଶ୍ରେଣୀୟ ଶ୍ରମିକ ସଙ୍ଗଠନମାନେ ରାଜନୈତିକ ନେତାମାନଙ୍କର ଦ୍ୱାରସ୍ଥ ହେବା ସ୍ୱାଭାବିକ ।

କେନ୍ଦ୍ର ତଥା ରାଜ୍ୟ ସରକାର ମଧ୍ୟ ତାଙ୍କର ବିଭିନ୍ନ ଶ୍ରମିକ ପରାମର୍ଶଦାତା ପରିଷଦ ଗଠନରେ ଶ୍ରମିକ ସଙ୍ଗଠନମାନଙ୍କ ପ୍ରତିନିଧି ହିସାବରେ ରାଜନୈତିକ ନେତାମାନଙ୍କୁ ମୁଖ୍ୟତଃ ବାଛିଥାନ୍ତି ।

ଆମଦେଶର କେତେକ ମାଲିକ ଏବେ ମଧ୍ୟ ଶ୍ରମିକମାନଙ୍କ ସହ ଏକାଠି ବସି ଆପୋଷ ଆଲୋଚନା କରିଥାରେ ଶ୍ରମିକ ସମସ୍ୟା ସମାଧାନ କରିବା ଦିଗରେ ଅନିଚ୍ଛା ପ୍ରକାଶ କରନ୍ତି । ସେମାନେ ବରଂ ରାଜନୈତିକ ନେତାମାନଙ୍କ ସହ ବସି ଏପରି ଆଲୋଚନାକୁ ପସନ୍ଦ କରନ୍ତି । ଏହା ବ୍ୟତୀତ ସାଧାରଣତଃ ମାଲିକମାନଙ୍କର ନିଜ ନିଜର ସଙ୍ଗଠନ ମଧ୍ୟ ଅଛି । ଶିଳ୍ପ ସଂପର୍କ ମଇଦାନରେ ପ୍ରବେଶ କରିବା ସମୟରେ ସେମାନେ ମଧ୍ୟ ରାଜନୈତିକ ରୂପ ଦେବା ଅପ୍ରାସଙ୍ଗିକ ନୁହେଁ: କାରଣ ଶ୍ରମିକ ସଙ୍ଗଠନମାନେ ବରାବର ରାଜନୈତିକ ନେତାମାନଙ୍କ ଦ୍ୱାରା ପରିଚାଳିତ ହୋଇଥାନ୍ତି ।

ସ୍ୱାଧୀନ ଶ୍ରମିକ ସଙ୍ଗଠନମାନେ ମଧ୍ୟ ରାଜନୀତିରୁ ମୁକ୍ତ ନୁହନ୍ତି । ସେମାନଙ୍କର ଦାବୀ ହାସଲ ନିମନ୍ତେ ରାଜନୈତିକ ନେତାମାନଙ୍କୁ ନିଜର ସପକ୍ଷରେ ବ୍ୟବହାର କରିବା ଘଟଣା ଆମ ଦେଶରେ ବେଶ ଜଣାଶୁଣା । ବିଶେଷକରି ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଥିବା ସରକାରୀ ଉଦ୍ୟୋଗମାନଙ୍କରେ ଶ୍ରମିକମାନଙ୍କ ଦାବୀ ହାସଲ ନିମନ୍ତେ ରାଜନୈତିକ ଚାପ ଆବଶ୍ୟକ ହୁଏ ।

ଆମ ଦେଶରେ ଶ୍ରମିକ ସଙ୍ଗଠନମାନଙ୍କ ସହ ରାଜନୀତିର ସଂଶ୍ଳିଷ୍ଟତା ବହୁ ସୁଫଳ ଏବଂ କୁଫଳ ଆଣିଛି । ତନ୍ମଧ୍ୟରୁ କେତେକ ନିମ୍ନରେ ପ୍ରଦତ୍ତ ହେଲା ।

ସୁଫଳ ମଧ୍ୟରେ ରାଜନୈତିକ ନେତାମାନେ ଶ୍ରମିକ ସଙ୍ଗଠନ ଗଠନ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଆମଦେଶର ଶ୍ରମିକଶ୍ରେଣୀ ମୁଖ୍ୟତଃ ଅଜ୍ଞ ଏବଂ ଅଶିକ୍ଷିତ ହୋଇଥିବାରୁ ଶିକ୍ଷିତ ରାଜନୈତିକ ନେତାମାନେ ଏମାନଙ୍କୁ ନେତୃତ୍ୱ ଦେଇ ଆସିଛନ୍ତି । ପୁନଶ୍ଚ ଆମଦେଶରେ ବହୁ ରାଜନୈତିକ ଦଳ ରହିଥିବାରୁ ସେମାନେ ଶିଳ୍ପାଞ୍ଚଳମାନଙ୍କରେ ନିଜର ଆସନ ସୁଦୃଢ଼ କରିବା ପାଇଁ ଶ୍ରମିକ ସଙ୍ଗଠନ ଗଠନ ଦିଗରେ ପ୍ରଧାନ ଭୂମିକା ଗ୍ରହଣ କରିଥାନ୍ତି । ଏହା ବ୍ୟତୀତ ଆମ ଦେଶର ଅନେକ ଅମଣିଆ ମାଲିକ ରାଜନୈତିକ ନେତାମାନଙ୍କ ପ୍ରଭାବରେ ହିଁ ଶ୍ରମିକମାନଙ୍କ ନ୍ୟାଯ୍ୟ ଦାବୀକୁ ମାନି ନିଅନ୍ତି ।

ଅପରପକ୍ଷରେ ଶ୍ରମିକ ସଙ୍ଗଠନରେ ରାଜନୀତି ଜଡ଼ିତ ରହିଥିବାରୁ ବହୁ କୁପରିଣାମ ମଧ୍ୟ ମିଳିଥାଏ । ଗୋଟିଏ କାରଖାନାରେ ବହୁ ରାଜନୈତିକ ନେତୃତ୍ୱାଧୀନ ଶ୍ରମିକ ସଙ୍ଗଠନମାନଙ୍କ କନ୍ଦଳ, ଅନ୍ତର୍ଦ୍ୱନ୍ଦ୍ୱ ରାଜନୈତିକ ଦାବୀ ହାସଲ ନିମନ୍ତେ 'ବନ୍ଦ' ଆୟୋଜନ, ଦାବୀହାସଲ ନିମନ୍ତେ ବିଭିନ୍ନ ପନ୍ଥା ଅନୁସରଣ ଶିଳ୍ପରେ ଅଶାନ୍ତି ଉପୁଜାଇ ଥାଏ । ଶିଳ୍ପରେ ଶୃଂଖଳା ବିଧି ଅନୁସାରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ନିର୍ଦ୍ଧାରଣ, ଶିଳ୍ପ ପରିଚାଳନାରେ ଶ୍ରମିକମାନଙ୍କ ଅଂଶ ଗ୍ରହଣ ଏବଂ କାର୍ଯ୍ୟକାରୀ ସମିତିରେ ସଭ୍ୟ ମନୋନୟନ ଆଦିରେ ବହୁ ଶ୍ରମିକ ସଙ୍ଗଠନୀୟ ବ୍ୟବସ୍ଥା ସମସ୍ୟା ଉପୁଜାଇଥାଏ । ସର୍ବୋପରି ଅଜ୍ଞ ଶ୍ରମିକମାନଙ୍କୁ ଶ୍ରମିକ ନେତାମାନେ ନାନା ଭାବରେ ଶୋଷଣ କରିବା ଅଭିଯୋଗ ହୁଏ ।

ଶ୍ରମିକ ସଙ୍ଗଠନମାନଙ୍କ ମଧ୍ୟରୁ ରାଜନୀତିକୁ ସଂପୂର୍ଣ୍ଣ ହଟାଯିବା ତ ସମ୍ଭବ ନୁହେଁ, ତେଣୁ ଏହାର କୁପ୍ରଭାବ ହ୍ରାସ କରିବା ନିମନ୍ତେ ନିମ୍ନଲିଖିତ ବ୍ୟବସ୍ଥା ଗ୍ରହଣ କରାଯାଇପାରେ ।

୧ । ଅତି କମ୍‌ରେ ଶହେଜଣ ଶ୍ରମିକ କିମ୍ବା ଶତକଡ଼ା ୧୫ରୁ ଅଧିକସଂଖ୍ୟକ ସଭ୍ୟ ନଥିଲେ କୌଣସି ଶ୍ରମିକ ସଙ୍ଗଠନକୁ ରେଜେଷ୍ଟିକରଣ ବାସନ୍ଦ କରାଯିବା ବିଧେୟ । ଏଥି ସକାଶେ ଅବଶ୍ୟ ଶ୍ରମିକ ସଙ୍ଗଠନ ଆଇନ ସଂଶୋଧନ ଆବଶ୍ୟକ । ଏହା ଫଳରେ ଛୋଟ ଛୋଟ ଶ୍ରମିକ ସଙ୍ଗଠନ ଗଠିତ ହୋଇ ଶିଳ୍ପ ସଂପର୍କ ବ୍ୟବସ୍ଥାକୁ କଳୁଷିତ କରିପାରିବ ନାହିଁ ।

୨ । ଶ୍ରମିକ ସଙ୍ଗଠନମାନଙ୍କର ହିସାବ ସମୀକ୍ଷା ବ୍ୟବସ୍ଥାରେ ରାଜନୈତିକ ବ୍ୟକ୍ତିଙ୍କୁ ପ୍ରଶ୍ରୟ ଦେବା ବନ୍ଦ କରାଯିବା ବିଧେୟ ।

୩ । ଶ୍ରମିକ ସଙ୍ଗଠନର ନେତୃତ୍ୱ ନେଇଥିବା ନେତାମାନଙ୍କୁ ଶ୍ରମିକ ସଙ୍ଗଠନର ନିଜସ୍ୱ ପାଣ୍ଠିରୁ ଦରମା ଦେବା ଉଚିତ । ଏହା ଫଳରେ ଶ୍ରମିକ ନେତାମାନେ ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଅନ୍ୟ ପନ୍ଥା ଅବଲମ୍ବନ କରିବେ ନାହିଁ । ଏହାଫଳରେ ବିଧାନସଭା କିମ୍ବା ସଂସଦ ସଦସ୍ୟମାନେ ଶ୍ରମିକ ସଙ୍ଗଠନର ନେତୃତ୍ୱରୁ ଦୂରରେ ରହିବାକୁ ବାଧ୍ୟ ହେବେ । କେବଳ ଯେଉଁ ନେତାମାନେ ପୁରା ସମୟ ଦେଇପାରିବେ, ସେମାନେହିଁ ରହିବେ ।

୪ । ୫୦୦୦ ସଭ୍ୟବିଶିଷ୍ଟ ଶ୍ରମିକ ସଂଗଠନର ନେତୃତ୍ୱ ନେଇଥିବା ନେତା ଅନ୍ୟ କୌଣସି ଶ୍ରମିକ ସଂଗଠନର ନେତୃତ୍ୱ ନେବାପାଇଁ ଆଇନଗତ ବାସନ୍ଦ ବ୍ୟବସ୍ଥା ରହିବା ସମୁଚିତ । ଏହାଫଳରେ ଜଣେ ନେତା ବହୁ ଶ୍ରମିକ ସଂଗଠନର ନେତୃତ୍ୱ ନେବାରେ ଅନ୍ତରାୟ ହେବ ।

୫ । ଶ୍ରମିକ ପ୍ରଶିକ୍ଷଣ କାର୍ଯ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ନେବା ଆବଶ୍ୟକ । ଏହାଫଳରେ ଶ୍ରମିକମାନେ ସଚେତନ ହେବା ସଙ୍ଗେ ସଙ୍ଗେ ଶ୍ରମିକ ସଂଗଠନର ନେତୃତ୍ୱ ନେବାରେ ସମର୍ଥ ହେବେ ।

୬ । ଶିଳ୍ପରେ ଶୃଂଖଳା ବିଧିକୁ ଆଇନରେ ପରିଣତ କରାଯିବା ଦରକାର । ଏହାଫଳରେ ଉଭୟ ମାଲିକ ଏବଂ ଶ୍ରମିକ ସଂଗଠନ ଏହାକୁ ମାନିବାକୁ ବାଧ୍ୟ ହେବେ ।

୭ । ଅଣସ୍ୱୀକୃତ ଶ୍ରମିକ ସଂଗଠନମାନଙ୍କର କାର୍ଯ୍ୟ-ପରିସରକୁ ସୀମିତ କରିବାକୁ ହେଲେ ସେମାନେ କେବଳ ବ୍ୟକ୍ତିଗତ ଶିଳ୍ପ ବିବାଦ ଉତ୍‌ଥାପନ କରିବା ବ୍ୟବସ୍ଥା ରହିବା ବିଧେୟ । ଏହି ବ୍ୟବସ୍ଥା ଫଳରେ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନମାନେହିଁ ସାଧାରଣ ଶିଳ୍ପ ବିବାଦ ଉଠାଇ ପାରିବେ ।

୮ । ଶ୍ରମିକ ସଂଗଠନର ଚାନ୍ଦା ଆଦାୟ ଦାୟିତ୍ୱ ମାଲିକମାନେ ଗ୍ରହଣ କରିବା ଏକ ସୁସ୍ଥ ପରଂପରା । ଏଥି ସକାଶେ ନିଜ ତରଫରୁ ମାଲିକମାନଙ୍କୁ ଲିଖିତ ଅନୁରୋଧ ଏବଂ କ୍ଷମତା ପ୍ରଦାନ କରିବାକୁ ହେବ ।

୯ । ଶ୍ରମିକ ସଂଗଠନମାନଙ୍କର ନେତୃତ୍ୱ ସଂକ୍ରାନ୍ତ ମାମଲା ସାଧାରଣ ଅଦାଲତରେ ବିଚାର ହେବାରେ ବହୁ ସମୟ ଅତିବାହିତ ହୁଏ । ଏଣୁ ଏସବୁ ମାମଲା ଶ୍ରମ କମିଶନରଙ୍କ ଅଦାଲତରେ ବିଚାର ହେବା ସୁବିଧାଜନକ ।

୧୦ । ଶ୍ରମିକ ସଂଗଠନମାନେ ସଭ୍ୟମାନଙ୍କର ସାଂସ୍କୃତିକ ତଥା ଅର୍ଥନୈତିକ ମାନ ଉନ୍ନୟନ ନିମନ୍ତେ ଧାରାବାହିକ ଭାବେ ଯୋଜନା କାର୍ଯ୍ୟକାରୀ କରିବା ଦରକାର । ଏଥି ସକାଶେ ଆବଶ୍ୟକ ହେଲେ ସରକାରୀ ଅନୁଦାନ ଦେବା ଯଥୋଚିତ ହେବ ।

ପରିସଂଖ୍ୟାନବିତ୍‌
ରାଜ୍ୟ ଶ୍ରମ ନିର୍ଦ୍ଦେଶାଳୟ, ଭୁବନେଶ୍ୱର



ସୈନିକ ସ୍କୁଲ, ଭୁବନେଶ୍ୱର

# ବୁଦ୍ଧଧର୍ମ ଓ [illegible]



ଶ୍ରୀ ଗଣେଶ ପ୍ରସାଦ ପରିଜା

ବନ୍ଧୁ ବଣିକମାନେ ଯଦି ବ୍ୟବସାୟ ବାଣିଜ୍ୟକୁ ଭୁଲି ଧର୍ମଯାଜକ ପାଲଟିବେ ତେବେ କଳିଙ୍ଗର ଅବସ୍ଥା କଣ ହେବ ? କଳିଙ୍ଗ ଲୋକମାନେ ଅନାର୍ଯ୍ୟ ଅସଭ୍ୟ ହୋଇ ପାରନ୍ତି-- ହୋଇପାରନ୍ତି ସେମାନେ ମ୍ଳେଚ୍ଛ କିନ୍ତୁ ସେମାନେ କେବେ କାହା ଦ୍ୱାରରେ ହାତପାତି ଭିକ୍ଷା ମାଗନ୍ତି ନାହିଁ । ସେମାନେ ମଧ୍ୟ ନତମସ୍ତକ ହୁଅନ୍ତି ନାହିଁ କାହାରି ରକ୍ତ ଚକ୍ଷୁରେ । କଳିଙ୍ଗମାନେ ଭୀରୁ ମୃତ୍ୟୁ କାତର କେବେ ନୁହନ୍ତି । ଏହିଭଳି ଏକ ଦୁର୍ଦ୍ଧର୍ଷ ଜାତି ଯଦି ଧର୍ମ ପ୍ରଚାର କରେ ଅଚିରେ ତା ଦେଶ ତା ଲୋକେ ଦରିଦ୍ର ହୋଇଯିବେ । ତୁମେ କଣ ଶୁଣିଛ ଦେବତା ଦେହୁରୀକୁ ପ୍ରସନ୍ନ ହୋଇ କହିଛନ୍ତି ଏ ଦେଶରୁ ଧର୍ମ ବହିର୍ଗତ ହୋଇ ସମସ୍ତ ବିଶ୍ୱକୁ ପ୍ଲାବିତ କରିବ ?

ହଁ ବନ୍ଧୁ ! ତୁମେ ଯାହା କହୁଛ ଠିକ୍ । ଦେଶର ଦେବତା ବିଜ୍ଞାପିତ କରିଛନ୍ତି ସେ କେବଳ ଶାବରୀୟ ଦେବତା ହୋଇ ରହିବେ ନାହିଁ, ସେ ହେବେ ସମଗ୍ର ଭାରତର ସମଗ୍ର ପୃଥିବୀର ତ୍ରାଣକର୍ତ୍ତା । ସେ ନାମିତ ହେବେ ଜଗତର ନାଥ ଜଗନ୍ନାଥ ନାମରେ । ଏଥିପାଇଁ ପ୍ରଥମେ ସୌଦାଗରମାନେ ଚେଷ୍ଟା କରିବେ । ସେହିମାନେ ହେବେ ପ୍ରଥମ ଧର୍ମ ପ୍ରଚାରକ । ଖାଲି ସେତିକି ନୁହେଁ, ସେ କହିଛନ୍ତି କଳିଙ୍ଗ ହେବ ଧର୍ମର ପ୍ରାଣ କେନ୍ଦ୍ର । ଜଣେ ଦୁଷ୍ଟରାଜା ମାତ୍ର କେତେ ବର୍ଷ ପରେ ଏ ଦେଶକୁ ଆକ୍ରମଣ କରିବେ । ସେହି ଆକ୍ରମଣରେ ମରିଯିବେ କଳିଙ୍ଗର ଲକ୍ଷେ ଲୋକ । ସେ କଳିଙ୍ଗ ଭୂମିକୁ ଅଧିକାର କରିବେ ସତ ମାତ୍ର ଦେଶର ଧର୍ମ ପାଖରେ ନତମସ୍ତକ ହେବେ ।

ହଁ ତାହା ହେବନାହିଁତ ଆଉ କଣ ହେବ । ଗୋଟାଏ ବୀରଜାତି ଯଦି ଧର୍ମକୁ ତାର ଏକମାତ୍ର ସମ୍ବଳ ବୋଲି ମନେ କରେ ତେବେ ସେ ଦେଶକୁ ଅନ୍ୟ ଦେଶର ରାଜା ଅଧିକାର କରିବ ନାହିଁତ ଆଉ କଣ କରିବ ? ଦେଶ ବିଦେଶକୁ ଜଳ- ସ୍ଥଳ ପଥରେ ଯାଇ ବ୍ୟବସାୟ ବାଣିଜ୍ୟ କରି ବିଭିନ୍ନ ଦେଶରୁ ଯେଉଁ ଜାତି ଧନରତ୍ନ ବୋହି ଆଣୁଥିଲେ, ସେ ଯଦି ଧର୍ମ ପ୍ରଚାର କରିବ ତେବେ ସେ ଜାତିର ଅବସ୍ଥା କଣ ହେବ? ପ୍ରକୃତରେ ଏହି କଥା ଶୁଣିଲ ବେଳଠାରୁ ମୋତେ ଦୁଃଖ ଲାଗୁଛି । ଇଚ୍ଛା ହେଉଛି କାନ୍ଦିବା ପାଇଁ ।

ବ୍ୟସ୍ତ ହୁଅନାହିଁ ବନ୍ଧୁ । ଦେଶ ଧନାଢ୍ୟ ହେଲ ପରେ ତାର ଶେଷ ପରିଣତି ଆଉ କଣ ହୋଇପାରେ ? ସେ ପର୍ଯ୍ୟନ୍ତ ମଣିଷ ଦରିଦ୍ର ସେ ପର୍ଯ୍ୟନ୍ତ ସେ ଧନକୁ ଆଦର କରିବ । ଯେତେବେଳେ ମଣିଷ ଧନରେ ସମୃଦ୍ଧ ହୋଇଯାଏ ସେତେବେଳେ ସେ ଭଗବାନଙ୍କୁହିଁ ଖୋଜିଥାଏ । ମଣିଷର ଶେଷ ଆବିଷ୍କାର ହୋଇଛି ଈଶ୍ୱର । ଈଶ୍ୱର ପ୍ରାପ୍ତିରେ ଯେଉଁ ବିମଳ ଆନନ୍ଦ ଆସେ ସେ ଆନନ୍ଦ କଣ ଅନ୍ୟ କେଉଁଥିରେ ଆସେ ?

ତାହାହେଲେ ଆମେ ବାଣିଜ୍ୟ କରିବାକୁ ଯିବା କାହିଁକି । ଏହି ବଣର କୌଣସି ଗଛମୂଳେ ବସି ତପସ୍ୟା କଲେ ତ ହୁଅନ୍ତା ? ଆଜି ଆମେ ଦାରିଦ୍ର୍ୟଠାରୁ ବହୁ ଦୂରରେ । କଳିଙ୍ଗର ସେହି ବିଖ୍ୟାତ ସୌଦାଗର ବଂଶରେ ଜନ୍ମ ହୋଇ ନାହିଁ କେଉଁ କାଳରୁ ବଂଶାନୁ ବଂଶ ଧନୀ ହୋଇ ଆସିଛୁ । ଆଉ ଅଧିକ ପାଇଁ କାହିଁକି ଏତେ ବ୍ୟସ୍ତ ହେବା ?

ସମୟ ଆସିନାହିଁ ବନ୍ଧୁ । ସମୟ ଆସିଲେ ଆମେ ଆପେ ଆପେ ସେହି ପଥରେ ପଥିକ ହେବା । ସେଥିରୁ ଆମକୁ କେହି ନିବୃତାଇ ପାରିବ ନାହିଁ ।

ଶୁଣ ବନ୍ଧୁ—କାହାର କରୁଣ ସ୍ୱର ଶୁଭି ଯାଉଛି । ମୋର ମନେ ହେଉଛି ଦସ୍ୟୁମାନେ କାହାର ହସ୍ତପଦ ମୁଖ ବନ୍ଧନ କରିଛନ୍ତି ।

ନୀରବ ହୋଇଗଲେ ଦୁଇ ବନ୍ଧୁ । କିଛି ସମୟ ନୀରବ ହେଇ ପରେ ସେପରି କୌଣସି ସ୍ୱର ଶୁଭାଗଲା ନାହିଁ । ସତେ ଯେପରି ସେ ଭୁଲ ଶୁଣିଛନ୍ତି । କିଛି ସମୟ ନୀରବ ରହିଲା ପରେ ସେ କଣ କହିବାକୁ ଇଚ୍ଛା କରୁଥିଲେ, ଏତିକି ବେଳେ କେହି ଜଣେ ଦୂରରୁ ଡାକି କହିଲା ତପସୁ ! ତୁମେ ତୁମ ବନ୍ଧୁ ଭଲ୍ଲିକକୁ ଧରି ଏହିଠାକୁ ଆସ ।

ବିସ୍ମିତ ହୋଇଗଲେ ଦୁଇ ବନ୍ଧୁ । କିଏ ତାଙ୍କ ନାମ ଧରି ଡାକୁଛି ? ଏଠାରେ ଜଣ କେହି ପୁରସ୍ଥାନୀୟ କାଳିଙ୍ଗ ରହିଛନ୍ତି ? ତାହା ନ ହେଲେ ତାଙ୍କୁ ଚିହ୍ନିଲା କିଏ ?

ବନ୍ଧୁ ଭଲ୍ଲିକ ମୋର ମନେ ହେଉଛି କୌଣସି ଯକ୍ଷ ବୋଧେ ଆମକୁ ପଥଭ୍ରଷ୍ଟ କରିବାପାଇଁ ଚେଷ୍ଟା କରୁଛି । ତା ନ ହେଲେ ମଗଧର ନିରଞ୍ଜନା ନଦୀ କୂଳରେ କିଏ ମୋ ନାମ ଏବଂ ତୁମ ନାମ ଉଚ୍ଚାରଣ କରନ୍ତା ?

ହୋଇପାରେ । ଖାଲି ଆମକୁ ନୁହେଁ, ଆମ ଶଗଡ଼ିଆ-ମାନଙ୍କୁ ମଧ୍ୟ ସେ ପ୍ରତାରିତ କରି ପାରେ । ତେଣୁ ସତର୍କ ରହିବାକୁ ଇଙ୍ଗିତ ଦେବା ଆବଶ୍ୟକ । ତା' ନ ହେଲେ ଆମ ସମସ୍ତଙ୍କ ଜୀବନ ସଙ୍କଟପୂର୍ଣ୍ଣ ହୋଇ ଯିବ । ନଦୀକୂଳର ଜଙ୍ଗଲିଆ ସ୍ଥାନମାନଙ୍କରେ ଯକ୍ଷମାନେ ଲୁଚି ରହିଥାନ୍ତି । ବର୍ତ୍ତମାନଠାରୁ ସତର୍କ ନ ହେଲେ ବିପଦ ।

କଳିଙ୍ଗର ସୌଦାଗର ତପସୁ, ଭଲ୍ଲିକ ତୁମର ସୌଭାଗ୍ୟ ତୁମେ ଭଗବାନଙ୍କର ଦର୍ଶନ ଖୁବ୍ ଶୀଘ୍ର ପାଇବ । ପୂର୍ବାର୍ଜିତ କର୍ମ ପାଇଁ ତୁମେ ଦୁହେଁ ବିଶ୍ୱରେ ଖ୍ୟାତ ହେବ ।

ଚମତ୍କୃତ ହେଲେ କଳିଙ୍ଗର ସୌଦାଗର ଦ୍ୱୟ । ଏ କିଏ ? ଏ କିଏ ତାଙ୍କୁ ବାରମ୍ବାର ଡାକି କହୁଛି । ଯକ୍ଷ ? ଯକ୍ଷ କଣ ଏହିଭଳି ପ୍ରତାରିତ କରୁଛି ? ତାହାହେଲେ ସମସ୍ତଙ୍କୁ ସତର୍କ ରହିବାକୁ କହି ଦେବା ଉଚିତ । ତା ନ ହେଲେ କିଏ ଜାଣେ କେଉଁ ଭବିଷ୍ୟତ ଘଟିବ ?

ଶଙ୍ଖ ବାଦନ କଲେ କଳିଙ୍ଗର ସୌଦାଗର ତପସୁ । ବାରମ୍ବାର ଶଙ୍ଖଧ୍ୱନି କରି ସତର୍କ କରାଇ ଦେଲେ ଶଗଡ଼ିଆ-ମାନଙ୍କୁ । ପାଞ୍ଚଶହ ଶଗଡ଼—ହଜାରେ ବଳଦ—ପ୍ରତି ଶଗଡରେ ଦୁଇଜଣ କରି ଲୋକ ହେଲେ ହଜାରେ ଲୋକ । ଲୋକ-ମାନେ ସୌଦାଗରଙ୍କ ସତର୍କ ଧ୍ୱନି ଶୁଣି ଶଗଡକୁ ଠିଆ କରାଇ ଦେଲେ । ତା ପରେ ଅସ୍ତ୍ରଶସ୍ତ୍ର ଧରି ଅପେକ୍ଷା କଲେ ବିପଦକୁ ।

ନା—କୌଣସି ବିପଦର ସୂଚନା ନାହିଁ । ତା ପରେ ଆଉ କିଛିକ୍ଷଣ ଅପେକ୍ଷା କଲେ । ସୌଦାଗର ସ୍ଥିର କଲେ ସମୟ ହୋଇଯାଉଛି—ବର୍ତ୍ତମାନ ସମସ୍ତେ କିଛି କିଛି ଆହାର କରିବା ଉଚିତ । ବଳଦମାନଙ୍କୁ କିଛି ଆହାର ଦେବା ଦରକାର ।

ହଠାତ୍ ସୌଦାଗର ଦୁହେଁ ଶୁଣିବାକୁ ପାଇଲେ ଦୂରରେ କିଏ କଥାବାର୍ତ୍ତା ହେଉଛନ୍ତି । ଜଣେ କହୁଛି, ଶୀଘ୍ର ଭଗବାନଙ୍କ ତୁଣ୍ଡରେ ଅମୃତ ପ୍ରଦାନ କର । ସେ ସୁସ୍ଥ ହୋଇ ଉଠନ୍ତୁ ।

ନା ସ୍ରଷ୍ଟା ! କର୍ତ୍ତାଙ୍କର ନିର୍ଦ୍ଦେଶାନୁଯାୟୀ କଳିଙ୍ଗର ସୌଦାଗର ଦ୍ୱୟ ଉପସ୍ଥିତ । ବିଶ୍ୱର ମହାପ୍ରଭୁଙ୍କ ମହାପ୍ରସାଦ ଧରି ସେମାନେ ଯାଉଛନ୍ତି ଜମ୍ବୁଦ୍ୱୀପ ଆରପାଖକୁ । ପ୍ରଥମେ ସେମାନେ ଭଗବାନଙ୍କୁ ମହାପ୍ରସାଦ ପ୍ରଦାନ କରିବେ । ଶୁଣିବେ ତାଙ୍କ କଣ୍ଠରୁ ଅମୀୟ ବାଣୀ । ଆପଣଙ୍କର ଭୟ ମନେ ନାହିଁ ହିଂସା—ମିଥ୍ୟା—ପ୍ରତାରଣାଦିରୁ ବିଶ୍ୱକୁ ରକ୍ଷା କରିବା ପାଇଁ କଳିଙ୍ଗର ମହୋଦଧି କୂଳରେ ଶବରମାନଙ୍କ ଦ୍ୱାରା ଉପାସିତ ପରଂବ୍ରହ୍ମଙ୍କଠାରୁ କଳାଟିଏ ଆସି ଜନ୍ମ ନେଇଥିଲେ ନେପାଳର କପିଳବାସ୍ତୁରେ । ବିଶ୍ୱକୁ ଆଲୋକିତ କରିବା ପାଇଁ ସେହି କଳା ଆଜି ଯେତେବେଳେ ଦିବ୍ୟଜ୍ଞାନରେ ଉଦ୍ଭାସିତ ସେତେବେଳେ ତାଙ୍କ ତୁଣ୍ଡରେ ... ପରଂବ୍ରହ୍ମଙ୍କର ମହାପ୍ରସାଦ କଳିଙ୍ଗର ସୌଦାଗର ଦୁହେଁ ବାଢ଼ିଦେବେ ।

ସ୍ପଷ୍ଟଭାବରେ ଶୁଭୁଥାଏ ସୌଦାଗର ଦୁହିଁଙ୍କୁ ଏହି କଥା । ସେମାନେ ବିସ୍ମିତ ହୋଇଗଲେ ଏହି କଥା ଶୁଣି । ହଁ ସେମାନେ ଦେଶର ଦେବତାଙ୍କୁ ନୈବେଦ୍ୟ କରାଇ ମଧୁପିଣ୍ଡକ ଆଣିଛନ୍ତି । ସେହି ମଧୁପିଣ୍ଡକ ତାଙ୍କର କୈବଲ୍ୟ । ପ୍ରତିଦିନ କୈବଲ୍ୟ କଣିକାଏ ନ ପାଇଲେ ସେମାନଙ୍କ ମନ ସନ୍ତୁଷ୍ଟ ହୁଏ ନାହିଁ । ଭଗବାନ ସେହି କୈବଲ୍ୟରୁ ପ୍ରଥମେ କିଛି ଗ୍ରହଣ କରିବେ । କିନ୍ତୁ ସେହି ଭଗବାନ କିଏ ? ସେ କେଉଁଠି ?

ସୌଦାଗର ଦୁହେଁ ଦୁହିଁଙ୍କୁ ଅନାଇଲେ । ପରସ୍ପର ପରସ୍ପରଙ୍କ ଆଡ଼କୁ ପ୍ରଶ୍ନବାଚକ ଦୃଷ୍ଟିରେ ଅନାଇ ଜଣାଇ ଦେଉଥାନ୍ତି ସେମାନେ ଏ ବିଷୟରେ ସଂପୂର୍ଣ୍ଣ ଅଜ୍ଞ ।

ହଠାତ୍ ଶୁଭିଲା କଡ଼ା, ମର୍ଦ୍ଦଳ, ଡାଉଣ୍ଡି, ମୃଦଙ୍ଗ ବାଦ୍ୟରୋଳ । ତାପରେ ଶୁଭିଲା ବହୁ ସମ୍ମିଳିତ କଣ୍ଠରୁ ସ୍ତୁତି । ସମସ୍ତ ସ୍ୱର, ସମସ୍ତ ଶବ୍ଦ ଯେପରି ଶୂନ୍ୟରୁ ଓହ୍ଲାଇ ଆସୁଛି ମର୍ତ୍ତ୍ୟ ଲୋକରେ । ତପସୁ— ଭଲ୍ଲିକ ! ... ତୁମକୁ ଅପେକ୍ଷା କରିଛନ୍ତି । ମହାତତ୍ତ୍ୱ ତବେ ତୁମେ ଶୀଘ୍ର ... ଦର୍ଶନକରି ପାପ ମୁକ୍ତ ହୁଅ । ତାଙ୍କମୁଖରୁ ପ୍ରଥମ ... ଶ୍ରବଣ କରି ବିଶ୍ୱରେ ତାହା ପ୍ରଚାର କରଅ । କିଏ ? କିଏ ... ବାରଂବାର ଡାକି କହୁଛି ? ଏ ଜଣ ଯକ୍ଷ ନା ଅନ୍ୟ କେହି ? ହେ କଳିଙ୍ଗ ଲୋକଙ୍କର ଦେବତା—ତୁମେ ସାହାଯ୍ୟ କର—... କଢ଼ାଇ ନେଇଯାଅ । ଆମେ କଳିଙ୍ଗର ସୌଦାଗର ଦୁହେଁ ଏ ରହସ୍ୟ କିଛି ବୁଝିପାରୁନାହୁଁ ।

ତପସୁ, ଭଲ୍ଲିକ ଦୁହେଁ ଖୋଜିଲେ ଖୋଜିଲେ ଆଖିରେ ... ଅନାଇଲେ । ଆଗରେ ଦେଖା ଯାଉଥାଏ ନିରଞ୍ଜନା ନଦୀ ।

ଚା ଆଖପାଖରେ ପାହାଡ଼ ମାଳା । ପାହାଡ଼ ମାଳା ଆଡୁ ଆଖି ଫେରାଇ ଆଣି ସେମାନେ ଅନାଇଲେ ନଦୀକୂଳର ବନଭାଗ ଆଡ଼କୁ । ହଠାତ୍ ଭଲ୍ଲିକ ତାଙ୍କ ଆଖିରେ ଜଣେ କାହାକୁ ଦେଖିଲା ଭଳି ମନେକଲେ । ଏକ ମହାତରୁ ମୂଳେ କିଏ ଜଣେ ବସିଛନ୍ତି । ତାଙ୍କ ଦେହରୁ ଶୁଭ୍ର କିରଣ ବିଚ୍ଛୁରିତ ହେଉଛି । ମନ୍ଦମନ୍ଦ ବହୁଛି ପବନ । କୌଣସି ଗଛର କୋଟରରେ ସେହି ପବନ ବାଜି ସୃଷ୍ଟି କରୁଛି ଶଂଖଭଳି ସ୍ୱର । ଗଛର ପତ୍ର ପତ୍ରରେ ବାଜି ମଣିଷର କରତାଳି ଭଳି ଶବ୍ଦ ହେଉଛି ।

ଭଲ୍ଲିକ ହାତଠାରି ତପସୁଙ୍କୁ ସେହି ଗଛ ମୂଳରେ ବସିଥିବା ମହାତ୍ମାଙ୍କୁ ଦେଖାଇ ଦେଲେ । ସତେ ତ ମହାତରୁ ମୂଳେ ଜଣେ ଆଲୋକମୟ ପୁରୁଷ ବସିଛନ୍ତି । ତାଙ୍କୁ ସ୍ପର୍ଶକରି ଯେଉଁ ପବନ ବହି ଆସୁଛି ସେଥିରେ ଶୀତଳତା ଭରିରହିଛି । ଗ୍ରୀଷ୍ମକାଳରେ ଦେହର ଗରମକୁ ଶୀତଳ କରିବାପାଇଁ ସତେ ଯେପରି ସେ ଶାନ୍ତ ଚନ୍ଦନ ମାଖି ଦେଉଛି ସବୁଆଡୁ ।

ତପସୁ ଇଙ୍ଗିତରେ ତାଙ୍କ ଶଗଡ଼ ରକ୍ଷୀଙ୍କ ମୁଖ୍ୟଙ୍କୁ ଡାକିଲେ । ତାକୁ ମଧ୍ୟ ଆଦେଶ ଦେଲେ ମଧୁ ପିଷ୍ଟକ ଭଣ୍ଡଟିକୁ ଆଣିବାପାଇଁ । ମୁନିବଙ୍କ ଆଦେଶରେ ସଙ୍ଗେ ସଙ୍ଗେ ମଧୁପିଷ୍ଟକ ଭାଣ୍ଡ ଆସିଗଲା । ତପସୁ ସେହି ଭାଣ୍ଡଟିକୁ ଧରି ଭଲ୍ଲିକଙ୍କୁ ସଙ୍ଗରେ ନେଇ ଆଗେଇ ଗଲେ ସେହି ମହାତରୁ ଆଡ଼କୁ ।

ବେଶୀ ଦୂର ନୁହେଁ—ଅଳ୍ପ ସମୟ ମଧ୍ୟରେ ଦୁହେଁ ମହାତରୁ ନିକଟରେ ପହଞ୍ଚି ଗଲେ । ସେହି ମହାତ୍ମା କିଛି କହିବା ପୂର୍ବରୁ ତାଙ୍କ ପଦ ତଳେ ଦୁଇ ସୌଦାଗରଙ୍କ ମସ୍ତକ ନଇଁ ପଡ଼ିଲା । ହାତ ଉଠାଇ ସେ ଆଶୀର୍ବାଦ କଲେ । ସେ ଆଶୀର୍ବାଦରେ ଆତ୍ମୀୟତା ଭରି ରହିଥିଲା—ରହିଥିଲା ସ୍ନେହ, ପ୍ରେମ । ସତେ ଯେପରି ସେମାନେ ତାଙ୍କର ବହୁ ପରିଚିତ—ଅତି ଆତ୍ମୀୟ ।

କିନ୍ତୁ ଏ କଣ ଦେଖକରେ ତାଙ୍କ ପେଟ ଭିତରକୁ ପଶି ଯାଇଛି । ଗୋଡ଼ ହାତ ଏବଂ ସମଗ୍ର ଦେହରେ ମାଂସନାହିଁ—ଖାଲି ହାଡ଼-ଉପରେ ଚମର ଆସ୍ତରଣ । ଚକ୍ଷୁ ତାଙ୍କର କୋଟରାଗତ ।

ଭଲ୍ଲିକ କହିଲେ, ଭଗବାନ ଦୀର୍ଘ ଦିନ ହେବ ବୋଧେ ଉପବାସ । ଉପବାସ ରହି ଅନେକ ଦିନ ଧରି ତପସ୍ୟା କରିବାରୁ ସମସ୍ତ ଭୌତିକ ଶକ୍ତି ସେ ହରାଇ ବସିଛନ୍ତି । କେବଳ ଐଶିଶକ୍ତି ତାଙ୍କୁ ବଞ୍ଚାଇ ରଖିଛି ଯାହା । ସେଥିପାଇଁ ସେ ଭଲଭାବେ କଥା କହି ପାରୁନାହାନ୍ତି ।

ତପସୁ ! ଆଉ ଡେରି କରନାହିଁ । ଜ୍ଞାନରେ ଉଦଭାସିତ ଏହି ମହାତ୍ମାଙ୍କୁ ତୁମେ ମଧୁପିଷ୍ଟକ ନିବେଦିତ କର । ସେଦିନ ସ୍ୱର୍ଣ୍ଣାକ୍ଷରରେ ଲେଖାରହୁ କଳିଙ୍ଗଙ୍କ ନିବେଦିତ ପ୍ରସାଦ ବୋଧି ପ୍ରାପ୍ତିପରେ ଭଗବାନ ପ୍ରଥମେ ଗ୍ରହଣ କରିଥିଲେ ।
ଶୂନ୍ୟବାଣୀ ଶୁଣି ତପସୁ ତରତରକରି ପିଷ୍ଟକ ପଣ୍ଡଟି ଖୋଲି କିଛି ଗ୍ରହଣ କରିବାପାଇଁ ନିବେଦନ କଲେ । ସଙ୍ଗେ ସଙ୍ଗେ ଭଲ୍ଲିକ କହିଉଠିଲେ, ଆପଣଙ୍କୁ ଦେଖି ମନେ ହେଉଛି ଆପଣ କ୍ଷୁଧା । ଦୀର୍ଘଦିନ ଧରି କୌଣସି ଖାଦ୍ୟ ଗ୍ରହଣ କରିନାହାନ୍ତି । ତେଣୁ ଅନୁଗ୍ରହ କରି ଇଚ୍ଛାନୁଯାୟୀ ମଧୁପିଷ୍ଟକ ଗ୍ରହଣ କରନ୍ତୁ ।
ପ୍ରତିଭରିଲା ମହାତ୍ମାଙ୍କ ମୁଖରେ ଛୋଟ ହସଟିଏ । କୌଣସି ପ୍ରତିବାଦ ନକରି ହାତ ବଢ଼ାଇ ଗ୍ରହଣ କଲେ ତପସୁଙ୍କ ହାତରୁ ମଧୁପିଷ୍ଟକ । ଖଇକଚୁଲା ଗୁଡ଼ରେ ପାଗହୋଇ ଘିଅରେ ଛଣା ହୋଇଥାଏ ସେହି ପିଠା । କାଳିଙ୍ଗମାନେ ଦେଶ ବାହାରକୁ ଗଲେ ସେହିପିଠା ସଙ୍ଗରେ ନେଇଯାନ୍ତି । ସେ ପିଠାଭଳି ଏଭଳି କୌଣସି ପିଠାନାହିଁ ଯାହାକି ଦୀର୍ଘଦିନଧରି ରହିପାରେ । ସେହି ପିଠାରୁ କିଛି ଗ୍ରହଣ କଲାପରେ ଜଳ ନିବେଦନ କଲେ ଭଲ୍ଲିକ । ତାହା ମଧ୍ୟ ସେ ଗ୍ରହଣକଲେ । ଖାଦ୍ୟ ପାନୀୟ ଗ୍ରହଣ କଲାପରେ କିଛି ସମୟ ସ୍ଥିରହୋଇ ବସିଗଲେ ସେ । ତାପରେ ଟିକିଏ ସୁସ୍ଥହୋଇ ସେ ଧୀରେ ଧୀରେ କହିଲେ, ହେ ସୌଦାଗର! ମୁଁ ପ୍ରକୃତ ସତ୍ୟ ଉପଲବ୍ଧି କରିଛି । ସେହି ସତ୍ୟଦ୍ୱାରା ବିଶ୍ୱର ଅଶେଷ ମଙ୍ଗଳହେବ । ସର୍ବପ୍ରଥମେ ମୁଁ ତୁମ ଦୁହିଁଙ୍କୁ ସେହି ସତ୍ୟରେ ଦୀକ୍ଷିତ କରିବି । ତାହାଦ୍ୱାରା ତୁମେ ମରଣ ଜୟୀ ହୋଇ ପାରିବ ।

ପ୍ରଭୋ ! ଆମେ କଳିଙ୍ଗରୁ ଆସିଛୁ । ଆପଣ ଯଦି ଅନୁଗ୍ରହ କରି କଳିଙ୍ଗ ଯିବାକୁ ସମ୍ମତି ପ୍ରକାଶ କରନ୍ତେ ତେବେ ଆମେ ତାର ବିହିତ ବନ୍ଦୋବସ୍ତ କରି ଆନନ୍ଦିତ ହୁଅନ୍ତୁ ।

ନା ସୌଦାଗର । କଳିଙ୍ଗ ଯିବାପାଇଁ ବେଳ ଆସିନାହିଁ । ସେ ଭୂମିକୁ ଗଲେ ଆଉ ଫେରି ହେବ ନାହିଁ । ସତ୍ୟ ପ୍ରଚାର ପାଇଁ ତଥାଗତ ଉତ୍ତରକୁ ଯାତ୍ରା କରିବେ । ତଥାଗତ ଭାବିଥିଲେ ଯେଉଁ ସତ୍ୟ ସେ ଉପଲବ୍ଧି କରିବେ ତାହାକୁ ପ୍ରଥମେ ସେ ପଞ୍ଚବର୍ଗୀୟ ସାଧୁଙ୍କୁ ଶୁଣାଇବେ । ମାତ୍ର ପ୍ରଥମ ଉପାସକ ପଞ୍ଚବର୍ଗୀୟ ସାଧୁମାନେ ନୁହନ୍ତି । ପ୍ରଥମେ ତାହା ଶ୍ରବଣ କରିବ ତୁମେ ଦୁହେଁ କଳିଙ୍ଗର ସୌଦାଗର । କେବଳ ଉପଦେଶ ନୁହେଁ, ତୁମ ଉପରେ ତଥାଗତ ପ୍ରସନ୍ନ । ତେଣୁ ତୁମ ଦୁହିଁଙ୍କ ହାତରେ ସେ ନୃଖବାଳ ଦେବେ । ତାହା ନେଇ ବିଭିନ୍ନ ସ୍ଥାନରେ ଚୈତ୍ୟ ନିର୍ମାଣ କରି ତାହାରି ମଧ୍ୟରେ ତାକୁ ସ୍ଥାପନ କରିବ ।

ଟିକିଏ ପୂର୍ବରୁ ଯେଉଁ ସୌଦାଗର ଦୁହେଁ ଧର୍ମ ବିଷୟରେ କଟୁ ଆଲୋଚନା କରୁଥିଲେ ବର୍ତ୍ତମାନ ସେମାନେ ଯେପରି ମନ୍ତ୍ରମୁଗ୍ଧ ହୋଇ ଯାଇଛନ୍ତି । କ୍ଷୁଧା ତୃଷ୍ଣା ସେହି ତଥାଗତଙ୍କ ପାଦ ପାଖରେ ହାତ ଦୁଇଟିକୁ ଯୋଡି ବସି, ରହିଥାନ୍ତି ଅତି ବିନୟ ଭାବରେ । ସେମାନେ ମନେ କରୁଥାନ୍ତି ସେମାନେ ଭାଗ୍ୟବାନ । ଭଗବାନଙ୍କ ଦର୍ଶନ ପାଇଲେ, ଭଗବାନଙ୍କୁ ନିବେଦିତ କଲେ ସେମାନେ ଆଣିଥିବା ପିଠା । ଏହା ଠାରୁ ଆଉ ବଡ ଭାଗ୍ୟ କଣ ଥାଇପାରେ?

ସୌଦାଗର ଦୁହେଁ ମହାର୍ଘ ବସ୍ତ୍ର ସହିତ ସୁବର୍ଣ୍ଣ ମୁକୁଟ ତଥାଗତଙ୍କ ସମ୍ମୁଖରେ ରଖି କହିଲେ, ଭଗବାନ ଆପଣଙ୍କର ଯଦି କୌଣସି ଆପତ୍ତି ନଥାଏ ତେବେ ଏ-ସବୁକୁ ଗ୍ରହଣ କରନ୍ତୁ ।
ସୌଦାଗର ଏହିଠାରୁ ଉତ୍ତରକୁ ଗଲେ ହିମାଳୟ ପଡ଼ିବା ସେହି ହିମାଳୟ ନିକଟରେ ଧନ ଏବଂ ବୀରତ୍ୱ ପୂର୍ଣ୍ଣ ଏକ ପ୍ରଦେଶ ଅଛି । କୋଶଳ ରାଷ୍ଟ୍ରରେ ସେହି ପ୍ରଦେଶଟି ସମାବେଶିତ ହୋଇଛି । ସେହି ପ୍ରଦେଶର ଲୋକମାନଙ୍କୁ ଶାକ୍ୟ କୁହାଯାଏ ଏବଂ ସେମାନଙ୍କର ଗୋତ୍ର ଆଦିତ୍ୟ । ତଥାଗତ ସେହି ବଂଶରେ ଜନ୍ମ ଗ୍ରହଣ କରି ଦେଖିଲେ ଜୀବମାନେ ବ୍ୟାଧି ଓ ମରଣ ପୀଡାରେ ଦୁଃଖ ଭୋଗୁଛନ୍ତି । ସେଥିରୁ ଲୋକମାନଙ୍କୁ ଉଦ୍ଧାର କରିବାକୁ ସେ ପରିବ୍ରାଜକ ହେଲେ । ପରିବ୍ରାଜକ ହେଲାପରେ ତାଙ୍କର କୌଣସିରେ ଆସକ୍ତି ନାହିଁ । ସୁବର୍ଣ୍ଣ ମୁକୁଟ—ମଣିମୟ

ରାଜ ସିଂହାସନ–ସର୍ବସୁନ୍ଦରୀ ପତ୍ନୀ ଆଦି ତାଙ୍କର ମୋଟେ ଆବଶ୍ୟକ ନୁହେଁ । ତୁମେ ଯଦି ପ୍ରକୃତ ତଥାଗତଙ୍କୁ ଶ୍ରଦ୍ଧା କରୁଥାଅ ତେବେ ତଥାଗତଙ୍କ ପ୍ରଦର୍ଶିତ ମାର୍ଗ ନିଜେ ଗ୍ରହଣ କର ଓ ଅନ୍ୟଙ୍କୁ ସେ ମାର୍ଗ ବତାଇ ଦିଅ ।

ଭଗବାନ ! ଆଜି ଜ୍ୟେଷ୍ଠର ଶେଷ ଦିନ । ବୈଶାଖ ପୂର୍ଣ୍ଣିମା ଗତ ହୋଇ ଯାଇଛି ଠିକ୍ ମାସେ ହେବ ଆଜି ଜ୍ୟେଷ୍ଠ ପୂର୍ଣ୍ଣମୀରେ ଆମେ ଆପଣ ତପଶ୍ଚରଣ ବିଷୟ ଶୁଣିବାକୁ ଇଚ୍ଛାକରୁ । ଦୟାକରି ଆପଣ ଆମକୁ ସେ ବିଷୟରେ କିଛି କହି ଆମର ସନ୍ଦେହ ମୋଚନ କରନ୍ତୁ । ପ୍ରଥମେ ଯେତେବେଳେ ଆମେ ଆପଣଙ୍କୁ ଦର୍ଶନ କଲୁ ସେତେବେଳେ ଆପଣ କ୍ଷୁଧାର୍ତ୍ତ ଥିଲେ । ଆପଣ କଣ ଦୀର୍ଘଦିନ ଧରି କିଛି ଖାଦ୍ୟ ଗ୍ରହଣ କରି ନ ଥିଲେ ?

ତୁମ ଅନୁମାନ ସତ୍ୟ ସୌଦାଗର । ବୈଶାଖ ପୂର୍ଣ୍ଣମୀର ଦିବା ଭାଗରେ ସୁଜାତା କ୍ଷୀରି ପରିବେଷଣ କରିଥିଲେ । ସେହି ଖାଦ୍ୟ ଖାଇସାରିଲା ପରେ ପ୍ରଥମ ଖାଦ୍ୟ ତୁମଠାରୁ ତଥାଗତ ଗ୍ରହଣ କରିଛନ୍ତି । ବୈଶାଖ ପୂର୍ଣ୍ଣମୀ ରାତିରେ ମାର ଆସି ବହୁ ପ୍ରଲୋଭନ ଦେଖାଇଥିଲା । ମାତ୍ର ତଥାଗତ ତାର ସମସ୍ତ ଶକ୍ତିକୁ ପରାଭୂତ କରି ଦିବ୍ୟଜ୍ଞାନ ସେହି ବୈଶାଖ ପୂର୍ଣ୍ଣିମା ରାତ୍ରିରେ ବୋଧିବୃକ୍ଷ ତଳେ ପାଇଥିଲେ । ତାପରେ ଗୋଟିଏ ସପ୍ତାହ ଗତ ହୋଇ ଯାଇଛି ସେହି ବୋଧିବୃକ୍ଷ ତଳେ । ତା ପରେ ଦ୍ୱିତୀୟ ସପ୍ତାହ ଗତହେଲା ନ୍ୟଗ୍ରୋଧ ବୃକ୍ଷତଳେ । ସେହିଭଳି ତୃତୀୟ ସପ୍ତାହ ମୁଚଳିନ୍ଦ ବୃକ୍ଷତଳେ କଟାଇ ଚତୁର୍ଥ ସପ୍ତାହ ରାଜାୟତନ ବୃକ୍ଷ ତଳେ କଟାଇ ଦେଲେ ତଥାଗତ । ତା ପରେ ସେ ପୁଣି ଫେରି ଆସିଲେ ସେହି ବୋଧିବୃକ୍ଷ ତଳକୁ । ଆଜି ଜ୍ୟେଷ୍ଠ ପୂର୍ଣ୍ଣିମା । ଏହିଦିନ ଏତେଦିନ ଧରି ତଥାଗତ ଯେଉଁ ସତ୍ୟ ଉପଲବ୍ଧି କରିଛନ୍ତି ତାହା ତୁମକୁ ଶିକ୍ଷା ଦେବେ ।

ଜ୍ୟେଷ୍ଠ ପୂର୍ଣ୍ଣିମା । ଭୟଙ୍କର ଗରମ ହେଉଥାଏ । କଳିଙ୍ଗର ସୌଦାଗର ଦୁହେଁ ସେହି ଦିବ୍ୟଜ୍ଞାନ ଶ୍ରବଣ କରିବା ପୂର୍ବରୁ ନୈରଞ୍ଜନା ନଦୀକୁ ଧାଇଁଲେ ସ୍ନାନ କରିବା ପାଇଁ । ସ୍ନାନ ସାରି ଆସି ଶୁଦ୍ଧପୂତ ଭାବେ ସେମାନେ ତଥାଗତଙ୍କ ସମ୍ମୁଖରେ ବସିଗଲେ । ବୈଶାଖ ପୂର୍ଣ୍ଣିମା ରାତିରେ ତଥାଗତ ଯେଉଁ ବୁଦ୍ଧତ୍ୱ ପ୍ରାପ୍ତି ହୋଇ ପ୍ରକୃତ ଜ୍ଞାନ ଉପଲବ୍ଧି କରିଥିଲେ ତାହା ସେ ଦୁହେଁ ଶ୍ରବଣ କରିବାକୁ ବୁଦ୍ଧଙ୍କୁ ନିବେଦନ କଲେ ।

ସେହି ବୋଧିବୃକ୍ଷ ତଳେ ବୁଦ୍ଧ ବସି ପ୍ରଥମେ ଶୁଣାଇଲେ ଚାରି ଆର୍ଯ୍ୟ ସତ୍ୟ କଳିଙ୍ଗର ଦୁଇଜଣ ସୌଦାଗରଙ୍କୁ । ସେତେବେଳକୁ ଦିବସର ସୂର୍ଯ୍ୟ ନଇଁ ପଡିଥିଲେ ପଶ୍ଚିମ ଆକାଶ ତଳେ । ଅସ୍ତଗାମୀ ସୂର୍ଯ୍ୟଙ୍କର ହଳଦୀ କିରଣ ନୈରଞ୍ଜନା ନଦୀକୂଳରେ ପଡି ନଦୀର ପାଣିକୁ ସ୍ୱର୍ଣ୍ଣ ବର୍ଣ୍ଣରେ ରଞ୍ଜିତ କରୁଥିଲା । କଳିଙ୍ଗ ସୌଦାଗର ତପସ୍ସୁ ଭଲ୍ଲିକ ପିନ୍ଧିଥିବା ହଳଦୀ ବସ୍ତ୍ରରେ ସୂର୍ଯ୍ୟଙ୍କର ସେ ରଙ୍ଗପଡି ଆହୁରି ଅଧିକ ହଳଦିଆ କରି ଦେଇଥିଲା ।

ବଣିକ ଦ୍ୱୟ ମନେ କରୁଥିଲେ ସତେ ଯେପରି ତାଙ୍କ ଦେଶର ଦେବତା ସେହି ଅଶ୍ୱସ୍ଥ ବୃକ୍ଷତଳେ ଉପବେଶନ କରିଛନ୍ତି । ଶୁଣାଉଛନ୍ତି ସତ୍ୟର ମହାନ୍‌ଗାଥା । ସେହି ଗାଥା ଶ୍ରବଣ କରି ତାଙ୍କ ଅନ୍ତରରେ ଭରିଯାଉଛି ଆନନ୍ଦ । ଯେଉଁ ଆନନ୍ଦ ତାଙ୍କ ଅର୍ଜିତ ଅମାପ ଧନ ସଂପତ୍ତିରେ ମିଳି ନ ଥିଲା ।

ଧୀରେ ଧୀରେ ସୁବର୍ଣ୍ଣବର୍ଣ୍ଣର ସୂର୍ଯ୍ୟ ବୁଡ଼ି ଯାଉଥିଲେ ପଶ୍ଚିମ ଗଗନ ତଳେ । ଉଠି ଆସୁଥିଲେ ପୂର୍ବ ଆକାଶରେ ଜ୍ୟେଷ୍ଠମାସର ପୂର୍ଣ୍ଣିମା ଚନ୍ଦ୍ର । ତପସ୍ସୁ, ଭଲ୍ଲିକ ମଥା ନତ କଲେ ବୁଦ୍ଧ ପଦ ତଳେ । ସ୍ୱତଃ ତାଙ୍କଠାରୁ ନିସୃତ ହେଲା "ବୁଦ୍ଧଂ ଶରଣଂ ଗଚ୍ଛାମି । ଧର୍ମଂ ଶରଣଂ ଗଚ୍ଛାମି" ।

କ୍ୱାର୍ଟର ନଂ. ୭୭, ଟାଇପ–୪
ଡେଲ୍ଟା କଲୋନି
ଭୁବନେଶ୍ୱର–୧୨



ସଚିବାଳୟ ଠାରେ ଆଇ.ଟି.ଡି.ଏ ପ୍ରୋଜେକ୍ଟ ଏଡ୍‌ମିନିଷ୍ଟ୍ରେଟରଙ୍କ ସମ୍ମିଳନୀ









ମୁଖ୍ୟମନ୍ତ୍ରୀଙ୍କ ସହ
ଆଲୋଚନାରେ
ଭାଇସ୍ ଆଡ଼ମିରାଲ୍ ଶ୍ରୀ ଗୁପ୍ତା
ଏବଂ ଶ୍ରୀମତୀ ଗୁପ୍ତା..


ଜଟଣୀର ଏମ୍ପୁଆ ଠାରେ
ମନ୍ତ୍ରୀ ଶ୍ରୀ ସିଂହଦେବଙ୍କ ଦ୍ୱାରା
ଶୌଚାଳୟ ଏବଂ ପାଠାଗାର
ଉଦ୍‌ଘାଟନ ...














ଭୋଲଣ୍ଟ ଘରେ
ନିଉ ଗୋଷ୍ଠୀର
ବାର୍ଷିକ ଉତ୍ସବରେ
ରାଜ୍ୟପାଳ ...

ଓଡ଼ିଶା ହାଇକୋର୍ଟର
ମୁଖ୍ୟ ବିଚାରପତି ରୂପେ
ଜଷ୍ଟିସ୍ ଏଚ୍. ଏଲ୍. ଅଗ୍ରୱାଲଙ୍କ
ଶପଥ ଗ୍ରହଣ ...






ମଧୁସ୍ମୃତି ଅନୁଷ୍ଠାନରେ
ଜାତୀୟ ଗୌରବ ମଧୁସୂଦନ
ସ୍ମାରକୀ ଅବସରରେ
ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ



ପୁରୀବାସୀ ଜୀଲ୍ କାରିଗରଙ୍କ
କାର୍ଯ୍ୟ ଦର୍ଶନରେ ମୁଖ୍ୟମନ୍ତ୍ରୀ




କର୍ଣ୍ଣାଗେଡ଼ ଠାରେ
ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା
କେନ୍ଦ୍ରୀୟ ବିଦ୍ୟାଳୟ
ଉଦ୍‌ଘାଟନ




ଓଡ଼ିଶା ରାଜ୍ୟ ଅଙ୍ଗନବାଡ଼ି
ସମିତିର ସାମନ୍ତ
ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ




ବାଲେଶ୍ୱର ଶିଳ୍ପାଞ୍ଚଳର
ଇମ୍ପର୍ଫେକ୍ଟ ଆଲିଏସ୍ କା
ଉଦ୍‌ଘାଟନ ପରେ
କାରଖାନା ଭିତରେ ମୁ


ଶିଳ୍ପ ପ୍ରଦର୍ଶନୀ ଏକ୍ସପୋ-୯୬
ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ....





ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା
ଭୁବନେଶ୍ୱର ଏସ୍.ପି.ଙ୍କ
କାର୍ଯ୍ୟାଳୟରେ କଣ୍ଟ୍ରୋଲ୍ ରୁମ୍
ଉଦ୍‌ଘାଟନ ....



# କ୍ଷେତ ମୂଲିଆଙ୍କ ମୂଳ ମଜୁରୀ

ଜେନାମଣି ଲକ୍ଷ୍ମୀକାନ୍ତ

କୃଷିହିଁ ସୌଭାଗ୍ୟର ପ୍ରସୂତୀ । ଆମପାଇଁ ଏକଥା କିଏ ନଜାଣେ । ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ । ୧୯୮୧ ଜନଗଣନାନୁଯାୟୀ ଆମ ରାଜ୍ୟର ମୋଟ ପାଇଟିଆଳ ମଣିଷଙ୍କ ସଂଖ୍ୟା ମୋଟ ଲୋକସଂଖ୍ୟାର ଶତକଡ଼ା [illegible]୯ ଭାଗ । ସମୁଦାୟ ଶ୍ରମ- ଶକ୍ତିର ଶତକଡ଼ା ୭୪.୫ ଭାଗ କୃଷି ଶ୍ରମିକ । ଏମାନଙ୍କ ସଂଖ୍ୟା ସାଢ଼େ ଚାଳିଶ ଲକ୍ଷରୁ ବେଶିହେବ । କୃଷି କାମ ଉପରେ ନିର୍ଭର କରି ଏମାନେ ଦୁଃଖ କଷ୍ଟରେ ଜୀବିକା ନିର୍ବାହ କରନ୍ତି । ଅଧିକାଂଶ ଭୂମିହୀନ ଦିନ ମଜୁରିଆ ବର୍ଷର ସବୁସମୟରେ ଅନ୍ୟ କିଛି କାମ-ଧନ୍ଦା ପାଆନ୍ତି ନାହିଁ । ଏମାନଙ୍କର ମୁଣ୍ଡପିଛା ବାର୍ଷିକ ଆୟ ତଥା ଆର୍ଥିକ ଅବସ୍ଥା ପ୍ରଚଳିତ ମାନହାରରେ ଅନ୍ୟରାଜ୍ୟ ତୁଳନାରେ ନିମ୍ନ ମଧ୍ୟ । ଏକେତ ସେମାନେ ନିରକ୍ଷର, ସରଳ ବିଶ୍ୱାସୀ ଓ ଅସଂଗଠିତ, ପୁଣି ଦାରିଦ୍ର୍ୟର ସୀମାରେଖା ତଳେ ଶୋଷିତ । କର୍ଣ୍ଣ'କରନ୍ତେ ଆଉ "କର୍ମ ଆଦରି ସହି ଦୁଃଖ ; କେବେହେଁ ନୁହଁନ୍ତି ବିମୁଖ" ।

କେବଳ ନିଜେ ଭଲରେ ଥିଲେ, ସବୁ ସରିଯାଏନି । ସମସ୍ତେ ଭଲରେ ରହନ୍ତୁ ବା ସର୍ବେ ଭବନ୍ତୁ ସୁଖୀନ "ବହୁଜନ ହିତାୟ; ବହୁଜନ ସୁଖାୟଃ" । ଆମ ସଂସ୍କୃତିର ଐତିହ୍ୟ ଓ ନିଜସ୍ୱ ପରମ୍ପରା ନେଇ ଆମର ଭୁଲିଯିବା ଅନୁଚିତ ହେବ ଯେ– ଆମକୁ ଦାନା କନା ଦେଇ ମୁଣ୍ଡଝାଳ ତୁଣ୍ଡରେ ମାରି ଦରପେଟା ଓ ଅଧା ଫଟୁକା ରହୁଥିବା କ୍ଷେତ ମଜୁରିଆମାନେ, ଆମ ସୁଖ ସମୃଦ୍ଧିର ସାଥୀ ଓ ସାରଥୀ ନୁହଁନ୍ତି । ପରନ୍ତୁ ଆମଭଳି ଜଣେ ଜଣେ ନାଗରିକ ମଧ୍ୟ ଏବଂ ଟିକିଏ ଭଲରେ ନିଶ୍ୱାସ ମାରିବାର ଅଧିକାର ଓ ଅଭିଳାଷ ମଧ୍ୟ ସେମାନଙ୍କର ଅଛି ।



## "ଅଜାତକୁ ବଣିଜ ଅତୁଆ"

ଦୁର୍ବଳ ବର୍ଗ ପରିସରଭୁକ୍ତ ଏଇସବୁ ଅଗଣିତ କୃଷି ଶ୍ରମିକଙ୍କୁ ବଞ୍ଚାଇବା, ଆମ ସଂବିଧାନ ବା ପଞ୍ଚବାର୍ଷିକ ଯୋଜନା–ନିରୂପିତ କେବଳ ଆଭିମୁଖ୍ୟ ଓ ଦାୟ ତା'ନୁହେଁ ପରନ୍ତୁ ଏହା ଏକ ସାମୁହିକ ନୈତିକ କର୍ତ୍ତବ୍ୟ । ଏକ ଦିଗରୁ ଏହି ଅଗଣିତ କୃଷି ଶ୍ରମିକମାନେ ନିରକ୍ଷର ଓ ଅସଂଗଠିତ, ଅପର ଦିଗରୁ ସେମାନଙ୍କୁ କୃଷି କାମରେ ଲଗାଉଥିବା ପ୍ରାୟ ପଚିଶ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷେତ ମାଲିକଙ୍କ ମଧ୍ୟରୁ ଅଧିକାଂଶ ଆଇନତଃ ଦାୟ ସଂପର୍କରେ ଅବହିତ କିମ୍ବା ବିଗ୍ରହବନ୍ତ ନୁହଁନ୍ତି–ଏହା କହିଲେ ସତ୍ୟର ଅପଳାପ ହେବନାହିଁ । ତେଣୁ ଅଜାତିକୁ ବଣିଜ ଅତୁଆ ସମସ୍ୟା ଉଭୟେ ନୁହଁନ୍ତି, ଏଠି କୃଷି ଶ୍ରମିକ ଓ କ୍ଷେତ ମାଲିକଙ୍କ ପାଇଁ ସୁସ୍ପଷ୍ଟ ଆଇନତଃ ବ୍ୟବସ୍ଥା ଓ ଦାୟ ସଂପର୍କରେ କିଛି କହିବା ଦରକାର । ସର୍ବନିମ୍ନ ମଜୁରୀ ଆଇନ, ୧୯୪୮ ଏକ କେନ୍ଦ୍ରୀୟ ଆଇନ ଓ ୧୯୫୪ ମସିହା ଠାରୁ ଏହା ଆମ ରାଜ୍ୟରେ ଲାଗୁ ହୋଇଅଛି । ଏହି ଆଇନର ୨ୟ ଭାଗ ଅନୁସୂଚୀ ଫର୍ଦ୍ଦ ଅନୁଯାୟୀ "କୃଷିସଂସ୍ଥା" ଏକ ତଫସିଲଭୁକ୍ତ ସଂସ୍ଥା । କୃଷି ସଂବନ୍ଧୀୟ ଯେ କୌଣସି କାମ ଯଥା ଖତ, ବେଉଷଣ, ହଳ, ମଇ, ବିଦା ଦେବା, ସିଆର କଟା ହିଡ଼ବନ୍ଧା, ସାରଦିଆ, କ୍ଷେତଜଗା, ପାଣିମଡ଼ା, ଫସଲ ବନ୍ଧା, ଅମଳ, ତଳିପକା, ରୁହା, ଫସଲ ଅମଳ, ବେଙ୍ଗଳା, କ୍ଷେତରୁ ଖଳା ଖମାରକୁ ନେବା, ବଜାରକୁ ନେବା, ବାଡ଼ିଘର କାମ ସମେତ ପନିପରିବା, ଉଦ୍ୟାନ କୃଷି, ପଶୁପାଳନ, କୁକୁଡ଼ା ଓ ମହୁମାଛରେ କାମ କରୁଥିବା ମଜୁରିଆ ମାନେ କୃଷି ଶ୍ରମିକ ଅଟନ୍ତି ଓ ସେମାନଙ୍କୁ ଖଟାଉଥିବା କ୍ଷେତ ମାଲିକମାନେ ନିଯୋକ୍ତା । ଏହି ଆଇନରେ ୧୫ ଧାରା ଓ ଓଡ଼ିଶା ନିୟମାବଳୀ ୧୯୫୪ର ୨୪ ଉପଧାରାନୁଯାୟୀ ଅଠର ବର୍ଷ ହୋଇଥିବା ଜଣେ ପ୍ରାପ୍ତ ବୟସ କୃଷି ଶ୍ରମିକଙ୍କ ପାଇଁ ଦୈନିକ କାର୍ଯ୍ୟ ସମୟ ସାଧାରଣତଃ ୯ ଘଣ୍ଟା ଓ ୧୫ ବର୍ଷ ପୂରିଥିବା ଅଥଚ ୧୮ ବର୍ଷ ବୟସ ହୋଇନଥିବା ଜଣେ ଅପ୍ରାପ୍ତ ବୟସ୍କ ଶ୍ରମିକଙ୍କ ପାଇଁ ତାହା ସାଢ଼େ ଛଅଘଣ୍ଟା ଧାର୍ଯ୍ୟ କରାଯାଇଅଛି । ଉଭୟ କ୍ଷେତ୍ରରେ କାମ ଆରମ୍ଭ କରିବାଠୁ କାମ ଛାଡ଼ିବା ସମୟର ବିସ୍ତୃତି ୧୨ ଘଣ୍ଟା ନ ବଢ଼ିବାର କଟକଣା ରଖାଯାଇଅଛି । କ୍ରମାଗତ ୫ ଘଣ୍ଟା କାମ କରିବା ପୂର୍ବରୁ ଅଧଘଣ୍ଟାଏ ବିଶ୍ରାମ ଦେବାକଥା । ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାମ କଲେ ୨ ଗୁଣ ହାରରେ ବଳକା ମଜୁରୀ ଓ ଲାଗ ଲାଗ ଛ'ଦିନ କାମ କଲେ ୭ମ ଦିନଟି ମଜୁରୀବିନା ସାପ୍ତାହିକ ଛୁଟି ପାଇବାକୁ କୃଷି ଶ୍ରମିକ ହକଦାର ।

## "ପେଟକୁ ଦେ ପିଠିକୁ ମାର"

ଆମ ଗାଁ ଗହଳିରେ ଲୋକକଥାଟିଏ ଏବେବି ବଞ୍ଚିରହିଛି- "ପେଟକୁ ଦେ ପିଠିକୁ ମାର" ଅର୍ଥାତ୍ ହକ ପରିଶ୍ରମ ପାଇଁ ନ୍ୟାଯ୍ୟ ମଜୁରୀ ଦେବା ଏକ ନୈତିକ ଦାୟ । ଏଠି କ୍ଷେତ ମାଲିକର କାର୍ଣ୍ଣି ଭଣିବାର କଥା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ହାରରୁ କମ୍‌ଦେବା ବା ବଳକା ସମୟ ମଜୁରୀ ନଦେବା ବା କାଟିବା କିମ୍ବା ପୁରୁଷ ଓ ମହିଳା କୃଷି ଶ୍ରମିକଙ୍କୁ ମଜୁରୀ ଦେବାରେ ପାତର ଅନ୍ତର କରିବା, ସର୍ବନିମ୍ନ ମଜୁରୀ ଆଇନ ୧୯୪୮ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ୧୮ ଧାରାର ବ୍ୟବସ୍ଥାନୁଯାୟୀ, କୃଷି ଶ୍ରମିକଙ୍କ ହାଜିରା, ମଜୁରୀ, କାମ, ବଳକା କାମ ଆଦିର ହିସାବ ରଖିବା କ୍ଷେତ ମାଲିକଙ୍କର ଦାୟ । ମୂଳ ମଜୁରୀ ଦେବା ଆଗରୁ ୨୬(୨) ଉପଧାରାନୁଯାୟୀ, ସଂପୃକ୍ତ ଶ୍ରମିକଙ୍କୁ କାମ, ଓ ମଜୁରୀ ହିସାବ ଦର୍ଶାଇ ମଜୁରୀ ଚିଟଳୁଗୀ ଦେବା କ୍ଷେତ ମାଲିକର ଆଇନତଃ କର୍ତ୍ତବ୍ୟ ଅଟେ ।

ଏଠି ଉଭୟ କୃଷି ଶ୍ରମିକ ଓ କ୍ଷେତମାଲିକଙ୍କ ଜାଣି ରଖିବା କଥା ଯେ :–ଆମ ରାଜ୍ୟରେ ଜରେମାର ୧୯୮୦ରୁ ବଳବଳର ଓ ବିଜ୍ଞପିତ କୃଷି ଶ୍ରମିକଙ୍କ ଦୈନିକ ସର୍ବନିମ୍ନ ମଜୁରୀ ୮୭-୫୦ ପଇସା ଧାର୍ଯ୍ୟ କରାଯାଇଅଛି । ଅଧିକନ୍ତୁ ନଦୋଷାୟ ସିନା, କିନ୍ତୁ ଦେଇ ପାରିବାର ଅକ୍ଷମତା ଦର୍ଶାଇ ସର୍ବନିମ୍ନ ମଜୁରୀରୁକାଟି, ସଂପୃକ୍ତ ମାଲିକଙ୍କର ତଫସିଲଭୁକ୍ତ ସଂସ୍ଥାକୁ ବିଂଶୁଦ୍ଧ ରଖିବାର ସ୍ୱାଧୀକାରନାହିଁ ; ବୋଲି ସର୍ବୋଚ୍ଚ ନ୍ୟାୟାଳୟର ଚୂଡ଼ାନ୍ତରାୟ ଓ ନଜିର ମଧ୍ୟ ରହିଛି । କୃଷି କ୍ଷେତ୍ରରେ କ୍ଷେତ ମୂଲିଆମାନେ ଦିନ ମଜୁରିଆ : କେତେକ କ୍ଷେତ୍ରରେ ବାରମାସିଆ, ହଳିଆ; କୋଠିଆ, ଗୋତିକେତେ ମଜୁରିଆରୂପେ କାମକରୁଥିବା କିଛି ନୂଆ କଥା ନୁହେଁ । କେତେକ କ୍ଷେତ୍ରରେ ସେମାନେ ୪ ପଇସା କରଡ଼ି ବଦଳରେ ଓଳିଏ ଦିଓଳି ଖୋରାକି କିମ୍ବା ଧାନଗଉଡ, ଭୁଗାରୋ ଆକାରରେ ସାମୟିକ ପାଉଣା ପାଆନ୍ତି । ଆମ ରାଜ୍ୟର ବହୁ ଅଣ ଜଳସେଚିତ ଅଂଚଳରେ ଗୌଣୀ, ହୋତା, ତ୍ରୋଲ, ବାହାଟିଆଭୂତୀ ମାପ ହିସାବରେ କୃଷିଶ୍ରମିକଙ୍କୁ ଧାନମୂଲ ଦିଆଯାଉଥିବା ପୁରାଲେପ ପାଇନି 'ଏଯାଏ' । ଏଠି ଉଭୟ କ୍ଷେତମାଲିକ ଓ କୃଷିଶ୍ରମିକ ମନେରଖିବାକଥା ମଜୁରୀ ବଦଳରେ ଏଭଳି ଦିଆନିଆ ମାପ ମେଟ୍ରିକ ପଦ୍ଧତି ଅର୍ଥାତ୍ କିଲୋଗ୍ରାମରେ ସିଭିଲ ସପ୍ଲାଇ କ୍ରୟ ବିକ୍ରୟ କର୍ତ୍ତୃପକ୍ଷକଦ୍ୱାରା ସଂପୃକ୍ତ ତୁଟାରେ ନିର୍ଦ୍ଧାରିତ ସୁଲଭ ବଜାରମୂଲ୍ୟ ହାରରେ ମଂଜୁରୀ କରାଯିବା ଉଚିତ ।

## "ବାଘର ଭୟ ଫାଗକୁ"

ପ୍ରସଙ୍ଗକ୍ରମେ ଏଠି ସୂଚାଇବାକଥା ଯେ :–ଏହି ଆଇନ ତତ୍ ପ୍ରଣୀତ ରାଜ୍ୟ ନିୟମାବଳୀର କୌଣସି ବ୍ୟବସ୍ଥାର ଖିଲାପ ବା ଉଲଂଘନ ଏକ ଦଣ୍ଡନୀୟ ଅପରାଧ । ଖିଲାପକାରୀ କ୍ଷେତମାଲିକ ଦୋଷାଭିଯୁକ୍ତ ଓ ସାବ୍ୟସ୍ତହେଲେ ଅଦାଲତ ଦ୍ୱାରା ୬ମାସ କାରାଦଣ୍ଡ କିଂବା ୫୦୦ ଟଙ୍କା ଜୋରିମାନା ନତୁବା ଉଭୟ ଦଣ୍ଡରେ ଦଣ୍ଡିତ ହେବାର ବିଧିବ୍ୟବସ୍ଥା ରହିଛି । କୃଷିଶ୍ରମିକ ଓ କ୍ଷେତମାଲିକଂଙ୍କ ପ୍ରତି ମଜୁରୀ ପ୍ରଦାନ ଆଇନ ୧୯୩୬ ମଧ୍ୟ ପ୍ରଯୁଜ୍ୟ । ଦିନମଜୁରିଆଙ୍କୁ ପ୍ରତିଦିନ, ମଜୁରିଆଙ୍କୁ ମାସିକିଆ ହୋଇଥିଲେ ମାସଶେଷର ୭ଦିନଭିତରେ, ସାପ୍ତାହିକ ସାପ୍ତାହିକ ହୋଇଥିଲେ ୩ ଦିନ ଭିତରେ ଅର୍ଜିତ ମଜୁରୀ ଶ୍ରମିକଙ୍କୁ ଦେବା କ୍ଷେତ ମାଲିକଂକର ଦାୟ । ସେହିଭଳି ସମାନ ମଜୁରୀ ଆଇନ ୧୯୭୬ ଅନୁଯାୟୀ ପୁରୁଷ ଓ ମହିଳା ଶ୍ରମିକଙ୍କ ମଜୁରୀ ଦେବାରେ ପାତର ଅନ୍ତର କରିବା ଏକ ଦଣ୍ଡନୀୟ ଅପରାଧ ଅଟେ । ଏଥିପାଇଁ ୫୦୦ରୁ ୫,୦୦୦ ଟଙ୍କାଯାଏ ଜୋରିମାନାର ବିଧିବ୍ୟବସ୍ଥା ମଧ୍ୟ ରହିଛି ।

## "ଟଙ୍କପଇର ଖନାହୁତଲ....."

ଜଣେ କୃଷି ଶ୍ରମିକ ସର୍ବନିମ୍ନ ମଜୁରୀରୁ କମ୍ ପାଉଥିଲେ ବା ବଳକା କାମପାଇଁ ୨ ଗୁଣ ହାରରେ ମଜୁରୀ ନ ପାଉଥିଲେ ଅବିଳମ୍ବେ ସଂପୃକ୍ତ ଅଂଚଳରେ ନିଯୁକ୍ତ ସହକାରୀ ଶ୍ରମ ଅଫିସର, କିମ୍ବା ଶ୍ରମ ଅଫିସର, ତହସିଲଦାର ନାୟବ ତହସିଲଦାର ରାଜସ୍ୱ ନିରୀକ୍ଷକ ନତୁବା ଅତିରିକ୍ତ ଗ୍ରାମସେବକ ଅଧିକାରୀଙ୍କୁ ତାଙ୍କ ପ୍ରାପ୍ୟ ଅସୁଲ ପାଇଁ ଦରଖାସ୍ତ ତଥ୍ୟ ସହ ଅଭିଯୋଗ ଜଣାଇବା ଉଚିତ୍ । ନତୁବା ୨୦ଧାରା ୨୬ ଉପଧାରାନୁଯାୟୀ ନିର୍ଦ୍ଦେଶ ୬ନମ୍ବର ଫର୍ମରେ ତିନିକୋଡ଼ି

ଶ୍ରମିକ ନିଜେ କିଂବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହାୟତାରେ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟଙ୍କ, ଅତିରିକ୍ତ ଜିଲ୍ଲାପାଳ କିଂବା ସହକାରୀ ଶ୍ରମ କମିଶନରଙ୍କ ଅଦାଲତରେ ମଜୁରୀ ପ୍ରାପ୍ୟର ଅନାଦେୟ ଭିତ୍ତିରେ ଦାବୀମାମଲା ସଂଗଠନ ଓ ଆଦାୟପାଇଁ ଦାଏର କରିପାରିବେ । ଯେଣୁ "ତପେବର ନୋହିଲେ କୋପେବର"

## "ଇଚ୍ଛାଥିଲେ ଉପାୟ ଥାଏ"

କୃଷି ଶ୍ରମିକଙ୍କୁ ଆର୍ଥିକ ଓ ସାମାଜିକ ନ୍ୟାୟ ଦେବା ଏକ ସରକାରୀ ଓ ସାମୁହିକ ଦାୟ । ସଂବିଧାନ, ଯୋଜନା ଓ ନୀତି ଛଡ଼ା ସ୍ବର୍ଗତ ପ୍ରଧାନ ମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କର ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମର ୫ମ ଦଫା, ୧୪-୧-୮୨ରେ ଘୋଷଣା ହେବା ପରଠାରୁ ରାଜ୍ୟ ସରକାରଙ୍କର ପ୍ରଚେଷ୍ଟା ଓ ଗୃହୀତ ପଦକ୍ଷେପ ଯେଉଁଭଳି ଉଲ୍ଲେଖ-ଯୋଗ୍ୟ ସେହିଭଳି ଅଭିନନ୍ଦନୀୟ ମଧ୍ୟ । ତା ୨୩-୧-୮୨ରେ ଦୈନିକ ସର୍ବନିମ୍ନ ମଜୁରୀ ହାର ୫ଟଙ୍କା, ଡିସେମ୍ବର ୧୯୮୨ରେ ୬ ଟଙ୍କା ଓ ନଭେମ୍ବର ୧୯୮୪ଠାରୁ ୭.୫୦ ପଇସା ହାରରେ ବୃଦ୍ଧି କେବଳ ବଳବତ୍ତର କରା ଯାଇଛି ତା ନୁହେଁ, ସ୍ବତନ୍ତ୍ର କୃଷି ସଂସ୍ଥା ନିରୀକ୍ଷଣ ଓ ଶିଳ୍ପକାରୀ କ୍ଷେତ ମାଲିକଙ୍କଠାରୁ ଦେଉନଥିବା ପ୍ରାପ୍ୟ ଅସୁଲ ପାଇଁ ଦାବୀ ମାମଲା ରୁଜୁକରି, ଶ୍ରମିକଙ୍କୁ ଦିଆ ଯାଉଅଛି । ବର୍ଦ୍ଧିତହାରରେ ମଜୁରୀ ଧାର୍ଯ୍ୟ ଓ ତା'ର ସଠିକ କାର୍ଯ୍ୟକାରିତାର ସାମୟିକ ମୂଲ୍ୟାୟନ ୩ ଥାକିଆ ପିଢ଼ିରେ ଯଥା : ମଣ୍ଡଳୀୟ ଶ୍ରମକାର୍ଯ୍ୟାଳୟ, ଶ୍ରମ ଦପ୍ତର ଓ ସଚିବାଳୟ ସ୍ତରରେ କରାଯାଇ ପ୍ରତିକାର ବିଧି କରାଯାଉଅଛି । ତାଛଡ଼ା ଏହି ମର୍ମରେ ୫ମ ଦଫା କାର୍ଯ୍ୟକ୍ରମର ମୂଲ୍ୟାୟନ ଡିଡିପି, ଡିଡିଏ ସ୍ତରରେ ଏବଂ ଏବେ ଏକାଉଣ୍ଟାଣ୍ଟ ଜେନେରାଲଙ୍କ ପକ୍ଷରୁ ଖୁଣ୍ଟି ନାଉଣି ସମୀକ୍ଷା କରା ସରିଛି । ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟ ସରକାର ତା ୨-୫-୮୫ରିଖର ଶ୍ରମ ବିଭାଗୀୟ ନିୟମାବଳୀ ସଂଶୋଧନ ୨୫ ଉପଧାରା ଅନୁଯାୟୀ କୃଷି ଶ୍ରମିକଙ୍କ ବଳକା ସମୟ କାମ ପାଇଁ ପ୍ରଚଳିତ ଥିବା ବଳକା ମଜୁରୀ ହାର ଦେଢ଼ ଗୁଣରୁ ୨ ଗୁଣାକୁ ବଢ଼ାଇ ଅଛନ୍ତି । ସେହିଭଳି ୨୩ ଉପଧାରାର ସଂଶୋଧନ କରି ଏବେ କୃଷି ଶ୍ରମିକ ଅନ୍ୟ ତପସିଲଭୁକ୍ତ ନିଯୁକ୍ତି ଶ୍ରମିକଙ୍କ ଭଳି ମଜୁରୀ ସହ ସାପ୍ତାହିକ ଛୁଟି ପାଇବା ସୁବିଧା ବଳବତ୍ତର କରି ଅଛନ୍ତି । ଏହା ବାସ୍ତବରେ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି କହିଲେ ସତ୍ୟର ଅପଳାପ ହେବନାହିଁ ।

## "ଯେପରି କମ୍ବଳ ସେପରି ଶୀତ"

ସର୍ବୋପରି ଅଜ୍ଞତା ହେତୁ ନିଷ୍ପେଷିତ ହେଉଥିବା ଗ୍ରାମୀଣ କୃଷି ଶ୍ରମିକଙ୍କ ଆଖି ଖୋଲିବା ପାଇଁ ୬୫ଟି ବଛା ବ୍ଲକ ସ୍ତରରେ ୬୫ ଜଣ ଅବୈତନିକ ସଙ୍ଗଠକଙ୍କୁ ନିଯୁକ୍ତି ଦିଆଯାଇଛି । ଅଲକ୍ଷ୍ୟରେ କହିବା କେଉଁଠି କମ୍ ମଜୁରୀ ଚଳୁଥିବା ବିଶେଷକରି ଆଦିବାସୀ ଓ ହରିଜନ ବହୁଳ ଅଞ୍ଚଳରେ ୬୯ ଜଣ ଶ୍ରମ ପରିଦର୍ଶକ ନିଯୁକ୍ତି ସିଦ୍ଧାନ୍ତ ସମେତ ପର୍ଯ୍ୟାୟକ୍ରମେ ଗ୍ରାମୀଣ ଶିକ୍ଷା ଶିବିର ଆୟୋଜନ କରାଯାଉ-ଅଛି । ଏବେ ପ୍ରଚଳିତ ମଜୁରୀ ହାର, ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ତଥା ଯୋଜନା କମିଶନଙ୍କ ନିର୍ଦ୍ଧାରିତମାନ କ୍ରମେ ଅନୁନ୍ୟ ମୁଣ୍ଡ ପିଛା ଚବିଶ ଶହ କ୍ୟାଲୋରୀ (ଜୀବନୀ) ଶକ୍ତି ଆହାର କରିବା ପାଇଁ ଯଥେଷ୍ଟ ହୋଇନଥିବା ଦୃଷ୍ଟେ, ରାଜ୍ୟ ସରକାର ସର୍ବ ନିମ୍ନ ମଜୁରୀ ଆଇନର ୩ (୧) ଓ ୪ ଧାରାରେ ପ୍ରତ୍ୟର୍ପିତ କ୍ଷମତା ବଳରେ ଗତ ତା ୧୭ । ୧ । ୮୬ ରିଖର ୯୪୮ ଶ୍ରମ ବିଭାଗୀୟ ବିଜ୍ଞପ୍ତି ବଳରେ ପ୍ରଚଳିତ ମଜୁରୀ ହାର ଦୈନିକ ଟ ୭.୫୦ ପରିବର୍ତ୍ତେ ତାହା ଦୈନିକ ଟ ୧୦.୦୦ ଧାର୍ଯ୍ୟ କରିବାପାଇଁ ଏକ ବିଜ୍ଞପ୍ତି ପ୍ରକାଶ କରିଅଛନ୍ତି । ଏହି ବିଜ୍ଞପ୍ତି ପ୍ରକାଶନର ୨ ମାସ ମଧ୍ୟରେ ଆପତ୍ତି ଓ ପରାମର୍ଶ ପ୍ରାପ୍ତ ହେଲାରୁ ଏହି ବର୍ଦ୍ଧିତ ହାର ବଳବତ୍ତର ହେବା ନିଶ୍ଚିତ । ଏସବୁ ସତ୍ତ୍ୱେ ଯେତେ କମ୍ବଳ ସେତେ ଶୀତ; ଯେଣୁ ଏହାର ପରିପାଳନ ମଧ୍ୟ ଏକ ବ୍ୟାପକ ବିଷୟ । ବିଗତ ୫ ବର୍ଷ ମଧ୍ୟରେ ଆମ ରାଜ୍ୟର ଅଗଣିତ କୃଷି ଶ୍ରମିକଙ୍କ ଅର୍ଥ ନୈତିକ ପୁନରୁଦ୍ଧାର ପାଇଁ ଗୃହୀତ ପଦକ୍ଷେପ ଆଗ ଠାରୁ ଅଧିକ ଉତ୍ସାହପ୍ରଦ, ଏଥିରେ ସନ୍ଦେହ ନାହିଁ ।

## "ସ୍ବର ବଳ ଦିଏ ସ୍ବରକୁ"

କିଏ ନଜାଣେ—ଏ ଶତାବ୍ଦୀ ଶେଷ ଆଡ଼କୁ ଦାରିଦ୍ର୍ୟ ବିମୋଚନ ପାଇଁ ଆମେ ସମସ୍ତେ ଉଦ୍‌ଗ୍ରୀବ । କୃଷି କ୍ଷେତ୍ରରେ ସ୍ବାବଲମ୍ବନ ସମେତ ୭ମ ପଞ୍ଚବାର୍ଷିକ ଯୋଜନା ପାଇଁ କୃଷି ଉତ୍ପାଦନ ଅଧିକ ଶତକଡ଼ା ୪ ଭାଗ ବଢ଼ାଇବାକୁ ଚାହୁଁଥିଲା ବେଳେ, ଆମେ ଭୁଲିଯିବା ଅନୁଚିତ ଯେ ସାମାଜିକ ନ୍ୟାୟର ଅର୍ଥ ନୁହେଁ, ସମୃଦ୍ଧି ପାଇଁ ଶ୍ରମଦାନକାରୀ ସେଇସବୁ କ୍ଷେତକାରୀ ପାଇଟିଆଳ ମଣିଷଙ୍କୁ ଘଣ ଦାରିଦ୍ର୍ୟର ହରଡ଼ ଘଣାରେ ନିଷ୍ପେଷିତ କରିବା । ଏକ ଦିଗରୁ କୃଷି ଶ୍ରମିକ ହକ ପରିଶ୍ରମ କରିବାରେ ଯେଉଁଭଳି ବିମୁଖ ହେବା ଅନୁଚିତ ଅପର ଦିଗରୁ କ୍ଷେତ ମାଲିକ ସେମାନଙ୍କୁ ସର୍ବନିମ୍ନ ମଜୁରୀ ହାର ବା ଆଇନତଃ ଅନ୍ୟାନ୍ୟ ପ୍ରାପ୍ୟ ଓ ସୁବିଧାରୁ ବଞ୍ଚିତ କରିବା ଏକ ଅବିଚାରୀ ଓ ଗର୍ହିତ କାମ । କୃଷି ଶ୍ରମିକମାନେ ଅଶିକ୍ଷିତ ଓ ଅଣ ସଙ୍ଗଠିତ । ସେମାନଙ୍କୁ ସଚେତ ଓ ନୈତିକ ସମର୍ଥନ ଦେବା ଏକ ସାମୂହିକ ଗୁରୁଦାୟିତ୍ୱ । ଓଡ଼ିଶାର କୃଷି ଶ୍ରମିକଙ୍କର ଅନ୍ୟ ରାଜ୍ୟ ସମତୁଲ ଅର୍ଥନୈତିକ ପୁନରୁଦ୍ଧାର ତଥା ମଙ୍ଗଳ ପାଇଁ ଆମର ସହୋଦର ସୁଲଭ ସହଯୋଗ ତଥା ସଦିଚ୍ଛା କେବଳ ସେହି କଲ୍ୟାଣକାରୀ ସମତା ମନ୍ତ୍ରରେ ଅଭିମନ୍ତ୍ରିତ ହେଉ—"ସର୍ବେ ଭବନ୍ତୁ ସୁଖୀନ—ମା କଶ୍ଚିଦ୍ ଦୁଃଖ ଭାଗ ଭବେତ" ଓଁ ଶାନ୍ତି ଶାନ୍ତି !!

# ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଅଂଶଗ୍ରହଣ

ଶ୍ରୀମତୀ କାନନବାଳା ମିଶ୍ର

ସମାଜବାଦୀ ରାଷ୍ଟ୍ରରେ ଔଦ୍ୟୋଗିକ ଗଣତନ୍ତ୍ର (Industrial Democracy) ବହୁଳଭାବେ ଚର୍ଚ୍ଚିତ । ଶ୍ରମିକମାନେ କେବଳ ନିଜର ମଜୁରି ପାଇବା ପାଇଁ ଖଟନ୍ତି ନାହିଁ, ଶିଳ୍ପର ହାନିଲାଭରେ ସେମାନେ ମଧ୍ୟ ଭାଗିଦାର । ତେଣୁ ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଆଗ୍ରହ ପ୍ରକାଶ ପାଉଛି । ଏଣିକି ସେମାନେ ଶିଳ୍ପ ପରିଚାଳନାରେ ସାମିଲ ହୋଇ ଶିଳ୍ପର ଲକ୍ଷଣ ସ୍ୱାସ୍ଥ୍ୟକୁ ସତେଜ କରିବା ନିମନ୍ତେ ସଚେତନ ହେଲେଣି । କାରଣ ଶିଳ୍ପର ସ୍ଥିତିରେ ସେମାନଙ୍କର ସ୍ଥିତି ଏବଂ ଶିଳ୍ପର ବିଲୟରେ ସେମାନଙ୍କର ବିନାଶ ଅନିବାର୍ଯ୍ୟ । ସ୍ୱାଧୀନତା ପ୍ରାପ୍ତି ପରେ ଭାରତରେ ଶିଳ୍ପ ବିବାଦ ଆଇନ ପ୍ରଣୀତ ହେଲା । ଏହି ଆଇନର ବ୍ୟବସ୍ଥା ଅନୁସାରେ ଶିଳ୍ପରେ କାର୍ଯ୍ୟ ସମିତି (Works Committee) ଗଠନ କରିବା ନିମନ୍ତେ ସୁଯୋଗ ସୃଷ୍ଟି ହେଲା । ଏକଶତ କିମ୍ବା ତା'ଠାରୁ ଅଧିକ ଶ୍ରମିକ କାମ କରୁଥିବା ଶିଳ୍ପାନୁଷ୍ଠାନମାନଙ୍କରେ କାର୍ଯ୍ୟ ସମିତି ଗଠନ ନିମନ୍ତେ ବ୍ୟବସ୍ଥା ରହିଲା । ଏହି ସମିତି ଶିଳ୍ପରେ ଉତ୍ପାଦନଗତ ସମସ୍ୟା, ଶ୍ରମିକ ନିରାପତ୍ତା, ଉତ୍ତମ କାର୍ଯ୍ୟ ପରିବେଶ, ପରିବେଶର ପରିଚ୍ଛନ୍ନତା ଆଦି ବିଷୟରେ ପର୍ଯ୍ୟାଲୋଚନାକରି ସେଗୁଡ଼ିକର ନିରାକରଣ ନିମନ୍ତେ ପରାମର୍ଶ ଦେବା ବ୍ୟବସ୍ଥା ଅଛି । ଏହି କାର୍ଯ୍ୟ ସମିତି ବସ୍ତୁତଃ ଶିଳ୍ପ ପରିଚାଳନାର ଏକ ଅଙ୍ଗ ହୋଇ କାର୍ଯ୍ୟ କରେ । ଏହି ସମିତିକୁ ଶ୍ରମିକ ପ୍ରତିନିଧିମାନେ ନିର୍ବାଚିତ ହୋଇ ଆସନ୍ତି । ମାତ୍ର ବିଭିନ୍ନ କାରଣରୁ ବିଶେଷକରି ଶ୍ରମିକ ସଂଗଠନମାନଙ୍କର ଅନ୍ତଃକନ୍ଦଳ ଯୋଗୁଁ ଏହି ଆଇନଗତ ବ୍ୟବସ୍ଥା ସୁସ୍ଥରୂପେ କାର୍ଯ୍ୟ କଲା ନାହିଁ ।

୧୯୭୫ ମସିହା ଜୁଲାଇ ମାସରେ ସ୍ୱର୍ଗତା ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଭାରତର ଅର୍ଥନୈତିକ ବିକାଶ ନିମନ୍ତେ ୨୦ ଦଫା କାର୍ଯ୍ୟକ୍ରମ ଘୋଷଣା କରିଥିଲେ । ସେହି କାର୍ଯ୍ୟକ୍ରମର ଗୋଟିଏ ଅଂଶ ସ୍ୱରୂପ ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣ ଆମ ଦେଶରେ ବଳବତ୍ତର ହେଲା । ୧୯୭୫ ମସିହା ଅକ୍ଟୋବର ମାସରେ ଓଡ଼ିଶାରେ ଏହି କାର୍ଯ୍ୟକ୍ରମର ପ୍ରୟୋଗ ନିମନ୍ତେ ଗୋଟିଏ ଯୋଜନା ପ୍ରସ୍ତୁତ ହୋଇ ଏହା କାର୍ଯ୍ୟକାରୀ ନିମନ୍ତେ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଲା । ଏହି ଯୋଜନାର ରୂପରେଖ ନିମ୍ନରେ ପ୍ରଦତ୍ତ ହେଲା । (ଶ୍ରମ ଓ ନିଯୋଗ ବିଭାଗର ନିର୍ଦ୍ଧାରଣ ନମ୍ବର ୧୯୮୯୬ ତା ୨୫-୧୧-୧୯୭୫) ।

ଶିଳ୍ପ ପରିଚାଳନାରେ ବିଶେଷକରି ଶିଳ୍ପାନୁଷ୍ଠାନରେ ବିଭିନ୍ନ ଉପବିଭାଗ ସ୍ତରରେ (Shop Floor Level) ଓ ଏହାର ଉତ୍ପାଦନ କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କ ଅଂଶଗ୍ରହଣ ୨୦ ଦଫା ଅର୍ଥନୈତିକ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏ କାର୍ଯ୍ୟକ୍ରମ ଘୋଷିତ ହେବା ପୂର୍ବରୁ ରାଜ୍ୟ ସରକାର ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣ ସଂପର୍କରେ ଖସଡ଼ା ପ୍ରସ୍ତୁତ କରି ସରକାରଙ୍କୁ ସୁପାରିଶ କରିବା ପାଇଁ ଗୋଟିଏ ତ୍ରିପକ୍ଷୀୟ କମିଟି ଗଠନ କରିଥିଲେ । ସେହି କମିଟି ଉପସ୍ଥାପନ କରିଥିବା ସୁପାରିଶ ରାଜ୍ୟ ଶ୍ରମ ଉପଦେଷ୍ଟା ପରିଷଦରେ ଆଲୋଚିତ ହୋଇଥିଲା । ଇତ୍ୟବସରରେ ଭାରତ ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ୧୯୭୫ ମସିହା ଅକ୍ଟୋବର ମାସ ୩୦ ତାରିଖ ଦିନ ଶିଳ୍ପ ପରିଚାଳନାରେ ଶ୍ରମିକମାନଙ୍କ ଅଂଶ ଗ୍ରହଣ ସଂପର୍କରେ ଗୋଟିଏ ଚିଠା ଯୋଜନା ପ୍ରସ୍ତୁତ କଲେ । ରାଜ୍ୟ ସରକାର ତ୍ରିପକ୍ଷୀୟ କମିଟିଙ୍କ ସୁପାରିଶ ଓ ଶ୍ରମ ଉପଦେଷ୍ଟା ପରିଷଦର ସୁପାରିଶଗୁଡ଼ିକୁ ସାବଧାନତା ସହ ବିଚାର କରି ଏବଂ ସ୍ୱତନ୍ତ୍ରଃ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଚିଠା ଯୋଜନା ଅନୁଯାୟୀ କେନ୍ଦ୍ର ସରକାରଙ୍କ ପରିସରଭୁକ୍ତ ହୋଇ ନ ଥିବା ରାଜ୍ୟର ଶିଳ୍ପାୟତନମାନଙ୍କରେ କାର୍ଯ୍ୟକାରୀ କରିବାପାଇଁ ଗୋଟିଏ ଯୋଜନା ପ୍ରଣୟନ କରିଛନ୍ତି ।

ପରିସର—ଏହି ଯୋଜନା ପ୍ରଥମାବସ୍ଥାରେ ସରକାରୀ, ବେସରକାରୀ ତଥା ସମବାୟ ପ୍ରତିଷ୍ଠାନ ଏବଂ ବିଭାଗୀୟ ପରିଚାଳିତ ଉତ୍ପାଦନକ୍ଷମ ଶିଳ୍ପ ଏବଂ ଖଣି ଶିଳ୍ପଗୁଡ଼ିକରେ ଲାଗୁହେବ । ଏହି ଯୋଜନା ଉପବିଭାଗ ତଥା ବିଭାଗୀୟ ସ୍ତରରେ ଉପବିଭାଗ ପରିଷଦ (Shop Council) ଏବଂ ଏକକ ଶିଳ୍ପ ସଂସ୍ଥା ତଥା ଉଦ୍ୟୋଗ ସ୍ତରରେ ଯୌଥ ପରିଷଦ (Joint Council) କରିଆରେ କାର୍ଯ୍ୟକାରୀ ହେବ । ବର୍ତ୍ତମାନ ପ୍ରାୟ ୨୫୦ କିମ୍ବା ତଦୁର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ କରୁଥିବା ଶିଳ୍ପାୟତନ ମାନଙ୍କୁ ଏହା ଲାଗୁହେବ ।

ଉପବିଭାଗ ପରିଷଦ (Shop Council)—ଉପବିଭାଗ ପରିଷଦ ଜରିଆରେ ଶିଳ୍ପ ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣ ସଂକ୍ରାନ୍ତ ଯୋଜନାରେ ନିମ୍ନୋକ୍ତ ପ୍ରକାର ହେବ ।

୨୫୦ ଜଣ କିମ୍ବା ତା ଠାରୁ ଅଧିକ ଶ୍ରମିକ ନିୟୋଜିତ ହୋଇଥିବା ଗୋଟିଏ ଶିଳ୍ପାୟତନର ବିଭିନ୍ନ ବିଭାଗରେ ନିଯୁକ୍ତ ଶ୍ରମିକଙ୍କ ସଂଖ୍ୟାକୁ ଭିତ୍ତି କରି ନିଯୋକ୍ତା ପ୍ରତି ବିଭାଗ ପାଇଁ କିମ୍ବା ଏକାଧିକ ବିଭାଗ ପାଇଁ ଗୋଟିଏ ଗୋଟିଏ ଉପ ବିଭାଗ ପରିଷଦ ଗଠନ କରିବେ ।

ପ୍ରତି ପରିଷଦରେ ନିଯୋକ୍ତା ଏବଂ ଶ୍ରମିକଙ୍କ ପ୍ରତିନିଧି ସମାନ ସଂଖ୍ୟାରେ ରହିବେ ।

ନିଯୋକ୍ତାଙ୍କ ପ୍ରତିନିଧି ସଂପୃକ୍ତ ବିଭାଗରୁ ମାଲିକଙ୍କ ଦ୍ୱାରା ମନୋନୀତ ହେବେ ।

ଶ୍ରମିକ ପ୍ରତିନିଧିମାନେ ସଂପୃକ୍ତ ବିଭାଗରେ କିମ୍ବା ଉପବିଭାଗରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଧ୍ୟରୁ ଗ୍ରହଣ କରାଯିବେ ।

ନିଯୋକ୍ତା ସଂପୃକ୍ତ ଶିଳ୍ପାୟତନରେ କାର୍ଯ୍ୟ କରୁଥିବା ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ କିମ୍ବା ବିଭିନ୍ନ ରେଜେଷ୍ଟ୍ରିଭୁକ୍ତ ଶ୍ରମିକ ସଂଗଠନ କିମ୍ବା ଆବଶ୍ୟକ ସ୍ଥଳେ ଶ୍ରମିକମାନଙ୍କ ସହିତ ପରାମର୍ଶ କରି ସ୍ଥାନୀୟ ଅବସ୍ଥାର ଉପଯୋଗୀ ହେବା ଭଳି ପ୍ରତିପ୍ରତିଷ୍ଠାନରେ କେତେଗୋଟି ଉପବିଭାଗ ପରିଷଦ ହେବ ଏବଂ କେଉଁ ପରିଷଦ କେଉଁ କେଉଁ ବିଭାଗକୁ ନେଇ ଗଠିତ ହେବ, ସେ ବିଷୟ ସ୍ଥିର କରିବେ ।

ପ୍ରତି ପରିଷଦରେ କେତେ ଜଣ ସଭ୍ୟ ରହିବେ ସେ ବିଷୟରେ ନିଯୋକ୍ତା ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ, ବିଭିନ୍ନ ରେଜେଷ୍ଟ୍ରିଭୁକ୍ତ ଶ୍ରମିକ ସଂଗଠନ କିମ୍ବା ଆବଶ୍ୟକ ସ୍ଥଳେ ଶ୍ରମିକମାନଙ୍କ ସହ ପରାମର୍ଶ କରି ନିଷ୍ପତ୍ତି କରିବେ । ସାଧାରଣତଃ ଏହି ସଭ୍ୟ ସଂଖ୍ୟା ୧୨ରୁ ଅଧିକ ହେବନାହିଁ ।

ଉପବିଭାଗ ପରିଷଦର ସମସ୍ତ ନିଷ୍ପତ୍ତି ଭୋଟ ଜରିଆରେ ନୁହେଁ ବରଂ ସର୍ବ ସମ୍ମତ ନିଷ୍ପତ୍ତି ଅନୁସାରେ ଗ୍ରହଣ କରାଯିବ । ପ୍ରମାଣ ଥାଇକି ନିଷ୍ପତ୍ତି ନ ହେଉଥିବା ବିଷୟଗୁଡ଼ିକ ଯୌଥ ପରିଷଦର ବିଚାର ପାଇଁ ସଂପୃକ୍ତ ପକ୍ଷ ଜଣାଇ ପାରିବେ ।

ଅନ୍ୟ ବ୍ୟବସ୍ଥା ପାଇଁ ନିଷ୍ପତ୍ତିରେ ଉଲ୍ଲେଖ ନ ଥିଲେ ଉପବିଭାଗ ପରିଷଦର ସମସ୍ତ ନିଷ୍ପତ୍ତି ସଂପୃକ୍ତ ପକ୍ଷଙ୍କ ଦ୍ୱାରା ଏକ ମାସ ମଧ୍ୟରେ କାର୍ଯ୍ୟକାରୀ ହେବ ଏବଂ ଏହାର କାର୍ଯ୍ୟକାରିତା ସଂପର୍କରେ ପରିଷଦକୁ ବିବରଣୀ ଜରିଆରେ ଜଣାଇ ଦିଆଯିବ ।

ଉପବିଭାଗ ପରିଷଦର କୌଣସି ନିଷ୍ପତ୍ତି ଅନ୍ୟ ଏକ ଉପବିଭାଗ କିମ୍ବା ସାମଗ୍ରିକ ଭାବରେ ପ୍ରତିଷ୍ଠାନର ସ୍ୱାର୍ଥକୁ ପ୍ରଭାବିତ କରୁଥିଲେ ତାହା ଯୌଥ ପରିଷଦର ବିଚାର ପାଇଁ ଯାଇପାରିବ ।

ଉପବିଭାଗ ପରିଷଦ ଥରେ ଗଠିତ ହେଲେ ତାହା ଦୁଇ ବର୍ଷ ଯାଏ କାର୍ଯ୍ୟ କରିବ । ପରିଷଦର ମଧ୍ୟବର୍ତ୍ତୀ କାଳରେ ଖାଲି ସ୍ଥାନ ପାଇଁ କୌଣସି ସଭ୍ୟ ମନୋନୀତ କିମ୍ବା ନିର୍ବାଚିତ ହୋଇଥିଲେ, ସେ ସଂପୃକ୍ତ ଖାଲି ସ୍ଥାନର ଅବଶିଷ୍ଟ ଅସମାପ୍ତ ସମୟ ପାଇଁ କେବଳ ସଭ୍ୟ ଭାବରେ ରହିବେ ।

ପରିଷଦର ବୈଠକ ମାସକୁ ଅନ୍ୟୂନ ଥରେ କିମ୍ବା ଆବଶ୍ୟକତା ଅନୁଯାୟୀ ବାରମ୍ବାର ବସି ପାରିବ ।

ମାଲିକଙ୍କ ଦ୍ୱାରା ମନୋନୀତ ସଭ୍ୟଙ୍କ ମଧ୍ୟରୁ ଜଣେ ଉପବିଭାଗ ପରିଷଦର ଅଧ୍ୟକ୍ଷ ହେବେ, ଶ୍ରମିକ ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜଣକୁ ଉପାଧ୍ୟକ୍ଷ ରୂପେ ନିର୍ବାଚନ କରିବେ ।

ଉପବିଭାଗ ପରିଷଦର କାର୍ଯ୍ୟାବଳୀ—ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ବୃଦ୍ଧି ନିମିତ୍ତ ଏବଂ ସର୍ବୋପରି ଉପବିଭାଗଗୁଡ଼ିକର କାର୍ଯ୍ୟ ଦକ୍ଷତା ବୃଦ୍ଧି ନିମିତ୍ତ ଉପ ବିଭାଗ ପରିଷଦମାନେ ନିମ୍ନଲିଖିତ ମତେ ଧ୍ୟାନ ଦେବେ ।

୧ । ମାସିକ ତଥା ବାର୍ଷିକ ଉତ୍ପାଦନର ଲକ୍ଷ୍ୟ ପୂରଣପାଇଁ ପରିଚାଳନା କର୍ତ୍ତୃପକ୍ଷଙ୍କୁ ସାହାଯ୍ୟ କରିବା ;

୨ । ଯାନ୍ତ୍ରିକ ତଥା ଲୋକ ଶକ୍ତିର ଅନୁକୂଳତମ ବିନିଯୋଗ ଏବଂ ଅପଚୟ ଅପସାରଣ ସମେତ ଉତ୍ପାଦନ, ଉତ୍ପାଦିକା ଶକ୍ତି ଏବଂ କାର୍ଯ୍ୟ ଦକ୍ଷତାରେ ଉନ୍ନତିବିଧାନ କରିବା ;

୩ । କମ ଉତ୍ପାଦନ ହେଉଥିବା ଅଞ୍ଚଳମାନଙ୍କୁ ବିଶେଷ କରି ଚିହ୍ନଟ କରିବା ଏବଂ ଉପବିଭାଗ ସ୍ତରରେ ତତ୍ ସଂପୃକ୍ତ ଉପାଦାନମାନଙ୍କର ଅପସାରଣ ପାଇଁ ଆବଶ୍ୟକ ସଂଶୋଧନ କାରୀ ପଦକ୍ଷେପ ଗ୍ରହଣ କରିବା:

୪ । ଉପ ବିଭାଗ ତଥା ବିଭାଗୀୟ ସ୍ତରରେ ଅନୁପସ୍ଥିତି ସଂପର୍କରେ ଅନୁଧ୍ୟାନ କରି ସେଗୁଡ଼ିକର ଅବସାନ ପାଇଁ ପଦକ୍ଷେପ ସୁପାରିଶ କରିବା ;

୫ । ନିରାପତ୍ତା ସଂପର୍କୀୟ ବ୍ୟବସ୍ଥା କରିବା ;

୬ । ଉପବିଭାଗ ତଥା ବିଭାଗୀୟ ସ୍ତରରେ ସାଧାରଣ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ସାହାଯ୍ୟ କରିବା ;

୭ । କାର୍ଯ୍ୟ କରିବା ଉପଯୋଗୀ ଭୌତିକ ଅବସ୍ଥା, ଯଥା—ଆଲୋକ, ବାୟୁ ସଂଚାଳନ, ଧ୍ୱନି, ମଇଳା ବା ଧୂଳି ଏବଂ କ୍ଲାନ୍ତି ଦୂର କରିବା ପାଇଁ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବା ;

୮ । ଉପବିଭାଗ ତଥା .ବିଭାଗର ଦକ୍ଷ ପରିଚାଳନା ପାଇଁ କଲ୍ୟାଣକର ଏବଂ ସ୍ୱାସ୍ଥ୍ୟ ସଂପର୍କୀୟ ବ୍ୟବସ୍ଥା ନିର୍ଦ୍ଧାରଣ କରିବା;

୯ । ବିଶେଷତଃ ଉତ୍ପାଦନ ସଂଖ୍ୟା, ଉତ୍ପାଦନ ଅନୁସୂଚୀ ଏବଂ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ନିମନ୍ତେ ପ୍ରଚେଷ୍ଟା କରିବା ଦିଗରେ ମାଲିକ ଓ ଶ୍ରମିକଙ୍କ ମଧ୍ୟରେ ପର୍ଯ୍ୟାପ୍ତ ଦ୍ୱିମାର୍ଗୀୟ ସଂଯୋଗ ସ୍ଥାପନ ବ୍ୟବସ୍ଥା ସ୍ଥିର କରିବା;

ଯୌଥ ପରିଷଦ (Joint Council)—୨୫୦ କିମ୍ବା ତତୋଧିକ ଶ୍ରମିକ କାର୍ଯ୍ୟ କରୁଥିବା ପ୍ରତ୍ୟେକ ଶିଳ୍ପ ପ୍ରତିଷ୍ଠାନରେ ସମଗ୍ର ପ୍ରତିଷ୍ଠାନ ପାଇଁ ଗୋଟିଏ ଯୌଥ ପରିଷଦ ରହିବ । ଯୌଥ ପରିଷଦ ଯୋଜନାର ପ୍ରଧାନ ବୈଶିଷ୍ଟ୍ୟଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା :—

୧ । ପ୍ରତିଷ୍ଠାନରେ ପ୍ରକୃତରେ ନିଯୋଜିତ ହୋଇଥିବା ବ୍ୟକ୍ତିମାନେହିଁ କେବଳ ଯୌଥ ପରିଷଦର ସଭ୍ୟ ହୋଇ ପାରିବେ ।

୨ । ଏହି ପରିଷଦ ଦୁଇବର୍ଷ ପାଇଁ କାର୍ଯ୍ୟ କରିବ ।

୩ । ପ୍ରତିଷ୍ଠାନର ମୁଖ୍ୟ ନିର୍ବାହୀ କର୍ତ୍ତା ଯୌଥ ପରିଷଦର ଅଧ୍ୟକ୍ଷ ରହିବେ । ଏହି ପରିଷଦର ଶ୍ରମିକ ସଭ୍ୟମାନଙ୍କ ଦ୍ୱାରା ଜଣେ ଉପାଧ୍ୟକ୍ଷ ମନୋନୀତ ହେବେ ।

୪ । ଯୌଥ ପରିଷଦ ତାହାର ସଭ୍ୟମାନଙ୍କ ମଧ୍ୟରୁ ଜଣକୁ ସଂପାଦକରୂପେ ନିଯୁକ୍ତ କରିବ, ସଂପାଦକଙ୍କୁ ତାଙ୍କର କାର୍ଯ୍ୟାବଳୀ ଦକ୍ଷତାର ସହ ସଂପାଦନ କରିବା ନିମନ୍ତେ ପ୍ରତିଷ୍ଠାନରେ ଉପଯୁକ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ।

୫ । ଥରେ ଗଠିତ ହୋଇଥିବା ଉକ୍ତ ପରିଷଦ ଦୁଇବର୍ଷ ଯାଏଁ କାର୍ଯ୍ୟ କରିବ । ମାତ୍ର ଯଦି କୌଣସି ସଭ୍ୟ ସାମୟିକ ଭାବରେ ମଧ୍ୟବର୍ତ୍ତୀକାଳୀନ ଖାଲି ସ୍ଥାନ ପାଇଁ ମନୋନୀତ ହୋଇଥିବେ ସେ ସେହି ଖାଲିସ୍ଥାନର ଅସଂପୂର୍ଣ୍ଣ ସମୟ ପାଇଁ ସଭ୍ୟ ରହିବେ ।

୬ । ଯୌଥ ପରିଷଦ ପ୍ରତି ତିନି ମାସରେ ଅନ୍ୟୂନ ଥରେ ଏକାଠି ହେବେ ।

୭ । ଯୌଥପରିଷଦର ପ୍ରତ୍ୟେକ ନିଷ୍ପତ୍ତି ଭୋଟ କରିଆରେ ନ କରାଯାଇ ସର୍ବସମ୍ମତ ସିଦ୍ଧାନ୍ତ ଅନୁସାରେ ଗୃହୀତ ହେବ ଏବଂ ମାଲିକ ଓ ଶ୍ରମିକମାନେ ଉକ୍ତ ନିଷ୍ପତ୍ତି ପ୍ରତି ବାଧ୍ୟ ରହିବେ । ଅନ୍ୟ ବ୍ୟବସ୍ଥା ପାଇଁ ନିଷ୍ପତ୍ତିରେ ଉଲ୍ଲେଖ ନଥିଲେ ସମସ୍ତ ନିଷ୍ପତ୍ତି ଏକମାସ ମଧ୍ୟରେ କାର୍ଯ୍ୟକାରୀ ହେବ ।

ଯୌଥ ପରିଷଦର କାର୍ଯ୍ୟାବଳୀ—ଯୌଥ ପରିଷଦ ନିମ୍ନୋକ୍ତ ବିଷୟଗୁଡ଼ିକୁ କାର୍ଯ୍ୟକାରୀ କରିବେ :—

୧ । ସମଗ୍ର ପ୍ରତିଷ୍ଠାନରେ ଅନୁକୂଳତମ ଉତ୍ପାଦନ ଦକ୍ଷତା ଏବଂ ଯାନ୍ତ୍ରିକ ତଥା ବୈଦ୍ୟୁତିକ ଶକ୍ତିର ଉତ୍ପାଦିକା ଶକ୍ତିର ମାନ ନିର୍ଦ୍ଧାରଣ ।

୨ । କୌଣସି ଉପବିଭାଗ ପରିଷଦର କାର୍ଯ୍ୟାବଳୀ ଅନ୍ୟ ଏକ ଉପବିଭାଗ କିମ୍ବା ସାମଗ୍ରିକ ଭାବରେ ଅନୁଷ୍ଠାନ ସହ ସଂଯୁକ୍ତ ହୋଇଥିଲେ, ତାହାର ଅନୁଧ୍ୟାନ ।

୩ । ଉପବିଭାଗ ପରିଷଦ ସ୍ତରରେ ଅମୀମାଂସିତ କୌଣସି ବିଷୟବସ୍ତୁର ଆଲୋଚନା ଓ ସମାଧାନ ।

୪ । କାର୍ଯ୍ୟ ପ୍ରଣାଳୀ ପ୍ରଭୃତି, ଉତ୍ପାଦନର ଲକ୍ଷ୍ୟ ହାସଲ, ବିଶେଷତଃ ଉପବିଭାଗ ତଥା ବିଭାଗ ସ୍ତରରେ ଉପବିଭାଗ ପରିଷଦକୁ ଦିଆଯାଇଥିବା କୌଣସି ଦାୟିତ୍ୱ କିମ୍ବା କାର୍ଯ୍ୟ ସାମଗ୍ରିକ ଭାବରେ ପ୍ରତିଷ୍ଠାନର କାର୍ଯ୍ୟପ୍ରତି ସଂପର୍କିତ ହେଲେ ଯୌଥ ପରିଷଦ ସେଥିପ୍ରତି ଦୃଷ୍ଟି ଦେବେ ।

୫ । ଶ୍ରମିକମାନଙ୍କର କାର୍ଯ୍ୟ କୌଶଳର ବିକାଶ ଏବଂ ତାଲିମ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦାନ ।

୬ । କାର୍ଯ୍ୟନିର୍ଘଣ୍ଟ ଏବଂ ଛୁଟି ଦିନ ନିର୍ଦ୍ଧାରଣ ।

୭ । ଶ୍ରମିକମାନଙ୍କର ଉପାଦେୟ ଏବଂ ସୃଜନଶୀଳ ପ୍ରସ୍ତାବ ପାଇଁ ପୁରସ୍କାର ବ୍ୟବସ୍ଥା ।

୮ । କଞ୍ଚାମାଲର ପୂର୍ଣ୍ଣ ବିନିଯୋଗ ଏବଂ ପ୍ର... ପଦାର୍ଥର ଗୁଣାତ୍ମକ ବିଶ୍ଳେଷଣ, ଏବଂ ...

୯ । ସମଗ୍ର ପ୍ରତିଷ୍ଠାନପାଇଁ ସାଧାରଣ ସ୍ୱାସ୍ଥ୍ୟ, ... କଲ୍ୟାଣ ଏବଂ ନିରାପତ୍ତା ବ୍ୟବସ୍ଥା ।

ଗଠନ ପ୍ରଣାଳୀ—ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନମାନଙ୍କରେ, ... ଏପରିକି ଗୋଟିଏ ଶିଳ୍ପ ପ୍ରତିଷ୍ଠାନର ବିଭିନ୍ନ ବିଭାଗର ଅବସ୍ଥି... ବିପୁଳ ବିଭିନ୍ନତା ରହିଛି । ଏଣୁ ଏହି ସବୁ ବିଭି... ଆଖି ଆଗରେ ରଖି ଉପବିଭାଗ ପରିଷଦ କିମ୍ବା ଯୌ... ପରିଷଦ ଗଠନ ନିମନ୍ତେ ବିଶେଷକରି ଶ୍ରମିକମାନ... ପ୍ରତିନିଧିତ୍ୱ ସଂପର୍କରେ କୌଣସି ଅନମନୀୟ ବ୍ୟବସ୍ଥା ନିର୍ଦ୍ଧା... କରାଯାଉନାହିଁ । ପ୍ରତ୍ୟେକ କ୍ଷେତ୍ରରେ ମାଲିକମା... ଶ୍ରମିକମାନଙ୍କ ସହିତ ପରାମର୍ଶ କରି ଶ୍ରମିକମାନଙ୍କର ଉପ... ମାର୍ମିକ ଏବଂ ବ୍ୟାପକ ଅଂଶ ଗ୍ରହଣ ନିମନ୍ତେ ପ୍ରତିନି... କରିବା ବିଷୟରେ ସର୍ବୋପଯୁକ୍ତ ବ୍ୟବସ୍ଥା ନିର୍ଦ୍ଧାରଣ କରିବେ ।

ସରବରାହ— ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହ... ସଫଳତା ପାଇଁ ଏବଂ ପ୍ରତିଷ୍ଠାନରେ ମାଲିକ ଓ ଶ୍ରମିକମାନ... ମଧ୍ୟରେ ପର୍ଯ୍ୟାପ୍ତ ଦ୍ୱିମାର୍ଗୀୟ ସଂଯୋଗ ରକ୍ଷା ଓ ... ବିନିମୟ ପାଇଁ ପ୍ରତ୍ୟେକ ପ୍ରତିଷ୍ଠାନ ଉପଯୁକ୍ତ ସଂଯୋଗ ... କାରୀ ପଦ୍ଧତି ଉଦ୍‌ଭାବନ କରିବା ବାଞ୍ଛନୀୟ ।

ସରକାର ଅନୁଭବ କରୁଛନ୍ତି ଯେ ଶ୍ରମିକମାନ... ଉପଯୁକ୍ତ ଅଂଶଗ୍ରହଣ, ବିଶେଷକରି ଉପବିଭାଗ ସ୍ତରି ... ସ୍ତରରେ ଏବଂ ସର୍ବୋପରି ପ୍ରତିଷ୍ଠାନ ସ୍ତରରେ ଶ୍ରମିକ... ପରିଚାଳନାରେ ଅଂଶ ଗ୍ରହଣ ଉତ୍ପାଦିକା ଶକ୍ତି ବୃଦ୍ଧିରେ ବିଶେ... ସହାୟକ ହୋଇ ପାରିବ । ତେଣୁ ସରକାରୀ ... ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ସମସ୍ତ ବିଭାଗୀୟ ଶ... ପରିନିୟନ୍ତ୍ରିତ ସଂସ୍ଥା, ସମବାୟ ସମିତି କିମ୍ବା ସରକାରୀ ସଂସ୍ଥା... ମାନଙ୍କରେ ପରିଚାଳନାରେ ଶ୍ରମିକଙ୍କ ଅଂଶ ଗ୍ରହଣ ଯୋଜନା... କାର୍ଯ୍ୟକାରୀ କରାଯିବ ସରକାରଙ୍କ ଏକାନ୍ତ କାମନା ... ସରକାରଙ୍କର ସଂପୃକ୍ତ ପ୍ରଶାସନିକ ବିଭାଗଗୁଡ଼ିକ ସେମାନେ... ପରିଚାଳିତ ସଂସ୍ଥାରେ ଏହି ଯୋଜନାକୁ ଶୀଘ୍ର କାର୍ଯ୍ୟ... କରାଯିବା ପାଇଁ ନିର୍ଦ୍ଦେଶ ଦେବା ଉଚିତ । ଯଦିଓ ସରକା... ଏହି ଯୋଜନାକୁ ପ୍ରଥମାବସ୍ଥାରେ ଉତ୍ପାଦନଶୀଳ ସଂସ୍ଥା ଏ... ଶ୍ରେଣି ସଂସ୍ଥା ପ୍ରତି ଲାଗୁ କରାଇବା ପାଇଁ ବ୍ୟବସ୍ଥା କରିଛନ୍ତି ... ତଥାପି ଏହାକୁ ରାଜ୍ୟର ବିଦ୍ୟୁତ ଏବଂ ପରିବହନ ... ସଂସ୍ଥାମାନଙ୍କରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ ... ପ୍ରବର୍ତ୍ତନ କରାଇବାକୁ ସରକାର ଇଚ୍ଛା କରନ୍ତି ।

ବେସରକାରୀ ଶିଳ୍ପ ସଂସ୍ଥାମାନଙ୍କରେ ଏହି ଯୋଜନାକୁ ପ୍ରବର୍ତ୍ତନ କରିବାକୁ ସରକାର ମଧ୍ୟ ଆଶା କରନ୍ତି । ଏ ସଂ... ମାଲିକ, ଶ୍ରମିକ ଓ ଶ୍ରମିକ ସଙ୍ଗଠନମାନେ ଏହି ଯୋଜନା... ଆଶୁ ଏବଂ ସଫଳ ପ୍ରବର୍ତ୍ତନ ପାଇଁ କ୍ଷିପ୍ର ପଦକ୍ଷେପ ନେ... ପାଇଁ ସରକାର ନିବେଦନ କରିଛନ୍ତି ।

ବ୍ଲାଟର ନମ୍ବର—ଆଇ. ଭି.-ଏ ୨୦ ।୩
ଇଉନିଟ୍—୦
ଭୁବନେଶ୍ୱର

# ଶିଶୁ ଶ୍ରମିକ ସମସ୍ୟା

ଶ୍ରୀ ନୃସିଂହ ପ୍ରସାଦ ଦେବ

ଆଜିର ଶିଶୁ ଆଗାମୀ କାଲିର ନାଗରିକ—ଏ ଜାତିର କର୍ଣ୍ଣଧାର—ଏ ରାଷ୍ଟ୍ରର ଜନନାୟକ । ଶିଶୁଟିଏ ହସିଲେ ଅମୃତ ଝରି ପଡ଼ିଲା ପରି ମନେ ହୁଏ । ଶିଶୁ ମନରେ ନ ଥାଏ ପର ଆପଣା, ଜାତି ଅଜାତି, ଭେଦ ଭାବ ବା ପାପ ପୁଣ୍ୟ । ଶିଶୁ ସମସ୍ତଙ୍କ ପାଇଁ ଆଦରର ଜୀବନ ସଂଖାଳି । କିନ୍ତୁ ସମାଜରେ ଏହି କୋମଳମତି ଶିଶୁମାନଙ୍କୁ ଶ୍ରମିକ ରୂପେ ନିୟୋଜିତ କରାଯାଉଥିବା ଅତ୍ୟନ୍ତ ପରିତାପ ଓ ନିନ୍ଦାର ବିଷୟ । ଏହା ଏକ ସାମାଜିକ କଳଙ୍କ ଏବଂ ନିଷ୍ଠୁର ବାସ୍ତବତା । ଶିଶୁମାନଙ୍କୁ ଶ୍ରମିକ ରୂପେ କାମରେ ଲଗାଇବା ଦ୍ୱାରା ସେମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ହୋଇ ପାରେନାହିଁ । ସେମାନେ ଏକ ପ୍ରକାର ନିର୍ଯ୍ୟାତିତ ଅବସ୍ଥାରେ କାଳାତିପାତ କରନ୍ତି ଏବଂ ଉପଯୁକ୍ତ ଶିକ୍ଷା ଦୀକ୍ଷାରୁ ବଞ୍ଚିତ ହୁଅନ୍ତି । ଭବିଷ୍ୟତ ଜୀବନରେ ଅର୍ଥନୈତିକ ଉନ୍ନତି କ୍ଷେତ୍ରରେ ସେମାନେ ପଛରେ ପଡ଼ିଥାଆନ୍ତି । ନିଜର ଆର୍ଥିକ ସୁବିଧା ଦୃଷ୍ଟିରୁ ବିଭିନ୍ନ ବ୍ୟବସାୟର ମାଲିକମାନେ ଶିଶୁମାନଙ୍କୁ କାମରେ ନିଯୁକ୍ତ କରିଥାଆନ୍ତି । ଅପର ପକ୍ଷେ ଆର୍ଥିକ ସ୍ୱଚ୍ଛଳ ନ ଥିବା ପିତାମାତା ପରିବାରର ରୋଜଗାର ସକାଶେ ଶିଶୁମାନଙ୍କୁ ଶ୍ରମିକ ରୂପେ କାର୍ଯ୍ୟ କରିବାକୁ ବାଧ୍ୟ କରାଉଥାନ୍ତି । ଯଦିଓ ଶିଶୁ ଶ୍ରମିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରାଯିବା ସମ୍ଭବପର ନୁହେଁ, ତଥାପି ଶିଶୁମାନଙ୍କୁ ଶୋଷଣରୁ ରକ୍ଷା କରିବା ସଙ୍ଗେ ସଙ୍ଗେ ସେମାନଙ୍କ କାର୍ଯ୍ୟକାରୀ ଅବସ୍ଥାର ଉନ୍ନତି ସାଧନ କରିବା ଆମର ପବିତ୍ର କର୍ତ୍ତବ୍ୟ ।

୧୯୭୧ ମସିହା ଜନଗଣନାରୁ ଜଣାଯାଇଛି ଯେ, ଆମ ଦେଶରେ ୧୪ ବର୍ଷ ପର୍ଯ୍ୟନ୍ତ ବୟସର ପ୍ରାୟ ୧୦ ନିୟୁତ ଶିଶୁକୁ ଶ୍ରମିକ ରୂପେ କାର୍ଯ୍ୟରେ ନିୟୋଜିତ କରାଯାଏ । ସେମାନେ ସମୁଦାୟ ଶ୍ରମଶକ୍ତିର ଶତକଡ଼ା ୫.୯ ଭାଗ । ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ସଂଖ୍ୟାରେ ଶିଶୁମାନଙ୍କୁ ଶ୍ରମିକ ରୂପେ ନିୟୋଜିତ କରାଯାଉଥାଏ । ସମୁଦାୟ ଶିଶୁ ଶ୍ରମିକ ସଂଖ୍ୟାର ଶତକଡ଼ା ୯୩ ଭାଗ ଗ୍ରାମାଞ୍ଚଳରେ ଏବଂ ବଳକାଟକ ସହରାଞ୍ଚଳରେ କାମ କରନ୍ତି । ଆନ୍ତର୍ଜାତିକ ଶ୍ରମ ସଂଗଠନ ରିପୋର୍ଟରୁ ଜଣାଯାଉଛି, ଯେ. ସମୁଦାୟ ଶିଶୁ ଶ୍ରମିକ ସଂଖ୍ୟାର ଶତକଡ଼ା ୮୦ ଭାଗ ଶିଶୁ ଶ୍ରମିକଙ୍କୁ ବିନା ପାରିଶ୍ରମିକରେ କାମରେ ଲଗାଯାଏ । ଗ୍ରାମାଞ୍ଚଳରେ ଶିଶୁ ଶ୍ରମିକମାନଙ୍କୁ ଗୋରୁଜଗିବା, ଗୋରୁ ପାଳକୁ ବସିବା, ଲୁଗା ବୁଣିବା, ତୋଟା ଜଙ୍ଗଲ କରିବା, ମାଛ ଧରିବା ପ୍ରଭୃତି କେତେକ କାର୍ଯ୍ୟରେ ଲଗାଯାଏ ଏବଂ ସହରାଞ୍ଚଳରେ କ୍ଷୁଦ୍ର ଓ କୁଟୀର ଶିଳ୍ପ, ସାଇକେଲ ମରାମତି, ମଟର ଗ୍ୟାରେଜ, ବିଡ଼ି ଓ ଦିଆସିଲି ତିଆରି, ଇଟାଭାଟି, ଜଳଖିଆ ଦୋକାନ, ପାନ ଦୋକାନ ଓ ହୋଟେଲ ପ୍ରଭୃତିରେ କାର୍ଯ୍ୟରେ ନିୟୋଜିତ କରାଯାଏ ।

ଆମ ଦେଶରେ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବା ପରିବାରର ଲୋକେ ଶିଶୁମାନଙ୍କୁ ଶ୍ରମିକ ରୂପେ କାର୍ଯ୍ୟ କରିବାକୁ ପଠାଇ ଦେଇଥାନ୍ତି । ସେମାନେ ପର ଦୁଆରେ ମୁଣ୍ଡବିକି ପରିବାରକୁ ସାହାଯ୍ୟ କରନ୍ତି । ଉପଯୁକ୍ତ ଶିକ୍ଷା ଲାଭରୁ ତ ବଞ୍ଚିତ ହୋଇଥାନ୍ତି, ଅପରପକ୍ଷେ ସେମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଘଟେ ନାହିଁ ଏବଂ ଚିରକାଳ ପାଇଁ ଆର୍ଥିକ ଦୁରବସ୍ଥାରେ ଜୀବନ ନିର୍ବାହ କରିଥାନ୍ତି ।

୧୯୮୫ ମସିହା ନଭେମ୍ବର ମାସରେ ଶିଶୁ ଶ୍ରମିକ ନିଯୁକ୍ତି ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସେଥିରେ ମତ ପ୍ରକାଶ ପାଇଥିଲା ଯେ, ଶ୍ରମିକରୂପେ ଶିଶୁମାନଙ୍କ ନିଯୁକ୍ତିକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବା ସମ୍ଭବପର ନୁହେଁ କି ଆମଦେଶର ଆର୍ଥିକ ବିକାଶ ଦୃଷ୍ଟିରୁ ଶିଶୁ ଶ୍ରମିକ ନିଯୁକ୍ତି ସ୍ପୃହଣୀୟ ନୁହେଁ । ଦେଶର ବହୁସଂଖ୍ୟକ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବାରୁ ଶିଶୁମାନଙ୍କୁ ଶ୍ରମିକ ହେବାପାଇଁ ପଠାଇ ଦିଆଯାଇଥାଏ । ଶିଶୁ ଶ୍ରମିକ ନିଯୁକ୍ତିକୁ ବୈଧାନିକ ଉପାୟରେ ଯଦି ସମ୍ପୂର୍ଣ୍ଣ ବନ୍ଦ କରାଯାଏ, ତେବେ ଗରିବ ପରିବାରଗୁଡ଼ିକ ଅଧିକ ଦୁଃଖ ଯନ୍ତ୍ରଣାର ଶିକାର ହେବେ । ଏଣୁ, ଏହାର ସମାଧାନ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ବୈଧାନିକ ବ୍ୟବସ୍ଥା ଗ୍ରହଣ କରାଗଲେ, ଗରିବ ପରିବାରଗୁଡ଼ିକର ଦୁଃଖ ଦୁର୍ଦ୍ଦଶା ଓ ଆର୍ଥିକ ଅନାଟନ ବିମୋଚନ ହେବା ପରିବର୍ତ୍ତେ ସେମାନେ ଅଧିକ ଦୁଃସ୍ଥ ହେବେ ବୋଲି ଉକ୍ତ ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଥିଲା ।

ସୁସଂଗଠିତ ଶିଳ୍ପ କାରଖାନାଗୁଡ଼ିକରେ ଶିଶୁ ଶ୍ରମିକ ନିଯୁକ୍ତିକୁ ନିଷେଧ କରିବା ସଙ୍ଗେ ସଙ୍ଗେ ସେମାନଙ୍କର କାର୍ଯ୍ୟକାରୀ ଅବସ୍ଥାର ଉନ୍ନତିବିଧାନ ପାଇଁ ସମୟାନୁକ୍ରମେ ଅନେକଗୁଡ଼ିଏ ବୈଧାନିକ ତଥା କାର୍ଯ୍ୟନିର୍ବାହୀ ପଦକ୍ଷେପ ନିଆଯାଇଛି । ଆମ ଦେଶରେ ଶିଶୁ ଶ୍ରମିକଙ୍କ ନିରାପତ୍ତା ନିମନ୍ତେ ସର୍ବ ପ୍ରଥମେ ୧୮୮୧ ମସିହାରେ ଆଇନ ପ୍ରଣୟନ କରାଯାଇଥିଲା । ଏହା ଇଣ୍ଡିଆନ ଫ୍ୟାକ୍ଟରୀ ଆକ୍ଟ ନାମରେ ନାମିତ । ଏହି

ଆଇନରେ ବ୍ୟବସ୍ଥା ଥିଲା ଯେ, ସାତ ବର୍ଷରୁ କମ ବୟସର ଶିଶୁ କଳ କାରଖାନାରେ ନିଯୁକ୍ତ ହେବେ ନାହିଁ ଏବଂ ସେମାନେ ଦୈନିକ ୯ ଘଣ୍ଟା କାର୍ଯ୍ୟ କରିବେ । ଏହି ଆଇନ ପ୍ରବର୍ତ୍ତନ ହେବା ପରେ ୧୯୦୧ ମସିହାରେ ଖଣି ଆଇନ, ୧୯୩୧ ମସିହାରେ ଭାରତୀୟ ବନ୍ଦର (ସଂଶୋଧିତ) ଆଇନ ଓ ୧୯୩୮ ମସିହାରେ ଶିଶୁ ଶ୍ରମିକ ନିଯୁକ୍ତି ଆଇନ ପ୍ରଣୟନ ହୋଇଥିଲା ଏବଂ ଏଥିରୁ କେତେକ ମଧ୍ୟ ବହୁବାର ସଂଶୋଧିତ ହୋଇଥିଲା । କିନ୍ତୁ ଏ ସମସ୍ତ ଆଇନ ପ୍ରଣୟନ ସତ୍ତ୍ୱେ ଶିଶୁ ଶ୍ରମିକ ନିଯୁକ୍ତିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଫଳପ୍ରଦ ହୋଇନଥିଲା ।

ଆମଦେଶ ସ୍ୱାଧୀନତା ଲାଭ କରିବା ପରେ ୧୯୪୮ ମସିହାରେ କଳକାରଖାନା ଆଇନର ସଂଶୋଧନ କରାଗଲା । ଏଥିରେ ବ୍ୟବସ୍ଥା ରହିଲା ଯେ, କଳ କାରଖାନାରେ ଶ୍ରମିକ ରୂପେ ନିଯୁକ୍ତି ପାଇଁ ସର୍ବନିମ୍ନ ୧୪ ବର୍ଷ ବୟସ ହୋଇଥିବ ଏବଂ ସେମାନେ ଦୈନିକ ସାଢ଼େ ଚାରି ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ କାମକରି ପାରିବେ ନାହିଁ । ଅଧିକନ୍ତୁ, ଭାରତୀୟ ସମ୍ବିଧାନର ୨୪ ଧାରାରେ ଉଲ୍ଲେଖ ରହିଛି ଯେ, ୧୪ ବର୍ଷରୁ କମ ବୟସର କୌଣସି ପିଲାକୁ କଳକାରଖାନା, ଖଣି କିମ୍ବା ଅନ୍ୟ କୌଣସି ବିପଦ-ସଙ୍କୁଳ କାର୍ଯ୍ୟରେ ନିଯୁକ୍ତି ଦିଆଯାଇ ପାରିବ ନାହିଁ ।

ରାତ୍ରୀ କାର୍ଯ୍ୟରେ ଯୁବ ଶ୍ରମିକ ନିଯୁକ୍ତି ସମ୍ପର୍କିତ ଆନ୍ତର୍ଜାତିକ ଶ୍ରମ ସଂଗଠନ ସମ୍ମେଳନ ଅନୁଯାୟୀ ୧୯୫୧ ମସିହାରେ ଶିଶୁ ଶ୍ରମିକ ନିଯୁକ୍ତି ଆଇନ ସଂଶୋଧନ ହୋଇଥିଲା । ଏଥିରେ ବ୍ୟବସ୍ଥା ରହିଲା ଯେ, ରେଳବାଇ ଓ ବନ୍ଦରରେ ରାତ୍ରୀରେ ୧୫ରୁ ୧୭ ବର୍ଷ ବୟସର ପିଲାମାନଙ୍କୁ କୌଣସି କାର୍ଯ୍ୟରେ ନିଯୁକ୍ତି କରାଯାଇ ପାରିବ ନାହିଁ । ସେହିପରି ବୃକ୍ଷରୋପଣ କାର୍ଯ୍ୟରେ ୧୨ ବର୍ଷରୁ କମ୍ ବୟସର ଶିଶୁମାନଙ୍କୁ ନିଯୋଜିତ କରାଯାଇ ପାରିବ ନାହିଁ ବୋଲି ୧୯୫୧ ମସିହା ବୃକ୍ଷରୋପଣ ଶ୍ରମିକ ଆଇନରେ ବ୍ୟବସ୍ଥା ରହିଲା । ଖଣି ଶାଦାନରେ ୧୫ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ନିଯୁକ୍ତିକୁ ବନ୍ଦ କରିବାକୁ ୧୯୫୨ ମସିହାରେ ଖଣିଖାଦାନ ଆଇନ ପ୍ରବର୍ତ୍ତନ କରାଗଲା । ବିଡ଼ି ଶିଳ୍ପରେ ଶିଶୁମାନଙ୍କୁ ନିଯୋଜିତ ନ କରିବାକୁ ୧୯୬୬ ମସିହାରେ ବିଡ଼ି ଓ ସିଗାରେଟ ମଜୁରିଆ (ନିଯୁକ୍ତି ସର୍ତ୍ତ) ଆଇନ ପ୍ରବର୍ତ୍ତିତ ହୋଇଥିଲା ।

ଏହିସବୁ ପଦକ୍ଷେପଗୁଡ଼ିକ ବ୍ୟତୀତ, ବିଭିନ୍ନ ରାଜ୍ୟ ସରକାରମାନେ ଶିଶୁ ଶ୍ରମିକମାନଙ୍କୁ ଶୋଷଣରୁ ରକ୍ଷା କରିବା ଉଦ୍ଦେଶ୍ୟରେ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନମାନ ପ୍ରବର୍ତ୍ତନ କରିଥିଲେ । ଏହି ଆଇନ ଅନୁଯାୟୀ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜୁରାଟ, ଜାମ୍ମୁ କାଶ୍ମୀର, ତ୍ରିପୁରା, କର୍ଣ୍ଣାଟକ, ଗୋଆ ଡିଉ ଦାମନ ସରକାରମାନେ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନରେ ଚାକିରି କରିବା ପାଇଁ ଶିଶୁ ଶ୍ରମିକମାନଙ୍କ ବୟସ ୧୨ବର୍ଷ ରଖିଲେ । ଅନ୍ଧ୍ର, ଆସାମ, କେରଳ, ତାମିଲନାଡୁ, ପଞ୍ଜାବ, ଦିଲ୍ଲୀ, ଚଣ୍ଡିଗଡ଼, ହିମାଚଳ ଓ ପଣ୍ଡିଚେରୀରେ ୧୪ବର୍ଷ ସର୍ବନିମ୍ନ ବୟସ ରହିଲା ଏବଂ ମହାରାଷ୍ଟ୍ରରେ ସର୍ବନିମ୍ନ ବୟସ ୧୫ବର୍ଷ ରହିଲା । ଯୁବ ଶ୍ରମିକମାନେ ଦୋକାନ ଓ ବାଣିଜ୍ୟ-ପ୍ରତିଷ୍ଠାନରେ କେତେ ସମୟ କାର୍ଯ୍ୟ କରିବେ, ସେ ସମ୍ପର୍କରେ ମଧ୍ୟ ଉକ୍ତ ଆଇନରେ ବ୍ୟବସ୍ଥା ରହିଛି । ଯୁବ ଶ୍ରମିକମାନେ ରାଜସ୍ଥାନରେ ଦୈନିକ ୩ ଘଣ୍ଟା, ଓଡ଼ିଶା, ମଧ୍ୟପ୍ରଦେ... କର୍ଣ୍ଣାଟକ ଓ ହିମାଚଳ ପ୍ରଦେଶରେ ଦୈନିକ ୫ଘଣ୍ଟା, ... ପ୍ରଦେଶ, ଦିଲ୍ଲୀ, ଗୁଜୁରାଟ, ମହାରାଷ୍ଟ୍ର ଓ ଜାମ୍ମୁ କାଶ୍ମୀର... ଦୈନିକ ୬ ଘଣ୍ଟା ଏବଂ ପଶ୍ଚିମବଙ୍ଗ, ବିହାର, ଅନ୍ଧ୍ର, ତାମିଲ... ନାଡୁ, ତ୍ରିପୁରା ଓ ପଣ୍ଡିଚେରୀରେ ଦୈନିକ ୭ ଘଣ୍ଟା କାର୍ଯ୍ୟ କରିବେ ।

ଶିଶୁମାନଙ୍କର ଅଧିକାର ସମ୍ପର୍କରେ ମିଳିତ ଜାତି... ସଂଘର ଘୋଷିତ ନୀତି ୧୯୫୯ ମସିହା ନଭେମ୍ବର ... ତାରିଖରେ ଗୃହୀତ ହୋଇଥିଲା । ଏଥିରେ ଉଲ୍ଲେଖ ଥିଲା ଯେ ଶିଶୁମାନେ ସ୍ୱତନ୍ତ୍ର ନିରାପତ୍ତା ଉପଭୋଗ କରିବା ସଙ୍ଗେ... ସଙ୍ଗେ ଆଇନାନୁଯାୟୀ ସେମାନେ ସମସ୍ତ ସୁବିଧା ସୁଯୋଗ ଲାଭ କରିବେ । ଅର୍ଥାତ୍ ସ୍ୱାଧୀନଭାବେ ଓ ମର୍ଯ୍ୟାଦା ସହକାରେ ସେମାନେ ଶାରୀରିକ, ମାନସିକ, ନୈତିକ, ଆଧ୍ୟାତ୍ମିକ ବିକାଶ ପାଇଁ ସୁବିଧା ଲାଭ କରିବା ସଙ୍ଗେ ସଙ୍ଗେ ସାମାଜିକ ସ୍ତରରେ ସମମାନ ଲାଭ କରି ପାରିବେ । ଏହି ଘୋଷଣା ଫଳରେ ଶିଶୁ ସ୍ୱାର୍ଥର ସର୍ବାଧିକ ସୁରକ୍ଷା କରାଯାଇ ପାରିବ ବୋଲି ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହମତ ହୋଇଥିଲେ । ସାରା ବିଶ୍ୱର ଶିଶୁ ଶ୍ରମିକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଆନ୍ତର୍ଜାତିକ ଶ୍ରମ ସଂଗଠନ ୧୯ଟି ନୂତନ ପରମ୍ପରା ସୃଷ୍ଟି କରିଥିଲେ । ତନ୍ମଧ୍ୟରୁ ସର୍ବନିମ୍ନ ମଜୁରୀ, ସ୍ୱାସ୍ଥ୍ୟ ପରୀକ୍ଷା ଓ ରାତିରେ କାମ କରିବା ସମ୍ପର୍କିତ ୬ଟି ବିଷୟ ଉପରେ ଭାରତ ସରକାର ସ୍ୱୀକୃତି ଦେଇଥିଲେ । ୧୯୭୯ ମସିହା ଆନ୍ତର୍ଜାତିକ ଶିଶୁ ସମ୍ବର୍ଷରେ ଆନ୍ତର୍ଜାତିକ ଶ୍ରମ ସଂଗଠନ ଶିଶୁ ଶ୍ରମିକ-ମାନଙ୍କର ସୁରକ୍ଷା ଓ ଅପସାରଣ ନିମନ୍ତେ ଗୋଟିଏ ପ୍ରସ୍ତାବ ଉତ୍‌ଥାପନ କରିଥିଲେ ।

ଜାତୀୟ ଶ୍ରମ କମିଶନ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ଅପେକ୍ଷା ଅର୍ଥ... ସମସ୍ୟା ଶିଶୁମାନଙ୍କୁ ଶ୍ରମିକ ହେବାକୁ ବାଧ୍ୟ କରିଥାଏ । ଏହା ଏକ ଗୁରୁତର ସମସ୍ୟା । ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଶିଶୁମାନଙ୍କର ଉପଯୁକ୍ତ ଶାରୀରିକ ବିକାଶ ପରିଶ... ସଙ୍ଗେ ସଙ୍ଗେ ଶିକ୍ଷା କ୍ଷେତ୍ରରେ ଅଧିକ ସୁଯୋଗ ଦିଆଯିବା ଉଚିତ । ଶିଶୁମାନେ କାର୍ଯ୍ୟ ସମୟରେ କାର୍ଯ୍ୟକରି ଅନ୍ୟ ସମୟରେ ଯେପରି ବିଦ୍ୟାଳୟ ଶିକ୍ଷା ପ୍ରତି ଅଧିକ ମନୋଯୋଗ କରିପାରିବେ, ସେ ବିଷୟରେ କମିଶନ ମଧ୍ୟ ସୁପାରିଶ କରିଛନ୍ତି । କମିଶନ ଆହୁରି ମଧ୍ୟ ସୁପାରିଶ କରିଛନ୍ତି ଯେ ଯେଉଁଠାରେ ଯଥେଷ୍ଟ ସଂଖ୍ୟାର ଶିଶୁ ଶ୍ରମିକ କାର୍ଯ୍ୟ କରୁଛନ୍ତି, ସେଠାରେ ନିଯୁକ୍ତିଦାତା ସଂସ୍ଥା ରାଜ୍ୟ ସରକାରଙ୍କ ସହଯୋଗ କ୍ରମେ କାର୍ଯ୍ୟ ସହିତ ଶିକ୍ଷାଦାନ ପାଇଁ ବ୍ୟବସ୍ଥା କରିବେ ।

ଶିଶୁ ଶ୍ରମିକ ନିଯୁକ୍ତିଜନିତ ଉପୁଜିଥିବା ସମସ୍ୟାଗୁଡ଼ିକର ଅନୁଧ୍ୟାନ କରି ୧୯୭୯ ମସିହା ଫେବୃଆରୀ ମାସରେ କେନ୍ଦ୍ର ସରକାର ଶିଶୁ ଶ୍ରମିକ କମିଟି ଗଠନ କରିଥିଲେ । ଶିଶୁ-ମାନଙ୍କର ନିରାପତ୍ତା ଓ କଲ୍ୟାଣ ନିମନ୍ତେ କି ପ୍ରକାର ପଦକ୍ଷେପ-ମାନ ଗ୍ରହଣ କରାଯାଇ ପାରିବ, ସେ ଦିଗରେ କମିଟି ନିଜର ମତାମତ ଦେଇଥିଲେ । ଏହି କମିଟିର ରିପୋର୍ଟ ଅନ୍ୟ ଏକ ଉଚ୍ଚ କ୍ଷମତାପନ୍ନ କମିଟି ପରୀକ୍ଷାନିରୀକ୍ଷା କରି ୧୯୮୦ ମସିହାରେ ଯେଉଁ ନିଷ୍ପତ୍ତି ଗ୍ରହଣ କରିଥିଲେ

ଯୋଜନା କାଳରେ କେନ୍ଦ୍ର ସରକାର ତାହା ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିଲେ । ଏହି ଶିଶୁ ଶ୍ରମିକ କମିଟିକୁ ସାହାଯ୍ୟ କରିବା ପାଇଁ ଗୋଟିଏ ଶିଶୁ ଶ୍ରମିକ ସେଲ୍ ମଧ୍ୟ ଗଠନ କରାଯାଇଛି । ସଂପ୍ରତି ଉକ୍ତ ସେଲ୍ ଶିଶୁ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ନୀତି ନିୟମ ଓ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିବା ସହ ଜଡ଼ିତ ରହିଛନ୍ତି । ସ୍ୱେଚ୍ଛାସେବୀ ସଂଗଠନମାନେ ନିର୍ଦ୍ଦିଷ୍ଟ ପରୀକ୍ଷାମୂଳକ ପରିକଳ୍ପନାଗୁଡ଼ିକ ଜରିଆରେ ଏହାକୁ କାର୍ଯ୍ୟକାରୀ କରିବେ, ସେଥିପାଇଁ ୧୯୮୩-୮୪ ଓ ୧୯୮୪-୮୫ ଆର୍ଥିକ ବର୍ଷରେ ଯଥାକ୍ରମେ ୪.୪୮ ଲକ୍ଷ ଓ ୬ ଲକ୍ଷ ଟଙ୍କା ଗ୍ରାଣ୍ଟ-ଇନ୍-ଏଡ୍ ଦେଉଥିଲେ । ୧୯୮୫-୮୬ ଆର୍ଥିକ ବର୍ଷରେ ଏ ବାବଦରେ ୧୫ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

ସପ୍ତମ ପଞ୍ଚବାର୍ଷିକ ଯୋଜନାରେ ଶିଶୁମାନଙ୍କ କଲ୍ୟାଣ ସାଧନ ନିମନ୍ତେ ୫ କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା ହୋଇଛି । ଶିଶୁ ଶ୍ରମିକମାନଙ୍କୁ ଅଣ-ଆନୁଷ୍ଠାନିକ ଶିକ୍ଷାଦାନ, ସେମାନଙ୍କର ସ୍ୱାସ୍ଥ୍ୟସେବା ଓ ପୁଷ୍ଟିକର ଖାଦ୍ୟ ଯୋଗାଣ ବିଷୟ ସଂପର୍କିତ ପରିକଳ୍ପନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ଆର୍ଥିକ ସାହାଯ୍ୟ ଜରିଆରେ ଉତ୍ସାହିତ କରିବା, ଉକ୍ତ ଯୋଜନାର ଅନ୍ତର୍ଭୁକ୍ତ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସ୍ତରରେ ଶିଶୁ ଶ୍ରମିକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆଇନ୍ ବ୍ୟବସ୍ଥାଗୁଡ଼ିକୁ ଅଧିକ ସୁଦୃଢ଼ କରାଯିବା ଆବଶ୍ୟକ ।

ଗତ ଅପ୍ରେଲ ୨୫ ତାରିଖ ଦିନ କେନ୍ଦ୍ର ଶ୍ରମ ମନ୍ତ୍ରୀ ପି. ଏ. ସାଙ୍ଗମା ଲୋକସଭାରେ ପ୍ରକାଶ କରିଥିଲେ ଯେ ଆନ୍ତର୍ଜାତିକ ଶ୍ରମ ସଂଗଠନର ବୈଷୟିକ କମିଶନଙ୍କ ସୁପାରିଶକ୍ରମେ ଶିଶୁ ଶ୍ରମିକମାନଙ୍କ ବିଷୟ ମାନବିକତା ଦୃଷ୍ଟିକୋଣରୁ ବିଚାର କରାଯିବା ସଙ୍ଗେ ସଙ୍ଗେ ଆସ୍ତେ ଆସ୍ତେ ଏହାର ଉଚ୍ଛେଦ ସାଧନ ଲାଗି ଏକ ଆଗୁଆ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ଏହି କାର୍ଯ୍ୟକ୍ରମ ସହ ରାଜ୍ୟ ସରକାରମାନଙ୍କୁ ସକ୍ରିୟ ଭାବରେ ସଂଶ୍ଳିଷ୍ଟ କରାଯିବ ଓ କେନ୍ଦ୍ର ସରକାର ଏଥିପାଇଁ ରାଜ୍ୟମାନଙ୍କୁ ଆବଶ୍ୟକ ପାଣ୍ଠି ଯୋଗାଇ ଦେବେ ।

ସମାଜର ଗରିବଲୋକେ ଯେ କେବଳ ଆର୍ଥିକ ଅଭାବ ଅସୁବିଧା ଦୃଷ୍ଟିରୁ ଶିଶୁମାନଙ୍କୁ ଶ୍ରମିକରୂପେ କାର୍ଯ୍ୟ କରିବାକୁ ପଠାଉଥାନ୍ତି, ତା' ଅବଶ୍ୟ ଠିକ୍ ନୁହେଁ । ପରନ୍ତୁ ଶିକ୍ଷା ଦ୍ୱାରା ଶିଶୁର ଭବିଷ୍ୟତ ଜୀବନ ଯେ ଉଜ୍ଜ୍ୱଳମୟ ହେବ, ସେ ବିଷୟରେ ବାପମାଆମାନଙ୍କର ପ୍ରକୃତ ଧାରଣା ନଥିବାରୁ ଶିଶୁମାନଙ୍କୁ ସେମାନେ ଶ୍ରମିକ ସଜେଇଥାଆନ୍ତି । ଏଣୁ, ବ୍ୟାପକ ପ୍ରଚାର ମାଧ୍ୟମରେ ପ୍ରଥମେ ଏଭଳି ବାପମାଆମାନଙ୍କୁ ଶିକ୍ଷା ସଂପର୍କରେ ସଚେତନ କରାଇବାକୁ ହେବ ।

ସାଧାରଣତଃ ଦାରିଦ୍ର୍ୟ ଓ ଅଜ୍ଞତା ଯୋଗୁଁ ଗରିବ ପରିବାରର ଶିଶୁମାନେ ଶ୍ରମିକ ହୋଇଥାନ୍ତି । ଆଇନଗତ ବ୍ୟବସ୍ଥା ସଂପର୍କରେ ପିତାମାତାଙ୍କର କୌଣସି ଧାରଣା ନଥାଏ । ଏଣୁ, ଆମର ପ୍ରଚାର ମାଧ୍ୟମ ଜରିଆରେ ଆଇନଗତ ବ୍ୟବସ୍ଥାଗୁଡ଼ିକୁ ବିଶେଷ ପ୍ରଚାର କରାଯିବା ଆବଶ୍ୟକ । ଶିଶୁ ଶ୍ରମିକଙ୍କର ସମସ୍ୟାଗୁଡ଼ିକପ୍ରତି ନିଯୁକ୍ତିଦାତା, ବାପମାଆ ତଥା ସର୍ବୋପରି ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିବା ଏଭଳି କାର୍ଯ୍ୟକ୍ରମର ପ୍ରଧାନ ଲକ୍ଷ୍ୟ ହେବା ଆବଶ୍ୟକ ।

ଶିଶୁମାନେ ଆମ ସମାଜରୂପକ ଉଦ୍ୟାନର ଟିକିଟିକି କଳିକା ସଦୃଶ । ଫୁଲଫୁଟି ବାସ ବିତରିବା ଆଗରୁ ସେମାନଙ୍କୁ ଶ୍ରମ କାରାରେ ପୂରେଇଦେବା ସମାଜ, ଦେଶ ଓ ଜାତିପକ୍ଷରେ କ୍ଷତିକାରକ । ଏହି କୋମଳ କଳିକାଗୁଡ଼ିକୁ ବର୍ଷା, ଶୀତ, ତାପ, ରୋଗ ଓ ଶୋକଦାଉରୁ ରକ୍ଷା କରାଗଲେ, ଆଗାମୀକାଲି ସାରା ବିଶ୍ୱରେ ସେମାନେ ହେବେ ବିକଶିତ, ସୁରକ୍ଷିତ ଓ ମହକିତ । ଏଣୁ, ଶିଶୁମାନଙ୍କ ସ୍ୱାର୍ଥରକ୍ଷା ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଇନଗତ ବ୍ୟବସ୍ଥାଗୁଡ଼ିକୁ ଅଧିକ କଡ଼ାକଡ଼ି କଲେ, ଅନେକ ସୁଫଳ ମିଳିବ ବୋଲି ଆଶା କରାଯାଏ ।

କ୍ୱାର୍ଟର ନଂ-ଏକୋଇଶି
ଟାଇପ୍-ଇ
ୟୁନିଟ୍-ଆଠ, ଭୁବନେଶ୍ୱର



ରାଜ୍ୟପାଳ କୋରାପୁଟ ଜିଲ୍ଲାର ଜୟପୁର ଠାରେ ଜଣେ ମହିଳାଙ୍କୁ ପାଣ୍ଠି ଦେଉଛନ୍ତି

# ଶ୍ରମ ବ୍ୟବସ୍ଥାରେ

ମେହନତୀ ମଣିଷର ସୃଷ୍ଟି ଈଶ୍ୱରଙ୍କ ସୃଷ୍ଟି ପରି ଚିର ସବୁଜ, ଚିର ନୂତନ । ସେମାନଙ୍କର ମର୍ଯ୍ୟାଦାର ପ୍ରତୀକ ମଇ ଦିବସ । ମଇ ଦିବସ ବା ମଇ ପହିଲାର କ୍ରାନ୍ତିକାରୀ ଇତିହାସରେ ଶ୍ରମିକମାନଙ୍କର ଉଚ୍ଚୁଆ ମନୋବୃତ୍ତି ଏବଂ ନ୍ୟାଯ୍ୟ ଦାବୀ ହାସଲ ନିମନ୍ତେ ସଫଳ ସଂଗ୍ରାମର କାହାଣୀ ସଂଶ୍ଳିଷ୍ଟ । ୧୮୮୬ ମସିହାରେ ସମଗ୍ର ଆମେରିକାରେ ଦୈନିକ ଆଠଘଣ୍ଟା କାର୍ଯ୍ୟ କରିବା ପାଇଁ ଦାବୀକରି ସାଧାରଣ ଧର୍ମଘଟ ପାଳନ କରାଯାଇଥିଲା । ୧୮୮୬ ମଇ ତିନି ତାରିଖ ଦିନ ଚିକାଗୋର ମେକନ ରିପେରିଂ କାରଖାନାର ଶ୍ରମିକମାନେ ଦୈନିକ ଆଠଘଣ୍ଟା କାମ କରିବା ପାଇଁ ଦାବୀ କରି ଧମଘଟ ଏବଂ ବିକ୍ଷୋଭ ଆୟୋଜନ କରିଥିଲେ । ଏହି ଧର୍ମଘଟ ତଥା ବିକ୍ଷୋଭକୁ ଦମନ କରିବା ପାଇଁ ହୋଇଥିବା ପୁଲିସ ଆକ୍ରମଣରେ ୬ ଜଣ ଶ୍ରମିକଙ୍କ ମୃତ୍ୟୁହୋଇ-ଥିଲା । ତାର ପ୍ରତିବାଦରେ 'ହେ' ଠାରେ ମଇ ୪ ତାରିଖ ଦିନ (୧୮୮୬) ବିରାଟ ବିକ୍ଷୋଭ ପଦ୍ୟାତ୍ରା ଆୟୋଜନ କରାଯାଇଥିଲା । ଏହି ବିକ୍ଷୋଭକାରୀ ଶ୍ରମିକ ଏବଂ ପୁଲିସଙ୍କ ସଂଘର୍ଷ ଫଳରେ ୪ ଜଣ ପୁଲିସ୍ ଏବଂ ୪ଜଣ ଶ୍ରମିକଙ୍କ ମୃତ୍ୟୁ ହେଲା । ସଂପୃକ୍ତ କେତେକ ଶ୍ରମିକ ନେତାଙ୍କୁ ଫାଶୀ ଦଣ୍ଡ ମିଳିଥିଲା । ତଥାପି ଏହି ଆନ୍ଦୋଳନର ଅବସାନ ହୋଇ ନ ଥିଲା । ୧୮୮୯ ମସିହା ଜୁଲାଇ ୧୪ ତାରିଖରେ ପ୍ୟାରିସ୍ ସହରରେ ବାଷ୍ଟାଇଲ୍ ଦୁର୍ଗ ପତନର ଶତବାର୍ଷିକ ଉତ୍ସବ ପାଳନ ଅବସରରେ ଆନ୍ତର୍ଜାତିକ ଶ୍ରମିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ଶ୍ରମିକ ସମ୍ମେଳନରେ ଅନ୍ୟମାନଙ୍କ ମଧ୍ୟରେ କାର୍ଲ ମାର୍କସ ଏବଂ ଏଙ୍ଗେଲ ପ୍ରଭୃତି ଉପସ୍ଥିତ ଥିଲେ । ମଇ ପହିଲାକୁ ଶ୍ରମ ଦିବସ ରୂପେ ପାଳନ କରିବା ନିମନ୍ତେ ଏଠାରେ ସିଦ୍ଧାନ୍ତ ହୋଇଥିଲା । ତଦନୁସାରେ ୧୮୯୦ ମଇ ପହିଲା ଦିନ ପୃଥିବୀର ବିଭିନ୍ନ ପ୍ରାନ୍ତରରେ ଏହା ମହା ସମାରୋହରେ ପାଳିତ ହୋଇଥିଲା । ମାତ୍ର ଜର୍ମାନୀ ତଥା ବ୍ରିଟେନର କେତେକ ନରମପନ୍ଥୀ ଶ୍ରମିକ ନେତା ଏହି ଶ୍ରମିକ ଦିବସକୁ କାର୍ଯ୍ୟଦିନରେ ପାଳନ କରାନଯାଇ କୌଣସି ଏକ ରବିବାର ଦିନ ପାଳନ କରିବା ପାଇଁ ଭିନ୍ନ ମତ ଦେଇ ଏହାକୁ ବିରୋଧ କରିଥିଲେ । ମାତ୍ର ଏଥିରେ କିଛି ଲାଭ ହେଲା ନାହିଁ । ୧୮୯୧ ମସିହାଠାରୁ ମଇ ପହିଲାକୁ ସାରା ବିଶ୍ୱରେ ଶ୍ରମିକ ଦିବସ ରୂପେ ପାଳନ କରାଯାଇ ଆସୁଛି । ଭାରତ ପରି ଏକ ପ୍ରଗତିଶୀଳ ରାଷ୍ଟ୍ରରେ ମଇ ଦିବସର ତାତ୍ପର୍ଯ୍ୟ ମହତ୍ୱପୂର୍ଣ୍ଣ । ଦେଶକୁ ଗଢ଼ି ତୋଳିବାରେ ଶ୍ରମିକ-ମାନଙ୍କର ଗୁରୁ ଦାୟିତ୍ୱ ରହିଥିବା ଦୃଷ୍ଟିରୁ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଏବଂ ମର୍ଯ୍ୟାଦା ଦେବା ନିମନ୍ତେ ସାରା ଦେଶରେ ମଇ ଦିବସ ପାଳିତ ହେଉଅଛି ।

## ଶ୍ରମିକ କିଏ

କଳକାରଖାନା, ଖଣିଖାଦାନ, ବିଭିନ୍ନ ଶିଳ୍ପ ଅନୁଷ୍ଠାନ, କ୍ଷେତବାଡ଼ି, ବଣ ଜଙ୍ଗଲ, ନିର୍ମାଣ କାର୍ଯ୍ୟ ତଥା କୁଟୀର ଶିଳ୍ପ-ମାନଙ୍କରେ କାମକରୁଥିବା ଖଟିଖିଆ ମଣିଷ ଶ୍ରମିକ ନାମରେ ପରିଚିତ । ଓଡ଼ିଶାରେ ଏମାନଙ୍କ ସଂଖ୍ୟା ୮୬ ଲକ୍ଷରୁ ବେଶୀ । ସେଥି ମଧ୍ୟରୁ କୃଷି କ୍ଷେତ୍ରରେ କାମ କରୁଥିବା ଶ୍ରମିକ-ମାନଙ୍କ ସଂଖ୍ୟା ପ୍ରାୟ ୫୬ ଲକ୍ଷ ।

ଏହି ଶ୍ରମିକମାନେ ଦିନକୁ ଆଠଘଣ୍ଟା କାମ ... ସପ୍ତାହରେ ୪୮ ଘଣ୍ଟାରୁ ଅଧିକ ସମୟ କାମ କଲେ ବଳକା ସମୟ ପାଇଁ ଦୁଇଗୁଣ ହାରରେ ମଜୁରୀ ପାଇବା ... ଆଇନଗତ ବ୍ୟବସ୍ଥା ରହିଛି । ଅନ୍ୟୁନ ଦଶଜଣ ଶ୍ରମିକ ... ପ୍ରତିଷ୍ଠାନରେ ବାର୍ଷିକ ୩୦ ଦିନ ବା ତା' ଠାରୁ ଅଧିକ ଦିନ ... କରିଥିବା ଶ୍ରମିକମାନଙ୍କୁ ଅନ୍ୟୁନ ୮'୩୩ ପ୍ରତିଶତ ... ମିଳିବାର ବ୍ୟବସ୍ଥା ଅଛି । କୃଷିକ୍ଷେତ୍ର ଛାଡ଼ିଦେଲେ ... ସମସ୍ତ ଶିଳ୍ପାନୁଷ୍ଠାନରେ ଧାରାବାହିକ ୬ ଦିନ କାର୍ଯ୍ୟ ... ୭ ଦିନର ମଜୁରୀ ପାଇବା ଶ୍ରମିକମାନଙ୍କର ହକ୍ ।

୬୫ଟି ନିୟୋଗରେ କାର୍ଯ୍ୟ କରୁଥିବା ରାଜ୍ୟର ... ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ଆଇନ, ୧୯୪୮ର ... କରାଯାଇ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଏବଂ ... କୁଶଳୀ ଶ୍ରମିକମାନଙ୍କ ନିମନ୍ତେ ସର୍ବନିମ୍ନ ମଜୁରୀ ସରକାର ... କରିଛନ୍ତି । ତଦନୁସାରେ ଅଣକୁଶଳୀ ଶ୍ରମିକମାନଙ୍କର ... ମଜୁରୀ ଦୈନିକ ୧୦ ଟଙ୍କା ରଖାଯାଇଛି । ଏହାକୁ ... ଖିଲାପ କଲେ ଆଇନ ଅନୁସାରେ ଦଣ୍ଡ ନିର୍ଦ୍ଧାରଣ କରାଯାଇ...

ସମାନ କାମ କିମ୍ବା ସମାନ ଧରଣର କାମ ପାଇଁ ... ଭେଦରେ ସମାନ ମଜୁରୀ ଦେବା ନିମନ୍ତେ ଆଇନଗତ ... ରହିଛି । ଶ୍ରମିକମାନଙ୍କର କଲ୍ୟାଣ ପାଇଁ କର୍ମଚାରୀ ... ବୀମା ଯୋଜନା, ପ୍ରସୂତିହିତ ଛୁଟି ଏବଂ ଅନ୍ୟାନ୍ୟ ... କାର୍ଯ୍ୟରତ ଥାଇ ଦୁର୍ଘଟଣାର ସମ୍ମୁଖୀନ ହେଲେ କ୍ଷତି... ମିଳିବା ଆଦି ବ୍ୟବସ୍ଥା ରହିଛି ।

## କାରଖାନା କାହାକୁ କହନ୍ତି

ଶକ୍ତି ଚାଳିତ ସ୍ଥଳେ ଦଶଜଣ କିମ୍ବା ତଦୂର୍ଦ୍ଧ୍ୱ ଏବଂ ଶକ୍ତି ... ଚାଳିତ କ୍ଷେତ୍ରରେ ୨୦ଜଣ କିମ୍ବା ତଦୂର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ କରୁ... ପ୍ରତିଷ୍ଠାନ ଯେଉଁଠି ଉତ୍ପାଦନ ପ୍ରକ୍ରିୟା ଚାଲୁ ରହିଛି, ... କାରଖାନା ଭାବେ ପରିଚିତ । କାରଖାନାମାନଙ୍କରେ ... ମାନଙ୍କର ନିୟନ୍ତ୍ରଣ ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ... ଏବଂ ସୁରକ୍ଷା ପାଇଁ ମାଲିକ ଯଥାରୀତି ଦୃଷ୍ଟି ଦେବା ... ୧୯୪୮ ମସିହାରେ କାରଖାନା ଆଇନ ପ୍ରଣୀତ ହୋଇ... କାରଖାନାର ଉତ୍ପାଦନରେ ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ... ସଂପୃକ୍ତ ସମସ୍ତ ଶ୍ରମିକ ଏହି ଆଇନର ପରିସରଭୁକ୍ତ ... ଅଟନ୍ତି ।

କାରଖାନାଗୁଡ଼ିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ... ଏହି ଆଇନରେ ବ୍ୟବସ୍ଥା ରହିଛି । ମାଲିକମାନେ ... ନର୍ଦ୍ଦମା ବ୍ୟବସ୍ଥା କରି ମଇଳା ନିଷ୍କାସନ କରିବେ । ...

...ସ ମୁକ୍ତବାୟୁ, ଚଳାଚଳ, ଯଥେଷ୍ଟ ଆଲୋକ, ଯଥେଷ୍ଟ ...ରେ ପାଇଖାନା ଗୃହ, ପରିସ୍ରାଗାର, ଛେପ ପକାଇବା ... ଏବଂ ହାତ ଧୋଇବା ନିମନ୍ତେ ବ୍ୟବସ୍ଥା କରିବା ...ତେ କାରଖାନା ଆଇନରେ ବ୍ୟବସ୍ଥା ରହିଛି ।

...କାରଖାନାରେ ଶ୍ରମିକମାନଙ୍କ ନିରାପତ୍ତା ରକ୍ଷା କରିବା ...ଛି । ମହିଳା କିମ୍ବା ଅପ୍ରାପ୍ତ ବୟସ୍କ ବାଳକଙ୍କୁ ...କ୍ଷେତ୍ରରେ ନିଯୁକ୍ତି ଦେବା ମନା । ଶ୍ରମିକମାନଙ୍କ ...ବିଶ୍ରାମକକ୍ଷ, ପ୍ରାଥମିକ ଚିକିତ୍ସା ସମେତ ୨୫୦ କିମ୍ବା ...ଶ୍ରମିକ କାର୍ଯ୍ୟ କରୁଥିବା କାରଖାନାରେ କ୍ୟାଣ୍ଟିନ ଏବଂ ... କିମ୍ବା ତତୋଧିକ ମହିଳା କାର୍ଯ୍ୟ କରୁଥିବା କାରଖାନାରେ ... ସାଧାରଣ ଶିଶୁ ସେବା ଗୃହର ବ୍ୟବସ୍ଥା କରିବା ... କାରଖାନା ଆଇନରେ ବ୍ୟବସ୍ଥା ରହିଛି ।

...ବୟସ୍କ ଶ୍ରମିକଙ୍କ ପାଇଁ ସପ୍ତାହରେ ୪୮ ଘଣ୍ଟା ...ହିବା ଏବଂ ତା' ପରବର୍ତ୍ତୀ ସମୟ କାର୍ଯ୍ୟପାଇଁ ସାଧାରଣ ...ର ଦୁଇଗୁଣ ହାରରେ ଅଧିକା ଭତ୍ତା ଦେବା, ୬ ଦିନ ... ପରେ ଗୋଟିଏ ସବେତନ ଛୁଟିଦିନ ଦେବା, କାରଖାନା ... ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟରୁ ଅନ୍ୟତମ ।

...ଶ୍ରମିକ ଗୋଟିଏ କାରଖାନାରେ ପ୍ରତି ପଞ୍ଜି ବର୍ଷରେ ... ଦିନ କାର୍ଯ୍ୟ କଲେ, ପରବର୍ତ୍ତୀ ପଞ୍ଜିବର୍ଷରେ ବୟସ୍କ ଶ୍ରମିକ ...ଥିଲେ ୨୦ ଦିନରେ ଦିନେ ଏବଂ ଶିଶୁ ଶ୍ରମିକ ହୋଇଥିଲେ ...ରେ ଦିନେ ମଜୁରୀ ସହ ଛୁଟି ପାଇ ପାରିବେ ।

...କାରଖାନା ଆଇନ ଖିଲାପ କଲେ ମାଲିକମାନଙ୍କୁ କଠୋର ... ଆଇନଗତ ବ୍ୟବସ୍ଥା ରହିଛି ।

## ଦାଦନ ଶ୍ରମିକ

...ଗଞ୍ଜାମ, ପୁରୀ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ରେଳ ...ଷ୍ଟେସନମାନଙ୍କରେ ପୌଷଠାରୁ ଦୋଳ ପୂର୍ଣ୍ଣିମା ମଧ୍ୟରେ ଦଳ ... ମଣିଷ ମୁଣ୍ଡରେ ଖଣ୍ଡେ ଲେଖାଏଁ ପେଟରା ଆଉ ସେମାନେ ...ମୁଣ୍ଡରେ ଓଡ଼ିଶା ବାହାରେ କାମ କରିବା ପାଇଁ ଗାଡ଼ି ଚଢ଼ିବା ...ସମସ୍ତେ ଭଲ ଅଧିକେ ଦେଖିଛନ୍ତି । ଏହି ଶ୍ରମିକମାନେ ... ଠିକାଦାର କରିଆରେ ସଂଗୃହୀତ ହୋଇଥାଆନ୍ତି । ... ଶ୍ରମିକ ମାଟିକାମ କରିବାରେ ଦେଶ ବିଦେଶରେ ବହୁ ...ର୍ଜନ କରିଛନ୍ତି । ସେଥିପାଇଁ ଓଡ଼ିଶା ବାହାରେ ଏମାନଙ୍କ ... ବେଶୀ । ତା' ଛଡ଼ା ଖରିଫ ଫସଲ ଅମଳ ପରେ ...ଗାଁରେ ପ୍ରାୟ କାମ ନଥାଏ । ଯାହା ବା ଥାଏ, ତାକୁ ...ମାନେ ଚଳାଇ ନିଅନ୍ତି ।

...ସଂଗ୍ରହ ସମୟରେ ଠିକାଦାର ଏମାନଙ୍କୁ ଭଲ ମଜୁରୀର ...ଦେଇଥାନ୍ତି । ବେଳେ ବେଳେ କିଛି କିଛି ଅଗ୍ରୀମ ମଧ୍ୟ ...ନ୍ତି । ନାନା ମିଠା କଥା କହି ଗାଡ଼ିରେ ଚଢ଼ାନ୍ତି । ସେହି ...ମାନଙ୍କୁ କୁଆଡ଼େ ଆଉ କାହିଁକି ଯାଉଛ ବୋଲି କେହି ...ଲେ ଉତ୍ତର ମିଳେ 'ଆମେ ନିଜ ଇଚ୍ଛାରେ ତୀର୍ଥ କରି ...ଛୁ' । କିନ୍ତୁ ପ୍ରକୃତରେ ଏଇମାନେହିଁ ଦାଦନ ଶ୍ରମିକ । ... ଅଗ୍ରୀମ ନେଇ ଯେଉଁମାନେ ରାଜ୍ୟ ବାହାରେ ... କରିବାକୁ ଠିକାଦାର କରିଆରେ ଯାଆନ୍ତି, ସେମାନେ ... ଶ୍ରମିକ ।

...କାମ କରିବା ସ୍ଥାନରେ ପହଞ୍ଚିଲେ ସବୁ ସୁଖସ୍ୱପ୍ନ ମିଳାଇ- ...। ଦାଦନ ଶ୍ରମିକମାନଙ୍କୁ ଦିନକୁ ୧୦ ଘଣ୍ଟାରୁ ୧୫ ଘଣ୍ଟା ପର୍ଯ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ କାମ କରିବାକୁ ବାଧ୍ୟ କରାଯାଏ । ଅଧିକା କାମ ପାଇଁ ମଜୁରୀ ନାହିଁ, ରହିବା ପାଇଁ ଘରନାହିଁ, ବାଧକ୍କି ପଡ଼ିଲେ ଔଷଧ ନାହିଁ । ଶୀତ ଋତୁରେ କମ୍ବଳ ନାହିଁ, ମରି ହଜିଗଲେ ଠିକଣା ରହେ ନାହିଁ । ଏଇ ହେଲା ଦାଦନ ଶ୍ରମିକମାନଙ୍କର କରୁଣ କାହାଣୀ ।

ଦାଦନ ଶ୍ରମିକମାନଙ୍କୁ ଶୋଷଣରୁ ମୁକ୍ତ କରିବା ପାଇଁ ୧୯୭୫ ରେ ଓଡ଼ିଶା ଦାଦନ ଶ୍ରମିକ ଆଇନ ଯଥେଷ୍ଟ ନ ହେବାରୁ ଏବେ ୧୯୭୯ ମସିହାରେ କେନ୍ଦ୍ର ସରକାର ଆନ୍ତଃ ପ୍ରାଦେଶିକ, ପ୍ରବାସିକ ଶ୍ରମିକ ଆଇନ ପ୍ରଣୟନ କରିଛନ୍ତି । ମାତ୍ର ଓଡ଼ିଶା ବ୍ୟତୀତ ଅନ୍ୟ ରାଜ୍ୟମାନଙ୍କରେ ଏହି ଆଇନ କାର୍ଯ୍ୟକାରୀ ହେବା ନିମନ୍ତେ ନିୟମାବଳୀ ତିଆରି ହୋଇ ନ ଥିବାରୁ ଅନ୍ୟ ରାଜ୍ୟର ଠିକାଦାରମାନେ ଏଇ ଆଇନରେ ଦାଦନ ଶ୍ରମିକଙ୍କୁ ଠକିବାର ସୁଯୋଗ ପାଉଛନ୍ତି ।

ଚଳିତ ବର୍ଷ ଓଡ଼ିଶା ସରକାର ଏହି ଶ୍ରମିକମାନଙ୍କ ସ୍ୱାର୍ଥ ସୁରକ୍ଷା ନିମନ୍ତେ 'ଭୂ ସେନା' ସୃଷ୍ଟି କରିବା ସକାଶେ ଗୋଟିଏ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହା ଅଚିରେ କାର୍ଯ୍ୟକାରୀ ହେବ ।

## କୃଷି ଶ୍ରମିକ

କୃଷିକ୍ଷେତ୍ରରେ କାର୍ଯ୍ୟକରୁଥିବା ଶ୍ରମଜୀବି ମଣିଷ ହିଁ କୃଷି ଶ୍ରମିକ । ଆମ ରାଜ୍ୟରେ ନାମମାତ୍ର ଚାଷୀଙ୍କୁ ମିଶାଇ କୃଷି ଶ୍ରମିକ-ମାନଙ୍କର ସଂଖ୍ୟା ହେଉଛି ୫୬ଲକ୍ଷ । ଏମାନେ ଅସଂଗଠିତ, ଅଶିକ୍ଷିତ ଆଉ ଆଇନକାନୁନ ବିଷୟରେ ଅନଭିଜ୍ଞ । ସମାଜର ସବୁଠାରୁ ଦୁର୍ବଳ ଏବଂ ଅନଗ୍ରସର ଶ୍ରେଣୀ ହିସାବରେ କୃଷି ଶ୍ରମିକମାନେହିଁ ଅଧିକ ନିର୍ଯ୍ୟାତିତ । ଏଣୁ ଏମାନଙ୍କର ଅବସ୍ଥାରେ ଉନ୍ନତି ନିମନ୍ତେ ବିଶେଷକରି ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ ଏବଂ ଦେୟ କରିବା କାର୍ଯ୍ୟକ୍ରମ ବିଂଶସୂତ୍ରୀ ଅର୍ଥନୈତିକ କାର୍ଯ୍ୟକ୍ରମରେ ଅଙ୍ଗୀଭୂତ କରାଯାଇଅଛି ।

୧୯୮୦ ମସିହା ପୂର୍ବରୁ କୃଷି ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରୀ ଦୈନିକ ୪ଟଙ୍କା ଥିଲା । ୧୯୮୦ ଡିସେମ୍ବର ମାସରେ ଏହା ୫ଟଙ୍କାକୁ ବୃଦ୍ଧି କରାଗଲା । ୧୯୮୨ ମସିହା ଡିସେମ୍ବର ମାସରେ ପୁଣିଥରେ ଏହାକୁ ୬ଟଙ୍କା କରାଗଲା । ଖାଉଟି ମୂଲ୍ୟ-ସୂଚୀ ବୃଦ୍ଧି ଭିତ୍ତିରେ ଗତ ନଭେମ୍ବର ୧୯୮୪ରୁ କୃଷି ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରୀ ଦୈନିକ ଟ୭'୫୦କୁ ବୃଦ୍ଧି କରାଯାଇଛି । ବର୍ତ୍ତମାନ ଚଳିତ ବର୍ଷଠାରୁ ତାହାକୁ ଦୈନିକ ୧୦ଟଙ୍କା କରା-ଯାଇଛି । ଏହାକୁ ଯଥାଯଥ ଭାବେ ତଦାରଖ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ, ରାଜସ୍ୱ ତଥା ଗ୍ରାମମଙ୍ଗଳ ବିଭାଗର କେତେକ ପଦାଧିକାରୀଙ୍କୁ ପରିଦର୍ଶକରୂପେ ନିଯୁକ୍ତି ଦିଆଯାଇଛି । ଶ୍ରମ ବିଭାଗର ଅଫିସରମାନଙ୍କ ନିମନ୍ତେ କୃଷି ସଂସ୍ଥା ପରିଦର୍ଶନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରଯାଇଛି ଏବଂ ପ୍ରତିମାସରେ ଗୋଟିଏ ଉଚ୍ଚ ସ୍ତରୀୟ କମିଟିଦ୍ୱାରା ଏହି କାର୍ଯ୍ୟର ସଂସ୍ଥା ପରିଦର୍ଶନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ସମୀକ୍ଷା କରାଯାଉଛି ।

୧୯୮୩-୮୪ ମସିହାରେ କୃଷି କ୍ଷେତ୍ରରେ ରାଜ୍ୟ ଶ୍ରମ ବିଭାଗର ପରିଦର୍ଶକମାନେ ୧୨,୨୧୮ର ପରିଦର୍ଶନ କରିଥିଲେ ଏବଂ କୃଷି ଶ୍ରମିକମାନଙ୍କୁ ତାଙ୍କର ବିଭିନ୍ନ ପାଉଣା ବାବଦରେ ଟ୧,୧୫,୪୭୭ଙ୍କା ଆଦାୟ କରି ଦିଆ କରାଇଥିଲେ । ସେହିପରି ୧୯୮୪-୮୫ ମସିହାରେ ଏମାନେ ୧୫,୨୪୨ଟି ପରିଦର୍ଶନ କରିଥିଲେ ଏବଂ ଟ୧,୧୨,୭୭୬ଙ୍କା ଦେୟା କରାଇଥିଲେ ।

## ବଗୋଡ ଶ୍ରମିକ

ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କରେ ଦାସତ୍ୱ ପ୍ରଥା କେବେଠାରୁ ବିଲୋପ ହେଲଣି । ମଣିଷ ସମାଜ ସ୍ୱାଧୀନର ସ୍ୱାଦ ଚାଖିଲାଣି । ତଥାପି ଏବେବି ଆମ ଓଡ଼ିଶାର ସୁଦୂର ଆଦିବାସୀ ତଥା ଅନୁନ୍ନତ ଅଞ୍ଚଳମାନଙ୍କରେ ସାହୁକାର, ମହାଜନ ଆଉ ଗଉନ୍ତିଆ ଘରେ କେବଳ ପେଟକୁ ଗଣ୍ଡେ ଖାଇ ବଂଶାନୁକ୍ରମେ ମରଦ ଆଉ ମାଇପି ବିନା ପାରିଶ୍ରମିକରେ ଖଟି ଚାଲିଛନ୍ତି । ଏମାନେ ଗୋତି ଶ୍ରମିକ । ବିବାହ କିମ୍ବା ଶ୍ରାଦ୍ଧକାର୍ଯ୍ୟରେ ଦାଦ ଧାର କରିଥିବା କରଜ ନାତି-ନାତୁଣୀ ଲୁହଲହୁ ଦିଆ ପରିଶ୍ରମ କରି ପରିଶୋଧ କରିପାରୁ-ନାହାନ୍ତି । ଏମାନଙ୍କୁ ଦାସତ୍ୱର ଶୃଙ୍ଖଳରୁ ମୁକ୍ତକରି ଥଇଥାନ କରିବା ନିମନ୍ତେ ୧୯୭୫ ମସିହାରୁ ଆମର ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଯେଉଁ ଡାକରା ଦେଇଥିଲେ ସେ କାମ ଆଗେଇ ଚାଲିଛି । ଗ୍ରାମ୍ୟ ଦରିଦ୍ରଙ୍କ ଥଇଥାନ କାର୍ଯ୍ୟକ୍ରମ ଜରିଆରେ ଏମାନଙ୍କୁ ଋଣ ଆଉ ଅନ୍ୟାନ୍ୟ କାମଧନ୍ଦା ଯୋଗାଇ ଦିଆଯାଉଛି । ତଥାପି ସେଇଥିରୁ ଅନେକ ଏବେବି ସେହି ପିଞ୍ଜରାକୁ ଫେରି-ଯିବାପାଇଁ ବିକଳ ହେଉଛନ୍ତି । ଆମ ମଫସଲ ଲୋକେ ଯେମିତି ଟିକିଏ କ'ଣ ଅସୁବିଧା ଦେଖିଲେ ବ୍ରିଟିଶ ଶାସନ ଭଲଥିଲା ବୋଲି କହି ପ୍ରଶଂସା କଲାପରି ଏହି ଗୋତି ଶ୍ରମିକମାନେ ଅମଣିଆ ବଳଦପରି ହେଉଛନ୍ତି । ସରକାରୀ ସାହାଯ୍ୟ ମିଳିଥିବା ବିହନକୁ ଯାଉକରି ଖାଇଦେଉଛନ୍ତି । ଋଣପାଇଁ ମିଳିଥିବା ବଳଦକୁ ଜଙ୍ଗଲରେ ମାରି ମାଂସଖାଇ ଦେଉଛନ୍ତି । ପୁଣି ଫେରୁଛନ୍ତି ସାହୁକାର ଦୁଆରକୁ । ପଚାରିଲେ କହୁଛନ୍ତି ବିହନ ଚୁହୁଡା ଖାଇଗଲେ ଆଉ ବଳଦକୁ ବାଘ ନେଇଗଲା ।'

ଯୁଗ ଯୁଗଧରି ଗଢ଼ି ଆସୁଥିବା ଗୋଟିଏ ପ୍ରବୃତ୍ତିକୁ ରାତା-ରାତି କ'ଣ ବଦଳାଇପାରିବ ? ଅନ୍ଧାର ପଛେ ଆଲୁଅ ଅଛି । ଆମକୁ ଅପେକ୍ଷା କରିବାକୁ ହେବ । ଅବିଶ୍ରାନ୍ତ ଉଦ୍ୟମ କରିବାକୁ ହେବ ।

## ଶ୍ରମ ଅଦାଲତ

ଶିଳ୍ପ ଶ୍ରମିକ ନିଜେ କିମ୍ବା ତାଙ୍କର ଶ୍ରମିକ ସଂଗଠନ ତାଙ୍କର ନ୍ୟାଯ୍ୟ ଦାବୀ ହାସଲ ନିମନ୍ତେ ପ୍ରଥମେ ମାଲିକଙ୍କ ପାଖରେ ଦ୍ୱିପାକ୍ଷିକ ଆଲୋଚନା ଏବଂ ପରବର୍ତ୍ତୀ ଅବସ୍ଥାରେ ଶ୍ରମ ବିଭାଗର ଶ୍ରମ ଅଧିକାରୀମାନଙ୍କ ମଧ୍ୟସ୍ଥତାରେ ମିଳାମିଶା ଆଲୋଚନାରେ ବିଫଳ ହେଲେ ଶ୍ରମ ବିବାଦଟି ଫଇସଲା ନିମନ୍ତେ ଶ୍ରମ ଅଦାଲତକୁ ଯାଏ । ସଂପ୍ରତି ଆମ ଓଡ଼ିଶାରେ ଭୁବନେଶ୍ୱରଠାରେ ଶ୍ରମ ଅଦାଲତ ରହିଛି ।ଶ୍ରମ ଅଦାଲତରେ ଶ୍ରମ ବିବାଦ ଆଗତ କରିବା ନିମନ୍ତେ କୋର୍ଟଫିସ୍ ଲାଗେ ନାହିଁ । ଶ୍ରମିକ କିମ୍ବା ଉପଯୁକ୍ତ ଶ୍ରମିକ ସଂଗଠନ ସ୍ଥଳରେ ନିଯୋକ୍ତା ବା ମାଲିକ ପକ୍ଷ ଶ୍ରମ ବିବାଦ ମକଦ୍ଦମାରେ ଓକିଲ ଦେଇ ପାରିବେ ନାହିଁ ।

ଶ୍ରମ ଅଦାଲତର ରାୟ ପ୍ରକାଶ ପାଇଲେ ତାହାର ପ୍ରୟୋଗ ଏବଂ କାର୍ଯ୍ୟକାରିତା ନିମନ୍ତେ ଶ୍ରମ କମିଶନର ସଂପୃକ୍ତ ପକ୍ଷଠାରୁ ଦରଖାସ୍ତ ପାଇଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି । ଚଳିତ ବର୍ଷ ସମ୍ବଲପୁର ଏବଂ ଜୟପୁରଠାରେ ଶ୍ରମ ଅଦାଲତ ସ୍ଥାପନ କରିବା ନିମନ୍ତେ ବିଚାର କିଆଯାଉଛି ।

## ଓଡ଼ିଶାରେ ଶ୍ରମିକ ଅଶାନ୍ତିର ତୁଳନାତ୍ମକ ବ୍ୟାଖ୍ୟା

ଗତ ଦଶନ୍ଧିରେ ଓଡ଼ିଶାରେ ଘଟି ଯାଇଥିବା ଶ୍ରମିକ [illegible] ନିମ୍ନମତେ ତୁଳନାତ୍ମକ ବ୍ୟାଖ୍ୟା କରାଯାଇପାରେ ।

| ବର୍ଷ | | ଧର୍ମଘଟ ଓ ତାଲାବନ୍ଦର ସଂଖ୍ୟା | ଶ୍ରମଦିବସ ନଷ୍ଟ |
|---|---|---|---|
| ୧ | | ୨ | ୩ |
| ୧୯୭୫ | .. | ୩୬ | ୨,୧୨,[illegible] |
| ୧୯୭୬ | .. | ୪୬ | ୧୪,[illegible] |
| ୧୯୭୭ | .. | ୭୫ | ୩,୪୪,[illegible] |
| ୧୯୭୮ | .. | ୧୦୫ | ୧,୮୮,[illegible] |
| ୧୯୭୯ | .. | ୧୦୭ | ୨,୧୧,[illegible] |
| ମୋଟ | .. | ୩୬୯ | ୧୧,୩୬,[illegible] |
| ୧୯୮୦ | .. | ୯୧ | ୧,୬୩,[illegible] |
| ୧୯୮୧ | .. | ୯୦ | ୨,୮୮,[illegible] |
| ୧୯୮୨ | .. | ୬୫ | ୪,୦୫,[illegible] |
| ୧୯୮୩ | .. | ୫୬ | ୮,୫୪,[illegible] |
| ୧୯୮୪ | .. | ୬୯ | ୨,୬୨,[illegible] |
| ମୋଟ | | ୩୮୧ | ୧୯,୭୪,୫୧୦ |

୧୯୭୫ ମସିହା ପ୍ରଥମ ଭାଗରେ ରାଜଗ ଷ୍ଟିଲ [illegible] ମିଲ୍, ଝାରସୁଗୁଡ଼ାରେ ପ୍ରାୟ ଦୁଇହଜାର ଶ୍ରମିକଙ୍କ ଛଅ [illegible] ମାସ ଧରି ହୋଇଥିବା ଧର୍ମଘଟ (ଫେବୃଆରୀ ଠାରୁ [illegible] ପହିଲା ପର୍ଯ୍ୟନ୍ତ) ଯୋଗୁଁ ୧୯୭୫ ମସିହାରେ ବେଶି ଶ୍ରମ[illegible] ନଷ୍ଟ ହୋଇଥିଲା । ସେହିପରି ୧୯୭୭ ମସିହାରେ [illegible] କାଗଜ କଳ, ବ୍ରଜରାଜ ନଗର, ଭାସର ଟେନ୍‌ସ୍‌ଟାଇଲ୍ [illegible] ଝାରସୁଗୁଡା, ଓଡ଼ିଶା ବିଦ୍ୟୁତ୍ ବୋର୍ଡ, ଓଡ଼ିଶା ଟେକ୍ସଟାଇଲ [illegible] ମିଲ୍ ଚୌଦ୍ୱାର, ଟିଟାଗଡ କାଗଜ କଳ, ଚୌଦ୍ୱାର, [illegible] ଏରୋନଟିକସ୍, ସୁନାବେଡା ପ୍ରଭୃତି ବଡ଼ ବଡ଼ କାରଖାନା [illegible] ଶ୍ରମିକ ଅଶାନ୍ତି ଯୋଗୁଁ ପ୍ରଭୂତ ଶ୍ରମ ଦିବସ ନଷ୍ଟ ହୋଇ[illegible] ୧୯୭୯ ମସିହାରେ ହୁଗାଗ୍ଲାସ ଓ୍ୱାର୍କସ୍, ବାରଙ୍ଗ [illegible] ସ୍ପିନିଂ ମିଲ୍ [illegible] ଧରଣର ତାଲାବନ୍ଦ ଏବଂ ବରଗଡ [illegible] ଓଡ଼ିଶା ନିର୍ମାଣ ନିଗମରେ ବଡ ଧରଣର ଧର୍ମଘଟ ଯୋଗୁଁ [illegible] ଶ୍ରମ ଦିବସ ନଷ୍ଟ ହୋଇଥିଲା । କିନ୍ତୁ ମୋଟାମୋଟି [illegible] ୧୯୭୫ ମସିହାର ଦ୍ୱିତୀୟାର୍ଦ୍ଧ ଏବଂ ୧୯୭୬ ମସିହାରେ [illegible] କମ୍ ଶ୍ରମିକ ଅଶାନ୍ତି ହୋଇଥିଲା ।

…ୟ ପର୍ଯ୍ୟାୟରେ ୧୯୮୨ ଏବଂ ୧୯୮୩ ମସିହା ଦ୍ୱୟରେ … ଶ୍ରମିକ ଦିବସ ନଷ୍ଟ ହୋଇଥିଲା । ଏଥି ମଧ୍ୟରୁ ୧୯୮୨ …ନିଲର ଓଡ଼ିଶା ସ୍ପିନିଂ ମିଲ୍, ଚୌଦ୍ୱାର; ଜେ. କେ. କାଗଜ କଳ, …ଗଡା ଏବଂ ଓରିଏଣ୍ଟ କାଗଜ କଳ, ବ୍ରଜରାଜନଗରରେ … ଏବଂ ଭାସ୍କର ଟେକ୍ସଟାଇଲ୍ ମିଲ୍, ଝାରସୁଗୁଡ଼ା ତଥା … ଟେକ୍ସଟାଇଲ ଏବଂ ଷ୍ଟିଲସ୍, କଟକରେ ଦୀର୍ଘ ତାଲାବନ୍ଦ … ଧରଣର ଶ୍ରମିକ ଦିବସ ନଷ୍ଟ ମୂଳରେ ରହିଛି । ସେହିପରି … ମସିହାରେ କୋଣାର୍କ ଜୋଟକଳ, ଧାନମଣ୍ଡଳ, ଓରିଏଣ୍ଟ …ସେ, ତଥା ଭାସ୍କର ଟେକ୍ସଟାଇଲ ମିଲ୍‌ରେ ତାଲାବନ୍ଦ … ପର୍ଯ୍ୟନ୍ତ ବହୁ ଶ୍ରମ ଦିବସ ନଷ୍ଟ ପାଇଁ ମୁଖ୍ୟତଃ ଦାୟୀ ।

ଗତ ଦଶ ବର୍ଷର ଶ୍ରମିକ ଅଶାନ୍ତିଜନିତ ଶ୍ରମ ଦିବସ ନଷ୍ଟକୁ ବିଷ୍ଲେଷଣକୁ ନେଲେ ପ୍ରାୟ ୩୫ ଲକ୍ଷ ଶ୍ରମ ଦିବସ ନଷ୍ଟ ହୋଇଥିବା ଜଣାଯାଏ । ଯଦି ଗୋଟିଏ ଶ୍ରମ ଦିବସ ପାଇଁ ହାରାହାରି ୩୨ ଟଙ୍କା (ମଜୁରୀ ବାବଦରେ ୧୨ ଟଙ୍କା ଏବଂ ଉତ୍ପାଦନ ବାବଦରେ ୨୦ଟଙ୍କା) ହିସାବ କରାଯାଏ ତେବେ ଗତ ଦଶ ବର୍ଷରେ ଶ୍ରମିକ ଅଶାନ୍ତି ଯୋଗୁଁ ଆମ ରାଜ୍ୟରେ ୧୦ କୋଟି ଟଙ୍କା ନଷ୍ଟ ହୋଇଥିବା ଆଶଙ୍କା କରାଯାଏ ।

---



ସୁବର୍ଣ୍ଣ ଜୟନ୍ତୀ ଅବସରରେ କଟକ ଓ.ଏମ୍.ପି ଛକଠାରେ ମୁଖ୍ୟମନ୍ତ୍ରୀଙ୍କ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ

# ଓଡ଼ିଶାର ଏକ ଗୌରବମୟ ସ୍ମୃତିର ମୂକସାକ୍ଷୀ ଡେବ୍ରୀଗଡ଼ ଦୁର୍ଗ



ସ୍ୱର୍ଗତଃ ଅଶ୍ୱିନୀ କୁମାର ପୂଜାରୀ

ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରଥମ ଓ ଶେଷ ସଂଗ୍ରାମୀ ସୁରେନ୍ଦ୍ର ସାଏଙ୍କର ଦୀର୍ଘ ୩୭ ବର୍ଷ କାଳ ସଂଗ୍ରାମ ମଧ୍ୟରେ ଯେଉଁ ପର୍ବତ ଘାଟୀଗୁଡ଼ିକ ସଂଗ୍ରାମର ପୀଠସ୍ଥଳୀ ଥିଲା, ସେମାନଙ୍କ ମଧ୍ୟରେ ଡେବ୍ରୀଗଡ଼, ଗଡ଼ଘାଟି ପାହାଡ଼ ଶ୍ରୀଗିଡ଼ା ଘାଟି, ଝରଘାଟି ଓ ଦ୍ୱାରସାଟିର ନାମ ଉଲ୍ଲେଖ ଯୋଗ୍ୟ । କିନ୍ତୁ ଏମାନଙ୍କ ମଧ୍ୟରେ ଡେବ୍ରୀଗଡ଼ ଘାଟିହିଁ ଥିଲା ସୁରେନ୍ଦ୍ର ସାଏଙ୍କ ମୁଖ୍ୟ ଆଶ୍ରୟସ୍ଥଳୀ ଏବଂ ସେହିଠାରୁ ହିଁ ସେ ରାଜ୍ୟ ବ୍ୟାପୀ ସଂଗ୍ରାମର ପରିକଳ୍ପନା ଓ ପରିଚାଳନା କରୁଥିଲେ ।

୧୮୨୭ ମସିହାରେ ଡେବ୍ରୀଗଡ଼ରୁ ହିଁ ଆରମ୍ଭ ହୋଇଥିଲା ସୁରେନ୍ଦ୍ର ସାଏଙ୍କର ସଂଗ୍ରାମର ପ୍ରଥମ ପଦକ୍ଷେପ ଏବଂ ୧୮୬୪ ମସିହାରେ ଏହିଠାରେ ହିଁ ଟଣା ହୋଇଯାଇଥିଲା ସେହି ସଂଗ୍ରାମର ଶେଷ ଦୃଶ୍ୟର ଯବନିକା । ୧୮୨୭ ମସିହାରୁ ୧୮୪୦ ମସିହା ପର୍ଯ୍ୟନ୍ତ ତାଙ୍କ ସଂଗ୍ରାମର ପ୍ରଥମ ପର୍ଯ୍ୟାୟ ଏବଂ ୧୮୫୭ ମସିହାଠାରୁ ୧୮୬୪ ମସିହା ପର୍ଯ୍ୟନ୍ତ ସେହି ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟରେ ଡେବ୍ରୀଗଡ଼ର ନାମ ଇଂରେଜମାନଙ୍କ ହୃଦୟରେ ଭୀତି ସଞ୍ଚାର କରୁଥିଲା । ଏହା ମଧ୍ୟରେ ୧୮୪୦ ମସିହାଠାରୁ ୧୮୫୭ ମସିହା ପର୍ଯ୍ୟନ୍ତ ସତରବର୍ଷ କାଳ ସୁରେନ୍ଦ୍ର ସାଏ ହଜାରୀବାଗ ଜେଲ ମଧ୍ୟରେ ବନ୍ଦୀ ହୋଇ ରହିଥିଲେ ।

ଡେବ୍ରୀଗଡ଼ ଶୃଂଗର ବିଶେଷତ୍ୱ ଏହା ଥିଲା ଯେ, ସୁରେନ୍ଦ୍ର ସାଏ ସେଠାରେ ଏକ ଦୁର୍ଗ ନିର୍ମାଣ କରିବା ପୂର୍ବରୁ ମଧ୍ୟ ଏହା ଏକ ପ୍ରାକୃତିକ ଦୁର୍ଗ ରୂପେ ରହିଥିଲା । ବାସ୍ତବିକ ୧୮୪୦ ମସିହାରେ ଯଦି ସୁରେନ୍ଦ୍ର ସାଏ ଡେବ୍ରୀଗଡ଼ର ଦୁର୍ଭେଦ୍ୟ ଆଶ୍ରୟ ଛାଡ଼ି ଖୋଲା ମଇଦାନରେ ଇଂରେଜମାନଙ୍କର ସମ୍ମୁଖୀନ ହୋଇ ନ ଥାଆନ୍ତେ ଓ ୧୮୬୪ ମସିହାରେ ଯଦି ଇଂରେଜମାନେ ଏକ ନୀଚ ବିଶ୍ୱାସ ଘାତକତା ଦ୍ୱାରା ତାଙ୍କୁ କାବୁ କରି ନ ପାରନ୍ତେ, ତେବେ ସେ କଦାପି ଇଂରେଜମାନଙ୍କ ହାତରେ ଧରା ପଡ଼ି ନ ଥା'ନ୍ତେ ।

ଡେବ୍ରୀଗଡ଼ କିପରି ଏପରି ଏକ ଦୁର୍ଭେଦ୍ୟ ଆଶ୍ର... ହୋଇ ପାରିଥିଲା, ତାହା ନିମ୍ନୋକ୍ତ ବର୍ଣ୍ଣନାରୁ ଜଣା ପଡ଼ି...

ସମ୍ବଲପୁର ସହରଠାରୁ ପ୍ରାୟ ୮୦ କିଲୋମିଟର ଦୂ... ବରଗଡ଼ ସବ୍‌ଡିଭିଜନର ବାରପାହାଡ଼ ପର୍ବତମାଳାର ... ଶୃଂଗର ନାମ ଡେବ୍ରୀଗଡ଼ । ଏହାର ଉଚ୍ଚତା ... ଫୁଟ । ୧୮୫୮ ମସିହା ପର୍ଯ୍ୟନ୍ତ ସେଠାରେ ... ମନୁଷ୍ୟକୃତ ଦୁର୍ଗ ନ ଥିଲା । ୧୮୨୭ ମସିହାଠାରୁ ୧୮୪୦ ... ଭିତରେ ସୁରେନ୍ଦ୍ର ସାଏ ଏହି ଶୃଂଗର ଏକ ପ୍ରାକୃତିକ ଦୁ... ତାଙ୍କର ଏକ ଘାଟି ରୂପେ ବ୍ୟବହାର କରୁଥିଲେ । ... ମସହାରେ ସେ ଜେଲଭାଙ୍ଗି ବାହାରି ଆସିଲା ପରେ ... ଡେବ୍ରୀଗଡ଼ ଶୃଂଗରେ ଆଶ୍ରୟ ନେଲେ । ୧୮୫୮ ମ... ମଧ୍ୟଭାଗରେ ପ୍ରଥମେ ସେ ଡେବ୍ରୀଗଡ଼ଠାରେ ଏ... ନିର୍ମାଣ କଲେ ।

ଡେବ୍ରୀଗଡ଼ ଶୃଂଗର ଶୀର୍ଷଦେଶରେ "ଦେବ୍ର ଦସନ୍ନ"... ଏକ ସମତଳ ଭୂମି ଥିଲା । ତାହାର ଚତୁର୍ଦ୍ଦିଗରେ ସୁ... ସାଏ ପଥରର ଏକ ଦୃଢ଼ ପ୍ରାଚୀର ନିର୍ମାଣ କଲେ । ... ଦସନ ତଳକୁ "ବାର ବଖରା" ନାମକ ଏକ ପ୍ରକାଣ୍ଡ ଗୁ... ଗୁମ୍ଫା ଥିଲା । ସେଠାରେ ସୁରେନ୍ଦ୍ର ସାଏଙ୍କର ... ସେନାପତିମାନେ ବସବାସ କଲେ । ଡେବ୍ରୀଗଡ଼ ନି... ପ୍ରବାହିତ "ଖଣ୍ଡଜୋର" ଝରଣା ଏକ ପ୍ରାକୃତିକ ... କରିଥିଲା । ପାହାଡ଼ର ପାଦ ଦେଶରେ ଚତୁର୍ଦ୍ଦିଗରେ ... ବାଉଁଶ ବଣ ଘେରି ରହିଥିଲା । ବାଉଁଶ ବଣର ... ନିବିଡ଼ ଓ ଅନ୍ଧକାରାଚ୍ଛନ୍ନ ଅରଣ୍ୟ ବିସ୍ତୃତ ଥିଲା । ଏହି ... ଓ ଅରଣ୍ୟ ଏପରି ବିପଦ ସଂକୁଳ ଓ ଦୁର୍ଗମ ଥିଲା ଯେ ... ସେଠାକୁ ଯିବାର ତ ଦୂରର କଥା, ଶତ୍ରୁ ଅନେକ ... ତାହାର ସନ୍ଧାନ ମଧ୍ୟ ପାଇ ପାରୁ ନ ଥିଲେ ।

ପାହାଡ଼ର ପୂର୍ବଭାଗ ଅତିଶୟ ଚଢ଼ୁର ଥିଲା ...

...ଗ ବାହିନୀଙ୍କ ଛଡ଼ା ତାହା ଆରୋହଣ କରିବା ଅତିଶୟ ...ସାଧ୍ୟ ବ୍ୟାପାର ଥିଲା । ଇଂରେଜ ପକ୍ଷର କମାଣ ବାହି... ...ଏହି ଖାଇ, ଅରଣ୍ୟ ଓ ବନ୍ଧୁର ପଥ ଅତିକ୍ରମ କରି ...ଗଡ଼ ଦୁର୍ଗରେ ପହଞ୍ଚିବା ସମ୍ଭବପର ନ ଥିଲା । ...ରେ ଉଭୟ ପାର୍ଶ୍ୱର ବୃକ୍ଷମାନଙ୍କରୁ ପ୍ରକାଣ୍ଡ ପଥରଖଣ୍ଡ- ...ଲତା ସାହାଯ୍ୟରେ ବାନ୍ଧି ରଖାଯାଇଥିଲା । ଯଦିବା ...ଶତ୍ରୁ ଉଠିବାକୁ ଚେଷ୍ଟା କରୁଥିଲା, ତେବେ ଲତାଗୁଡ଼ିକ ...ଦେଲେ ପଥରଗୁଡ଼ିକ ପ୍ରଚଣ୍ଡ ବେଗରେ ନିପତିତ ହୋଇ ...ଆରୋହୀଙ୍କ କମାଣ ସହିତ ସୈନ୍ୟମାନଙ୍କୁ ଚୁରମାର ...ଦେଉଥିଲା ।

...ଦେବ୍ରୀଗଡ଼ ଦୁର୍ଗର ତଳେ ଥିବା ବାର ବଖରାର ଆହୁରି ...ଅମାଲୋନା ନାମକ ଆଉ ଏକ ସୁସଜ୍ଜିତ ଦୁର୍ଗ ମଧ୍ୟ ...ସାଏ ନିର୍ମାଣ କରିଥିଲେ । ପୂର୍ବେ ମରହଟ୍ଟାମାନେ ...ବେଳେ ଏହି ଅଞ୍ଚଳ ଶାସନ କରୁଥିଲେ, ସେତେବେଳେ ...ଲୋନାଠାରେ ତାଙ୍କ ଦ୍ୱାରା ଏକ ଦୁର୍ଗ ନିର୍ମିତ ହୋଇଥିଲା । ...ସାଏ ସେହି ଦୁର୍ଗକୁ ପୁନଃ ନିର୍ମାଣ କରି ଆହୁରି ଶକ୍ତି- ...ଶାଳୀ କରିଥିଲେ । ସେହି ଅମାଲୋନା ଦୁର୍ଗ ପାଞ୍ଚହଜାର ...ଫୁଟର ଏକ ପରିଧି ମଧ୍ୟରେ ନିର୍ମିତ ହୋଇଥିଲା ।

...ମାଲୋନା ଦୁର୍ଗ ପ୍ରକୃତରେ ଥିଲା ଦେବ୍ରୀଗଡ଼ ଦୁର୍ଗର ...ସହଯୋଗୀ ଦୁର୍ଗ । ସେଠାରେ ବିପ୍ଳବୀମାନଙ୍କର ...ଦ୍ରବ୍ୟ ସଞ୍ଚିତ ହୋଇ ରହୁଥିଲା ଏବଂ ବିପ୍ଳବୀ ସୈନିକମାନେ ...ବସବାସ କରୁଥିଲେ । ଏହାର ଚତୁର୍ଦ୍ଦିଗରେ ଦଶଫୁଟ ...ଓ ତିନିଫୁଟ ଓସାରର ଏକ ପ୍ରାଚୀର ନିର୍ମିତ ହୋଇ ...ରେ ୧୭ଟି ବଡ଼ ବଡ଼ ଗମ୍ବୁଜ ତିଆରି କରାଯାଇଥିଲା । ...ର ଦେହରେ ନଳାମାନ କରି ସେଥିରେ ବିପ୍ଳବୀ ...ସୈନିକମାନଙ୍କର ବନ୍ଧୁକ ରଖା ଯାଇଥିଲା । ଦେବ୍ରୀଗଡ଼ ...କୁ କେହି ଆକ୍ରମଣ କରିବାକୁ ଆସିଲେ ଏହି ଅମାଲୋନା ...ରୁ ହିଁ ତାର ପ୍ରତିରୋଧ କରାଯାଇ ପାରୁଥିଲା ।

...ଥିତ ଅଛି ଯେ ଦେବ୍ରୀଗଡ଼ ଶୃଙ୍ଗର ଶୀର୍ଷଦେଶରେ ...ନ୍ଦ୍ର ସାଏ ସୁଡ଼ଙ୍ଗ ସଦୃଶ ଏକ ଗୁପ୍ତପଥ ମଧ୍ୟ ନିର୍ମାଣ ...ଥିଲେ । ସେହି ସୁଡ଼ଙ୍ଗର ମୁଖ ବନ୍ଦ କରିବା ପାଇଁ ...ରେ ଏକ ଢାଙ୍କୁଣୀ ବସା ଯାଇଥିଲା ଏବଂ ତାହା ଲତା ଓ ...ଦ୍ୱାରା ଆଚ୍ଛାଦିତ କରାଯାଇଥିଲା । ଦୁର୍ଗ ମଧ୍ୟରେ ...ହେତୁ ଖସିଯିବା ଆବଶ୍ୟକ ହେଲେ ଏହି ଗୁପ୍ତ ପଥରେ ...ବେଶ କରି ଅକ୍ଲେଶରେ ବହୁ ଦୂରସ୍ଥିତ ନିବିଡ଼ ଅରଣ୍ୟରେ ...ହୋଇ ଦେଉଥିଲେ ଏବଂ ଗୋପନରେ ଦୁର୍ଗ ଭିତରକୁ ଯିବାକୁ ...ଲେ ପଥରର ଢାଙ୍କୁଣୀ ଢାଙ୍କି ଦେଲେ ଶତ୍ରୁ ଆଦୌ ତାହାର ...ଠାବ ପାଇ ପାରୁ ନ ଥିଲା । ସୁରେନ୍ଦ୍ର ସାଏଙ୍କର ଅଳ୍ପ ...କେତେକ ବିଶ୍ୱାସୀଙ୍କ ଛଡ଼ା ଗୁପ୍ତ ସୁଡ଼ଙ୍ଗର ପ୍ରବେଶ ଓ ...ନିର୍ଗମ ଦ୍ୱାର କେଉଁଠି ଥିଲା ତାହା କେହି ଜାଣି ପାରୁ ନ ଥିଲେ ।

...ଦେବ୍ରୀଗଡ଼ ଦୁର୍ଗର ସୁରକ୍ଷା ପାଇଁ ଆଉ ଏକ ପ୍ରାକୃତିକ ...ବ୍ୟବସ୍ଥା ମଧ୍ୟ ରହିଥିଲା । ଦେବ୍ରୀଗଡ଼ ଶୃଙ୍ଗର ଅପର ...ସ୍ଥିତ ଦ୍ୱାରସାଟି ନାମକ ଗିରିଶଙ୍କଟ ସେହି ଦୁର୍ଗକୁ ...ରକ୍ଷକ ରୂପେ ଜଗି ରହିଥିଲା ।

କିନ୍ତୁ ଦେବ୍ରୀଗଡ଼ ଦୁର୍ଗର ଏତେ ନିରାପତ୍ତା ବ୍ୟବସ୍ଥା ଥିବା ସତ୍ତ୍ୱେ ୧୮୬୪ ମସିହାରେ ଶତ୍ରୁ ସେଠାରେ ପ୍ରବେଶ କରି ପାରିଲା କିପରି ? ଏହାର କାରଣ, ତାହାର ସନ୍ଧାନ ଦେଇଥିଲା ଦୟାନିଧି ମେହେର ନାମକ ଏକ ବିଶ୍ୱାସଘାତକ ଗୁପ୍ତଚର । ସେ ପୂର୍ବେ ଜଣେ ବିପ୍ଳବୀ ଥିଲା ଏବଂ ସୁରେନ୍ଦ୍ର ସାଏଙ୍କର ଅତି ବିଶ୍ୱାସ ଭାଜନ ଥିଲା । ଇଂରେଜମାନେ ମଧ୍ୟ ଖୋଲା ଖୋଲି ଭାବରେ ତାହା ଆକ୍ରମଣ ନ କରି ରାତି ଅଧରେ ଚୋର ପରି ଲୁଚି ଲୁଚି ସେଠାରେ ପହଞ୍ଚି ଯାଇଥିଲେ ।

ସମ୍ବଲପୁରର ତତ୍କାଳୀନ ଇଂରେଜ ଶାସନକର୍ତ୍ତା ମେଜର କମ୍ବର ଲେଜଙ୍କର ରିପୋର୍ଟରୁ ଜଣାଯାଏ ଯେ ୧୮୬୪ ମସିହା ଜାନୁୟାରୀ ୨୩ ତାରିଖ ଦିନ ସୁରେନ୍ଦ୍ର ସାଏଙ୍କୁ ହଠାତ ଆକ୍ରମଣ କରି ବନ୍ଦୀ କରିବାର ଏକ ଯୋଜନା ସେ ପ୍ରସ୍ତୁତ କରିଥିଲେ । ଅବଶ୍ୟ ସେହି ଯୋଜନା ଏହି ଦେବ୍ରୀଗଡ଼ ଶୃଙ୍ଗରେ କାର୍ଯ୍ୟକାରୀ ହେଲା ନା ସୁରେନ୍ଦ୍ର ସାଏଙ୍କର ଖିଣ୍ଡାଗିତ ବାସ ଭବନରେ ହେଲା ତାହା କମ୍ବର ଲେଜ ସାହେବ ସ୍ପଷ୍ଟ ଭାବରେ ଉଲ୍ଲେଖ କରି ନାହାନ୍ତି । କିନ୍ତୁ ଲୋକ ମୁଖରେ କଥିତ ଅଛି ଯେ, ତାହା କାର୍ଯ୍ୟକାରୀ ହେଲା ଦେବ୍ରୀଗଡ଼ ଦୁର୍ଗରେ । କମ୍ବରଲେଜ ସାହେବ ଲେଖିଛନ୍ତି ଯେ, ସେ ଗୁପ୍ତଚରଠାରୁ ସମ୍ବାଦ ପାଇ ରାତି ଦୁଇଟା ବେଳେ କମିଶନର ମିଷ୍ଟର ବାଇକେମ ଡି. ଆଇ. ଜି. ମେଜର ଷ୍ଟୁଆର୍ଟ ଓ କେତେକ ସୈନିକଙ୍କ ସହିତ ନିଜେ ଛପି ଛପି ସୁରେନ୍ଦ୍ର ସାଏଙ୍କର ନିବାସ ସ୍ଥଳୀରେ ଉପସ୍ଥିତ ହେଲେ ଏବଂ ସୁରେନ୍ଦ୍ର ସାଏ ଓ ତାଙ୍କର କେତେଜଣ ସହଯୋଗୀ ଗଭୀର ନିଦ୍ରାରେ ଅଚେତନ ଥିବା ସମୟରେ ଏପରି ଭାବରେ ତାଙ୍କ ଉପରେ ଝାମ୍ପି ପଡ଼ିଲେ ଯେ ସେମାନେ ପ୍ରତିରୋଧ କରିବା ପୂର୍ବରୁ ବନ୍ଦୀ ହୋଇ ଯାଇଥିଲେ । ଲୋକ ମୁଖରୁ ଜଣାଯାଏ ସେମାନେ ପ୍ରତିରୋଧ କରି ନ ପାରିବାର କାରଣ ହେଉଛି ପୂର୍ବରୁ ଦୟାନିଧି ମେହେର ସେମାନଙ୍କ ଖାଦ୍ୟରେ ଉତ୍କଟ ନିଶାଦ୍ରବ୍ୟ ମିଶ୍ରିତ କରିଦେଇଥିଲେ ।

ଦେବ୍ରୀଗଡ଼ ଦୁର୍ଗ ଏବଂ ଏହାର ସହଯୋଗୀ ଅମାଲୋନା ଦୁର୍ଗର ଯେଉଁ ବର୍ଣ୍ଣନା ଇତିହାସରୁ ଓ ଲୋକ ମୁଖରୁ ଜଣାଯାଏ ସେଥି ମଧ୍ୟରୁ ଅଧିକାଂଶର ଚିହ୍ନବର୍ଣ୍ଣ ଏବେ ନାହିଁ । ଏହାର କାରଣ, ଲୋକେ ଘରଦ୍ୱାର ନିର୍ମାଣ କରିବା ପାଇଁ ପଥର ସବୁ ନେଇ ଯାଇଥିବା ସମ୍ଭବ । ଏହା ଛଡ଼ା ଲୋକେ ଜଙ୍ଗଲ କାଟି ସଫା କରି ଦେଇଛନ୍ତି ଏବଂ ଅନେକ କିଛି ଗାଡ଼ି, ମଟର ଟ୍ରକର ଯାତାୟାତରେ ବିନଷ୍ଟ ଓ ବିଲୁପ୍ତ ହୋଇଯାଇଛି ।

ତଥାପି, ଯେଉଁ ଧ୍ୱଂସାବଶେଷ ରହି ଯାଇଛି, ତାହାକୁ ଅତୀତ ଗୌରବର ସ୍ମୃତି ଚିହ୍ନ ରୂପେ ରକ୍ଷା କରିବା ଆମମାନଙ୍କର କର୍ତ୍ତବ୍ୟ ।

ଗୌରମଠ ଗଳି, ଝାଡ଼ୁଆପଡ଼ା,
ପୋ:ଅ:/ଜିଲ୍ଲା—ସମ୍ବଲପୁର-୭୬୮୦୦୧ ।

# ସ୍ୱାସ୍ଥ୍ୟ ପାଇଁ ସହଜ ଚିନ୍ତା ହୋମିଓପାଥି

ଡାକ୍ତର ଉପେନ୍ଦ୍ର ପ୍ରସାଦ

ସ୍ୱାସ୍ଥ୍ୟହିଁ ସଂପଦ । ଉତ୍ତମ ସ୍ୱାସ୍ଥ୍ୟ ବ୍ୟତିରେକ ଜୀବନର ମୂଲ୍ୟ କିଛି ନାହିଁ । ମଣିଷ ଯେତେବେଳେ ଯେଉଁ ପରିସ୍ଥିତିରେ ଥାଉ ନା କାହିଁକି ସେ ସବୁବେଳେ ଖୋଜେ ଶାନ୍ତି ଓ ସନ୍ତୋଷ । ଶାନ୍ତି ହିଁ ବିଶେଷ କରି ମିଳିଥାଏ କେବଳ ସୁସ୍ୱାସ୍ଥ୍ୟରୁ । ତେଣୁ ସ୍ୱାସ୍ଥ୍ୟ ମଣିଷର ସବୁଠାରୁ ବଡ ଧନ । ଜଣେ ଯେତେ ଧନୀ, ମାନୀ ବା ଜ୍ଞାନୀ ହେଉ ବରଂ ଯଦି ସେ ସ୍ୱାସ୍ଥ୍ୟ ହୀନ ରୁଗ୍ଣ ହୋଇପଡେ ତେବେ ତାର ଧନ, ଜ୍ଞାନ, ଐଶ୍ୱର୍ଯ୍ୟ, ଚାତୁର୍ଯ୍ୟ ସବୁ ରସାତଳଗାମୀ ହୁଏ ଏବଂ ସେ ଖାଲି ହା ହୁତାଶର ଧୂମ କୁଣ୍ଡଳୀ ଭିତରେ ଘୁରିଘୁରି ନିଶ୍ଚିହ୍ନ ହେବା ବ୍ୟତିତ ଆଉ କିଛି ଉପାୟ ନଥାଏ । ତେଣୁ ସେହି ଦୃଷ୍ଟିରୁ ସ୍ୱାସ୍ଥ୍ୟ ଗଠନର ମୂଲ୍ୟ ଯେ କେତେ ଉର୍ଦ୍ଧ୍ୱରେ ତାହା ସହଜରେ ଅନୁମେୟ ।

ଏହି ସ୍ୱାସ୍ଥ୍ୟରକ୍ଷା ଓ ସ୍ୱାସ୍ଥ୍ୟ ଗଠନ କ୍ଷେତ୍ରରେ କେବଳ ଆମ ରାଷ୍ଟ୍ର ଭାରତବର୍ଷ କାହିଁକି ଆନ୍ତର୍ଜାତିକ କ୍ଷେତ୍ରରେ ସମଗ୍ର ପୃଥିବୀର ଅନ୍ୟାନ୍ୟ ପ୍ରତିବେଶୀ ଦେଶମାନଙ୍କରେ ଉନ୍ନତ ସ୍ୱାସ୍ଥ୍ୟରକ୍ଷାର ସୁକଳ୍ପିତ ଯୋଜନାମାନ କରାଯାଇ ତାହାକୁ କାର୍ଯ୍ୟରେ ପରିଣତ କରାଯାଇଅଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଘର ସହାୟତାରେ ମଧ୍ୟ ସ୍ୱାସ୍ଥ୍ୟରକ୍ଷା ଓ ସ୍ୱାସ୍ଥ୍ୟ ଗଠନ ନିମନ୍ତେ ବହୁ ଉନ୍ନତ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି । କିନ୍ତୁ ଏଠାରେ ଗୋଟିଏ କଥା ଉଲ୍ଲେଖ ଯୋଗ୍ୟ ଯେ ଏଥିପ୍ରତି ସଭିଏଁ ସତର୍କତା ଅବଲମ୍ବନ କରିବା ସର୍ବାଦୌ ଉଚିତ । ସରକାରୀ ହେଉ ବା ଅନ୍ୟାନ୍ୟ ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ହେଉ ସ୍ୱାସ୍ଥ୍ୟ ପାଇଁ ଯେତେ ଯେତେ ଉନ୍ନତ ଚିନ୍ତା, ଉନ୍ନତ ପରିକଳ୍ପନା ବା ଯେତେ ଯେତେ ସହଜ ବ୍ୟବସ୍ଥାମାନ କରାଯାଇଥିଲେ ବା କରାଯାଉଥିଲେ ମଧ୍ୟ ବ୍ୟକ୍ତିଗତ ଭାବେ ସମସ୍ତଙ୍କର ଏ ଦିଗରେ ଅନେକ କିଛି କର୍ତ୍ତବ୍ୟ ରହିଛି ।

ଅନେକ କ୍ଷେତ୍ରରେ ଦେଖାଯାଏ ଆମେମାନେ ନିଜେ ଆମ ସ୍ୱାସ୍ଥ୍ୟର ଯଥାଯଥ ଯତ୍ନ ନେଉ ନଥାଉ କିମ୍ବା ସ୍ୱାସ୍ଥ୍ୟରକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥାମାନ କରି ନଥାଉ । ଏପରିକି ରୋଗର ଆବଶ୍ୟକୀୟ ଚିକିତ୍ସା ବ୍ୟବସ୍ଥା ମଧ୍ୟ କରି ନଥାଉ । କେତେକ କ୍ଷେତ୍ରରେ ମଧ୍ୟ ଦେଖାଯାଏ ଯେ ଅନେକ ଲୋକ ରୋଗଗ୍ରସ୍ତ ଜୀବନ ଯାପନ କରୁଥିଲେ ମଧ୍ୟ ଉପଯୁକ୍ତ ଚିକିତ୍ସାର ବିହିତ ବ୍ୟବସ୍ଥା କରି ନଥାନ୍ତି । ଆଉ କେତେକ ମଧ୍ୟ ସାମାନ୍ୟ ତରୁଣ ରୋଗ ପାଇଁ ବହୁ ଅନାବଶ୍ୟକ ଏବଂ ବ୍ୟୟସାପେକ୍ଷ ଔଷଧ ଖାଇ ଶରୀରର କ୍ଷତି ଘଟାଇଥାନ୍ତି । ତେଣୁ ସବୁ କ୍ଷେତ୍ରରେ ସ୍ୱାସ୍ଥ୍ୟ ପାଇଁ ସହଜ ଚିନ୍ତା, ସହଜ ଚିକିତ୍ସା ବ୍ୟବସ୍ଥା କରିବା ଏକାନ୍ତ ଆବଶ୍ୟକ । ସହଜ ଚିକିତ୍ସା ପଦ୍ଧତିରେ, କିପରି ସହଜ ଓ ସୂକ୍ଷ୍ମ ଭାବରେ ରୋଗର ଚିକିତ୍ସା କରାଯାଇ ପାରିବ ଏବଂ ତତ୍ ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟରକ୍ଷା ଓ ସ୍ୱାସ୍ଥ୍ୟ ଗଠନର ସୁବ୍ୟବସ୍ଥାମାନ କରାଯାଇ ପାରିବ ସେହିପରି ଚିନ୍ତା, ସେହିପରି ପଦକ୍ଷେପମାନ ଗ୍ରହଣ କରିବା ଆମର ସର୍ବାଦୌ ଉଚିତ ।

ସ୍ୱାସ୍ଥ୍ୟରକ୍ଷା, ସ୍ୱାସ୍ଥ୍ୟ ଗଠନ କ୍ଷେତ୍ରରେ ଏବଂ ସର୍ବୋପରି ରୋଗର ସୁଚିକିତ୍ସା ନିମନ୍ତେ ହୋମିଓପାଥିକ ଚିକିତ୍ସା ପଦ୍ଧତି ମଧ୍ୟ ସହଜ, ସୁଲଭ ଏବଂ ପ୍ରଧାନ ସହାୟକ ।

ଏହି ପରିପ୍ରେକ୍ଷୀରେ ହୋମିଓପାଥିକ ଚିକିତ୍ସା ପଦ୍ଧତିର ସମ୍ପର୍କରେ ସାମାନ୍ୟ ସୂଚନା ଦେବା ନିଶ୍ଚିତ ଭାବେ ସମୀଚୀନ ...

ଆଜକୁ ଆପାତତଃ ଦୁଇଶହ ବର୍ଷ ତଳେ ଜର୍ମାନୀ ... ମାଷ୍ଟର ସାମୁଏଲ୍ ହାନିମାନ୍‌ଙ୍କ ଦ୍ୱାରା ଏହି ହୋମିଓପାଥିକ ଚିକି... ଆବିଷ୍କୃତ ହୋଇଥିଲା । ଏହା ଏକ ସମୁନ୍ନତ ସୁବିସ୍ତୃତ ଏବଂ ... ଚିକିତ୍ସା ପଦ୍ଧତି । ଏହାର ଅନ୍ତରାଳରେ ଆଉ ଏକ ତଥ୍ୟ ... ଅର୍ଥାତ୍ ଏହି ଚିକିତ୍ସା ବିଜ୍ଞାନ ଏକ ମହାନ୍ ଦର୍ଶନ ତତ୍ତ୍ୱ ... କେତେକାଂଶରେ ପର୍ଯ୍ୟବେଶିତ । ଏହା ଜୀବନୀ ଶକ୍ତିକୁ ବିଶ୍ୱ... ଏହି ଚିକିତ୍ସା ପଦ୍ଧତି ଅନୁସାରେ ରୋଗର ଚିକିତ୍ସା ହୁଏ ନାହିଁ, ... ଚିକିତ୍ସା କରାଯାଏ ।


ମଣିଷ ରୋଗଗ୍ରସ୍ତ ହେଲେ ନାନାଦି କଷ୍ଟ ପାଏ । ଯନ୍ତ୍ରଣା ... କରେ । ତେଣୁ ଚିକିତ୍ସା ଦ୍ୱାରା ତାହାର ସେହି ରୋଗ ସଂକ୍ରାନ୍ତ ଯନ୍ତ୍ରଣା ... ଲାଘବ ହୋଇ ପାରିଲେ ବା ରୋଗ ଲକ୍ଷଣ ସମୂହ ଅପସରି ଗଲେ ... ଶରୀର ନିର୍ମଳ ହୁଏ ଏବଂ ସେ ଆରୋଗ୍ୟ ବା ରୋଗଶୂନ୍ୟ ହୋଇ...

ଅତଏବ ଏହି ହୋମିଓପାଥିକ୍ ଚିକିତ୍ସା ପଦ୍ଧତି ଅନୁଯାୟୀ ... ସାମଗ୍ରିକ ଭାବେ ଲକ୍ଷଣ ସମୂହର ଇତିହାସ ଗ୍ରହଣ କରି ... ସୁନିର୍ବାଚିତ ହୋମିଓପାଥିକ୍ ଔଷଧର ବ୍ୟବହାର ଦ୍ୱାରା ... ଖୁବ୍ ସହଜ ସୂକ୍ଷ୍ମ ଉପାୟରେ ରୋଗୀର ସମସ୍ତ ରୋଗ ଲକ୍ଷଣର ... ଘଟିଥାଏ ଏବଂ ରୋଗୀ ଅରୋଗ୍ୟ ଲାଭ କରେ ।

ଅନ୍ୟାନ୍ୟ ଚିକିତ୍ସା ପଦ୍ଧତି ପରି ଏକାଦିକ୍ରମେ ଏକାଧିକ ଔ... ବ୍ୟବସ୍ଥା ଏ ପଦ୍ଧତିରେ ପ୍ରାୟ ଅନୁସୃତ ହୁଏ ନାହିଁ । ସମସ୍ତ ... ଲକ୍ଷଣକୁ ସମ୍ବଳ କରି ଗୋଟିଏ ମାତ୍ର ଔଷଧର ବ୍ୟବସ୍ଥା କରାଯାଏ ... ତାହା ପୁଣି ସ୍ୱଳ୍ପ ମାତ୍ରାର ଏବଂ ତାହାର ବ୍ୟବହାର ଅତି ସହଜ, ... ସରଳ ଉପାୟରେ ହୋଇଥାଏ । ଏହି ଚିକିତ୍ସାରେ ଅନ୍ୟାନ୍ୟ ଔଷ... ହୋମିଓପାଥିକ୍ ଔଷଧର ପ୍ରତିକ୍ରିୟା କମ୍ ଏପରିକି ନାହିଁ ... ଅପ୍ରାସଙ୍ଗିକ ହେବ ନାହିଁ । ତାହାଛଡା ଏହା ଏକ ସୁଲଭ ମୂଲ୍ୟର ... ଯାହାକି ଧନୀ ଗରିବ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସହଜ ଏବଂ ... ହୋଇଥାଏ ।


ଏହି ତଥ୍ୟକୁ ଭିତ୍ତିକରି ଖୁବ୍ ସହଜ ଭାବରେ, ସୂକ୍ଷ୍ମ ଉପାୟରେ ... ସୁଲଭତାର ସହ ରୋଗୀକୁ ରୋଗମୁକ୍ତ କରାଯାଇ ପାରେ । ... ସେତିକି ନୁହେଁ, ସ୍ୱାସ୍ଥ୍ୟରକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ଗଠନ କ୍ଷେତ୍ରରେ ... ହୋମିଓପାଥିକ୍ ଚିକିତ୍ସାର ଭୂମିକା କିଛି କମ୍ ନୁହେଁ । ସ୍ୱାସ୍ଥ୍ୟ ପାଇଁ ... ଆଶ୍ରୟ ନେବା ସର୍ବାଦୌ ବିଧେୟ ।

ସରକାରୀ ହୋମିଓପାଥିକ୍ ମେଡ଼ିକାଲ କଲେଜ,
ଭୁବନେଶ୍ୱର


ସୁବର୍ଣ୍ଣ ଜୟନ୍ତୀ
ଉତ୍କଳ-ଦିବସ
୧୯୮୬
ଉତ୍କଳ ଦିବସ
୧୯୮୬

Vol. XLII No. 10 UTKAL PRASANGA Regd. No. O...
Licence No. C. R. N. P. 5—Licensed to post without Pre-Payment




ଉତ୍କଳ ପ୍ରସଙ୍ଗ